
# ଚିର ବନ୍ଧୁ



Digitized by srujanika@gmail.com

# ଚିର ବସନ୍ତ

ସଂପାଦନା ଓ ସଙ୍କଳନ :

ଡକ୍‌ଟର ବିରାଜ ମୋହନ ଦାସ

ପ୍ରକାଶକ :

Digitized by srujanika@gmail.com

# ଚିର ବସନ୍ତ

ପ୍ରକାଶିକା :
**ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର**
କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର,
ବାଲୁବଜାର, କଟକ-୨
ପ୍ରକାଶନ ଉପଦେଷ୍ଟା :
**ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର**
ପ୍ରଥମ ସଂସ୍କରଣ : ୧୯୯୨
ପ୍ରଚ୍ଛଦ :
**ଅସିତ ମୁଖାର୍ଜୀ**
ମୁଦ୍ରଣ :
**ଆନନ୍ଦ ପ୍ରେସ୍,**
ପିଠାପୁର, କଟକ-୧
ମୂଲ୍ୟ :
**ସାଦା—ଟ ୩୦-୦୦**
**ବନ୍ଧାଇ—ଟ ୩୫-୦୦**

# CHIRA BASANTA

**Dr. Biraja Mohan Das**

Publisher :
**Smt. Annapurna Mishra**
Cuttack Students' Store
Balubazar, Cuttack-2
Publication Adviser :
**Dr K. P. Mishra**
First Edition : 1992.
Price :
**Popular—Rs. 30.00**
**Deluxe—Rs. 35.00**

*Digitized by srujanika@gmail.com*

# ସଂପାଦକୀୟ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ରମ୍ୟରଚନା କ୍ଷେତ୍ରରେ ଶ୍ରୀ ବସନ୍ତ କୁମାର ଶତପଥୀ ଜଣେ ଅନନ୍ୟ ସାଧାରଣ ଶିଳ୍ପୀ । ଜୀବନର ଦୀର୍ଘକାଳ ସାଧନା ଭିତରେ ଓଡ଼ିଆ ସାହିତ୍ୟକୁ ସେ ବହୁ ଭାବରେ ଋଦ୍ଧିମନ୍ତ କରିଅଛନ୍ତି ।

ବସନ୍ତବାବୁ ଏବେ ଅଶୀ ବର୍ଷରେ ପଦାର୍ପଣ କରୁଅଛନ୍ତି । ଏବେମଧ୍ୟ ତାଙ୍କର ଲେଖନୀ ଚଳଚଞ୍ଚଳ । ଜୀବନର ସକଳ ଯନ୍ତ୍ରଣାକୁ ନୀଳକଣ୍ଠ ପରି ପାନକରି ସେ କେବଳ ପ୍ରଦାନ କରିଛନ୍ତି ସାରସ୍ୱତ ଅମୃତ । ସେ ହସେଇଛନ୍ତି ହସ ଭୁଲି ଯାଇଥିବା ଜାତିକୁ । ସେ ମଧ୍ୟ କନ୍ଦେଇଛନ୍ତି ଅନ୍ତର ଅଭାଇ ଗମ୍ଭୀର ହୋଇଯାଇଥିବା ମଣିଷଙ୍କୁ । ତାଙ୍କର ସହାନୁଭୂତିର ହାତ ଲମ୍ବି ଯାଇଛି ସମାଜର ତଳିଆ ମଣିଷମାନଙ୍କୁ ଆଲିଙ୍ଗନ କରିବା ପାଇଁ ।

ଜୀବନ ଯନ୍ତ୍ରଣାରେ ଝିଙ୍କି ପଡ଼ୁଥିଲାବେଳେ ସାରସ୍ୱତ ସୃଷ୍ଟି ହିଁ ତାଙ୍କୁ ଦେଇଛି ବଞ୍ଚିବାର ସ୍ୱାଦ । ତେଣୁ ତାଙ୍କର ପ୍ରତ୍ୟେକଟି ସୃଷ୍ଟି ହୋଇଯାଇଛି ଜୀବନର ବେଦ ।

ସେହି ସାରସ୍ୱତ ଶିଳ୍ପୀଙ୍କ ସମ୍ପର୍କରେ ଏକ ଗ୍ରନ୍ଥ ସଙ୍କଳନ କରିବା ପାଇଁ ବହୁଦିନରୁ ଅଭିଳାଷ ଥିଲା । ଏତେ ଦିନ ପରେ ନାନା ବାଧାବିଘ୍ନ ସତ୍ତ୍ୱେ ତାହା ସାକାର ହେଲା ।

ମୋର ଏହି କାର୍ଯ୍ୟରେ ମୋତେ ଅକୁଣ୍ଠ ସାହାଯ୍ୟ କରିଛନ୍ତି ଡଃ ବୈଷ୍ଣବ ଚରଣ ସାମଲ ।

'ଚିର ବସନ୍ତ' ପୁସ୍ତକ ପ୍ରକାଶନ ପାଇଁ ଓଡ଼ିଶାର ସ୍ୱନାମଧନ୍ୟ କଥାକାର ଓ ଔପନ୍ୟାସିକ ଡକ୍ଟର କୃଷ୍ଣପ୍ରସାଦ ମିଶ୍ରଙ୍କ ଶ୍ରଦ୍ଧା ଆମକୁ ତାଙ୍କ ନିକଟରେ ଚିର କୃତଜ୍ଞ କରି ଦେଇଛି । ପ୍ରଚ୍ଛଦଶିଳ୍ପୀ ଶ୍ରୀ ଅସିତ ମୁଖାର୍ଜୀଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଉଅଛି । ଯେଉଁ ଲେଖକମାନେ ସେମାନଙ୍କ ଲେଖା ପ୍ରଦାନ କରି ଉକ୍ତ ସଙ୍କଳନକୁ ମହିମାବନ୍ତ କରିଅଛନ୍ତି ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ବିସ୍ୱଙ୍କମୋହନ ଦାସ

Digitized by srujanika@gmail.com

# ମୁଖପତ୍ର

ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ ଓଡ଼ିଶାର ଜଣେ ସୁନାମଧନ୍ୟ ଗାଳ୍ପିକ ରୂପେ ପରିଚିତ । ତାଙ୍କ ଗଳ୍ପରେ ସାମ୍ପ୍ରତିକ ଜନଜୀବନର ନିଚ୍ଛକ ପ୍ରତିଛବି ଦେଖିବାକୁ ମିଳେ । ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଚରିତ୍ରମାନଙ୍କୁ ନେଇ ସେଉଁମାନଙ୍କ ଦୁଃଖ, ସୁଖ, ଆଶା, ନିରାଶା ଓ କଳ୍ପନା ବାସ୍ତବତାର କିମ୍ବା ପ୍ରତିକ୍ରିୟା ଓଡ଼ିଆ ସମାଜକୁ ଜୀବନ୍ତ କରି ରଖିଛି, ତାହା ଦେଖିବାକୁ ମିଳେ । ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପଗୁଡ଼ିକରେ ରମ୍ୟରଚନା, କ୍ଷୁଦ୍ରଗଳ୍ପ ଓ ଆତ୍ମଲିପିର ବ୍ୟବଧାନକୁ ଭାଙ୍ଗି ଦେଇ ଏକ ନୂତନ ଶୈଳୀ ଗଳ୍ପରେ ପ୍ରବର୍ତ୍ତନ କରିଛନ୍ତି । ତାଙ୍କର ଗଳ୍ପର ଭାଷା କଟକ କିମ୍ବା ଭୁବନେଶ୍ୱର ଆସାନସୋଲ୍ ପାସେଞ୍ଜର ଟ୍ରେନ୍‌ରେ ଯାଉଥିବା ଯାତ୍ରୀମାନେ କଥାବାର୍ତ୍ତା କରିଥାନ୍ତି । ନିଗୂଢ଼ ଦାର୍ଶନିକତା ତାଙ୍କ ଗଳ୍ପର ବିଶେଷତ୍ୱ ନୁହେଁ । କୌଣସି ଗଳ୍ପ ନ କହିବାର ଢଙ୍ଗ ଦେଖାଇ କିନ୍ତୁ ଗଳ୍ପଟିଏ କହିଦେଇ ପାଠକମାନଙ୍କୁ ମନୋରଞ୍ଜନ କରିବା ସହ ସାମ୍ପ୍ରତିକ ଜୀବନର ପ୍ରତିଛବି ଆଙ୍କିଦେବା ବସନ୍ତବାବୁଙ୍କ ବିଶେଷତ୍ୱ । ଏହିପରି ଶତାଧିକ ଗଳ୍ପ ବିଗତ ୨୦/୩୦ ବର୍ଷ ହେଲା ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ଲେଖି ବସନ୍ତବାବୁ ଓଡ଼ିଶାର ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରି ଆସିଛନ୍ତି । ତାଙ୍କର ଗଳ୍ପ ପଢ଼ିଲେ ପାଠକ ଅନେକ ସମୟରେ ସାଧାରଣ ଲୋକଙ୍କ ବ୍ୟବହାରରେ କଥାବାର୍ତ୍ତା ଓ କ୍ରିୟା କଳାପରେ ହସି ପକାଏ । କିନ୍ତୁ ଏହି ପାଠକୀୟ ହସ ଚରିତ୍ରମାନଙ୍କ ଦୁର୍ବଳତା ପ୍ରତି ନୁହେଁ, ଘଟଣାଗୁଡ଼ିକର ପରିପ୍ରେକ୍ଷୀରେ ପାଠକ ଏପରି ନିର୍ମଳ ହସ ହସିବାର ସୁଯୋଗ ପାଇଥାଏ । ବସନ୍ତବାବୁଙ୍କ ଏହି ବିଶେଷତ୍ୱ ପାଇଁ ତାଙ୍କୁ ହାସ୍ୟରସାତ୍ମକ ଲେଖକ, ବ୍ୟଙ୍ଗ ଲେଖକ ବୋଲି ଅନେକ କହିଥାନ୍ତି । ବସନ୍ତବାବୁଙ୍କ ବ୍ୟଙ୍ଗ ଓ ହାସ୍ୟରସାତ୍ମକ ଲେଖାରେ ନିମ୍ନ ଶ୍ରେଣୀର ବ୍ୟଙ୍ଗ ବା ବିଦ୍ରୂପ ଦେଖିବାକୁ ମିଳେ ନାହିଁ । ତାଙ୍କର ଲେଖକୀୟ ପରିହାସ ପ୍ରାୟ ସବୁବେଳେ ମାର୍ଜିତ ଶାଳୀନ ଓ ଭଦ୍ର । ଜୀବନର କୌଣସି ଘଟଣା ଏପରି କ୍ଷୁଦ୍ର ନୁହେଁ ଯେ ତାହା ବସନ୍ତବାବୁଙ୍କ ଦୃଷ୍ଟିପଥକୁ ଆସିବାପାଇଁ ଅଯୋଗ୍ୟ ବିବେଚିତ ହେବ । ଫକୀରମୋହନ ସେନାପତିଙ୍କର ଅନେକ ଗୁଣ ବସନ୍ତବାବୁଙ୍କ ଲେଖାରେ ଦେଖିବାକୁ ମିଳେ ।

ଏହି ବର୍ଷୀୟାନ୍ ସାହିତ୍ୟିକଙ୍କ ୮୦ ବର୍ଷ ବୟସ ପୂର୍ତ୍ତି ଉପଲକ୍ଷେ 'ଚିରବସନ୍ତ' ପୁସ୍ତକଟି ପ୍ରକାଶ ପାଉଛି, ଏଥିରେ ଓଡ଼ିଶାର ବହୁ ବିଶିଷ୍ଟ ସମାଲୋଚକ, ସାହିତ୍ୟିକ ବସନ୍ତବାବୁଙ୍କ ଲେଖା ଉପରେ ସେମାନଙ୍କ ସୁଚିନ୍ତିତ ଆଲୋଚନା ଦେଇଛନ୍ତି । ଏହି ପୁସ୍ତକଟି ଓଡ଼ିଶାର ପାଠକମଣ୍ଡଳୀ ଆଦର କରିବେ ବୋଲି ଆଶା ।

ଡକ୍ଟର କୃଷ୍ଣପ୍ରସାଦ ମିଶ୍ର

Digitized by srujanika@gmail.com

# ସୂଚୀ


୧ । ଚିର ବସନ୍ତ ୧

୨ । ଚିର ବୁଢାର ବସନ୍ତ ୮

୩ । ବସନ୍ତବାବୁଙ୍କ ମଧୁରତା ୧୨

୪ । ‘ଗଜଡ଼ଧପ’ର ନାଟ୍ୟକାର ଓ ଅଭିନେତା ବସନ୍ତ ୧୬

୫ । ବସନ୍ତବାବୁ : ମୁଁ ତାଙ୍କୁ ଯେପରି ଜାଣିଛି ୨୫

୬ । ଯେତିକି ମନେପଡ଼େ ୨୮

୭ । ସ୍ମୃତିର ଦର୍ପଣରେ ଜୀବନଶିଳ୍ପୀ ବସନ୍ତବାବୁ ୩୧

୮ । ସୁନାମଧନ୍ୟ କଥାକାର ଶ୍ରୀ ବସନ୍ତ କୁମାର ଶତପଥୀ ୪୦

୯ । ଧୂମ୍ରର ସାନ୍ଧ୍ୟ ଓ ଆକାଶୀ ଫୁଲ ୪୩

୧୦ । ବସନ୍ତ ଶତପଥୀଙ୍କ ରମ୍ୟରଚନା : ଏକ ଦୃଷ୍ଟିପାତ ୫୦

୧୧ । ଶୁଆ ଦଳ ଗୁଣ୍ଡରେ କଦମ୍ବ ୬୨

୧୨ । ବସନ୍ତ-ଗଳ୍ପ-ପରିକ୍ରମା ୬୮

୧୩ । ମେଜର ଅପାରେଶନ : ଅପରେସନ ସଫଳ, କିନ୍ତୁ··· ୭୬

୧୪ । ବସନ୍ତ ସ୍ରଷ୍ଟାମାନସରେ ଅଲୁନ୍ତ ସଂପ୍ରଦାୟ ୮୦

୧୫ । ବାଲୁକାଶଯ୍ୟାରେ ବେଗବତୀ ସ୍ରୋତସ୍ୱିନୀ-ଅସଂପୂର୍ଣ୍ଣ
ଆତ୍ମଜୀବନୀ ମନେପଡ଼େ : ଏକ ପର୍ଯ୍ୟବେକ୍ଷଣ ୯୨

୧୬ । ବସନ୍ତ ଶତପଥୀଙ୍କ ଗାଳ୍ପିକ ପ୍ରତିଭା : ଏକ ମୂଲ୍ୟାୟନ ୯୯

୧୭ । ବସନ୍ତ ନାଟ୍ୟମାନସ ୧୦୮

୧୮ । ବସନ୍ତ କୁମାର ଶତପଥୀଙ୍କ କ୍ଷୁଦ୍ରଗଳ୍ପରେ ହାସ୍ୟ ଓ ବ୍ୟଙ୍ଗ :
ଏକ ସ୍ୱଚ୍ଛଦୃଷ୍ଟି ୧୧୬

୧୯ । ସାକ୍ଷାତକାର ୧୨୨

୨୦ । ଗୋଟାଏ ଆଜ୍ଞର କାର୍ଟୁନ ୧୩୭

୨୧ । ସୁରେନ୍ଦ୍ର ମହାନ୍ତିଙ୍କ ଚିଠି ୧୩୮

୨୨ । ଲେଖକଙ୍କ ଗ୍ରନ୍ଥପଞ୍ଜି ୧୩୯


Digitized by srujanika@gmail.com

# ଚିର ବସନ୍ତ

ଡକ୍ଟର ବୈଷ୍ଣବ ଚରଣ ସାମଲ
ଡକ୍ଟର ବିରଜ ମୋହନ ଦାସ

ତୁଳସୀ ଦୁଇପତ୍ରରୁ ବାସେ :

ସବୁ ମଣିଷ ମନେ ରହନ୍ତି ନାହିଁ । ସବୁ ମଣିଷଙ୍କ ଜୀବନୀ ମଧ୍ୟ ଲେଖାଯାଏ ନାହିଁ । ଭାଗ୍ୟବାନ ପୁରୁଷମାନେ ଗୋଟିଏ ଗୋଟିଏ ଜାତିର ଗୌରବ ହୋଇଯାନ୍ତି । ସେହି ଜାତିକୁ ଅତିକ୍ରମ କରି ସେ ସବୁ ମଣିଷଙ୍କ ହୃଦୟକୁ ସ୍ପର୍ଶ କରିଯାନ୍ତି । ସେହିପରି ପ୍ରତିଭାଧର-ମାନଙ୍କର ଜୀବନୀ ହୁଏ ଜାତିର ସମ୍ପଦ, ଭବିଷ୍ୟତ ପାଇଁ ପ୍ରେରଣାର ଉତ୍ସ ।

ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ ଇଂରାଜୀ ସାହିତ୍ୟର ଜଣେ ଅଧ୍ୟାପକ ଭାବରେ ନୁହନ୍ତି, ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବୀଣ ସ୍ରଷ୍ଟା ଭାବରେ ଓଡ଼ିଆ ଜାତି ନିକଟରେ ନମସ୍ୟ । ତାଙ୍କର ପ୍ରତ୍ୟେକଟି ଗଳ୍ପ ଓ ରମ୍ୟରଚନା ଗଭୀର ଭାବରେ ସ୍ପର୍ଶ କରେ ଓଡ଼ିଆ ପାଠକର ହୃଦୟକୁ । ଇଂରାଜୀ ଭାଷା ଓ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ଅଥଚ ଓଡ଼ିଆ ଭାଷାକୁ ସେ ପ୍ରାଣଭରି ଭଲ ପାଇଛନ୍ତି । ଓଡ଼ିଆ ସାହିତ୍ୟକୁ ଆପଣାର କରି ନେଇଛନ୍ତି । ଏଇଥିପାଇଁ ସେ ପ୍ରତ୍ୟେକ ଓଡ଼ିଆ ବିଦଗ୍ଧ ପାଠକଙ୍କ ନିକଟରେ ପରିଚିତ ।

ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଗାଁଟିଏ, ନାମ ପାନ୍ଥଡ଼ା । ଗାଁର ଦୁଇ ପଟରେ କିଛି ଦୂରରେ ବହି ଯାଇଛି ବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀ । ପାଖରେ ଶିମିଳିପାଳ ପର୍ବତମାଳା । ଅପୂର୍ବ ମନୋରମ ପ୍ରାକୃତିକ ପରିବେଶ । ସେଇଁଠାରେ ତାଙ୍କ ପିଲାବେଳେ ଗାଁ ଭିତରକୁ ପଶି ଆସୁଥିଲେ ଭାଲୁ, ବାଘ, ଦନ୍ତାହାତୀ ଓ ହରିଣପଲ, ସେହି ଗାଁରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବସନ୍ତ କୁମାର ଶତପଥୀ ୧୯୧୩ ମସିହା ଜୁନ୍ ମାସ ୬ ତାରିଖ ଦିନ । ପିତା ଭୋଳାନାଥ ଶତପଥୀ ଓ ମାତା ରୁକ୍ମଣୀଦେବୀ ଗାଁର ପାରେଶ୍ୱର ମହାଦେବଙ୍କ ପୂଜାରାଧନା କରି ଲାଭ କରିଥିଲେ ତାଙ୍କୁ ।

Digitized by srujanika@gmail.com

ଯେଦିନ ଯେଉଁ ଶିଶୁଟି କେଉଁ ଏକ ଅଖ୍ୟାତ ଗାଁରେ ଆଦ୍ୟ କୁଆଁ ରବ ଉଚ୍ଚାରଣ କରିଥିଲା ସେ ଯେ ଦିନେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳରେ ହସର ଝଲକ ଖେଳାଇ ଦେବ, ପରିସ୍ଥିତିର ତାଡ଼ନାରେ ଝିଙ୍କି ପଡ଼ୁଥିବା ମଣିଷର ହୃଦୟରେ କଅଁଳା ଆଶା ଓ ଆଶ୍ୱାସନା ଭରିଦେବ; ଏକଥା ସେଇଦିନ ହିଁ ଜଣା ଯାଇଥିଲା; ଯେଉଁଦିନ ପାଙ୍କଡ଼ା ପ୍ରାଥମିକ ବିଦ୍ୟାଳୟରୁ ସମଗ୍ର ଷ୍ଟେଟରେ ପ୍ରଥମ ହୋଇ ଅପରପ୍ରାଇମେରୀ ପାଶ୍ କରିବା ସଙ୍ଗେ ସଙ୍ଗେ ସରକାରୀ ବୃତ୍ତି ଲାଭ କରିପାରିଥିଲେ । ଅନୁରୂପ ବୃତ୍ତି ଓ ଯୋଗ୍ୟତାର ଅଧିକାରୀ ହୋଇ ଶୀର୍ଷା ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ମାଇନର ମଧ୍ୟ ପାଶ୍ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ସେହି ପିଲାବେଳୁ ଚପଳବସନ୍ତଙ୍କଠାରେ ପ୍ରତିଭାର ସଙ୍କେତ ମିଳିଥିଲା । ଏହାପରେ ସେ ବାରିପଦା ହାଇସ୍କୁଲରେ ଶିକ୍ଷା ଲାଭ କଲେ ଓ ସମଗ୍ର ପାଟନା ବିଶ୍ୱବିଦ୍ୟାଳୟରେ ପଞ୍ଚମସ୍ଥାନ ଅଧିକାର କରିବାର ଗୌରବ ହାସଲ କଲେ । ଏହିଠାରେ ତାଙ୍କ ଶିକ୍ଷାର ପରିସମାପ୍ତି ଘଟିଲା ନାହିଁ । ଲକ୍ଷ୍ୟ ତାଙ୍କର 'ଚରୈବେତି'..... ଆହୁରି ଆଗକୁ ଯିବେ ।

ଉଚ୍ଚ ଶିକ୍ଷା ଲାଭ ପାଇଁ ତାଙ୍କର ଥିଲା ଦୁର୍ବାର ଅଭିଳାଷ । ସେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । ଆଇ.ଏ.ପରୀକ୍ଷାରେ ସମଗ୍ର ପାଟନା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲେ । ମାତ୍ର ସେତେବେଳେ ମୟୂରଭଞ୍ଜ ଗଡ଼ଜାତ ଅନ୍ତର୍ଭୁକ୍ତ ଥିବାରୁ ସେ ସରକାରୀ ବୃତ୍ତିଲାଭରୁ ବଞ୍ଚିତ ହୋଇଥିଲେ । ତେବେ ସେ ଝିଙ୍କି ପଡ଼ିଲେ ନାହିଁ । ଇଂରେଜୀ ସାହିତ୍ୟରେ ଅନର୍ସ ସହ ସେ ବି. ଏ. ପାଶ୍ କରି ସେହି ଇଂରେଜୀ ସାହିତ୍ୟ ନେଇ ଏମ୍.ଏ. ପଢ଼ିଲେ ଓ କୃତିତ୍ୱର ସହ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ରାଜନୀତିକ କାରଣରୁ ବୃତ୍ତି ପାଇବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଅର୍ଥାଭାବ ଉଚ୍ଚଶିକ୍ଷାର ବାଧକ ହୋଇପାରିଲା ନାହିଁ ।

ସେ ଅଲରାଉଣ୍ଡର ସ୍କଲର ହୋଇଥିବା ଯୋଗୁଁ ୧୯୩୭ ମସିହାରେ ରେଭେନ୍ସା କଲେଜର ସମ୍ମାନଜନକ 'ରାୟ ବାହାଦୂର ଜାନକୀନାଥ ପୁରସ୍କାର' ଲାଭ କରିଥିଲେ । ସେ ଯେ କେବଳ ଜଣେ ମେଧାବୀ ଛାତ୍ର ଥିଲେ ତାହା ନୁହେଁ, ଜଣେ ସଫଳ କ୍ରୀଡ଼ାବିତ୍ ରୂପେ ମଧ୍ୟ ସୁନାମ ଅର୍ଜ୍ଜନ କରିଥିଲେ । ରେଭେନ୍ସା କଲେଜର ଭଲିବଲ୍ ଟିମ୍ କ୍ୟାପ୍ଟେନ ଭାବରେ ଛ' ବର୍ଷଧରି କାର୍ଯ୍ୟ କରିଥିବାରୁ ଏହା ପ୍ରମାଣିତ ହୁଏ ।

## ମୟୂରଭଞ୍ଜ ରାଜ୍ୟରେ ଚାକିରି :

ଏମ୍. ଏ. ପାଶ୍ କଲାପରେ ବାରିପଦା ହାଇସ୍କୁଲରେ ସେ ସହକାରୀ ଶିକ୍ଷକ-ରୂପେ ଯୋଗଦାନ କରିଥିଲେ ୧୯୩୮ ମସିହା ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ । ଶିକ୍ଷକତାରେ ଆରମ୍ଭ ହେଲା ତାଙ୍କର କର୍ମମୟ ଜୀବନ । କିନ୍ତୁ ପ୍ରାୟ ଗୋଟିଏ ବର୍ଷପରେ

Digitized by srujanika@gmail.com

ସେ ଶିକ୍ଷକତାରୁ ଅବ୍ୟାହତି ନେଇ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ସେକ୍ରେଟାରିଏଟରେ କାର୍ଯ୍ୟ କଲେ । ତା'ପରେ ଷ୍ଟେଟ୍ ତରଫରୁ ତାଙ୍କୁ ସାମ୍ବାଦିକତାରେ ତାଲିମ୍ ନେବାପାଇଁ କଲିକତାର ୟୁନାଇଟେଡ୍ ପ୍ରେସ୍‌କୁ ପଠାଗଲା । ତାଲିମ ଗ୍ରହଣ ପରେ ସେ ବାରିପଦା ଫେରିଆସି ସେକ୍ରେଟାରିଏଟରେ କାମ କଲେ । ମାତ୍ର ଏଥିକରେ ତାଙ୍କ କୃତିତ୍ୱ ଶେଷ ହେଲା ନାହିଁ । ସେ 'Mayurbhanj Chronicle' ଓ 'ଭଞ୍ଜ ପ୍ରଦୀପ'ର ସମ୍ପାଦନା ଦାୟିତ୍ୱ ନେଲେ । ପୁନଶ୍ଚ ସେ 'ମୟୂରଭଞ୍ଜ ଗେଜେଟ୍' ଓ ମୟୂରଭଞ୍ଜ ପ୍ରିଣ୍ଟିଂ ପ୍ରେସ୍'ର ମେନେଜର ହେଲେ । ଏହାପରେ 'ମୟୂରଭଞ୍ଜ ପ୍ରଜାସଭା', 'ମୟୂରଭଞ୍ଜ କେନ୍ଦ୍ର ପରିଷଦ' ଓ ମୟୂରଭଞ୍ଜ କନ୍‌ଷ୍ଟିଚୁଏଣ୍ଟ ଏସେମ୍ବ୍ଲିର ସମ୍ପାଦକ ଭାବରେ କାର୍ଯ୍ୟ କରି ସେ ସମସ୍ତଙ୍କର ପ୍ରିୟଭାଜନ ହେଲେ ।

## ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ :

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲେ ହେଁ ୧୯୪୮ ମସିହାରେ ଗଡ଼ଜାତ ଓଡ଼ିଶା ସହିତ ମିଶିବାପରେ ବୃହତ୍ତର ଓଡ଼ିଶା ଗଠିତ ହେଲା । କିନ୍ତୁ ୧୯୪୯ ମସିହାରେ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିବାରୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୂର୍ଣ୍ଣତା ଆସିଲା । ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କର ଓଡ଼ିଶା ସରକାରଙ୍କ ସହ ଚୁକ୍ତି ହୋଇଥିଲା ଯେ ଷ୍ଟେଟର କର୍ମଚାରୀମାନେ ଓଡ଼ିଶା ସରକାରଙ୍କ ଅଧୀନରେ ଯଥାଯୋଗ୍ୟ ସ୍ଥାନରେ ନିଯୁକ୍ତି ପାଇବେ । ଏହି ଚୁକ୍ତି ଫଳରେ ୧୯୪୯ ମସିହା ଜାନୁଆରୀ ପହିଲା ଦିନ ବସନ୍ତ ବାବୁ ଓଡ଼ିଶା ସରକାରଙ୍କ ଅଧୀନକୁ ଆସି ପି. ଏ. ଟୁ ଡାଇରେକ୍ଟର ଅଫ୍ ପବ୍ଲିକ ଇନଷ୍ଟ୍ରକସନ୍ ଭାବରେ ନିଯୁକ୍ତ ପାଇଲେ । ସେହି ବର୍ଷ ସେପ୍‌ଟେମ୍ବର ମାସ ତେର ତାରିଖ ଦିନ ଓଡ଼ିଶା ଶିକ୍ଷା ବିଭାଗରେ ଯୋଗଦାନ କଲେ ଇଂରାଜୀ ଅଧ୍ୟାପକ ଭାବରେ । ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଆରମ୍ଭ ହେଲା ଅଧ୍ୟାପନା । ପ୍ରତିଭା ପାଇଲା ଅନୁକୂଳ ପରିବେଶ । ଶିକ୍ଷାର ହେଲା ପ୍ରକୃତ ବିନିଯୋଗ । ଏହାପରେ ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ, ପାରଳାଖେମୁଣ୍ଡିର ଏସ୍. କେ. ସି.ଜି. କଲେଜ ଓ ବାଲେଶ୍ୱରର ଏଫ୍. ଏମ୍. କଲେଜରେ ଅଧ୍ୟାପକ ଓ ପ୍ରାଧ୍ୟାପକ ରୂପେ କାର୍ଯ୍ୟକରି ୧୯୭୦ ମସିହା ଜାନୁଆରୀ ମାସରେ ଅବସର ଗ୍ରହଣ କଲେ ସରକାରୀ କାର୍ଯ୍ୟରୁ ।

## ଅବସର ପରେ :

ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରି ସାରିଲା ପରେ ମଧ୍ୟ ଅଧ୍ୟାପକ ଜୀବନର ସଫଳତା ଓ କର୍ମ କୁଶଳତା ଯୋଗୁଁ ଉଚ୍ଚଶିକ୍ଷାର ପୃଷ୍ଠପୋଷକତା ପାଇଁ ସମାଜ ଚାହିଁଲା ଉପଯୋଗ କରିବାକୁ ତାଙ୍କର ଅଭିଜ୍ଞତା ଓ କର୍ମକୁଶଳତା । ଫଳଶ୍ରୁତି ସ୍ୱରୂପ ସେ ଉପେନ୍ଦ୍ର-ନାଥ ମହାବିଦ୍ୟାଳୟ ସୋରର ଅଧ୍ୟକ୍ଷ, ବ୍ୟାସବାହାର ବାଲେଶ୍ୱରର ଡାଇରେକ୍ଟର, ମହିଳା

Digitized by srujanika@gmail.com

ମହାବିଦ୍ୟାଳୟ ଭଦ୍ରକର ଅଧ୍ୟକ୍ଷ ଓ ସିଦ୍ଧେଶ୍ୱର କଲେଜ ଅମର୍ଦ୍ଦାରୋଡ଼ର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ ୧୯୭୦ରୁ ୧୯୮୯ ପର୍ଯ୍ୟନ୍ତ । ଏବେ ସେ ସମ୍ପୂର୍ଣ୍ଣ ଅବସର ନେଇ ବାରିପଦାସ୍ଥ ବାଘଡ଼ାରୋଡ଼ରେ ଥିବା ଘରେ ନିର୍ଜନ ଜୀବନ କଟାଉଛନ୍ତି ।

## ଦୁଃଖୀ ମଣିଷର ଆନନ୍ଦ କହିଲେ ନ ସରେ :

ବାଲ୍ୟକାଳରୁ ବସନ୍ତ ବାବୁ ଏକ ସୁଖମୟ ଜୀବନ କଟାଇଥିଲେ । ବିବାହ କରିଥିଲେ ଅନ୍ନପୂର୍ଣ୍ଣା ଦେବୀଙ୍କୁ । ତାଙ୍କର ଦାମ୍ପତ୍ୟ ଜୀବନ ଥିଲା ଅତ୍ୟନ୍ତ ମଧୁମୟ । ପତି-ପତ୍ନୀଙ୍କ ଅନାବିଳ ପ୍ରେମ ବନ୍ଧୁମାନଙ୍କୁ ବିମୁଗ୍ଧ କରି ଦେଉଥିଲା । ସେ ଥିଲେ ଆଠଟି ସନ୍ତାନ ସନ୍ତତିଙ୍କର ଜନକ । ପିଲାମାନଙ୍କୁ ଲାଳନ ପାଳନ କରିବାରେ ପରିସ୍ଫୁଟ ହେଉଥିଲା ଅଫୁରନ୍ତ ବାତ୍ସଲ୍ୟ । ନିଜେ କ୍ରୀଡ଼ାପ୍ରିୟ ଥିବାରୁ ସେ ପିଲାମାନଙ୍କୁ ସେଥିପାଇଁ ପ୍ରେରଣା ଦେଉଥିଲେ । ହଠାତ୍ ତାଙ୍କ ଜୀବନରେ ବଜ୍ରାଘାତ ସମ ଦାରୁଣ ଦୁଃଖ ଆସିଲା । ୧୯୭୧ ମସିହାରେ ଘଟିଲା ପତ୍ନୀ ବିୟୋଗ । ପତିପତ୍ନୀ ଦୁହେଁ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରୁଥିବା ଆରାଧ୍ୟ ଦେବତା ଶିବଙ୍କର ସେଦିନ ଥିଲା ଆବାହନ ଦିନ; ଶିବ ଚତୁର୍ଦ୍ଦଶୀ । ପରେ ପରେ ଆଉ ଏକ ଶିବ ଚତୁର୍ଦ୍ଦଶୀଦିନ ମା' ଛେଉଣ୍ଡ ସାନ ପୁଅର ହେଲା ଜଳୀୟ ସମାଧି । ତାଙ୍କ ବ୍ୟକ୍ତିତ୍ୱ ବଦଳିଗଲା । ନିସ୍ତରଙ୍ଗ ହ୍ରଦ ତରଙ୍ଗାୟିତ ହୋଇ ଉଠିଲା । ସେଦିନ ବସନ୍ତ ବାବୁଙ୍କୁ ଦେଖିଥିବା ବ୍ୟକ୍ତି ସହଜରେ ଅନୁଭବ କରି ପାରିବ ଏମିତିକା ଏକ ନିର୍ମଳ ହୃଦୟ ଭିତରେ ଅସରନ୍ତି ବର୍ଷାର ଧାରା ଆସିଲା କେଉଁଠୁ । ଠିକ୍ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ସାହିତ୍ୟିକ ବ୍ୟାସକବି ଫକୀର ମୋହନଙ୍କ ପରି ତାଙ୍କ ଜୀବନ । ଫକୀରମୋହନଙ୍କ ପ୍ରଥମ ପୁତ୍ର ମନମୋହନ ଏବଂ କିଛିକାଳ ପରେ ପ୍ରାଣପ୍ରିୟା ପତ୍ନୀ କୃଷ୍ଣା କୁମାରୀଙ୍କର ମୃତ୍ୟୁ ସଂଘଟିତ ହୋଇଥିଲା । ଏହି ଦୁଇଟି ମୃତ୍ୟୁ ଘଟଣା ତାଙ୍କୁ ଓଡ଼ିଶାର ସାରସ୍ୱତ ପୀଠରେ ପ୍ରତିଷ୍ଠା ଦେଇ ଥିବା ଭଳି ବସନ୍ତ ଶତପଥୀଙ୍କ ସାରସ୍ୱତ ବ୍ୟକ୍ତିତ୍ୱ ପତ୍ନୀ ଓ ପୁତ୍ରଙ୍କ ବିୟୋଗ-ଜନିତ ଦୁଃଖରେ ବିକଶି ଉଠିଲା । ପତ୍ନୀ ଓ ପୁତ୍ର ବିୟୋଗ ତାଙ୍କ ହୃଦୟକୁ ମନ୍ଥନ କରି ଦେଲା । ପରିଣତ ବୟସରେ ଫକୀର ମୋହନଙ୍କ ପରି ସେ ସାହିତ୍ୟ ସୃଷ୍ଟିରେ ମନୋନିବେଶ କଲେ । ସାହିତ୍ୟ ହେଲା ତାଙ୍କ ଜୀବନର ସାନ୍ତ୍ୱନା । ତାହାହିଁ ହେଲା ତାଙ୍କର ଏକାନ୍ତ ଆତ୍ମୀୟ ସୋଦର, ବନ୍ଧୁ, ପରିଜନ । ଝିଅମାନେ ବିବାହ କରିଗଲେ । ପୁଅମାନେ ଚାକିରି ସ୍ଥାନରେ ତାଙ୍କଠାରୁ ଦୂରରେ ରହିଲେ—ପାଖରେ ଜଣେ ସେବାକାରିଣୀ ଓ କୁକୁର । ଏହି ତିନି ଜଣଙ୍କ ଭିତରେ ରହିଥାଏ ଗଭୀର ଆତ୍ମୀୟତା ଓ ସ୍ୱର୍ଗୀୟଭାବ ।

ବସନ୍ତବାବୁଙ୍କ ଖଟରେ ଶୁଏ ପରମ ଆତ୍ମୀୟ କୁକୁରଟି । ସତେ ଯେମିତି ସେ ତାଙ୍କର ଆଦରର ସନ୍ତାନ । କେତୋଟି ଗଳ୍ପରେ ମଧ୍ୟ ସେ ହୋଇଛି ଚରିତ୍ର । ସିଏ ଚାଲି-ଗଲାଣି ଇହଧାମ ଛାଡ଼ି । ତା'ର ସ୍ମୃତି ରହିଛି ବାରିପଦାର ବାଘଡ଼ାରୋଡ଼ସ୍ଥିତ ବସନ୍ତ ବାବୁଙ୍କ ଗୃହ ପରିସରରେ । ପାଚେରୀକୁ ଲାଗି ସିମେଣ୍ଟ ଚଟାଣଟିଏ ହୋଇଛି ସମାଧି । ସେ

Digitized by srujanika@gmail.com

ଚନ୍ଦ୍ର ମଣିଷଠାରୁ ପଶୁଙ୍କୁ ଶୀଘ୍ର ଚିହ୍ନି ହୁଏ । ଆଉ ସେବାକାରିଣୀ ଜଣେ । ସେ ନଥିଲେ କିଏ ଯେମିତି କରି ଖାଇବାକୁ ଦିଅନ୍ତା ତାଙ୍କୁ, କିଏ ବୁଝନ୍ତା ତାଙ୍କ ଦେହ ପା'କଥା, କିଏ ପୁଣି ସଜାଡ଼ି ରଖନ୍ତା ତାଙ୍କ ଲେଖାଗୁଡ଼ିକୁ ?

ପରିଚ୍ଛନ୍ନତା ପସନ୍ଦ କରୁଥିବା ବସନ୍ତବାବୁ ସଉକିଆ ଲୋକ । ଖାଇବା ପିଇବାରେ ସେ ବିଳାସୀ ନୁହନ୍ତି; କିନ୍ତୁ ବେଶପ୍ରିୟ । ସଫାସୁତୁରା ରହିବା, ଇସ୍ତ୍ରୀକରା ପୋଷାକ ପିନ୍ଧିବା ସହ ଦାମୀ ପାଉଡ଼ରର ବାସ୍ନା ଭିତରେ ଫୁଟିଉଠେ ତାଙ୍କ ପରିଚ୍ଛନ୍ନ ବ୍ୟକ୍ତିତ୍ୱ । ବନ୍ଧୁବତ୍ସଳ ବସନ୍ତ ବାବୁଙ୍କ ଘରେ କେହି ବନ୍ଧୁ ପହଞ୍ଚିଗଲେ ତାଙ୍କ ମୁହଁରୁ ଝରେ ପରେ ହସର ଧାର । କି ଉଲ୍ଲାସ ! ଶାଣିତ ବ୍ୟଙ୍ଗ କଥା ଥିବା ଦ୍ୱାରା ସେ ହସାଇ ହସାଇ ବେଦମ କରିଦିଅନ୍ତି ।

ନିଜେ ଯାଆନ୍ତି ବଜାରକୁ ସଉଦାକରି । ସାଙ୍ଗରେ ଗୋଟିଏ ପୁରୁଣା ସାଇକେଲ । ସାଇକେଲରେ ଝୁଲୁଥାଏ ବ୍ୟାଗ୍ । ଦେଖିଚାହିଁ ପସନ୍ଦକରିବା କିଣିବେ, ମାଛ, ମାଂସ କିଣିବେ । କେଉଁ ପୁଅ ଘର ଆସିଛୁ, ତା'ର ମନ ମୁତାବକ ଚୂନାମାଛ କେଉଁଠି ମିଳିବ, ଖୋଜି ବୁଲିବେ । ପୁଅଗୁଡ଼ିକ ଯେତେ ବଡ଼ ହୋଇଗଲେ ବି ଛୁଆଗୁଡ଼ାକ ସିନା ! ତାଙ୍କ ମା' ଥିଲେ ସେମାନେ ଆସିବାବେଳେ କେଉଁଠୁ କ'ଣ ଆଣି ଖୁଆଉଥାନ୍ତା ! ସେଥିରେ ସେ ହେଳା କରିବେନି । ମା'ର ଅନୁପସ୍ଥିତି ପିଲାମାନେ ଯେପରି ଅନୁଭବ ନକରନ୍ତି ! ତେବେ ବଜାର ସାରା ବୁଲିବା ଭିତରେ ସେ ଭେଟନ୍ତି ଅନେକ ଲୋକଙ୍କୁ—ଚରିତ୍ରା, ଅଚରିତ୍ରା । ସେଇମାନେ ହୋଇଯା'ନ୍ତି ତାଙ୍କ ଗଳ୍ପର ଚରିତ । ବଜାରରୁ ଅର୍ଦ୍ଧ-ଚନ୍ଦ୍ରାକାରର କଖାରୁ କିଣିବାବେଳେ 'ବୁଢ଼ାବାବୁ' ଡାକ ଶୁଣି ସଚେତନ ହୁଅନ୍ତି ବୟସର ବିଷୟରେ, ସେତେବେଳେ ରାସ୍ତାରେ 'କିସ୍ ମି' ଲେଖି ସାଇକେଲ ଧରି ଯାଉଥିବା ତରୁଣ ଦ୍ୱାରା କୁଣ୍ଠିତ ହୁଅନ୍ତି ତ ପୁଣି କେତେବେଳେ ନଇନତାଳ ଆକୁ ଖାଇ ଦେଉଥିବା ବାଳୁଙ୍କୁ ପୋଡ଼ି ଦିଆଯାଉଥିବାର ଦୃଶ୍ୟ ଦେଖି ହତଭମ୍ବ ହୋଇଯାଆନ୍ତି !

**ସାରସ୍ୱତ ସ୍ରଷ୍ଟା :**

ଛାତ୍ରାବସ୍ଥାରୁ ସାରସ୍ୱତ ସାହିତ୍ୟ ସାଧନାର ଉନ୍ମେଷ ଘଟିଥିଲା । ତେବେ ଏହା ଆରମ୍ଭ ହୋଇଥିଲା ଅନୁବାଦରୁ । ଦଶମ ଶ୍ରେଣୀର ଛାତ୍ରଥିବାବେଳେ କଟକରୁ ପ୍ରକାଶିତ ପଞ୍ଚାମୃତ ପତ୍ରିକାରେ 'ସମୁଦ୍ରର ପାଣି କାହିଁକି ଲୁଣିଆ ହେଲା' ଶୀର୍ଷକ ଅନୁବାଦଟିଏ ସ୍ଥାନିତ ହୋଇଥିଲା । ପରେ "ଭଞ୍ଜପ୍ରଦୀପ"ରେ ପ୍ରକାଶ ପାଇଥିଲା ସେ ସ୍ତ୍ରୀଙ୍କୁ ଖୁସି କରାଇବାକୁ ଲେଖିଥିବା "ଛାତ୍ର୍ୱାର୍ଥ କାହ୍ନା" ଗଳ୍ପ । ଫକୀର ମୋହନଙ୍କ ସାହିତ୍ୟକୃତି ଉପରେ ଆଲୋଚନାଟିଏ ମଧ୍ୟ ପ୍ରକାଶ ପାଇଥିଲା "ଭଞ୍ଜ ପ୍ରଦୀପ"ରେ । ସେତେବେଳେ ସେ "ଭଞ୍ଜ ପ୍ରଦୀପ" ଓ Mayurbhanj Chronicleର ସଂପାଦକ ମଧ୍ୟ ଥିଲେ ।

ସ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଅସୁସ୍ଥା ଥିବାବେଳେ ସେ ଆରମ୍ଭ କରିଥିଲେ ଅନୁବାଦ । କେତୋଟି ଶ୍ରେଷ୍ଠଇଂରାଜୀ ଏକାଙ୍କିକାର ସାବଲୀଳ ଅନୁବାଦ "ନବ ନାଟିକା" ନାମରେ

Digitized by srujanika@gmail.com

ପ୍ରକାଶିତ ହୋଇଥିଲା ୧୯୬୦ ମସିହାରେ । ପତ୍ନୀ ବିୟୋଗ ପରେ ପୁଣି ଥରେ ଆରମ୍ଭ ହେଲା ଜୀବନର ଅପରାହ୍ଣରେ ସାହିତ୍ୟ ସାଧନା "ମା'ନିଷାଦ" ସବୁ ସାହିତ୍ୟର ଉତ୍ସ ନ୍ୟାୟରେ । ପରେ ପରେ ଅଷ୍ଟମ ବର୍ଷିୟ ପୁତ୍ରର ସଲିଳ ସମାଧି ଏହି ସାହିତ୍ୟ ସାଧନାକୁ ଅଧିକ ଅନୁ-ପ୍ରେରିତ କଲା । ନିଜର ଦୁଃଖ ଭୁଲିବା ପାଇଁ ଶୋକର ପରିପ୍ରକାଶ ପାଇଁ ଚଲାବାଟରୁ ଅପରାନ୍ତ କାହାଣୀ ନେଇ ସେ ସୃଷ୍ଟି କରି ଚାଲିଲେ ଗଳ୍ପ ସାହିତ୍ୟ ଯାହା ଏ ପର୍ଯ୍ୟନ୍ତ ଅନାଦୃତ ଭାବରେ ରୂପ ନେଉଛି । ତେବେ ତାଙ୍କ ଗଳ୍ପରେ ବେଦନାବୋଧ ଥିଲେ ମଧ୍ୟ ଶାଣିତ ବ୍ୟଙ୍ଗ ଓ ହାସ୍ୟରସ ହୋଇଗଲା ମୁଖ୍ୟ ବିଭବ । ଏହି ସୃଷ୍ଟି ମାଧ୍ୟମରେ ସେ କୁରୁ କୁରୁ କରି ହସାଇବାକୁ ଚାହିଁ ନାହାନ୍ତି, ହାସ୍ୟରସର ଉଦ୍ରେକ ପାଇଁ ସେ ମାନସିକ ପ୍ରସ୍ତୁତିକୁ ଅଗ୍ରାଧିକାର ଦେଇଛନ୍ତି ।

ଇଂରାଜୀ ସାହିତ୍ୟ ଓ ସଂସ୍କୃତ ସାହିତ୍ୟର ଗଭୀର ପାଣ୍ଡିତ୍ୟ ଅନୁଭୂତି ରସାଣିତ ହୋଇ ଆଣି ଦେଇଛି ଓଡ଼ିଆ ଗଳ୍ପରେ ତାଙ୍କର ସିଦ୍ଧି । ମାନୁଷୀ ପ୍ରେମକୁ ସେ ସଂପ୍ରସାରିତ କରିଛନ୍ତି ଜଡ଼ ଓ ଜୀବ ଜଗତକୁ । ଫଳରେ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଚୁହଳ, ବଗି, ଗୁଲୁଗୁଲି, ଘଣ୍ଟ, ଅଂଗୁର, ବେଲ, ପାହାଆ ଓ ଘୁଷୁରି, ନେଉଳ, କୁମ୍ଭି, ବାଘ, କୁଆ ଆଦି ପଶୁପକ୍ଷୀଙ୍କୁ ଆଧାର କରି ସେ ରଚନା କରି ଯାଇଛନ୍ତି ବହୁ ଗଳ୍ପ । ପୁଣି ଯେଉଁଠାରେ ମଣିଷ ପ୍ରାଧାନ୍ୟ ଲଭିଛି, ସେଠାରେ ସେମାନେ ହେଉଛନ୍ତି ଆମ ସମାଜ ବ୍ୟବସ୍ଥାରେ ତଳ ପାହାଚର ଲୋକମାନେ; କୁଲି, ମଜୁରିଆ, ଭିକାରି ଆଦି । ସେମାନଙ୍କୁ ତଥା କଥିତ ସଭ୍ୟ-ସମାଜର ଆଗ ଧାଡ଼ିର ଲୋକମାନଙ୍କ ସହିତ ତୁଳନା କରି ସେ ସେମାନଙ୍କର ମୁଖା ଖୋଲି ଦେଇଛନ୍ତି । ତଳ ଶ୍ରେଣୀର ଲୋକ ଭାବରେ ଗଣା ହେଉଥିବା ମଣିଷମାନଙ୍କର ହସ କାନ୍ଦ ତଥା ଦେବ ମୁଲଭ ହୃଦୟବତ୍ତାକୁ ପ୍ରକାଶ କରି ପାଠକମାନଙ୍କୁ ଭଲ ଭେଲ ଚହ୍ଲାଇ ଦେଇଛନ୍ତି । ଅପୂର୍ବ ବର୍ଣ୍ଣନା ଶୈଳୀ ମାଧ୍ୟମରେ କାହାଣୀଭିତ୍ତିକ ଗଳ୍ପ ରଚନା କରି ସେ ଓଡ଼ିଆ ପାଠକମାନଙ୍କ ମଧ୍ୟରେ ଉଜ୍ଜୀବିତ ରଖିଛନ୍ତି ଫକୀର ମୋହନଙ୍କ ହାସ୍ୟରସର ଧାରାକୁ ଅନେକ ଗଳ୍ପ ଓ ରମ୍ୟରଚନା ମାଧ୍ୟମରେ ।

କେତୋଟି ଇଂରାଜୀ କବିତାର ଓଡ଼ିଆ ଅନୁବାଦ ଏବଂ ଓଡ଼ିଆ କବିତାର ଇଂରାଜୀ ଅନୁବାଦ ଛଡ଼ା ସେ ମୌଳିକ କବିତା ରଚନା କରି ନାହାନ୍ତି । ସେ ନିଜେ ଉପଲବ୍ଧି କରିଛନ୍ତି ଯେ ତାଙ୍କର Dramatic Intellect ଅଛି ; କିନ୍ତୁ Lyrical Intellect ନାହିଁ । କେତେଗୁଡ଼ିଏ ଇଂରାଜୀ ଏକାଙ୍କିକା ଓ ରବୀନ୍ଦ୍ରନାଥଙ୍କ 'ରାଜା' ନାଟକକୁ ଓଡ଼ିଆରେ ଅନୁବାଦ କରିବା ସଙ୍ଗେ ସଙ୍ଗେ ଫକୀର ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ'କୁ 'ଚମ୍ପା' ନାମରେ ନାଟ୍ୟରୂପ ପ୍ରଦାନ କରିଛନ୍ତି । ଲ୍ୟାମ୍ବଙ୍କ ସେକ୍ସପିଅର କାହାଣୀମାଳାର ଓଡ଼ିଆ ଅନୁବାଦ କରିଛନ୍ତି । ସଲିଳ ସମାଧି ବରଣ କରିଥିବା ପୁତ୍ର ମୁନୁର ସାଂଗସାଥୀ-ମାନଙ୍କୁ କାହାଣୀ ଶୁଣାଇବା ଉଦ୍ଦେଶ୍ୟରେ ଗାଲିଭର୍ସ ଟ୍ରାଭେଲ୍ସ'ର ଓଡ଼ିଆ ରୂପାନ୍ତର କରିଛନ୍ତି । ଫକୀର ମୋହନ ସାହିତ୍ୟର କେତୋଟି କୃତିକୁ ଇଂରାଜୀରେ ଅନୁବାଦ କରି

Digitized by srujanika@gmail.com

ବାହାରର ପାଠକମାନଙ୍କ ପାଖରେ ପହଞ୍ଚାଇବାର ସଫଳ ଉଦ୍ୟମ କରିବା ସହିତ ଓଡ଼ିଆ ସାହିତ୍ୟ ସଂପର୍କିତ କେତୋଟି ଇଂରାଜୀ ସମାଲୋଚନାମୂଳକ ପ୍ରବନ୍ଧ ମଧ୍ୟ ଲେଖିଛନ୍ତି । କେତୋଟି ଇଂରାଜୀ ପାଠ୍ୟପୁସ୍ତକ ମଧ୍ୟ ସେ ରଚନା କରିଛନ୍ତି । ଜୀବନର ଶେଷାବସ୍ଥାରେ ସେ ଗଳ୍ପ ଓ ରମ୍ୟରଚନା ଲେଖିଥିବା ସହ 'ମନେପଡ଼େ' ଶୀର୍ଷକରେ ଆତ୍ମଜୀବନୀ ଲେଖି ଯାଇଛନ୍ତି ।

## ସାହିତ୍ୟ ସମ୍ମାନ ଓ ପୁରସ୍କାର :

କଥାକାରଙ୍କୁ ତାଙ୍କ ଗଳ୍ପ ସାହିତ୍ୟର ସିଦ୍ଧିକୁ ସ୍ୱୀକୃତ କରାଇ ମିଳିଛି, ଓଡ଼ିଶା ସାହିତ୍ୟ ଏକାଡ଼େମୀ (୧୯୭୦)ର ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତିର ରଜତ ଜୟନ୍ତୀ ଅବସରରେ ଗଳ୍ପ ଓ ରମ୍ୟରଚନା ପାଇଁ ୧୯୬୪, ୧୯୬୮ ଓ ୧୯୬୯ରେ ପୁରସ୍କାର, ଶାରଳା ସମ୍ମାନ ସେ ଲାଭ କରିଥିଲେ । ଏତଦ୍‌ବ୍ୟତୀତ ଜୀବନରଙ୍ଗ, ବାରିପଦା ସାହିତ୍ୟ ସଂସଦ, ମାତୃଭୂମି, ଝଙ୍କାରର ନବବର୍ଷମିଳନ, ସରସ ସାହିତ୍ୟ ସମିତି ଆଦି ବହୁ ଅନୁଷ୍ଠାନ କଥାକାରଙ୍କ ସାହିତ୍ୟ ସାଧନାକୁ ସ୍ୱୀକୃତି ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି ।

## ଏବେ ଚିର ବସନ୍ତ :

ବସନ୍ତବାବୁ ଏବେ ଅଶୀତବର୍ଷ ବୟସର ବୃଦ୍ଧ । ବାରିପଦାର ବାଘଡ଼ା ରୋଡ଼ରେ ଅନ୍ନପୂର୍ଣ୍ଣା ଭବନରେ ସେ ସମ୍ପ୍ରତି ଅବସ୍ଥାନ କରୁଛନ୍ତି । ବୟସରେ ସେ ଶ୍ରାନ୍ତକ୍ଳାନ୍ତ । ମନ ଓ ହୃଦୟରେ ସେ କିନ୍ତୁ ନିତ୍ୟ ତରୁଣ । ଜୀବନର ଅନନ୍ତ ଦୁଃଖକୁ ବହନ କରି ବାହାରକୁ ସେ ସତତ ହସି ହସ । ସେହିପରି ଯୁବ ସୁଲଭ ହର୍ଦ୍ଦପନା । ସବୁ ମଣିଷକୁ ହସାଇବାର ଅବଶ୍ୟ ଅଭିପ୍ସା । ବିଶେଷତଃ ସମାଜର ସବୁଠାରୁ ତଳଶ୍ରେଣୀର ମଣିଷ ପ୍ରତି ତାଙ୍କର ମୂର୍ଦ୍ଧ ଅଭିନନ୍ଦନ । ଅଥଚ ଯେଉଁମାନେ ହିପୋକ୍ରାଟ୍ ସେମାନଙ୍କ ମୁଖା ଉନ୍ମୋଚନ ପାଇଁ ତାଙ୍କ ଲେଖନୀ ଚଳମାନ । ଜୀବନର ଦୁଃଖ ଓ ଜ୍ୱାଳାକୁ ନୀଳକଣ୍ଠ ପରି ପାନ କରି ସେ କେବଳ ପ୍ରଦାନ କରିଛନ୍ତି, ସାରସ୍ୱତ ଅମୃତ । ନାଁ ତାଙ୍କର ବସନ୍ତ । ବସନ୍ତର ସେ ନିତ୍ୟ ଗାୟକ । ସେ ଚିର ବସନ୍ତ ।

ବସନ୍ତର ଜୟହେଉ । ବସନ୍ତର ସୌମ୍ୟ ସୁଷମା ବିଚ୍ଛୁରିତ ହେଉ । ସକଳ ମଣିଷ ହୃଦୟରେ ବସନ୍ତର ହେଉ ନିତ୍ୟଲୀଳା । ସାହିତ୍ୟ ସୃଷ୍ଟି ମାଧ୍ୟମରେ ମଣିଷକୁ ଆନନ୍ଦ-କୈବଲ୍ୟ ସେ ବାଣ୍ଟନ୍ତୁ । ପିଲାଦିନେ ଆପଣାର ଗାଁରେ ଭଜନ-ସଙ୍ଗୀତ ଓ ମୋହନ ଗୋସ୍ୱାମୀ ଗୀତ ଗାଇ ଗାଇ ଯେମିତି ଗାଁ ଲୋକଙ୍କୁ ଆନନ୍ଦ ଦେଉଥିଲେ, ପାଠ ପଢ଼ାଇଲାବେଳେ ଯେମିତି ଛାତ୍ରଛାତ୍ରୀମାନଙ୍କୁ ହସେଇ ମଜେଇ ରଞ୍ଜେଇ ଦେଉଥିଲେ, ସେହିପରି ଏବେ ମଧ୍ୟ ସାହିତ୍ୟ ମଧ୍ୟରେ ନୀରସ ଓଡ଼ିଆ ପାଠକମାନଙ୍କ ହୃଦୟରେ ଆନନ୍ଦ ଢାଳି ଦିଅନ୍ତୁ ; ଏତିକି କାମନା ଓ ଭଗବାନଙ୍କ ପାଖରେ ପ୍ରାର୍ଥନା—

ବସନ୍ତବାବୁ ନିରାମୟ ଜୀବନଯାପନ କରନ୍ତୁ ।
ଓଡ଼ିଆ ସାହିତ୍ୟକୁ ଆହୁରି ଋଦ୍ଧିମନ୍ତ କରନ୍ତୁ ।

—*—

Digitized by srujanika@gmail.com

# ଚିର ରୁଚିର ବସନ୍ତ

**ଗଣନାଥ ଦାସ**

ଏ ବର୍ଷ ମଇ ମାସରେ ଅଯାଚ୍ୟ ଗରମ ସାଙ୍ଗକୁ ଗୁଳଗୁଳି ହଉଥାଏ ଭୁବନେଶ୍ୱରରେ । ଅଚାନକ ମେଘ ଉଠେଇ ଲଗ ଲଗ ଦୁଇଦିନ ଦିନ ଉପରଓଳି କଡ଼ା ବର୍ଷା ହେଲାରୁ ପରିବେଶ ଟିକେ ଉଶ୍ୱାସ ହେଲା । ଲୋକେ ଆଶ୍ୱସ୍ତ ହେଲେ । ଗଛଲତା ମୁଣ୍ଡ ଟେକି ଉଠିଲେ । ସବୁଜିମା ଲକ୍ଷ୍ୟ କରି ହେଲା ।

ଏଇପରି ସମୟରେ ଦିନେ ଖବର ପାଇଲି ବନ୍ଧୁ ବସନ୍ତ ଶତପଥୀ ଭୁବନେଶ୍ୱର ଆସିଛନ୍ତି । ଗୃହିଣୀଙ୍କୁ ଖବର ଜଣେଇ କହିଲି—ଦେଖିଲ କେମିତି ଖରାଗଡ଼ କମିଗଲା । ବସନ୍ତ ଆସିଗଲା ଭୁବନେଶ୍ୱରକୁ ।

ଗୃହିଣୀ ବିଲବିଲ କରି ଅନେଇ ରହିଲାରୁ କହିଲି—ସେଇମ, ବାଲେଶ୍ୱରଆ ଏବେ ବାରିପଦାଆ ପାଲଟିଥିବା ସାଙ୍ଗ ବସନ୍ତ ଶତପଥୀ ଭୁବନେଶ୍ୱରରେ ହାଜର । କାଲି ପହଞ୍ଚି ପହଞ୍ଚି ଡେରି ହେଲା, ଆଜି ଦିନ ଗୋଟାକବେଳେ ଫେରୁଛି । ଆମ ଦାଣ୍ଡ ଗଛ ପଣସରୁ ଗୋଟାଏ ପାଚିଥିଲା । ଥିବ ପଚି ଦେଲି ମତେ ଦିକୋଲି ନେଇ ଦେଇ ଆସିବ । ଖୁବ୍ ଭଲପାଏ ସେ ପଣସକୁ ।

ଆଗଥର ଆସିଥିଲା ଯେ, ଗୋଟିଏ ନେଇଯିବ ବୋଲି କହିଲା । ହେଲେ ଆସିଲା-ନେଇଁ କି ନେଲା ନେଇଁ । ନ ପାଇବାର ଅଶ୍ୱସ୍ତି ସମସ୍ତେ ଅନୁଭବ କରନ୍ତି । ନଦେଇ ପାରି ମୁଁ ଯୋଉପରି ଅଶ୍ୱସ୍ତି ଭୋଗିଥିଲି ନା ଶେଷକୁ ତାକୁ ଗୋଟାଏ ଚିଠିଲେଖି ଜଣେଇବା ପର୍ଯ୍ୟନ୍ତ ଗଲା । ସେଇଠୁ ମନଟିକେ ଥଣ୍ଡା ଧରିଲା ।

ଗୃହିଣୀ କହିଲେ—ସେଥର ଆସି ଥିଲେ ଯେ, ତମକୁ 'ବେମାରିଆଟା' ବୋଲି କହିଲେ ।

ଭଲ ବୁଝିଲ ତେମେ ବୋଲି କହି ଠୋ ଠୋ ହୋଇ ହସିଲି । କହିଲି— ଆରେ ତା'ପରି ରସିକ ଲୋକ ଆପେ ନ ହସି ଅପରକୁ ହସେଇବାରେ ପାରଙ୍ଗମ ସେ ।

Digitized by srujanika@gmail.com

ମତେ କ'ଣ ବେମାରିଆଣ୍ଟା ବୋଲି ଛୁଉଁଲେନି କହନ୍ତୁ । ପୁଣି ତମେ ଶୁଣି ପାରିଲ ଭଲ ? କେତେଗୁଡ଼ାଏ ବର୍ଷ ପରେ ନିଜେ ମତେ ଖୋଜି ଖୋଜି ଆସିଥିଲ । ମୁଁ ନ ଚିହ୍ନିଲି ପରି ଛଳନା କରି ପଚାରିଲି—କାହାକୁ ଖୋଜୁଛନ୍ତି ଆପଣ ?

ରହସ୍ୟ କରି ମୋର ଗୋଟିଏ ଲେଖାର ଶିରୋନାମାଟି ଧରି କହିଲ ନା—ସେଇ 'ବେମାରିଆଣ୍ଟାକୁ' ଆଉ କାହାକୁ ?

ଗୃହିଣୀଙ୍କୁ ଉଦ୍ଦେଶ୍ୟ କରି କହିଲି—ତମେ ସେକଥା ଶୁଣି ଟିକେ ନାକ ଟେକି ଦେଇଥିବା ମୁଁ ଲକ୍ଷ୍ୟ କରିଥିଲି । ମୁଁ ତଥାପି ଛଳନା ନ ଛାଡ଼ି ପଚାରିଲି ବନ୍ଧୁଙ୍କୁ—ଏ ଘରେ ତ କେତେଗୁଡ଼ିଏ ବେମାରିଆ, କୋଉଟିକୁ ଖୋଜୁଛନ୍ତି ଆପଣ ?

ସେ ବି ନଛୋଡ଼ବନ୍ଧା । କହିଲେ—ସବୁଠୁ ବୁଢ଼ା ବେମାରିଆଟିକୁ । ତମେ ସେତେବେଳକୁ ସ୍ଥାନ ତ୍ୟାଗ କରିବା ଉପରେ । ମନେଅଛି ମୁଁ କେବଳ ତମ ଓଷ୍ଠାଧରେ ଆଉ କଥା ବଢ଼ାବଢ଼ି ନକରି ଛଳନା ଛାଡ଼ି ତା ପାଖକୁ ଧାଇଁ ଯାଇ କହିଲି—ଆରେ ବସନ୍ତ, ଆ ଆ ବସିପଡ଼ ଟିକେ ।

ମୋ ପାଟିରୁ କଥା ଛଡ଼େଇ ନେଇ କହିଲେ ବନ୍ଧୁ—Under the green wood tree, ନା ! ସତେ ଗଣନାଥ, ଏ ପଣସ ଗଛଟି ଫଳବତୀ ହୋଇ କେଡ଼େ ସୁନ୍ଦର ଦିଶୁଛରେ ! ଫଳ ନିଶ୍ଚେ ମିଠା ହୋଇଥିବ ।

କହିଲି—ଏବେ ତ ପାଚିବାକୁ କିଛି ବେଳ ବାକି ଅଛି । ସେଉଁଦିନ ଯିବ ଗୋଟିଏ ନେଇ ଯିବ କି ? ଭୁଣ୍ଡିରେ ଚୂନ ଟିକିଏ ଲଗେଇ ଦୁଇ ତିନି ଦିନ ଖସ୍ରେ ଟିକେ ଟିକେ ରଖିଲେ ପାଚିଯିବ ।

କିନ୍ତୁଟା Artificial ଲାଗିବ ନଇତ, ଯେମିତି Lip stick ? ଗମ୍ଭୀର ହୋଇ କହିଥିଲେ ବନ୍ଧୁ ।

ମୁଁ ହସି ହସି ବେଦମ ହୋଇଥିଲି । ତମେ ସ୍ପୃହା ଆଣିବାକୁ ଘର ଭିତରକୁ ଚାଲିଯାଇଥାଅ ।

ଗୃହିଣୀ ପଚାରିଲେ—ଆଉ ସାଙ୍ଗ ଏଥର କ'ଣ କହିଲେ ?

ଏଥର ପରା ତମେ ଦେଇଥିବା ପଣସ ତେଛ ତୋଳି ନେଇ ତାଙ୍କ ପାଖରେ ପହଞ୍ଚିଲାରୁ ମୋ ହାତର ସେ ଜରି ପୁଟୁଳାଟି ଦେଖି ପଚାରିଲେ—ଏଟି ହାତରେ କଅଣ ଗଣନାଥ ।

Digitized by srujanika@gmail.com

କହିଲା—କିଛି ଖୁଦ ଭଜା ପଠେଇଚନ୍ତି ସଖି !

କହିଲେ—କ'ଣ ସୁଦାମା ସାଜିଲଣି ? ମୁଁ ଶୁଣିଥିଲି ତମେ କବୀର ପଛରେ ବାଇ ହେଉଛ । ଫେରେ ଶ୍ରୀକୃଷ୍ଣଙ୍କ ପଛରେ କେବେ ଠାରୁ ?

ପୁଣି ଏଡ଼େଇ ଦେଇ କହିଲି—ଆରେ ତୁମେ ତ କେତେବେଳୁ କବୀର ପନ୍ଥୀ ହେଇଯାଇଛ, ମନରେ 'ସୋହଂ' ଭାବ ଉଦୟ ହେଲାଦିନୁ, ପୂଜା ଥାଳିରୁ ସବୁ ଦେବା-ଦେବୀଙ୍କ ଫଟ ଉଡାଇ କେବଳ ନିଜ ଫଟଟି ଥାପିଲା ଦିନରୁ ।
କବୀର ତ ସେଇଆ କରିଥିଲେ । କହିଥିଲେ ସଖି—

"ନା'ମେଁ ଜାନୁ ସେବା ବନ୍ଦଗୀ ନା'ମେଁ ଘଣ୍ଟା ବଜାଇ ।
ନା'ମେଁ ମୂରତି ଧରି ସିଂହାସନ ନା'ମେଁ ପୁହୁପ ଚଢ଼ାଇ ॥
ନା' ହରି-ହରେ ଜପ ତପ କହ୍ନେ ନା କାଯ୍ଥା କୋ ଜାରେ ।
ନା ହରି ସହେ ଧୋତି ଗ୍ରହେଁ ନା ପାଁଗ୍ଯୋ କୋ ଜାରେ ॥
ଦୟା ରଖି ଧରମ କୋ ପାଲେ ଜଗସୋ ରହେ ଉଦାସୀ ।
ଅପନାସା ଜୀବ ସବକୋ ଜାନେଁ ତାହି ମିଲେଁ ଅବିନାସୀ ॥"

× × ×

ତମ କୁକୁର ବ୍ଲାକିକୁ ହରେଇ ତମର ଯୋଉ ମର୍ମବେଦନା ତା ପାଇଁ ! ତାହାହିଁ କବୀରର "ଦୟା ରଖି ଧରମ କୋ ପାଲେଁ" ଆଉ 'ଅପନାସା ଜୀବ ସବକୋ ଜାନେଁ'ର ପ୍ରତୀକ ।

ପୁଣି ଯୋଗ, ଯଜ୍ଞ, ପୂଜା ପାଠ ଗ୍ରନ୍ଥ ସବୁ ଦେବାଦେବୀଙ୍କୁ ଆଡ଼େଇ ଦେଇ 'ସୋହଂ' ଅର୍ଥାତ୍ ତମ ହୃଦ ମନ୍ଦିରରେ ଜୀବାତ୍ମା ରୂପେ ବିରାଜିତ ପରମାତ୍ମାଙ୍କ ଅଂଶ ବିଶେଷଙ୍କ ଉପରେ ହିଁ ଚିତ୍ତର ଏକାଗ୍ରତା ଲଗେଇ ପାରିଛ ତାହାହିଁ କବୀର ବାଣୀର ସାରାଂଶ ।

ଏଇ ପରିପ୍ରେକ୍ଷୀରେ କବୀର ମନ ନିର୍ମଳତା, ହୃଦୟରେ ସରଳତା ଉପରେ ଏତେ ଗୁରୁତ୍ୱ ଦେଇଛନ୍ତି ଯେ ମନ ସ୍ୱଚ୍ଛ, ନିର୍ମଳ ସରଳ ହେଇଗଲେ ସ୍ୱୟଂ ପ୍ରଭୁ ପରମାତ୍ମା ଏପରି ମାନବ ପଛରେ ଧାଇଁ ଧାଇଁ ତା'ର ସକଳ ମନୋବାଞ୍ଛା ପୂରଣ କରିବାକୁ, ମୋକ୍ଷ ପ୍ରଦାନ କରିବାକୁ ପ୍ରଭୁଙ୍କୁ ଉପଲବ୍ଧ କରିବାକୁ ସାମର୍ଥ୍ୟ ପ୍ରଦାନ କରିଥାନ୍ତି । ତାଙ୍କର ଗୋଟିଏ ବାଣୀ ପ୍ରତି ଟିକେ ଧ୍ୟାନ ଦେଲେ ଏହା ପ୍ରାଞ୍ଜଳ ଭାବେ ଜଣାଯାଏ—

Digitized by srujanika@gmail.com

"କବୀର ମନ ନିର୍ମଳ ଭୟୋ ଜୈସେ ଗଙ୍ଗା ନୀର ।
ହରି ପାଁଛେ ପାଁଛେ ଫିରେ କହତ କବୀର କବୀର ।।"

ତମ ମନକୁ ପାଇବ କି ନା—ସ୍ବାଙ୍କୁ ଓଡ଼ିଆରେ ଭାଷାନ୍ତର କରି ଦେଇଚି—

"ମନ ମୋର ନିରମଳ ଯଥା ଗଙ୍ଗାନୀର ।
ପଛେ ପଛେ ବୁଲି ପ୍ରଭୁ ଡାକନ୍ତି କବୀର ।।"

ସକଳ ମନୋବାଞ୍ଛା ପୂର୍ଣ୍ଣ କରିବାକୁ ପ୍ରଭୁ ଉଦ୍‌ଗ୍ରୀବ ଯେପରି ।

ପ୍ରଥମ ଜୀବନରୁ ତୁମ ସହିତ ଘନିଷ୍ଠ ଭାବରେ ମିଶି ତମକୁ ଯାହା ଦେଖି ଆସିଚି, ଆସୁଚି, ତମ ଲେଖାରେ ତମ ଉଦାର ହୃଦୟ ଓ ମନର ଯାହା ପ୍ରତିଫଳନ ଲକ୍ଷ୍ୟ କରୁଛୁ, ମନ ତମର ନିର୍ମଳ ଓ ସରଳ । ପ୍ରଭୁ କୌଣସି ଜୀବକୁ ତା'ର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରନ୍ତି ନାହିଁ ବୋଲି ମୋର ଦୃଢ଼ ବିଶ୍ୱାସ ।

ଆଜି ଅଲଙ୍ଘନ ପରେ ତୁମେ ଅଶୀ ବର୍ଷରେ ପଦାର୍ପଣ କରିବାକୁ ଯାଉଚ । ବନ୍ଧୁ ଭାବରେ ଏହି ଶୁଭ ଅବସରରେ ମୋର ଶୁଭେଚ୍ଛା ଗ୍ରହଣ କରିବ ।

ପ୍ରଭୁଙ୍କଠାରେ ନିବେଦନ ତୁମ ସାହିତ୍ୟ ସୃଷ୍ଟିକୁ ଭବିଷ୍ୟତରେ ଆହୁରି ସରସ ସୁନ୍ଦର କରି ତୋଳିବାକୁ ସବୁପ୍ରକାର ସାମର୍ଥ୍ୟ, ସୁମତି ଓ ସୁସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ତୁମକୁ ।

ନିଜେ ନ ହସ ପଛେ ଅପର ସମସ୍ତଙ୍କୁ ହସେଇ ହସେଇ ସାଙ୍ଗରେ ନିଅ । ଚିର ରୁଚିର ବସନ୍ତର ମଧୁରିମା ବିତରଣ କରି ଚାଲ, ଚାଲ, ଚାଲ !!

—※—

Digitized by srujanika@gmail.com

# ବସନ୍ତ ବାବୁଙ୍କ ମଧୁରତା

ସାନ୍ତକଡ଼ି ହୋତା

ଯେଉଁମାନେ ନିଜେ ହସନ୍ତି ଓ ଅନ୍ୟଙ୍କୁ ହସାନ୍ତି, ସେମାନେ ଏହି ସଂଗ୍ରାମ ଓ ସଂଘର୍ଷର ସଂସାରରେ ବ୍ୟତିକ୍ରମ । ହସି ହସି ଦୁଃଖ ଓ ବିଫଳତାଗୁଡ଼ାକୁ ଉଡ଼େଇ ଦେବାପାଇଁ ଯିଏ ଶିଖିଛି ସେ ଯେପରି ଜିଏଁ ଅନ୍ୟମାନେ ସେପରି ପାରନ୍ତି ନାହିଁ । ଏହି ଜୁନ୍ ୧୯୯୨ର ଛବିଶ ତାରିଖରେ ଅଶୀ ବର୍ଷରେ ପାଦ ରଖୁଥିବା ବସନ୍ତ କୁମାର ଶତପଥୀ ଜଣେ ଅଧ୍ୟାପକ ଓ ହସଖୁସିର ଭଦ୍ରବ୍ୟକ୍ତି ଭାବରେ ଯେପରି ପରିଚିତ ; ସାହିତ୍ୟ ମାଧ୍ୟମରେ ପାଠକମାନଙ୍କୁ ହାସ ପରିହାସର ଉପାଦାନ ଯୋଗାଇ ଦେବାର ପାରଙ୍ଗମ ପଣିଆ ଯୋଗୁ ମଧ୍ୟ ସେହିପରି ସୁପରିଚିତ ଓ ଆଦୃତ । ସବୁ ସଭାମଞ୍ଚ ବା ରଙ୍ଗରହସ୍ଥଳୀରେ ସର୍ବଜନଲଭ୍ୟ ଏହି ମଣିଷଟି ସହିତ ଦେଖା ହେଲାକ୍ଷଣି ବନ୍ଧୁତ୍ୱ ଏବଂ ତା'ପରେ ସମ୍ପର୍କ ସ୍ଥାପିତ ହୁଏ ଅନାୟାସରେ, ସ୍ୱତଃସ୍ଫୁର୍ତ୍ତି ଭାବରେ । ତାଙ୍କର ସ୍ୱଭାବସୁଲଭ ରସିକତା ଯୋଗୁ ସେ ଓଡ଼ିଶାର ଗୁଣଗ୍ରାହୀ ତଥା ସାଧାରଣ ଲୋକମାନଙ୍କ ମଧ୍ୟରେ ବେଶ୍ ଜଣାଶୁଣା ।

ତାଙ୍କ ଗାଁ ପାନ୍ଧଡ଼ା, ମୋର ପିଉସୀଘର । ତାଙ୍କ ବାପାଙ୍କ ସହିତ ମୋ ବାପାଙ୍କର ବନ୍ଧୁତ୍ୱ ଥିଲା । ଆମ ଗାଁରେ ଅପର ପ୍ରାଇମେରୀ ସ୍କୁଲ ନଥିବାରୁ ମୁଁ ତାଙ୍କ ଗାଁକୁ ଯାଇଥିଲି, ସେଠାରେ ହଷ୍ଟେଲରେ ରହି ପଢ଼ିବାପାଇଁ । ଚତୁର୍ଥ ଓ ପଞ୍ଚମ ଶ୍ରେଣୀ (୧୯୩୮-୪୦) ସେଠାରେ ପଢ଼ିଥିଲି ମୁଁ । ବସନ୍ତ ବାବୁଙ୍କ ସାନଭାଇ ପ୍ରସନ୍ନ ବାବୁ ଥିଲେ ମୋର ଶିକ୍ଷକ । ସେଇ ପାନ୍ଧଡ଼ାରେ ପଢ଼ିବାବେଳେ ତାଙ୍କୁ ପ୍ରଥମେ ଦେଖିଲି, ଜାଣିଲି । ସେତେବେଳକୁ ସେ ବାରିପଦାରେ ଥାଆନ୍ତି । ମଝିରେ ଗାଁକୁ ଆସିଲେ ତାଙ୍କ ସହିତ ଦେଖାହୁଏ । ସେ ସାହିତ୍ୟ-ରସିକ ପିଲାଦିନୁ । ସେତେବେଳେ ତାଙ୍କ ଗାଁରେ କେବେ କେମିତି ପାଲା ହେଉଥିଲା । ମଧ୍ୟଯୁଗୀୟ ଓ ପ୍ରାଚୀନ ସାହିତ୍ୟ ଆଲୋଚନା ଶୁଣିବାକୁ ଲୋକମାନେ ଠୁଳ ହେଉଥିଲେ । ଆମେ ସବୁ ଏକତ୍ର ହେଉଥିଲୁ । ଜଣେ ହେଉ ବା ପାଞ୍ଚଜଣ ହୁଅନ୍ତୁ ପାଖରେ କାହାକୁ ପାଇଲେ ସେ ରଙ୍ଗରସ କରୁଥିଲେ । ତାଙ୍କ କଥା କହିବାରେ ଭଙ୍ଗୀ, ଶାଳୀନତା ବାଦ୍ ନଦେଇ ପରିହାସ କରିବାର ପ୍ରବଣତା ଓ କୌତୁକ

Digitized by srujanika@gmail.com

ବାସ୍ତବବାଦ ଭିତରେ ଘାଣ୍ଟି ହେଲାବେଳେ ଟିକେ ହସ ଖୁସି କରି ଜୀବନ ଯନ୍ତ୍ରଣାରୁ ବ୍ୟକ୍ତିକୁ ଟାଣି ଆଣିବାର ପାରଙ୍ଗମତା ତାଙ୍କୁ ଲୋକପ୍ରିୟ କରିଥିଲା ପିଲାଦିନୁ । ସେ ବେଳେ-ବେଳେ ସ୍କୁଲକୁ ଆସି ଆମର ଖାତା ଦେଖି ଇଂରାଜୀ କିପରି ଲେଖିବାକୁ ହୁଏ ଓ ଉଚ୍ଚାରଣ କରିବାକୁ ହୁଏ କହି ଦେଉଥିଲେ ।

ଏହାପରେ ତାଙ୍କ ସହିତ ଆଉ ଦେଖା ହୋଇନି ବହୁବର୍ଷ ପର୍ଯ୍ୟନ୍ତ ; କିନ୍ତୁ ତାଙ୍କ ନାମ ଶୁଣେ ମଝିରେ ମଝିରେ । କେବେ କେମିତି ଆମ ଗାଁକୁ ମଧ୍ୟ ଆସୁଥିବାର ଜାଣିଛୁ । ସେତେବେଳେ ଆମ ଅଞ୍ଚଳରେ ସେ ସବୁଠାରୁ ବେଶୀ ପାଠପଢ଼ୁଆ ବ୍ୟକ୍ତି । ଏମ୍. ଏ. ପାସ୍ । ମୁଁ ଉକତପୁରରୁ ମଧ୍ୟଇଂରାଜୀ ଓ ବାରିପଦାରୁ ଉଚ୍ଚଇଂରାଜୀ ପରୀକ୍ଷାରେ ପାସ୍ କରି କଲେଜରେ ପଢ଼ିବା ଆଗରୁ ଗ୍ରୀଷ୍ମଛୁଟିରେ ସେତେବେଳେ ସ୍ୱର୍ଗତ ହରିଶ୍ଚନ୍ଦ୍ର ଦାସଙ୍କ ସାପ୍ତାହିକ କାଗଜ 'ଜାଗରଣ'ରେ କିଛି କାମ କରିବାପାଇଁ ଯୋଗ ଦେଲି, ସେତେବେଳେ ଶୁଣିଲି ବସନ୍ତବାବୁଙ୍କ ନାମ । ସେ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ପ୍ରକାଶିତ 'ଭଞ୍ଜ ପ୍ରଦୀପ' ପ୍ରଭୃତି ପତ୍ରିକା ସମ୍ପାଦନା କରୁଥିଲେ । ବାରିପଦାରେ ସେତେବେଳେ ଯେଉଁ ବୌଦ୍ଧିକ ଓ ସାଂସ୍କୃତିକ ପରିବେଶ ଗଢ଼ି ଉଠିଥିଲା ତା' ପଛରେ ଯେଉଁ କେତେଜଣଙ୍କର ଉଦ୍ୟମ ଓ ନିଷ୍ଠା ଥିଲା ସେମାନଙ୍କ ମଧ୍ୟରୁ ବସନ୍ତବାବୁ ଥିଲେ ଅନ୍ୟତମ ।

ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରେ ମୁଁ ବି. ଏ. ପଢ଼ୁଥିଲାବେଳେ ବସନ୍ତ ବାବୁ ଅଧ୍ୟାପକ ଭାବରେ ଯୋଗଦେଲେ । ତା ପୂର୍ବରୁ ସେ ମୟୂରଭଞ୍ଜ ରାଜ୍ୟ ବାରିପଦାରେ କାର୍ଯ୍ୟ କରୁଥିଲେ । ମୟୂରଭଞ୍ଜ ଓଡ଼ିଶା ସହିତ ୧୯୪୮ ଜାନୁଆରୀ ପହିଲାରେ ମିଶିଯିବା ପରେ ସରକାର ତାଙ୍କୁ ଇଂରାଜୀ ଅଧ୍ୟାପକ ଭାବରେ ନିଯୁକ୍ତି ଦେଇଥିଲେ । ତାଙ୍କ ସହିତ କଲେଜରେ ପ୍ରଥମ ଦିନ ଦେଖା ହେବାକ୍ଷଣି ସେ କହିଲେ, ସରକାର ମୋତେ ଅଧ୍ୟାପକ କଲେ । ଆଉଥରେ ପଢ଼ାପଢ଼ି ଆରମ୍ଭ କରିଛି...କିନ୍ତୁ ମୋ ମନକୁ ସ୍କୁଲଘଣ୍ଟା ବେଶି ପାଉଛି...। ମୁଁ ଖୁସି ହେଲି ଯେ ଜଣେ ଆତ୍ମୀୟ ଅଧ୍ୟାପକ ହେଲେ । ଅତି ଅଳ୍ପ ସମୟ ମଧ୍ୟରେ ସେ ଛାତ୍ରମାନଙ୍କର ପ୍ରିୟ ହୋଇ ଉଠିଲେ । କ୍ଲାସରେ ସେମାନଙ୍କୁ ପଢ଼ାଇବା ବେଳେ ବି ଏପରି ରସିକତା କରୁଥିଲେ ଯେ ପିଲାମାନେ ଅନ୍ୟମନସ୍କ ନହୋଇ ତାଙ୍କ କଥା ଶୁଣୁଥିଲେ । ପ୍ରାଣପ୍ରାଚୁର୍ଯ୍ୟରେ ନିଜେ ପୂର୍ଣ୍ଣ ନଥିଲେ ଜଣେ ଅନ୍ୟମାନଙ୍କୁ ହସେଇ ପାରେନା । ବସନ୍ତ ବାବୁଙ୍କୁ ଦେଖିଲେ ସେ କିପରି ପ୍ରାଣପ୍ରାଚୁର୍ଯ୍ୟରେ ଟଳମଳ ହେଉଥିଲେ ତାହା ଜଣା ପଡ଼ୁଥିଲା ।

ମୁଁ କଲେଜ ଛାଡ଼ିବା ପରେ ତାଙ୍କ ସହିତ ଆଉ ସମ୍ପର୍କ ରହିଲା ନାହିଁ । ସିଭିଲ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୫୫ ଠାରୁ ଓଡ଼ିଶା ବାହାରେ ରହିଲି । ଆଉ ଦେଖାସାକ୍ଷାତ ହେଲାନାହିଁ; କିନ୍ତୁ ସାହିତ୍ୟ ସହିତ ମୋର ସମ୍ପର୍କ ଛାତ୍ର ଜୀବନରୁ । ଦିନେ

Digitized by srujanika@gmail.com

ଝଙ୍କାର ପତ୍ରିକାର ପୃଷ୍ଠା ଓଲଟାଇଲା ବେଳକୁ ସେଇ ପରିଚିତ ନାମ ଦେଖି ମୁଗ୍ଧ ଓ ବିସ୍ମିତ ହେଲି । ସେ ଗଳ୍ପ ଲେଖନ୍ତି ବୋଲି ସେତେବେଳକୁ ମୁଁ ଜାଣିନଥିଲି, ଯଦିବା ପତ୍ରପତ୍ରିକା ସମ୍ପାଦନା କରନ୍ତି ବୋଲି ବହୁ ଆଗରୁ ଜାଣିଥିଲି । 'ଝଙ୍କାର' ଓ ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ ତାଙ୍କର ବହୁ ଗଳ୍ପ ପଢ଼ିଛି ।

ବସନ୍ତ ବାବୁଙ୍କ ଜୀବନ ଯେପରି ତାଙ୍କ ଗଳ୍ପ ମଧ୍ୟ ସେହିପରି । ହାସ୍ୟରସ ତାଙ୍କର ଜୀବନ ଦର୍ଶନ । କୌତୁକ କରି ଜୀବନର ଦୁଃଖ ଓ ଅଶ୍ରୁ ଗୁଡ଼ାକୁ ଉଡ଼ାଇ ଦେବାରେ ସେ ବିଚକ୍ଷଣ । ଓଡ଼ିଆ ସାହିତ୍ୟରେ କାନ୍ତକବିଙ୍କ ପରେ ସେ ହାସ୍ୟରସର ଅନ୍ୟତମ ସଫଳ ସ୍ରଷ୍ଟା । ତାଙ୍କ ଗଳ୍ପର କାହାଣୀ, ପରିବେଶ ଓ ଚରିତ୍ର ସବୁଥିରେ କୌତୁକର ପ୍ରଚ୍ଛନ୍ନ ଆଭାସ । ମଣିଷ ଦୁଃଖରେ ମ୍ରିୟମାଣ ହେଉଥିଲାବେଳେ ବା କୌଣସି ବୋଝ ବୋହି ନପାରି ହତାଶ ହେଉଥିଲା-ବେଳେ ସେ କୌତୁକ କରି ତା' ମୁହଁରେ ହସ ଫୁଟାଇ ଦିଅନ୍ତି । ଆଉ ହସ ତ ବଞ୍ଚିଥିବା ଜୀବନର ଫୁଟିଥିବା ଫୁଲ ପରି । ଫୁଲ ଫୁଟିଲେ କେବଳ ଗନ୍ଧର ସୌନ୍ଦର୍ଯ୍ୟ ବଢ଼େ ନାହିଁ, ତା'ର ସୁବାସ ମହକାଇ ଦିଏ ପରିବେଶକୁ, ଉଲୁସାଇ ଦିଏ ମନକୁ । ନିର୍ମଳ, ଶୁଭ୍ର, ନିଷ୍ପାପ ଫୁଲ ଦେଖିଲେ ମଣିଷ ଭୁଲିଯାଏ ତା'ର ଅପୂର୍ଣ୍ଣତା, ଓ ଅସଫଳତା ସବୁ । ବ୍ୟକ୍ତି ବିଶେଷଙ୍କୁ ବ୍ୟଙ୍ଗ ନକରି ସେ ବ୍ୟଙ୍ଗ କରନ୍ତି ତା'ର ଅହଙ୍କାର ଓ ଗର୍ବକୁ, କ୍ଷୁଦ୍ରତା ଓ ନୀଚତାକୁ । ସେଥିପାଇଁ ସେଇ ଗଳ୍ପଗୁଡ଼ିକର ନିର୍ଭେଳ ନିଷ୍କପଟ କାହାଣୀ ଭିତରେ ପାଠକ ପାଏ ପ୍ରାଣ-ପ୍ରାଚୁର୍ଯ୍ୟର ଆଭାସ ଓ ରସବୋଧର ନିର୍ଯ୍ୟାସ । କେବଳ ମଣିଷକୁ ନେଇ ସେ କାହାଣୀ ଲେଖି ନାହାନ୍ତି, ଲେଖିଛନ୍ତି ବୃକ୍ଷଲତା, ପଶୁପକ୍ଷୀ ଓ ଜଡ଼ଜଗତକୁ ନେଇ । ବିଳମ୍ବରେ ଓ ପ୍ରାୟ ପ୍ରୌଢ଼ାବସ୍ଥାର ଶେଷରେ ଗଳ୍ପ ଲେଖା ଆରମ୍ଭ କରିଥିବାରୁ ତାଙ୍କ ଗଳ୍ପରେ ଜୀବନ ଜିଜ୍ଞାସା ଓ ଜୀବନର ପରୀକ୍ଷା ସହିତ ପ୍ରକାଶିତ ହୋଇଛି ଶାଣିତ ଅନ୍ତର୍ଦୃଷ୍ଟି, ଅନ୍ତରଙ୍ଗ ଆବେଗ ଓ ଆତ୍ମିକ ଅଭିବ୍ୟକ୍ତି । ଜୀବନ ପ୍ରତି ବିତୃଷ୍ଣା ନୁହେଁ, ଜୀବନ ପ୍ରତି ଅନୁରାଗ ଓ ଗଭୀର ମମତାବୋଧ ତାଙ୍କ ଗଳ୍ପରେ ମୂର୍ତ୍ତି ହୋଇ ଉଠିଛି । 'ଗୋଟିଏ ଆଙ୍ଗୁର' ଗଳ୍ପ ପୁସ୍ତକର ମୁଖବନ୍ଧରେ ନିଜ ଦୃଷ୍ଟିକୋଣ ପ୍ରକାଶ କରି ସେ ଲେଖିଛନ୍ତି—"ଫକୀର ମୋହନଙ୍କ ପରି ପରିଣତ ବୟସରେ ଗଳ୍ପଲେଖା ଆରମ୍ଭ କରିଛି ; କାଳର, ଦୁର୍ବିପାକର କଷାଘାତ ସମ୍ଭାଳିବା ପାଇଁ, କହିବା ପାଇଁ, ଘାଆ ମୋର ଅଦ୍ୟାପି କଞ୍ଚା । ଆପଣ ଯେଉଁ ତରୁଣତରୁଣୀଙ୍କି ଉପଜୀବ୍ୟ କରି ଗଳ୍ପ ଲେଖୁଛନ୍ତି, ସେମାନଙ୍କ ବିଷୟରେ ମୋର ଅଭିଜ୍ଞତା କମ୍ । ବିଶେଷତଃ ନାରୀଜାତିକ ଭଲ କରି ଚିହ୍ନି ନାହିଁ । ନାରୀ ସହିତ ସମ୍ପର୍କ ଖୁବ୍ କମ୍ । ସ୍ୱକୀୟା ପ୍ରୀତିର ମୂଳ ଉତ୍ସ ଶୁଖି ଯାଇଛି, ଅନ୍ତର୍ଦ୍ଧାନ ହୋଇଯାଇଛି । ନାରୀ ଲେଖିକାମାନେ ତାଙ୍କ ଲେଖାମାନଙ୍କରେ ମନ ଖୋଲୁ ନାହାନ୍ତି ସଙ୍କୋଚରେ । ପରକୀୟା ପ୍ରୀତି ବା ସ୍ୱୈରପ୍ରୀତି ମୋର ଡରୁଆ, ଭୀରୁ ପ୍ରକୃତିକୁ ଆକର୍ଷଣ କରି ନାହିଁ । × × × ମୋ ଗଳ୍ପର ହିରୋ ହିରୋଇନ ଏଣ୍ଟି ହିରୋ ପଦବାଚ୍ୟ । ମୋ ଗଳ୍ପରେ

Digitized by srujanika@gmail.com

ବିଧବା, ଅନ୍ତଃସତ୍ତ୍ୱା, ବୁଢ଼ୀ, ବେଶ୍ୟା, ସ୍ଥାନ ପାଆନ୍ତି । × × × ଶ୍ରେଷ୍ଠ ମାନୁଷୀ ପ୍ରେମକୁ ସମ୍ପ୍ରସାରିତ କରିଛି ଜଡ଼ ଜଗତକୁ । ମୋର ଗଳ୍ପର ନାଆଁ ହେଲା ଚାଉଳ, କାଠ, ମାଛ, ମାଂସ, ବଣଗୁଲୁଗୁଲି ଏମିତି କେତେ × × × କୁକୁଡ଼ା, ଘର ଚଟିଆ, କୁମ୍ଭୀ, ଘୁମୁରି × × × । ମୋର ବିଶ୍ୱାସ ମୋତେ ବୁଲିଲେ ଗପଟିଏ, ଶୂନ୍ୟରୁ ବି ସଂଖ୍ୟା ସଂଗ୍ରହ କରିହେବ ଖାଲି ବାଆଁ ପଟେ ଏକ ଦୁଇ ବସାଇ ଚାଲିଲେ । ଗଳ୍ପର ଦୈନ୍ୟ ଢାଙ୍କିବା ପାଇଁ ଭାଷାର ଭୂଷଣ ଆବଶ୍ୟକ ହୋଇଥାଏ । ମୁଁ ନୀଚତା, ଫୁଟାଣି ଓ ଭଣ୍ଡାମି ଘୃଣା କରେ ଏବଂ ପିନ୍ କଣ୍ଟାମାରି ଗବର ବେଲୁନ ଫୁଟାଇବାକୁ ଭଲପାଏ । ଦୁନିଆକୁ ଯେମିତି ଦେଖିଛି, ଜାଣିଛି, ତାହାହିଁ ପାଠକକୁ ଜଣାଇବାକୁ ଚାହେଁ । ସମାଜ ସଂସ୍କାର, ବାଦ ଓ ମତ ପ୍ରଚାର ମୋର ଗଳ୍ପର ଲକ୍ଷ୍ୟ ନୁହେଁ । ତଥାପି ଅର୍ଥ ବା ଏୱାର୍ଡ଼ ମୋର ଧ୍ୟେୟ ନୁହେଁ । ସାମାନ୍ୟରୁ ଅସାମାନ୍ୟ ମହାନକୁ, ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତକୁ, ମେଣ୍ଟାଲରୁ ସୁପ୍ରାମେଣ୍ଟାଲକୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ, ଏକ କଥାରେ 'ମର ମର'ରୁ 'ରାମ ରାମ'କୁ ମୁଁ ଗଳ୍ପ ଜରିଆରେ ଯିବାକୁ ଚାହେଁ ।"

ଏଇ ହେଲା ବସନ୍ତ ବାବୁଙ୍କ ଗଳ୍ପର ଆଦର୍ଶ ଓ ଜୀବନ ଦର୍ଶନ । ସେଥିପାଇଁ ଦମ୍ଭ, ଅହଙ୍କାର, ବଡ଼ପଣିଆ, ନୀଚତା, ଆଧିପତ୍ୟର ବେଲୁନ ସବୁକୁ ପିନ୍ କଣ୍ଟା ମାରି ସେ ଫୁଟାଇ ଆସୁଛନ୍ତି ଗଳ୍ପ ଜରିଆରେ ଏବଂ ସେଇ ଗଳ୍ପ ଜରିଆରେ ପାଠକକୁ ପ୍ରସ୍ତୁତ କରି ଆସୁଛନ୍ତି ବର୍ତ୍ତମାନ ଓ ଭବିଷ୍ୟତକୁ ମୁକାବିଲା କରିବା ସକାଶେ । ତାଙ୍କର ପ୍ରସ୍ତୁତି ବହୁ ଦିନରୁ ଆରମ୍ଭ ହୋଇଛି ମଣିଷକୁ ମଣିଷ ପରି ତିଆରି କରିବା ପାଇଁ, ତା' ଭିତରେ ଥିବା ମାଙ୍କଡ଼କୁ, ତା' ଆଚରଣରେ ପ୍ରକଟିତ ହେଉଥିବା ପଶୁକୁ ଏବଂ ଦୃଷ୍ଟିକୋଣର ଅନ୍ଧାରକୁ ନିଷ୍ଠୁର ରୂପରେ ଦେଖାଇଦେବା ପାଇଁ; କାରଣ ଦେଖା ଶିଖା ମଣିଷ । ସଭ୍ୟତା ତ ଏଇ ଦେଖାଶିଖାର ଇତିହାସ । ବସନ୍ତବାବୁଙ୍କ ଗଳ୍ପ ଏଥିପାଇଁ ଏତେ ରସୋତ୍ତୀର୍ଣ୍ଣ ଏବଂ ଜୀବନ୍ତ ।

ସେ ତ ସମ୍ମାନ ବା ଏୱାର୍ଡ଼ ଚାହାଁନ୍ତି ନାହିଁ । ତଥାପି ଯେତେବେଳେ ଆମେ ଦେଖିଲୁ ଯେ ନିଜର ସମସ୍ତ ଦୁଃଖ ଭୁଲି ଅନ୍ୟକୁ ହସାଇ ପାରୁଥିବା ଏଇ ଲୋକଟି ଓଡ଼ିଆ ସାହିତ୍ୟ ଜଗତରେ ଆସନ ମାଡ଼ି ବସିଥିବା ମଠାଧୀଶମାନଙ୍କର ନଜରରେ ପଡ଼ୁ ନାହାଁନ୍ତି, ସେତେବେଳେ 'ଲେଖକ ସାମ୍ମୁଖ୍ୟ'ର ବାରିପଦା ଅଧିବେଶନରେ ତାଙ୍କୁ ସମ୍ବର୍ଦ୍ଧନା ଦେଇ ନିଜକୁ ଧନ୍ୟ ମଣିଥିଲୁ । ବସନ୍ତବାବୁ ବଂଚିଛନ୍ତି ବନ୍ଧୁମାନଙ୍କର ଅନାଦର ସତ୍ତ୍ୱେ, କାରଣ ସେ ଜଗତକୁ ଭଲ ପାଆନ୍ତି, ଆଉ ଜଗତ ନୂତନ ରୂପରେ, ନୂତନ ରସରେ, ନୂତନ ଗନ୍ଧରେ ନିତି ପ୍ରତିଦିନ ତାଙ୍କ ଲେଖନୀରେ ଉଦ୍‌ଘାଟିତ ହୋଇ ଆହୁରି ସୁନ୍ଦର ଦିଶେ ।

Digitized by srujanika@gmail.com

ଆଉ ତାଙ୍କର ବନ୍ଧରେ ଉଦ୍ଧାର କରାଯାଇଥିବା ଦୁଇଜଣ ବିଶ୍ୱବିଖ୍ୟାତ ଲେଖକଙ୍କର ଲେଖାର କିୟଦଂଶ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେ ହୁଏ; କାରଣ ଏହା ବସନ୍ତବାବୁଙ୍କୁ ଚିହ୍ନିବାରେ ସାହାଯ୍ୟ କରିବ। Literature has savad my life & my reason; Even now I dare not in the iutervals of business remain alone without a book. (Macaulay's confession on deah of his sister.)

There are moments in life when the transience and sadness of existence are made lovable only by their poetry—(F. L. Lucas)

ଆଉ ଶେଷରେ ତାଙ୍କର ଭାଷାରେ :—

"ତୋ ନାମ ଗାଇ ତୁଣ୍ଡରେ
ପ୍ରୀତି ନାଗରା ବଜାଇ ଦାଣ୍ଡରେ
ଭିକ୍ଷା ମାଗୁଛି ମୁଁ ବ୍ରହ୍ମାଣ୍ଡରେ, ସଜନୀ ଗୋ ।

ତାଙ୍କର ମଧୁର ସାନ୍ନିଧ୍ୟ ଲୋଭନୀୟ । ଯିଏ ତାହା ପାଇଛି ସେ ଧନ୍ୟ ।

—※—

Digitized by srujanika@gmail.com

# 'ଗଜଡ଼ଧପ'ର ନାଟ୍ୟକାର ଓ ଅଭିନେତା ବସନ୍ତ

**ପ୍ରଭାସ ଚନ୍ଦ୍ର ବ୍ରହ୍ମା**

୧୯୨୮ ମସିହାରେ ମୁଁ ଯେତେବେଳେ ବାରିପଦା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ଥିଲି ସେତେବେଳେ ବସନ୍ତ ଆସି ଅଷ୍ଟମ ଶ୍ରେଣୀରେ ସେହି ସ୍କୁଲରେ ନାମ ଲେଖାଇ ଥିଲେ । ତଳଶ୍ରେଣୀର ଛାତ୍ରମାନେ ଉପର ଶ୍ରେଣୀର ଛାତ୍ରମାନଙ୍କୁ ପ୍ରଭୁ ଭାବରେ ନ ହେଲେବି ଗୁରୁଜନ ରୂପେ ମାନିବା ଓ 'ବାବୁ' ବୋଲି ସମ୍ବୋଧନ କରିବାର ପରମ୍ପରା ଆମେ ରହୁଥିବା ଫ୍ରେଜାର ହଷ୍ଟେଲର ଚଳଣି ଥିଲା । ଏହି ସମୟରେ ଏକଦା ମୁଁ ଟାଇଫଏଡ଼୍ ଜ୍ୱରରେ ଆକ୍ରାନ୍ତ ହୋଇଥିଲି । ପ୍ରାୟତଃ ଅଚେତନ ହୋଇ ପଡ଼ି ରହୁଥିଲି, କେତେବେଳେ କେମିତି ମୋର ସଂଜ୍ଞା ଫେରି ଆସିବାବେଳେ ମୁଁ ଲକ୍ଷ୍ୟ କରିଥିଲି ବସନ୍ତ ମୋର ଶଯ୍ୟାଧାରରେ ବସି ସେବା କରୁଥିଲେ । ସେହିଦିନରୁ ମୋର ତାଙ୍କ ସଙ୍ଗେ ଆତ୍ମୀୟତା ।

ବାରିପଦାରେ ବସନ୍ତଙ୍କ ସହ ଦୁଇବର୍ଷ କଟାଇ ଉଚ୍ଚଶିକ୍ଷା ପାଇଁ ୧୯୩୦ ମସିହାରେ ରେଭେନ୍ସାରେ ପଢ଼ିବାକୁ କଟକ ଗଲି । ବସନ୍ତ ମୁଁ ଯିବାର ଦୁଇବର୍ଷ ପରେ ୧୯୩୨ ମସିହାରେ ସେଠାରେ ପାଠ ପଢ଼ିବାକୁ ଯାଇଥିଲେ । ଦୁହେଁ ଏକା ହଷ୍ଟେଲ, 'ଇଷ୍ଟ ହଷ୍ଟେଲ'ରେ ମଧ୍ୟ ରହୁଥିଲୁ । ଆଜିର ପ୍ରବୀଣ ଶିକ୍ଷାବିତ୍ ଓ ବରିଷ୍ଠ ସାହିତ୍ୟିକ ବସନ୍ତବାବୁ ପ୍ୟାଣ୍ଟ୍, କୋର୍ଟ ଓ ବୁଟ୍ ପିନ୍ଧି ଯେପରି ଗୋରା ତୋରା, ଶୁଭ୍ରକେଶ, ସିଧାସଳଖ, ଧୀର ଗତିର ବ୍ୟକ୍ତିତ୍ୱବାନ ପୁରୁଷଟି ଭଳି ଦିଶୁଛନ୍ତି ଛାତ୍ରାବସ୍ଥାରେ ସେପରି ରୂପ ବେଶ ନଥିଲା । ସେ ବୟସରେ ସେ ଜଣେ ମଧ୍ୟମାକୃତି, ସୁଦୃଢ଼ ମାଂସପେଶୀ ବିଶିଷ୍ଟ କଣ୍ଟିତ ଶୁଷ୍କ ମଳିନ ବର୍ଣ୍ଣ ସମ୍ପନ୍ନ ତରୁଣ ଥିଲେ । ତଳକୁ ମୁହଁ ପୋତି, ଆଗକୁ ଝୁଙ୍କି ପଡ଼ି ଏକ ମୁହାଁ ହୋଇ ଚାଲି ଯାଉଥିବା ବେଳେ ଜଣେ ଦୃଢ଼ସଙ୍କଳ୍ପସମ୍ପନ୍ନ କ୍ଷିପ୍ର ଗତିବିଶିଷ୍ଟ ଯୁବକଟି ପରି ମନେ ହେଉଥିଲେ ।

କଲେଜ ଜୀବନର ବୃହତ୍ତର ପରିବେଶରେ ଆମ୍ଭମାନଙ୍କ ପୂର୍ବ ସଂପର୍କର ପୁନ-ର୍ବିନ୍ୟାସ ଘଟି କ୍ରମେ କ୍ରମେ ଅନ୍ୟ ଆକାର ଧାରଣ କରିଥିଲେହେଁ ବାରିପଦା ସ୍କୁଲରେ ମୋ

Digitized by srujanika@gmail.com

ପ୍ରତି ରହିଥିବା ତାଙ୍କର ସମ୍ମାନ ଅତୁଟ ଥିଲା । ଉପର ଶ୍ରେଣୀର ପିଲା ଭାବରେ ମୁଁ ମୋ ଗୋଷ୍ଠୀରେ ମିଳାମିଶା କରୁଥିଲେ ବି ନିଜ ଦେଶର ପିଲା ଓ ପୂର୍ବ ପରିଚୟ ଯୋଗୁଁ ତାଙ୍କ ଉପରେ ମୋର ଦୃଷ୍ଟି ରହୁଥିଲା । ଅଳ୍ପଦିନ ପରେ ଜଣାପଡ଼ିଲା ଯେ, ବସନ୍ତ ବାରିପଦା ଓ ବାଲେଶ୍ୱରରୁ ଆସିଥିବା କେତେଜଣ ଧନବାନ ସହପାଠୀଙ୍କୁ ନେଇ ଗୋଟିଏ ଗୋଷ୍ଠୀ ତିଆରି କଲେଣି । ବସନ୍ତଙ୍କ ସାଂଗରେ ଥିବା ଅନ୍ୟମାନଙ୍କୁ ଦେଖିଲେ ଜଣାପଡ଼ୁଥିଲା ସତେ ଯେମିତି ସେମାନେ ଜନ୍ମ ଜନ୍ମାନ୍ତରରୁ ତାଙ୍କ ସେବା କରିବା ପାଇଁ ଅଭିପ୍ରେତ ।

ଭଲିବଲ ଖେଳରେ ସେ ଥିଲେ ସୁଦକ୍ଷ । ଶରୀର ଗଠନ ଓ ପରିହିତ ବସ୍ତ୍ର ପରିପାଟୀ ଏଥିପାଇଁ ଖୁବ୍ ଉପଯୋଗୀ ମନେ ହେଉଥିଲା । ବଳିଷ୍ଠ ମାଂସପେଶୀ, ହାତର ଟାଣୁଆ କବଜି ହାଡ଼ ସାଙ୍ଗକୁ ତାଙ୍କର ଏଇଠିଅଛି ଏଇଠିନାହିଁ ଢଙ୍ଗ ଯୋଗୁଁ ସେ ପଡ଼ିଆର ଏପଟ ସେପଟ ଧାଇଁ ଅବଲୀଳା କ୍ରମେ ବଲର ଗତିକୁ ନିୟନ୍ତ୍ରିତ କରିପାରୁଥିଲେ । ମାଲକଚ୍ଛା ଭିଡ଼ା ଧୋତି ଉପରେ ହାଫ୍ ସାର୍ଟ, ତା'ଉପରେ କ୍ରିକେଟ ଖେଳାଳୀମାନେ ବ୍ୟବହାର କରୁଥିବା ଗଳାରେ କଳା ବା ନୀଳ ପଟିଥିବା ଧଳା ସ୍ୱେଟର ପିନ୍ଧି ଖେଳପଡ଼ିଆରେ ଡେଇଁଥିବା ଦୃଶ୍ୟଟି ମୋତେ କୌତୁହଳପ୍ରଦ ବୋଧ ହେଉଥିଲା । ଏହି ଭଲିବଲ୍ ପଡ଼ିଆରେ ହିଁ ତାଙ୍କର ଯେଉଁ ପ୍ରତିଭାର ପରିଚୟ ମୁଁ ପାଇଥିଲି ତାହା ହେଲା ମଣିଷ ଚରିତ୍ର ଅଧ୍ୟୟନ କରି ଉପଯୁକ୍ତ ଭାଷାରେ ତାର ବ୍ୟଙ୍ଗଚିତ୍ର ଅଙ୍କନ କରିପାରିବାର ଶକ୍ତି ।

ଥରେ ବସନ୍ତ ମ୍ୟୁନିସିପାଲିଟି ପଡ଼ିଆରେ ଗୋଟାଏ ସର୍କସ ଦଳ ଖେଳ ଦେଖାଉଥିବା ଓ ଦେଖଣାହାରୀଙ୍କୁ ଲଟେରୀ ମାଧ୍ୟମରେ ସାଇକେଲ, ଗ୍ରାମୋଫୋନ, ଘଣ୍ଟା ଆଦି ପୁରସ୍କାର ଦେଉଥିବାର ଖବର ତାଙ୍କ ଚେଲାମାନଙ୍କ ଦ୍ୱାରା ପ୍ରଚାର କଲେ । ଆହୁରି ମଧ୍ୟ ପ୍ରଚାର ହେଲା ଯେ, ବସନ୍ତ ନିଜେ ଏହି ସୁଯୋଗ ପାଇଥିବାରୁ ଯିଏ ଦେଖିବାକୁ ଯିବାକୁ ଚାହିଁବେ ସେ ବସନ୍ତଙ୍କୁ ଟିକେଟର ମୂଲ୍ୟ ଦେଇ ସ୍ଥାନ ସଂରକ୍ଷଣ କରିପାରିବେ । ମ୍ୟୁନିସିପାଲିଟି ପଡ଼ିଆ ବହୁ ଦୂର ହୋଇଥିବାରୁ ଓ ଦୁର୍ଗମ ରାସ୍ତା ଅତିକ୍ରମ କରି ଯିବାକୁ ପଡ଼ୁଥିବାରୁ ଆମେ ସବୁ ତାଙ୍କୁ ସ୍ଥାନ ସଂରକ୍ଷଣ ପାଇଁ ପଇସା ଦେଇ ଦେଲୁ । ସନ୍ଧ୍ୟାରେ ବସନ୍ତଙ୍କ ପିଚ୍ଛା ଧରି ରାଣୀହାଟ, ବଣିଆସାହି ଗଳିରେ ପଶି ସଳଖ ବାଟରେ କଟକର ସେତେ ପରିତ୍ୟକ୍ତ, ଅନ୍ଧାରିଆ, କର୍ଦ୍ଦମାକ୍ତ ରାସ୍ତା ଧରି ପଡ଼ିଉଠି ପରମ ଉତ୍ସାହରେ ଯଥା ସମୟରେ ସର୍କସ ପାଖରେ ପହଞ୍ଚିଲୁ । ଘୋର ଅନ୍ଧକାରରୁ ବାହାରି ଜନାକୀର୍ଣ୍ଣ ସର୍କସ ପଡ଼ିଆର ଉଜ୍ଜ୍ୱଳ ଆଲୋକରେ ଆମକୁ ସବୁ ବିଧ୍ୱସ୍ତ ପରି ଜଣାପଡ଼ୁଥିବାବେଳେ କେଉଁ ସୂତ୍ରରେ ଟିକେଟ କିଣା ହୋଇଛି ଆମେ ଜାଣିପାରିଲୁନି । ଗେଲେରୀରେ ବସାଇ ଦେଇ ସେ ଆମକୁ ଗୋଟାଏ ଗୋଟାଏ ଟିକେଟ ଧରାଇ ଦେଲେ । ଗୋଟିଏ ପରେ ଗୋଟିଏ ଚମତ୍କାର ଖେଳ ଚାଲିଥାଏ । ଖେଳ ଶେଷରେ ଲଟେରୀ ଆରମ୍ଭ ହେଲା । ମ୍ୟାନେଜର ସାହେବ ଛିଡ଼ା ହୋଇ ଗୋଟିଏ ପରେ ଗୋଟିଏ ନମ୍ବର ଡାକୁଥାନ୍ତି; କିନ୍ତୁ ସେଥିରୁ କୌଣସିଟା

Digitized by srujanika@gmail.com

ନମ୍ବର ଆମେ ଧରିଥିବା ଟିକେଟର ପାଖାପାଖି ନ ଥିଲା । ହଠାତ୍ ଏତିକିବେଳେ ବସନ୍ତ ଗେଲେରି ଉପରୁ ଗଡ଼ପଡ଼ିକରି ତଳକୁ ଖସିଆସି ତାଙ୍କର ସ୍ୱାଭାବିକ ଏକମୁହାଁ ଗତିରେ ସର୍କସ ମ୍ୟାନେଜରଙ୍କ ଆଡ଼କୁ ଧାଇଁଗଲେ । ଯୁହୁଁ ଯୁହୁଁ ମ୍ୟାନେଜରଙ୍କୁ ଆପଣା ଟିକେଟ ଦେଖାଇ ପ୍ରାଇଜ୍‌ଟିଏ ଧରି ଦ୍ରୁତ ଗତିରେ ପଳାଇ ଗଲେ । ଆମେ ପୁରସ୍କାର ବିତରଣ ଶେଷ ପର୍ଯ୍ୟନ୍ତ ନିଜ ସ୍ଥାନରେ ବସି ରହିଥିଲୁ । ନିରାଶା ଓ ବିରକ୍ତିରେ ଜର୍ଜରିତ ହୋଇ ଧୀରେ ଧୀରେ ଗେଲେରିରୁ ଓହ୍ଲାଇ ବାହାରକୁ ଆସିଲୁ । ବାହାରେ ବସନ୍ତଙ୍କୁ ଖୋଜି ନିରାଶ ହେଲୁ । ଅନ୍ଧାର ରାତିରେ କଟକ ସହରର ନାନା ଗଳି ଭିତର ଦେଇ ହଷ୍ଟେଲରେ ପହଞ୍ଚିଲାବେଳକୁ ମଧ୍ୟରାତ୍ର !

କେତେଦିନ ପରେ ବସନ୍ତ ନିଜେ ଏ ରହସ୍ୟର ଉଦ୍‌ଘାଟନ କରି କହିଲେ ଯେ, ଲଟେରି ଟିକେଟଗୁଡ଼ିକୁ ସେ ନିଜ ପାଖରେ ରଖି ସର୍କସ ଦେଖିବା ଟିକେଟଗୁଡ଼ିକ ଆମକୁ ଧରାଇ ଦେଇଥିଲେ । ଘଟଣାଟି ଆମ୍ଭମାନଙ୍କ ଭିତରେ ବହୁ ହାସ୍ୟ ସୃଷ୍ଟି କରିଥିଲା ସତ; ମାତ୍ର ଆମ ଭିତରୁ କେହି କେହି ନୀତିବାଗୀଶ ତାଙ୍କୁ ଏହି ଆଚରଣ ପାଇଁ ଅନେକ ଦିନ ଯାଏ କ୍ଷମା କରିପାରିନଥିଲେ । ପୁରସ୍କାରର ମୂଲ୍ୟ ଦଶଟଙ୍କା ଥିଲା । ଅର୍ଥ ହିସାବରେ ଏହା ଯେତେ କମ୍ ବା ବେଶୀ ହେଉନା କାହିଁକି ସ୍ୱଭାବତଃ ଏହା ତ ଶଠତା, ବିଶ୍ୱାସଘାତକତା ଆଉ କେତେ କଣ ଅପରାଧ ବୋଲି ବିବେଚିତ ହେବା କଥା । ମାତ୍ର ସେହି ଶଠ ଆଚରଣ ଯୋଗୁଁ ହିଁ ବସନ୍ତ ମୋର ଅଧିକ ପ୍ରିୟ ହୋଇ ପାରିଲେ । ଏସବୁକୁ Penal code ବା Moral codeର ନିୟମରେ ବିଚାର କରିବାକୁ ଯାଇ ମଣିଷ ମଣିଷ ପାଖରେ ଚିରଦିନ ଅଜଣା ହୋଇ ରହିଛି । ଏହି ନ୍ୟାୟରେ ଆମ୍ଭମାନଙ୍କର ପ୍ରିୟ ଶ୍ରୀକୃଷ୍ଣ ଚୋରିଠାରୁ ଆରମ୍ଭ କରି Outraging modesty, Murder, Cheating, Cruelty to animal ଇତ୍ୟାଦି କେଉଁ ଅପରାଧ କରି ନାହାନ୍ତି ? ମନୁଷ୍ୟର ସାଧାରଣ ଚେତନା ଓ ବିଚାରବୁଦ୍ଧିର ଊର୍ଦ୍ଧ୍ୱରେ ଏପରି କିଛି ଅଛି ଯାହା ଅନ୍ତରର ନିର୍ଜନ ମିଳନ କକ୍ଷ ଭିତରକୁ ସମସ୍ତଙ୍କୁ ଆହ୍ୱାନ କରେ । ମୋର ମନେହୁଏ ଉପରୋକ୍ତ ଘଟଣାଟା ମୋ ଅନ୍ତରର ଗୋପନ ଅନ୍ତଃପୁରର ରୁଦ୍ଧଦ୍ୱାରରେ ପ୍ରଥମ ଆଘାତ ଦେଇ ଭବିଷ୍ୟତର ସୁହୃଦନଙ୍କୁ ବସନ୍ତଙ୍କ ପାଇଁ ଦ୍ୱାର ଖୋଲି ଦେଇଥିଲା ।

ମୁଁ ବି. ଏ. ପାଶ୍ କରି ଓ ଦୁଇବର୍ଷିଆ ଆଇନ କୋର୍ସ ସମାପ୍ତକରି ବାରିପଦା ହାଇସ୍କୁଲରେ ଅସ୍ଥାୟୀ ଭାବରେ ଶିକ୍ଷକତା କରୁଥିଲି । ବସନ୍ତ ମଧ୍ୟ କିଛିଦିନ ସେଠାରେ ଶିକ୍ଷକତା କରିଥିଲେ । ୧୯୪୧-୪୨ ମସିହା ବେଳକୁ ମୟୂରଭଞ୍ଜ ମହାରାଜାଙ୍କ ନବଗଠିତ ସେକ୍ରେଟାରିଏଟରେ ବସନ୍ତ ଶିକ୍ଷାବିଭାଗ ପବ୍ଲିସିଟି ଅଫିସର ଭାବରେ ଓ ମୁଁ ପଲିଟିକାଲ ସେକ୍‌ସନ୍‌ରେ ଯୋଗ ଦେଇଥିଲୁ । ମୁଁ ପଠାଇଥିବା ଡ୍ରାଫ୍ଟ ସେକ୍ରେଟାରିଙ୍କ ପାଖକୁ ସେକ୍‌ସନ୍‌ର ହେଡ୍ ଆସିଷ୍ଟାଣ୍ଟ୍, ସୁପରିଣ୍ଟେଣ୍ଡେଣ୍ଟ ଓ ଆସିଷ୍ଟାଣ୍ଟ୍ ସେକ୍ରେଟାରିଙ୍କ ମାଧ୍ୟମରେ

Digitized by srujanika@gmail.com

ମାଉଥିଲି । ସେମାନେ ମୋ ନୋଟ୍‌କୁ କଟାକଟି କରିବା ସଙ୍ଗେ ସଙ୍ଗେ ନାକ ଟେକୁଥିଲେ । ମୋତେ ଭାରି ଖରାପ ଲାଗୁଥିଲା । ଏତିକିବେଳେ 'ରେଭେନ୍‌ସାଭିଆନ'ରେ ମୋର ଇଂରାଜୀ ଲେଖାଟିଏ ପ୍ରକାଶିତ ହୋଇଥିଲା । ସେଇଟି ଡାକଯୋଗେ ମୋ ପାଖରେ ପହଞ୍ଚିବା ପରେ ମୁଁ ବସନ୍ତଙ୍କୁ ଦେଖାଇଲି । ବସନ୍ତ ମୋତେ ନାକ ଟେକୁଥିବା କର୍ମଚାରୀଙ୍କ ଆଗରେ ତାହା ଥୋଇ ମୋର ଲେଖା ଶୈଳୀ ଆଦିର ଏପରି ପ୍ରଶଂସା କଲେ, ଯାହା ସେମାନଙ୍କୁ ସବୁଦିନ ପାଇଁ ଚୁପ୍ କରିଦେଲା ।

ସେବର୍ଷ ମୟୂରଭଞ୍ଜ ମହାରାଜାଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ମହାରାଜାଙ୍କ ଜନ୍ମଦିନ ପରିଚାଳନା କମିଟି ଗୋଟିଏ ନାଟକପ୍ରତିଯୋଗିତା କରିବାକୁ ଘୋଷଣା କରିଥାନ୍ତି । ଶ୍ରେଷ୍ଠ ବିବେଚିତ ନାଟକ ପାଇଁ ଏକଶତ ଟଙ୍କା ପୁରସ୍କାର ମଧ୍ୟ ଘୋଷିତ ହୋଇଥାଏ । ଆଗରୁ ନାଟକ ରଚନା କରି ମଞ୍ଚସ୍ଥ କରାଇବାର ଅଭିଜ୍ଞତା ଥିବା ମହେଶବାବୁ ସେଥର ସାମାଜିକ ନାଟକ ଖଣ୍ଡିଏ ଲେଖୁଥାନ୍ତି । ମାତ୍ର ନାଟକଟିର ଭାଷା ମୋତେ ଉତ୍ସାହିତ କରି ପାରିନଥିଲା । ଓଡ଼ିଆରେ ସେତେବେଳକୁ ପୌରାଣିକ, ଐତିହାସିକ ଓ ଗୀତିନାଟ୍ୟ ଛଡ଼ା ସାମାଜିକ ନାଟକ ଲେଖା ହୋଇଥିବା କଥା ମୋତେ ଜଣାନଥିଲା ; ମାତ୍ର କଲିକତାର ମଞ୍ଚଗୁଡ଼ିକରେ କେତୋଟି ସାମାଜିକ ନାଟକ ଦେଖି ମୁଁ ମୁଗ୍ଧ ହୋଇଥିଲି । ତା ସାଙ୍ଗରେ ଭାବପ୍ରବଣତାବର୍ଜିତ ବର୍ଣ୍ଣାଡ଼ଶଙ୍କ କେତୋଟି ନାଟକ ମୋତେ ପ୍ରଭାବିତ କରିଥିଲା । ମୁଁ ଗୋଟାଏ ନୂଆ ଶୈଳୀର ନାଟକ ଲେଖିବାକୁ ଆରମ୍ଭ କଲି । ନାଟକଟିର ନାମ ଦିଆଯାଇଥିଲା 'ଅଭିନବ ନାଟକ' । ବସନ୍ତ ତାହା ଶୁଣିବା ପରେ ପାଞ୍ଚଜଣଙ୍କ ଆଗରେ ବ୍ୟଙ୍ଗ ବିଦ୍ରୂପ କରି କହିଲେ ଓ ପ୍ରତିଯୋଗିତାରେ ନାଟକଟି ଭାଗ ନେବ ବୋଲି ଜିଦ୍ ଧରି ବସିଲେ । ଏହି ନାଟକଟି କେତେଜଣଙ୍କ ଦ୍ୱାରା ସମାଲୋଚିତ ହେଲା ତ ଆଉ କେହି ଆଧୁନିକ ରୁଚିସଂପନ୍ନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ରିହର୍ସେଲ ବେଳେ । ଏଇଥିରୁ କଳି ଉପୁଜି ହାତାହାତି ପର୍ଯ୍ୟନ୍ତ କଥା ଗଲା । ଶେଷରେ ମିଳାମିଶାର ଦାୟିତ୍ୱ ଦିଆଗଲା ଜନ୍ମଦିନ କମିଟିର ଜଣେ ବରିଷ୍ଠ ସଭ୍ୟ ତତ୍କାଳୀନ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ । ସେ ଚତୁରତାର ସହ 'ଅଭିନବ ନାଟକ' ପାଇଁ ଶହେ ଟଙ୍କିଆ ପୁରସ୍କାର ଘୋଷଣା କରି ସମୟର ସ୍ୱଳ୍ପତା ହେତୁ ନାଟକ ମଞ୍ଚସ୍ଥ କରିବା ସମ୍ଭବ ନୁହେଁ ବୋଲି ନିଷ୍ପତ୍ତି ନେଲେ । ଅଧିକ ମଞ୍ଚୋପଯୋଗୀ ରୂପେ ବିବେଚିତ ହୋଇ ନାଟକ 'ସବ୍ୟସାଚୀ' ମଞ୍ଚାଭିନୟର ନିର୍ଦ୍ଦେଶ ଲାଭ କଲା ।

ବସନ୍ତ ଓ ମୁଁ ଦୁଇ ମର୍ମାହତ ଅନ୍ତରଙ୍ଗ ଆମର ମନ୍ତ୍ରଣାଗାର ସେକ୍ରେଟାରିଏଟର ପବ୍ଲିସିଟି ଅଫିସ୍‌ରେ ମିଳିତ ହେଲୁ । ବହୁ ପରିମାଣରେ ନ ହେଲେ ବି ଚାଣକ୍ୟଙ୍କର କିଛି ପ୍ରତିଭା ବସନ୍ତଙ୍କଠାରେ ଥିବା ସମ୍ଭବ ବୋଲି ମୁଁ କଲେଜ ଜୀବନରୁ ତାଙ୍କ ଚାଲିବା ଢଙ୍ଗରୁ ଅନୁମାନ କରିଥିଲି । ସେଦିନ ତା'ର ପ୍ରଥମ ପରିଚୟ ମିଳିଥିଲା । ସେହି ପ୍ରତିଭାର

Digitized by srujanika@gmail.com

ବହୁ ପରିଚୟ ପରବର୍ତ୍ତୀ ସମୟରେ ମିଳିଥିଲା । ଏପରିକି ମୟୂରଭଞ୍ଜର ଘୋର ସଂକଟ-ଜନକ ପରିସ୍ଥିତିବେଳେ ରାଜ୍ୟର କଟନୈତିକ ବ୍ୟାପାରର ଆଲୋଚନାରେ ଭାଗନେବା ପାଇଁ ବିଶ୍ୱାସ ଭାଜନ କର୍ମଚାରୀ ଭାବରେ ରାଜ୍ୟର ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସଙ୍କ ସହିତ ଉପଦେଷ୍ଟା ଭାବରେ ଦିଲ୍ଲୀ ଯାଇଥିଲେ ଭାରତର ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇଙ୍କ ପାଖକୁ ।

ନନ୍ଦ ବଂଶକୁ ଧ୍ୱଂସ କରିବାର ଆବଶ୍ୟକତା ବସନ୍ତଙ୍କ ଜୀବନରେ ଆସି ନଥିଲା; କିନ୍ତୁ ଆଜି ସେ କୁଶାଙ୍କୁର ବିଦ୍ଧ ପାଦର ଯନ୍ତ୍ରଣା ଉପଶମ ପାଇଁ କିଛି ପ୍ରତିଶୋଧର ଚିନ୍ତା ନ କଲେ ଚଳୁ ନାହିଁ । ସେହି ପ୍ରେରଣାରେ ବସନ୍ତ କଲମ ଧରି ଲେଖିଲେ ଏକ କ୍ଷୁଦ୍ର ନାଟକ 'ଗଜଉଦ୍ଧାର' । ସ୍ଥାନ-ଆଖଡ଼ାଘର, କାଳ-ରାତ୍ରି, ପାତ୍ର-ନାଟ୍ୟକାର ଓ ଅଭିନେତା-ବୃନ୍ଦ ଏବଂ ଦର୍ଶକଗଣ, ରଚନା-ନାରଦ, ସଂଯୋଜନା-ବ୍ରହ୍ମା ।

ଯଥା ସମୟରେ ମଞ୍ଚସ୍ଥ ହେଲା ନାଟକ 'ସବ୍ୟସାଚୀ' । ସମସ୍ତଙ୍କ ଦୃଷ୍ଟି ମହାରାଜାଙ୍କ ଉପରେ । କଲିକତା, ଲଣ୍ଡନ, ପ୍ୟାରିସ୍ ପ୍ରଭୃତି ସହରର ବିଖ୍ୟାତ ଥିଏଟରମାନଙ୍କରେ ଅଭିନୟ ଦେଖିଥିବା ମହାରାଜା ଏ ନାଟକ ଦେଖି ହର୍ଷିତ ହେବେ ନାହିଁ ସମସ୍ତଙ୍କୁ ଜଣାଥିଲା । ମୁଖ୍ୟ ନାଟକ ପରେ 'ଗଜଉଦ୍ଧାର' ଆରମ୍ଭ ହେଲା । ସେହି ମାତ୍ର ଅଭିନୀତ ହୋଇଥିବା ନାଟକର ଅଭିନେତା ଓ ଉଦ୍ୟୋକ୍ତାମାନଙ୍କ ପଛ ଅନ୍ତରାଳର ଆଚରଣକୁ ଉପସ୍ଥାପିତ କରିବାକୁ ଏହି ନାଟକ ଉଦ୍ଦିଷ୍ଟ ଥିବାରୁ ମହାରାଜାଙ୍କ ଗମ୍ଭୀର ମୁଖମଣ୍ଡଳରେ ଆଗ୍ରହ ଓ କୌତୂହଳ ଦେଖାଦେଲା । ଦୃଶ୍ୟ ପରେ ଦୃଶ୍ୟ ଗଡ଼ିଲା । ସବୁ ଚିହ୍ନା ମଣିଷ । ତାଙ୍କରି ସୁରେଶ, ତାଙ୍କରି କୈଳାଶ, ତାଙ୍କରି ବସନ୍ତ । ମହାରାଜା ରାଜକୀୟ ଗାମ୍ଭୀର୍ଯ୍ୟ ଭୁଲି ଚଞ୍ଚଳ ହେଲେ । କ୍ଷେତ୍ରମୋହନ କର୍ମୀଙ୍କୁ ଖୋଜି ଆଣିବାକୁ ଲୋକ ପଠାଗଲା । କ୍ଷେତ୍ରମୋହନ କର୍ମୀ ଗୋଟାଏ ବ୍ୟବସାୟ ସଂସ୍ଥା ନୁହେଁ, ଜଣେ ସିନେମା ମାଲିକ, ବହୁ-ଗୁଣସମ୍ପନ୍ନ ବ୍ୟକ୍ତି । ରାଜାଙ୍କର ପ୍ରିୟ । ସେ ଦର୍ଶକ ଭାବରେ ଗହାର୍ଗେଲକୁ ଆସୁଥିବାରୁ ତାଙ୍କ ଚରିତ୍ରଟି ନାଟକରେ ସନ୍ନିବେଶିତ ହୋଇଥିଲା । ଅଭିନେତା ଥିଲେ ବସନ୍ତ ନିଜେ । ସେ ନିଜେ ଆସି ମହାରାଜାଙ୍କ ପାଖରେ ପହଞ୍ଚିବା ବେଳକୁ ମଞ୍ଚ ଉପରେ ତାଙ୍କ ଚରିତ୍ରରେ ବସନ୍ତ । ଅବିକଳ ସେହିପରି ଚାଲି, ସେହି ବେଶ; ବାଡ଼ି, ପଗଡ଼ି, ସେଇଭଳି ବାବୁସାହି ଭାଷା, ସେଇ ବଦାନ୍ୟ ବ୍ୟବହାର । ଆଖଡ଼ାକୁ ଯେମିତି ଆସନ୍ତି ସିଗାରେଟ କେଶ୍ ଖୋଲି ସେମିତି କହନ୍ତି, "ଧରନ୍ତୁନା ଗୁଟେ । ଆଉ ଫଣ୍ଡ୍ରେ ନେବେ ହେନେ, ନଉନ୍ ।" କର୍ମୀ ନିଜେ ଏକଥା ଭାବି ନଥିଲେ । ମହାରାଜା! ହସି ହସି ଲଟାପଟା ହୋଇ ଗଦି ଉପରେ ଗଡ଼ପଡ଼ି କହିଲେ, "କର୍ମୀଜୀ, ଏଇଟା ତ ତୁମେ ହୋ । ଏଟା ଆମର ବସନ୍ତ ନା ?" ଏ ଖବର ଚାରିଆଡ଼େ ଖେଳିଗଲା । ସେତେବେଳକୁ ମହାରାଜା ଜାଣି ପାରିଥିଲେ 'ଗଜଉଦ୍ଧାର'ର ନାଟ୍ୟକାର ନାରଦ ହେଉଛନ୍ତି ତାଙ୍କର ପବ୍ଲିସିଟି ଅଫିସର ବସନ୍ତ ଶତପଥୀ । ବସନ୍ତ କହିଚାଲିଛନ୍ତି, "ବୁଝିଲେ ନା ଆଜ୍ଞା ! ଦେଖିବେ ହେନେ ଦେଖିବେ, ଲୀନା ଚିତ୍ରନସ୍‌ର ଏକଟିକ୍‌ଟା । ଆସନ୍ତୁ ନା ସବେ ଆମ ସିନେମାକୁ ।" ମହାରାଜା ହସିହସି

Digitized by srujanika@gmail.com

ଅସମ୍ଭାଳ । ବସନ୍ତ ଅନ୍ୟମାନଙ୍କୁ କୁହାଇ ନ ଦେଇ ମନଇଚ୍ଛା କହି ଚାଲିଛନ୍ତି ସଂଳାପ । ଦର୍ଶକମାନେ ମଧ୍ୟ ଉଚ୍ଛୁଳା । ସେମାନେ ମହାରାଜାଙ୍କ ପାଖରେ ପହଞ୍ଚି ଯାଉଥିଲେ ରାଜା-ପ୍ରଜାର ଭେଦ ଭୁଲି । ତା' ପରେ ପରେ ବସନ୍ତ ବ୍ରଜଗୋପାଳ ଘୋଷାଲଙ୍କ ଭୂମିକାରେ ଅଭିନୟ କରି ଚାଲିଲେ । ଅନ୍ୟ ଅଭିନେତାମାନେ ନିସ୍ତବ୍ଧ ହୋଇଗଲେ, ଭୂତଗ୍ରସ୍ତ ବା Possessed ହୋଇ ଯାଇଥିଲେ ସେ । ଗାଇଲେ ଗୀତ ଗାଇଲି ଠାରୁ ମାନସିଂ ପର୍ଯ୍ୟନ୍ତ । ଅଭିନୟର ସମସ୍ତ ଅସଂଲଗ୍ନ ଓ ଅସଙ୍ଗତ ସତ୍ତ୍ୱେ ସେଦିନ ନିଗୂଢ଼ ଅନ୍ତରରୁ ଏପରି ଏକ ସୃଜନୀଶକ୍ତିର ସ୍ଫୁରଣ ଘଟିଥିଲା, ଯାହା କର୍ଦ୍ଦମମୟ ସରୋବରରେ ପଦ୍ମ ଫୁଟାଇ ପାରେ । ଏହାହିଁ ବୋଧହୁଏ ତାଙ୍କର ପ୍ରଥମ ଯଥାର୍ଥ ସାହିତ୍ୟ କୃତି ଓ ସେଦିନର ଅଭିନୟ ତାଙ୍କ ଯଥାର୍ଥ ସାହିତ୍ୟିକ କୃତିର ଉନ୍ମେଷ । ତାଙ୍କର ସେହି ରସମୟ ସଂଳାପ ରାଜା ପ୍ରଜା ଭିତରେ, ଅଭିନେତା ଓ ଦର୍ଶକ ଭିତରେ ସମସ୍ତ ବାହ୍ୟ ଶୃଙ୍ଖଳାର ବାଧାକୁ ଉଲ୍ଲଙ୍ଘନ କରି ଏପରି ଏକ ସହୃତତ୍ୱ ବା togetherness ସୃଷ୍ଟି କରି ପାରିଥିଲା, ତାହାହିଁ ତ ବୋଧହୁଏ ସାହିତ୍ୟର ମୂଳ ଅର୍ଥର ଯଥାର୍ଥ ପରିପ୍ରକାଶ ।

ତାଙ୍କ ସହିତ ମୋର ବାଟଘାଟରେ ଯେଉଁଠି ଭେଟ ହୋଇଛି ତାହା ମୋ ମନରେ ରସାଳ ଗପ ପଢ଼ିବାର ଅନୁଭୂତି ଦେଇଛି । ସେ ଚାଲିଯିବା ପରେ ଘଣ୍ଟା ଘଣ୍ଟା ଧରି ଭାବେ ଆଉଥରେ ପୁଣି କେବେ ଦେଖାହେବ ? Comedy ବା Tragedy ପଢ଼ିଲେ ଠିକ୍ ଯେମିତି ଲାଗେ । ଅପରକୁ ଥଟ୍ଟା ପରିହାସ କରି ଚାଲିଥିଲେ ବି ତାଙ୍କ ଅନ୍ତର ଯେ ଅତି କୋମଳ ଏବଂ ତାଙ୍କ ଅନୁଭବ ଶକ୍ତି ଯେ ଅତି ତୀକ୍ଷ୍ଣ ମୁଁ ଜାଣେ । ସେହି କାରଣରୁ ମୁଁ କେବେହେଲେ ମୋର କୌଣସି ଦୁଃଖ ତାଙ୍କୁ ଜଣାଏ ନାହିଁ । ମୋର ଭୟ ହୁଏ, ମୋତେ ସାନ୍ତ୍ୱନା ଦେବାବେଳେ କାଳେ ତାଙ୍କ ନିଜର ଶୋକ ସମୁଦ୍ର ଉଚ୍ଛୁଳି ଉଠିବ । ମୋ ସ୍ତ୍ରୀର ମୃତ୍ୟୁ ଖବର ପାଇ ସେ ବାଲେଶ୍ୱରରୁ ପହଞ୍ଚିଲେ ଆମ ବାରିପଦା ଘରେ । ମୋର ଶୋକାଭିଭୂତ ସନ୍ତାନମାନଙ୍କୁ ସେ ହସାଇ ଦେଇ ପାରିଥିଲେ । ମୁଁ ଓ ପିଲାମାନେ ଯଥେଷ୍ଟ ସାନ୍ତ୍ୱନା ପାଇଥିଲୁ । ତାହିଁ ପୂର୍ବରୁ ଆସିଥିବା ଆତ୍ମୀୟ ଓ ବନ୍ଧୁମାନେ ଆମକୁ ଯେଉଁ ସାନ୍ତ୍ୱନା ଦେଇଥିଲେ ତାହା ଆମକୁ ବିବ୍ରତ କରିଥିଲା । ବସନ୍ତ ଆମକୁ ସଞ୍ଜୀବିତ କରି ଦେଇଥିଲେ । କେଡ଼େ ଅନିର୍ବଚନୀୟ କ୍ଷମତାର ଅଧିକାରୀ ସତରେ ସେ !

ବସନ୍ତଙ୍କୁ ମୁଁ ଭଲପାଏ ଏ କଥା ମୋ ଅନୁଭୂତିରୁ କହି ପାରିବି । ସେ ଯେ ମୋତେ ଭଲ ପାଆନ୍ତି ତା'ର ଏକମାତ୍ର ପ୍ରମାଣ ମୋ ମନ ତାଙ୍କୁ ବିଶ୍ୱାସ କରିଛି । ନ ହେଲେ ଅନ୍ତରରେ ଆଘାତ ଲାଗନ୍ତା । ବସନ୍ତଙ୍କର ଅଶୀବର୍ଷ ବୟସ ହେଲା, ମୋର ବୟାଶୀ । ଏଧରି ଅନ୍ତର ଦେଇ ହସି ପାରୁଥିବା ବନ୍ଧୁ ମୋର ନାହିଁ, ଶେଷରେ ମୁଁ ତାଙ୍କର ଦୀର୍ଘ ଜୀବନ କାମନା କରେ ବୋଲି କହି ଠକାଇବାକୁ ଇଚ୍ଛା କରୁନାହିଁ । କାରଣ ମୋ ଇଚ୍ଛାରେ ବିଶ୍ୱ ବ୍ୟବସ୍ଥା ବଦଳି ଯିବ ବୋଲି ମୁଁ ଭାବେ ନାହିଁ । ମୁଁ କାମନା କରୁଛି ଯେ ତାଙ୍କର ଶେଷଦିନ ପର୍ଯ୍ୟନ୍ତ ଏମିତି ହସି ହସି ବଞ୍ଚନ୍ତୁ । ତାଙ୍କ ରସାଳ ମନ ତାଙ୍କର ଚିର ସାଥୀ ହୋଇଥାଉ ।

—*—

Digitized by srujanika@gmail.com

# ବସନ୍ତ ବାବୁ : ମୁଁ ତାଙ୍କୁ ଯେପରି ଜାଣିଛି

ସୁରେଶ ଚନ୍ଦ୍ର କର

ବସନ୍ତ ବାବୁ ଆଜି ପରିଣତ ବୟସରେ । ତାଙ୍କ ପୃଷ୍ଠଦେଶରେ ଚାରିକୋଡ଼ି ବର୍ଷର ଜୀବନସମ୍ଭାର—ନାନା ଅଭିଜ୍ଞତା ଓ ଅନୁଭୂତି ସମ୍ବଳିତ, ଅସଂଖ୍ୟ ଘଟଣାର ଘାତ-ପ୍ରତିଘାତ ନେଇ ଗ୍ରୀଷ୍ମାଲୋକର ଲୀଳାମୟ ବୈଚିତ୍ର୍ୟ ବିଭବରେ ବର୍ଣ୍ଣାଢ଼୍ୟ । କିନ୍ତୁ ବୟସର ଭାରରେ ସେ ନଇଁପଡ଼ି ନାହାନ୍ତି, ସ୍ୱାସ୍ଥ୍ୟରେ ବିଶେଷ ବ୍ୟତିକ୍ରମ ଆସିନାହିଁ । ମନ ତରୁଣ ସୁଲଭ ଶକ୍ତିରେ ଦୀର୍ଘ ଯାତ୍ରାର ସମସ୍ତ କ୍ଳାନ୍ତି ପରିହାର କରି ଆଜି ବି ସତେଜ ଓ ରସୋଚ୍ଛଳ । ଆଜି ବି ବସନ୍ତବାବୁ କର୍ମକ୍ଷମ, ସାଧନାରତ ଓ ହାସ୍ୟାମୋଦର ଉତ୍ସ ।

ବସନ୍ତବାବୁଙ୍କ ସହିତ ମୋର ପରିଚୟ ଅନେକଦିନର । ଆମ ଗାଁ ପାଖ ପାଣ୍ଡଡ଼ା (ଉମାଦେଈପୁର ଶାସନ) ତାଙ୍କର ଜନ୍ମ ସ୍ଥାନ । ତାଙ୍କ ବାପା ଭୋଳାନାଥ ଶତପଥୀ ଥିଲେ ଆମ କୁଳ ପୁରୋହିତ । ତେଣୁ ତାଙ୍କ ପରିବାରର ସମସ୍ତଙ୍କୁ ଆମେ ଜାଣିଥିଲୁ । ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଛୁଟିରେ ମୋର ମାତୃ ଶ୍ରାଦ୍ଧ ପଡ଼େ । ସେଦିନଟି ଆସିଗଲେ ମୁଁ ଯାଏ ତାଙ୍କ ଘରକୁ, ତାଙ୍କ ବାପାଙ୍କୁ ନିମନ୍ତ୍ରଣ କରି ଆସେ । ଶ୍ରାଦ୍ଧ କାର୍ଯ୍ୟ ପରେ ଖିଆପିଆ ସାରି ସାରା ଖରାବେଳଟା ଆମରି ଘରେ ତାଙ୍କୁ କଟାଇବାକୁ ପଡେ । ଗାଁ ପିଲାଏ ଆସି ଆମ ଘରେ ଭିଡ଼ ଜମାନ୍ତି ପୁରୋହିତଙ୍କ କଥା ଶୁଣିବା ପାଇଁ । ତାଙ୍କ କଥା କହିବାର ଭଙ୍ଗୀ ଓ ବିଚକ୍ଷଣ ବର୍ଣ୍ଣନାରେ ସମସ୍ତେ ହସରେ ଲୋଟିପଡ଼ନ୍ତି । ବେଳେବେଳେ ତାଙ୍କ ଘରକଥା, ତାଙ୍କ ପରିବାରର ସମସ୍ତଙ୍କ କଥା ମଧ୍ୟ ଆଲୋଚିତ ହୁଏ । ଏଇ ହେତୁରୁ ବସନ୍ତବାବୁ ମୋତେ ଜାଣିବାର ବହୁତ ଆଗରୁ ମୁଁ ତାଙ୍କୁ ଜାଣିଥିଲି । ମୁଁ ଯେତେବେଳେ ପାଣ୍ଡଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର, ବସନ୍ତବାବୁ ସେତେବେଳେ ରେଭେନ୍‌ସା କଲେଜରେ । ବିହାର-ଓଡ଼ିଶାର ଗୋଟିଏ ବିଶ୍ୱବିଦ୍ୟାଳୟ ସେତେବେଳେ 'ପାଟନା' । ବସନ୍ତବାବୁ ମ୍ୟାଟ୍ରିକୁଲେସନ ପରୀକ୍ଷାରେ ପାଟନା ବିଶ୍ୱବିଦ୍ୟାଳୟର ଜଣେ ପ୍ରତିଭାଶାଳୀ କୃତୀଛାତ୍ର ରୂପେ ଗୌରବ ଅର୍ଜନ କରିଥିଲେ । ଘରେ ଘରେ ତାଙ୍କର ନାମ ବେଶ୍ ଜଣାଶୁଣା ଥିଲା । ଛୁଟି ଦିନ ହେଲେ ସେ ଗାଁରେ ରହୁଥିଲେ । ଗାଁରେ ଥିଏଟର, ଯାତ୍ରା କରିବା, ଗାଁ ସ୍କୁଲର

Digitized by srujanika@gmail.com

ପିଲା ଓ ଶିକ୍ଷକମାନଙ୍କୁ ନେଇ ବୁଲାବୁଲି କରିବା ଓ ସନ୍ଧ୍ୟାରେ ସ୍କୁଲକୁ ଆସି ପିଲାଙ୍କୁ ଇଂରାଜୀ ପଢ଼ାଇବା ଇତ୍ୟାଦିରେ ତାଙ୍କର ଛୁଟିଦିନଗୁଡ଼ିକ କଟିଯାଉଥିଲା । ମୋର ଆଜି ପରିଷ୍କାର ମନେପଡ଼ୁଛି ଇଂରାଜୀରେ am, is, are ପ୍ରଭୃତିର ବ୍ୟବହାର ମୁଁ ତାଙ୍କର ପାଖରୁ ପ୍ରଥମେ ଶିଖି ପାରିଥିଲି । ଆଜି ସେଇ ଶିକ୍ଷା ହିଁ ହେଲା ମୋର ଇଂରାଜୀ ଶିକ୍ଷାର ମୂଳଭିତ୍ତି । ଏହିପରି ନାନା ଦିଗରୁ ଆମେ ତାଙ୍କର ନିକଟସ୍ଥ ହୋଇ ଯାଉଥିଲୁ । ଏପରିକି ଖେଳ ପଡ଼ିଆରେ ଫୁଟବଲ୍ ଖେଳିବାବେଳେ ମଧ୍ୟ ଆମେ ପିଲାମାନେ ଯୋଗ ଦେଉଥିଲୁ । ସେତେବେଳେ ବସନ୍ତବାବୁ ଜଣେ ଉଦୀୟମାନ ତରୁଣ ଗ୍ରାଜ ରୂପେ ଅନେକ ସମ୍ଭାବନା ଓ ଆଶା ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ।

ବସନ୍ତବାବୁଙ୍କ ଦୀର୍ଘ ଜୀବନରେଖାର କେତେକାଂଶକୁ ବାଦ୍ ଦେଲେ ଅଧିକାଂଶ ମୋ ନିକଟରେ ସ୍ପଷ୍ଟ । ପାଇକଡ଼ାରେ ଉଚ୍ଚ ପ୍ରାଥମିକ ଶ୍ରେଣୀର ଶିକ୍ଷା ମଧ୍ୟ ଇଂରାଜୀ ସ୍କୁଲ ଓ ତା'ପରେ ବାରିପଦା ହାଇସ୍କୁଲକୁ ମୁଁ ପଢ଼ିବାକୁ ଆସିଲି । ବସନ୍ତବାବୁ ଯେଉଁ ବର୍ଷ ରେଭେନ୍‌ସା କଲେଜରୁ ଇଂରାଜୀରେ ଏମ୍.ଏ. ପାଶ୍ କଲେ ଆମେ ସେତେବେଳେ ଦଶମ ଶ୍ରେଣୀରେ । ଜଣେ ଇଂରାଜୀ ଶିକ୍ଷକ ରୂପେ ବାରିପଦା ହାଇସ୍କୁଲରେ ତାଙ୍କୁ ଗୋଟିଏ ଅସ୍ଥାୟୀ ନିଯୁକ୍ତି ମିଳିଲା । ସେ ଆମକୁ ପଢ଼ାଇବାକୁ ଆସିଲେ ଇଂରାଜୀ ପଦ୍ୟ-ସାହିତ୍ୟ । ମୋର ମନେ ଅଛି ସେ କିପରି ଆମକୁ ପଢ଼ାଉଥିଲେ—"The Pied Piper of Hemlin" ମଝେ ମଝେ କିଛି କିଛି ନୋଟ୍ ଦେଉଥାନ୍ତି । ସୁନ୍ଦର, ବଳିଷ୍ଠ ଭାଷା । ଆମକୁ ଭାରି ଭଲ ଲାଗୁଥାଏ । ତା'ପରେ ଅଳ୍ପ କେତେଦିନ ବିତିଗଲା, ମହାରାଜା ତାଙ୍କୁ ପଠାଇଲେ କଲିକତାକୁ 'Journalism' ଟ୍ରେନିଂ ପାଇଁ । ଟ୍ରେନିଂ ପରେ ସେ ନିଯୁକ୍ତି ପାଇଲେ 'Publicity Officer' ପଦରେ । ସେଥି ସଙ୍ଗେ ସଙ୍ଗେ ତାଙ୍କୁ 'ଭଞ୍ଜ-ପ୍ରଦୀପ'ର (ମୟୂରଭଞ୍ଜର ବିଖ୍ୟାତ ସାହିତ୍ୟ ପତ୍ରିକା) ସମ୍ପାଦକ ହେବାକୁ ମଧ୍ୟ ପଡ଼ିଥିଲା । 'ଭଞ୍ଜ-ପ୍ରଦୀପ'ର ପ୍ରତ୍ୟେକଟି ପୃଷ୍ଠା ତାଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ବହନ କରିଥିଲା । ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମୋର ଜୀବନପଥ ଅନ୍ଧକାରମୟ ଓ ଲକ୍ଷ୍ୟହୀନ ହୋଇ ପଡ଼ିଲା । ଯା'ର ଫଳ ସ୍ୱରୂପ ମୁଁ ଭୋଗ କରିଥିଲି ନାନା ପ୍ରକାର ମାନସିକ ନିର୍ଯ୍ୟାତନା । ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ପର୍ଯ୍ୟନ୍ତ ବସନ୍ତବାବୁ ପୂର୍ବୋକ୍ତ ପଦରେ କାର୍ଯ୍ୟରତ ଥିଲେ । ମିଶ୍ରଣ ପରେ ତାଙ୍କୁ Director of Public Relation Orissaଙ୍କର Personal Assistant' ଭାବରେ ସ୍ଥାନାନ୍ତରିତ କରାଗଲା । ପରେ କିନ୍ତୁ ସେ ଇଚ୍ଛାକୃତ ଭାବେ ଇଂରାଜୀ ଅଧ୍ୟାପକ ପଦକୁ ନିଜର ସ୍ଥାୟୀ କର୍ମକ୍ଷେତ୍ର ରୂପେ ଗ୍ରହଣ କରିନେଲେ । ବସନ୍ତବାବୁ ମନେ ପ୍ରାଣେ ସାହିତ୍ୟିକ, ଭାବୁକ । ସାରସ୍ୱତ ସାଧନାର ସ୍ୱାଧୀନ ଓ ମୁକ୍ତ ଚିନ୍ତା ଗୋଟିଏ ଅଫିସ୍‌ର ଫାଇଲ ସ୍ତୂପର ନିଗଡ଼ ମଧ୍ୟରେ ବ୍ୟତିବ୍ୟସ୍ତ ହୋଇ ଉଠିବା ସ୍ୱାଭାବିକ । ପୁରୀ କଲେଜରେ ଇଂରାଜୀ ଅଧ୍ୟାପକ ରୂପେ ସେ ଯୋଗ ଦେଲେ ଓ କିଛିକାଳ ପରେ ବଦଳି ହୋଇ ଆସିଲେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜକୁ

Digitized by srujanika@gmail.com

୧୯୪୮ ମସିହା । ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ଶୁଭ ଉଦ୍‌ଘାଟନ । ସ୍ୱତନ୍ତ୍ର ଘର ନଥିବାରୁ ବାରିପଦା ହାଇସ୍କୁଲରେ ସକାଳଓଳି କଲେଜ ଚାଲିଲା, ତା'ପରେ କଲେଜ ବନ୍ଦ ହେଲେ ସ୍କୁଲ । ମୋପରି ଅନେକଙ୍କର ମ୍ୟାଟ୍ରିକ୍ ପରେ ପଢ଼ାପଢ଼ି ଇତି ହୋଇ ଯାଇଥିଲା ଅର୍ଥାଭାବ ଯୋଗୁଁ । ସେଇମାନେ ବାରିପଦା ସହର ବା ତା' ନିକଟବର୍ତ୍ତୀ ସ୍ଥାନରେ ଚାକିରି କରୁଥାଆନ୍ତି ସେମାନଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ମିଳିଗଲା । ଉଚ୍ଚଶିକ୍ଷା ଲାଭ କରିବାର ମୁମୂର୍ଷୁ ଆକାଂକ୍ଷା ପୁଣି ସଞ୍ଜୀବିତ ହୋଇ ଉଠିଲା । ଦୀର୍ଘ ଆଠ ବର୍ଷର ବିରତି ପରେ ପୁଣି ଛାତ୍ର ଜୀବନ ମୋ ପକ୍ଷରେ ଏକ ଚମତ୍କାର ଅନୁଭୂତି । ମୁଁ ସେତେବେଳେ ବି.ଏ. କ୍ଲାସ୍‌ର ଛାତ୍ର, ବସନ୍ତବାବୁ ପୁରୀ କଲେଜରୁ ବଦଳି ହୋଇ ଏଠାକୁ ଆସିଲେ । କ୍ଲାସ୍‌ରେ ତ ଦେଖାସାକ୍ଷାତ ହେଉଥାଏ, କ୍ଲାସ୍ ବାହାରେ ସନ୍ଧ୍ୟାରେ ବଜାରକୁ ଯିବା ଆସିବାବେଳେ ମଧ୍ୟ ସାକ୍ଷାତ ହୁଏ । କଲେଜ କଥା ପଡ଼େ, ଚାଲୁ ଚାଲୁ ପଠିତ ବିଷୟର ଚର୍ଚ୍ଚା ହୁଏ; ସାର୍‌ଙ୍କ ସାଇକେଲରେ ଥାଏ ବଜାର ଥଳି । ଚାଲି ଚାଲି ଆମେ ଦୁହେଁ ତାଙ୍କ ଘର ପର୍ଯ୍ୟନ୍ତ ଆସୁ । କେଉଁଦିନ ବା, କେଉଁ ଦିନ ବା କିଛି ଭଲ ମନ୍ଦ ହୋଇଥିଲେ ସେଥିରେ ଆପ୍ୟାୟନର ବନ୍ଦୋବସ୍ତ ହୋଇଯାଏ । କଥା କଥାକେ ହସର ପ୍ରବାହ ଛୁଟେ । କଥା କଥାକେ ବିଭିନ୍ନ ଇଂରାଜୀ କବିତାର quotation, ବିଭିନ୍ନ ନାଟକର ସଂଳାପର କିଛି ଅଂଶ । ତାଙ୍କର ଅଦ୍ଭୁତ ସ୍ମରଣ ଶକ୍ତି । ଯେଉଁ quotation ଗୁଡ଼ିକ ସେ କହୁଥିଲେ ସେସବୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ମନେ ରଖିବାର ଯୋଗ୍ୟ । Shakespeareଙ୍କ King Lear ସେତେବେଳେ ଆମର ପଢ଼ାହେଉଥାଏ । ବିଭିନ୍ନ ଚରିତ୍ରଗୁଡ଼ିକର ବୈଶିଷ୍ଟ୍ୟ ପ୍ରକାଶ କରୁଥିବା ଅନେକ quotation ମୁଁ ତାଙ୍କଠାରୁ ଶୁଣି ଶୁଣି ମନେ ରଖିଥିଲି । ଦିନେ ସନ୍ଧ୍ୟାବେଳେ ବଜାର ରାସ୍ତାରେ ସାରଙ୍କର ଦେଖା ମିଳିଲା ନାହିଁ, ମୁଁ ଚାଲିଲି ତାଙ୍କ ବସାକୁ । ଡ୍ରଇଂରୁମ୍‌ରେ ବସିଲି । କିଛିସମୟ ପରେ ସାର୍ ଭିତରୁ ଆସିଲେ । ଆସୁ ଆସୁ କହୁଥିଲେ—"Am I Lear ? Doth Lear walk thus ? Doth Lear talk thus ?" ଇତ୍ୟାଦି ଇତ୍ୟାଦି । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବୋହିଯାଉଥାଏ । କି ଗଭୀର ଅନୁଭୂତି ! କି ମାର୍ମିକ ଉପଲବ୍ଧି ! ସେ ନିଜେ ଯେପରି ବିଦ୍ରୋହୀ କନ୍ୟାଗଣଙ୍କର ପ୍ରତାରଣାର ବିଷଜ୍ୱାଳାରେ ଜର୍ଜରିତ King Lear । ଏହିପରି ଅନେକଦିନର ଅନେକ କଥା ରହିଛି । ମୋର ଛାତ୍ର-ଜୀବନର ଆଦ୍ୟ, ମଧ୍ୟ ଓ ପ୍ରାନ୍ତ ଭାଗର ଦୁରୁ ଏହି ବସନ୍ତବାବୁଙ୍କ ପ୍ରଭାବ ମୋ ଇଂରାଜୀ ସାହିତ୍ୟ ପ୍ରତି ଅନୁରାଗର ପୃଷ୍ଠପଟରେ ଯେ ନ ରହିଛି କିଏ କହିବ ?

—

କଲେଜ ଶିକ୍ଷା ଶେଷ ହେବା ପରେ ମଧ୍ୟ ମୁଁ ସାର୍‌ଙ୍କ ପାଖକୁ ମଝେ ମଝେ ଯାଉଥାଏ । କିଛି ସାହିତ୍ୟିକ ଆଲୋଚନା, ଆଉ କିଛି ଦେଖିବାର ସୁଯୋଗ, ଏହି ଆଶାରେ । କିନ୍ତୁ [illegible] ଶାରୀରିକ ଅସୁସ୍ଥତା,

Digitized by srujanika@gmail.com

ସୁଦୂର ପାରଳାଖେମୁଣ୍ଡିକୁ ବଦଳି, ସ୍ତ୍ରୀ ବିୟୋଗ, ଗୋଟିଏ ପୁଅର ଆକସ୍ମିକ ମୃତ୍ୟୁ ଇତ୍ୟାଦିର ଦୁଃସହ ଆଘାତ ଗୋଟିଏ ପରେ ଗୋଟିଏ ତାଙ୍କୁ ସହ୍ୟ କରିବାକୁ ପଡ଼ିଲା । ବାରିପଦାରୁ ବଦଳି ହେଲା ପରେ ବସନ୍ତବାବୁଙ୍କ ସହିତ ମୋର ପ୍ରତ୍ୟକ୍ଷ ସମ୍ପର୍କ ରହିଲା ନାହିଁ । କେବଳ ଅନୁସନ୍ଧାନ ଦ୍ୱାରା ତାଙ୍କ ସମ୍ପର୍କରେ ଜାଣିପାରୁଥିଲି । "Misfortune comes not inspies but in battalions." ସେକ୍ସପିଅରଙ୍କ ଏହି ଉକ୍ତି ମନେ ପଡ଼ୁଥାଏ । ଏକ ନୀରବ ସହାନୁଭୂତି ଛଡ଼ା ଆଉ କିଛି କରିବାର ନଥିଲା ।

କିଛିଦିନ ଚାଲିଗଲା । ଖବର ନେଇ ଜାଣିଲି ବସନ୍ତବାବୁ ଫକୀରମୋହନ କଲେଜରେ । ମୁଁ ଇଂରାଜୀରେ ଏମ୍.ଏ. ପାସ୍ କରି ଯାଜପୁର ଏନ୍. ସି. କଲେଜରେ ସେତେବେଳେ ଅଧ୍ୟାପକ । ଦିନେ ତାଙ୍କ ପାଖକୁ ଚିଠି ଖଣ୍ଡିଏ ଲେଖିଲି । ନିହାତି ସାଧାରଣ ମାମୁଲି ଚିଠି ଖଣ୍ଡିଏ । ଅତି ଶୀଘ୍ର ତାଙ୍କଠାରୁ ଉତ୍ତର ଆସିଗଲା ଇଂରାଜୀରେ । ଭାଷା ପରିପାଟୀ, ପ୍ରତି ବାକ୍ୟ ହାସ୍ୟ ରସାଣିତ; ନାହିଁ କିଛି ତ ପରିବର୍ତ୍ତନ ଦେଖିଲିନି ! କେବଳ ଗୋଟିଏ ଜାଗାରେ କାଳୀଙ୍କ ସମ୍ବନ୍ଧରେ ସେ ଲେଖିଛନ୍ତି—"What a hellish Goddess she is !" ଅନେକ ଦିନୁ ଦେଖାସାକ୍ଷାତ ନାହିଁ, ଏଇ ଚିଠିରୁ ଯାହା ବୁଝିଲି ଦେବାଦେବୀଙ୍କ ଉପରୁ ସେ ବିଶ୍ୱାସ ହରେଇଛନ୍ତି । ତେବେ ଆଗରୁ ମଧ୍ୟ ତାଙ୍କର ଯେ ଗଭୀର ଈଶ୍ୱର ବିଶ୍ୱାସ ଥିଲା ବା ଦେବତା ଭକ୍ତି ଥିଲା ତା'ର ମଧ୍ୟ କୌଣସି ପ୍ରମାଣ ମୁଁ ପାଇନଥିଲି । ଯାହାହେଉ, ମୁଁ ଟିକିଏ ଚହଲିଗଲି, ଏଇ ବ୍ୟକ୍ତିତ୍ୱର ଅନ୍ତରାଳରେ ଯେଉଁ ପ୍ରଚ୍ଛନ୍ନ ବ୍ୟକ୍ତିତ୍ୱ ରହିଛି ତା'ର ସ୍ୱରୂପ କ'ଣ ? କ'ଣ ଏହାଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧ ? ସଠିକ ନିରୂପଣ କରିବା କଷ୍ଟକର ହୋଇଉଠିଲା । ବସନ୍ତବାବୁ ଲେଖୁଥିଲେ—ପ୍ରବନ୍ଧ, ରମ୍ୟରଚନା, କ୍ଷୁଦ୍ରଗଳ୍ପ, ଇଂରାଜୀ ଏକାଙ୍କିକାର ଅନୁବାଦ ଇତ୍ୟାଦି ମଝେ ମଝେ ; କିନ୍ତୁ ଧାରାବାହିକ ଗଳ୍ପଲେଖା ବୋଧହୁଏ ତାଙ୍କର ଏଇ ବାଲେଶ୍ୱର ରହଣି ଭିତରେ ଆରମ୍ଭ ହେଲା । ତାଙ୍କ ଲିଖିତ ସବୁ ଗଳ୍ପ ପାଠ କରିବାର ସୁଯୋଗ ମୁଁ ପାଇନି, ଅଳ୍ପ କିଛି ପଢ଼ିଛି । ତାଙ୍କ କଥା ଓ ଲେଖାରୁ ମନେହେଉଥିଲା ସେ Addisonଙ୍କର prose styleକୁ ଭଲ ପାଉଥିଲେ ଓ Sir Roger-De-Coverly ଚରିତ୍ର ତାଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ଆଧୁନିକଙ୍କେ ତାଙ୍କର ପ୍ରିୟ ଲେଖକ Charles Dickens. Dickensଙ୍କର ଚରିତ୍ରଗୁଡ଼ିକ ତାଙ୍କୁ ପ୍ରଭାବିତ କରିଥିଲା ବୋଲି ମନେ ହୁଏ । ଓଡ଼ିଆ ସାହିତ୍ୟର ବରିଷ୍ଠ କଥାକାର ଫକୀରମୋହନଙ୍କ ପ୍ରଭାବ ମଧ୍ୟ ତାଙ୍କ ଉପରେ ପଡ଼ିଥାଇପାରେ ବୋଲି ମୋର ଧାରଣା ; କିନ୍ତୁ ଭାଷା ଓ ଉପସ୍ଥାପନ ଶୈଳୀ ତାଙ୍କର ନିଜସ୍ୱ ।

ବସନ୍ତ ବାବୁ ଭାବୁକ, କଳ୍ପନାକୁଶଳୀ; କିନ୍ତୁ ସ୍ୱପ୍ନବିଳାସୀ ନୁହନ୍ତି । ଆବେଗ ବା ଭାବ-ପ୍ରବଣତାର ପ୍ରବଳ ସ୍ରୋତରେ ସେ କେବେ ଭାସିଯିବାର ମୁଁ ଲକ୍ଷ୍ୟ କରି-

Digitized by srujanika@gmail.com

ନାହିଁ । ଜୀବନର ସତ୍ୟତାକୁ, ତା'ର ବିଷ୍ଟୃତ ସ୍ୱରୂପକୁ ସେ ସ୍ୱୀକାର କରିଛନ୍ତି, ତା'ର ସମ୍ମୁଖୀନ ହୋଇଛନ୍ତି । ମୋର ଧାରଣା ସେ ଏଥିର ସ୍ୱଭାବରେ ଉପଲବ୍ଧି କରିଛନ୍ତି— ଏ ଜୀବନରେ ସୁଖ, ଆନନ୍ଦ, ଉଚ୍ଛ୍ୱଳତା ଯେପରି ସତ୍ୟ; ଏହାର ଦୁଃଖ, ନୈରାଶ୍ୟ, ଅନ୍ଧକାର ଓ ଉତ୍ପୀଡ଼ନ ସେହିପରି ଅପରିହାର୍ଯ୍ୟ । ଜୀବନର ପ୍ରତ୍ୟେକଟି ଆହ୍ୱାନକୁ ଗ୍ରହଣ କରି-ନେବାର ଅର୍ଥ ହେଉଛି ବଞ୍ଚିବା । ସେତିକି କେବଳ ନୁହେଁ; ଛାୟାଲୋକ, ହାସ୍ୟ-ଅଶ୍ରୁ, ଆଶା-ନୈରାଶ୍ୟର ଅପୂର୍ବ ସଂଯୋଗ ନେଇ ଏ ଜୀବନ କବଳିତ । ସେ ହୁଏତ ବୁଝିଛନ୍ତି ହର୍ଷ-ବିଷାଦ ପରିସ୍ଥିତିର ପରିପୂରକ ମାତ୍ର ନୁହେଁ; ବସ୍ତୁତଃ ଏକ ମଧ୍ୟରେ ଅନ୍ୟର ପ୍ରତିଛବି ନିହିତ । ଜୀବନର ପୂର୍ବ ଓ ପର ସମସ୍ତର କଳ୍ପନା ତାଙ୍କ ମନରେ ସ୍ଥାନ ପାଏନି । କାରଣ, "Man only knowing life's little lantern between dark and dark."

ବସନ୍ତବାବୁ ଆଜି ଜଣେ ପ୍ରତିଷ୍ଠିତ ସ୍ୱୀକୃତିପ୍ରାପ୍ତ କଥାକାର । ଦୈନନ୍ଦିନ ଜୀବନର ସ୍ୱଚ୍ଛନ୍ଦ ସାବଲୀଳ ଗତିରେ ଯେଉଁ ପ୍ରତିଭା ପୂର୍ଣ୍ଣ ବିକାଶର ପଥ ଖୋଜୁଥିଲା ତାହାର ଆତ୍ମପ୍ରକାଶ ହେଲା, ଉପର୍ଯ୍ୟୁପରି ଗୋଟିଏ ଗୋଟିଏ ଆଘାତର ଫଳସ୍ୱରୂପ । ଆଜି ଆମ୍ଭେମାନେ ଦେଖୁ ଇଂରାଜୀ ପ୍ରାଧ୍ୟାପକ ନୁହେଁ, ଜଣେ ବିଶିଷ୍ଟ ଗଳ୍ପ-ସାହିତ୍ୟିକ ବସନ୍ତବାବୁଙ୍କୁ । ଜୀବନକୁ ସେ ପୂର୍ଣ୍ଣମାତ୍ରାରେ ଯାପନ କରିଅଛନ୍ତି । ସାଂସାରିକ ଜୀବନର ସମସ୍ତ କର୍ତ୍ତବ୍ୟ ତାଙ୍କର ଶେଷ ହୋଇଛି । ଜଣେ ଗୃହସ୍ଥର ସମସ୍ତ ଦାୟିତ୍ୱ ମାନିନେଇଛନ୍ତି । ଅବଶୋଷ କରିବାର ଆଉ କିଛି କାରଣ ନାହିଁ । ଜୀବନର ପରି-ସମାପ୍ତି ପରେ ମଧ୍ୟ ସେ ବଞ୍ଚି ରହିବେ ଓଡ଼ିଆ ସାହିତ୍ୟର ଇତିହାସରେ । ଏକ ସଫଳ ସାର୍ଥକ ଜୀବନ ଜିଇଁଛନ୍ତି । ତାଙ୍କ ହାସ୍ୟଉଦ୍ଭାସିତ ପ୍ରାଣରେ ଦୁଃଖଦୁର୍ଦ୍ଦିନର ଲେଉଟିଗୁଡ଼ିକ ଗୋଟିଏ ପରେ ଗୋଟିଏ ଆସି ବାସ୍ତବ ଓ କଳ୍ପନାର ଏପରି ଏକ ସମନ୍ୱୟ ସୃଷ୍ଟି କରିଛି, ଯାହାର ବ୍ୟଞ୍ଜନା ତାଙ୍କ ଗଳ୍ପ ସାହିତ୍ୟରେ ଦେଖିବାକୁ ମିଳେ । ଏହା ମୋର ଏକାନ୍ତ ନିଜର ଧାରଣା ।

ଶେଷରେ ତାଙ୍କର ଅଶୀତମ ଜନ୍ମୋତ୍ସବରେ ଗୋଟିଏ ଶୁଭେଚ୍ଛା, ଆଶା ଓ ବିଶ୍ୱାସର ଗୋଟିଏ ସନ୍ତକାମନା—ବସନ୍ତବାବୁ ଲେଖି ଚାଲନ୍ତୁ, ଓଡ଼ିଆ ଗଳ୍ପ ସାହିତ୍ୟକୁ ତାଙ୍କର ଦାନ ଅବ୍ୟାହତ ରହୁ, ନିରବଚ୍ଛିନ୍ନ ରହୁ, ଜୀବନ ସାର୍ଥକର ହେଉ, ନୀରୋଗ, ସୁସ୍ଥ, ଶାନ୍ତିମୟ ହେଉ । 'That he has not lived in vain' ଏହି ବାଣୀର ସାର୍ଥକତା ନେଇ ଜୀବନ ଏକ ଅବ୍ୟକ୍ତ ତୃପ୍ତିରେ ଭରିଉଠୁ ।

—✻—

Digitized by srujanika@gmail.com

# ଯେତିକି ମନେ ପଡ଼େ

ନୀହାର ରଞ୍ଜନ ହୋତା

"ଏମନ୍ତ ଭୂଇଁ, ଗୁଳୁଦା ଗୁଣିଲେ ଉଠେଇ ନାହିଁ ।" ବ୍ରାହ୍ମଣମାନେ ଜିଦ୍ ଧରିଲେ ସେଇ ମାଟିରେ ଶାସନ ବସିବ । କାରଣ ବର୍ଷାଦିନେ ବି ପାଦରେ ମାଟି ଲାଗିବ ନାହିଁ; ସକାଳୁ ବାହାରି ପାଞ୍ଚକୋଶ ଆଖପାଖରେ ଯଜମାନ କାମ ସାରି ସନ୍ଧ୍ୟାରେ ଘରକୁ ଫେରି ହେବ । ସ୍ଥାପିତ ହେଲା ଲକ୍ଷ୍ମୀଦେଈପୁର ଶାସନ, ଡାକ ନାମ ପାଉଡ଼ା । ରାଜଦରବାର ଅନୁଗ୍ରହରୁ ଗୋଟିଏ ଗ୍ରେଟିଆ ନାଲି ସଡ଼କ ଏହାକୁ ଏକ ପାଖରେ ଶୀର୍ଷା ଓ ଅନ୍ୟ ପଟେ ବାଙ୍କିପୋଷି ଗ୍ରାମ ସହିତ ସଂଯୋଗ କଲା ।

ବସନ୍ତବାବୁ ଜନ୍ମ ହେଲେ ଏହି ଗ୍ରାମରେ, ଏକ ନିମ୍ନ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ । ତାଙ୍କ ପିତା ସ୍ୱର୍ଗତ ଭୋଳାନାଥ ଶତପଥୀ ଜଣେ ଖୁସିବାସିଆ ମଉଜିଆ ସ୍ୱଭାବର ଲୋକ ଥିଲେ । କଥା କଥାକେ ତାଙ୍କର ବ୍ୟଙ୍ଗ ରସ ଫୁଟି ଉଠୁଥିଲା । ବସନ୍ତ ବାବୁଙ୍କ ଲେଖା ଓ କଥା ଶୈଳୀରେ ଯେଉଁ Satireର ସନ୍ଧାନ ମିଳେ, ମୋର ମନେ ହୁଏ, ଏହା ସେ ତାଙ୍କ ପିତାଙ୍କ ଠାରୁ ପାଇଥିଲେ ।

ପାଟନା ବିଶ୍ୱବିଦ୍ୟାଳୟରୁ ଇଂରେଜୀରେ ଏମ୍. ଏ. ପାଶ୍ କରି ସେ ମୟୂରଭଞ୍ଜ ମହାରାଜାଙ୍କ ଦରବାରରେ ଚାକିରି ଜୀବନ ଆରମ୍ଭ କରିଥିଲେ । ମୁଁ ସେତେବେଳେ ବାରିପଦା ହାଇସ୍କୁଲର ଛାତ୍ର । ବସନ୍ତବାବୁଙ୍କର ବନ୍ସୀରେ ମାଛ ଧରିବାର ବହୁତ ସଉକ ଥିଲା । ଖରାଛୁଟିରେ କମ୍ବା ପୂଜା ଅବସରରେ ସେ ତାଙ୍କ ସାଙ୍ଗସାଥୀ ଅଫିସରମାନଙ୍କୁ ଧରି ଗାଁକୁ ଆସୁଥିଲେ । ପୋଖରୀରେ ମଞ୍ଚ ତିଆରି ହୋଇ ଗୁଣ୍ଡ ପଡ଼ୁଥିଲା । ବନ୍ସୀରେ ବାବୁମାନେ ମାଛ ଧରୁଥିଲେ ଘଣ୍ଟା ଘଣ୍ଟା ଧରି । ପିଲାମାନେ କୌତୂହଳରେ ଦେଖିବାକୁ ଯାଉଥିଲେ । ସେ ବେଳେ ବେଳେ ନିଜେ ମୁଣ୍ଡଫିଙ୍ଗା ଜାଲ ଧରି ବାହାରି ଯାଉଥିଲେ ପୋଖରୀରେ ମାଛ ଧରିବାକୁ ।

ବସନ୍ତବାବୁଙ୍କର ମୂଳରୁ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଏବଂ ଅନୁରାଗ ଥିଲା । ମହାରାଜା ସେଥିପାଇଁ ତାଙ୍କୁ 'ଭଞ୍ଜ ପ୍ରଦୀପ' ଏବଂ 'Mayurbhanj Chronicle'

Digitized by srujanika@gmail.com

ନାମରେ ବାହାରୁଥିବା ଓଡ଼ିଆ ଓ ଇଂରାଜୀ ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ । ସେତେବେଳେ ସେ ଫକୀର ମୋହନଙ୍କ ସାହିତ୍ୟସମ୍ଭାର ଉପରେ ଏକ ବିଶ୍ଳେଷଣ 'ଭଞ୍ଜ ପ୍ରଦୀପ'ରେ ଲେଖିଥିଲେ, ଯାହାର ଚମତ୍କାରିତା ଯେ ଥରେ ପଢ଼ିଥିବ ସେ ଉପଲବ୍ଧି କରି ପାରିବ । ମୋ ମତରେ ଫକୀରମୋହନଙ୍କ ଉପରେ ଯେତେ ଶ୍ରେଷ୍ଠ ରଚନା ଲେଖାଯାଇଛି ଏହା ତନ୍ମଧ୍ୟରେ ଅନ୍ୟତମ ।

ବାରିପଦାରେ ସ୍କୁଲରେ ପଢ଼ିଲା ସମୟରେ ମୁଁ ଥରେ 'ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ'ର ପୁରୁଣା ସଂଖ୍ୟାଗୁଡ଼ିଏ କିଣିବାପାଇଁ ବହୁତ ମନ କରି ବାପାଙ୍କ ପାଖକୁ ଗଲି । ବାପା ସେତେବେଳେ ବସନ୍ତବାବୁଙ୍କ ଅଫିସରେ କାମ କରୁଥିଲେ । ବାପା ମୋତେ ବସନ୍ତବାବୁଙ୍କ ପାଖକୁ ନେଇଗଲେ । ସେ ମୋତେ 'ଭଞ୍ଜପ୍ରଦୀପ' ଏବଂ Mayurbhanj Chornicleର ଗୁଡ଼ାଏ ପୁରୁଣା ସଂଖ୍ୟା ଦେଇ କହିଲେ—"ନେ, ଏଗୁଡ଼ାକ ପଢ଼ିବୁ । ପୂଜାଛୁଟି କଟିଯିବ । ଏଥିରେ ବହୁତ ଉପାଦେୟ ଲେଖା ଅଛି ।" ମୁଁ ସେଗୁଡ଼ିକ ଧରି ମୋର ଅଳି ଭୁଲିଯାଇ ଫେରିଥିଲି । କହିବା ବାହୁଲ୍ୟ ଯେ, ସେହି ପତ୍ରିକାଗୁଡ଼ିକର ଉପାଦେୟ ଲେଖା ପଢ଼ି ମୁଁ ତୃପ୍ତ ହୋଇଥିଲି ।

ମୟୂରଭଞ୍ଜ ରାଜଦରବାରର ଅବସାନ ପରେ ବସନ୍ତବାବୁ ଡେପୁଟି କଲେକ୍ଟର ଚାକିରିରେ ନ ଯାଇ ବାରିପଦା କଲେଜରେ ଇଂରାଜୀ ଅଧ୍ୟାପକ ହିସାବରେ ଯୋଗ ଦେଲେ । ମୁଁ ୧୯୫୧-୫୩ ମସିହାରେ ଆଇ. ଏ. ପଢ଼ିଲା ସମୟରେ ତାଙ୍କର ଛାତ୍ର ଥିଲି । ତାଙ୍କର ପାଠ ପଢ଼ାଇବାର ଶୈଳୀ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଇଂରେଜୀ ସାହିତ୍ୟରେ ବହି ପଢ଼ିବାକୁ ସେ ଛାତ୍ରମାନଙ୍କୁ ଆଗ୍ରହୀ କରାଉଥିଲେ । ମେଧାବୀ ଛାତ୍ରମାନଙ୍କୁ ଘରକୁ ଡାକି ଶିକ୍ଷା ଦେଉଥିଲେ । ତାଙ୍କରି ପ୍ରେରଣା ଯୋଗୁ ଇଂରେଜୀ ସାହିତ୍ୟରେ ମୁଁ ଖୁବ୍ ଭଲ କରିବାର ସୁଯୋଗ ପାଇଥିଲି ଓ ସାଧାରଣ ଭାବରେ ସାହିତ୍ୟ ପ୍ରତି ଅନୁରାଗାନ୍ୱିତ ହୋଇଥିଲି । ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଯତ୍କିଞ୍ଚିତ୍ ସେବା କରିବାପାଇଁ ଏହା ମୋତେ ପ୍ରେରଣା ଦେଇଥିଲା ।

ବସନ୍ତବାବୁ ତାସ୍ ଖେଳିବାକୁ ବହୁତ ଭଲ ପାଉଥିଲେ । ଛୁଟିରେ ଗାଁକୁ ଆସିଲେ ବନ୍ଧୁବର୍ଗଙ୍କ ସହିତ ତାସ୍‌ର ଆସର ଜମାଉଥିଲେ । ସମସ୍ତଙ୍କ ସହିତ ବ୍ୟଙ୍ଗ ବିଦ୍ରୂପ କରି ହସଖୁସି ବାଣ୍ଟିବାକୁ ସେ ସବୁବେଳେ ଭଲ ପାଉଥିଲେ ।

ସେ ବହୁତ ଡେରିରେ ଗଳ୍ପ ଲେଖିବା ଆରମ୍ଭ କଲେ । ମୋର ଯେତେଦୂର ମନେ ପଡ଼େ ସେ ବାଲେଶ୍ୱର କଲେଜକୁ ବଦଳି ହୋଇ ଆସିଲା ପରେ କଥା ସାହିତ୍ୟର ଆରାଧନା ଆରମ୍ଭ କରିଥିଲେ ଏବଂ ଖୁବ୍ ଅଳ୍ପଦିନ ମଧ୍ୟରେ ସେଥିରେ ନିଜର ଅନୁପମ

Digitized by srujanika@gmail.com

ଶୈଳୀ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ସେତେବେଳକୁ ତାଙ୍କର ପତ୍ନୀ ବିୟୋଗ ଘଟି ସାରିଥିଲା । ଏହା ପରେ ପରେ ଜୀବନର ନିଃସଙ୍ଗତାରୁ ମୁକ୍ତି ପାଇବା ପାଇଁ ସେ ସତେ ଯେପରି କଥା ସାହିତ୍ୟରେ ନିଜକୁ ନିମଜ୍ଜିତ କରିଥିଲେ । ପ୍ରଜାତନ୍ତ୍ରର ବିଷୁବ ମିଳନରେ ସେ ପ୍ରଥମଥର ପାଇଁ ଗଳ୍ପକାର ହିସାବରେ ସମ୍ମାନିତ ହୋଇଥିଲେ ।

ମୟୂରଭଞ୍ଜ ଜିଲ୍ଲାର ପାଣ୍ଡଡ଼ା ଗ୍ରାମରୁ ବହୁ ଗଣ୍ୟମାନ୍ୟ ଶିକ୍ଷିତ ବ୍ୟକ୍ତି ବାହାରି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ବସନ୍ତବାବୁ ତନ୍ମଧ୍ୟରେ ଅନ୍ୟତମ । କଥା-ସାହିତ୍ୟ କ୍ଷେତ୍ରରେ ସେ ଏହି ଜିଲ୍ଲାର ଲେଖକମାନଙ୍କ ମଧ୍ୟରେ ଅଗ୍ରଜ ଏବଂ ଅଗ୍ରଣୀ କହିଲେ ଅତ୍ୟୁକ୍ତି ହେବନାହିଁ । ପରିଣତ ବୟସରେ ଲେଖା ଆରମ୍ଭ କରିଥିବାରୁ ତାଙ୍କର ଭାଷା, ଶୈଳୀ ଏବଂ ଅନୁଭବରେ ଅସାଧାରଣ ପରିପକ୍ୱତାର ସୂଚନା ମିଳେ ।

ଜୀବନର ଅଷ୍ଟମ ଦଶନ୍ଧିର ପ୍ରଥମ ବର୍ଷରେ ପଦାର୍ପଣ କରିବାର ଏହି ଅବସରରେ ମୁଁ ତାଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରୁଛି ।

—*—

Digitized by srujanika@gmail.com

# ସ୍ମୃତିର ଦର୍ପଣରେ ଜୀବନ-ଶିଳ୍ପୀ ବସନ୍ତବାବୁ

**ଶ୍ରୀ ବ୍ରଜନାଥ ରଥ**

ଆଜକୁ ୨୯ ବର୍ଷ ତଳେ ଶୀତର ଏକ ଉଷ୍ମ ଅପରାହ୍ନରେ ଜଣେ ସୌମ୍ୟ-ଦର୍ଶନ ପ୍ରୌଢ଼ବ୍ୟକ୍ତି ହାତରେ ଖାତାଟିଏ ଧରି ଆସି ପହଞ୍ଚିଲେ ଅଧ୍ୟାପକ ଚନ୍ଦ୍ରମଣି ବେହେରାଙ୍କ ବସାରେ । ଚନ୍ଦ୍ରମଣିବାବୁ ସେତେବେଳେ ଫକୀରମୋହନ କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ । ରହୁଥାନ୍ତି ବାଲେଶ୍ୱର ଟାଉନହଲ ପାଖ ଏକ ଭଡ଼ାଘରେ । ତାଙ୍କ ଯିବା ଆସିବା ରାସ୍ତାରେ ସିନେମା ହଲ ନିକଟରେ ମୋର ପ୍ରେସ ଥାଏ ସେତେବେଳେ । ତେଣୁ ପ୍ରତିଦିନ ବହୁବାର ଦେଖାହୁଏ ତାଙ୍କ ସହ ଏବଂ ସେ ସନ୍ଧ୍ୟାବେଳେ ଆସି ପ୍ରେସ୍‌ରେ ଆଡ୍ଡା ଜମାନ୍ତି । ମୁଁ ମଧ୍ୟ ମଝିରେ ମଝିରେ ଅଳ୍ପ ଦୂରରେ ଥିବା ତାଙ୍କ ବସାଅଡ଼େ ଯାଇ ଗପ କରେ । ଏହା ୧୯୭୨-୭୩ ମସିହାର କଥା । ସେହିଭଳି ପ୍ରୌଢ଼ବ୍ୟକ୍ତି ଜଣକ ଉପରଓଳି ପ୍ରାୟ ୫ଟା ବେଳେ ଆସି ଯେତେବେଳେ ଚନ୍ଦ୍ରମଣିବାବୁଙ୍କ ବସାରେ ପହଞ୍ଚିଲେ, ସେତେବେଳକୁ ମୁଁ ସେଠି ହାଜର । ଖାଲି ମୁଁ ନୁହେଁ, ସେଦିନ ମୋ ଆଗରୁ ଆସି ହାଜର ହୋଇଥିଲେ ଗାଳ୍ପିକ ମହାପାତ୍ର ନୀଳମଣି ସାହୁ ଏବଂ କବି ଜୀବନାନନ୍ଦ ପାଣି । ସେମାନେ ଆସିଥିଲେ ବାରିପଦାରୁ । ନୀଳମଣିବାବୁ ସେତେବେଳେ ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ଅଧ୍ୟାପକ ଥିଲେ, ଜୀବନ ପାଣି ମଧ୍ୟ ରହୁଥିଲେ ବାରିପଦାରେ । ଆମେ ବସି ଗପ ସପ କରୁଥିବା ବେଳେ ହାତରେ ଖାତାଟିଏ ଧରି ସେହି ପ୍ରୌଢ଼ବ୍ୟକ୍ତି ଜଣକ ଆସି ସେଠି ହାଜର ହେଲେ ମୁଁ ତାଙ୍କୁ ପୂର୍ବରୁ ଦେଖିଥିଲି । କଲେଜର ଜଣେ ଅଧ୍ୟାପକ ବୋଲି ଅନୁମାନ କରିଥିଲି, ତାଙ୍କ ହାବଭାବ, ବେଶଭୂଷା, ଚାଲିଚଳନ ଓ କଥାବାର୍ତ୍ତାରୁ, କାରଣ ସେ ପ୍ରାୟ ଅନେକ ସମୟରେ ଆମ ପ୍ରେସ୍ ଆଗ ଦେଇ ମୋତି-ଗଞ୍ଜ ବଜାରକୁ ଯାଆସ କରୁଥିଲେ । ବେଳେବେଳେ କୌଣସି ଛାତ୍ର ଦେଖାହେଲେ ତାଙ୍କୁ ନମସ୍କାର କରୁଥିଲେ । ସୌମ୍ୟ-ଦର୍ଶନ ଏହି ପ୍ରୌଢ଼ବ୍ୟକ୍ତି ଜଣକ ସେଦିନ ଯେତେବେଳେ ପଶିଆସିଲେ, ଚନ୍ଦ୍ରମଣିବାବୁଙ୍କ ସମେତ ନୀଳମଣିବାବୁ ଓ ଜୀବନବାବୁ ତାଙ୍କୁ ହସି ସ୍ୱାଗତ ଜଣାଇ ବସିବାକୁ କହିଲେ । ମୋ ସହିତ ପରିଚୟ ନଥିବାରୁ ମୁଁ ନୀରବ ରହିଲି ।

Digitized by srujanika@gmail.com

ତା'ପରେ ସେ କହିଲେ—"ଭଲ ହେଲା । ଆପଣମାନେ ସମସ୍ତେ ଅଛନ୍ତି । ମୁଁ କାଲି ଚନ୍ଦ୍ରାମଣି ବାବୁଙ୍କୁ ମୋ ଲେଖାଟିଏ ଶୁଣାଇବାକୁ ଆସିଥିଲି । ନୂଆକରି ଗପଟିଏ ଲେଖିଛି । ଏଇମାତ୍ର ଗଳ୍ପ ସମସ୍ତ ଆରମ୍ଭରୁ ଶେଷ କଲି । କେମିତି ହୋଇଛି, ଆପଣମାନେ ସମସ୍ତେ ମତାମତ ଦେବେ ।" ଏହା କହି ସେ ଅଧା ଫୁଲ୍‌ସ୍କେପ୍ ସାଇଜର ଖାତାଟିରୁ ଗପଟି ପଢ଼ିବାକୁ ଆରମ୍ଭ କଲେ । ଆମେ ଶ୍ରୋତା, ସେ ପାଠକ । ସେ ତାଙ୍କର ସ୍ୱଭାବସୁଲଭ ସରସ ଭଙ୍ଗୀରେ ପଢ଼ିଚାଲିଲେ । ସାଧାରଣ ଗତାନୁଗତିକ ବିଷୟବସ୍ତୁଠାରୁ ଗପଟି ସମ୍ପୂର୍ଣ୍ଣ ଅଲଗା । କ୍ରମଶଃ ପରିଣତି ଆଡ଼କୁ ଗପଟି ଆଗେଇ ଚାଲିଲା । ଆମେ ନୀରବରେ ଶୁଣୁଥାଉଁ, ମୁଗ୍ଧ, ଅଭିଭୂତ । ଶେଷ ହୋଇ ଆସିଲାବେଳକୁ ସପ୍ରଶଂସ ଦୃଷ୍ଟିରେ ଆମେ ତାଙ୍କୁ ଅନାଇଲୁ । ସେ କହିଲେ—"ଏହା ମୋର ପ୍ରଥମ ଗପ । କେମିତି ହୋଇଛି କହିଲେ" ? ଆମେ ଆଉ କହିବୁ କ'ଣ ? ପ୍ରଥମ ସୃଷ୍ଟି ସେ ଏତେ ସଫଳ ହୋଇପାରେ, ବିଶ୍ୱାସ କରି ହେଉନାହିଁ । ଗପଟିର ନାମ ଥିଲା "କାଣିଚାଖିଁ" ଏବଂ ଏହାର ଲେଖକ ସେଦିନର ସେହି ପ୍ରୌଢ଼ବ୍ୟକ୍ତି, ଆଜିର ବିଖ୍ୟାତ କଥାକାର ଅଧ୍ୟାପକ ଶ୍ରୀ ବସନ୍ତ କୁମାର ଶତପଥୀ, ଯାହାଙ୍କୁ ୨୯ ବର୍ଷ ତଳେ ମୁଁ ପ୍ରଥମେ ହଠାତ୍ ଏହିଭଳି ଅକସ୍ମାତ ଏକ ଅନ୍ତରଙ୍ଗ ଓ ବନ୍ଧୁତ୍ୱପୂର୍ଣ୍ଣ ସାହିତ୍ୟିକ ପରିବେଶରେ ଚିହ୍ନିବାର ସୁଯୋଗ ପାଇଥିଲି । ତାଙ୍କ ପାଖରୁ ସେ ଗପଟିକୁ ନେଇ ଚନ୍ଦ୍ରାମଣି ବାବୁ ସିଧା "ଝଙ୍କାର"କୁ ପଠାଇଦେଲେ । ସେତେବେଳେ "ଝଙ୍କାର"ର ସମ୍ପାଦନା ଦାୟିତ୍ୱରେ ଥିଲେ କବି ସତ୍ୟାନନ୍ଦ ଚମ୍ପତିରାୟ । ଠିକ୍ ମାସେ ପରେ, ୧୯୬୩ ମସିହା ମେ ମାସ ୧୫ଶ ବର୍ଷ ୨ୟ ସଂଖ୍ୟା "ଝଙ୍କାର"ରେ ତାହା ପ୍ରକାଶ ପାଇଲା "ଗଳ୍ପ" ବିଭାଗର ପ୍ରଥମ ଗଳ୍ପ ହୋଇ । ସେହି ବର୍ଷ ଏହା ପରେ ପରେ ତାଙ୍କର ଆଉ ଦୁଇଟି ଗଳ୍ପ "ଗୋଟାଏ ଅଙ୍କ" ଓ "ସ୍ୱାବଲୁଦ କରେଣ୍ଟ" ଯଥାକ୍ରମେ ୪ର୍ଥ ଓ ୧୦ମ ସଂଖ୍ୟା "ଝଙ୍କାର"ରେ ପ୍ରକାଶ ପାଇଥିଲା । ପ୍ରଥମ ଗଳ୍ପରୁ ହିଁ ସେ ଜଣେ ସଫଳ ସ୍ରଷ୍ଟାର ଗୌରବ ଲାଭ କରିବାର ସୌଭାଗ୍ୟ ହାସଲ କରିଥିଲେ । ତା'ପରେ ଆଜିକୁ ୨୯ ବର୍ଷ ଧରି ସେ ଶହ ଶହ ଗଳ୍ପ ଓ ରମ୍ୟରଚନା ଲେଖି ଓଡ଼ିଆ କଥା-ସାହିତ୍ୟକୁ ପୁଷ୍ଟ ଓ ରସାଳ କରିଛନ୍ତି । ଅନ୍ୟାନ୍ୟ ସମସାମୟିକ ଗାଳ୍ପିକଙ୍କ କଥନଭଙ୍ଗୀ, ଶୈଳୀ ଓ ବିଷୟ ବିନ୍ୟାସଠାରୁ ବସନ୍ତ ବାବୁଙ୍କ ଗଳ୍ପ ପୁରାପୁରି ଭିନ୍ନ । ଯେ କୌଣସି ମୁଗ୍ଧ ପାଠକ ଏହି ଭିନ୍ନତାର ସ୍ୱାଦ ଓ ସ୍ୱାତନ୍ତ୍ର୍ୟର ସ୍ୱାକ୍ଷର ସହଜରେ ବାରି ପାରିବ । ତାଙ୍କ ଗଳ୍ପରେ ଭାଷାର ଆଡ଼ମ୍ବର ନାହିଁ, ଦାର୍ଶନିକ ତତ୍ତ୍ୱର ଆବେଗ ନାହିଁ, ଆଧୁନିକତା ନାମରେ ବୌଦ୍ଧିକତା ବା ଉଦ୍ଭଟତାର ସ୍ତୂପ ନାହିଁ । କୃତ୍ରିମତାର କୌଣସି ଆଟୋପ ନାହିଁ । କେବଳ ଅନ୍ତରଙ୍ଗ ଅନୁଭବର ବର୍ଣ୍ଣିଳ ବିନ୍ୟାସ । ସମାଜର ଅସଂଖ୍ୟ ଘଟଣା, ନାନା ସମସ୍ୟାବଳୀର ଜୀବନ୍ତ ଚିତ୍ରଣ ଓ ବସ୍ତୁ-ବିଚାରର ମନୋଜ୍ଞ ଶୋଭାଯାତ୍ରା ତାଙ୍କ ଗଳ୍ପ-ଗୁଡ଼ିକୁ ଫକୀରମୋହନୀୟ ଗଳ୍ପ ଧାରାର ନିକଟବର୍ତ୍ତୀ କରିଛି । ସେ ନିଛକ ଗପହିଁ କହନ୍ତି; ଗପକରିବାର ସ୍ୱଚ୍ଛନ୍ଦ ଓ ସାବଲୀଳ ଭଙ୍ଗୀରେ । ତେଣୁ ତାହା ସାଧାରଣ ପାଠକଙ୍କର ଏତେ ପ୍ରିୟ, ଏତେ ଆପଣାର, ଏତେ ଆକର୍ଷଣୀୟ, ଏତେ ରସାଳ ।

Digitized by srujanika@gmail.com

ଏ ଘଟଣା ପରେ ବସନ୍ତ ବାବୁଙ୍କ ସହ ଅନ୍ତରଙ୍ଗତା ବଢ଼ି ଉଠିଲା । ସଦର ବୟସର ବ୍ୟବଧାନ ଥିଲା ବେଶ୍ କିଛି; ତଥାପି ସାହିତ୍ୟାଲୋଚନା ଓ ଗଳ୍ପାଳାପରେ ଆମେ ସେ ବ୍ୟବଧାନର ଲକ୍ଷ୍ମଣ ରେଖା ଟପି ଯାଉଥିଲୁ । କ୍ରମଶଃ ସେ ପ୍ରାୟ ଆମ ପ୍ରେସ୍‌କୁ ଆସିବାକୁ ଲାଗିଲେ । ସେତେବେଳେ ଆମ ପ୍ରେସ୍ ହିଁ ଥିଲା ସନ୍ଧ୍ୟା ପରେ ଏକ ସାହିତ୍ୟିକ ଆଡ୍‌ଡ଼ାସ୍ଥଳୀ, ଗୋଟାଏ କ୍ଲବ କହିଲେ ଅତ୍ୟୁକ୍ତି ହେବନାହିଁ । ଖୁସିରେ ଖୁସିରେ ଅନେକେ ଏହାକୁ "ବାଣୀଶ୍ରୀ ପ୍ରେସ୍" ନ କହି "ବାଣୀଶ୍ରୀ କ୍ଲବ୍" ବୋଲି କହୁଥିଲେ । ସନ୍ଧ୍ୟା ଅତିକ୍ରାନ୍ତ ହେବାପରେ ଆସି ପହଞ୍ଚୁଥିଲେ ଅଧ୍ୟାପକ ଚନ୍ଦ୍ରମଣି ବେହେରା, କବି ଶୁଭେନ୍ଦୁ ମୋହନ ଦାସ, କବି ଚଣ୍ଡୀ ଚରଣ କର, କବି ପ୍ରହରାଜ ସତ୍ୟନାରାୟଣ ନନ୍ଦ ଓ ଆହୁରି ଅନେକ । ପ୍ରହରାଜ ସେତେବେଳେ ଫକୀର ମୋହନ କଲେଜର ଛାତ୍ର ଏବଂ ନୂଆ ନୂଆ କବିତା ଲେଖୁଥାନ୍ତି । ସେତେବେଳେ ବାହାରୁ ଯେଉଁ ସାହିତ୍ୟିକ ବା ସାହିତ୍ୟ ପ୍ରେମୀ ଏହି ସହରକୁ ଆସୁଥିଲେ ସେମାନେ ସନ୍ଧ୍ୟାରେ ଆସି ଏଇଠି ଜୁଟୁଥିଲେ । ବସନ୍ତ ବାବୁ ସେତେବେଳେ ରହୁଥିଲେ କାଳୀ ମନ୍ଦିର ପଛପଟ ଏକ ଭଡ଼ା ଘରେ । ଦିନେ ଦିନେ ସେ ସନ୍ଧ୍ୟାବେଳେ ଆସି ଅସ୍ମନକ ଏଇଠି ପହଞ୍ଚୁଥିଲେ ଏବଂ ଆମକୁ ଗୋଟିଏ ଗୋଟିଏ ଗପର ପ୍ଲଟ କଥା କହିବା ଛଳରେ କହି ଯାଉଥିଲେ । ଆମେ ମୁଗ୍ଧ ଶ୍ରୋତାଭଳି ବସି ଶୁଣୁଥିଲୁ । ସେ କହି ସାରିବା ପରେ ଆମର ମତାମତ ଦେଇ କିଛି ନୂଆ ସଂଯୋଜନ ବା ପରିବର୍ତ୍ତନର ସୂଚନା ମଧ୍ୟ ଦେଉଥିଲୁ, ଏପରିକି ଗପର ନାମକରଣ ମଧ୍ୟ । ରାତି ୯ଟା ୧୦ଟା ପର୍ଯ୍ୟନ୍ତ ଆସର ଜମୁଥିଲା । ବସନ୍ତ ବାବୁ ଆମର ମତାମତକୁ ଅତ୍ୟନ୍ତ ଆନନ୍ଦ ଓ ଉଦାରତାର ସହ ଗ୍ରହଣ କରି ତା'ପରଦିନ ଗପଟିର ଲେଖା ଶେଷ କରି ପୁଣି ଆସି ପହଞ୍ଚୁଥିଲେ ଏବଂ ଆମ ଆଗରେ ଲିଖିତ ଗପଟିକୁ ପଢ଼ି ଶୁଣାଉ ଥିଲେ । ଆମେ ପୁଣି ଆମର ମତାମତ ଦେଉଥିଲୁ । ତା'ପରେ ସେ ଗପଟି ପୂର୍ଣ୍ଣାଙ୍ଗ ରୂପ ନେଉଥିଲା । ଏପରିକି କେଉଁ ପତ୍ରିକାକୁ ପଠାଯିବ ତା ମଧ୍ୟ ସ୍ଥିର ହେଉଥିଲା । ଏହିପରି ଭାବରେ ତାଙ୍କର ବହୁ ଗଳ୍ପର ସୃଷ୍ଟି ଏବଂ ସେଗୁଡ଼ିକର ପ୍ରଥମ ଶ୍ରୋତା ଆମେ କେତେଜଣ ।

କେତେବର୍ଷ ପରେ ଚନ୍ଦ୍ରମଣିବାବୁ ଏଠୁ ବଦଳି ହୋଇ ଚାଲିଗଲେ । ପ୍ରହରାଜ ଏମ୍. ଏ. ପଢ଼ିବା ପାଇଁ ରେଭେନ୍‌ସାରେ ନାଁ ଲେଖାଇଲେ । ଚଣ୍ଡୀ କର କାର୍ଯ୍ୟ ଉପଲକ୍ଷେ ଅନ୍ୟତ୍ର ରହିଲେ । ଆମର ସାନ୍ଧ୍ୟ ସାହିତ୍ୟ ଆସରରେ ସାମୟିକ ଭଟ୍ଟା ପଡ଼ିଲା । କିନ୍ତୁ ବସନ୍ତବାବୁ ପ୍ରାୟ ଆସୁଥାନ୍ତି । ଆମେ ଦୁଇଜଣ ବା ବେଳେ ବେଳେ ଆଉ କେହି ଆସି ଆମ ସହ ଯୁଟୁଥାନ୍ତି । ମଝିରେ ମଝିରେ ତରୁଣ ଗାଳ୍ପିକ ଏବଂ ତାଙ୍କ କଲେଜ ଛାତ୍ର କହ୍ନେଇ ଲାଲ ଦାସ ମଧ୍ୟ ଆସି ଆମ ସହିତ ଯୋଗ ଦେଉଥାନ୍ତି । ବସନ୍ତବାବୁ ଫକୀର ମୋହନ କଲେଜରୁ ଅବସର ନେବା ପରେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ଯୋଗ ଦେଲେ । ସେତେବେଳକୁ ସେ ସହଦେବ

Digitized by srujanika@gmail.com

ଷ୍ଟେସନରେ ପ୍ରବର୍ତ୍ତନ ଆଇନ୍ ମନ୍ତ୍ରୀ ହରପ୍ରସାଦ ମହାପାତ୍ର, ଆଡ଼ଭୋକେଟ୍‌ଙ୍କ ଘରେ ଭଡ଼ା ନେଇ ରହିଲେଣି । ପ୍ରତିଦିନ ଟ୍ରେନ ବା ବସ୍‌ରେ ସୋର ଯାଇ ସନ୍ଧ୍ୟାକୁ ବସାକୁ ଫେରନ୍ତି । ଆମ ପ୍ରେସ ପାଖକୁ ତାଙ୍କ ରହଣି ସ୍ଥାନ ପ୍ରାୟ ତିନି କିଲୋମିଟର ହେବ । ବସ୍ତ୍ର ବଢ଼ିବାରୁ ସାଇକେଲ ଚଢ଼ିବା ସେ ପ୍ରାୟ ଛାଡ଼ି ଦେଇଥାନ୍ତି । ତେଣୁ ନିୟମିତ ଭାବରେ ପ୍ରେସକୁ ଆସିବା ତାଙ୍କର କମିଗଲା । ସେବେ ଆସନ୍ତି ଚାଲି ଚାଲି ଆସନ୍ତି ; କିନ୍ତୁ ତାଙ୍କ ଗପ ଲେଖିବା ଅବ୍ୟାହତ ଥାଏ । ମଝିରେ ମଝିରେ ଆସି ନୂଆ ଗପର polt ଶୁଣାନ୍ତି ବା ଲିଖିତ ଗଳ୍ପ ପଢ଼ି ଶୁଣାନ୍ତି । ମୋର ମନେଅଛି ତାଙ୍କର 'ଚାଉଳ' 'ଚା' 'ଜାଠ', 'ଓଇ ଷ୍ଟେଲଟା', 'ହୀରାକୁଦ କରେଣ୍ଟ' ଓ 'ଡନ୍‌ଲପ୍ ଏଜେଣ୍ଟ' ଇତ୍ୟାଦି ଗଳ୍ପ ଏହି ସମୟରେ ଲେଖା । ସେତେବେଳେ ପଶ୍ଚିମ ବଙ୍ଗରେ ଚାଉଳର ଭୀଷଣ ଅଭାବ । ଦର ମଧ୍ୟ ଓଡ଼ିଶାଠାରୁ ଯଥେଷ୍ଟ ଅଧିକ । ପ୍ରତିଦିନ ଶହଶହ ଦରିଦ୍ର ସ୍ତ୍ରୀ-ଲୋକ ଓଡ଼ିଶା ସୀମାନ୍ତ ଆରପଟ୍ଟ ବଙ୍ଗଳାରୁ ଆସି ଏଠାରୁ କିଛି କିଛି ଚାଉଳ ଅଳ୍ପଦରରେ କିଣି ଚୋରାରେ ଟ୍ରେନ୍‌ରେ ନେଇ ଆରପଟେ ବେଶୀଦରରେ ବିକି ବେଶ୍ ଦି ପଇସା ଲାଭ କରୁଥାନ୍ତି । ପ୍ରତିଦିନ ଶହଶହ କୁଇଣ୍ଟାଲ ଚାଉଳ ଏଇଭଳି ଚାଲିଯାଉଥାଏ । ଏହାକୁ ରୋକିବାପାଇଁ ଯୋଗାଣ-ବିଭାଗ ପକ୍ଷରୁ ପୋଲିସ ସାହାଯ୍ୟରେ ଏହି ଚୋରା ଚାଲାଣ-କାରୀମାନଙ୍କ ଉପରେ ଟ୍ରେନ୍‌ରେ ଚଢ଼ାଉ କରାଯାଉଥାଏ । ବସନ୍ତବାବୁ ପ୍ରତିଦିନ ଟ୍ରେନ୍‌ରେ ଗିବାବେଳେ ଏହାକୁ ଲକ୍ଷ୍ୟ କରୁଥାନ୍ତି । ଦିନେ ଆସି ମୋତେ ଏହାର ବର୍ଣ୍ଣନା ଏଭଳି ସୁନ୍ଦର ଭାବରେ ତାଙ୍କ ସ୍ୱଭାବ-ସୁଲଭ ସରସ ଭଙ୍ଗିରେ କଲେ ଯେ, ମୁଁ ତାକୁ ଏହାର ଉପରେ ଗପଟିଏ ଲେଖିବାକୁ ଅନୁରୋଧ କଲି । ଦିନେ ଦୁଇଦିନ ପରେ ସେ 'ଚାଉଳ' ଗପଟି ଲେଖି ମୋତେ ଆସି ପଢ଼ି ଶୁଣାଇଲେ । ତତ୍କାଳୀନ ଏକ ସାମାଜିକ ସମସ୍ୟାର ଚିତ୍ର ଏଥିରେ ଅତି ଜୀବନ୍ତ ଭାବରେ ଚିତ୍ରିତ । ତାଙ୍କ ଗିବାଆସିବା ବାଟରେ ଷ୍ଟେସନ ପାଖରେ ଚା' ଦୋକାନ ମେଲିଥିବା ସ୍ତ୍ରୀ-ଲୋକ ଆଉ ତା' ଗରାଖମାନଙ୍କୁ ନେଇ 'ଚା' ଗପର ସୃଷ୍ଟି । ଏହି ଗପର plot ଦିନେ ସନ୍ଧ୍ୟାରେ ସୋରରୁ ଫେରି ସେ ମୋତେ ଏମିତି ରସାଳ କରି କହିଥିଲେ, ଯାହା ଆଜିପର୍ଯ୍ୟନ୍ତ ମୋର ମନେରହିଛି । ତାଙ୍କର ପର୍ଯ୍ୟବେକ୍ଷଣ, ଅନୁଭବ ଓ ପ୍ରକାଶର ଶକ୍ତି ଅଦ୍‌ଭୁତ । ଗୋଟିଏ ଗୋଟିଏ ସାଧାରଣ ଘଟଣା ବା ଚରିତ୍ରକୁ ସେ ତାଙ୍କର କଳ୍ପନାର ପୁଟ ଦେଇ ଏପରି ପରିପାଟୀରେ ସଜାଇ ଦିଅନ୍ତି ଯେ, ତାହା ଅସାଧାରଣ ଉଜ୍ଜ୍ୱଳତା ନେଇ ଆମ ମନକୁ ଚହଟାଇଦିଏ । ତାଙ୍କର ବହୁ ଗଳ୍ପ ରମ୍ୟ-ରଚନାର ଶୈଳୀରେ ଲେଖା । ସେଥିପାଇଁ ସେଗୁଡ଼ିକ ଏତେ ସ୍ୱାଦ୍ୟ । ତାଙ୍କ ଗଳ୍ପ ଓ ରମ୍ୟ-ରଚନା ଭିତରେ ତଫାତ୍ ବା ସୀମାରେଖା ଖୁବ୍ ଅଳ୍ପ । ଯିଏ ତାଙ୍କର ବିଖ୍ୟାତ ଗଳ୍ପ 'ବୁଢ଼ାବାବୁ' ପଢ଼ିଥିବେ, ଏହା ସହଜରେ ଜାଣିପାରିବେ । ବୁଢ଼ାବାବୁ 'ଝଙ୍କାର'ରେ ପ୍ରକାଶ ପାଇବା ପରେ ତାହାର ଉତ୍ତରରେ ଆଉ ଗୋଟିଏ ଲେଖା ଶ୍ରୀଯୁକ୍ତ ଭୁବନେଶ୍ୱର ବେହେରା ଲେଖିଥିଲେ ; କିନ୍ତୁ ଏହା

Digitized by srujanika@gmail.com

ଏତେ ଶକ୍ତିଶାଳୀ ହୋଇପାରି ନଥିଲା । ମୋର ମନେଅଛି 'ବୁଢ଼ାବାବୁ' ପ୍ରକାଶ ପାଇବା ପରେ ଅନେକେ ଖୁସିରେ ଖୁସିରେ ବା ଆଦରରେ ବସନ୍ତ ବାବୁଙ୍କୁ ବୁଢ଼ାବାବୁ ଡାକିବାକୁ ଆରମ୍ଭ କରିଥିଲେ । ଜଣକୁ ବୁଢ଼ାବାବୁ ଡାକିବା ଭିତରେ ସେହି ଅଭିଜ୍ଞତାସିଦ୍ଧ ମଣିଷଟି ପ୍ରତି ପ୍ରଚ୍ଛନ୍ନ ଶ୍ରଦ୍ଧା ଯେତେ ନ ରହୁଛି, ତା' ଠାରୁ ଅଧିକ ରହୁଛି ଅନାଦର, ଅଶ୍ରଦ୍ଧା । ବୁଢ଼ା ହୋଇଯିବାର ମର୍ମ-ବେଦନା ଓ କାରୁଣ୍ୟ ଏତେ ମର୍ମସ୍ପର୍ଶୀ ସ୍ୱରରେ କହିବାର ସ୍ୱରୂପରେ ଉପାଣିତ କରି ବୋଧହୁଏ ବସନ୍ତବାବୁଙ୍କ ପୂର୍ବରୁ ଆଉ କେହି ଓଡ଼ିଆ ସାହିତ୍ୟରେ ଲିପିବଦ୍ଧ କରିନାହାନ୍ତି । 'ବୁଢ଼ାବାବୁ' ସତରେ ତାଙ୍କର ଏକ ଅନବଦ୍ୟ ସୃଷ୍ଟି ।

ସେମିତି ଆଉ ଏକ ଗଳ୍ପ 'କାଠ' । ଏହି ଗଳ୍ପଟି ପ୍ରକାଶ ପାଇବାପରେ ପ୍ରଖ୍ୟାତ ସାହିତ୍ୟିକ ଓ ଯଶସ୍ୱୀ କଥା-ଶିଳ୍ପୀ ସୁରେନ୍ଦ୍ର ମହାନ୍ତି ତାଙ୍କୁ ବଧାଇ ଜଣାଇ ଭୂୟସୀ ପ୍ରଶଂସା କରି ଯେଉଁ ଚିଠି ଲେଖିଥିଲେ ତାହା ମୁଁ ପଢ଼ିଛି । ବସନ୍ତ ବାବୁଙ୍କଠାରୁ ବୟସରେ କନିଷ୍ଠ, ଅଥଚ ସାଧନାରେ ବରିଷ୍ଠ ସୁରେନ୍ଦ୍ର ବାବୁ ତାଙ୍କ 'ipgo' ବା ଅହଂ ପାଇଁ ଓଡ଼ିଆ ସାହିତ୍ୟିକଙ୍କ ନିକଟରେ ଜଣାଶୁଣା । ତାଙ୍କ ପାଖରୁ ଏଭଳି ପ୍ରଶଂସା-ସୂଚକ ପାର୍ଶ ପତ୍ରଟିଏ ପାଇବା କମ୍ ସୌଭାଗ୍ୟର କଥା ନୁହେଁ । ଯେଉଁଦିନ ଚିଠିଟି ପାଇଲେ ବସନ୍ତବାବୁ, ସେଦିନ ସନ୍ଧ୍ୟାରେ ମତେ ଆଣି ତାହା ପଢ଼ାଇଥିଲେ । ମୁଁ ମୁଗ୍ଧ ହୋଇଯାଇଥିଲି । ଜଣେ ପ୍ରତିଷ୍ଠିତ ଲେଖକଙ୍କର ଆଉ ଜଣେ ସମଧର୍ମୀ ଲେଖକ ପ୍ରତି କି ଅନାବିଳ ହୃଦୟବତ୍ତା, କି ମହାନୁଭବତା ! ଆଜିର ତରୁଣତର ସାହିତ୍ୟିକ-ମାନଙ୍କ ମଧ୍ୟରେ ଏହା କମ୍ ଦେଖିବାକୁ ମିଳୁଛି । କ୍ରମଶଃ ଏହି ଭାବ ହଜିଯାଉଥିବାର ମୁଁ ଦୁଃଖର ସହ ଲକ୍ଷ୍ୟ କରି ପାରୁଛି । ସହୃଦୟତା ବଦଳରେ ଈର୍ଷା ଓ ଅସୂୟା ତା'ର ସ୍ଥାନ ପୂରଣ କରିଛି ।

ଥରେ ମନେପଡୁଛି, ବସନ୍ତବାବୁ 'ଫକୀର ମୋହନ କଲେଜ'ରେ ଅଧ୍ୟାପକ ଥିଲା-ବେଳେ ଗୋଟିଏ ସାମୂହିକ ବଣ-ଭୋଜିର ବ୍ୟବସ୍ଥା କରିଥିଲେ ଚାନ୍ଦିପୁର ବେଳାଭୂମିର ଘନ ଝାଉଁବଣ ଭିତରେ । ଏପରି କଳ୍ପନା ଥିଲା ତାଙ୍କର ଏକାନ୍ତ ନିଜସ୍ୱ । କଲେଜର ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ସହିତ ମୋତେ ମଧ୍ୟ ସେ ଆମନ୍ତ୍ରଣ କରି ନେଇ ଯାଇଥିଲେ—ଏ ଆନନ୍ଦର ସହଭାଗୀ ହେବାପାଇଁ । ମାସଥିଲା ଫାଲ୍ଗୁନ, ଋତୁ ଥିଲା ବସନ୍ତ । ଢେଉ-ଭଙ୍ଗା ସୁନୀଳ ସାଗରର ପୃଷ୍ଠଭୂମିରେ, ସୂର୍ଯ୍ୟ-କିରଣରେ ଚକ୍ ଚକ୍ କରୁଥିବା ସୁନେଲି ବାଲୁକା-ରାଶିର ମୁଲାୟମ୍ ଶେଯ ଉପରେ ଏବଂ ମର୍ମରିତ ନିବିଡ଼ ଝାଉଁବଣର ଛାୟା-ଚିତ୍ରିତ ଭ୍ରମଣ-ଲୋକ ଯେତେବେଳେ ମଧୁମାସରେ ମଉଳିଥିଲା, ଯୌବନଦୀପ୍ତ ଯୁବକ-ଯୁବତୀମାନେ ହରରଙ୍ଗୀ ପ୍ରଜାପତି ଭଳି ଉଡ଼ିବୁଲୁଥିଲେ ; ସେତେ-ବେଳେ ମୁଁ ଲକ୍ଷ୍ୟ କରିଛି ବସନ୍ତବାବୁ "ବୁଢ଼ାବାବୁ'ର ଭୂମିକାରୁ ଓହ୍ଲାଇ ଯାଇ ସତେ

Digitized by srujanika@gmail.com

ଯେମିତ ପାଲଟି ଯାଉଥିଲେ ଜଣେ ପ୍ରୀତିଲୁବ୍ଧ ସଦ୍ୟ ତରୁଣ । ସେ ଯେମିତ ବହୁବର୍ଷ ପଛକୁ ଫେରିଯାଉଥିଲେ । ରସସିକ୍ତ ଶିଳ୍ପୀମନ ତାଙ୍କର ନାଚି ଉଠୁଥିଲା ଗୋଟିଏ ଚଳ ଚଞ୍ଚଳା ଷୋଡ଼ଶୀ ନୃତ୍ୟାଙ୍ଗନା ଭଳି । ସେଦିନ ସେ ମୋତେ ହୁକୁମ ଦେଇଥିଲେ ଗୋଟିଏ କବିତା ଲେଖି ଝାଉଁବନ ଭିତରେ ଆୟୋଜିତ କବିତା-ଆସରରେ ପଢ଼ିବା ପାଇଁ । ମୋର ମନେଅଛି—ମୁଁ ସେହି ମନୋଜ୍ଞ ପରିବେଶରେ ମନେ ମନେ ମାତାଲ ହୋଇଥିବା ବେଳେ ସମୁଦ୍ରଲଗ୍ନ ବାଲୁକାର ମାଣ୍ଡୁଆ ଝାଉଁର ଶୀତଳ-ଉଷ୍ମତାକୁ ଅନୁଭବ କରି କବିତାଟିଏ ଲେଖି ସେଠାରେ ପଢ଼ିଥିଲି । ଶୀର୍ଷକ ଥିଲା—"ସମୁଦ୍ର : ଫଗୁଣ ଓ ଅପରାହ୍ନ ।" ତାହାର କେତୋଟି ପଙ୍‌କ୍ତି ଥିଲା ଏଥିପରି—

"ହାଓ୍ୱାରେ ପଣତ ଉଡ଼େ / ପଣତରୁ ଝରୁଛି ଫଗୁଣ,
ଫଗୁଣର ରଙ୍ଗେ ଆହା / କି ରଙ୍ଗୀନ ଏଇ ଝାଉଁ ବଣ !!

× × × ×

ସମୁଦ୍ର ଓ ଝାଉଁବଣ / ତା' ଭିତରେ ସେମାନେ କିଏ ସେ ?
ଫଗୁଣର ଫୁଲ ହୋଇ / ହସୁଛନ୍ତି ପ୍ରାଣର ମୁହାଁସେ ।
ବେଣୀରେ ଆକାଶ ଝୁଲେ / ଗୁହାଣିରେ ସମୁଦ୍ରର ଢେଉ,
ଆଖିରେ ଆଖିରେ ଏକ / ଉଆନଅଃ ପ୍ରୀତିର ତରଙ୍ଗ !!
ସେମାନେ ହସନ୍ତି ଆଉ / ସେମାନେ ବି ଗାଉଛନ୍ତି ଗୀତ ;
ଶୂନ୍‌ଶାନ୍ ବାଲୁଚରେ / ସେମାନେ ବି ସୁନାର କପୋତ !!

× × × ×

ସେମାନେ କି ସୂର୍ଯ୍ୟୋଦୟ / ବୁଝନ୍ତିନ ସୂର୍ଯ୍ୟାସ୍ତର ଭାଷା
ସେମାନେ ବସନ୍ତ ଯଦି / ଜାଣନ୍ତି କି ରୌଦ୍ରର ପିପାସା ??
ସେମାନଙ୍କ ପଣତରୁ / ଆଜି ଯେବେ ଝରୁଛି ଫଗୁଣ
ଏ ଧୂସର ବାଲୁଚରେ / ଅପରାହ୍ନ ଆହା କି କରୁଣ !!!"

ଏହି କବିତାର ଦର୍ପଣ ଭିତରେ ସେହି ପରିବେଶରେ କେବଳ ମୋର ନୁହେଁ, ବସନ୍ତବାବୁଙ୍କର ଏବଂ ଯେଉଁମାନେ ବୟସର ଅପରାହ୍ନରେ ପାଦ ଦେଇଥିଲେ ତା ଅନେକଙ୍କୁ ଦେଖିପାରିଥିଲେ, ପ୍ରତ୍ୟେକଙ୍କର ମନର ଛବିକୁ ମୁଁ ପ୍ରତିଫଳିତ କରିବାକୁ

Digitized by srujanika@gmail.com

ଚେଷ୍ଟା କରିଥିଲି । ସେଦିନର ସେହି ରଙ୍ଗୀନ ଚାନ୍ଦନୀ ଅପରାହ୍ନର ରୋମାଣ୍ଟିକ ସ୍ମୃତି ଆଜି ବହୁବର୍ଷ ପରେ ବି ମୋର ମନେ ପଡ଼ୁଛି । ମନେପଡ଼ୁଛି ବସନ୍ତବାବୁଙ୍କର ବିଚିତ୍ର ଖିଆଲ, ଆଉ ଜୀବନକୁ ବସନ୍ତମୟ କରିବାର ସେହି ଅପୂର୍ବ ଯୋଜନା ।

୧୯୬୪ରୁ ୭୦ ମସିହା ମଧ୍ୟରେ ମୁଁ "କାବ୍ୟ" ନାମକ ଏକ ସାମୟିକ କବିତା ପତ୍ରିକା ସଂପାଦନା କରୁଥିଲି । ଥରେ ବସନ୍ତବାବୁ ଗୋଟିଏ କବିତା ଆଣି ଦେଲେ ପ୍ରକାଶ ପାଇଁ । କବିତାର ନାମ ଥିଲା "ସ୍ୱପ୍ନ", କିନ୍ତୁ ତାହା ତାଙ୍କର ନିଜସ୍ୱ କବିତା ନଥିଲା ; ଥିଲା ଏକ ଇଂରାଜୀ କବିତାର ଅନୁବାଦ । ସେଥିରେ 'ସ୍ୱପ୍ନ'ର ମହତ୍ତ୍ୱ ପ୍ରତିପାଦନ କରିଥିଲେ କବି । ବସନ୍ତବାବୁ କବି ନୁହନ୍ତି ; କଥାକାର । ସଫଳ କଥାକାର । କିନ୍ତୁ କବିତାର ଜଣେ ମୁଗ୍ଧ ପାଠକ, ଜଣେ କାବ୍ୟ-ରସିକ । ମୋର ବହୁ କବିତା ସେତେବେଳେ ସେ ଇଂରାଜୀରେ ଅନୁବାଦ କରିଛନ୍ତି । 'ଶିମୂଳି' କବିତା ପଢ଼ି ସେ ଏତେ ମୁଗ୍ଧ ହୋଇ ଯାଇଥିଲେ ଯେ, କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସଙ୍କଳନ ଓ ସଂପାଦନା ପାଇଁ ଦିଆଯାଇଥିବା 'ଓଡ଼ିଆ କବିତା ସଞ୍ଚୟନ'ରେ ସେ ତାକୁ ଅନ୍ତର୍ଭୁକ୍ତ କରିଥିଲେ ଓ ତା'ର ଇଂରାଜୀ ଅନୁବାଦ ମଧ୍ୟ କରିଥିଲେ ।

ଇଂରାଜୀ ସାହିତ୍ୟର ଶିକ୍ଷକ ହୋଇଲେ ବି ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଦରଦ ଓ ଅବଦାନ କମ୍ ନୁହେଁ । 'ଲେମ୍ବ'ଙ୍କ କଥିତ ସେକ୍ସପିୟରଙ୍କ କାହାଣୀମାଳା ସେ ଇଂରାଜୀରୁ ଅନୁବାଦ ପାଇଁ ମୋ ପାଖରୁ ବହିଟି ମାଗି ନେଇଥିଲେ, ଯେଉଁ ବହିଟିକୁ ବହୁବର୍ଷ ତଳେ ମୋ ପୂଜ୍ୟ ପିତା ଛାତ୍ରାବସ୍ଥାରେ ପୁରସ୍କାର ପାଇଥିଲେ । ସେ ବହିଟି ନେଇ ପ୍ରତିଦାନରେ ଓଡ଼ିଆ ସାହିତ୍ୟକୁ 'ସେକ୍ସପିୟରଙ୍କ କାହାଣୀମାଳା' ଭଳି ପୁସ୍ତକ ଉପହାର ଦେଇଛନ୍ତି । ତା'ର ଅନୁବାଦ ଶୈଳୀ ଏତେ ସାବଲୀଳ ଯେ ଭାଷାନ୍ତର ବୋଲି ମନେହୁଏନା । ଓଡ଼ିଆରୁ ଇଂରାଜୀକୁ ଏବଂ ଇଂରାଜୀରୁ ଓଡ଼ିଆକୁ ଅନୁବାଦର କଳା ତାଙ୍କୁ ବେଶ୍ ମାଲୁମ୍ । ଫକୀର ମୋହନଙ୍କ ବହୁ ଗଳ୍ପ ଓ ଆତ୍ମଜୀବନୀର କିୟଦଂଶ ଇଂରାଜୀରେ ଅନୁବାଦ କରି ସେ ସେହି ଦକ୍ଷତାର ପ୍ରମାଣ ଦେଇଛନ୍ତି ।

ବସନ୍ତବାବୁ ସବୁବେଳେ କହନ୍ତି—"Literature has saved my life" ଏକଥା କାହିଁକି କହନ୍ତି, ତାଙ୍କ ନିକଟସମ୍ପର୍କରେ ଆସିଥିବା ଯେ କେହି ବୁଝି ପାରିବେ । ଆପାତ ଦୃଷ୍ଟିରେ ତାଙ୍କର ଦୁଃଖ ବୋଲି କିଛି ନାହିଁ । ଧନ, ଜନ, ଯଶ, ଗୌରବ, ବିଦ୍ୟା, ସବୁର ସେ ପୂର୍ଣ୍ଣ ଅଧିକାରୀ । ପିଲାମାନେ ପ୍ରତିଷ୍ଠିତ । ତଥାପି ସେ ଦୁଃଖୀ । ସବୁ ପ୍ରାପ୍ତି ଭିତରେ ଯେମିତି କିଛି ଅପ୍ରାପ୍ତିର ଶାଣିତ-ଦଂଶ । ତାଙ୍କ ହୃଦୟକୁ ସର୍ବଦା ବିଦ୍ଧ କରୁଛି । ପ୍ରୌଢ଼ତ୍ୱର ପ୍ରଥମ ପାଦରେ ପତ୍ନୀବିୟୋଗ, ତା'ପରେ ଅଳ୍ପଅଳ୍ପ ସାନପୁଅର ଜଳବୁଡ଼ି ବି ଜନିତ ଅକାଳ ବିୟୋଗ, ବାର୍ଦ୍ଧକ୍ୟରେ ଏକାକୀ ନିଃସଙ୍ଗ ଜୀବନଯାପନ, ତାଙ୍କର ଏହି ଦୁଃଖର

Digitized by srujanika@gmail.com

ଏକ ଏକ କାରଣେ ବୋଲି ମୋର ମନେହୁଏ । ତଥାପି ସେ ସଦା ହସ ହସ; ସଦା ସରସ । ଏହି ସମସ୍ତ ଦୁଃଖକୁ ଭୁଲିଯିବାପାଇଁ ସେ ଯେଉଁଦିନୁ କଲମ ଧରିଛନ୍ତି ଏବଂ ସାହିତ୍ୟକୁ ଆଶ୍ରୟ କରିଛନ୍ତି, ସେହିଦିନୁ ହିଁ ହୋଇଛି ତାଙ୍କର ନବଜନ୍ମ । ଏଇଥିପାଇଁ ତ ପଚିଶ ବର୍ଷ ବୟସ ପରେ କଲମ ଧରି ଓଡ଼ିଆ କଥା-ସାହିତ୍ୟକୁ ନୂଆ ରୂପ ଦେଇଥିବା ଅମର କଥାଶିଳ୍ପୀ ଫକୀର ମୋହନଙ୍କୁ ସେ ବରଣ କରିଛନ୍ତି ନିଜ ଗୁରୁ ରୂପେ ଏବଂ ତାଙ୍କର ସୁଯୋଗ୍ୟ ସାହିତ୍ୟିକ ଉତ୍ତର ଦାୟାଦ ରୂପେ ନିଜକୁ ପରିଚିତ କରାଇବାକୁ ସେ କେବେ କୁଣ୍ଠାବୋଧ କରନ୍ତି ନାହିଁ ।

ବସନ୍ତବାବୁଙ୍କୁ ନେଇ ବହୁ ସ୍ମୃତି ଜଡ଼ିତ । ସ୍ମୃତି-ବିସ୍ମୃତିର ଗ୍ରନ୍ଥାଳୟ ଭିତରେ ତାଙ୍କୁ ଖୋଜି ପାଇବା ମୁସ୍କିଲ । କେବେ କେବେ ତାଙ୍କ ସହ ଭୁଲ ବୁଝାମଣା ବି ହୋଇଛି । କେହି କେହି ମୋ ବିଷୟରେ ତାଙ୍କୁ ଭୁଲ ସମ୍ବାଦ ଦେଇ ଆମ ଭିତରେ ଫାଟ ସୃଷ୍ଟି କରିବାକୁ ବି ଚେଷ୍ଟା କରିଛନ୍ତି । କିନ୍ତୁ ଏହା ସାମୟିକ । ବସନ୍ତ ବାବୁ କିଛିଦିନ ପରେ ସବୁକୁ ପଛରେ ପକାଇ ପୁଣି ଆସି ହାଜର । ଏଇତ, କିଛିଦିନ ତଳେ ଗତ ଫେବୃୟାରୀ ମାସରେ ବିଶ୍ୱଭାରତୀ (ଶାନ୍ତିନିକେତନ) ଓଡ଼ିଆ ବିଭାଗ ପକ୍ଷରୁ ଫକୀର ମୋହନଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷ୍ୟେ ଆୟୋଜିତ ଆଲୋଚନା-ଚକ୍ରରେ ଯୋଗ ଦେବା ପାଇଁ ଯେତେବେଳେ ଆମନ୍ତ୍ରଣ ଆସିଲା, ବାରିପଦାରୁ ବସନ୍ତବାବୁ ଉଠିଦେଲେ ସାଙ୍ଗ ହୋଇ ଯିବାପାଇଁ । ବାଲେଶ୍ୱର ଷ୍ଟେସନରୁ ସାଥି ହୋଇ ଗଲୁଁ ଏବଂ ଚାରିଦିନ ପରେ ସାଥି ହୋଇ ଫେରିଲୁ । ଶାନ୍ତିନିକେତନର 'ପୂର୍ବପଲ୍ଲୀ' ଅତିଥି ଭବନରେ ଗୋଟିଏ କୋଠରିରେ ଯେଉଁ ଚାରିଦିନ ରହିଲୁ ସେ ହୃଦ୍ୟତା ଭୁଲିବାର ନୁହେଁ । ସେମିନାର୍‌ରେ ଯୋଗଦେବାଠାରୁ ଆରମ୍ଭ କରି ଚାଲି ଚାଲି ଶାନ୍ତିନିକେତନ ପରିକ୍ରମା ପର୍ଯ୍ୟନ୍ତ ସବୁଥିରେ ତାଙ୍କର ସେହି ସରସ ରସିକତା—କଥାରେ ଆଉ ଇଙ୍ଗିତରେ ସେହି ହାସ୍ୟଭରା ତୀର୍ଯ୍ୟକ୍ ବ୍ୟଙ୍ଗୋକ୍ତି । କେତେବେଳେ ଶ୍ଲୀଳ କେବେ ବା ସାମାନ୍ୟ ଅଶ୍ଲୀଳ । ସେଥିପ୍ରତି ଖାତିର ନାହିଁ । ନିଜକୁ ଖୋଲିଦେବାର ଅପୂର୍ବ ଇଚ୍ଛା । ସେଇଥିପାଇଁ ତ ସେ ମାନସିଂହଙ୍କର ସେହି ବିଖ୍ୟାତ କବିତାର ଗୋଟିଏ ପଙ୍‌କ୍ତି ଅନେକ ସମୟରେ ଆବୃତ୍ତି କରନ୍ତି—

"ପ୍ରଦୀପ ଜଳୁଛି କିଆଁ
ଲିଭାଅ ତାହାରେ
ତବ ରୂପ-ଶିଖା ଜଳୁ ଘନ ଅନ୍ଧକାରେ ।
ହୁଅ ଦିଗମ୍ବରୀ
ମେଘମୁକ୍ତ ଊଷା ସମ ।"

Digitized by srujanika@gmail.com

ମେଘମୁକ୍ତ ଉଷାସମ ସେ ନିଜର ହୃଦୟକୁ ବି ଖୋଲିଦିଅନ୍ତି ମୁକ୍ତିର ଆନନ୍ଦରେ । ଶାନ୍ତିନିକେତନରୁ ଫେରିବା ବେଳକୁ ସ୍ନେହାସ୍ପଦ କଲ୍ୟାଣ ଦେଇଥିବା ଆରକ୍ତ କିଂଶୁକ ଫୁଲଗୁଚ୍ଛିଏ ସେ ତାଙ୍କ ଏଟାଚରେ ଭର୍ତ୍ତି କରିଦେବା ପାଇଁ ମୋତେ କହିଥିଲେ । ଏହି କିଂଶୁକ ଫୁଲ ଭିତରେ ସେ ଯେମିତି ଦେଖିଆସିବାକୁ ଚାହୁଁଥିଲେ 'ଶାନ୍ତିନିକେତନ'ର ବାସନ୍ତୀ-ଦୃଶ୍ୟ । ବସନ୍ତବାବୁ ଜୀବନର ଶିଳ୍ପୀ, ଚିର-ବସନ୍ତର ଶିଳ୍ପୀ । ଯଥେଷ୍ଟ ପରିଣତ ବୟସରେ ବି ସେହି ବାସନ୍ତୀ ଅନୁଭବ ତାଙ୍କର ମ୍ଳାନ ହୋଇନାହିଁ । କେବେ ମ୍ଳାନ ହେବ ବି ନାହିଁ । ମୁଁ ସେହି ଯଶସ୍ୱୀ ଜୀବନ-ଶିଳ୍ପୀଙ୍କୁ ମୋର ଅଭିନନ୍ଦନ ଜଣାଉଛି । ବିଗତ ପ୍ରାୟ ତିରିଶବର୍ଷ ଧରି ତାଙ୍କ ସାହଚର୍ଯ୍ୟ ଲାଭ କରି ମୁଁ ଧନ୍ୟ ହୋଇଛି । ସେ ଦୀର୍ଘ ନିରାମୟ ଜୀବନ ନେଇ ଓଡ଼ିଆ ସାହିତ୍ୟକୁ ଆହୁରି କିଛି ଦାନ କରନ୍ତୁ ଏହା କାମନା କରୁଛି ।

—※—

Digitized by srujanika@gmail.com

# ସୁନାମଧନ୍ୟ କଥାକାର-
# ଶ୍ରୀ ବସନ୍ତ କୁମାର ଶତପଥୀ

### ଶ୍ରୀ ଦୁର୍ଗାଚରଣ କୁଅଁର

ଓଡ଼ିଆ ସାହିତ୍ୟର ବରିଷ୍ଠ ଗଳ୍ପ ଲେଖକ, ଅଧ୍ୟାପକ ଶ୍ରୀ ବସନ୍ତ କୁମାର ଶତପଥୀଙ୍କ ସହିତ ମୋର ଦୀର୍ଘ ଦିନର ପରିଚୟ । କେବଳ ପରିଚୟ ନୁହେଁ, ତାଙ୍କ ସହିତ ଓ ତାଙ୍କ ପରିବାର ସହିତ ଘନିଷ୍ଠ ସମ୍ପର୍କର ସୁଯୋଗ ମୋର ହୋଇଛି । ସେ ମୋର ଅଗ୍ରଜ । ବଡ଼ ଭାଇ ହିସାବରେ ମୁଁ ତାଙ୍କୁ ସମ୍ମାନ କରି ଆସିଛି ଏବଂ ଅନୁରୂପ ସ୍ନେହ, ଶ୍ରଦ୍ଧା ତାଙ୍କଠାରୁ ପାଇଛି ।

୧୯୪୭ରେ ଓଡ଼ିଶା ସହିତ ଓଡ଼ିଶା ଗଡ଼ଜାତ ସମୂହର ମିଶ୍ରଣ ହେଲା; କିନ୍ତୁ ମୟୂରଭଞ୍ଜ ରାଜ୍ୟ ମିଶିଲା ଗୋଟାଏ ବର୍ଷ ପରେ-୧୯୪୮ରେ । ବସନ୍ତବାବୁ ମୟୂରଭଞ୍ଜ ରାଜ୍ୟର ଲୋକ । ତାଙ୍କର ଜନ୍ମସ୍ଥାନ ପାଣ୍ଡଡ଼ା । ୧୯୨୯ରେ ଓଡ଼ିଶା ଶିକ୍ଷାବିଭାଗ ଦ୍ୱାରା ଇଂରାଜୀ ଅଧ୍ୟାପକ ଭାବେ ନିଯୁକ୍ତ ପାଇ ଉଭୟ ବାରିପଦା ଓ ପାରଳାଖେମୁଣ୍ଡି କଲେଜରେ କିଛି ବର୍ଷ ପାଇଁ ସହକର୍ମୀ ରୂପେ କାର୍ଯ୍ୟ କରିଛୁ । ୧୯[illegible]୭ରେ ବସନ୍ତବାବୁ କୃତିତ୍ୱ ସହକାରେ ଇଂରାଜୀରେ ଏମ୍. ଏ. ପାଶ କରି ମୟୂରଭଞ୍ଜ ଷ୍ଟେଟର ବିଭିନ୍ନ ପଦପଦବୀରେ ଦକ୍ଷତାର ସହିତ କାର୍ଯ୍ୟ କରି ତତ୍କାଳୀନ ଦରବାର ଶାସନର ପ୍ରିୟଭାଜନ ହୋଇପାରିଥିଲେ । ସେ ସମୟରେ ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତାରେ ରାଜ୍ୟର ରାଜଧାନୀ ବାରିପଦା ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ନାଟ୍ୟକଳା ଚର୍ଚ୍ଚାର ଏକ ପ୍ରାଣକେନ୍ଦ୍ର ରୂପେ ସାରା ଓଡ଼ିଶାରେ ସୁଖ୍ୟାତି ଅର୍ଜନ କରିଥିଲା । ବାରିପଦାର ଏ ଗୌରବ ପାଇଁ ବିଦଗ୍ଧ ସାହିତ୍ୟିକ ଓ କଳାପ୍ରେମୀ ବସନ୍ତବାବୁଙ୍କର ଅବଦାନ କିଛି କମ୍ ନୁହେଁ । ସେ ସମୟରେ ମହାରାଜାଙ୍କ ଆନୁକୂଲ୍ୟରେ ବାରିପଦାଠାରୁ ପ୍ରକାଶ ପାଉଥିବା ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ଭଞ୍ଜପ୍ରଦୀପ' ଏବଂ ଇଂରାଜୀ ପତ୍ରିକା Mayurbhanj Chronicleର ସମ୍ପାଦନା ଦାୟିତ୍ୱ ବସନ୍ତବାବୁ କିଛିକାଳ ତୁଲାଇ ଥିଲେ । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଲେଜରେ କାର୍ଯ୍ୟ କରୁଥିବା ସମୟରେ ଏକ ମର୍ମନ୍ତୁଦ ପରିସ୍ଥିତିରେ ବସନ୍ତବାବୁଙ୍କର ପତ୍ନୀ ବିୟୋଗ

Digitized by srujanika@gmail.com

ଘଟିଥିଲା । ସୁଯୋଗ୍ୟ ପୁତ୍ରକନ୍ୟାଙ୍କୁ ନେଇ ଗଠିତ ତାଙ୍କର ସୁଖୀ ପରିବାରଟି ଗୃହକର୍ତ୍ତ୍ରୀଙ୍କୁ ହରାଇ ଏକପ୍ରକାର ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ସେହିଦିନଠାରୁ ବସନ୍ତବାବୁ ନିଜକୁ ବଡ଼ ନିଃସଙ୍ଗ ବୋଧ କରୁଥିବାର ମୁଁ ଲକ୍ଷ୍ୟ କରିଛି । ଏହାର କିଛିବର୍ଷ ପରେ ବାଲେଶ୍ୱରରେ ଅବସ୍ଥାନ କାଳରେ ତାଙ୍କର ଏକ ପୁଅ ଜଳମଗ୍ନ ହୋଇ ମୃତ୍ୟୁ ବରଣ କରିବା ଘଟଣା ତାଙ୍କ ପ୍ରତି ଥିଲା ଆଉ ଏକ ଦାରୁଣ ଆଘାତ । କିନ୍ତୁ ନିଜର ଦୃଢ଼ ମନୋବଳ ଓ ସ୍ୱଭାବସୁଲଭ ସରସତା ସେ କେବେ ହରାଇ ନାହାନ୍ତି ।

ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ଏବଂ ବିଦଗ୍ଧ ସାହିତ୍ୟିକ ଭାବରେ ବସନ୍ତବାବୁ ସୁପରିଚିତ । ସେ ବିଚକ୍ଷଣଧୀ ଏବଂ ଇଂରାଜୀ ଓ ଓଡ଼ିଆ ସାହିତ୍ୟରେ ସୁପଣ୍ଡିତ । ସଂସ୍କୃତ ଓ ବଙ୍ଗଳା ସାହିତ୍ୟରେ ମଧ୍ୟ ତାଙ୍କର ଗଭୀର ପ୍ରବେଶ ଅଛି । କୌଣସି କବି ବା ଲେଖକଙ୍କର ଯାହା କିଛି ବୈଶିଷ୍ଟ୍ୟ ନିଜର ସୂକ୍ଷ୍ମ ବିଚାରବୁଦ୍ଧିରେ ସେ ସହଜରେ ଧରି ନିଅନ୍ତି ଏବଂ ସାହିତ୍ୟ ଆଲୋଚନା ସଭା ବା ସିମ୍ପୋଜିଅମମାନଙ୍କରେ ଭାଗ ନେବାବେଳେ ତାଙ୍କର ସାରଗର୍ଭକ ଓ ରସିକତା ପୂର୍ଣ୍ଣ ମନ୍ତବ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ । ପାରଳାଖେମୁଣ୍ଡି କଲେଜରେ ସହକର୍ମୀ ଥିବା ସମୟର ଏକ ଘଟଣା ଏବେ ବି ମୋର ସ୍ପଷ୍ଟ ମନେଅଛି । କଲେଜ ଇଂଲିଶ ଆସୋସିଏସନର ବାର୍ଷିକ ଉତ୍ସବରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଇଂରାଜୀ ପ୍ରଫେସର ଓ ଶିକ୍ଷୟିତ୍ରୀ Miss Stockଙ୍କୁ ପ୍ରଧାନଅତିଥି ରୂପେ ଆମନ୍ତ୍ରଣ କରାଯାଇଥାଏ । ଆଲୋଚନା ସଭାରେ ବସନ୍ତବାବୁ ଅଧ୍ୟକ୍ଷତା କରୁଥାନ୍ତି । Miss Stockଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଅଭିଭାଷଣ ପରେ ବସନ୍ତବାବୁ ତାଙ୍କର ସଭାପତି ଅଭିଭାଷଣରେ ଅଧିକ କିଛି ବିଷୟର ଅବତାରଣା ନ କରି Miss Stockଙ୍କ ଅଭିଭାଷଣର ପାଣ୍ଡିତ୍ୟପୂର୍ଣ୍ଣ ତର୍ଜମା କରି ଯେଉଁ ସରସ ଟିପ୍ପଣୀମାନ ଦେଇଥିଲେ ତାହା ତାଙ୍କର ପ୍ରତ୍ୟୁତ୍ପନ୍ନମତିତା ଏବଂ ସୂକ୍ଷ୍ମ ସାହିତ୍ୟିକ ରସବୋଧର ମୁଦ୍ରାଙ୍କ ବହନ କରେ । ବସନ୍ତବାବୁଙ୍କର କହିବାର ଭଙ୍ଗୀ ଏବଂ ଉନ୍ନତ ରସବୋଧ ବା Sense of humour ତାଙ୍କର ବକ୍ତବ୍ୟକୁ ଅଧିକ ଶକ୍ତିଶାଳୀ କରିଥାଏ ।

ବସନ୍ତବାବୁ ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ଜଣେ ପ୍ରଭାବଶାଳୀ ଗଳ୍ପଲେଖକ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ସେ ବ୍ୟାସକବି ଫକୀରମୋହନଙ୍କର ଜଣେ ସମଝଦାର ପାଠକ ଓ ପ୍ରଶଂସକ କେବଳ ନୁହଁନ୍ତି, ଗଳ୍ପଲିଖନ ଶୈଳୀରେ ତାଙ୍କର ଜଣେ ଅନୁଗାମୀ କହିଲେ ଅତ୍ୟୁକ୍ତି ହେବନାହିଁ । ବ୍ୟାସକବିଙ୍କ ପରି ବସନ୍ତବାବୁଙ୍କର ସୃଜନଶୀଳ ସାହିତ୍ୟିକ ପ୍ରତିଭାର ବିକାଶ ଜୀବନର ଉତ୍ତରାର୍ଦ୍ଧରେ ହିଁ ହୋଇଛି । ତାଙ୍କର ଅଧିକାଂଶ ଗଳ୍ପ ସରକାରୀ ଚାକିରିରୁ ଅବସର ନେବାପରେ ଲିଖିତ । ହାସ୍ୟ, କରୁଣ ଓ ବ୍ୟଙ୍ଗାତ୍ମକ ଶୈଳୀରେ ଫକୀରମୋହନଙ୍କ ଗଳ୍ପ ଉପନ୍ୟାସରେ ତାଙ୍କ ସମୟର ଓଡ଼ିଶାର ଚିତ୍ର ଯେଉଁଭଳି ଜୀବନ୍ତ ଭାବରେ ଫୁଟି ଉଠିଛି, ବସନ୍ତବାବୁ ତାଙ୍କ ଗଳ୍ପଗୁଡ଼ିକରେ

Digitized by srujanika@gmail.com

ସମସାମୟିକ ଓଡ଼ିଶାର ଜନଜୀବନକୁ ଚିତ୍ରିତ କରି ଫେଇଲାର ଦ୍ୱାରା ଚିତ୍ରଣ କରିବାରେ ସକ୍ଷମ ହୋଇଅଛନ୍ତି । ଏ ଦୃଷ୍ଟିରୁ ବସନ୍ତବାବୁ ଫକୀରମୋହନଙ୍କ ଗଳ୍ପଶୈଳୀର ଜଣେ ସାର୍ଥକ ବାହକ । ତାଙ୍କର 'ଗୋଷ୍ଠିଏ ଆଳୁ', 'ଗଙ୍ଗା ଓ ଗାଙ୍ଗୀ', 'ହାଇଦ୍ରାବାଦ ଅଙ୍କୁର' 'ମାଂଧାଣୀମାନଙ୍କର ଉଦ୍ଦେଶ୍ୟରେ', 'ଜାହାଙ୍ଗୀର', 'ଆକାଶୀ ଫୁଲ', 'କାଳୀ ଘା' ପ୍ରଭୃତି ଗଳ୍ପ ସମ୍ବଳିତ ଏ ଯାବତ୍ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟରେ ତାଙ୍କୁ ଅମ୍ଳାନ ପ୍ରତିଷ୍ଠା ଆଣି ଦେଇଛି । ତାଙ୍କର ଅନେକଗୁଡ଼ିଏ ଗଳ୍ପ ମୋ ଦ୍ୱାରା ସଂପାଦିତ 'ପାଞ୍ଚଜନ୍ୟ' ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା । ଗଳ୍ପ ପାଇଁ ଅନୁରୋଧ ଜଣାଇଲେ ସେ ମୋତେ କେବେ ନିରାଶ କରନ୍ତିନାହାନ୍ତି ।

ଚାର୍ଲସ ଓ ମେରୀ ଲେମ୍ବଙ୍କ ଦ୍ୱାରା ଲିଖିତ Tales from Shakespeareର ସଫଳ ଓଡ଼ିଆ ଅନୁବାଦ ବସନ୍ତବାବୁଙ୍କର ଅନ୍ୟ ଏକ ବିଶିଷ୍ଟ କୃତି । ଏହାଦ୍ୱାରା ସାଧାରଣ ଓଡ଼ିଆ ପାଠକ ବିଶ୍ୱପ୍ରସିଦ୍ଧ କବି ଓ ନାଟ୍ୟକାର ସେକ୍ସପିଅରଙ୍କ ନାଟକଗୁଡ଼ିକର ମନୋଜ୍ଞ କାହାଣୀ ଉପଭୋଗ କରିବାର ସୁଯୋଗ ଲାଭକରି ପାରନ୍ତି । ବସନ୍ତବାବୁଙ୍କ ଦ୍ୱାରା ସଂପାଦିତ ଓ ୧୯୭୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପ୍ରାଚୀନ ଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କବିତାର ଏକ ସଙ୍କଳନ 'ପଞ୍ଚସ୍ୱନ' ଓଡ଼ିଆ ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟର ପରିଚୟ ଦିଏ ।

ବସନ୍ତବାବୁ ଏବେ ଯେ ଅଶୀତିବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି ବିଶ୍ୱାସ କରିହୁଏ ନାହିଁ । ବାର୍ଦ୍ଧକ୍ୟ ତାଙ୍କର ପ୍ରଚଣ୍ଡ ଜୀବନୀ ଶକ୍ତି, ତର ସବୁଜ ମନ ଏବଂ ଗଭୀର ରସବୋଧକୁ ଅବନମିତ କରିପାରିନାହିଁ । ସେ ଦୀର୍ଘ ନିରାମୟ ଜୀବନଯାପନ କରି ଶତାୟୁ ଶରତ ଋତୁ ଉପଭୋଗ କରନ୍ତୁ, ସୃଷ୍ଟିକର୍ତ୍ତାଙ୍କ ନିକଟରେ ଆଜି ଆମର ଏତିକି ପ୍ରାର୍ଥନା ।

—*—



Digitized by srujanika@gmail.com

# ଘୁଙ୍ଗୁର ସାହି ଓ ଆକାଶୀ ଫୁଲ

ସୌରୀନ୍ଦ୍ର ବାରିକ

ବସନ୍ତ ଶତପଥୀଙ୍କ ଗଳ୍ପ ଉପରେ କହିବାକୁ ଗଲାବେଳକୁ କେମିତି ଅଡ଼ୁଆ ଅଡ଼ୁଆ ଲାଗେ । ଏହାର କାରଣ ମୁଖ୍ୟତଃ ଦୁଇଟି । ଗୋଟିଏ ଶ୍ରୀଯୁକ୍ତ ଶତପଥୀଙ୍କ ସହ ମୋର ସମ୍ପର୍କ ଏବଂ ଦ୍ୱିତୀୟଟି ସେ ଗଳ୍ପଗୁଡ଼ିକର ମୋ' ଉପରେ ପ୍ରଭାବ । ମୋର ହେତୁ ହେବା ଦିନଠାରୁ ମୁଁ ଶ୍ରୀଯୁକ୍ତ ଶତପଥୀଙ୍କୁ ଦେଖି ଆସୁଛି । ଦେଖି ଆସିଛି ଗୋରା ତକ୍ତକ୍ ସେ ହସିଲା ଲୋକଟି ବାଣପଡ଼ାର ରାସ୍ତାରେ ହସର ଝରା ବହୁ ବହୁ ଘୁରି ବୁଲୁଛି । ଦେଖି ଆସିଛି କ୍ଲାସ୍‌ରେ କେମିତି ସାର୍ ଲେଜାଲ୍ ଜି. କସ୍‌ରଲ୍ ପେପର ପଢ଼ାଇଲାବେଳେ ସେ ଆମକୁ ସେଇ ଚରିତ୍ରର ଜଗତକୁ ନେଇ ଯାଉଛନ୍ତି । ତାଙ୍କର ଭିତରେ ଆମେ ସେଇ ଅଦ୍ଭୁତ ଚରିତ୍ରକୁ ଆବିଷ୍କାର କରୁଛୁ । ସାର୍ ସେ ବହି ପଢ଼ାଉ ନଥିଲେ । ସିଏ ଆମ ଆଗରେ ବହିର ଜଗତକୁ ସୃଷ୍ଟି କରୁଥିଲେ । ନ୍ୟାକର ପଢ଼ୁଥିଲେ । ପୁଣି ଦେଖିଛି କ୍ରିକେଟ୍ ବଲ୍ ଧରି ତାଙ୍କ ପୁଅମାନଙ୍କୁ ବୋଲିଂ ଶିଖାଉଛନ୍ତି । ଅର୍ଥାତ୍ ସେ ମୋର ଚେତନାକୁ ପିଲାଦିନରୁ ଛୁଇଁ ଯାଇଛନ୍ତି ବହୁଭାବରେ । ସିଏ ମୋର ପାଖରେ ସ୍ରଷ୍ଟାଟିଏ ନା ସୃଷ୍ଟିଟିଏ କହିବା ମୋ' ପାଇଁରେ ଅସମ୍ଭବ । ଆଉ ଏଇ ଅସମ୍ଭବତା ହିଁ ତାଙ୍କ ସମ୍ପର୍କରେ ଆଲୋଚନା କରିବାରେ ପ୍ରଥମ ବାଧା । ଦ୍ୱିତୀୟ ତାଙ୍କ ଗଳ୍ପ । ସେଗୁଡ଼ିକ ତ ଘରର ଝରକା, ତାଙ୍କର ଅନ୍ତଃପୁର ଝରକା । ତାକୁ ଗଳ୍ପ ଭାବରେ କେମିତି ଆଲୋଚନା କରିହେବ । ତାଙ୍କ ଗପ ପଢ଼ିଲାବେଳେ ଲାଗେ ସେମିତି ତାଙ୍କ ସହ ଗପ କରୁଛୁ ଗପ କରୁଛୁ ଢେଙ୍କିରୁ ଢେଙ୍କାନାଳ । ହସିହସି ପେଟ ବଥା ହେଉଛି । ଲୁ' ପଡ଼େ ଲୁ' ଛୁଟେ । ଆଉ ସେ ଟଳିପଡ଼େ ଲାଗୁଛି ହସିହସି ଖାଲି ପେଟ ବଥା ହୋଇନାହିଁ, ଅଜାଣତରେ ମନ ଭିତରେ ମଧ୍ୟ କେଉଁଠି ବଥା ହୋଇଯାଉଛି । ଲାଗେ ସାର୍‌ଙ୍କର ହସଟା ଖାଲି ଉପରୋଳା ହସ ନୁହେଁ । କାନ୍ଦ ସହ ଫେଣ୍ଟାଫେଣ୍ଟି, ଆଉ ଅତି ସହଜରେ ସିଏ ଯେଉଁ କଥା କହିଗଲେ, ତା' ସେତେ ସହଜ କଥା ନୁହେଁ ; ତା'ର ଗୁମର ଅନେକ ।

ଗଳ୍ପ ଆଉ ଜୀବନ ଭିତରେ ଏଇ ଦୂରତ୍ୱହୀନତା ଆଲୋଚନା କରିବାରେ ବାଧା ସୃଷ୍ଟି କରେ । ତାଙ୍କ ଗପ ବାସ୍ତବତାର ପରିକଳ୍ପିତ ଛବି ନୁହେଁ । ବାସ୍ତବତାର

Digitized by srujanika@gmail.com

ବାସ୍ତବ ରୂପ । ତେଣୁ ଏହି ବାସ୍ତବତାକୁ କଳାର ମାନଦଣ୍ଡରେ କେମିତି ବିଗ୍ଭର କରିବି ଏହାହିଁ ମୋର ସମସ୍ୟା । ଏଇ ବାସ୍ତବତାର ଛବି କହିଲେ ମୁଁ କ'ଣ ବୁଝୁଛି ? ଶ୍ରୀଯୁକ୍ତ ଶତପଥୀଙ୍କ ପାଖରେ ତାଙ୍କ କଥାହିଁ ସବୁ କଥା । ସିଏ ଯେମିତି ଏକ ଚଳନ୍ତ ବସ୍ତୁ । ପ୍ରତି ମୁହୂର୍ତ୍ତରେ ବାସ୍ତବତାର ସାମ୍ନା କରୁଛନ୍ତି ଏବଂ ଏଇ ସାମ୍ନା କରିବାରେ ଯା' ଘଟୁଛି ସବୁ ତାଙ୍କ ପାଖରେ ଗପ । ତେଣୁ ସେ ଗଳ୍ପ ଖୋଜନ୍ତି ନାହିଁ, ଅଫଳନ୍ତ ଜୀବନକୁ ସଜାଡ଼ି ଗୋଟିଏ ଗୋଟିଏ ଗଳ୍ପ ତିଆରି କରନ୍ତି ନାହିଁ । ତାଙ୍କ ପାଖରେ ସବୁ ଗପ । ଯାହା ସେ ବଞ୍ଚନ୍ତି, ଯେମିତି ବଞ୍ଚନ୍ତି ତାହାହିଁ ଗପ । ଆଉ ଯେଉଁ ଭାବରେ ସେ କଥା କହନ୍ତି, ନେଇଁ ଶବ୍ଦ, ଭାଷା, ତାଙ୍କ ପାଟିକୁ ସ୍ୱତଃ ଆସିଯାଏ ତାହାହିଁ ତାଙ୍କର ଭାଷା, ମାଧ୍ୟମ । ଏହି ଅସଜଡ଼ା, ଅକୃତ୍ରିମତା ତାଙ୍କ ଗପର ପ୍ରାଣ । ଏହା ତେଣୁ ଅସଂଯତ ଅନୁଭୂତିର କୃତ୍ରିମ ସଜ୍ଜୀକରଣ ନୁହେଁ । ଏହା ଜଟିଳ, ମିଶ୍ରିତ ଅନୁଭୂତିର ଅକୃତ୍ରିମ, ସତ୍ୟଶୀଳ ପ୍ରକାଶ । ତେଣୁ ଏଥିରେ କଳାସ୍ୱାଦତା ହିଁ ଏକମାତ୍ର କଳା । ଏହାହିଁ ତାଙ୍କ ବାସ୍ତବତା, ତାଙ୍କ 'ମୁଁ'ର ବସନ୍ତିତ୍ୱ । ତେଣୁ ତାଙ୍କ ଗଳ୍ପରେ 'ମୁଁ'ର ଏତେ ପ୍ରଭାବ । ଆଉ ଏହି 'ମୁଁ'ଟିର ଦୁଇଟି ଦା' ଯଥା—ଶିଳ୍ପୀ ଓ ମଣିଷ, ଏକ ଏବଂ ଅଭିନ୍ନ । ଆଉ ସେଇ ଅଭିନ୍ନ 'ମୁଁ'ଟି ସହ ମୋର ଦୂରତା ବି ଖୁବ୍ କମ୍ । କାରଣ ମୋ' ପାଖରେ ତାଙ୍କୁ ପଢ଼ିବା ମାନେ, ତାଙ୍କ ପାଖରେ ବସି କଥା କହିବା । ଗପ ଶୁଣିବା ନୁହେଁ, ତାଙ୍କ ସହ ଗପିବା । ଗପ ପଢ଼ିବା, ଶୁଣିବା ସହ ଗପିବାର ଯେଉଁ ପାର୍ଥକ୍ୟ, ସେଇ ପାର୍ଥକ୍ୟଟାହିଁ ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପର ବିଶେଷତ୍ୱ । ଏହାହିଁ ତାଙ୍କ ଗଳ୍ପର ନିଜସ୍ୱତା ।

ଏହି ଗପିବା ଶେଷରେ ଥାଏ ଗୋଟିଏ ଅବସ୍ଥାର । ଏ ଅବସ୍ଥାର ବି ସେଇ ବସନ୍ତର 'ମୁଁ' ସହ ନିଜର 'ମୁଁ'ର ନିକଟତା । ଏହି ନିକଟତା ହିଁ ଏ ବାସ୍ତବତାର ସୂଚନା । ଅନୁଭୂତିର ଗଭୀରତା ସହ ଆନ୍ତରିକତା । କାରଣ ପାଠକ ନିଜକୁ ଲେଖକର 'ମୁଁ' ସହ ଅଜାଣତରେ ସାମିଲ କରିପାରିଥାଏ । ଆଉ ନିଜର 'ମୁଁ' ଜରିଆରେ ହିଁ ବସ୍ତୁକୁ ଦେଖିବାଟା ଏହି ଆସ୍ୱାଦସ୍ଥାର, ଏହି ଗଳ୍ପର ଆନନ୍ଦ ।

ଏହି ଆନନ୍ଦରେ ବିଭୋର 'ମୁଁ' ତାଙ୍କ ଗଳ୍ପକୁ ବିଶ୍ଳେଷଣ କରିବାକୁ ଗ୍ଭହେଁ ନାହିଁ । କେଉଁ ପିଲା ତା' କେଳେମା' ବା ଆଈର ଗଳ୍ପକୁ ବିଶ୍ଳେଷଣ କରେ ? ବିଶ୍ଳେଷଣ କରିବାକୁ ଗ୍ଭହେଁ ? ଏହାତ ଶିଶୁମନର ସରଳତା । କେବଳ ବିଶ୍ୱାସ, ଗ୍ରହଣ ଆଉ ଆନନ୍ଦ । ବରନ୍ତୁ ଶତପଥୀଙ୍କ ଗଳ୍ପ ପଢ଼ିଲେ ପ୍ରଥମେ ଏଇ ହଜିଯାଇଥିବା ଶିଶୁ ସରଳତା ଆଉଥରେ ଗଜୁରି ଉଠେ । ସବୁକୁ ସତ ଭାବରେ ଗ୍ରହଣ କରିନେଇ ହୁଏ । ସେଠେଇସବୁ ଅନଗଢ଼ କଳ୍ପନାର କାହାଣୀ । ମାତ୍ର ଏଠାରେ ଅନଗଢ଼ ବି କଳ୍ପନା ନାହିଁ, ଅଛି ଖାଲି ଅଙ୍କେ ନିଭେଇଥିବା ସତ କଥା । ପକ୍ଷୀରାଜ ନାହିଁ, ଅଛି ଘୁଷୁରିଆସାଦା ।

Digitized by srujanika@gmail.com

ରଜାପୁଅ ନାହିଁ, ଅଛି ଓଇ ଛେଲେଟା । ସ୍ୱପ୍ନର ନନ୍ଦନବନ ନାହିଁ, କାକଲୀ ନାହିଁ ଅଛି 'କାଣିଚଆଁ' ; ପୁଣି 'ଗୋଟିଏ ଆକୁ' । ତଥାପି ଏଠାରେ 'ଆକାଶୀ ଫୁଲ' ମିଳେ, ମିଳେ ବି ଫାଇନେଲ୍ ଖେଳର ଶିହରଣ । ଏହି ସବୁ ଜଗତକୁ ପ୍ରଶ୍ନ କରି ହୁଏ ନାହିଁ । ସବୁ ବସନ୍ତବାବୁ ହୋଇ ଆମ ଆଗରେ ଠିଆ ହୁଅନ୍ତି । ହସହସ, କାନ୍ଦକାନ୍ଦ ; କିନ୍ତୁ ସବୁବେଳେ ଅନ୍ତରଙ୍ଗ । ପ୍ରାଣଖୋଲା ଗପ ।

ତେଣୁ ବସନ୍ତବାବୁଙ୍କ ଗପ ପାଠକକୁ ଗଳ୍ପର ଜଗତକୁ ନେଇ ନଯାଇ ସିଧା ସଳଖ ଜୀବନ ଭିତରକୁ ନେଇଯାଏ । ଆଉ ଏମିତି ନେଇଯାଏ ଯେ, ନେଇଯାଉଛି ବୋଲି ଜଣାଯାଏନି । ତେଣୁ ତାଙ୍କ ଗଳ୍ପର ଆବେଦନ ବୌଦ୍ଧିକ ନୁହେଁ । ଗଳ୍ପ ଲେଖିବାର ନୂଆ ପରଂପରା ଭିତରେ ସେଇ ଆଦି କାହାଣୀ କହିବାର ସରଳ ପରଂପରାର ଧାରା କେମିତି ବ୍ୟତିକ୍ରମ ଲାଗେ । ଆଉ ଏଇ ବ୍ୟତିକ୍ରମରେ ହିଁ ତାଙ୍କ ଗଳ୍ପର ଆବେଦନ । କେବଳ କାହାଣୀ କହିବା ଢଙ୍ଗଟି ନୁହେଁ, ସେ ପ୍ରକୃତରେ ଗୋଟିଏ କାହାଣୀ କହିଥାଆନ୍ତି । ନିଜ ଅଙ୍ଗେ ନିଭେଇବା କାହାଣୀଟିଏ କହନ୍ତି । ଏଇ ଅଙ୍ଗେ ନିଭେଇବା କାହାଣୀଟି ତାଙ୍କ ପାଖରେ ବଡ଼ କଥା । ଏହା କଳ୍ପନା ନୁହେଁ, ପଳାୟନ ନୁହେଁ ଅବା ଉଦ୍‌ଭଟତା ନୁହେଁ, କେବଳ ସତ୍ୟ । ଆଉ ଏଇ ସତ୍ୟ ସବୁର ସୂଚନା ଦେଇଥାଏ । ସୂଚନା ଦିଏ କଳ୍ପନାର, ଉଦ୍‌ଭ-ଟତାର । କାରଣ ଜୀବନକୁ ଏ ଉଦ୍‌ଭଟତାରୁ କେହି କେବେ ବାଦ୍ ଦେଇ ପାରିବନି । ଏଇପରି ତ ବାସ୍ତବତାର ରହସ୍ୟ । ତେଣୁ 'ମୁଁ'ର କଥା କହିଲାବେଳେ ପୁଣି 'ଏଣ୍ଟି ରୋମା-ଣ୍ଟିକ' କଥା କାନକୁ କେମିତି ଅଡୁଆ ଲାଗେ, ବିରୋଧାଭାଷ ପରି ଶୁଭେ । କାରଣ 'ରୋମାଣ୍ଟିକ'ର ମୂଳମନ୍ତ୍ର 'ମୁଁ' । 'ମୁଁ'ର ପ୍ରକାଶ ତ ଏହାର ଏକମାତ୍ର ଲକ୍ଷ୍ୟ । ମାତ୍ର 'ଏଣ୍ଟି ରୋମାଣ୍ଟିକ' ଅବ୍ୟକ୍ତିକ, ଭାବପ୍ରବଣ ନୁହେଁ, ଯୁକ୍ତିନିଷ୍ଠ । ତେଣୁ ଗାଳ୍ପିକଙ୍କ ଏହି ଏଣ୍ଟି ରୋମାଣ୍ଟିକ୍ 'ମୁଁ' ଟିର ଗୁଣ କ'ଣ, ଲକ୍ଷ୍ୟ କ'ଣ ? ଶ୍ରୀଯୁକ୍ତ ଶତପଥି ନିଜେ ଲେଖିଛନ୍ତି—"ମୋର ଗଳ୍ପର ହିରୋ ହିରୋଇନ୍ ଏଣ୍ଟି ହିରୋ ପଦବାଚ୍ୟ । ମୋ ଗଳ୍ପରେ ବିଧବା, ଅନ୍ତଃସତ୍ତ୍ୱା, ବୁଢ଼ୀ, ବେଶ୍ୟା ସ୍ଥାନ ପାଆନ୍ତି । ମୋ' ଗଳ୍ପର 'ମୁଁ' ହେଲି ପ୍ରଟାଗନିଷ୍ଟ । ମୁଁ ଏଇ 'ମୁଁ' ବିଷୟରେ କହୁଛି । କାରଣ । ତା'ଛଡ଼ା ମୁଁ ଭାବୁଛି ଆଶ୍ରମରେ ଘଟସ୍ତନରେ ବୃକ୍ଷଲତାକୁ ପାଳୁଥିବା କୁମାରୀମାନଙ୍କ ଅଙ୍ଗ ସୌଷ୍ଠବ ମହାମୁନିଙ୍କ ରାମାୟଣର ଉତ୍ସ ହୋଇ ପାରିଲାନି, ହେଲି କାମ ମୋହିତ କ୍ରୌଞ୍ଚ ମିଥୁନରୁ ଗୋଟିଏ ଶରବିଦ୍ଧ ହେବାରେ ।" ଏ ଲେଖକଙ୍କର ମୁଁ ଆତ୍ମପ୍ରବଞ୍ଚନା ନୁହେଁ । ଏହା ବାସ୍ତବଦଗ୍‌ଧ, ଅନୁଭୂତି ଜର୍ଜରିତ ଏକ ଚେତନ ଅହଂ, ଯା'ଭିତରେ ଦହିବା ଏବଂ ଜୀବନକୁ ନିରେଖିବା ଏକ ହୋଇଯାଇଛି । ସିଏ ନିଜକଥା କହୁଛି ମାନେ ନିଜ କଳ୍ପନାର କଥା ନୁହେଁ । ବାସ୍ତବତା ସହ ତା' ସମ୍ପର୍କର କଥା, ସମ୍ପର୍କର କଥା । ଏହି ସମ୍ପର୍କରୁ ଜନ୍ମ ନିଅନ୍ତି ବିଭିନ୍ନ ଚରିତ୍ର, ବିଭିନ୍ନ ଘଟଣା ଓ ବିଭିନ୍ନ ପରିବେଶ । ସବୁ ପରିବେଶ, ଘଟଣା, ଚରିତ୍ର, ଲେଖକ ଗୁରୁତ୍ୱ-ପୂର୍ଣ୍ଣ । କାରଣ ସବୁଥିରେ ସିଏ । ଏହାହିଁ ତାଙ୍କର ଏଣ୍ଟି ରୋମାଣ୍ଟିକ୍ ବୋଧ; କାରଣ ସେ-

Digitized by srujanika@gmail.com

କୌଣସି ଚରିତ୍ର/ଘଟଣା ଭିତରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ସାମିଲ୍ କରି ଦିଅନ୍ତି । ସେହି ଘଟଣା ବା ଚରିତ୍ର ହୋଇ ଯା'ନ୍ତି । ନିଜର ସତ୍ତା ରହେନି । ସାନ ଏହି ସତ୍ତା ନ ରହିବାଟାହିଁ ତାଙ୍କ ଅହଂର ଅହଂତ୍ୱ । ଅହଂର ସତ୍ତା ଥିବାରୁ ହିଁ ସେ ବିଭିନ୍ନ ସତ୍ତା ଭିତରେ କାୟା ପ୍ରବେଶ କରିପାରୁଛନ୍ତି । ନିଜେ ସେ ବ୍ୟକ୍ତି ବା ଘଟଣା ହୋଇଯାଉଛନ୍ତି । ନିଜତ୍ୱ ଆରୋପ କରୁନାହିଁ । ନିଜକୁ ବିଲୀନ କରିଦେଉଛନ୍ତି । ଆଉ ଏଇଥିପାଇଁ ତାଙ୍କ ପାଖରେ ଜୀବନ, ବ୍ୟକ୍ତି ଏତେ ଜୀବନ୍ତ, ବାସ୍ତବ ହୋଇ ଉଠୁଛି । ଖାଲି ଆବେଗ ବା କଳ୍ପନା ନୁହେଁ, ବାସ୍ତବତାର ଦର୍ପଣରେ । ଅନୁଭବର କ୍ଲୋଜ୍ ଅପ୍ ମୁହୂର୍ତ୍ତରେ ହିଁ ଏହି ଅହଂ ନିଜକୁ ସାମିଲ୍ କରେ ବାସ୍ତବତା ସହ, ଆଉ ନିଜକୁ ନିକ୍ଷେପ କରି ଜାଳିଦିଏ ବାସ୍ତବତାର ବାସ୍ତବ ରୂପରେ । ଏହି କୁଳନ ବସନ୍ତବାବୁଙ୍କ ଗପ । ତାଙ୍କ 'ମୁଁ'ର କଥା । ଏହି ମୁଁକୁ ଧରି ଲେଖକ ପ୍ରବେଶ କରୁଛନ୍ତି ବାସ୍ତବତାର ବିଭିନ୍ନ ଦିଗକୁ । ନିଜର ଅହଂ ଦେଇ ଅନ୍ୟର ଅହଂକୁ ପ୍ରାଣବନ୍ତ କରିପାରୁଛନ୍ତି । ଅନୁଭବକୁ ଏତେ ନିକଟ କରି ପାରୁଛନ୍ତି । "ତେଣୁ ମାନୁଷୀ ପ୍ରେମକୁ ମୁଁ ସମ୍ପ୍ରସାରିତ କରୁଛି ଜଡ଼ ଜଗତକୁ ।" ଏହି ସମ୍ପ୍ରସାରଣ ଖାଲି ଜଡ଼ ଜଗତ ନୁହେଁ, ବାସ୍ତବ ଜଗତକୁ ।

ତେଣୁ ତାଙ୍କ ଗପ ଏକ ଯାତ୍ରା । ଏ ଯାତ୍ରାର ଆରମ୍ଭ ହୁଏ ନିଜ ଅହଂ ପାଖରୁ ବାହ୍ୟ ବାସ୍ତବତା ଆଡ଼କୁ ପୁଣି ବାହ୍ୟ ବାସ୍ତବତା ଭିତରେ ନିଜର ଅହଂକୁ ଧରି ଏକ ଅନ୍ତରଙ୍ଗ ସତ୍ତା ଆଡ଼କୁ । ଏ ଅନ୍ୱେଷା ଅହଂର ଅନ୍ୱେଷା, ଅହଂ ସମ୍ପର୍କରେ ବାସ୍ତବତା ଜରିଆରେ । ଖାଲି ଅନ୍ୱେଷା । ଏହି ଅନ୍ୱେଷାହିଁ ପ୍ରାପ୍ତି । ଏହାହିଁ ଉଦ୍ଦେଶ୍ୟହୀନ ଏକ ପରିକ୍ରମ । ଆନନ୍ଦ ଅହଂର, ଅହଂ ପ୍ରାପ୍ତିର । "ଦୁନିଆକୁ ଯେମିତି ଦେଖିଛି, ଜାଣିଛି, ତାହାହିଁ ପାଠକକୁ ଜଣାଇବାକୁ ଚାହେଁ । ସମାଜ, ସଂସ୍କାର, ବାଦ ଓ ମତ ପ୍ରଚାର ମୋର ଗଳ୍ପର ଲକ୍ଷ୍ୟ ନୁହେଁ । ସାମାନ୍ୟରୁ ଅସାମାନ୍ୟ ମହାନକୁ, ଇନ୍‌ସ୍ଟିଙ୍କ୍‌ରୁ ଇନ୍‌ଟ୍ୟୁସନକୁ, ମେଣ୍ଟାଲ୍‌ରୁ ସୁପ୍ରା-ମେଣ୍ଟାଲ୍‌କୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ, ଏକ କଥାରେ 'ମରମର'ରୁ 'ରମରମ'କୁ ମୁଁ ଗଳ୍ପ ଜରିଆରେ ଯିବାକୁ ଚାହେଁ । ଅର୍ଥାତ୍ ସତ୍ୟର ରହସ୍ୟଟିକୁ କିମ୍ବା ରହସ୍ୟର ସତ୍ୟଟିକୁ ଆବିଷ୍କାର ଜରିଆରେ ଲେଖକ ପାଇବାକୁ ଚାହାନ୍ତି । ଏହାହିଁ ସେ ଆବିଷ୍କାର ପାଇଁ ଅନ୍ୱେଷା । ଏହାହିଁ ତାଙ୍କ ଗଳ୍ପର ଆବେଦନ । ଘେରି ରହିଥିବା ସତ୍ୟ ଭିତରେ ବଂଚି ସେଇ ସତ୍ୟକୁ ଟପି ଯାଇ ଆଉ ଏକ ଅଟଳ ସତ୍ୟର ସନ୍ଧାନ । ଏହାହିଁ ତାଙ୍କ ଗଳ୍ପର ପରିଣତି । ତେଣୁ ତାଙ୍କ ପାଖରେ ମାଧ୍ୟମ, ଶୈଳୀ ବଡ଼ କଥା ନୁହେଁ; ବଡ଼ କଥା ଅନୁଭବ । ସତ୍ୟର ଅନୁଭବ । ସେଇ 'ରମରମ' ଶବ୍ଦ । ଏହି ଚେତନା ପ୍ରକାଶ କରେ ଆବେଗ ଅନୁଭୂତ ସବୁ ମୋର ଗାଳ୍ପିକ ଆତ୍ମା ପୁରୁଷ ଅକ୍‌ସିଜେନ ଭରା ବେଲୁନ୍ ପରି ମନର ଭେଦ ଊର୍ଦ୍ଧ୍ୱାକାଶରେ ବିଚରଣ କରୁଥାଏ" । କିମ୍ବା "ଦେହ ଛୁଇଁ ଜନ୍ମୁଛି ଜମା ଏଗୁଡ଼ାକ ଦୋଷବୁଣା ନୁହଁନ୍ତି, କୁଳଟା ନୁହଁନ୍ତି । ଆଙ୍ଗିକ ସୌନ୍ଦର୍ଯ୍ୟ ନଥିଲେ ବି ଆତ୍ମିକ ପବିତ୍ରତା ଓ ସତୀତ୍ୱ ଅଛି ।" 'ଅଲୌକିକ' ଗଳ୍ପର ଉପସଂହାର

Digitized by srujanika@gmail.com

ଦୁଇଟି ଯାକ ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପର ପ୍ରାଣ ବାସ୍ତବରେ ସୂଚନା ଦେଇଥାଏ । ତାଙ୍କ ଗଳ୍ପର 'ଆଙ୍ଗିକ ସୌନ୍ଦର୍ଯ୍ୟ' ଅର୍ଥାତ୍ ଫର୍ମ୍ ଆଉ ଟେକ୍ନିକ୍ ଜମାଲେ ଅର୍ଥାତ୍ ଶୈଳୀ ଉପରେ ଗୁରୁତ୍ୱ ନାହିଁ । ଗୁରୁତ୍ୱ ଅଛି କଥ୍ୟବସ୍ତୁ ଅର୍ଥାତ୍ ଅନୁଭୂତ ଉପରେ । କହିବାର କଥାଟି ଉପରେ, ଜୀବନର ଟୁକୁରାଟି ଉପରେ । ସେଇଥିପାଇଁ ସେ କହୁଛନ୍ତି—"ଗଳ୍ପ ତ ଗଳ୍ପ—ତାର ପରୀକ୍ଷା ନିରୀକ୍ଷା ପୁଣି କ'ଣ ? ମୁଁ ଗଳ୍ପ ଲେଖେଁ, ପରୀକ୍ଷା ନିରୀକ୍ଷା ଲେଖେଁ ନାହିଁ ।" ତାଙ୍କ ପାଖରେ, ସତ୍ୟ ପାଖରେ ସଚ୍ଚା ହେବା ହିଁ ବଡ଼ କଥା । ଏହାହିଁ ତାଙ୍କ ଗଳ୍ପର ସତ୍ତ୍ୱ ।

ଏହି ପରିପ୍ରେକ୍ଷୀରେ ବସନ୍ତ ଶତପଥୀଙ୍କ ଗଳ୍ପସାହିତ୍ୟ ବିଚାର୍ଯ୍ୟ । ତାଙ୍କ ସାହିତ୍ୟ ଏକ କଳାତ୍ମକ ଅନୁଭୂତିର ଜୀବନ୍ତ ଟୁକୁରା । ବିଭିନ୍ନ ଆକାରରେ କଟା ହୋଇ ଭିନ୍ନତାର ଚମକ ସୃଷ୍ଟି କରୁଥିବା ପାର୍କର ଗଛ ନୁହେଁ ; ଆପେ ଆପେ ଉଠିଥିବା ବଣୁଆ ଗଛ । ନିଜ ବଢ଼ିବା ଛନ୍ଦରେ ସଙ୍ଗୀତମୟ, ଜୀବନମୟ । ଏହି ଜୀବନମୟତା ହିଁ ତାଙ୍କ ଗଳ୍ପର ପ୍ରାଣ । ଆଉ ଏଇଥିରୁ ଜନ୍ମନିଏ ଜୀବନକୁ ଦେଖିବାର ସେଇ ଅହଂ ସଚେତନ ମଣିଷଟିର ଭିନ୍ନଭିନ୍ନ ଢଙ୍ଗ । କେତେବେଳେ ବ୍ୟଙ୍ଗାତ୍ମକ, କେତେବେଳେ ଟ୍ରାଜିକ୍ ଓ କେତେବେଳେ କରୁଣ ହାସ୍ୟରସ ଭରା; ମାତ୍ର ଏଇସବୁ ବିଭିନ୍ନତା ଭିତରେ ଗୋଟିଏ ଅଭିନ୍ନତା ଲକ୍ଷଣୀୟ । ତା' ହେଉଛି ଜୀବନାନୁଭବର ସତ୍ୟଶୀଳତା । ଏହାର ଭିତରେ ଫୁଟି ଉଠେ ତାଙ୍କ ଚେତନାର ଜଟିଳତାବୋଧ । ତାଙ୍କ ମାନସିକତା । ମଣିଷ ଆଉ ତା'ର ସ୍ଥିତିର ଜଟିଳ ସମ୍ପର୍କ । ତା'ର ରହସ୍ୟମୟତା ସହ ସରଳତା ପୁଣି ଅନ୍ତଃଚେତନା । ତାଙ୍କ ଗଳ୍ପରେ ବଞ୍ଚିବାର ସବୁ ସ୍ତର—ବାହ୍ୟ ପୁଣି ଅଭ୍ୟନ୍ତର—ଏକାକାର ହୋଇଯାଏ । ଏହି ପ୍ରସଙ୍ଗରେ 'ଧରିତ୍ରୀ' ଗଳ୍ପଟିକୁ ବିଚାର କରାଯାଇ ପାରେ । ଗଳ୍ପରେ ଗୋଟିଏ ପୋଲିସ ଅଫିସର ଏବଂ ଗୋଟିଏ ଆଦିବାସୀ ମହିଳାର ବର୍ଣ୍ଣନା । ବର୍ଣ୍ଣନାଟି ହୋଇଛି ବସ୍ ଯାତ୍ରାରେ । ଏ ଦୁଇଟି ଚରିତ୍ର ଭିତରେ ଜୀବନର ସବୁ ବିପରୀତ-ମୁଖିତା । ଏକାକାର ହୋଇଯାଇ ଜୀବନର ଆନନ୍ୟ ସରଳତା ଏବଂ ମାତୃତ୍ୱର ରୂପ ଝଲସି ଉଠିଛି । ମା ଆଉ ଧରିତ୍ରୀ ଏକାକାର ହୋଇଯାଇଛି । ଆଦି ସରଳତା, ପ୍ରାଚୁର୍ଯ୍ୟ ଆଦିବାସୀ ମହିଳାଟିର ସ୍ତନରୁ ଶିଶୁ ପାଟିରୁ ଝରିପଡ଼ୁଥିବା କ୍ଷୀରରୁ ସୂଚିତ ହେଉଛି । ସୃଷ୍ଟିର ପ୍ରତୀକ ଆମ ଆଗରେ ଫୁଟି ଉଠୁଛି ଆମର ବିକଳାଙ୍ଗତ୍ୱ ଭିତରେ ଯା'ର ପ୍ରତୀକ ସେଇ ପୋଲିସ ଦାରୋଗା । ଗଳ୍ପଟିରେ ବକ୍ରୋକ୍ତି ଅଛି । ଅଛି ମଧ୍ୟ ଅତି ଆନ୍ତରିକ ଅବବୋଧ । ଶିଶୁ ପ୍ରାପ୍ତି ପରେ ପରେ ମାତୃତ୍ୱର ସ୍ନେହମମତାର ଆଶ୍ଳେଷ । ମଣିଷର ଅସ୍ତିତ୍ୱର ଦୁଇଟି ଦିଗ ଯେମିତି ଅଙ୍ଗାଙ୍ଗୀ । ସେଇପରି ତାଙ୍କର ପ୍ରଥମ ଗଳ୍ପ 'କାଣିଚଆଁ'କୁ ନିଆଯାଇପାରେ । ଏଥିରେ ଚେତନାର ବିଭିନ୍ନ ସ୍ତର । ବଞ୍ଚିବାର ଜଟିଳତା ପୁଣି ସ୍ନେହ, ପ୍ରେମ ଭିତରେ ଲୁଚିଥିବା ନୃଶଂସତା ସବୁ ଏକାକାର । ମଣିଷର

Digitized by srujanika@gmail.com

ପ୍ରତିହିଂସାପରାୟଣତା ଏବଂ ବାପାମା'ଙ୍କ ଅସହାୟତା ସବୁ ମିଶି ଜୀବନର ଏକ ଦୁଃଖାତ୍ମକ ଅଥଚ ପୂର୍ଣ୍ଣାଙ୍ଗ ଛବି ଆଙ୍କି ଦିଏ । ବଞ୍ଚିବାର ସଂଘର୍ଷ ଭିତରେ କେତେବେଳେ ଘରସବୁ ତୁଳାପରି ଆକାଶରେ ଉଡ଼ିଯାଏ ତ ବାପାମା'ଙ୍କ ଆଗରେ ହୃଷ୍ଟପୁଷ୍ଟ ଶାବକ ଜଳିପୋଡ଼ି ମରିଯାଏ, ଏହାହିଁ ଜୀବନ । କୋଉଠି ନାହିଁ । ସେହିପରି 'ଆକାଶୀଫୁଲ' ସେମିତି ସମ୍ପର୍କର ଗଳ୍ପ । ବୃନ୍ଦାମଣୀର ଗଳ୍ପ । ସେହିପରି 'ଶ୍ୱେତପଦ୍ମ' ଗଳ୍ପ । ମଣିଷର ମଣିଷପଣିଆ ସାଥିରେ ତାକୁ ଘେରି ରହିଥିବା ବେପାରୀ ସମାଜର ସଂଘର୍ଷର ଏକ ମାର୍ମିକ କାହାଣୀ । ଏହି ପ୍ରସଙ୍ଗରେ 'କାଠ' ଗଳ୍ପର ଉଦାହରଣ ଦିଆଯାଇପାରେ । ଏହା ଏକ ଆଦିବାସୀର କଥା ନୁହେଁ । ମାତ୍ର ଆମ ମନ ଭିତରେ ଲୁଚି ରହିଥିବା କରସ କାଠର ମଧ୍ୟ ଆବିଷ୍କାର । ଏଠାରେ ମଣିଷର ସଂଘର୍ଷ । ତା'ର ମଣିଷପଣିଆ ସହ ମଣିଷ ମନର ଶଠତାର କଥା ମଧ୍ୟ ମର୍ମସ୍ପର୍ଶୀ । ସଭ୍ୟ ମଣିଷର ଜଟିଳତା, ସ୍ୱାର୍ଥପରତା ସହ ସାଧାରଣ ଆଦିବାସୀ ମଣିଷର ସରଳତାର ସୂଚନା ଲରେନ୍ସଙ୍କୁ ମନେ ପକାଇଦିଏ ।

ଏ ସମସ୍ତ ଗଳ୍ପରେ ମଣିଷର—ଅସ୍ତିତ୍ୱ ସମ୍ପର୍କରେ ଅବବୋଧର ଲକ୍ଷଣ ସ୍ପଷ୍ଟ । ଏହି ଅସ୍ତିତ୍ୱର ତତ୍ତ୍ୱ ବଡ଼ ଜଟିଳ । ଆଉ ଏହି ଜଟିଳତାକୁ ସହଜରେ ଧରି ରଖିବାର ପ୍ରୟାସ ବସନ୍ତ ଶତପଥୀଙ୍କ ଗଳ୍ପରେ । ତାଙ୍କ ଗଳ୍ପରେ ତେଣୁ ଏକ ସରଳତା ଦେଖିବାକୁ ମିଳିଥାଏ । ଏହି ସରଳତା ଆସିଥାଏ ବଞ୍ଚିବାର ଅନ୍ତରଙ୍ଗତାରୁ, ଅନୁଭୂତିର ଗମ୍ଭୀରତାରୁ । ଜୀବନକୁ ଦେଖିବାର ଢଙ୍ଗ କେତେବେଳେ ଗଳ୍ପକୁ ହାସ୍ୟରସରେ ରସାଣିତ କରିଥାଏ । ମାତ୍ର ଏ ହାସ୍ୟରସ ହାସ୍ୟରସ ପାଇଁ ସୃଷ୍ଟ ନୁହେଁ । ଏହା ଜୀବନର ଜଟିଳ ଛନ୍ଦର ସୂଚକ ପୁଣି ଦୁଃଖକୁ ଅଧିକ ଶାଣିତ କରିବା ପାଇଁ ସୃଷ୍ଟ । ଅନେକ ସମୟରେ ଦୁଃଖର ଏକ ଅଭିନ୍ନ ଅଙ୍ଗପରି ହାସ୍ୟରସକୁ ମନେ ହୋଇଥାଏ । ଶ୍ରୀ ଶତପଥୀଙ୍କ ଜୀବନଭଙ୍ଗୀ ଦୁଃଖାତ୍ମକ । ଜୀବନର ଦୁଃଖକୁ ସେ କେବଳ ହାଡ଼େ ହାଡ଼େ ଅନୁଭବ କରିନାହାନ୍ତି । ତାଙ୍କ ଗଳ୍ପରେ ତା'ର ପ୍ରତିଧ୍ୱନି ବଡ଼ ସ୍ପଷ୍ଟ । ମାତ୍ର ଗଳ୍ପରେ ବର୍ଣ୍ଣନା, ପରିବେଶ ଅବା ବ୍ୟକ୍ତିର ଛବି ଅନେକ ସମୟରେ ହାସ୍ୟରସ ସୃଷ୍ଟି କରିଥାଏ । ସେମିତି 'ରୋମାଣ୍ଟିକ କମେଡ଼ି' ଗଳ୍ପର ଆରମ୍ଭ ଅବା 'ନାଡ଼ୀଶାସ୍ତ୍ରୀ' ଗଳ୍ପଗ୍ରନ୍ଥର ଅଧିକାଂଶ ଗଳ୍ପ । ଗଳ୍ପଗୁଡ଼ିକ ଆମ ଦାମ୍ପତ୍ୟ ଜୀବନର ଗୋଟିଏ ଗୋଟିଏ ଟୁକୁରା, ଯେଉଁଠି ଆମ ଜୀବନର ଦୁର୍ବଳତା ବଡ଼ ସହଜ ଭାବରେ ଦେଖାଇ ଦିଆ ହୋଇଛି । ବର୍ଣ୍ଣନାର ଛଟା ସହ ମିଶିଛି ବ୍ୟଙ୍ଗ, ଅନୁଭୂତିର ଆନ୍ତରିକତା । ସବୁ ମିଶି ବାସ୍ତବତାର ନିଖୁଣ ଛବି 'ଶଜର' ଗଳ୍ପ ଏହାର ଏକ ଉଦାହରଣ ।

ହସ ତେଣୁ ଗାଳ୍ପିକ ପାଖରେ ଜୀବନର ଏକ ଉପାଦାନ । ବର୍ଣ୍ଣନାର ମାଧ୍ୟମ ନୁହେଁ । ଏହା ତାଙ୍କ ବଞ୍ଚିବାର ଢଙ୍ଗ । ଦୁଃଖକୁ ସାମ୍ନା କରିବାର ଓ ବୁଝିବାର ଢଙ୍ଗ । ଏହା ଅନୁଭୂତି ଏବଂ ଦୁଃଖର ଅନ୍ୟନାମ । ଦୁଃଖ ପାଖରୁ ଏହାକୁ ଭିନ୍ନ କରିହେବନାହିଁ ।

Digitized by srujanika@gmail.com

ଏହାକୁ ଅଲଗା ସୃଷ୍ଟି କରିଯାଏ ନାହିଁ । ଏହା ତାଙ୍କ ଗଳ୍ପରେ ଥାଏ । ଏହି ମୁହୂର୍ତ୍ତଙ୍କୁ ନେଇ ସେ ନିଜ ଅହଂକୁ ଦେଖିଛନ୍ତି । କଳ୍ପନା କରିଥାନ୍ତି ନୁହେଁ, ହାତେ ହାତେ ବଞ୍ଚିବା ମାଧ୍ୟମରେ । ସେଇଥିପାଇଁ ସେ ନିଜକୁ ଏଣ୍ଟି ରୋମାଣ୍ଟିକ କହୁଛନ୍ତି । କାରଣ ସେ ବଞ୍ଚୁଛନ୍ତି ଏବଂ ଏହି ବଞ୍ଚିବା ଭିତରୁ ଅଭିଜ୍ଞତାର ପକ୍ୱତାକୁ ହିଁ ସେ ପ୍ରକାଶ କରୁଛନ୍ତି । ତାଙ୍କ ଗଳ୍ପ ଏହି ପକ୍ୱତାର ପ୍ରକାଶ । ଏ ପକ୍ୱତା ଦାର୍ଶନିକ ନୁହେଁ, ମାଠ ସିଦ୍ଧ ନୁହେଁ । ଏହା ଉପଦେଶ ନୁହେଁ, ବିପ୍ଳବ ବି ନୁହେଁ । ଏହା ନିହାତି ବଞ୍ଚିବା । ଜୀବନ ବିଷୟରେ ଅନେକ କହିଥିବା କଥାକୁ ଯେମିତି ଅନୁଭବନ୍ତି ସେଇ ଭାବରେ କହିଦେବା ହିଁ ସତ୍ୟଶୀଳତା । ଏହି ସତ୍ୟଶୀଳତାକୁ ହିଁ ଆମେ ପାଉ ବସନ୍ତବାବୁଙ୍କ ଗଳ୍ପରେ, ଆଉ ପାଉ ତାଙ୍କ । ମଣିଷକୁ ତା'ର ଅସ୍ତିତ୍ୱକୁ ।

ସ୍ୱାଚ୍ଛନ୍ଦ୍ୟ ହିଁ ତାଙ୍କ ଗଳ୍ପର ଜୀବନ । ତାଙ୍କ ଗଳ୍ପ ଏତେ ସ୍ୱଚ୍ଛନ୍ଦ ଯେ ଗଳ୍ପ ବୋଲି ତ ଜଣା ପଡ଼େନି ; କିନ୍ତୁ ପଢ଼ି ସାରିଲେ ମନ ଚହଲିଯାଏ । ତାଙ୍କ ଗଳ୍ପରେ ଶ୍ଳେଷ, ହାସ୍ୟ, ଜୀବନବୋଧ ସବୁ ଅଛି । ଏମିତିକି ଶାଣିତ ବୁଦ୍ଧି ମଧ୍ୟ ଅଛି । ମାତ୍ର ଏହାର ଆବେଦନ ବୌଦ୍ଧିକ ନୁହେଁ । ଆତ୍ମିକ । ଏହାହିଁ ଶ୍ରୀଯୁକ୍ତ ଶତପଥିଙ୍କ ଗଳ୍ପର ବିଶେଷତ୍ୱ । ତାଙ୍କ ଗଳ୍ପ ପଢ଼ି ସାରିଲେ ମନେହୁଏ ଚେତନାରେ କେଉଁଠି ଗୋଟେ 'ମେଜର ଅପରେସନ୍' ହୋଇଯାଇଛି । ଆଉ ଏ ଅପରେସନ୍ ପରେ ନିଜର 'ମୁଁ'ର ରୂପ କେମିତି ନୂଆ ହୋଇଯାଇଛି, ଆଉ ମଣିଷର ଅସ୍ତିତ୍ୱ ନୂଆ ଅର୍ଥରେ ଗରୀୟାନ୍ ହୋଇ ଉଠିଛି । ଏହାହିଁ ତ ସବୁ ଶ୍ରେଷ୍ଠ କଳାର ଶ୍ରେଷ୍ଠତ୍ୱ । ବାସ୍ତବତାକୁ ଏକ ନିଜସ୍ୱ ଭାବରେ ଦେଖାଇ ଦେବା ଏବଂ ଚେତନାରେ ଏକ ଆଲୋଡ଼ନ ସୃଷ୍ଟି କରିବା । ତଥାପି ଜୀବନର ରହସ୍ୟ, ମଣିଷର ଅସ୍ତିତ୍ୱର ଜଟିଳତା ସମ୍ପର୍କରେ ଶେଷ ଜ୍ଞାନ ଅପହଞ୍ଚ ରହିଯାଏ । ପରିଣତ, ପକ୍ୱ ଚେତନା ଅପୂର୍ଣ୍ଣ ରହିଯାଏ । ଆଉ ଏଇ ଅପୂର୍ଣ୍ଣତାକୁ ସ୍ୱୀକାର କରିନେବା ଶିଳ୍ପୀର ପକ୍ୱତା । ଜୀବନର ଦୁଃଖ ସମ୍ପର୍କରେ ସେ ପ୍ରଶ୍ନ କରେ ହସ ମାଧ୍ୟମରେ । କଳା ହୋଇଯାଏ ଲୁହର ସ୍ମିତ ଅବବୋଧ । ଏହି ଅବବୋଧରେ ସଂସାର, ଆଉ ମଣିଷର ଅସ୍ତିତ୍ୱର ପ୍ରତୀକ ହୋଇଉଠେ ଦସ୍ତୁରିସାହି । "ଦସ୍ତୁରି ସାହିଟାର ଇତିହାସ ଅଛି, ରହସ୍ୟ, ରୋମାଞ୍ଚ, କବିତା, ନାଟକ ଅଛି; ସମସ୍ୟା ବି ଅଛି ଯାହା ଜଟିଳତର ହୋଇଛି ପ୍ରେମର ଅନୁପ୍ରବେଶରେ ।"

ଏହି ଜଟିଳତାର ଆବେଗଦଗ୍ଧ, ସ୍ୱାଚ୍ଛନ୍ଦ୍ୟ ଭିତରକୁ ପ୍ରେମ ଅନୁପ୍ରବେଶ କରି ଯେଉଁ ଜଗତ ସୃଷ୍ଟି କରେ, ଯେଉଁ ସମ୍ପର୍କ ସୃଷ୍ଟି କରେ ତାହାହିଁ ତ ବସନ୍ତ ଶତପଥିଙ୍କ ଗଳ୍ପର ଜଗତ ।

—※—

Digitized by srujanika@gmail.com

# ବସନ୍ତ ଶତପଥୀଙ୍କ ରମ୍ୟରଚନା : ଏକ ଦୃଷ୍ଟିପାତ

ଡଃ ବୈଷ୍ଣବ ଚରଣ ସାମଲ

ଯେଉଁ ରଚନା ରମ୍ୟ, ତାହାକୁ ରମ୍ୟରଚନା କହିଲେ ଯଥାର୍ଥରେ ରମ୍ୟରଚନାର ସ୍ୱରୂପ ପ୍ରକାଶ ପାଏନାହିଁ । ପ୍ରତ୍ୟେକ ସାରସ୍ୱତ ସୃଷ୍ଟିର ମୌଳିକ ଧର୍ମ ରମ୍ୟତା । ରଚନାଟି, କବିତା ହେଉ ବା କୌଣସି ଗଦ୍ୟାତ୍ମକ ରଚନା ହେଉ, ରମଣୀୟ ନ ହେଲେ ତାହା ସାହିତ୍ୟ ହୁଏ ନାହିଁ । ଏହି କାରଣରୁ ନିରୋଳା ବୈଜ୍ଞାନିକ, ଐତିହାସିକ, ଭୌଗୋଳିକ, ଦାର୍ଶନିକ ଇତ୍ୟାଦି ରଚନାକୁ ସାହିତ୍ୟ କୁହାଯାଏ ନାହିଁ । ସେଥିରେ କଳ୍ପନା, ଆବେଗ ଓ ରମ୍ୟତାବୋଧ ରହିଲେ ତାହା ସାହିତ୍ୟିକ ରଚନା ହୋଇଯାଏ । ଏହି କାରଣରୁ ରମ୍ୟରଚନା, ଯାହାକୁ ଫରାସୀ ଭାଷାରେ ବେଲେଲେତ୍ରାଁ (Belles-Letter) କୁହାଯାଏ, ଏକ ସ୍ୱତନ୍ତ୍ର ଗଦ୍ୟାତ୍ମକ ସାରସ୍ୱତ କଳା । ଏହା ବସ୍ତୁନିଷ୍ଠ (Objéctive) ଗୁରୁଗମ୍ଭୀର ବର୍ଣ୍ଣନାତ୍ମକ ପ୍ରବନ୍ଧ ନୁହେଁ ; କାହାଣୀ ମଧ୍ୟ ନୁହେଁ । ଅଥଚ ଏହା ପ୍ରବନ୍ଧ ଓ କାହାଣୀର ଏକ ଅପୂର୍ବ ମିଶ୍ରଣ । ବ୍ୟକ୍ତିନିଷ୍ଠ (Suhjective) ଶୈଳୀର ଏହା ଜୀବନ୍ତ ଭାଷ୍ୟ । ଏହା ବର୍ଣ୍ଣନାତ୍ମକ ନୁହେଁ ; ଆତ୍ମ ଅନୁଶୀଳନାତ୍ମକ । ବାହ୍ୟ ବସ୍ତୁମାନଙ୍କର ଏହା ସୁଷମ ସମାବେଶ ନୁହେଁ ; ଏକ ବିଶେଷ ଭାବଚିନ୍ତାର [illegible] ଆବେଗଦୀପ୍ତ ପରିପ୍ରକାଶ । ସେହି ଭାବ-ବିନ୍ଦୁକୁ କେନ୍ଦ୍ର କରି କେତେକ ବସ୍ତୁ-ରୂପ ଏଥିରେ ସ୍ୱତଃ ଝଙ୍କୃତ ହୋଇଯାଏ, ଯାହା ମୂଳ ଭାବକୁ ଢାଙ୍କେ ନାହିଁ ; ମୂଳଭାବର ହୋଇଯାଏ ପରିପୂରକ । କେନ୍ଦ୍ରଭାବଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅକ୍ଷତ ରହେ । ତେଣୁ ରମ୍ୟରଚନା ବହୁ ବସ୍ତୁର ମିଳିତ ଅର୍କେଷ୍ଟ୍ରା ହେଲେହେଁ ଏକକ ଭାବର ଉଦାର ଉଚ୍ଚାରଣ । ଏଥିରେ ଥାଏ ଗୀତିକବିତା (Lyrics)ର ଏକକ ଆବେଦନ । ଥାଏ ମଧ୍ୟ କାହାଣୀର ସ୍ୱାଦ ଓ ମାଧୁର୍ଯ୍ୟ । ତେଣୁ ଏହା ହୋଇଯାଏ ଗଦ୍ୟ-କବିତା (Prose-Poem) ସଦୃଶ; ଅଥଚ ଏହା କବିତା ନୁହେଁ, କାହାଣୀ ନୁହେଁ, ପ୍ରବନ୍ଧ ନୁହେଁ ; ଏକ ସ୍ୱତନ୍ତ୍ର ରମଣୀୟ ସ୍ୱତଃସ୍ଫୂର୍ତ୍ତ ସାରସ୍ୱତ ସୃଷ୍ଟି ; ଯାହାହିଁ ରମ୍ୟରଚନା ।

Digitized by srujanika@gmail.com

ରମ୍ୟରଚନା ବିଷୟଗୌରବୀ ନୁହେଁ । ଏହାର ଅର୍ଥ ନୁହେଁ ଯେ, ଏଥିରେ କୌଣସି ବିଷୟ ନଥାଏ । ବିଷୟ ଥାଏ ; ମାତ୍ର ତାହା ସ୍ରଷ୍ଟାର ଅଶରୀରୀ ବ୍ୟକ୍ତି-ପୁରୁଷ ସହିତ ତଲ୍ଲୀନ ହୋଇ ଭିନ୍ନ ରୂପରେ ଆତ୍ମପ୍ରକାଶ କରେ । ବିଷୟ ପୁରାତନ । ପ୍ରକାଶଭଙ୍ଗୀ କିନ୍ତୁ ନୂତନ । ବିଷୟ ସମସ୍ତଙ୍କ ନିକଟରେ ସମାନ । ରଚନା ଲେଖକର ନିଜସ୍ୱ । ରଚନା-ଶୈଳୀହିଁ ଲେଖକଙ୍କ ସ୍ୱତନ୍ତ୍ର କରିଦିଏ । 'ଯେଉଁ ଶୈଳୀ ବା ଭଙ୍ଗୀ ଯେତେ ଚମତ୍କାର ହୁଏ; ତାହା ପାଠକର ସେତେ ହୃଦ୍ୟ ହୋଇଯାଏ । ବିଷୟନିଷ୍ଠ ପ୍ରବନ୍ଧ ସୁଚିନ୍ତିତ ଓ ସୁନିର୍ଦ୍ଦିଷ୍ଟ । ଏହା ପୂର୍ବ ଅବଧାରିତ । ଆଦି ମଧ୍ୟ ଓ ଅନ୍ତ—ମଧ୍ୟ ଦେଇ ଏତାଦୃଶ ପ୍ରବନ୍ଧର ଗତି ଓ ପରିସମାପ୍ତି । ଏଥିରେ ପାଠକର ବୁଦ୍ଧି ଯୋଗସୂତ୍ର ସ୍ଥାପନ କରେ ଲେଖକର ବ୍ୟକ୍ତି-ଚିତ୍ତ ସହିତ । ହୃଦୟ ସହିତ ହୃଦୟର ମହାମିଳନ ଏଥିରେ ହୁଏ ନାହିଁ । ବ୍ୟକ୍ତି-ଚିନ୍ତା ଓ ବ୍ୟକ୍ତି-ଜ୍ଞାନ ଏହାର ପ୍ରମୁଖ ସ୍ୱର । ଆତ୍ମଗୌରବୀ ବା ବ୍ୟକ୍ତିନିଷ୍ଠ ପ୍ରବନ୍ଧରେ ହୃଦୟ ହେଉଛି ମୁଖ୍ୟ । ଏହା ତେଣୁ ଚିନ୍ତାପ୍ରଧାନ ନୁହେଁ ; ଭାବପ୍ରଧାନ । ଜ୍ଞାନର ବିଷୟକୁ ଏହା ଲଘୁକଳ୍ପନା-ପ୍ରଦୀପ୍ତ କରି ହାସ୍ୟୋଚ୍ଛଳ ରୂପେ ପାଠକକୁ ମୁଗ୍ଧ କରେ । ଏଥିରେ ନଥାଏ ଜୀବନର ଗୁରୁଗମ୍ଭୀର ପ୍ରଶ୍ନ । ମୀମାଂସା ନଥାଏ ; ଥାଏ ଶେଷହୀନ ଜିଜ୍ଞାସା । ବିଷୟବସ୍ତୁର ଗାମ୍ଭୀର୍ଯ୍ୟକୁ ଆତ୍ମଗତ ଭାବରସରେ ସ୍ନିଗ୍ଧ କରି ପାଠକର ଚତୁର୍ଦ୍ଦିଗରେ ସୃଷ୍ଟି କରେ ଏକ ଶାନ୍ତ ସୁନ୍ଦର କାନ୍ତ ଭାବମଣ୍ଡଳ । (୧) ରମ୍ୟରଚନା ବ୍ୟକ୍ତିଗତ ପ୍ରବନ୍ଧ ହୋଇପାରେ ଅଥବା ନ ହୋଇପାରେ । ମାତ୍ର ଏଥିରେ ଥାଏ "ଅନୁଭୂତି ସ୍ନିଗ୍ଧ ସରସ ହାସ୍ୟମଧୁର ଆତ୍ମକଥନ, (୨) ଏ ଧରଣର ରଚନାରୁ ଲେଖକର ବ୍ୟକ୍ତି-ପୁରୁଷକୁ ଅଲଗା କରିହୁଏ ନାହିଁ । ଏଥିରେ ଆତ୍ମପ୍ରଚାର ନ ଥାଏ ; ଥାଏ ଆତ୍ମନିବେଦନ ତେଣୁ ରମ୍ୟରଚନା ସାହିତ୍ୟରେ ଏକ ସ୍ୱତନ୍ତ୍ର କଳା-କର୍ମ । ଯେ କୌଣସି ରଚନା ରମଣୀୟ ହେଲେହେଁ ତାହାକୁ ରମ୍ୟରଚନା କୁହାଯାଇ ପାରିବ ନାହିଁ । ବ୍ୟକ୍ତିତ୍ୱ-ସୌରଭ-ସଞ୍ଚାରକ୍ଷମ ରଚନା, ଯାହା ଗୀତିକବି ପରି ଆତ୍ମସଚେତନ, ତାହାହିଁ ରମ୍ୟରଚନା । ଏହା ଆତ୍ମୀୟତା ସୃଷ୍ଟି କରେ, ଜୀବନର ବାସ୍ତବ ଅନୁଭୂତିକୁ ନେଇ ହୁଏ ଜୀବନ୍ତ ଭାସ୍ୱର ।

କଥାଅଛି ସୁଇଫ୍ଟ ଇଂରାଜୀ ସାହିତ୍ୟରେ ରମ୍ୟରଚନାର ପ୍ରଥମ ପ୍ରବର୍ତ୍ତକ । ତାଙ୍କ ପୂର୍ବରୁ ବ୍ୟକ୍ତିଗତ ପ୍ରବନ୍ଧ-ରଚନାର ଧାରା ସୃଷ୍ଟି ହୋଇ ସାରିଥିଲା । ମଁଟେନ (Montaigne) ବ୍ୟକ୍ତିଗତ ପ୍ରବନ୍ଧ-ରଚନାର ଧାରା ସୃଷ୍ଟି କଲେ । ଏହା ମଧ୍ୟ

---

୧ । ଶ୍ରୀଶଚନ୍ଦ୍ର ଦାସ—ସାହିତ୍ୟ ସଂଦର୍ଶନ—ଆଲଫା ପବ୍ଲିସିଂ କମ୍ପାନୀ କଲିକତା—ପୃ—୧୭୯

୨ । ଅଦ୍ୱୈବ—ପୃ—୧୭୯ ।

Digitized by srujanika@gmail.com

ରମ୍ୟରଚନାଧର୍ମୀ । ଊନବିଂଶ ଶତାବ୍ଦୀରୁ ରମ୍ୟରଚନା ବିଶ୍ୱ-ସାହିତ୍ୟରେ ସ୍ୱକୀୟ ପ୍ରସ୍ତାର କରିବାକୁ ଆରମ୍ଭ କଲା ଓ ବିଂଶ ଶତାବ୍ଦୀରେ ଏହି ବିଭାଗଟି ହେଲା ଋଦ୍ଧିମନ୍ତ ଓ ସମୃଦ୍ଧ । ଗୁରୁଗମ୍ଭୀର ବିଷୟର ତାତ୍ତ୍ୱିକ ଓ ବୁଦ୍ଧିଦୀପ୍ତ ବର୍ଣ୍ଣନା ପରିବର୍ତ୍ତେ ତରଳ କଳ୍ପନା-ଲୀଳା ଓ ମୁହୂର୍ତ୍ତିର ଭାବଭାବନା ଏକ ସ୍ୱତନ୍ତ୍ର ଶୈଳୀରେ ପ୍ରବନ୍ଧରେ ପ୍ରକାଶିତ ହେଲା । ଏପରି ପ୍ରବନ୍ଧରେ ଥାଏ ଲଘୁଚିନ୍ତା ଓ ରଙ୍ଗୀନ ରସ-କଳ୍ପନା । ଲଘୁ ଚିନ୍ତା ଥାଏ ବୋଲି ରମ୍ୟରଚନା ଲଘୁ ହୋଇଯାଏ ନାହିଁ । ତା' ଭିତରେ ଫୁଟି ଉଠେ ଜୀବନର ରହସ୍ୟଘନ ଭାବମୂର୍ତ୍ତିର କଳ୍ପନା କାନ୍ତ ରୂପ । ଏଥିରେ ହାସ୍ୟ-ମଧୁର ପରିବେଶଟିଏ ଥାଏ ; ଥାଏ ମଧ୍ୟ ବ୍ୟଙ୍ଗ ବିଦ୍ରୂପର ରମଣୀୟ ଧାରଟିଏ । ମଣିଷର ଦୁର୍ବଳତମ ଛିଦ୍ରରେ ଆଘାତ ଥାଏ । ଯେଉଁସବୁ ଘଟଣା ବା ପ୍ରବୃତ୍ତି ନାନା ସମସ୍ୟା ସୃଷ୍ଟି କରେ ତାହାପ୍ରତି ଥାଏ ବିଦ୍ରୂପ । ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ଧର୍ମୀୟ ଇତ୍ୟାଦି ନାନା ସମସ୍ୟା ରମ୍ୟରଚନାର ଅଙ୍ଗୀଭୂତ ହୁଏ । ଅନେକ ସମୟରେ ସାଧାରଣରେ ଯାହା ଏକାନ୍ତ ନଗଣ୍ୟ ଓ ଚିନ୍ତାବହିର୍ଭୂତ ହୋଇ ରହିଥାଏ, ତାହାକୁ ରମ୍ୟରଚନା ସାଦର ନିମନ୍ତ୍ରଣ କରି ଆଣେ ଆପଣା କକ୍ଷକୁ । ଓଡ଼ିଆ ସାହିତ୍ୟରେ ଗୋବିନ୍ଦ ତ୍ରିପାଠୀ ବହୂଆ, କଖାରୁ ଫୁଲ ଇତ୍ୟାଦି ରଚନା କରି ଏହିପରି ଏକ ନୂତନ ପରମ୍ପରା ସୃଷ୍ଟି କଲେ । ନଗଣ୍ୟ ଓ ସାଧାରଣ ଭିତରେ ଜୀବନର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଲଘୁ ଶୈଳୀରେ ବ୍ୟଞ୍ଜିତ ହୋଇ ପାଠକ ହୃଦୟରେ ଏହା ରେଖାପାତ କରେ ।

ଓଡ଼ିଆ ରମ୍ୟରଚନାର ଆଦ୍ୟ ସ୍ରଷ୍ଟା କବିବର ରାଧାନାଥ ରାୟ । 'ବିବେକୀ' (୧୮୭୩) ତାଙ୍କର ଏକମାତ୍ର ରମ୍ୟରଚନା । ତାଙ୍କ ପରେ ବ୍ୟାସକବି ଫକୀରମୋହନ ସେନାପତି 'ନନାଙ୍କ ପାଞ୍ଜି' ରଚନା କରି ରମ୍ୟରଚନାର ନୂତନ ଦିଗନ୍ତ ଉନ୍ମୋଚନ କଲେ । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର 'ଭାଗବତ ଟୁଙ୍ଗୀରେ ସଂଧ୍ୟା', 'ବାଇ ମହାନ୍ତିଙ୍କ ପାଞ୍ଜି', 'ଆମ ଘରର ହାଲଚାଲ', 'ଦୁନିଆର ହାଲଚାଲ', 'ନନାଙ୍କ ବସ୍ତାନି', 'ବାଈନାନୀଙ୍କ ବୃଜୁଳି', 'ମିଆଁ ସାହେବଙ୍କ ରୋଜନାମଚା' ଇତ୍ୟାଦି ରଚନାଗୁଡ଼ିକ ଗୋଟିଏ ଗୋଟିଏ ସାର୍ଥକ ରମ୍ୟରଚନା । ତାଙ୍କ ପରେ ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, କୃଷ୍ଣ ପ୍ରସାଦ ବସୁ, ନିତ୍ୟାନନ୍ଦ ମହାପାତ୍ର, ହରେକୃଷ୍ଣ ମହତାବ, କୁଞ୍ଜବିହାରୀ ଦାଶ ପ୍ରମୁଖ ରମ୍ୟରଚନା କ୍ଷେତ୍ରରେ ହେଲେ ଯଶସ୍ୱୀ ସ୍ରଷ୍ଟା । ସ୍ୱାଧୀନତା ପରବର୍ତ୍ତୀ କାଳରେ ଚିତ୍ତରଞ୍ଜନ ଦାସ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, କୃଷ୍ଣ ଚରଣ ବେହେରା, ଚୌଧୁରୀ ହେମକାନ୍ତ ମିଶ୍ର, ସୁଶୀଲ ମୋହନ ମିଶ୍ର ପ୍ରମୁଖ ରମ୍ୟରଚନା ଲେଖି ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଅଛନ୍ତି । ବସନ୍ତ କୁମାର ଶତପଥୀ ଜଣେ ସାର୍ଥକ କ୍ଷୁଦ୍ରଗଳ୍ପ ଲେଖକ ଭାବରେ ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଅନେକ ରମ୍ୟ-ରଚନାର ଲେଖକ ଭାବରେ ସୁପରିଚିତ । ତାଙ୍କର ରମ୍ୟରଚନା ସ୍ୱତନ୍ତ୍ର ସ୍ୱାଦ ଓ ଶୈଳୀର । ତାଙ୍କ ରଚନାରେ ଫକୀରମୋହନ ଓ ଗୋବିନ୍ଦ ତ୍ରିପାଠୀଙ୍କ ବାରିହୁଏ । ଅଥଚ ସେ

Digitized by srujanika@gmail.com

ତାଙ୍କର ରମ୍ୟରଚନାକୁ ଦର୍ଶନ ବା ତତ୍ତ୍ୱ ଭାରାକ୍ରାନ୍ତ କରନ୍ତି ନାହିଁ । ହାସ୍ୟମଧୁର ପରିବେଶ ଓ ଲଘୁ କଳ୍ପନା-ଭାନ୍ତି ରୂପ ତାଙ୍କ ରମ୍ୟରଚନାର ବୈଶିଷ୍ଟ୍ୟ । ଶୁକ୍ଲପକ୍ଷ ଶରତ ଆକାଶର ଧଳା ମେଘଖଣ୍ଡ ପରି ତାଙ୍କର ଚିଦାକାଶରେ ଘୂରି ବୁଲୁଥିବା ଖଣ୍ଡ ଖଣ୍ଡ ଭାବରାଜିର ଚଟୁଳ ମଧୁର ଅଭିବ୍ୟକ୍ତି ହିଁ ତାଙ୍କର ରମ୍ୟରଚନା । ସେଥିରେ ଗଳ୍ପର ସ୍ୱାଦ ଅଛି; ଅଛି ମଧ୍ୟ ପ୍ରବନ୍ଧର ଚିନ୍ତାଦୀପ୍ତ ଭାବନା । ଗୀତିକବିର ଆତ୍ମାନୁଭୂତି ଅଛି; ଅଛି ମଧ୍ୟ ଆତ୍ମନିବେଦନର ଆନ୍ତରିକ ଅଭୀପ୍ସା । ସାଧାରଣ ଘଟଣା ତାଙ୍କ ରମ୍ୟରଚନାରେ ରୂପାୟିତ । ଗୁଡ଼ାଏ କଚ୍ଛ ତତ୍ତ୍ୱ ବଖାଣିବା ତାଙ୍କର ଧର୍ମ ନୁହେଁ । ନିଜର ବାସ୍ତବ-ସତ୍ତାକୁ ସେ ତାଙ୍କର ରମ୍ୟରଚନାରେ ମିଶାଇ ଦିଅନ୍ତି । ତାରି ଭିତରୁ ସେ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି ସମାଜକୁ, ଆତ୍ମମୁଗ୍ଧ ମଣିଷକୁ । ମଣିଷର ଦୁର୍ବଳତମ ବିନ୍ଦୁକୁ ଆଘାତ ଦିଅନ୍ତି । ସଂସ୍କୃତିର ଅନ୍ତର୍ନିହିତ ପ୍ରାଣସତ୍ତାକୁ ସେ ଦେଖାଇ ଦିଅନ୍ତି । ମଣିଷର ପ୍ରକୃତି ଓ ଚରିତ୍ରକୁ ଏପରି ଭାବରେ ସେ ପ୍ରକାଶ କରି ଦିଅନ୍ତି ଯେ, ଯାହା ପାଠକର ଅନ୍ତରକୁ ଦୋହଲାଇ ଦିଏ ଓ ପାଠକ ଅନୁଭବ କରେ ସତେ ଯେପରି ସେ ନିଜେ ହୋଇଯାଇଛି ତାରି ଭିତରେ ଚରିତ୍ରଟିଏ । ଏହି ଦୃଷ୍ଟିରୁ ଶ୍ରୀ ଶତପଥୀଙ୍କ ରମ୍ୟରଚନା ସ୍ୱତନ୍ତ୍ର ହୋଇଯାଏ ।

ଶ୍ରୀ ଶତପଥୀଙ୍କର ଆଦ୍ୟ ସାରସ୍ୱତ ପ୍ରତିଭାର ପରିଚୟ ଘଟେ ଠିକ୍ ସ୍ୱାଧୀନତାର ପ୍ରାକ୍‌କାଳରେ 'ଭଞ୍ଜପ୍ରଦୀପ'ରେ ପ୍ରକାଶିତ 'ଛାୟା ଓ କାୟା' ଗଳ୍ପ ମଧ୍ୟରେ । ଏହି ସମୟରେ ସେ ରଚନା କରନ୍ତି ଫକୀରମୋହନଙ୍କ ସାରସ୍ୱତ ସୃଷ୍ଟିର ଏକ ହୃଦୟଗ୍ରାହୀ ସମୀକ୍ଷା । ତତ୍ପରେ ଦୀର୍ଘ ନୀରବତା । ମୟୂରଭଞ୍ଜ ଓଡ଼ିଶା ସହିତ ମିଶିବା (୧୯୪୯) ପରେ ସେ ରାଜ ପରିବାରରୁ ଓଡ଼ିଶାର ବୃହତ୍ତର ପରିବାରକୁ ଗତିକଲେ ଓ ଇଂରାଜୀ ଅଧ୍ୟାପକ ଭାବରେ କାର୍ଯ୍ୟକଲେ । ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ଗଭୀର ଅଭିଜ୍ଞତା । ସଂସ୍କୃତ ସାହିତ୍ୟର କାଳିଦାସ ଓ ଇଂରାଜୀ ସାହିତ୍ୟର ସେକ୍ସପିୟର ତାଙ୍କର ସବୁଠାରୁ ପ୍ରିୟ ଲେଖକ । ଓଡ଼ିଆ ସାହିତ୍ୟର ସେ ନୀରବ ପାଠକ ଓ ଗମ୍ଭୀର ଅନୁରାଗୀ । ଫକୀରମୋହନ ତାଙ୍କର ସବୁଠାରୁ ବେଶୀ ପ୍ରିୟ । ସେକ୍ସପିୟରଙ୍କ କାହାଣୀମାଳାକୁ ସେ ଅନୁବାଦ କରିଛନ୍ତି ଓଡ଼ିଆ ଭାଷାରେ । ୧୯୫୮/୫୯ ସାଲରେ ତାଙ୍କ ଜୀବନରେ ସୃଷ୍ଟି ହେଲା ଘୋର ବିପର୍ଯ୍ୟୟ । ପତ୍ନୀଙ୍କର ମାନସିକ ଅସ୍ଥିରତା ଓ ଅସୁସ୍ଥତା ବୃଦ୍ଧି ଏବଂ ଅବଶେଷରେ ବିୟୋଗ । ଏହି ଘଟଣା ହିଁ ତାଙ୍କୁ ଚାର୍ଲସ ଲେମ୍ବଙ୍କ 'ଟେଲ୍‌ସ୍ ଫ୍ରମ୍ ସେକ୍‌ସପିଅର' ଅନୁବାଦ ପାଇଁ ପ୍ରେରଣା ଦେଲା । ଏହି ସମୟରେ ତାଙ୍କର ଧାରଣା ହେଲା ଯେ, " × × କେହି ଇଂରାଜୀ ଅଧ୍ୟାପକ ଗବେଷଣା କରି ରାଶି ରାଶି ନିବନ୍ଧ ଭାରତରେ ଇଂରାଜୀରେ ଲେଖେ ତାହା କେବେବି ଇଂଲଣ୍ଡ ଆମେରିକାରେ ସ୍ଥାନ ପାଇବ ନାହିଁ । ତାଙ୍କ ଇଂରାଜୀ ଜ୍ଞାନ ଓ ପ୍ରୀତିର ଯଥାର୍ଥ ସଦ୍‌ବ୍ୟବହାର ହେବ, ଯେବେ ସେ ଲବ୍‌ଧ ଜ୍ଞାନର ଆବଶ୍ୟକୀୟ ଅଂଶ

Digitized by srujanika@gmail.com

ଦ୍ୱାରା ନିଜ ମାତୃଭାଷାକୁ ସମୃଦ୍ଧ କରିପାରିବେ ।" (୩) ଏହି ବିଶ୍ୱାସ ତାଙ୍କୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ପ୍ରେରଣା ଦେଇ ଓ ସେ ହେଲେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ସାର୍ଥକ ସାରସ୍ୱତ ଶିଳ୍ପୀ । ପତ୍ନୀ ବିୟୋଗ ଓ କନିଷ୍ଠ ପୁତ୍ର ବିୟୋଗ ଜନିତ ଦାରୁଣ ଦୁଃଖରୁ ତାଙ୍କୁ ରକ୍ଷା କରିଛି ସାହିତ୍ୟ । ଗୋଟିଏ ମୁହୂର୍ତ୍ତି ସେ ଲେଖାରୁ ଓ ପୁସ୍ତକ ପଢ଼ାରୁ ନିବୃତ୍ତ ହୋଇ ନାହାନ୍ତି । ମାକଲେଙ୍କ ଉକ୍ତିର ମୃତ୍ୟୁ ପରେ ଯେ ଯାହା କହିଥିଲେ—Literature has saved my life and my reason; Even now I dare not, in the intervals of business, remain alone without a book'-ବସନ୍ତ ଶତପଥୀଙ୍କ ପ୍ରତି ଏକାନ୍ତ ପ୍ରଯୁଜ୍ୟ । ଫକୀରମୋହନଙ୍କ ପରି ଜୀବନର ଅପରାହ୍ନ ବୟସରେ ତାଙ୍କର ସାହିତ୍ୟ ସୃଷ୍ଟି । ଜୀବନର ଚରମ ଦୁଃଖଦ ଓ ଅଶ୍ରୁଳ ମୁହୂର୍ତ୍ତଗୁଡ଼ିକର ଶୀତଳ ଚନ୍ଦନ ତାଙ୍କର ସାରସ୍ୱତ ସଂପଦ । ତାଙ୍କର କ୍ଷୁଦ୍ରଲେଖଗୁଡ଼ିକ ତେଣୁ ହୋଇଯାଇଛି ଜୀବନର ଗୋଟିଏ ଗୋଟିଏ ଜୀବନ୍ତ ବାର୍ତ୍ତା । ରମ୍ୟରଚନା ସେହି ବାର୍ତ୍ତାର ରସ ଘନ କଳାତ୍ମକ ଉଚ୍ଚାରଣ ।

ବହୁ ରମ୍ୟରଚନାର ସ୍ରଷ୍ଟା ବସନ୍ତ ଶତପଥୀ । 'ବାଘ ରଜା' ଶାବ୍ଦିକ ଅଖିଳ-ମୋହନ ପଟ୍ଟନାୟକଙ୍କ ସହଯୋଗରେ ଏବଂ 'ହସ' ରଙ୍ଗରସିକ ସୁଶୀଳ ମିଶ୍ରଙ୍କ ସହଯୋଗରେ ରଚିତ ଦୁଇଟି ରମ୍ୟରଚନା । 'ହସ' ରମ୍ୟରଚନାରେ ପ୍ରାବନ୍ଧିକ ହସର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଅଛନ୍ତି । ଏଥିରେ ନାରାୟଣ ଓ ନାରଦ ଚରିତ୍ରର ଅବତାରଣା କରାଯାଇ ମଣିଷ ଜୀବନରେ ହସର ଭୂମିକା ସମ୍ବନ୍ଧରେ କୁହାଯାଇଛି । ନାରଦ ଅନୁଭବ କରିଛନ୍ତି ଯେ, ନାରାୟଣଙ୍କ ସୃଷ୍ଟିରେ ଏକଦା ହସର ଉପାଦେୟତାକୁ ଲୋକେ ବୁଝୁଥିଲେ । ମାତ୍ର କ୍ରମେ ଭଗବାନଙ୍କ ଆନନ୍ଦମୟ ସୃଷ୍ଟିରେ ଘୋର ବ୍ୟତିକ୍ରମ ଦେଖାଦେଇଛି । ହସ ହଜିଯାଇଛି । ଅମୃତ ସନ୍ତାନ ମଣିଷ ପାକଳ ହେଲା ବେଳକୁ ମୃତପ୍ରାୟ ହୋଇଯାଉଛି । ଯିଏ ହସୁଛି ତାକୁ ମୂର୍ଖ, ବୋକା, ଜୋକର କୁହାଯାଉଛି । ନାରଦଙ୍କୁ ବୁଝାଇବାକୁ ଯାଇ ନାରାୟଣ କହିଲେ—"ମଣିଷଗୁଡ଼ା ଏତେ ପାଜି ! କେତେମତେ ମୋର ଦ୍ରୋହ କରୁଛନ୍ତି ଦେଖନ୍ତୁ । ବିମଳ ହସ ଟିକକ ସମସ୍ତଙ୍କର ପ୍ରାପ୍ୟ । ସେହି ହସହିଁ ମୋର ପ୍ରାଣ । ପ୍ରାଣୀର ପ୍ରାଣ । ଏଇ ହସ ମୋର ଖାସ୍ ସୃଷ୍ଟି ହୋଇଥିବାରୁ ଦାନବଦଳ ପ୍ରଶଂସା ମୋଠାରୁ ଛଡ଼ାଇ ନେବା ପାଇଁ ଈର୍ଷ୍ୟାନ୍ୱିତ ହୋଇ ଖଳ ପ୍ରକୃତିର ମଣିଷଙ୍କୁ ଲଗାଇ ହସ ଫାନ୍ଦର ଗେମ୍ ସୃଷ୍ଟି କରିଛନ୍ତି, ଯଦ୍ୱାରା ଇଚ୍ଛାମତେ ଲୋକଙ୍କୁ ହସାଇ କନ୍ଦାଇ ପାରୁଛନ୍ତି; କିନ୍ତୁ ଋଷି ପ୍ରବର ! ହସକାନ୍ଦ ବାହାରୁ ସୃଷ୍ଟି କରେ ହସନ । ତାହା ମଣିଷର ଅନ୍ତରର ଜିନିଷ ।

୩ । ସେକ୍ସପିଅର କାହାଣୀମାଳା-ଅନୁବାଦକ : ବସନ୍ତ କୁମାର ଶତପଥୀ ଅଗ୍ରଦୂତ, କଟକ (୧୯୭୭)-ପୃ ୫

Digitized by srujanika@gmail.com

ଆପେ ଆପେ ଉଦ୍‌ଭବ ହେବ । ସ୍ୱାଧୀନତା ପରେ ହସକାନ୍ଦ ମଧ୍ୟ ମନୁଷ୍ୟର ଜନ୍ମଗତ ଅଧିକାର ବୋଲି Fundamental right ମୁଁ ସମ୍ବିଧାନରେ ଲିପିବଦ୍ଧ କରିଦେଉଛୁ ।" (୪) ସୁନୀଲ ମିଶ୍ରଙ୍କ ମୃତ୍ୟୁ ଉପଲକ୍ଷେ ରଚିତ ଏହି ରମ୍ୟରଚନାରେ ଲେଖକ ଓଡ଼ିଆ ସାହିତ୍ୟରେ ହାସ୍ୟ ରସର ଯେଉଁ ଦୁର୍ଭିକ୍ଷ ଦେଖାଦେଇଛି ତାହାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ହାସ୍ୟରସର ସ୍ୱରୂପ ଓ ତାତ୍ପର୍ଯ୍ୟ ସଂପର୍କରେ ସୁନ୍ଦର ବିଶ୍ଳେଷଣ କରି ଅଛନ୍ତି । 'ବୁଢ଼ାବାବୁ' ଶ୍ରୀ ଶତପଥୀଙ୍କର ଅନ୍ୟତମ ସାର୍ଥକ ଚେଷ୍ଟା ରମ୍ୟରଚନା । (୫) ଏଥିରେ ନିଜକୁ ପ୍ରଥମ ପୁରୁଷରେ ରଖି ବିଷୟବସ୍ତୁ ବର୍ଣ୍ଣନା କରିଅଛନ୍ତି । ଆଗକାଳିଆ ଝିଅଟି ପ୍ରଥମେ ତାଙ୍କୁ ବୁଢ଼ାବାବୁ ବୋଲି କହୁଛି । ତା'ପରେ ମାଂସବିକାଳି ମଧ୍ୟ ସେହି ଏକା ସମ୍ବୋଧନ କରିଛି । ବୁଢ଼ାବାବୁ ଡାକରେ ଲେଖକଙ୍କର ମନ ବିଦ୍ରୋହୀ ଉଠିଛି । ଏଥର ତାଙ୍କର ଦୃଷ୍ଟି-ବ୍ୟକ୍ତିତ୍ୱ ଖୋଜିଛି ବିଭିନ୍ନ ସାହିତ୍ୟ ପୃଷ୍ଠାରୁ ବୁଢ଼ାଙ୍କ କାହାଣୀ । ବ୍ୟାସ, କାଳିଦାସଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ସବୁଁଙ୍କ ବୁଢ଼ାଙ୍କ ପ୍ରତି ଅଶ୍ରଦ୍ଧାଭାବ, ଗାଳିଗୁଲଜ, ବ୍ୟଙ୍ଗ ବିଦ୍ରୂପ । ବିଷ୍ଣୁଶର୍ମା ଓ ଶଙ୍କରାଚାର୍ଯ୍ୟ ମଧ୍ୟ ବୁଢ଼ାଙ୍କପ୍ରତି ବିମୁଖ । ସେକ୍‌ସପିଅର ତାଙ୍କର ନାଟକରେ ଦେଇଛନ୍ତି ବୁଢ଼ାଙ୍କର ଦୟନୀୟ ଚିତ୍ର । କୌଣସି ବ୍ୟକ୍ତି ବା ଜାତି ବୃଦ୍ଧାବସ୍ଥାକୁ ପସନ୍ଦ କରନ୍ତି ନାହିଁ । ଅଥଚ ଆମ ଦେଶରେ ରାଜନୀତିଜ୍ଞମାନେ ବୁଢ଼ା ହୁଅନ୍ତି ନାହିଁ । ଯଦିବା କେବେ କେହି ବୁଢ଼ା ହୁଅନ୍ତି, ତେବେ ସେତେ ବୁଢ଼ା ସେତେ ପୋଖତ ବୋଲି ଧରାଯାଇ ଥାନ୍ତି । (୬) ବୁଢ଼ାଙ୍କ ପ୍ରତି କଲୁ ଯୁବକମାନଙ୍କର ସବୁବେଳେ ଆକ୍ଷେପ । ସେମାନଙ୍କ ବିଗ୍ୱରରେ ବୁଢ଼ାମାନେ ପ୍ରତିକ୍ରିୟାଶୀଳ, ପ୍ରଗତିବିରୋଧୀ । ମାତ୍ର 'ବୁଢ଼ା ହେବା ନହେବା ଆପଣଙ୍କ ମନର କଥା । ମନର ସ୍ଥିତିସ୍ଥାପକତା ଅନୁସାରେ ଆପଣ ଜୀବନ ଯୌବନ ଉପଭୋଗ କରିବେ' । (୭) ଅନୁଭୂତି ପ୍ରବଣତା ଯାହାର ନାହିଁ ସେ ହିଁ ପ୍ରକୃତରେ ବୃଦ୍ଧ । ଲେଖକଙ୍କ ମତରେ—"ଯେ ହସି ନ ଜାଣେ, ହସ ଭଲ ନ ପାଏ, ସେ ନିଶ୍ଚିତ ରୂପେ ବୃଦ୍ଧ" । (୮) ଆପଣାର ନିଜସ୍ୱ ଅନୁଭୂତିକୁ ଲେଖକ ଯେପରି ଭାବରେ ଜୀବନ, ଯୌବନ, ବାର୍ଦ୍ଧକ୍ୟ, ହାସ୍ୟ ଓ ଆନନ୍ଦକୁ ବିଶ୍ଳେଷଣ କରିଛନ୍ତି ତାହା ବାସ୍ତବିକ ଏକାନ୍ତ ହୃଦ୍ୟ ।

---

୪ । 'ସହକାର'ରେ ପ୍ରକାଶିତ ସୁନୀଲ ମିଶ୍ରଙ୍କ ମୃତ୍ୟୁ ଉପଲକ୍ଷେ 'ହସ' ରମ୍ୟରଚନା ଦ୍ରଷ୍ଟବ୍ୟ ।

୫ । ଝଙ୍କାର—୨୫ଶ ବର୍ଷ/୭ମ ସଂଖ୍ୟା

୬ । ଅଦୈବ ।

୭ । ଅଦୈବ ।

୮ । ଅଦୈବ ।

Digitized by srujanika@gmail.com

'ଆଧୁନିକ କେଶ ବିନ୍ୟାସ ଗୃହ' (୯) ତାଙ୍କର ଅନ୍ୟତମ ରମ୍ୟରଚନା । ଗୋଟିଏ ସେଲୁନକୁ କେନ୍ଦ୍ରକରି ଏହି ରମ୍ୟରଚନାର ସୃଷ୍ଟି । ଏଥିରେ ହାସ୍ୟ ଓ ବ୍ୟଙ୍ଗର ହୋଇଛି ଅପୂର୍ବ ସମନ୍ୱୟ । ଲେଖକ ଆରମ୍ଭରୁ ଲେଖିଛନ୍ତି—କଲେଜ ଛକର ଉତ୍ତରପଟ ରାସ୍ତା କଡ଼ ଗୋଟିଏ ଘର ସାମନାରେ ଯେଉଁ 'ହେୟାର କଟିଂ ସେଲୁନ' ଲେଖାଥିଲା ତାହା ଆଞ୍ଚଳିକ ଭାଷା ପ୍ରୀତି ଓ ଇଂରାଜୀ ବିଦ୍ୱେଷ ବନ୍ୟାରେ ନିଶ୍ଚିହ୍ନ ହୋଇ ଆଧୁନିକ କେଶ-ବିନ୍ୟାସ-ଗୃହ ରୂପରେ ଆତ୍ମପ୍ରକାଶ କରିଛି । ପଞ୍ଚରଙ୍ଗୀ ବିଜ୍ଞାପନ ପଟାରେ ଏହି ଅକ୍ଷର ସବୁ ନକସା କରି ଅକ୍ଷରରେ ଖୋଦେଇ ହୋଇ ବିଦ୍ୟୁତାଲୋକରେ ମନୋଜ୍ଞ ରୂପ ଧାରଣ କରେ । ବଡ଼ ବଡ଼ ଅକ୍ଷର ତଳକୁ ସାମାନ୍ୟ ଗ୍ରେଟ ଅକ୍ଷରରେ ପ୍ର. ପି. ବାରିକ ବୋଲି ଲେଖା । ପ୍ରଥମ ଦର୍ଶନରେ ମୋର ଧାରଣା ହେଲା ଏଠି କେହି ପ୍ରଫେସର ରହୁଥିବେ । ଭିତରକୁ ଅନାଇ ଦେଖିଲି ଯେ ନବୀନ ଅଧ୍ୟାପକଗଣ ମହାବିଦ୍ୟାଳୟମାନଙ୍କରେ ଯୋଗଦାନ କାଳରେ ଯେପରି ବେଶଭୂଷା ମଣ୍ଡିତ ହୋଇ ଆଆନ୍ତି ସେହିପରି ସଜବାଜ ହୋଇ ଜଣେକ ଭଦ୍ରଲୋକ ଅନୁଦ୍ୱିଗ୍ନ ମାନସରେ କୋଠରୀରେ କର୍ମବ୍ୟସ୍ତ । ଧଳା ଫ୍ଲାନେଲ ନାଲି ପେଣ୍ଟ, ମଲଟନ କମ୍ପାନୀର 'ଇନ୍' କରି ଧଳା ଶାର୍ଟ, ବାହାରେ ଫୋଲଡ଼, ଡାହାଣ ହାତରେ ଘଡ଼ି, ମୁହଁରେ ସ୍ୱର୍ଣ୍ଣମିନାର ସିଗାରେଟ, ହାତରେ ଫରହେପ ପରି କ'ଣ ଯନ୍ତ୍ରଟାଏ । ଆଉ ଟିକିଏ ନିରୀକ୍ଷଣ କରି ଦେଖିଲି ମୂର୍ତ୍ତିଟିକୁ । କି ଆଶ୍ଚର୍ଯ୍ୟ ! ଏ ଯେ ମୋର ଅତି ପରିଚିତ ବାରିକ ବନ୍ଧୁ ପଞ୍ଚାନନ । ଭାବିଲି ତାଙ୍କୁ ପ୍ରଫେସର ଭାବି ଭୁଲ କରିନି । କାରଣ ଯାଦୁକରମାନଙ୍କୁ ତ ଆମେ ପ୍ରଫେସର କହୁ ; ଯଥା—ପ୍ରଫେସର ସରକାର । ଆଧୁନିକ କେଶ-ବିନ୍ୟାସ-ଗୃହର ପ୍ରୋପ୍ରାଇଟର ପଞ୍ଚାନନ ବାବୁ (ପରେ ଶୁଣିଲି, ଦେଖିଲି ଲୋକେ ତାଙ୍କୁ ଏହି ନାଁରେ ସମ୍ବୋଧନ କରି ନମସ୍କାର କରୁଛନ୍ତି ବିନମ୍ର ମସ୍ତକ ହୋଇ ) ଜଣେ ଯାଦୁକର, ବିଚକ୍ଷଣ କର୍ମୀ, ଅଦ୍ଭୁତକର୍ମା । ମଫସଲ ଅଞ୍ଚଳରୁ ମେଟ୍ରିକ ପାଶ୍ କରି ଯେଉଁ ଗ୍ରେଟିଆ ଗ୍ରେଟିଆ ରିଭନ୍ସନ ଝିଅମାନେ ରେଭେନ୍ସା କଲେଜରେ ନାମ ଲେଖାନ୍ତି ତାଙ୍କୁ ଏକା ଦିନକେ ରାଜକପୁର ବା ଦେବାନନ୍ଦ ବା ଜୟ ମୁଖାର୍ଜି ଅନୁରୂପ କରିଦିଏ କିଏ ? ଆମ ପଞ୍ଚାନନ ବାବୁଙ୍କ ମାୟାଜାଲ, ଭେଳକିବିଦ୍ୟା । ଅଟ୍ଟ ଅମାନିଆ ବୁଟକୁ ଗାଁ ଅବଧାନ ଯିମିତି ଦିନ ଗୋଟାକରେ ବାଗକୁ ଆଣେ, ଦକ୍ଷ ମାଳୀ ଯିମିତି ଲତାଗୁଳ୍ମ ପରିପୂର୍ଣ୍ଣ ଅରଣ୍ୟାନୀକୁ କଟାଛନ୍ତା ସାହାଯ୍ୟରେ ମନୋରମ ଉଦ୍ୟାନରେ ପରିଣତ କରିଦିଏ, ପଞ୍ଚାନନ ବାବୁ ସିମିତି ଇତସ୍ତତଃ ହେଉଥିବା କାଶଗୁଡ଼ାକୁ ବା କଦମ୍ବଫୁଲଆ ଚୁଳଗୁଡ଼ାକୁ ମନ୍ତ୍ରମୁଗ୍ଧ ସର୍ପପରି ବଶୀଭୂତ କରି ଦିଅନ୍ତି । (୧୦) ମଫସଲର ପଚୁ ବାରିକ ସହରକୁ ଆସିଲା ପରେ ପଞ୍ଚାନନ ବାରିକ

୯ । ଝଙ୍କାର—୨୦ଶ ବର୍ଷ/୨ୟ ସଂଖ୍ୟା ।

୧୦ । ଅଦ୍ୱୈତ—ପୃ—୮୩/୮୪

Digitized by srujanika@gmail.com

ହୋଇଥିଲେ ଓ ଶେଷରୁ ନାମକୁ ସଂକ୍ଷିପ୍ତ କରି ହେଲେ ପଞ୍ଚୁ ବାରିକ । ସେ ଜାଣେ ଯେ, ଏବେ ଶିକ୍ଷା, ସଂସ୍କୃତି, ରାଜନୀତି ଓ କ୍ଷୌରକର୍ମ ପ୍ରଭୃତି ସବୁକିଛୁ ରାଜଧାନୀ ଅଭିମୁଖୀ ହୋଇ ଯାଇଛି ।

ପଞ୍ଚୁ ବାରିକର କ୍ଷୌର କର୍ମ ବିଷୟରେ କହୁ କହୁ ଲେଖକ ବାରିକମାନଙ୍କର ଅତୀତ କାଳର ବର୍ଣ୍ଣନା ବିଷୟରେ ସୂଚେଇ ଦେଇ ମୃଦୁ ହାସ୍ୟରସ ସୃଷ୍ଟି କରିଅଛନ୍ତି । ପଞ୍ଚୁ ବାରିକର ସେଲୁନ କାନ୍ଥରେ ଗାନ୍ଧି, ନେହେରୁ, ଶାସ୍ତ୍ରୀ, ଇନ୍ଦିରା, ରାଧାକୃଷ୍ଣନ୍, ଜାକୀର ହୋସେନ୍, ରାଜଗୋପାଳଚାରୀ, ବୁଦ୍ଧ, ଶ୍ରୀମା, ବୈଜୟନ୍ତୀମାଳା ପ୍ରମୁଖଙ୍କର ଚିତ୍ର ଶୋଭାପାଉଥାଏ । କେତେପ୍ରକାର କ୍ୟାଲେଣ୍ଡର ମଧ୍ୟ ଟଙ୍ଗା ହୋଇଥାଏ । କେତେଖଣ୍ଡ ଖବର କାଗଜ, ଫିଲ୍ମ ପତ୍ରିକା, ଫେମିନା ଆଦି ମଧ୍ୟ ରଖାଯାଇଥାଏ । କେଶବିନ୍ୟାସ ଗୃହଟି ସର୍ବଧର୍ମ ସମନ୍ୱୟ ସ୍ଥଳୀ । ସେଠି ଜାତିଭେଦ ନ ଥାଏ । ଏକ ଶୃଙ୍ଖଳା ସେଠି ରକ୍ଷା କରାଯାଏ । ସେହି ସେଲୁନ୍‌ରୁ ଦୈନିକ ଖବର ମିଳେ । କେଉଁଠି କେଉଁ କ୍ରୀଡ଼ା ପ୍ରତିଯୋଗିତା ହେଉଛି, କେଉଁ ସିନେମା ହଲ୍‌ରେ କେଉଁ ପିକ୍‌ଚର ପଡ଼ିଛି ଇତ୍ୟାଦି ନାନା ବିଷୟର ସମ୍ବାଦ ସେଠାରୁ ମଧ୍ୟ ମିଳିଥାଏ । ପଞ୍ଚୁ ବାରିକ କହେ—"ଆମର ଅସଲ କାମ ହେଲା ଗରାଖର ମନ ସ୍ୱୈର କରିବା, ଲୋକ ଚିହ୍ନିବା, ଦୁନିଆଁ ହାଲ ହକିକତ ଜାଣିବା ଓ ଜଣାଇବା" । (୧୧) ପଞ୍ଚୁବାରିକ ଏଥିରେ ଦକ୍ଷ । ନୂଆ ନୂଆ ଫେସନ ନଙ୍ଗ ସେ ବାଳ ଓ ନଖ କାଟେ । ପୁରୁଷଙ୍କ ପରି ସ୍ତ୍ରୀ ଲୋକଙ୍କ କେଶ ବାଗେଇବା ପାଇଁ ମଧ୍ୟ ସେ ବ୍ୟବସ୍ଥା କରେ । ଲେଖକ ପଞ୍ଚୁ ବାରିକର ଆଧୁନିକ କେଶ-ବିନ୍ୟାସ ଗୃହ ସଂପର୍କରେ ଯେପରି ବର୍ଣ୍ଣନା କରିଛନ୍ତି ତାହା ଏ ସମୟର ଯେ କୌଣସି ସେଲୁନ୍ ପ୍ରତି ପ୍ରଯୁଜ୍ୟ । ସାମାନ୍ୟରେ ଅସାମାନ୍ୟ ଭାବ ସୃଷ୍ଟି କରି ସେଥିରେ ସ୍ରଷ୍ଟା-ବ୍ୟକ୍ତିତ୍ୱ ହୋଇଉଠିଛି ଭାସ୍ୱର । 'ପାନ' ମଧ୍ୟ ତାଙ୍କର ଆଉ ଏକ ସାର୍ଥକ ରମ୍ୟରଚନା । ଗୋବିନ୍ଦ ତ୍ରିପାଠୀଙ୍କ 'ବହୁଆ' ସଦୃଶ ଶ୍ରୀ ଶତପଥୀଙ୍କ 'ପାନ' ମଧ୍ୟ ଏକ ଚମତ୍କାର ରମ୍ୟରଚନା । ପାନ ସଂପର୍କରେ ଲେଖକ କହନ୍ତି—"ହଁ, ପାନର ଚତୁର୍ଦ୍ଦଶ ଗୁଣ କଥା କହୁଁ କହୁଁ ଅନ୍ୟ କଥାକୁ ଗଲି । ସେଗୁଡ଼ିକରୁ ଅସଲ ଗୁଣଟି କହି ଦେଉଛି । ତାହା ହେଲା 'କାମାଗ୍ନି ସନ୍ଦୀପନଂ' । ପାନ ଯେ କାମାଗ୍ନି ଉଦ୍ଦୀପନ କରେ ସେ ବିଷୟରେ କ'ଣ ଆପଣଙ୍କ ସନ୍ଦେହ ଅଛି ? ଭାବି ଦେଖନ୍ତୁତ, ପାନ ଦୋକାନଗୁଡ଼ାକ ଥାଏ କେଉଁଠି । ଯେଉଁଠି ପୁରୁଷ, ସ୍ତ୍ରୀଙ୍କ ବିହାର ଓ ସଂଗମ ସ୍ଥଳ, ସେଇଠି ପାନ କଣା ବିକା, ଦିଆନିଆ । ହାଟ ବଜାର, ମେଳା-ମଉଛବ, ମନ୍ଦିର-ମଠରଠାରୁ ଆରମ୍ଭ କରି ସିନେମାହଲ ଓ କଲେଜ-ବିଶ୍ୱବିଦ୍ୟାଳୟ କେମ୍ପସ୍ ପର୍ଯ୍ୟନ୍ତ ସବୁଠି ପାନ ଦୋକାନ ।" (୧୨) ଏପରି ପାନ ଦୋକାନରୁ ପ୍ରୀତିର ଆରମ୍ଭ ଓ ବିକାଶ

---

୧୧ । ଅଦ୍ୱୈତ-ପୃ ୮୮

୧୨ । ଝଙ୍କାର-ପୃ ୨୫୩

Digitized by srujanika@gmail.com

ହୁଏ । ପାନ ଭାଙ୍ଗିବା ମଧ୍ୟ ଏକ କଳା । ଏହାକୁ ଲେଖକ ଲଳିତକଳା କହି ଅଛନ୍ତି । ହିନ୍ଦୁ ପରିବାରରେ ପାନର ମହତ୍ତ୍ୱକୁ ମଧ୍ୟ ସେ ବର୍ଣ୍ଣନା କରିଅଛନ୍ତି ସୁନ୍ଦର ଭାବରେ । ପାନ ଭାଙ୍ଗିବା ପରି ପାନ ଖାଇବା ମଧ୍ୟ ଗୋଟିଏ କଳା । ଏହି ପ୍ରସଙ୍ଗରେ ଭୋଳାନାଥଙ୍କ ପାନ ଖାଇବା କଳାକୁ ବେଶ୍ ମନୋଜ୍ଞ ଭାବରେ ବର୍ଣ୍ଣନା କରିଛନ୍ତି ଲେଖକ । ପାନ ଖାଇବା ଓ ପାନ ଭାଙ୍ଗିବାରୁ ଲେଖକ ଗତି କରିଯାଇଛନ୍ତି ଜୀବନର ସତ୍ୟକୁ । ଝରି ଆସିଛି ପାନ ବରଜରେ ପରିଶ୍ରମ କରି ମୁଖେ ଭରଣ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସହାନୁଭୂତି ।

'ନମସ୍କାର, ସାର୍' ରମ୍ୟରଚନାରେ ଲେଖକ ନିଜସ୍ୱ ଅନୁଭୂତିକୁ ବେଶ୍ ହୃଦୟସ୍ପର୍ଶୀ ଭାବରେ ବର୍ଣ୍ଣନା କରିଅଛନ୍ତି । ନମସ୍କାର ମଧ୍ୟ ଦେଇ ଲୋକଚରିତ ହୋଇଛି ବ୍ୟକ୍ତି । ନିଜେ ଲେଖକ, ଅଧ୍ୟାପକ, ପ୍ରାଧ୍ୟାପକ ଓ ଶେଷରେ ଅଧ୍ୟକ୍ଷ ହୋଇ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ଦିନର ଅଧ୍ୟାପନା ଭିତରେ ବହୁ ଛାତ୍ର ସେ ଉତ୍ତାରିଛନ୍ତି । ସମସ୍ତଙ୍କୁ ଚିହ୍ନିବା ବା ସମସ୍ତଙ୍କ ନାମ ମନେ ରଖିବା ସମ୍ଭବ ନୁହେଁ । ଅଥଚ ବେଳେ ବେଳେ କୌଣସି ଛାତ୍ର ଦେଖା ହୋଇଗଲେ କହନ୍ତି 'ନମସ୍କାର, ସାର୍' । 'ଚିହ୍ନିପାରୁଛନ୍ତି ସାର୍' ? ଏପରି ଅବସ୍ଥାରେ ଲେଖକ ଭାବନ୍ତି—"ହେଲା, ତୁମ ସାର୍ ଡାକକୁ ବୁଝୁଛି ତୁମେ ଦିନେ ମୋର ଛାତ୍ର ଥିଲ, କେଉଁ ପାଠଶାଳା, ସ୍କୁଲ, କଲେଜରେ । କେବେ ଦିନେ ସ୍କୁଲଗୋଲ ପୃଥିବୀରେ ହୁଏତ କେଉଁଠି ଭେଟିଥିବ, ଇନକ୍ ଆଡ଼େନ ହୁଏତ ପଢ଼ାଇଥିବ । ତୁମେ କ'ଣ ଏବେ ହୋଇଛ । ହଜାର ହଜାର ଗଲେଣି, କେତେଜଣଙ୍କୁ ମନେ ରଖିଥିବ, ବୁଢ଼ା ହେଲିଣି ପୁଣି ସବୁ ବେଖୁରଣ ହୋଇଯାଉଛି ; ମୋତେ ଟିକିଏ ଭଲ ଦୟା କର । × × × ଛାତ୍ର ଅବସ୍ଥାରୁ ପାହାଚକୁ ପାହାଚ ଚଢ଼ି ସ୍କୁଲ ମାଷ୍ଟର, ପ୍ରାଇଭେଟ କଲେଜର ଲେକ୍‌ଚରର ହୋଇଥିବ, ମୁଁ ଖୁସି ; ଆଶୀର୍ବାଦ ନିଅ । ମୁଁ ଜାଣେ ତୁମେ ବଡ଼ ପାହୁଆକୁ ଯାଇନ । ଯାଇଥିଲେ 'ନମସ୍କାର, ସାର୍' କହନ୍ତନି; 'See no evil', 'ଅଦ୍ୟ ପ୍ରାତରେବାନିଷ୍ଟଦର୍ଶନ' ଇତ୍ୟାଦି କହିଥାନ୍ତ, ନ ହେଲେ ଓଲଟି ମୋଠୁ 'ନମସ୍କାର, ସାର୍' ଆଶା କରନ୍ତ ।' ଏପରି ଏକ ସିଦ୍ଧାନ୍ତ କଥା ଉଲ୍ଲେଖ କରି ଲେଖକ ସାଂପ୍ରତିକ ସମାଜର ତଥାକଥିତ ଅପସଂସ୍କୃତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଅଛନ୍ତି ଓ ମଣିଷ ଉଚ୍ଚ ପଦପଦବୀକୁ ଚାଲି ଗଲେ ତା'ର ଶିକ୍ଷକ କପରି ତା' ନିକଟରେ ହେୟ ହୋଇଯାଏ ; ଏହି ସତ୍ୟକୁ ପ୍ରକାଶ କରିଅଛନ୍ତି । 'ନମସ୍କାର ସାର୍' ପଛରେ ଥାଏ ସ୍ୱାର୍ଥସାଧନ ଓ ନିଜକୁ ଚିହ୍ନିତ କରିବାର ପ୍ରଧାନ ଉଦ୍ଦେଶ୍ୟ । ଦେଖିବା ଓ ଦେଖାଇବା —ଏହି ଦୁଇଟି ପ୍ରବୃତ୍ତି 'ନମସ୍କାର ସାର୍' ମଧ୍ୟଦେଇ ପ୍ରକାଶ ପାଏ । ଏହି ଶବ୍ଦ ଦୁଇଟି ଯେତେ ନିରୀହ ଜଣାପଡୁଥିଲେ ହେଁ ତାହା ଉଦ୍ଦେଶ୍ୟମୂଳକ ଓ ଭସ୍ମାବହ । ଆଜି କାଲି ଦୁନିଆରେ ପରିଚୟପତ୍ରଟା ଏକାନ୍ତ ଜରୁରୀ ହୋଇ ପଡ଼ୁଛି । ପିଲାଟି ଦିନରୁ ମରିବା ପର୍ଯ୍ୟନ୍ତ ସବୁ ଦରକାର ପଡ଼ୁଛି ସର୍ଟିଫିକେଟ୍ ବା ଆଇଡେଣ୍ଟି । ଅଧ୍ୟାପକଟିଏ ପିଏଚ୍. ଡ଼ି

Digitized by srujanika@gmail.com

ପାଇଲେ ପରିଚୟ ନ ଥିବା ବାପ ସମ୍ବାଦପତ୍ର ବାଲାଙ୍କୁ ଧମ୍‌କାଇ ଛପାଇବେ 'ଅଧ୍ୟାପକ ହନୁମନ୍ତ ଦାସ, ଶ୍ରୀ ବାନ୍ଦର ଦାସଙ୍କ କନିଷ୍ଠ ପୁତ୍ର ଏବଂ ଶ୍ରୀ ଜିଷ୍ଣୁଶୀ ମହାପାତ୍ରଙ୍କ ଜ୍ୟେଷ୍ଠ ଜାମାତା ।' ଏହି ରମ୍ୟରଚନାରେ ଅଛି ମୃଦୁହାସ୍ୟ ଓ ତୀକ୍ଷ୍ଣ ବ୍ୟଙ୍ଗ । ସାଂପ୍ରତିକ ସାମାଜିକ ଜୀବନର ଏହା ଏକ ଜୀବନ୍ତ ଚିତ୍ର ।

'ସ୍ତୁତି' ପ୍ରବନ୍ଧ ପ୍ରସିଦ୍ଧ ଇଂରାଜୀ ଲେଖକ ଜି. କେ. ଚେଷ୍ଟରଟନଙ୍କ 'On the worship of the wealthy' ପ୍ରବନ୍ଧ ଅନୁକରଣରେ ରଚିତ । ସବୁଯୁଗରେ ସ୍ତୁତି ଥିଲା ଓ ଏବେ ମଧ୍ୟ ତାହା ଅଛି । ଅତୀତ କାଳରେ ରାଜାମାନଙ୍କୁ ସ୍ତୁତିକରି ଯାଉଥିଲା । ସାହିତ୍ୟରେ ସ୍ତୁତିର ବହୁ ଦୃଷ୍ଟାନ୍ତ ରହିଛି । ମାତ୍ର ସେହିସବୁ ସ୍ତୁତି ଥିଲା ନିର୍ଦ୍ଦୋଷ । ଏବେ କିନ୍ତୁ ସ୍ତୁତିର ସ୍ୱରୂପ ବଦଳି ଯାଇଛି । ସମାଜସ୍ତରରୁ ଏହା ରାଜନୀତି, ସାହିତ୍ୟ, କୂଟନୀତି ଇତ୍ୟାଦି ନାନା ସ୍ତରକୁ ସଂକ୍ରମିତ ହୋଇଯାଇଛି । ସ୍ତୁତି ହୋଇଛି ଷଣ୍ଢର୍ଷ ଲୁପେ ଜପାତନସିଦ୍ଧ । ଦେଶ ଦେଶ ମଧ୍ୟରେ କୂଟନୀତିକ ସଂପର୍କ ପାଇଁ ସ୍ତୁତି ନେଇଛି ଗୁରୁତ୍ୱ-ପୂର୍ଣ୍ଣ ଭୂମିକା । ସ୍ତୁତି ହୋଇଯାଇଛି ବିଶ୍ୱମନ୍ତ୍ର । ଉଦ୍ଦେଶ୍ୟ ସାଧନ ପାଇଁ ସ୍ତୁତି ହୋଇଛି ଅବ୍ୟର୍ଥ ମହୌଷଧି । ବଡ଼ ଲୋକ ବା ପଦାଧିକାରୀମାନଙ୍କୁ ଅସାଧାରଣ ବ୍ୟକ୍ତିତ୍ୱର ପ୍ରତୀକ ଭାବରେ ସ୍ତୁତି କରାଯାଇଥାଏ । ଆଧୁନିକ ଯୁଗର ସ୍ତୁତି ସଂପର୍କରେ ପ୍ରାବନ୍ଧିକ କହନ୍ତି— "ଆଧୁନିକ ଯୁଗରେ ସ୍ତୁତିର ଏକ ପ୍ରଚଳିତ ରୀତି ହେଲା ପ୍ରଥମେ ଧନୀ ବା କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କର ଏକ ବିଶ୍ୱାସଯୋଗ୍ୟ ଚିତ୍ର ଦେବା ଏବଂ ପରେ ପରେ ସେହି ସାଧାରଣ ସ୍ୱାଭାବିକ ଗୁଣଗୁଡ଼ିକୁ ଅତିରଞ୍ଜିତ କରି ବ୍ୟକ୍ତିବିଶେଷଙ୍କୁ ବିରାଟ କରି ତୋଳିବାର ଚେଷ୍ଟା କରିବା ।" 'ସ୍ତୁତି' ପ୍ରବନ୍ଧରେ ବ୍ୟଙ୍ଗ ସୁତୀବ୍ର । ତୋଷାମୋଦ ବା ସ୍ତୁତି ଯେପରି ପକ୍ଷ ବିସ୍ତାର କରିଛି ତାହାପ୍ରତି ଅଛି ତୀବ୍ର ଆକ୍ଷେପ । ବ ମାତରଣ ମିଶ୍ର 'ତୋଷାମୋଦ ସପକ୍ଷରେ' ରମ୍ୟରଚନାରେ ଏହିପରି ସୁଚିନ୍ତିତ ବିଶ୍ଳେଷଣ କରିଅଛନ୍ତି । ଚୌଧୁରୀ ହେମକାନ୍ତ ମିଶ୍ର ମଧ୍ୟ ତୋଷାମୋଦ ସଂପର୍କରେ ରମ୍ୟରଚନା ଲେଖିଛନ୍ତି । ବସନ୍ତ କୁମାର ଶତପଥୀ ଯଦିଓ ଚେଷ୍ଟରଟନଙ୍କଠାରେ ଋଣୀ ତଥାପି ସେ ଆମ ସାମାଜିକ ଓ ରାଷ୍ଟ୍ରୀୟ ଜୀବନକୁ ପ୍ରମୁଖ ଭାବରେ ଉକ୍ତ ପ୍ରବନ୍ଧରେ ଉଲ୍ଲେଖକରି ଅଛନ୍ତି ।

'ଶ୍ୱେତବିପ୍ଳବ' ପ୍ରବନ୍ଧରେ ଗାଈ ଚରିବା ଅନୁଭୂତି ମଧ୍ୟ ଦେଇ ଲେଖକ ବ୍ୟଙ୍ଗ କରିଛନ୍ତି ତଥାକଥିତ ଦୁଗ୍ଧ ଯୋଗାଣ ବ୍ୟବସ୍ଥାକୁ । ଗାଈ କ୍ଷୀରରେ ଗୁଣ୍ଡଦୁଧ ମିଶାଇ ଶ୍ୱେତବିପ୍ଳବ ଯେପରି କରାଯାଉଛି, ତାହାପ୍ରତି ଲେଖକ ଶାଣିତ ଦୃଷ୍ଟିପାତ କରିଅଛନ୍ତି । ଏହି ପ୍ରବନ୍ଧଟି ଠିକ୍ ପ୍ରବନ୍ଧ ନୁହେଁ, ଗଳ୍ପ ନୁହେଁ; ଉଭୟର ଏକ ସମ୍ମିଶ୍ରଣ । 'ପାନପିକ' ଶ୍ରୀ ଶତପଥୀଙ୍କର ଅନ୍ୟ ଏକ ସାର୍ଥକ ରମ୍ୟରଚନା । ସାଧାରଣତଃ ଦେଖାଯାଏ ଯେ ପାନଖାଇ ଯେକୌଣସି ସ୍ଥାନରେ ଲୋକେ ପାନଛେପ ପକାଇ ଦିଅନ୍ତି । ଏଥିପାଇଁ କାହାର ଭ୍ରୂକ୍ଷେପ ନଥାଏ । ସେହିପରି ରାସ୍ତା ମଝିରେ ପାଇଖାନା ବସି ଦୁଇଜଣ ସିଗାରେଟ ଟାଣୁଥିବେ । କାହାର ଯିବା ଆସିବାକୁ ଭ୍ରୂକ୍ଷେପ ନଥାଏ । ଲୋକେ ଅଟକି ଏପରି ରାସ୍ତା

Digitized by srujanika@gmail.com

ଅବଶ୍ୟୋକାଙ୍କ୍ଷୀଙ୍କୁ ଉପଦେଶ ଦେବାରୁ ସେମାନେ ତାଙ୍କୁ ବୁଢ଼ା, ମରହଟ୍ଟୀ, ମୋଟସଲା ବୋଲି ଶବ୍ଦାବଳୀ ପ୍ରୟୋଗ କଲେ । ଫଳରେ ଶ୍ୱାନ ଲାଙ୍ଗୁଳ ଜାକି ସିଂହ ଗୁହାରୁ ପଳାଇବା ପରି ସେ ପଳାଇଗଲେ । ଆଜିକାଲି ସ୍ୱାଧୀନତାର ଅର୍ଥ ହୋଇଯାଇଛି— 'ଯେଝା ହାତରେ ଚଉଦ ପାଆ ।' ଏହି ରମ୍ୟରଚନାଟି ଉପଦେଶଧର୍ମୀ । 'ପ୍ରୀତ୍ୟୁପହାର' ମଧ୍ୟ ଏକ ଉଦ୍ଦେଶ୍ୟଧର୍ମୀ ରମ୍ୟରଚନା । ଆଜିକାଲି ଆମ ସାମାଜିକ ଜୀବନରେ ପ୍ରୀତ୍ୟୁପହାର ଏକ ଫେସନରେ ପରିଣତ ହୋଇଯାଇଛି । ଏହାଦ୍ୱାରା ଦରିଦ୍ର ମଧ୍ୟବିତ୍ତ ମଣିଷଟି ମ୍ରିୟମାଣ ଓ ସର୍ବସ୍ୱାନ୍ତ ହୋଇଯାଏ । "ନିମନ୍ତ୍ରଣ ରକ୍ଷା କରି ଉତ୍ସବରେ ଯୋଗଦେବାକୁ ଗଲେ ନିଜର ଯାହା ମାନସମ୍ମାନ ଖ୍ୟାତି ସମ୍ଭ୍ରମ ଅଛି ତାକୁ ତ ରକ୍ଷା କରିବାକୁ ପଡ଼ିବ । ତା' ସାଙ୍ଗକୁ ଯାହାର ନିମନ୍ତ୍ରଣ ରକ୍ଷା କରୁଛନ୍ତି ତା'ର ଟେକ ରଖିବାକୁ ହେବ । ନିମନ୍ତ୍ରଣ ରକ୍ଷା ନକରି ରକ୍ଷା ନାହିଁ; ରକ୍ଷାକଲେ ଅରକ୍ଷ, ନିରେଖ" । (ପ୍ରୀତ୍ୟୁପହାର—ପ୍ରତିବେଶୀ) । ଲେଖକ ଏହି ଯେଉଁ କଥା ଉଲ୍ଲେଖ କରିଛନ୍ତି, ତାହା କେତେ ସତ୍ୟ ନୁହେଁ ? ପୁଣି ଉପହାର ଯେତେ ମୂଲ୍ୟବାନ ହୁଏ ସେତେ ଉପହାରଦାତାଙ୍କର ମର୍ଯ୍ୟାଦା ପ୍ରକାଶ ପାଏ । ବନ୍ଧୁବାନ୍ଧବ ଅତିଥି ଅଭ୍ୟାଗତ ବିଦାୟ ନେଲାପରେ ଉପହାରଗୁଡ଼ିକର ତୁଳନାତ୍ମକ ହିସାବ ନିକାଶ କରାଯାଏ ଓ ଉପହାରର ତାରତମ୍ୟ ନେଇ ନିନ୍ଦା ପ୍ରଶଂସା ମଧ୍ୟ ହୁଏ । ବିବାହବେଳେ ଯୌତୁକ ପ୍ରଦାନ, ବଦଳିବେଳେ ଭୋଜି ବ୍ୟବସ୍ଥା, କାର୍ଯ୍ୟହାସଲ ପାଇଁ ଲାଞ୍ଚ ବା ପାନଖିଆ ଖର୍ଚ୍ଚ ଦାନ ଆଦିକୁ ପ୍ରୀତ୍ୟୁପହାର ପର୍ଯ୍ୟାୟ ଭିତରେ ନେଇ ଲେଖକ ତାହାକୁ ବ୍ୟଙ୍ଗ କରିଅଛନ୍ତି । ଏବେକାର ସାମାଜିକ ଚଳଣୀରେ ଲୋକେ ଅତିଷ୍ଠ । ପ୍ରାବନ୍ଧିକ ଚେଷ୍ଟ କହନ୍ତି ଯେ, ଆମେ ସଚରାଚର ଯାହାକୁ ପ୍ରୀତ୍ୟୁପହାର କହୁ ସେଥିରେ ପ୍ରୀତି ନଥାଏ ; ନଥାଏ ମଧ୍ୟ ଉପହାର । ଯେଉଁ ଉପହାରରେ ଶ୍ରଦ୍ଧା ଥାଏ, ପ୍ରେମ ଥାଏ, ଆନ୍ତରିକତା ଥାଏ, ତାହା ଯେତେ ସାମାନ୍ୟ ହେଲେ ମଧ୍ୟ ସେଥିରେ ପ୍ରକୃତ ସ୍ୱର୍ଗୀୟ ଭାବ ପ୍ରକାଶ ପାଏ ।

'ଋଣମୁକ୍ତ' (୧୩) ପ୍ରବନ୍ଧରେ ଲେଖକ ଉତ୍କଳର ହରେକୃଷ୍ଣ ମହତାବଙ୍କର ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଅଛନ୍ତି । ସହର ବଜାରରେ ଯେପରି ସ୍ୱବଳେ ଗଣେଶ ମୂର୍ତ୍ତି ବା ବିଶ୍ୱକର୍ମା ମୂର୍ତ୍ତି କରି ସୁନ୍ଦରକାର୍ଯ୍ୟପୂର୍ଣ୍ଣ ସାଜସଜ୍ଜା କରାଯାଏ ତାହାକୁ ଲେଖକ 'ଆସ, ଦର୍ଶ ଦେଖିବା, ଭୁଲିଆସିବା' ରମ୍ୟରଚନାରେ ରୂପ ଦେଇଅଛନ୍ତି । ଏସବୁ ପୂଜା ପାର୍ବଣ ଗୋଟାଏ ଫେସନରେ ପରିଣତ ହୋଇଯାଇଛି । ଭକ୍ତି ନାହିଁ, ଆନ୍ତରିକତା ନାହିଁ ; କେବଳ ସ୍ୱେଚ୍ଛାଚାର । ନୟାଗଡ଼ ନିକଟବର୍ତ୍ତୀ ଉଦୟପୁର ପାଠାଗାରର ପ୍ରତିଷ୍ଠାତା ଦାଶରଥି ପଟ୍ଟନାୟକଙ୍କ ସହିତ ସାକ୍ଷାତ ଓ ତାଙ୍କର ବ୍ୟକ୍ତିତ୍ୱର ପ୍ରତି ଆକର୍ଷଣ 'ଜଣେ (ଅ)ସାମାନ୍ୟ ଅତିଥିଙ୍କ ସହିତ କଥାବାର୍ତ୍ତା' ପ୍ରବନ୍ଧରେ ପ୍ରକାଶିତ । 'ଗାନ୍ଧୀ-ଦର୍ଶନ' ପ୍ରବନ୍ଧରେ ଗାନ୍ଧିଜୀଙ୍କୁ ଦେଖି ଲେଖକଙ୍କର ଯେଉଁ ଧାରଣା ସୃଷ୍ଟି ହୋଇଥିଲା, ସେହି ଅନୁଭୂତିର

୧୩ । ଝଙ୍କାର-୩୯ ବର୍ଷ/୭ମ ସଂଖ୍ୟା ।

Digitized by srujanika@gmail.com

ଅଛି ରମ୍ୟ-ବର୍ଣ୍ଣନା । 'ନଇନିତାଲ ଓ ତା'ର ଗାଇଡ଼' ପ୍ରବନ୍ଧରେ ଲେଖକଙ୍କର ପର୍ବତାରୋହଣର-ଅନୁଭୂତିର ଅଛି ସୁନ୍ଦର ବର୍ଣ୍ଣନା । 'ଫାଶି' ତାଙ୍କର ମୌଳିକ ରମ୍ୟରଚନା ନୁହେଁ, ଅନୂଦିତ । କେତେକ ରମ୍ୟରଚନାକୁ ସେ ବିଦେଶୀ ଲେଖକଙ୍କ ଲେଖାର ଅନୁସରଣରେ ଲେଖିଛନ୍ତି, କେତେକକୁ ଅନୁବାଦ କରିଛନ୍ତି । ଆଉ କେତେକ ତାଙ୍କର ମୌଳିକ ସୃଷ୍ଟି । ତାଙ୍କର ରମ୍ୟରଚନାଗୁଡ଼ିକ ବିବିଧ । କେତେକ ଭ୍ରମଣକାହାଣୀ-ଧର୍ମୀ । କେତେକ ବ୍ୟକ୍ତିତ୍ୱ ବିଶ୍ଳେଷଣଧର୍ମୀ । ଆଉ କେତେକ ସାହିତ୍ୟିକ ସମାଲୋଚନାଧର୍ମୀ । ଅନ୍ୟ କେତେକ ହେଉଛି କୌଣସି ବସ୍ତୁର ରମ୍ୟ ବିଶ୍ଳେଷଣ । ଏପରି ରମ୍ୟରଚନାରେ ଲେଖକ ମଣିଷ ଚରିତ୍ରର ସୂକ୍ଷ୍ମ ଅନୁଧ୍ୟାନ କରିଛନ୍ତି । ମୃଦୁହାସ୍ୟରସ ସହିତ ଧାର୍ଣିକ ବ୍ୟଙ୍ଗ ଏଥିରେ ମିଶିଯାଇ ଅପୂର୍ବ ଭାବାଲୋକ ସୃଷ୍ଟି ହୋଇଛି ।

ବସନ୍ତ ଶତପଥୀ ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ପ୍ରଥିତଯଶା ସାରସ୍ୱତ ଶିଳ୍ପୀ । କ୍ଷୁଦ୍ରଗଳ୍ପ ଓ ରମ୍ୟରଚନା ଉଭୟ କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରମାଣିତ । ସର୍ବତ୍ର ତାଙ୍କର ପ୍ରକାଶ ପାଇଛି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ । କ୍ଷୁଦ୍ର ଗଳ୍ପ ତୁଳନାରେ ରମ୍ୟରଚନା ତାଙ୍କର ବହୁତ କମ୍ । ତଥାପି ଯେଉଁ କେତୋଟି ରମ୍ୟରଚନା ସେ ଲେଖିଛନ୍ତି ସେସବୁ ତାଙ୍କ ପ୍ରତିଭାର ସାର୍ଥକ ନିଦର୍ଶନ । ଗଭୀର ମାନବିକ ସଂବେଦନା, ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ସାଂସ୍କୃତିକ ସଚେତନତା, କାଣ୍ଡସ୍ଥ ଚରିତ୍ର ଅନୁଶୀଳନ ଓ ଆତ୍ମ-ସମୀକ୍ଷା ତାଙ୍କ ରମ୍ୟରଚନା ଗୁଡ଼ିକର ମର୍ମଲିପି । ଲଘୁ ହାସ୍ୟୋଜ୍ଜ୍ୱଳ ଶୈଳୀରେ ତାଙ୍କର ରମ୍ୟରଚନା ରଚିତ । ସେଥିରେ ରହିଛି ମୃଦୁ ବ୍ୟଂଗ ଓ ବିଦ୍ରୂପ । ଅପସଂସ୍କୃତି ପ୍ରତି ଅଛି କଟାକ୍ଷପାତ । ଯେଉଁ ରମ୍ୟରଚନାଗୁଡ଼ିକ ଭ୍ରମଣକାହାଣୀ ଧର୍ମୀ ଓ ବ୍ୟକ୍ତିତ୍ୱ ବିଶ୍ଳେଷଣଧର୍ମୀ ସେସବୁଥିରେ ବିଦ୍ରୂପ ନାହିଁ । ରମ୍ୟରଚନାର ମଝେ ମଝେ ଅଛି ନାନା ଉକ୍ତି, ଉଦାହରଣ ଓ ଦୃଷ୍ଟାନ୍ତ । ଗଳ୍ପ ଷଢ ମଧ୍ୟ କେତେକ ସ୍ଥଳରେ ପରିଦୃଷ୍ଟ । ଅନେକ କ୍ଷେତ୍ରରେ ଫକୀରମୋହନଙ୍କ ଉପନ୍ୟାସ ଓ ଗଳ୍ପର କେତେକ ଚରିତ୍ର ତାଙ୍କ ରମ୍ୟରଚନାରେ ପ୍ରସଂଗତଃ ଆତ୍ମପ୍ରକାଶ କରି-ଯାଇଛନ୍ତି । ଫକୀରମୋହନଙ୍କ ପ୍ରତି ତାଙ୍କର ଯେ କେତେ ଆନ୍ତରିକତା; ତାହା ଏଥିରୁ ଜଣାଯାଇଥାଏ । ଆଉ ଗୋଟିଏ କଥା ଲକ୍ଷ୍ୟ କରାଯାଏ ଯେ, ଇଂରାଜୀ ଭାଷାର ମହତ୍ତ୍ୱପ୍ରତି ଲେଖକ ଅଧିକ ମାତ୍ରାରେ ସଚେତନ । ଇଂରାଜୀ ପ୍ରତି ତାଙ୍କର ମମତା ବେଶୀ ମାତ୍ର ଇଂରାଜୀରେ ଲେଖିବାର ସେ ପକ୍ଷପାତୀ ନୁହନ୍ତି । ଇଂରାଜୀ ସାହିତ୍ୟରୁ ଉତ୍କୃଷ୍ଟ ଭାବରାଜି ଗ୍ରହଣ କରି ମାତୃଭାଷାରେ ଲେଖିବାର ସେ ସମର୍ଥକ । ଶ୍ରେଷ୍ଠ ଶ୍ରେଷ୍ଠ ଘଟଣା, ଅନୁଭୂତି, ପରିବେଶ ଇତ୍ୟାଦିକୁ ରମ୍ୟରଚନା ଭିତରେ ସେ ଏପରି ଖଞ୍ଜି ଦିଅନ୍ତି ଯେ, ଯାହା ପାଠକର ଅନ୍ତର ଭିତରେ ଆଲୋଡ଼ନ ସୃଷ୍ଟି କରେ । ଓଡ଼ିଆ ସାହିତ୍ୟରେ ଯେଉଁ କେତେଜଣ ରମ୍ୟରଚନା ଲେଖି ଯଶସ୍ୱୀ ହୋଇଅଛନ୍ତି ସେମାନଙ୍କ ମଧ୍ୟରେ ବସନ୍ତ ଶତପଥୀ ଯେ ଅନ୍ୟତମ ଶିଳ୍ପୀ ଓ ଆଧୁନିକ ଜୀବନ-ଜିଜ୍ଞାସା ଏବଂ ସମସ୍ୟା ସଙ୍କଟର ଯଥାର୍ଥ ରୂପକାର; ଏଥିରେ ସନ୍ଦେହ ନାହିଁ ।

—※—

Digitized by srujanika@gmail.com

# ଶୁଆ ନିଜ ତୁଣ୍ଡରେ କହିବ......

**ଶ୍ରୀ ଚିନ୍ତାମଣି ବେହେରା**

"ଶୁଆ ମୂଲ ଶୁଆ ନିଜ ତୁଣ୍ଡରେ କହିବ" କଥାଟି ଆମ ଦେଶର ଏକ ପ୍ରବଚନ ରୂପେ ପ୍ରଚଳିତ । ଏହି କଥାଟିର ଜନ୍ମ ପୁଣି କାହାଣୀ କଳାର ଗର୍ଭରୁ । କେବଳ ଶୁଆପ୍ରତି ନୁହେଁ, କାହାଣୀ କଳାପ୍ରତି ଯେପରି ଏ କଥାଟି ପ୍ରଯୋଜ୍ୟ । ସମସ୍ତ କଳା ସୃଷ୍ଟି ପ୍ରତି ଏହାର ତାତ୍ପର୍ଯ୍ୟ ସେହିପରି ସମଭାବରେ ପରିମାପର ଏକ କଷଟି । ସୃଷ୍ଟିର ମୂଲ୍ୟବୋଧ ଓ ଗୌରବ ତା'ର ଅଭିବ୍ୟକ୍ତିର ଅନ୍ତରାଳରେ ନିହିତ । ସେ ମୂଲ୍ୟବୋଧ ଓ ଗୌରବର ପରିଚୟ ଲାଭକରେ ଯଥାର୍ଥ ରସଗ୍ରାହୀ ଓ ବିବେକୀ ଗ୍ରାହକ । ତେଣୁ ପ୍ରତ୍ୟେକ ପାଠକ ନିଜର ବିଚାରଶୀଳତା, ସହୃଦୟତା ଓ ବୈଚିତ୍ର୍ୟ ଦୃଷ୍ଟିରୁ ବସନ୍ତବାବୁଙ୍କ ସୃଷ୍ଟି ସମ୍ଭାରର ମୂଲ୍ୟ ନିର୍ଦ୍ଧାରଣ କରିବେ । ମୁଁ କେବଳ ବସନ୍ତବାବୁଙ୍କ ଜୀବନ ଓ ସାଧନା ସମ୍ପର୍କରେ ଯେତିକି ଜାଣେ, ସଂକ୍ଷେପରେ ତାହା କହୁଛି ।

ବସନ୍ତବାବୁଙ୍କ ସହିତ ମୋର ହାର୍ଦ୍ଦିକ ସମ୍ପର୍କ ସ୍ଥାପିତ ହୁଏ ୧୯୬୨ ମସିହାରେ । ମାତ୍ର ତାଙ୍କ ସହିତ ସାରସ୍ୱତ ସଂପର୍କ ବହୁ ପୂର୍ବରୁ ମୁଁ ସ୍ଥାପନ କରି ସାରିଥିଲି । ଏହା ସମ୍ଭବ ହୋଇଥିଲା ତାଙ୍କର ସମୀକ୍ଷାମୂଳକ କେତୋଟି ପ୍ରବନ୍ଧ ମାଧ୍ୟମରେ । ପୂର୍ବରୁ ତାଙ୍କର ଯେଉଁ ଦୁଇଟି ସମାଲୋଚନା 'ଭକ୍ତ ପ୍ରଦୀପ'ରେ * ପଢ଼ିବାର ସୁଯୋଗ ମୁଁ ପାଇଥିଲି, ତା' ମଧ୍ୟରୁ ତାଙ୍କର 'ପଲ୍ଲୀର ମୋହନ ସେନାପତି' ଶୀର୍ଷକ ସମୀକ୍ଷାଟି ମୋତେ ଆକୃଷ୍ଟ କରିଥିଲା । ଏହି ଆଲୋଚନାଟିର ଅନ୍ତର୍ନିହିତ ରସଚେତନା, ଆଲୋକ ଓ

---

* ପ୍ରାଚୀନ ଓଡ଼ିଆ ପତ୍ରିକା ମଧ୍ୟରେ ମୟୂରଭଞ୍ଜରୁ ପ୍ରକାଶିତ "ଉତ୍କଳ ପ୍ରଭା" ଯେପରି ଏକ ସମ୍ମାନିତ ଆସନର ଅଧିକାରୀ, ସମକାଳୀନ ବହୁ ମୃତ ଓ ଜୀବିତ ପତ୍ରିକା ମଧ୍ୟରେ "ଭକ୍ତପ୍ରଦୀପ" ରୂପ ଓ ଗୁଣ ଦୃଷ୍ଟିରୁ ସେହିପରି ଏକ ବରେଣ୍ୟ ସ୍ଥାନର ଅଧିକାରୀ । ମାତ୍ର ପତ୍ର-ପତ୍ରିକାର ଇତିହାସ ଲେଖକଗଣ ଏହାକୁ ଏ ପର୍ଯ୍ୟନ୍ତ ଯଥାଯୋଗ୍ୟ ସ୍ୱୀକୃତି-ସମ୍ମାନ ଦେଇ ନାହାନ୍ତି । ଶ୍ରୀଯୁକ୍ତ ଶତପଥୀ ଦୀର୍ଘ ୧୨ ବର୍ଷ କାଳ ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱରେ ରହିଥିଲେ ।

Digitized by srujanika@gmail.com

ବିଶ୍ଳେଷଣୀ ପ୍ରତିଭା ଫକୀରମୋହନଙ୍କ ସମ୍ବନ୍ଧୀୟ ବହୁ ପୁସ୍ତକ ଓ ପ୍ରବନ୍ଧ ମଧ୍ୟରେ ଏକ ଉଲ୍ଲେଖଯୋଗ୍ୟ ସ୍ଥାନର ଅଧିକାରୀ (ଦୁର୍ଭାଗ୍ୟବଶତଃ ତା' ପୁଣି ଅସମ୍ପୂର୍ଣ୍ଣ) । ଏହା ପ୍ରକାଶିତ ହୋଇଥିଲା ୧୫ଶ ଓ ୧୬ଶ ଭାଗ (ସନ ୧୩୫୩-୫୪ ବା ୧୯୪୫-୪୭) ଭକ୍ତ ପ୍ରଦୀପ' ରେ । ତାଙ୍କର 'ଜଳକ୍ରୀଡ଼ା', 'ସାଧବ ଝିଅ' ଓ ସ୍ବର୍ଣ୍ଣରେଣୁ' ଶୀର୍ଷକ ତିନୋଟି ରସଧର୍ମୀ ଆଲୋଚନା ମଧ୍ୟ ଏଇ 'ଭକ୍ତ ପ୍ରଦୀପ'ରେ ପ୍ରକାଶିତ । ତାଙ୍କର ସମାଲୋଚନା ପଢ଼ି ମୁଁ ଅନୁଭବ କରିଥିଲି ଯେ ସେ ନିଷ୍ପୃହ ଅତି ସ୍ପଷ୍ଟବାଦୀ ଓ ରୁଚିବନ୍ତ ହୋଇଥିବେ । ବ୍ୟକ୍ତି ସମ୍ପର୍କରେ ଆସିବା ଦିନଠାରୁ ମୋର ଏ ପ୍ରାଥମିକ ଧାରଣା ବଦ୍ଧମୂଳ ହୋଇଛି ସିନା କମିନାହିଁ ଏବଂ ଏ ଯାବତ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ବ କାଳ ଧରି ତାଙ୍କ ସହିତ ମୋର ଓ ମୋ ପରିବାରର ସମ୍ପର୍କ ହୋଇ ଉଠିଛି ଅତି ନିବିଡ଼ ଓ ଅନ୍ତରଂଗ । ୧୯୬୨ରେ ସ୍ଥାନାନ୍ତରିତ ହୋଇ ଆସି ଫକୀର ମୋହନ କଲେଜରେ ମୁଁ ଯେତେବେଳେ ଯୋଗଦିଏ ଏବଂ ବସନ୍ତବାବୁଙ୍କ ପ୍ରତ୍ୟକ୍ଷ ପରିଚୟ ଲାଭକଲି ସେତେବେଳେ ଲକ୍ଷ୍ୟକଲି ଯେ ତାଙ୍କର ବୌଦ୍ଧିକ ରସଚେତନା ଓ ସ୍ପଷ୍ଟବାଦିତା କେତେକାଂଶରେ ଲୌକିକ ଓ ସଙ୍କୁଚିତ ବିଦୂଷକ ପ୍ରବୃତ୍ତି ମଧ୍ୟରେ ଆକ୍ରାନ୍ତ ଓ ଆଚ୍ଛନ୍ନ । ଆପାତପ୍ରିୟତା ବୋଲି ସେ ଯାହାକୁ ମନେ କରୁଥିଲେ ତାହା ଥିଲା ତାଙ୍କର କ୍ଷୁବ୍ଧ ଓ ମୁମୂର୍ଷୁ ପ୍ରତିଭାର ମରୀଚିକା-ସ୍ନାନ ସଦୃଶ ଅସାର ଆତ୍ମ-ସନ୍ତୋଷ ଓ ବିକଳ ଆତ୍ମ-ଅନ୍ବେଷା । ନିଜେ କସ୍ତୁରୀ ଧାରଣ କରି ମଧ୍ୟ ଇତର ଗନ୍ଧର ସନ୍ଧାନରେ ସେ ଥିଲେ ବିଭୋର ଓ ବହିର୍ମୁଖୀ । ତାଙ୍କ ସହିତ ମୋର ବନ୍ଧୁତ୍ୱ କ୍ରମେ ଯେତିକି ଘନିଷ୍ଠ ଓ ଅନ୍ତରଂଗ ହେବାକୁ ଲାଗିଲା, ତାଙ୍କର ବ୍ୟକ୍ତି ଜୀବନର ନେପଥ୍ୟରେ ଏକ ନିଃସଂଗ ଓ ଯନ୍ତ୍ରଣାକ୍ଳିଷ୍ଟ ଆତ୍ମାର ପରିଚୟ ମୁଁ ସେତିକି ଗଭୀର ଭାବରେ ଲାଭକଲି । ଏଥିପୂର୍ବରୁ ତାଙ୍କ ଜୀବନ ମଞ୍ଚରୁ ତାଙ୍କର ପ୍ରିୟତମା ପତ୍ନୀ ତାଙ୍କୁ ସବୁକାଳ ସକାଶେ କନ୍ଦାଇ କନ୍ଦାଇ ଅତି କରୁଣ ଓ ଶୋଚନୀୟ ଭାବରେ ବିଦାୟ ନେଇଯାଇଛନ୍ତି । ତାଙ୍କର ଜୀବନବେଦରୁ ଗାୟତ୍ରୀ ମନ୍ତ୍ର ଯେପରି ନିଶ୍ଚିହ୍ନ । ଯେଉଁ ଅବସ୍ଥା ବା ପରିସ୍ଥିତିରେ ମନୁଷ୍ୟ ସଂସାର ବା ଈଶ୍ବରଙ୍କ ପ୍ରତି ଅବିଶ୍ବାସୀ ବା ପ୍ରତିଶୋଧପରାୟଣ ହୁଏ ଏବଂ ଯେତେବେଳେ ସେମାନଙ୍କର ଅସ୍ତିତ୍ୱରେ ମଧ୍ୟ ସେ ଆସ୍ଥାହୀନ ହୁଏ ଓ ନିଜ ଦୁଃଖରେ ନିଜକୁ ବିଦୀର୍ଣ୍ଣ କରିବାକୁ ପ୍ରୟାସୀ ହୁଏ, ସେହିପରି ଏକ ମାନସିକ ଅବସ୍ଥା ଓ ଆତ୍ମସଙ୍କଟ ବସନ୍ତବାବୁଙ୍କର ଆସିଥିଲା । ମାତ୍ର ବସନ୍ତବାବୁଙ୍କୁ ତ ପୁଣି ବଞ୍ଚିବାକୁ ପଡ଼ିବ, ତାଙ୍କୁ ସଂସାର ବା ସହଜରେ ଛାଡ଼ିଦେବ କାହିଁକି ? ସେ ନାନା ରୂପରେ ନିଜର ଶୁଳ୍କ ମନୁଷ୍ୟଠୁ ଆଦାୟ କରିବ । ତେଣୁ ଏ ପ୍ରଳୟ ସମୁଦ୍ରରୁ ନିଜର ଜୀବନବେଦକୁ ବସନ୍ତବାବୁ କିପରି ଉଦ୍ଧାର କରିବେ, ତାହାହିଁ ଥିଲା ସମସ୍ୟା ।

ବାଲେଶ୍ବରକୁ ଆସିବା ପୂର୍ବରୁ ଆଉ ଖଣ୍ଡିଏ ପୁସ୍ତକ ତାଙ୍କର ଆତ୍ମପ୍ରକାଶ କରି-ଥିଲା । ବହିଟିର ନାମ 'ନବନାଟିକା' । ଏହା କେତୋଟି ଏକାଙ୍କିକାର ସମାହାର ।

Digitized by srujanika@gmail.com

ପ୍ରତ୍ୟେକ ଏକାଙ୍କିକାର କଥାବସ୍ତୁ ବିଦେଶୀ ନାଟ୍ୟକାରଙ୍କର ଭାବର ଆଧାର ଉପରେ ପରିବେଷିତ ; ମାତ୍ର ପରିବେଷଣ ସମ୍ପୂର୍ଣ୍ଣ ମୌଳିକ ଓ ସ୍ୱଦେଶୀ । ପୁଣି କେନ୍ଦ୍ର ସରକାରଙ୍କର ସାହିତ୍ୟ ଏକାଡ଼େମୀ ଦ୍ୱାରା ଭାରପ୍ରାପ୍ତ ହୋଇ ଓଡ଼ିଆ କାବ୍ୟ କବିତାର ଏକ ପ୍ରତିନିଧିମୂଳକ ସଂକଳନର କାର୍ଯ୍ୟ ଏହା ପୂର୍ବରୁ ସେ ସମ୍ପନ୍ନ କରିଥିଲେ ଏବଂ ବର୍ତ୍ତମାନ ତାହା 'ସଂଚୟନ' ଶିରୋନାମାରେ ପ୍ରକାଶିତ । ପୁଣି ଚାର୍ଲସ୍ ଲେମ୍ବଙ୍କ ଲିଖିତ ସେକ୍ସପିୟରଙ୍କ ନାଟ୍ୟ କାହାଣୀମାଳାକୁ ସେ ସ୍ୱକୀୟ ସ୍ପର୍ଶ ଦେଇ ଓଡ଼ିଆରେ ପୂର୍ବରୁ ଅନୁବାଦ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନ ତାହା 'ଅଗ୍ରଦୂତ' ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ରବୀନ୍ଦ୍ରନାଥଙ୍କ 'ରାଜା' ନାଟକର ଅନୁବାଦ ସେ କରିଛନ୍ତି ଏବଂ ସ୍ୱର୍ଗୀୟ ଚନ୍ଦ୍ରମଣି ଦାସଙ୍କର 'ମାକ୍‌ବେଥ'ର ସଂଶୋଧନ କାର୍ଯ୍ୟ ମଧ୍ୟ ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ପରେ ଫକୀରମୋହନଙ୍କ 'ଚମ୍ପା' ଚରିତ୍ରକୁ ସେ ଦେଇଛନ୍ତି ମନୋଜ୍ଞ ନାଟ୍ୟରୂପ । ସେ ଯାହାହେଉ, ଏଇ ସମସ୍ତ ଆଦି ସୃଷ୍ଟିର ପୃଷ୍ଠଭୂମିରେ ତାଙ୍କ ବୈଦଗ୍ଧ ଓ ବୌଦ୍ଧିକତାର ଶୋଚନୀୟ ପରିଚୟ ଯେ କୌଣସି ବନ୍ଧୁଙ୍କୁ ମର୍ମାହତ କରିବା ସ୍ୱାଭାବିକ । ତେଣୁ ବାରମ୍ବାର ମୋର ପ୍ରଶ୍ନ—"ବସନ୍ତବାବୁ, ଆପଣ ପୁଣି ଲେଖୁ ନାହାନ୍ତି କାହିଁକି ?' ଏ ପ୍ରଶ୍ନକୁ ନିଜର ସହଜ ରସିକତା ଓ ବଚନ ଚାତୁରୀରେ ସେ ଅବଶ୍ୟ ଉଡ଼ାଇଦଅନ୍ତି । କିନ୍ତୁ ମୁଁ କେବେ ଧୈର୍ଯ୍ୟଚ୍ୟୁତ ହୋଇ ନ ଥାଏ । ସୃଷ୍ଟି ପ୍ରସ୍ତୁତିର ପ୍ରାଥମିକ କାର୍ଯ୍ୟ ଭାବରେ ବିଭିନ୍ନ ସଭାମଞ୍ଚରେ ହୁଏ ତାଙ୍କର ଆବିର୍ଭାବ, କେତେବେଳେ ବକ୍ତା, କେତେବେଳେ ବା ସଭାପତି ଭାବରେ । ନିଜ ଅନ୍ତର୍ନିହିତ କସ୍ତୁରୀର ପରିଚୟ ସେ ଲାଭ କରନ୍ତି । ଜୀବନକୁ ସେ ବିଭିନ୍ନ ସ୍ଥାନ ଓ ପରିବେଶରେ କିପରି ଦେଖିଛନ୍ତି, କିପରି ଅନୁଭବ ଓ ଆସ୍ୱାଦନ କରିଛନ୍ତି, ସେ ସମ୍ପର୍କରେ ତାଙ୍କ ମୁହଁରୁ ବହୁତ କଥା ମୁଁ ଶୁଣେ । ତାକୁ ସେ କହନ୍ତି ଅତି ସରସ, ଜୀବନ୍ତ ଓ ପ୍ରାଣସ୍ପର୍ଶୀ ଭଂଗୀରେ । ମୁଁ କହେ, 'ଏଇ ସମସ୍ତ ଅନୁଭୂତି ଓ ଅଭିଜ୍ଞତାକୁ ଆପଣ ମୌଖିକ ଗଳ୍ପରେ କେବଳ ଉଡ଼ାଇ ଦିଅନ୍ତୁ ନାହିଁ ; ଏ ସବୁରେ ପ୍ରଚୁର ସତ୍ୟ ଓ ଗଳ୍ପର ଉପାଦାନ ରହିଛି । ଆପଣଙ୍କର ଶକ୍ତି ପୁଣି ରହିଛି । ତେଣୁ ଏ ସବୁକୁ ନିଜ ମନର ମାଧୁରୀ ଦେଇ କଳା ସୃଷ୍ଟିରେ ରୂପାୟିତ କରନ୍ତୁ । ଫକୀରମୋହନ ତ ପୁଣି ନିଜର ଯଥାର୍ଥ ସ୍ରଷ୍ଟାଜୀବନ ଦୀର୍ଘ ଅଣଚାଶ ବର୍ଷ ବୟସରେ ଆରମ୍ଭ କରିଥିଲେ (ପୂର୍ବରୁ ପାଠ୍ୟପୁସ୍ତକ ଓ ଅନୁବାଦ ଗ୍ରନ୍ଥମାଳା ଅବଶ୍ୟ ପ୍ରକାଶିତ) । ଆପଣ କାତର ହେଉଛନ୍ତି କାହିଁକି' ? ସତରେ ସତ ହଠାତ୍ ସେ ଦିନେ ଗପ ଲେଖିବାକୁ ଆରମ୍ଭ କରିଦେଲେ । ତାଙ୍କ ଆନନ୍ଦ ସହିତ ଆମର ଆନନ୍ଦ ଓ ଧୈର୍ଯ୍ୟର ପୁରସ୍କାର କହିଲେ ନ ସରେ । ଆମେ ଭାବିଲୁ ସେ ଯେପରି ପୁଣି ଥରେ ନିଜର ଆତ୍ମିକ ଉତ୍ତରଣ ସବୁ ସୃଷ୍ଟି-ମାନସୀର ମମତାଭରା ସାନ୍ନିଧ୍ୟ ଓ ସହଯୋଗ ଲାଭ କଲେ । ତା'ପରେ ସେଇ ଗଳ୍ପ ଉପରେ କେତେ ଚର୍ଚ୍ଚା ଓ ଆଲୋଚନା । ଗଳ୍ପର ଶ୍ରୋତା ମୁଁ ଏବଂ ଅନ୍ୟ କେତେ ଜଣ ସାରସ୍ୱତ ବନ୍ଧୁ । ଏଇ ସହଧର୍ମୀ ଶ୍ରୋତାମାନଙ୍କ ମଧ୍ୟରେ କବି ଶ୍ରୀ ବ୍ରଜନାଥ ରଥ,

Digitized by srujanika@gmail.com

ଶ୍ରୀ ସୁରେନ୍ଦ୍ର ମୋହନ ଦାସ, ଶ୍ରୀ ଚଣ୍ଡୀଚରଣ ଦାଶ, ଯୁବରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ସମସ୍ତଙ୍କ ଅଭିମତ ଓ ପରାମର୍ଶ ସେ ଶୁଣନ୍ତି ; ଯେଉଁଠି ଦରକାର ପଡ଼େ ଗୋଟିଏ ଗୋଟିଏ ଗପକୁ ସେ ଦୁଇ ତିନିଥର ମଧ୍ୟ ଲେଖନ୍ତି । ବସ୍ତୁତଃ ପ୍ରତ୍ୟେକଟି ଗଳ୍ପ ପତ୍ରିକାରେ ପ୍ରକାଶିତ ହେବା ପୂର୍ବରୁ ବିଭିନ୍ନ ମତ ଓ ପରାମର୍ଶର କଷଟିରେ ବାରମ୍ବାର କଷାହୋଇ, ଆବଶ୍ୟକତା ସ୍ଥଳରେ ପରିମାର୍ଜିତ ଓ ପୁନର୍ଲିଖିତ ହୋଇ ପ୍ରେସ୍‌କୁ ପ୍ରାପ୍ତ ଯାଇଛି । ସେଇ ସମସ୍ତ ଗଳ୍ପଗୁଡ଼ିକରୁ ଅଧିକାଂଶ ବସନ୍ତବାବୁଙ୍କର ପ୍ରଥମ ଗଳ୍ପଗୁଚ୍ଛ ରୂପେ 'ଏଣ୍ଟି ରୋମାଣ୍ଟିକ୍' ନାମରେ ପ୍ରକାଶିତ । ପରବର୍ତ୍ତୀ ସଂସ୍କରଣରେ ଏହାର ନାମକରଣ ପରିବର୍ତ୍ତିତ ହୋଇ ରଖାଯାଇଛି 'ଗୋଟାଏ ଅଙ୍କ' । ପରେ କଥା ପ୍ରସଙ୍ଗରେ ଜାଣିଲି ଯେ 'ସ୍ୱପ୍ନା ଓ କାମ୍ନା', ନାମରେ ପ୍ରଥମେ ଗଳ୍ପଟିଏ ସେ ଲେଖିଥିଲେ ଏବଂ 'ଭକ୍ତପ୍ରଦୀପ'ରେ ତାହା ପ୍ରକାଶିତ ହୋଇଥିଲା । ତାଙ୍କ ସୃଷ୍ଟି ପ୍ରତିଭାର ଏଇ ଗଳ୍ପଟି ବୋଧହୁଏ ଆଦିଜାତକ । ତେଣୁ ମୁଁ ଭାବୁଛି ଯେ ଗଳ୍ପପ୍ରତିଭାର ବୀଜ ତାଙ୍କର ସୃଷ୍ଟିର ସେପରି ମୌଳିକ ଭିତ୍ତି । ମୋର ବିଶ୍ୱାସ, ତାଙ୍କ ଗଳ୍ପଗୁଡ଼ିକ ମଧ୍ୟରେ ବ୍ୟାପକ ଓ ଗଭୀର ଜୀବନବୋଧ ଏବଂ ସତ୍ୟ ଓ ବାସ୍ତବ ଚେତନା ବାକ୍‌ଭଙ୍ଗୀର ବୈଦଗ୍ଧ ଓ ବୌଦ୍ଧିକତା ମଧ୍ୟରେ ଏପରି ତୀକ୍ଷ୍ଣ ଓ ସରସ ଭାବରେ ଉତ୍କୀର୍ଣ୍ଣ ହୋଇଛି ଯେ ମୁଷ୍ଟିମେୟ କେତେକ ପ୍ରବୀଣ ଓ ପ୍ରତିଷ୍ଠିତ କଥାଶିଳ୍ପୀଙ୍କୁ ବାଦ୍ ଦେଲେ ଜୀବନର ଏଠାର ମାର୍ମିକ ରୂପାୟନ ଓ ଦୃଷ୍ଟିସୁଲଭ ରୂପ ତଥା ରସରମ୍ୟତା ଓଡ଼ିଆ ସାହିତ୍ୟରେ ବିରଳ । ପୁଣି କଥାଶୈଳୀ ମଧ୍ୟରେ ଏପରି ଶ୍ଳେଷାଶ୍ରୟୀ ବୁଦ୍ଧିଦୀପ୍ତ ନିର୍ମଳ ହାସ୍ୟର ଅବତାରଣା ସେ ସ୍ଥଳ ବିଶେଷରେ କରିଛନ୍ତି ଯାହାକି ଶ୍ରୋତା ବା ପାଠକକୁ ଚିନ୍ତା ଓ ସମ୍ଭୋଗର ଉପାଦାନ ଯୋଗାଇଥାଏ । ଏପରି ଶୈଳୀ ଫକୀରମୋହନ ଓ ପ୍ରହରାଜଙ୍କ ସୃଷ୍ଟି ମଧ୍ୟରେ ଆମେ ପୂର୍ବରୁ ଲକ୍ଷ୍ୟ କରିଥିଲୁ । ବସନ୍ତବାବୁଙ୍କ ସଲାପ ଓ ଆଚରଣରେ ଏହି କଥାଶୈଳୀର ଛଟା ଓ ଚତୁଳତା ଲକ୍ଷଣୀୟ । ଯେଉଁଠି ସେ ଉପସ୍ଥିତ, ସେ ସ୍ଥାନଟି ଯେତେ ନୀରସ ହୋଇଥାଉ ନା କାହିଁକି, ତାଙ୍କର ଉପସ୍ଥିତି ତାକୁ ସରସ ଓ ପ୍ରାଣବନ୍ତ କରିଥାଏ । ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ଗଭୀର ଅବଗାହନ ତାଙ୍କ ସୃଷ୍ଟିକୁ ଦେଇଛି ବୌଦ୍ଧିକତାର ଭିତ୍ତି ଏବଂ ଶୈଳୀକୁ କରିଛି ସ୍ୱଚ୍ଛ, ସାବଲୀଳ ଓ ଶାଣିତ । ଜୀବନର ରୋମାଣ୍ଟିକ ଓ ବାସ୍ତବ ଚେତନାର ମିଶ୍ର ରାଗ ଓ ମିଳିତ ସ୍ୱର ତାଙ୍କ ଗଳ୍ପଗୁଡ଼ିକରେ ଦୃଷ୍ଟି ଓ ଶ୍ରୁତିଗୋଚର । ଜୀବନକୁ ଦରଦ ଓ ସହାନୁଭୂତି ଦେଇ ବସନ୍ତବାବୁ ଦେଖିଛନ୍ତି ଓ ତା'ର ସୂକ୍ଷ୍ମ ରହସ୍ୟ ଉଦ୍‌ଘାଟନ କରିଛନ୍ତି । ସୃଷ୍ଟିରେ କୌଣସି ପ୍ରଚାରଧର୍ମୀ ମନୋବୃତ୍ତି ବା 'ପାଦ୍ରୀସୁଲଭ ମନୋଭାବ' ତାଙ୍କର ନାହିଁ । ନିଜ ଗଳ୍ପ ସମ୍ପର୍କରେ ସେ ତେଣୁ ଯଥାର୍ଥରେ କହିଛନ୍ତି—"ଗଳ୍ପର ଦୈନ୍ୟ ଢାଙ୍କିବା ପାଇଁ ଭାଷାର ଭୂଷଣ ଆବଶ୍ୟକ ହୋଇଥାଏ । ମୁଁ ନୀଚତା, ଫୁଟାଣି ଓ ଭଣ୍ଡାମି ଘୃଣା କରେ ଏବଂ ପିନ୍ କଣ୍ଟା ମାରି ରବର ବେଲୁନ୍ ଫୁଟାଇବାକୁ ଭଲପାଏ । ବୁଝିଥାନ୍ତୁ ସୀମିତ

Digitized by srujanika@gmail.com

ଦେଖୁଛି, ଜାଣିଛି, ଯାହାହିଁ ପାଠକକୁ ଜଣାଇବାକୁ ଚାହେଁ । ସମାଜ ସଂସ୍କାର, ବାଦ ଓ ନୀତି ପ୍ରଚାର ମୋର ଗଳ୍ପର ଲକ୍ଷ୍ୟ ନୁହେଁ । ଅର୍ଥ ବା ଏୱାର୍ଡ ମୋର ଧ୍ୟେୟ ନୁହେଁ । ସାମାନ୍ୟରୁ ଅସାମାନ୍ୟ ମହାନକୁ, ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତକୁ, ମେଣ୍ଟାଲରୁ ସୁପ୍ରାମେଣ୍ଟାଲକୁ ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ, ଏକ କଥାରେ 'ମରା ମରା'ରୁ 'ରାମ ରାମ'କୁ ମୁଁ ଗଳ୍ପ ଜରିଆରେ ଯିବାକୁ ଚାହେଁ ।" ଏ ପ୍ରସଙ୍ଗରେ ବିଶ୍ୱବିଶ୍ରୁତ ଗାଳ୍ପିକ ଚେଖଫଙ୍କ ମନ୍ତବ୍ୟ ମଧ୍ୟ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି— 'କଳା ସମ୍ପର୍କରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଏଇ ଯେ ସେ ତୁମକୁ ମିଥ୍ୟା କହିବାକୁ ଦିଏ ନାହିଁ । ତୁମେ ପ୍ରଣୟ, ରାଜନୀତି ବା ଔଷଧ ବ୍ୟବସାୟରେ ମିଥ୍ୟା କହିପାର, ତୁମେ ଜନତାକୁ ଏବଂ ଏପରି କି ଈଶ୍ୱରଙ୍କୁ ମଧ୍ୟ ଭଣ୍ଡିପାର । ଏହାର ଦୃଷ୍ଟାନ୍ତ ମଧ୍ୟ ରହିଛି, ମାତ୍ର କଳାରେ ତୁମେ କେବେ ପ୍ରତାରଣା କରିପାରିବ ନାହିଁ ।' ଆମର ଓଡ଼ିଆ ସାହିତ୍ୟର ପ୍ରତିଷ୍ଠାବନ୍ତ ପ୍ରବୀଣ ଗଳ୍ପସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ଠିକ୍ ଏଇ ମର୍ମରେ ମଧ୍ୟ କହିଛନ୍ତି— "ଜୀବନପରି ସାହିତ୍ୟରେ ମଧ୍ୟ ସତ୍ୟାନୁସନ୍ଧାନର ପଥ ବଡ଼ ଗହନ ଓ କଣ୍ଟକାକୀର୍ଣ୍ଣ । ଭୟ କରି ସେ ବାଟରେ ନ ଗଲେ ଯେପରି ଜୀବନର ସନ୍ଧାନ ମିଳେନାହିଁ ।" ବସ୍ତୁତଃ ଆମର ଅଧିକାଂଶ ଗଳ୍ପସୃଷ୍ଟି ଜୀବନର ସହଜ ଓ ଅଗଭୀର ଅଧ୍ୟୟନରୁ ସଞ୍ଜାତ; ତାହା ଆତ୍ମ-ପ୍ରତାରଣମୂଳକ, ରୁଚି ଶାଳୀନ ବର୍ଜିତ ଏବଂ ବିଜ୍ଞାପନସର୍ବସ୍ୱ । ମାତ୍ର ବସନ୍ତବାବୁ ଦୁର୍ଗମ ହେଲେ ହେଁ ଜୀବନର ସତ୍ୟାନୁସନ୍ଧାନର ସରଣୀରେ ଗତି କରିଛନ୍ତି ଏବଂ ସେ ସତ୍ୟଚେତନା ଓ ସତ୍ୟସାଧନାର ସ୍ୱାକ୍ଷର ତାଙ୍କର ଗଳ୍ପଗୁଡ଼ିକରେ ସ୍ପଷ୍ଟ । ତାଙ୍କର କଳାସୃଷ୍ଟି ଜୀବନଧର୍ମୀ ଓ ଜୀବନବୋଧ କଳାଧର୍ମୀ । କଳା ଓ ଜୀବନ ତାଙ୍କ ସୃଷ୍ଟି ଓ ଦୃଷ୍ଟିରେ ଏକ ଓ ଅଭିନ୍ନ । ଏ ଦୃଷ୍ଟିରୁ ଓଡ଼ିଆ ଗଳ୍ପ ସାହିତ୍ୟର କ୍ରମ ପରିଣାମ ପଥରେ ତାଙ୍କର ବହୁ ଗଳ୍ପ ଉଲ୍ଲେଖନୀୟ ସ୍ଥାନର ଅଧିକାରୀ ହୋଇ ରହିବେ । ତାଙ୍କର ଜୀବନ ଓ ସୃଷ୍ଟି ସମ୍ପର୍କରେ ସବୁଠୁ ବଡ଼ କଥା ହେଲା, ସେ ନିଜର ଆତ୍ମା ପ୍ରତି ଯେପରି ବିଶ୍ୱସ୍ତ ଓ ଛଳନାହୀନ ନିଜର ସୃଷ୍ଟିଲକ୍ଷ୍ମୀଙ୍କ ସେବା-ଆରାଧନାରେ ମଧ୍ୟ ସେହିପରି ଅକପଟ, ଏକନିଷ୍ଠ ବିଶ୍ୱସ୍ତ । ସେକ୍ସପିଅର କହିବା ଭଳି—"This above all. To thine own self be true. And it must follow, as the night the day. Thou canst not then be false to any man." ଏହାହିଁ ବସନ୍ତବାବୁଙ୍କ ବ୍ୟକ୍ତି ଜୀବନ, ସାରସ୍ୱତ ସାଧନା ଓ ସିଦ୍ଧିର ମୌଳିକ ମନ୍ତ୍ର ଓ ରହସ୍ୟ ।

ବସନ୍ତବାବୁଙ୍କର ଏ କଳାସୃଷ୍ଟି ଓ କଳା ଦୃଷ୍ଟିର ଆଭିମୁଖ୍ୟ ତାଙ୍କର ରମ୍ୟରଚନାଗୁଡ଼ିକ ମଧ୍ୟରେ ବି ଲକ୍ଷଣୀୟ । ରମ୍ୟରଚନା ଓଡ଼ିଆ ସାହିତ୍ୟରେ ଏକ ଅସ୍ୱୀକୃତ ଓ ଅବହେଳିତ ବିଭାଗ । ଏ କ୍ଷେତ୍ରରେ ବସନ୍ତବାବୁଙ୍କ ରଚନାବଳୀ ସ୍ୱଳ୍ପ ହେଲେହେଁ ରମ୍ୟରଚନାର ବିକାଶଧାରାକୁ ତାହା ବଳିଷ୍ଠ ଓ ସମୃଦ୍ଧ କରିଛି ବୋଲି ମୋର ବିଶ୍ୱାସ ।

Digitized by srujanika@gmail.com

ସେନାପତିଙ୍କ ସାହିତ୍ୟ ସାଧନାର ବିବରଣୀ ଦେଇ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଥରେ ଲେଖିଥିଲେ—"ଭାରତ ବର୍ଷର ଇତିହାସ ଓ ଉତ୍କଳ ଭ୍ରମଣଂ ପଦ୍ୟ-ଗ୍ରନ୍ଥ ଏ ଦୁଇଟି ମଧ୍ୟରେ ଓଡ଼ିଆ ପାଠକ-ସାଧାରଣ ଫକୀର ମୋହନଙ୍କର ସାକ୍ଷାତ ପ୍ରାପ୍ତ ପାଇ ନାହାନ୍ତି । ଏହି ପଦ୍ୟ ଗ୍ରନ୍ଥଠାରୁ ସାହିତ୍ୟ ରାଜ୍ୟରେ ତାଙ୍କର ଯେଉଁ ଗ୍ରନ୍ଥ ଆରବ୍ଧ ହେଲା ଅନ୍ତିମ କାଳ ପର୍ଯ୍ୟନ୍ତ ତାର ବିରାମ ହୋଇନାହିଁ ।" ତେଣୁ ବନ୍ଧୁ ହିସାବରେ ସେ ଦିନ ମୋର ଆନ୍ତରିକ ଅଭିଳାଷ ଥିଲା ଯେ ତାଙ୍କର ଲେଖନୀ ଅଧିକତର ସ୍ଫୁଲିଙ୍ଗ ଓ ସୌରଭର ଅଧିକାରୀ ହେଉ, ତାଙ୍କର ଜୀବନ-ସାଧନା ସୃଷ୍ଟି ଜଗତରେ ତାଙ୍କୁ ଜଣେ ସିଦ୍ଧ ସତ୍ୟସାଧକର ସମ୍ମାନ ଦେଉ ଏବଂ ସାହିତ୍ୟ ଜଗତରେ ତାଙ୍କର ଓ ଆରବ୍ଧ ଗ୍ରନ୍ଥ ଅନ୍ତିମକାଳ ପର୍ଯ୍ୟନ୍ତ ଅବ୍ୟାହତ ରହୁ । ସେ ଆଶା ମୋର ଆଜି ଚରିତାର୍ଥ ହୋଇଛି ଏବଂ ୮୦ ବର୍ଷ ବୟସରେ ମଧ୍ୟ ତାଙ୍କର ଲେଖନୀ ଯେ ଆଜି ସୃଷ୍ଟିକ୍ଷମ, ତାହାହିଁ ଆମ ସମସ୍ତଙ୍କ ପକ୍ଷରେ ତଥା ଓଡ଼ିଆ ସାହିତ୍ୟ ପକ୍ଷରେ ଗର୍ବ ଓ ଗୌରବର ବିଷୟ ।

ଅଧିକ କିଛି ତାଙ୍କ ସମ୍ପର୍କରେ ମୁଁ କହୁ ନାହିଁ । କହିଲେ ତାହା ଅତ୍ୟୁକ୍ତି ବା ଅତିରଞ୍ଜିତ ହୋଇପାରେ । ମାତ୍ର ତାଙ୍କର ସୃଷ୍ଟି ତାଙ୍କ ସମ୍ପର୍କରେ ଯଥାର୍ଥ ଧାରଣା ଦେବ ବୋଲି ମୋର ବିଶ୍ୱାସ, ଅର୍ଥାତ୍ 'ଶୁଆ ମୂଳ ଶୁଆ ଜନ ତୁଣ୍ଡରେ ହିଁ ଜଣିବ ।' ଏହି ଅକୁତୋଭୟ, ନିରଳସ ଓ ଏକନିଷ୍ଠ ସାହିତ୍ୟସାଧକ ଜୀବନରେ ଅନ୍ତତଃ ଶହେଟି ବର୍ଣ୍ଣୋଜ୍ଜ୍ୱଳ ବସନ୍ତ ଦର୍ଶନ କରି ବାଣୀସେବାରେ ଆତ୍ମନିୟୋଗ କରନ୍ତୁ, ଏହାହିଁ ତାଙ୍କ ଜୟନ୍ତୀ ଅବସରରେ ଆଜି ଶ୍ରୀ ଜଗନ୍ନାଥଙ୍କଠାରେ ମୋର ମାଗୁଣି ଓ ପ୍ରାର୍ଥନା ।

—*—

Digitized by srujanika@gmail.com

# ବସନ୍ତ-ଗଳ୍ପ-ପରିକ୍ରମା

**ଡକ୍ଟର ଗଣେଶ ପ୍ରସାଦ ଦାସ**

ଅଧ୍ୟାପକ ବସନ୍ତ କୁମାର ଶତପଥୀ ହେଉଛନ୍ତି ଷାଠିଏର କଥାକାର । ତାଙ୍କର ଗଳ୍ପ ରଚନା ତ୍ରିରସାତ୍ମକ : ହାସ୍ୟ, ବ୍ୟଙ୍ଗ ଓ କରୁଣ । ଏହି ରସତ୍ରୟ ସମ୍ବଳିତ ଲେଖାପାଇଁ ସେ ସାମ୍ପ୍ରତିକ କାଳରେ ଅଧ୍ୟାପକ ମନୋଜ ଦାସ, ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ, ଅଧ୍ୟାପକ ଚୌଧୁରୀ ହେମକାନ୍ତ ମିଶ୍ର ଓ ଫତୁରାନନ୍ଦଙ୍କ ସହିତ ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଆଲେକ୍‌ଜାଣ୍ଡର ପୋପ୍‌ଙ୍କ ମତରେ ପ୍ରତ୍ୟେକଙ୍କର ଶୈଳୀ ସ୍ୱତନ୍ତ୍ର ( Style is man ) । ବସନ୍ତବାବୁଙ୍କ ଲେଖାରେ ବ୍ୟଙ୍ଗ ହାସ୍ୟ ଓ କରୁଣ ରସର ସମତା ମଧ୍ୟରେ ତାଙ୍କର ବକ୍ତବ୍ୟ ମଧୁର ଭାବରେ ପ୍ରକାଶିତ । ତାଙ୍କ ମତରେ ମଣିଷ ଏକ ହସନ୍ତା ପ୍ରାଣୀ । ହସିବାର ସାମର୍ଥ୍ୟ ମଣିଷ ପାଇଁ ଏକ ଅମୋଘ ଅସ୍ତ୍ର । ଏହା ସାହାଯ୍ୟରେ ସେ ଜୀବନର ସମସ୍ତ ହାହୁତାଶକୁ ଲଘୁ କରିପାରିବ ଓ ଦୁଃଖ ଯନ୍ତ୍ରଣା କଷ୍ଟ କାରୁଣ୍ୟ ରୂପକ ବ୍ୟସ୍ତତାକୁ ଗୁଳୁଗୁଳି ମାରି ଉଡ଼େଇଦେଇ ପାରିବ ।

ଅନ୍ୟମାନଙ୍କ ତୁଳନାରେ ବସନ୍ତଙ୍କ ବ୍ୟଙ୍ଗ ରଚନା ଉତ୍କୃଷ୍ଟ ବା ନିକୃଷ୍ଟ ଏହା ପ୍ରତି-ପାଦନ କରିବା ମୋ ଲେଖାର ଉଦ୍ଦେଶ୍ୟ ନୁହେଁ, ବରଂ ତାଙ୍କ ରଚନାମାନ କେତେଦୂର ସାହିତ୍ୟ ଧର୍ମର ଅନୁବର୍ତ୍ତୀ ହୋଇ ପାରିଛି ତାହା ଦର୍ଶାଇ ଉତ୍କୃଷ୍ଟତା ଓ ନିକୃଷ୍ଟତାର ବିଚାର ଅନ୍ୟମାନଙ୍କ ପାଇଁ ଛାଡ଼ିଦେବାକୁ ଚାହେଁ । ଶଶିଭୂଷଣ ରାୟଙ୍କ ମତରେ; "ମନୁଷ୍ୟର ଦୁଃଖ ଦାରିଦ୍ର୍ୟ, ଦୈନ୍ୟ ଓ ଦୁର୍ଦ୍ଦଶାକୁ ଯିଏ ଅମୃତ-ଲୋକକୁ ନେଇଯାଏ ସେ ସାହିତ୍ୟ" । (୧) ପୁନଶ୍ଚ; "ପ୍ରକୃତ ସାହିତ୍ୟ କବିଙ୍କ ଭାବାବେଗ ମଧ୍ୟଦେଇ ପାଠକର ହୃଦୟାବେଗକୁ ଉଦ୍‌ବୁଦ୍ଧ କରି ଦେଇଥାଏ" (୨) । ଫଳତଃ, ବସ୍ତ୍ୱାତ୍ମକ ଅନୁଭୂତି ସାର୍ବିକ ଅନୁଭୂତିରେ ପରିଣତ ହୁଏ ଏବଂ ତାହାର ଅମୃତତ୍ୱ ପ୍ରାପ୍ତି ଘଟେ । ଜଣେ ମନୁଷ୍ୟର ସୁଖ, ସନ୍ତୋଷ

---

୧ । ପ୍ରବନ୍ଧ ପ୍ରବାହ, ପ୍ରକାଶକ ଶ୍ରୀ ଜନ୍ତୁ ରାୟ, କାଳୀଗଳି, କଟକ ୧୯୬୨ ପୃଷ୍ଠା—୨୩

୨ । ତତ୍ରୈବ, ପୃଷ୍ଠା—୫୫

Digitized by srujanika@gmail.com

ତଥା ଦୁଃଖ ଦୁର୍ଦ୍ଦଶାରେ କେବଳ ମାନବ ଜାତିର କାହିଁକି ସାରା ସଂସାରର ସୁଖ ସମ୍ଭୋଗ ଓ ଦୁଃଖ ଦୁର୍ଦ୍ଦଶାର ଭୂତ୍ସ୍ୱାଦର୍ଶନ କରାଇ ପାରୁଥିବା ସାହିତ୍ୟ ଯଥାର୍ଥ ସାହିତ୍ୟ ପଦବାଚ୍ୟ । ଏହି ଭୂତ୍ସ୍ୱାଦର୍ଶନ ଦ୍ୱାରା ହିଁ ଏକ ଭୂମାଦର୍ଶନ ହୋଇପାରେ କିନ୍ତୁ ଏହା ଦାର୍ଶନିକ ପାଇଁ ତର୍କର ବିଷୟ ପରି, ସାହିତ୍ୟିକ ପାଇଁ ନୁହେଁ । ଓ୍ୱାର୍ଡସ୍‌ୱର୍ଥ ଥରେ କହିଥିଲେ ଯେ, ତାଙ୍କ ପାଇଁ ସାହିତ୍ୟ ବାସ୍ତବ ଏବଂ ଦର୍ଶନ ଅବାସ୍ତବ ଅଟେ । (Philosophy illusion, poetry reality) । ଜଣେ ମହାନ ସାହିତ୍ୟକାରଙ୍କ ଏପରି ବକ୍ତବ୍ୟ ସତ୍ତ୍ୱେ ସାହିତ୍ୟ ଓ ଦର୍ଶନ ମଧ୍ୟରେ ଅବିଚ୍ଛେଦ୍ୟ ସମ୍ପର୍କ ବିଦ୍ୟମାନ । ଏପରିକି ବେଳେବେଳେ ଏହି ଦୁହିଁଙ୍କ ମଧ୍ୟରେ ସୀମାରେଖା ଅସ୍ପଷ୍ଟ (ଏହି କଥାଟି ଓ୍ୱାର୍ଡସ୍‌ୱର୍ଥଙ୍କର 'ଟିନ୍‌ଟର୍ଣ୍ଣ ଆବି' ପ୍ରଭୃତି କବିତାରେ ସ୍ପଷ୍ଟ) ।

ଦର୍ଶନ ବୌଦ୍ଧିକତାର ଓ ସାହିତ୍ୟ ଭାବାବେଗର ବିନ୍ୟାସ ଓ ପୁନର୍ବିନ୍ୟାସ କରିଥାଏ । ଦର୍ଶନ ମାନବୀୟ ପ୍ରତ୍ୟୟ ମଣ୍ଡଳୀଗୁଡ଼ିକୁ ସାର୍ବିକ ଓ ସାଧାରଣ ସ୍ତରକୁ ନେଇଯାଇଥାଏ । କିନ୍ତୁ ସାହିତ୍ୟ ମାନବ ଜୀବନ ପାଇଁ ଅପରିହାର୍ଯ୍ୟ ଦ୍ରବ୍ୟମାନଙ୍କର ଭାବକୁ ଏକ ଅଭିବନୀୟ ସାଧାରଣ ଓ ସାର୍ବିକ ସ୍ତରକୁ ନେଇଯାଇଥାଏ । ଉଭୟ ଦର୍ଶନ ଓ ସାହିତ୍ୟ ମାନବୀୟ ମୂଲ୍ୟବୋଧ ସହିତ ସଂପୃକ୍ତ—ଦର୍ଶନ ପ୍ରତ୍ୟକ୍ଷ ଭାବରେ ଏବଂ ସାହିତ୍ୟ ପରୋକ୍ଷ ଭାବରେ । ସେଲିଙ୍କ ମତରେ ସାହିତ୍ୟିକମାନେ ଜଗତରେ ଅସ୍ୱୀକୃତ ବିଧାନକର୍ତ୍ତା ଅଟନ୍ତି । (Poets are the unacknowledged legislators of the world)

ବସନ୍ତବାବୁଙ୍କ କାହାଣୀର ଉପଜୀବୀ ହେଲେ, ନଗଣ୍ୟ, ନିର୍ମାସ୍ତା, ସରଳ, ସହଜ, ଅପରିଚିତ, ଅଖ୍ୟାତ ମଣିଷଗୁଡ଼ିଏ, ଯଥା; ଭଙ୍ଗାକାଚଗୋଟାଳି, ଆଈବୁଢ଼ୀ, ରୁଟିବାଲି ସରସ୍ୱତୀ କୁଣ୍ଡୁ, କୁଳଗାଁର ସରୋଜନୀ ମହାନ୍ତି, ଅଙ୍କୁରୀ, ଘୁଷୁରୀ ସାହିର ସାଧାରଣ ଭାବେ ଅଲୋଡ଼ା ହେଉଥିବା ଇତର ପ୍ରାଣୀଗୁଡ଼ିଏ ଯଥା କାଉ, କପୋତ, କୁକୁର, ନେଉଳ, ମାଙ୍କଡ଼, ମାଛ ଆଦି; ଅଚେତନ ଜଡ଼ ବସ୍ତୁ ଯଥା; ଘର, ଘଉଳ, ଅଳ୍ପ, କାଠ, କାଠଚମ୍ପା, ପଦ୍ମଫୁଲ, ଅଙ୍ଗୁରି ଇତ୍ୟାଦି । ତାଙ୍କ ମତରେ, "ମୋତି ବୁଲିଲେ ଗପଟିଏ" । "ସାମାନ୍ୟତମ ବିଷୟବସ୍ତୁ ଗପ ପାଇଁ ଯଥେଷ୍ଟ ।" ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଭାଗବତ ଛନ୍ଦରେ ବସନ୍ତବାବୁଙ୍କ ଗଳ୍ପର ଉପାଦାନଗୁଡ଼ିକୁ ଏହିପରି ଭଳିକା ମାଧ୍ୟମରେ ବ୍ୟକ୍ତ କରାଯାଇପାରେ, "କାଷ୍ଠ, ପାଷାଣ, ତରୁ, ତୃଣ । ସକଳ ଗପ ଉପାଦାନ ।"

ବସନ୍ତବାବୁଙ୍କ ଲେଖାର ଗୋଟିଏ ଧାରା ଲକ୍ଷ୍ୟ କରାଯାଇଥାଏ । ତାହା ହେଉଛି, ତାଙ୍କ ଲେଖାଗୁଡ଼ିକ ସେକୁଲାର (Secular) । ଏହି ଇଂରାଜୀ ଶବ୍ଦଟିକୁ ମୁଁ ଧର୍ମନିରପେକ୍ଷ ଅର୍ଥରେ ନେଉ ନାହିଁ ବରଂ ଏହି ପରିପ୍ରେକ୍ଷୀରେ ମୁଁ ଏହାକୁ 'ତନ୍ତ୍ର ଓ ବାଦ ନିରପେକ୍ଷ'

Digitized by srujanika@gmail.com

ସ୍ୱଭରେ ଗ୍ରହଣ କରିଛି । ଏହା ସକଳ ପ୍ରକାର ଦାର୍ଶନିକ ତତ୍ତ୍ୱ ଓ ରାଜନୈତିକ ବାଦର ଊର୍ଦ୍ଧ୍ୱରେ ଅନୁଭବଜନ୍ୟ ସତ୍ୟକୁ ଆଶ୍ରା କରିଛି । ଏହି ରୂପ ସତ୍ୟ, ଅଦ୍ୱବମୁଦିତ ଓ ତତ୍ତ୍ୱ-ବର୍ଜିତ । ସମସ୍ତ ବାଦ ଓ ସମସ୍ତ ତତ୍ତ୍ୱ ବରଂ ଏହାର ଉପରେ ପର୍ଯ୍ୟବସିତ । ରାଜନୈତିକ-ବାଦ ସାଧାରଣ ଜନତାର ହିତାହିତକୁ ଦୃଷ୍ଟିରେ ରଖି ଗଢ଼ି ଉଠନ୍ତି ନାହିଁ, ଏମାନେ ତହିଁରୁ ବାଦ୍ ପଡ଼ି ଯାଆନ୍ତି । ଏହି ବାଦଗୁଡ଼ିକ ବ୍ୟକ୍ତି ବା ଗୋଷ୍ଠୀବିଶେଷଙ୍କ ଦ୍ୱାରା କଳ୍ପିତ ଆଖ୍ୟାତ ବା ପ୍ରତ୍ୟାଖ୍ୟାତ ହୋଇଥାନ୍ତି । ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ସେକୁଲର (Secular) ଓ ସମଗ୍ର ମାନବ ଜାତିର କଲ୍ୟାଣ ନିମିତ୍ତ ଅଭିପ୍ରେତ ବୋଲି ସାଧାରଣତଃ ସ୍ୱୀକାର କରାଯାଏ । କିନ୍ତୁ ତାହା ମଧ୍ୟ ରାଜନୈତିକ ଲୋକମାନଙ୍କର ସ୍ୱାର୍ଥସାଧନର ଆୟୁଧ ହୋଇଯାଏ । "ନାନା ବିପ୍ଳବ ବିକ୍ଷୋଭ ପରେ ମାନବଜାତି ଯେତେ ଯେତେ 'ବାଦ' ପ୍ରତିଷ୍ଠା କରିଛି ବା ପ୍ରଭୂତ ଅଧ୍ୟବସାୟ ଓ ତ୍ୟାଗ କରି ଯେତେ ଯେତେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ କରିଛି ତାର ସୁଫଳ ମାନବ ଜାତିର ଅନେକ ଭାଗ ଲୋକ ପାଇ ନାହାନ୍ତି । ଗାନ୍ଧୀ, କାର୍ଲ ମାର୍କସ୍, ମାଓ ସବୁଙ୍କ ବିପ୍ଳବ ବା 'ଭଗବାନ' ଅସହାୟ ଅବସ୍ଥାକୁ ଦୂର କରି ନାହାନ୍ତି ।" ଯଦି ଜଣେ ମଣିଷର କୌଣସି ନା କୌଣସି ବାଦ ନିସ୍ୱାସର ହୋଇ ରହିବାକୁ ବାଧ୍ୟ ତେବେ ସେ କହିବେ, "ମୁଁ ମାନବବାଦୀ, କିଏ ଜାଣେ ସ୍ୱାପରେ କଣ ?"

ବସନ୍ତବାବୁ ଅତି ନିବିଡ଼ ଭାବରେ ଲକ୍ଷ୍ୟ କରିଛନ୍ତି ବ୍ୟକ୍ତିଗତ ଓ ଧାର୍ମିକ ଜୀବନରେ ମୂଲ୍ୟବୋଧର ପରିବର୍ତ୍ତନ । ଟାମ୍ ଠିକ ଇଲେକ୍ଟ୍ରୋନିକ୍ସ୍ ଯୁଗରେ ସାରା ପୃଥିବୀ ଗୋଟିଏ ଗାଁରେ ପରିଣତ ହୋଇଯାଇଛି । ଏହି ଗ୍ରାମର ଗ୍ରାମବାସୀ ଆମେ । ଆମର ଖବର ସାରା ପୃଥିବୀ ପାଖରେ ଓ ସାରା ପୃଥିବୀ ଖବର ଆମ ପାଖରେ । ଖବର କହିଲେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣା, ଯୋଜନା, ପ୍ରସ୍ତାବ, ସିଦ୍ଧାନ୍ତ, ଗୁଲଚଳଣୀ, ବେଶ-ପୋଷାକ, ଚିନ୍ତା, ଚେତନା ସବୁକିଛି ଯାହାକି ପୃଥିବୀ ଗାଁର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଅହରହ ଆଚଯାତ ବାୟୁଯୋଗ, ଦୂରଦର୍ଶନ, ଦୂରଦର୍ଶନ ଓ ସମ୍ବାଦ ପତ୍ର ମାଧ୍ୟମରେ ପ୍ରଚାରିତ । ଫଳତଃ କୌଣସି ଦେଶର ସଂସ୍କୃତି ଓ ଜୀବନ ଧାରା ସ୍ୱତନ୍ତ୍ର ହୋଇ ରହିନାହିଁ । ସଂମିଶ୍ରିତ ସବୁ ସଙ୍କର ସଂସ୍କୃତି । ଏ ରୂପ ପରିବର୍ତ୍ତନ ସାଧାରଣ ଲୋକ ଦେଖିକରି ମଧ୍ୟ ଦେଖି ପାରନ୍ତି ନାହିଁ । ଅଥବା ଦେଖିପାରିଲେ ମଧ୍ୟ ତା'ର ପରିଣାମ ଦେଖିପାରନ୍ତି ନାହିଁ । ତାଙ୍କୁ ସବୁ ସ୍ୱାଭାବିକ ଲାଗେ । କୌଣସି ଅସ୍ୱାଭାବିକତା, ଅଶ୍ଳୀଳ, ଅସାମଞ୍ଜସ୍ୟ ସେମାନେ ଅନୁଭବ କରିପାରନ୍ତି ନାହିଁ । ଏ ଆଧୁନିକ ଦୁନିଆ ବର୍ତ୍ତମାନ ଗ୍ଲୋବ ଭଳାଯୁତ, ଧର୍ମଣାଗାରରେ ପରିପୂର୍ଣ୍ଣ ହୋଇ ଯାଇଛି । (୩) ବସନ୍ତବାବୁ ଏହି ପରିବର୍ତ୍ତନକୁ ଦେଖି ପାଠକଙ୍କ ତା ମନକୁ ପାଇଲ

୩ । 'ଅଜାଗା ଘା' ଅଜାଗା ଘା, ପୃଷ୍ଠା—୧୧୧

Digitized by srujanika@gmail.com

ଭଳି ଭାଷା ଶୈଳୀରେ ଗଳ୍ପଟିଏ କହୁ ଦେଖାଇ ଦିଅନ୍ତି । "ଯାହା ଜାଣେ ଲେଖେ । ପାଠକକୁ ବଡ଼ ବୋଲି ଭାବେ, ପ୍ରତ୍ୟେକ ଶବ୍ଦ, ପଂକ୍ତି, ପରିଚ୍ଛେଦ ଯିମିତି ତା ମନକୁ ପାଇବ ସେ କଥା ଲେଖିଲାବେଳେ ଭାବେ" । (୪)

ସମସ୍ତଙ୍କର ଅନୁଭୂତି ସ୍ତର ସମାନ ନୁହେଁ ଓ ସମସ୍ତଙ୍କର ଦୃଷ୍ଟିକୋଣ ମଧ୍ୟ ସମାନ ନୁହେଁ । କହିବାକୁ ଗଲେ ପ୍ରତ୍ୟେକଙ୍କର ଅନୁଭୂତି ଓ ଦୃଷ୍ଟିକୋଣ ଅନନ୍ୟ । କିନ୍ତୁ ଏହି ଅନନ୍ୟତା ଭିତରେ ସମାନତା ପ୍ରତିଷ୍ଠା କରେ ଲେଖକ । ଲେଖକର ହୃଦୟ ଓ ମନତନ୍ତ୍ରୀ ଯେଉଁ ଭାବରେ ସ୍ପନ୍ଦିତ ହୁଏ, ପାଠକର ହୃଦୟ ଓ ମନତନ୍ତ୍ରୀକୁ ସେହିପରି ସ୍ପନ୍ଦିତ କରାଇବାକୁ ପଡ଼ିବ । ସ୍ପନ୍ଦନର ମାଧ୍ୟମ ଭାଷା । ଏହି ବିଷୟରେ ବସନ୍ତବାବୁ ଅତ୍ୟନ୍ତ ସଚେତନ । ଗୋଟିଏ ଗୋଟିଏ ଜାଗାରେ ସେ ଭାଷାକୁ କଲମ ମୁନରେ ଏପରି ମନେଇ ଦେଇଛନ୍ତି ଯେ ତାହା ମନରେ ପୁରାପୁରି ଲାଗିଯାଏ । ଆଈବୁଢ଼ୀ ବିଷୟରେ ଏକ ବର୍ଣ୍ଣନା ତାଙ୍କର କଳ୍ପନା ଓ ସୂକ୍ଷ୍ମ ଅନୁଭୂତିର ସ୍ପର୍ଶ ବହନ କରେ । "ନାଲିନାଲି କାଟି ତା ମାଆ ଓଠରେ ଘଷି ଯେଉଁ ନାଲି ରଙ୍ଗ ଦେଇଥିଲା, ସେଇ ରଙ୍ଗ ଆଜିଯାକେ ଲାଗି ରହିଛି । ପାନ ଖାଇଲେ ନ ଖାଇଲେ ବି ସେଇ ଏକ ମିଠା ନାଲିରଙ୍ଗ । ଜନମାହରେ ଟିକି ଝିଅଟି ଯେଉଁ ପ୍ରଥମ ହସ ହସିଥିଲା, ତାହା ବୁଢ଼ୀ ହେବାଯାକେ ତାର ଓଠରେ ଲାଗିରହିଛି । ଜୀବନର ଦୁର୍ଦ୍ଦିନରେ ସାମୟିକ ଲିଭିଲେ ବି ପୁଣି ଫୁଟିଉଠେ" । (୫) ଆଈବୁଢ଼ୀ ଭିତରେ ସିଏ ଦେଖିପାରିଛନ୍ତି ନିଜର, ଅଥବା ଯେ କୌଣସି ଲୋକର ସ୍ନେହଶୀଳା ଓ କର୍ତ୍ତବ୍ୟପରାୟଣା ମା, ବା ଗୋସମାଙ୍କୁ । ତା ପ୍ରତି ଲେଖକଙ୍କର ମମତାବୋଧର ଚରମ ପର୍ଯ୍ୟାୟ ପାଠକକୁ ଆବେଗମୟ ଓ ଅବାକ୍ କରେ । "ମାଆ ମାଆ ଡାକ ଭେଁ ଭେଁ ରଡ଼ି ଗୁଡ଼ି ଗୁଡ଼ି ବୁଢ଼ୀ ପଛରେ ଖଣ୍ଡେ ଦୂର ଧାଇଁଥିଲେ ହୁଏତ ମା ମନ ମାନିଥାନ୍ତା" । (୬)

ବସନ୍ତବାବୁଙ୍କ ଦୃଷ୍ଟିକୋଣ ତାର୍କିକ । ଏହି ତାର୍କିକ ଦୃଷ୍ଟି ସମାଲୋଚନା ମୂଳକ, ଦାରୁଣ ଓ ନିୟନ୍ତ୍ରଣ ମୂଳକ । ଆବେଗମୟ ଓ ସମ୍ଭୋଗ ପ୍ରିୟ ମନୁଷ୍ୟ ନିଜ ଅଜଣାତରେ, ଅଡ଼ରେ ନାନା ବୃତ୍ତି ଓ ପ୍ରବୃତ୍ତିର ଶିକାର ହୋଇ ଯାଉଛି । ସେଥିରୁ ସେ ନିବୃତ୍ତ ନହେଲେ ପରିଣାମ ଭୟାବହ ହେବ । ଅତ୍ମଘାତ ଠାରୁ ଊଣା ନୁହେଁ । ଏହି ସମ୍ବାଦ ଦେବାପାଇଁ ଶ୍ଳେଷ, ବ୍ୟଙ୍ଗ, ବିଦ୍ରୂପ ଓ ବକ୍ରୋକ୍ତି ପ୍ରୟୋଗ ଆବଶ୍ୟକ; କିନ୍ତୁ ତାହା ସରସ ଭାବରେ ଓ ସହଜ କିସ୍ତିରେ ହାସ୍ୟ କରୁଣ ରସରେ ଉପାଣିତ ହେଲେ ଫଳପ୍ରଦ ହୁଏ । ବସନ୍ତବାବୁଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ତାଙ୍କର ଭାଷାରେ,—"ପାଠକକୁ

---

୪ । 'ମୁଁ କାହିଁକି ଲେଖେ', ହାଇଦ୍ରାବାଦ ଅଙ୍ଗୁର ପୃଷ୍ଠା—୧୦୩

୫ । 'ଆଈ ବୁଢ଼ୀ' ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପୃଷ୍ଠା—୨

୬ । 'ଉଦ୍ଭବ' ପୃଷ୍ଠା—୧୦

Digitized by srujanika@gmail.com

ଫେଣ୍ଟୁଥିବ, ଅଥଚ କୁରୁରୁ କୁରୁରୁ କରୁଥିବ । ହସୁଥିବ, ଅଥଚ ଦୁଇ ଆଖିରୁ ଲୁହ ଗଡ଼ି ଗଡ଼ୁଥିବ "। (୭)

କେତେକ ହାସ୍ୟ ବ୍ୟଙ୍ଗ ଲେଖକଙ୍କ ରଚନାରେ ଅଶ୍ଳୀଳତା (Vulgarity)ର ପ୍ରଲେପ ଦେଖିବାକୁ ମିଳେ ଓ ତାହା ନିମ୍ନ ଚେତନାର ପାଠକଙ୍କୁ ଉଲ୍ଲସିତ କରେ । କିନ୍ତୁ ବସନ୍ତବାବୁଙ୍କ ଲେଖାରେ "ଓଡ଼ିଆ ପାଠକର ସୂକ୍ଷ୍ମ ଅବବୋଧ ଓ ରୁଚିକୁ ଉନ୍ନତ ସ୍ତରକୁ ଆଣିବାର" ଅଭିପ୍ସା ପ୍ରତିଫଳିତ ହୁଏ । ଭଙ୍ଗାଜାତଗୋଟାଲ ସ୍ତ୍ରୀଲୋକଟି ବିଷୟରେ 'ଗରିବୀହଟାଓ' ଶୀର୍ଷକ ଗଳ୍ପରେ ସେ ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ଅଶ୍ଳୀଳତାର ସୀମା ସ୍ପର୍ଶ କଲାପରି ଲାଗେ ।

"ବେଞ୍ଚରୁ କଷ୍ଟେ ମଷ୍ଟେ ଓହ୍ଲାଇ ନଇଁପଡ଼ି ଗୋଟାଇବାକୁ ଯିମିତି ସେ ହାତ ବଢ଼ାଇଛି ସିମିତି ମୋଟ ବହଳ ଯୋଡ଼ଟା ତା'ଉପର ଦେହରୁ ତଳକୁ ଗୋଟିକଯାକ ଖସିଗଲା ।

କି ଆଶ୍ଚର୍ଯ୍ୟ ! ସୁସ୍ଥା ବିବାହିତା ଯୁବତୀର ପଦ୍ମକୋଷରେ ଅଭିମାନ ଭ୍ରମରର ଭ୍ରମ ଝଙ୍କାର କରୁଥିବା ପଦ୍ମଯୋଡ଼ିକ ଚାଲିଗଲା କୁଆଡ଼େ ? କେବଳ ବଡ଼ ବଡ଼ ଭ୍ରମର ପରି ଯୋଡ଼ାଏ ଚୂଚୁକ ମାତ୍ର । କାଳିଦାସଙ୍କ ପୁରାଣ ପ୍ରସିଦ୍ଧ ରୋମାଣ୍ଟିକ ନାୟିକାର ପଙ୍କଜ ବନରେ ଟେଡ଼ିକେନାଙ୍କ ମାର୍କାରମୁଖୀର ଦିଓଟି ଗୁବାକ ବା 'ଇସ୍ପେ' ଫେଙ୍ଗୁଥିବା ଯୋଡ଼ାଏ ଗେଣ୍ଡା ଆସିଲା କେମିତି ? ତରୁଣୀ ନାରୀ ପ୍ରତି ଭଗବାନଙ୍କର ଏ କି ବିଦ୍ରୂପ । ଯେତିକି ବୀଭତ୍ସ, ସେତିକି କରୁଣ । ଏତେ କମ୍ ବୟସ ଅଥଚ ବିଚିତ୍ର ଦେଶ ଆମର ! "ସୋନା" ସାଗରେ କେଉଁଠି ଶ୍ରେଷ୍ଠ ଶ୍ରେଷ୍ଠ କଲମୀ ଗଛରେ ବଡ଼ ବଡ଼ ଆମ୍ବ, ଆଉ କେଉଁଠି ନଡ଼ିଆ ସ୍ଥାନରେ ଗୁବାକ, କି ବିଡ଼ମ୍ବନା ।" (୮)

କିନ୍ତୁ ଏକ ସାକ୍ଷାତକାରରେ ଯାହାର ବିବରଣୀ ଉପରୋକ୍ତ ଗଳ୍ପ ସହିତ 'ଗଙ୍ଗା ଓ ଗାଙ୍ଗୀ' ପୁସ୍ତକରେ ସନ୍ନିବେଶିତ ହୋଇଛି, ବସନ୍ତବାବୁ କହନ୍ତି—

"ଖାଲି ଭଲଗାଳିଟି ରହିଲେ ଯେ ତାହା ହାସ୍ୟ ବ୍ୟଙ୍ଗଧର୍ମୀ ରଚନା ହୋଇଯିବ, ତାହା ନୁହେଁ, କଳାକଳିଆ ତା' ହେଲେ ତ ହଇକୋର୍ଟର ହାସ୍ୟବ୍ୟଙ୍ଗ-ଧର୍ମୀ ରଚନା ହୋଇପାରନ୍ତା । ଆମାର୍ଜିତ ଶବ୍ଦ ବରଂ ଚଳେ, କିନ୍ତୁ ଅଶ୍ଳୀଳ

୭ । 'ଏକ ସାକ୍ଷାତକାର' ଗଙ୍ଗା ଓ ଗାଙ୍ଗୀ ପୃଷ୍ଠା—୧୦୨

୮ । 'ଗରିବୀ ହଟାଓ' ଗଙ୍ଗା ଓ ଗାଙ୍ଗୀ ପୃଷ୍ଠା—୮-୯

Digitized by srujanika@gmail.com

ଶବ୍ଦଗୁଡ଼ିକ ନ ରହୁ । ଏହାହିଁ ଆଜିର ଏହି ଧରଣର ରଚନାର ଏକ ତ୍ରୁଟି । ଉଭୟ ପାଠକ ଓ ଲେଖକ ଏହି ଧରଣର ରଚନାର ଉପାଦେୟତାକୁ ଉପଲବ୍ଧି କରିବା ଆବଶ୍ୟକ । ଲେଖକର ଦାୟିତ୍ୱ ହେଲା—ପାଠକ ମନରେ ଏହିପରି ରଚନା ପାଠ ପାଇଁ ଆଗ୍ରହ, ରୁଚି ସୃଷ୍ଟି କରି ଜୀବନକୁ ଆନନ୍ଦମୟ କରି ତୋଳିବା ।" (୯)

ଆଉ ଏକ ଉଦ୍ଧୃତ "ସାମାନ୍ୟ ଅଶ୍ଳୀଳ" ଗଳ୍ପରୁ ନେଉଛୁ । ଏଥିରେ ଅଶ୍ଳୀଳତାର ଅଭାବ ଆଶା କରିବା ଓ ଦେଖିବା ଅସ୍ୱାଭାବିକ ନୁହେଁ ।

"......ସ୍ୱାମୀ ଏକପତ୍ନୀବ୍ରତଠୁଁ ବଡ଼ ବ୍ରତ ଆଉ ନଥିବ । କଳ୍ପନାମୟ । ପୂର୍ବକାଳରେ ଲୋକେ ତାକୁ ଅସିଧାର ବ୍ରତ କହୁଥିଲେ । ଧାରୁଆ ଖଣ୍ଡାରେ ଚାଲିବା ପରି କଷ୍ଟସାଧ୍ୟ । ସେ ବ୍ରତରେ କି ଲାଭ ? ରଙ୍ଗୀନ ଦୁନିଆଁ ଚାଲି ଯାଉଥିବ, ଅନ୍ୟମାନେ ଦେଖୁଥିବେ, ଉପଭୋଗ କରୁଥିବେ, ତୁମେ ସାଦା ଧୋତି ପିନ୍ଧି ଆଖି ବୁଜି ଗୀତା ଭାଗବତ ପାରାୟଣ କରୁଥିବ ! ବଞ୍ଚି ଲାଭ କ'ଣ ଯଦି କଲଟକଟକ ମାଛ ମାଂସ ଝୋଳ ବା ଖାଣ୍ଟି ସୋରିଷ ତେଲରେ ଛଣା ଚାଗ ଚାଗ ବରିବଡ଼ା ଖାଇ ନ ପାରିଲ ? ଜ୍ଞାନ ନାହିଁ, ଅଭିଜ୍ଞତା ନାହିଁ ; ଲେଖକ ହେବ କିପରି ? ବାଇରନ୍, ବାଲଜାକ୍ କ'ଣ କେବେ କବି ଔପନ୍ୟାସିକ ହୋଇ ପାରିଥାନ୍ତେ ଏଇ ଏକପତ୍ନୀବ୍ରତ ପାଳନ କରି ? ବରଞ୍ଚ କୁତ୍ସିତ ବ୍ୟାଧିଗ୍ରସ୍ତ ହୋଇ ଦୁନିଆକୁ ବିବିଧ ଅଭିଜ୍ଞତାର ସ୍ୱାଦ ଚଖେଇବା ଭଲ, ତେବେ ହବିଷାନ୍ନ କରି ପୂତ ପବିତ୍ର ଜୀବନ ଧାରଣ କରିବା ଭଲ ନୁହେଁ । (୧୦)

ମୋର ମନେହୁଏ, ମଧ୍ୟର ଗାଙ୍ଗରେ ଅଙ୍କିତ ଅଶ୍ଳୀଳଚିତ୍ର ପରି ବସନ୍ତବାବୁଙ୍କ କାବ୍ୟିକ ଚିତ୍ର ମହାନ୍ ଓ ଦିବ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ । ହୁଏତ ଏପରି ବର୍ଣ୍ଣନା ସାମାନ୍ୟ ଅନ୍ତଃକରଣ ଦୋଷଦୁଷ୍ଟ । ସାଧାରଣ ଲୋକ "(Average mortal) ଙ୍କର ( ଏଥିରେ ଲେଖକ ନିଜେ ଅନ୍ତର୍ଭୁକ୍ତ) "ଫୁଟାଣି, ଗ୍ରେଟଲୋକ ଓ ଭଣ୍ଡାମିର ମୁଖା ଖୋଲି କୁରୁର କୁରୁର, ଚୂମୁଟା ଚୂମୁଟି, ଖୁଞ୍ଚା ଖୁଞ୍ଚି, ଗାଳିଗୁଲଜ କରି ଆର୍ଥାତ ଯେ କୌଣସି ମତେ ମଣିଷଙ୍କ ପରି (ଅଧିକ ପଶୁପ୍ରବରକୁ ଯିବାକୁ ନଦେଇ ) ବଞ୍ଚି ହସଖୁସିରେ ଏପରିକି ସହାନୁଭୂତିର ଲୁହ ଝରାଇ ପାରିବା ଲେଖକର ମହନୀୟ ଉଦ୍ଦେଶ୍ୟ, ତା'ର ପ୍ରତିଶ୍ରୁତି,

---

୯ । ଏକ ସାକ୍ଷାତକାର-ଗଙ୍ଗା ଓ ଗାଙ୍ଗୀ ପୃଷ୍ଠା—୧୪୩

୧୦ । 'ସାମାନ୍ୟ ଅଶ୍ଳୀଳ'—ହାଇଦ୍ରାବାଦ ଅଙ୍ଗୁର ପୃଷ୍ଠା—୦୬

Digitized by srujanika@gmail.com

ତା'ର କମିଟମେଣ୍ଟ'' (୧୧) ଏଥିରେ ଛଳନା ନାହିଁ, ମନସ୍ତୈନତ୍ତ୍ୱ, ବଚସ୍ତୈନତ୍ତ୍ୱ, କର୍ମସ୍ତୈନତର ଅବକାଶ ନାହିଁ । ଲେଖକ ନିଜେ ସରଳ ଓ ଶଗୁଭବୁଦ୍ଧିସମ୍ପନ୍ନ ଜୀବନ ବଞ୍ଚିଛନ୍ତି ଓ ଅନ୍ୟମାନଙ୍କୁ ସେହି ଜୀବନ ବଞ୍ଚିବାକୁ ଚାହିଁଛନ୍ତି ।

ଧର୍ମଚେତନାରେ ଯେପରି ରାମ ଅପେକ୍ଷା ରାମ ନାମ ମହତ୍ତ୍ୱର ବୋଲି ବିବେଚନା କରାଯାଏ, ତଥାକଥିତ ସଭ୍ୟଚେତନାରେ ସେହିପରି ନିଜ ଅପେକ୍ଷା ନିଜର ଭାବମୂର୍ତ୍ତି ଅଧିକ ବୋଲି ଲୋକେ ବିଚାର କରନ୍ତି । ଏଣୁ ସେମାନେ ନିଜ ତନୁକୁ ନାନା ଭାବରେ ସଜାଇବା ସହିତ ନିଜ ମନକୁ ନାନା ଛଳନା, କପଟ ପ୍ରବଞ୍ଚନାରେ ସଜାଇ ସଭ୍ୟ, ଶିକ୍ଷିତ, ବ୍ୟକ୍ତି ଭାବରେ ବଡ଼ାଇ କରିଥାନ୍ତି । ତାଙ୍କ ମନରେ ଅନ୍ୟପ୍ରତି ହିଂସା, ଦ୍ୱେଷ, ଘୃଣା ଓ ନିଜପ୍ରତି ଗର୍ବ ଓ ଅହଂକାର ଓ ଉଚ୍ଚ ସମ୍ମାନବୋଧ ଭରିରହିଥାଏ । ଏଥିରେ ସଦ୍‌ଚିନ୍ତା, ସତ୍‌କର୍ମ ପରିବର୍ତ୍ତେ ଅସଦ୍‌ ଚିନ୍ତା ଓ ଅସଦ୍‌ କର୍ମର ପରିପ୍ରକାଶ ଘଟିଥାଏ । ପରର ଗୁଣରର ମଧ୍ୟ ବୃଥା ସମ୍ମାନବୋଧ ହେତୁ ଖାଲି ତବା, ଖାଲି ବୋତଲ ''ସେ ବିକିବାକୁ ନେବନାହିଁ ।'' କାରଣ ଚପଲ ଲଗାଇ କଲିପେଣ୍ଟ ପିନ୍ଧି ମଫସଲ ହାଟରେ କଣା ଗୋ-ଗୋ ଗଗଲସ୍ ଆଖିରେ ଦେଇ ଶିଶିବୋତଲ ଭରି ଅଖାଟାଏ କାନ୍ଧରେ ପକାଇ ବଜାରକୁ ଗଲେ ତା'ର ମାନସମ୍ମାନ ଉପରେ ଆଞ୍ଚ ଆସିବ ।'' (୧୨) କିନ୍ତୁ ''ମାନସମ୍ମାନ ଜଗିଲେ ହରାଇବାକୁ ପଡ଼େ'' ବୋଲି ଲେଖକ 'ଗର୍ଭିଣୀ ହଟାଓ' ଗଳ୍ପରେ ହାସ୍ୟରସ ମାଧ୍ୟମରେ ଦର୍ଶାଇ ଦେଇଛନ୍ତି ।

ବିଂଶ ଶତାବ୍ଦୀରେ ମାନବ ଅତ୍ୟନ୍ତ ସ୍ୱାର୍ଥପର ହୋଇଯାଇଛି । ପୂର୍ବ ଶତାବ୍ଦୀରେ 'ସ୍ୱାର୍ଥପର' କହିଲେ ଯାହା ବୁଝାଉଥିଲା ଚଳିତ ଶତାବ୍ଦୀରେ ତାହା ବୁଝାଯାଉ ନାହିଁ । ଜଣେ ସ୍ୱାର୍ଥପର ହେଲେ ସେ ତା'ର ଗୋଷ୍ଠୀ ବା ସମାଜର ସ୍ୱାର୍ଥପ୍ରତି ଭ୍ରୂକ୍ଷେପ ନକରି ନିଜ ପରିବାର ତଥା ଜ୍ଞାତି କୁଟୁମ୍ବଙ୍କର ସ୍ୱାର୍ଥ ସକାଶେ କାର୍ଯ୍ୟ କରେ ; କିନ୍ତୁ ଆଧୁନିକ ଯୁଗର ଜଣେ ସ୍ୱାର୍ଥପର ବ୍ୟକ୍ତି କେବଳ ନିଜର ସ୍ୱାର୍ଥପାଇଁ ହିଁ କାର୍ଯ୍ୟ କରେ । ତା' ପାଇଁ ତା'ର ପରିବାରର ଲୋକମାନେ ମଧ୍ୟ ପର । ମଣିଷର ଚେତନା ଯେତେବେଳେ ଏହିପରି କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇଯାଉଅଛି, ସାହିତ୍ୟିକ ଏହି ପରିବର୍ତ୍ତନର ଗତିରୋଧ କରି ତାକୁ ବିଶ୍ୱଚେତନାଭିମୁଖୀ କରାଇବା ନିମିତ୍ତ ବ୍ରତୀ । ତା' ପାଇଁ ଚେତନା ସର୍ବବ୍ୟାପୀ, ତା'ପାଇଁ ମଣିଷ, ଠାକୁର, କୁକୁର, କାଠ ସବୁ ସମାନ । ସମସ୍ତେ ସମଭାବରେ ଚେତନଶୀଳ । ଏହା

---

୧୧ । 'ମୁଁ କାହିଁକି ଲେଖେ' ହାଇଦ୍ରାବାଦ ଅଙ୍କୁର ପୃଷ୍ଠା—୧୪୩

୧୨ । ଗର୍ଭିଣୀ ହଟାଓ-ଗଙ୍ଗା ଓ ଗାଙ୍ଗୀ ପୃଷ୍ଠା—୧୧

Digitized by srujanika@gmail.com

ବ୍ରହ୍ମଭାବ —ଅତି ମହନୀୟ, ଅତି ଉଦାର । ଏହି ଭାବ ଦେଖିବାକୁ ମିଳେ ବସନ୍ତବାବୁଙ୍କର ଆତ୍ମାନୁଭୂତି ସମ୍ବଳିତ ରଚନା 'ସୋଽହଂ'ରେ । ଏପରି ଚେତନାରେ ଅଧିଷ୍ଠିତ ହୋଇଥିବା ବ୍ୟକ୍ତିପାଇଁ—ଈଶ୍ୱରଭକ୍ତି ଗୌଣ ହୋଇପଡ଼ିବା ସ୍ୱାଭାବିକ କାରଣ ବ୍ରହ୍ମ ନଥିଲେ, ଈଶ୍ୱର ସଗୁଣ ଓ ଗୁଣାତୀତ ହେବା ହିଁ ବ୍ରହ୍ମପ୍ରାପ୍ତି । ବସନ୍ତବାବୁ ଧର୍ମାଚରଣ, ଧାର୍ମିକତା, ସନ୍ନ୍ୟାସ ଏସବୁ ତାଙ୍କ ଦେଇ ହବନାହିଁ ବୋଲି କହିଛନ୍ତି । (୧୩) ବ୍ରହ୍ମଜ୍ଞାନ ଲାଭକୁ ଏସବୁର ଆବଶ୍ୟକତା ନାହିଁ । ଏ ଗୁଡ଼ିକ ଗୁଣବୈଚିତ୍ର୍ୟସମ୍ବଳିତ । ଉଚ୍ଚତମ ଚେତନାରେ ସେ ଅଧିଷ୍ଠିତ ହୋଇଥିବାରୁ ହିଁ ଜଗତର ନାଥ ଜଗନ୍ନାଥଙ୍କୁ ସେ ବଡ଼ଯୋଗିଆ ବୋଲି ଆଖ୍ୟାୟିତ କରିବାପାଇଁ ସମର୍ଥ ହୋଇଛନ୍ତି ।

ପରିଶେଷରେ ବସନ୍ତବାବୁଙ୍କ ରଚନାର ଆଉ ଏକ ବୈଶିଷ୍ଟ୍ୟ ଅତି ସଂକ୍ଷେପରେ ସୂଚାଇ ଦେବାକୁ ଚାହେଁ । ପାତ୍ରୋଚିତ ଭାଷା ବ୍ୟବହାର ତାଙ୍କ ସାହିତ୍ୟର ଅନ୍ୟ ଏକ ଦିଗ । ପାତ୍ରମାନେ ଯେହେତୁ ମୟୂରଭଞ୍ଜ ଏବଂ ବାଲେଶ୍ୱରରୁ ଆଗତ ସେମାନଙ୍କ ମୁଖରେ ସେହି ଅଞ୍ଚଳର ଭାଷା ଦେଇ ସେ ତାଙ୍କ ରଚନାଗୁଡ଼ିକୁ ପରିପୁଷ୍ଟ କରିଛନ୍ତି । ଏହି ଭାବରେ ତାଙ୍କର ରଚନା ସମଗ୍ର ଓଡ଼ିଶାର ଉତ୍ତରାଞ୍ଚଳ ଭାଷାର ଏକ ଗନ୍ତାଘର କହିଲେ ଅତ୍ୟୁକ୍ତି ହେବନାହିଁ । ଆଞ୍ଚଳିକ ଭାଷା ଅଧ୍ୟୟନ କରିବା ନିମିତ୍ତ ତାଙ୍କର ରଚନାସମ୍ଭାର ପ୍ରଚୁର ସମାଧାନ ଯୋଗାଇବ ।

—※—

୧୩ । ମୁଁ କାହିଁକି ଲେଖେ ହାଇଦ୍ରାବାଦ ଅଙ୍କୁର ପୃଷ୍ଠା—୧୪୩

Digitized by srujanika@gmail.com

# ମେଜର ଅପାରେଶନ :

# ଅପରେସନ ସଫଳ, କିନ୍ତୁ......

**ଡକ୍ଟର ରତ୍ନାକର ଚଇନି**

ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ସମାଜର ଦୁଷ୍ଟବ୍ରଣକୁ ଅପରେସନ କରି ଆସିଥିବା ଜଣେ ସଫଳ କଥାଶିଳ୍ପୀ ହେଲେ ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ । ଏବେ ସେ ମେଜର ଅପରେସନ୍ (ଅପାରେଶନ ବି)ରେ ହାତ ଦେଇଛନ୍ତି । ଜଣେ ଦକ୍ଷ ଶଲ୍ୟକାରୀ ଭାବରେ ତାଙ୍କ କାର୍ଯ୍ୟରେ ସଫଳତାର ପଦଚିହ୍ନ ଖୋଜିବା କିଛି ବିଚିତ୍ର କଥା ନୁହେଁ । ତେବେ ପ୍ରଶ୍ନ ଉଠୁଛି, ଏତେ ବର୍ଷ ଧରି ସମାଗତ ଭାବେ ଏହି କାର୍ଯ୍ୟ କରି ଆସୁଥିବା ଶ୍ରୀଯୁକ୍ତ ଶତପଥୀଙ୍କର ଏଇ 'ମେଜର ଅପରେସନ'ର ସଫଳତାର ବାର୍ତ୍ତା କ'ଣ ?

ଓଡ଼ିଆ ସାହିତ୍ୟରେ ଯେଉଁ କେତେ ଜଣ ହାସ୍ୟ-ବ୍ୟଙ୍ଗର ପ୍ରମୁଖ ସ୍ରୋତ ଭିତରେ ସମାଜ-ମଣିଷକୁ ନଗ୍ନ ଭାବରେ ପାଠକ ନିକଟରେ ପରିଚିତ କରାଇ ଦେବାକୁ ଚେଷ୍ଟା କରି ଆସିଛନ୍ତି ସେମାନଙ୍କ ଭିତରୁ ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ ନିଶ୍ଚିତ ଭାବରେ ଆଗଧାଡ଼ିର ଲୋକ । ତାଙ୍କର ବ୍ୟକ୍ତିମାନସ ତାଙ୍କ ନାମରୁ, କଥାବାର୍ତ୍ତାରୁ ଏବଂ ଆଚରଣରୁ ପରିସ୍ଫୁଟ ହୋଇ ଉଠିଛି ବାରମ୍ବାର । ସେ ଚିର ବସନ୍ତ, ଚିର ସବୁଜ ଓ ଚିର ଆନନ୍ଦମୟ । ମାତ୍ର ଏତେ ଆନନ୍ଦ, ଏତେ ମନଖୋଲା ଖୁସି ବାଣ୍ଟି ବୁଲୁଥିବା ବ୍ୟକ୍ତି ପଛରେ ଗୋଟାଏ ଅଦ୍ଭୁତ ତଥା ଭୟଙ୍କର ବିଷାଦ—ଆଶ୍ୱିନ ଆକାଶର ଫିକା ସଫାମେଘ ଭଳି ଭାସି ବୁଲୁଥିବା ସହଜେ ଜାଣିହେବ ତାଙ୍କ ଲେଖାମାନଙ୍କରୁ । (ଠିକ୍ ସେମିତି ଫକୀର ମୋହନଙ୍କ ଅଫୁରନ୍ତ ଆନନ୍ଦଦାୟୀ ସାହିତ୍ୟ ସମ୍ଭାରରେ ଅପତ୍ୟଜନିତ ହତାଶାର ତୀବ୍ରଗନ୍ଧ ଯେ କୌଣସି ଗୁଣୀ ପାଠକଙ୍କୁ ହତଚକିତ କରିପକାଏ କ୍ଷଣକପାଇଁ ।)

ସାଧାରଣ ପାଠକେ ଶ୍ରୀଯୁକ୍ତ ଶତପଥୀଙ୍କ ସାହିତ୍ୟ ସମ୍ଭାରରେ ପ୍ରବେଶ କଲାମାତ୍ରେ ହସି ପକାନ୍ତି ନିଜର ଆବେଗପ୍ରବଣତାକୁ ସମ୍ଭାଳି ନ ପାରି । ସେ ସମୟରେ ସେମାନେ ଭୁଲି ଯାଆନ୍ତି ଯେ—"ବସନ୍ତ ଶତପଥୀ ଲୋକଟା ସେମିତିଆ । ତାଙ୍କ କଥା କହିବା ଢଙ୍ଗ ନିଆରା ।

Digitized by srujanika@gmail.com

ସଂସାରର ଆଉ ପାଞ୍ଚଟା ଲୋକଙ୍କ ଭଳି ସେ ମାପିଚୁପି ଚାଲନ୍ତି ନାହିଁ । ସାହିତ୍ୟ-ଜଗତରେ ଘର କରିଥିବା ଲୋକ । (ବ୍ୟକ୍ତିଗତ ଜୀବନ କଥା କହି ପାରିବ ନାହିଁ । କାହିଁକିନା ନିହାତି ମହାପୁରୁଷ ବୋଲାଉଥିବା ଲୋକଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଅଗ ଭୂତ ସବାର ହୋଇଥିବା କଥା ଶୁଣିଛି । ) ପୁଣି କଥା କହିଲା ବେଳେ ସେ ଖାଲିଟିପ ନ ମାନି ଅମଡ଼ା ମଡ଼ା ମାଡ଼ି ଚାଲନ୍ତି । ତା'ଛଡ଼ା ତାଙ୍କ ରୁଚି ମଧ୍ୟ ଭିନ୍ନ । ସେ ସମାଜର ମାଡ଼ିପଶିଆ ଲୋକଙ୍କ କଥାରେ ଗୁରୁତ୍ୱ ନ ଦେଇ ନିହାତି ଅପରିଚିତିଆ ଅଦନା ଲୋକଗୁଡ଼ାଙ୍କ କଥା ବେଶି କହନ୍ତି । ସେମାନଙ୍କ କଥାକୁ ଭଦ୍ର, ପଦସ୍ଥ ଲୋକଙ୍କ ଜୀବନଧାରା ସହିତ ତୁଳନା କରନ୍ତି । ସେଥିରୁ ତାଙ୍କୁ କ'ଣ ମିଳେ କେଜାଣି !!

ତେବେ ଯେଉଁ କଥାର ଝିଅ ଚିହ୍ନାଏ ଆଗରୁ ଧରିଥିଲି, ତାହା ଭୁଲିଲା ହୋଇ ଯାଉଛି ବୋଧହୁଏ । ତାଙ୍କର ମେଜର ଅପରେସନର ପ୍ରତ୍ୟେକଟି ନିଃଶ୍ୱାସରେ, ପ୍ରତ୍ୟେକ ପୃଷ୍ଠାରେ ବସନ୍ତ ଶତପଥୀଙ୍କ ସାଂପ୍ରତିକ ରୂପ ସ୍ପଷ୍ଟ ହୋଇ ଉଠିଛି । ଜଣେ ସ୍ୱପନ୍ଦିତ ବୃଦ୍ଧର ଏହା ଯେତେ ଯେମିତି କରୁଣ ବିନଲିପି । ଗ୍ରନ୍ଥଟିର ପୃଷ୍ଠାରେ ହାସ୍ୟରସର ଅନ୍ତରାଳରେ ହତାଶାର ଅବହେଳନ । ସାମାଜିକ ବ୍ୟଙ୍ଗର ସ୍ୱର ମଧ୍ୟ ବେଶ୍ ତୀବ୍ର । ସାଧାରଣ ଅସ୍ୱସ୍ଥ ମଣିଷ ପାଖରେ ନିଜର ନିଃସଙ୍ଗତାକୁ ବାରଂବାର ଅଜାଡ଼ି ଦେଇ ସେ ଆତ୍ମୀୟତା କିଣିବାକୁ ଚାହୁଁଛନ୍ତି । ସଂସାର ସାରା ଲୋକଙ୍କ ପାଖରେ ଆତ୍ମକେନ୍ଦ୍ରିକତା ବସା ବାନ୍ଧିଛି । ସମସ୍ତେ ଏ ସଂସାରରେ ଆନ୍ତରିକତାବିହୀନ ସାଂସାରିକ ଦାୟିତ୍ୱ ପାଳନ କରୁଛନ୍ତି । କିନ୍ତୁ ଜୀବନର ସ୍ୱର୍ଣ୍ଣସନ୍ଧ୍ୟାରେ ଉପନୀତ ହୋଇଥିବା, ସ୍ନେହ-ଶ୍ରଦ୍ଧା-ଆନ୍ତରିକତା ଲୋଡୁଥିବା ବୃଦ୍ଧଟି ପାଖରେ ଏକାନ୍ତ ନିବିଡ଼ ଭାବେ ଆତ୍ମୀୟତା ବାଣ୍ଟି ବସିବାର ଆଗ୍ରହ ରହୁନାହିଁ କାହାରି ପାଖରେ ।

ସମସ୍ତେ ହୁଏତ ଏକଥା କହିବେ—ସ୍ତ୍ରୀ ଅର୍ଦ୍ଧାଙ୍ଗିନୀ, ଧର୍ମ ସଙ୍ଗିନୀ, ପାରିବାରିକ ବୃତ୍ତର ପରିଚାଳିକା, ଯୌନ ଜୀବନର ଅନ୍ତରଙ୍ଗା ସହଚରୀ । ମାତ୍ର ଏସବୁ ଊର୍ଦ୍ଧ୍ୱରେ ପତ୍ନୀର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ଶ୍ରୀଯୁକ୍ତ ଶତପଥୀ ମର୍ମେ ମର୍ମେ ଅନୁଭବ କରିଛନ୍ତି । ତାହା ହେଉଛି, ବାର୍ଦ୍ଧକ୍ୟର ନିଃସଙ୍ଗ ମୁହୂର୍ତ୍ତର ସେହି ଶାନ୍ତ ଦାୟିନୀ ଗଙ୍ଗା —ଅବହେଳିତ ଆତ୍ମାର ସେ ଅନୁପମ ପ୍ରଲେପ । ସେଥିପାଇଁ ସେ ତାଙ୍କର 'ସେବା ଓ ସାଥୀ' ଗଳ୍ପରେ କହି ଉଠିଛନ୍ତି—"ବୁଢ଼ା ଅବସ୍ଥାରେ ବାର୍ଦ୍ଧକ୍ୟ, ରୋଗାବସ୍ଥାରେ ରୋଗ, ମଣିଷକୁ ଯେତେ ପୀଡ଼ା ନ ଦିଏ ତାଠୁଁ ବେଶୀ ଯନ୍ତ୍ରଣା ଦିଏ ନିଃସଙ୍ଗତା ଓ ତାହାର ଅସହାୟତା ଉପଲବ୍ଧି । ବୁଢ଼ୀଟି ଯେବେ ବଞ୍ଚିଥାଆନ୍ତା ତେବେ ମୋ ପାଖରେ ବସି ଜାଗତ ରହି ସାରା ରାତି କଟୁଥାଆନ୍ତା—'ଏଇଟା ନିଅ, ସେଇଟା ନିଅ,' ପଚାରୁ ଥାଆନ୍ତା —'ଏଇଟା ଦେବି ? ସେଇଟା ଦେବି' ? କହୁ ଥାଆନ୍ତା—'କିଛି ହେବନି, ତୁମେ ଡରନି' । ହୁଏତ ରୋଗଯାତନା ଓ ଦେହ ମନ ପୀଡ଼ାହୀନ ହୁଅନ୍ତା' ।

Digitized by srujanika@gmail.com

ଦେହର ଯନ୍ତ୍ରଣା ଅପେକ୍ଷା ମନର ଯନ୍ତ୍ରଣା ଅଧିକ ପୀଡ଼ାଦାୟକ । ଶ୍ରୀଯୁକ୍ତ ଶତପଥୀ ତାଙ୍କ ପରିଣତ ବୟସରେ ଏଇ ମନର ଯନ୍ତ୍ରଣା ଭୋଗିଛନ୍ତି ବେଶୀ । ତେଣୁ ସେ ତାଙ୍କର ସୃଷ୍ଟି-ସାଧନା କାଳରେ ଯେଉଁ ଗଳ୍ପସବୁ ରଚନା କରିଛନ୍ତି, ତାହା ଅନେକ ପରିମାଣରେ ହୋଇଯାଇଛି ଆତ୍ମକାହାଣୀ ମୂଳକ । ସଂସାରର କଥା କହିବାକୁ ଗଲାବେଳେ ତାହା ତାଙ୍କର କାହାଣୀରେ ପରିଣତ ହୋଇ ଯାଇଛି । ସେ ତେଣୁ ବାରମ୍ବାର କହିବାକୁ ବାଧ୍ୟ ହୋଇଛନ୍ତି—"ସ୍ତ୍ରୀହରା ଲୋକ କ'ଣ ଏତେ ନିରାଶ୍ରୟ" । (ମେଜର ଅପାରେଶନ; ପୃଷ୍ଠା-୮୨) । ମୋଟ ଉପରେ କୁହାଯାଇପାରେ—ଶ୍ରୀଯୁକ୍ତ ଶତପଥୀଙ୍କ କାହାଣୀ ବୃତ୍ତରେ କଳ୍ପନାର ସ୍ଥାନ ନାହିଁ—ଅଛି ନିଛକ ଅନୁଭୂତିର ସରଳ ପରିପ୍ରକାଶ । ସେ କାହାଣୀର ମୂଳପିଣ୍ଡ ଖୋଜିବାପାଇଁ କେଉଁ କଳ୍ପଲୋକକୁ ଯାଇ ନାହାନ୍ତି; କିମ୍ବା ଭାଷାର ଯାଦୁକରୀ ଶିଳ୍ପ ବିଧାନରେ ପାଠକଙ୍କୁ ଛନ୍ଦି ଦେବାକୁ ଚାହିଁ ନାହାନ୍ତି । ତାଙ୍କ ଜୀବନଟା କାହାଣୀ; ତାଙ୍କ ନିଃଶ୍ୱାସ ପ୍ରଶ୍ୱାସରେ କାହାଣୀ—ତାଙ୍କ ପରିପାର୍ଶ୍ୱର ପରିଜନଙ୍କ ଭାଷାହିଁ ତାଙ୍କ ସାହିତ୍ୟର ଭାଷା ।

ସାହିତ୍ୟିକ ରସିକତା ବ୍ୟତୀତ ଶ୍ରୀଯୁକ୍ତ ଶତପଥୀଙ୍କ ସୃଷ୍ଟିରେ ତାଙ୍କ ପ୍ରେମିକସୁଲଭ ଭାବଭଙ୍ଗୀର ଝଲକ ବହୁ ସମୟରେ ଝଲସି ଉଠେ । ସତେ ଯେମିତି ସେ କୃଷ୍ଣଙ୍କ ଭଳି ଅଷ୍ଟ ପାଟମହିଷୀଙ୍କ ନିବିଡ଼ ଦାମ୍ପତ୍ୟ ଜୀବନ ସୂତ୍ରରେ ବନ୍ଧା ହୋଇଥିଲେ ମଧ୍ୟ ମଝିରେ ମଝିରେ ଗୋପୀମାନଙ୍କ କଥା ଭାଳି ହୁଅନ୍ତି । ପୁରୁଷର ପୌରୁଷ ପ୍ରଦର୍ଶନ ପାଇଁ ନୁହେଁ, —"କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ମାନବର ଭାବ-ଫଲ୍ଗୁରେ ବୁଡ଼ି, ସେଥିରୁ ନିସ୍ତାର ପାଇ ନ ପାରି, ବାରମ୍ବାର ଜଣେ ଆମିଷାଶୀ ମଣିଷଟି ଭଳି ଲୋଭିଲା ଆଖି ପହଁରେଇ ନିଅନ୍ତି ସେଇ ଗୋପୀ-ଧର୍ମୀ ନାରୀମାନଙ୍କ ପାଖକୁ । ଶ୍ରୀଯୁକ୍ତ ଶତପଥୀଙ୍କ ଏଇ ପୁରୁଷ ପଣିଆର ରୂପ ଅନେକ ଗଳ୍ପରେ ଦେଖିହୁଏ—ଯେମିତି ଦେଖାଯାଇଛି ତାଙ୍କ 'ଅବଶୋଷ' ଗଳ୍ପରେ । ମାଆ ମରିଯାଇଥିଲେ ମଧ୍ୟ ପିଲାଏ ମାଆଙ୍କ ପ୍ରତିନିଧି ପାଇଛନ୍ତି ତାଙ୍କ ଘରେ ସକଳ କାମଦାମ କରୁଥିବା ଅସହାୟ ଦରିଦ୍ର ସ୍ତ୍ରୀ ଲୋକଟି ପାଖରୁ—ତଥାକଥିତ ମାଉସୀ ପାଖରୁ । ଲେଖକଙ୍କ ଭାଷାରେ—"ମାଆ ଯେ ମାଉସୀଙ୍କୁ କି ଆଖିରେ ଦେଖୁଥିଲା, ହିଂସା ଦ୍ୱେଷ, ଈର୍ଷା ବା ସନ୍ଦେହ ଆଦି ତା ହୃଦୟରେ ଥିଲା କି ନାହିଁ ପାକଲ ବୟସରେ ବି ଜାଣି ପାରିଲି ନାହିଁ । ସେହିପରି ପ୍ରାୟ ଅଜଣା ରହିଲା ବାପା ସହିତ ମାଉସୀର ସମ୍ପର୍କ, ଅର୍ଥାତ୍ ସେ ଦୁହେଁ ପରସ୍ପରକୁ କେଉଁ ଦୃଷ୍ଟିରେ ଦେଖୁଥିଲେ । ବାପା, ମାଆ ଓ ମାଉସୀଙ୍କୁ ନେଇ ଏ ଯେଉଁ ତ୍ରିଭୁଜ, ତାହାର ରୂପରେଖ ଯେମିତି ରହସ୍ୟମୟ, ସେମିତି ବିସ୍ମୟକର ତଥା କୁତୂହଳପ୍ରଦ । ସେମାନେ ଏକାନ୍ତରେ ଖୁସିଗପ ଥଟ୍ଟା, ତାମସା ହେବାର ଆମେ ଦେଖି ନାହୁଁ ।" (ପୃଷ୍ଠା-୪୧) ଏସବୁ ମଣିଷର ଦେହଜ କାମନାର ଶୂନ୍ୟସଂକେତ । ମଣିଷ ଜୀବନର ଅନେକ ଦୁର୍ବଳ ମୁହୂର୍ତ୍ତର ଏହା ଏକ ଏକ ସଂଗୁପ୍ତ ସାକ୍ଷର । ଶ୍ରୀଯୁକ୍ତ ଶତପଥୀ ଆଦର୍ଶବାଦୀ ହୋଇ ଏସବୁ ଘଟଣାକୁ ତାଙ୍କ ଗଳ୍ପମାନଙ୍କରୁ ବାଦ୍ ଦେବାକୁ ଚାହିଁ ନାହାନ୍ତି ।

Digitized by srujanika@gmail.com

ଏଠାରେ ସେଇ ପ୍ରଶ୍ନକୁ ପୁଣି ଦୋହରା ଯାଇପାରେ ଯେ—ମେଜର ଅପରେସନର ସଫଳତାର ସ୍ୱର ତେବେ କ'ଣ ? ଲେଖକଙ୍କ ସାମଗ୍ରିକ କୃତିକୁ ଅନ୍ତରାଳରେ ରଖି କୁହାଯାଇପାରେ,—ବସନ୍ତ କୁମାର ଶତପଥୀ 'ମେଜର ଅପରେସନ' ଲେଖିବେଳକୁ ତାଙ୍କ ନିକଟରୁ ବସନ୍ତର ଦେଦୀପ୍ୟମାନ ଆଭା ମ୍ଳାନ ହୋଇ ଆସିଛି; ଜଣେ ପରିଣତ ବୟସର ବୃଦ୍ଧଙ୍କ ସ୍ୱର ତୀବ୍ର ହୋଇ ଯାଉଛି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସଂସାର ପ୍ରତି ତାଙ୍କର ଦୃଷ୍ଟିକୋଣ ଅନୁଭୂତିର ପ୍ରଚଣ୍ଡ ଜ୍ୱାଳାରେ ଉତ୍ତାପ ହୋଇ ଉଠିଛି । 'ମେଜର ଅପରେସନ୍' ଯେ କରିଛନ୍ତି ନିଜର—ନିଜ ଅର୍ଜିତ ଅନୁଭୂତି ଜଗତରେ । ଜଗତର ପ୍ରତିଟି କ୍ରିୟାକଳାପ ପଛରେ ମଣିଷର ସ୍ୱାର୍ଥପର ରୂପ ତାଙ୍କ ଆଗରେ ସ୍ପଷ୍ଟ ହୋଇ ଉଠିଛି । ଜଣେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକର 'ଧୀ ଓ ଧୀଷଣା' ମର୍ମଗତ ହୋଇଛି ପ୍ରତ୍ୟେକ ଗଳ୍ପରେ । କଥାବସ୍ତୁଗତ ଶୈଳୀ, ଭାଷାର ଚମତ୍କାର ମାତ୍ରାରେ ସେ ତାଙ୍କ ପୂର୍ବ ରଚନାବଳୀଠାରୁ ଆଗକୁ ଯାଇ ପାରି ନାହାନ୍ତି ।

ପାଠକ ନିକଟରେ ସ୍ୱତଃ ଏଇ କଥା ସ୍ପଷ୍ଟୀଭୂତ ହେବ—(ଯେଉଁମାନେ ପ୍ରାୟ ଅର୍ଦ୍ଧ ଶତାବ୍ଦୀଧରି ବସନ୍ତ ଶତପଥୀଙ୍କ ଗଳ୍ପର ଏକନିଷ୍ଠ ପାଠକ ହୋଇ ଆସିଛନ୍ତି)—ସେ ଜୀବନର ଶ୍ୟାମଳ ଶୋଭନୀୟ ଉପତ୍ୟକାରେ ବସି ମହାରଣା ସାଜି ଯେଉଁ କୋଣାର୍କ ମନ୍ଦିର ଗଢ଼ିବାକୁ ପ୍ରୟାସ କରି ଆସିଥିଲେ, ଜୀବନର ଅପରାହ୍ନରେ ତାହା ସେଇ ଖଣ୍ଡିତ ଲୋଭନୀୟ କରୁଣାର୍ଦ୍ର ମନ୍ଦିର ହୋଇ ରହିଗଲା । ଦର୍ଶକଙ୍କୁ ମୁଗ୍ଧ ଚକିତ କଲା ସତ; କିନ୍ତୁ ଆଉ କାହାକୁ ଯେମିତି ଅପେକ୍ଷା ରଖିଲା । ସଫଳ ଅପରେସନ ହେଲା; କିନ୍ତୁ......

—※—

Digitized by srujanika@gmail.com

# ବସନ୍ତ ସ୍ରଷ୍ଟାମାନସରେ ଅନୁନ୍ନତ ସଂପ୍ରଦାୟ

ଡକ୍ଟର ବ୍ରଜ ମୋହନ ଦାସ

ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବାର ମାତ୍ର ଆଠବର୍ଷ ପୂର୍ବରୁ, ଜୀବନର ଉତ୍ତରକାଳରେ, ଯେତେବେଳେ ମଣିଷର ସମସ୍ତ ରୋମାଣ୍ଟିକ ଚେତନା ଲୋପପାଇ ଯାଇଥାଏ; କିନ୍ତୁ ମଣିଷ ତା'ର ଚତୁଃପାର୍ଶ୍ୱସ୍ଥ ଦୁନିଆର ସ୍ୱରୂପକୁ ଭଲ ଭାବରେ ଚିହ୍ନିବାକୁ ସକ୍ଷମ ହୋଇଥାଏ, ଠିକ୍ ସେହି ସମୟରେ ଏ ଦୁନିଆର ଆଣ୍ଟି-ରୋମାଣ୍ଟିକ୍ ସ୍ୱରୂପକୁ ନିଜେ ଚିହ୍ନିଥିବା ଢଙ୍ଗରେ କାଳ୍ପନିକ ଭାବ ବିଳାସର ବିନା ସହାୟତାରେ ପାଠକମାନଙ୍କୁ ନିଜର ଗଳ୍ପ ଓ ରମ୍ୟରଚନାଗୁଡ଼ିକର ସାହାଯ୍ୟରେ ଚିହ୍ନାଇ ଦେବାକୁ ଚାହିଁଛନ୍ତି ଗାଳ୍ପିକ ବସନ୍ତ କୁମାର ଶତପଥୀ। ଶରୀର ଅନୁଭୂତିରେ ରସାଣିତ କାହାଣୀଧର୍ମୀ ତାଙ୍କର କ୍ଷୁଦ୍ର ଗଳ୍ପଗୁଡ଼ିକରେ ପାଠକ ନିଜକୁ ଓ ନିଜ ସ୍ୱତପଟେ ଥିବା ମଣିଷମାନଙ୍କୁ ଅନୁଭବ କରିପାରେ। କେବଳ ମଣିଷମାନଙ୍କୁ ନୁହେଁ; ତାଙ୍କ ସ୍ୱତପଟେ ଥିବା ଚଢ଼େଇ, ଛେଳି, ନେଉଳ, କୁଆ, କୁଣ୍ଢୀ, ଘୁଷୁରି ଆଦି ପଶୁପକ୍ଷୀମାନଙ୍କୁ, ଅଙ୍ଗୁର, କାଠ, ପାନିଆ, ଗୁହାଳ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜଡ଼ ପଦାର୍ଥକୁ ମଧ୍ୟ ସେ ଅନୁଭବ କରି ପାରିଛନ୍ତି ନିଜ ଅନ୍ତଃଦୃଷ୍ଟି ମାଧ୍ୟମରେ। ଆମର ସମାଜରେ ରହିଥିବା ଅନୁନ୍ନତ ଶ୍ରେଣୀର ସଂଖ୍ୟାଧିକ ମଣିଷ ଅର୍ଥାତ୍, ନିମ୍ନଜାତି, ହରିଜନ ଓ ଆଦିବାସୀ ଏବଂ ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବା ଲୋକଙ୍କ ସମସ୍ୟା, ଜୀବନ ଯାତ୍ରା, ହସ, କାନ୍ଦ ମାନସିକ ଦ୍ୱନ୍ଦ୍ୱଆଦିର ଯଥାର୍ଥ ପ୍ରତିଫଳନ ଯେଉଁ ସ୍ୱଳ୍ପ କେତେଜଣ ଓଡ଼ିଆ ଗାଳ୍ପିକଙ୍କ ଲେଖନୀରେ ସଫଳ ରୂପ ଗ୍ରହଣ କରିଛି, ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଶତପଥୀ ଅନ୍ୟତମ।

ସଭ୍ୟସମାଜର ଅନ୍ତରାଳରେ ଗଢ଼ି ଉଠିଥିବା ଏହି ସମାଜ, ଯେଉଁଗୁଡ଼ିକ ବିଭିନ୍ନ ସାହି ବା ବସ୍ତି ରୂପେ ପରିଚିତ, ଯାହା ଦିବାଲୋକରେ ସଭ୍ୟ, ଶିକ୍ଷିତମାନଙ୍କ ପାଇଁ ନିଷିଦ୍ଧ ଇଲାକା ତାର ବାସିନ୍ଦା ହେଉଛନ୍ତି ମଜୁରିଆ, ମେହେନ୍ତର ଜନତା। ନିଜର ଶ୍ରମ ବଦଳରେ ଏଇ ଆଧୁନିକ ସଭ୍ୟ ମଣିଷ ପାଇଁ ସୁବିଧା, ସୁଯୋଗ, ଆରାମ ଯୋଗାଇ ସଭ୍ୟସମାଜ ଗଢ଼ି ଉଠିବାରେ ଏମାନେ ସହାୟକ ହୁଅନ୍ତି; କିନ୍ତୁ ସାରାଦିନର ପରିଶ୍ରମ

Digitized by srujanika@gmail.com

ବଦଳରେ ଜନର ନ୍ୟୂନତମ ଆବଶ୍ୟକତାକୁ ସେମାନେ ପୂରଣ କରି ପାରନ୍ତି ନାହିଁ। ସେହି ବସ୍ତି ବା ସାହିର ବାସିନ୍ଦାମାନଙ୍କ ପରିଚୟ ସରଳ ତଥା ଅନାକର୍ଷଣୀୟ। ଏଠିକା ପିଲାଗୁଡ଼ାକ ବାପ ମା' ଛେଉଣ୍ଡ ଭଳି ଦେଖାଯାନ୍ତି, ସ୍ତ୍ରୀଲୋକମାନଙ୍କ ମୁଣ୍ଡରେ ସିନ୍ଦୂର ନ ଥିବାରୁ ବିଧବା ବା ଅବିବାହିତା ଭଳି ଲାଗନ୍ତି। ଆଉ ପୁରୁଷମାନେ ବସ୍ତିରୁ ଜୀବିକା ଜୀବନ ଯାପନ କରନ୍ତି, କିଏ କେଉଁଠି ରିକ୍ସା ଚଲାନ୍ତି ତ କିଏ ଯୋତା ମରାମତି କରନ୍ତି, ପୁଣି କିଏ ବାଡ଼ ମୋଡ଼ନ୍ତି ତ କିଏ ଶେଜ ସିଲାଇ ପାଇଁ ରୁଲାଭଣା ଧରି ଘୂରିବୁଲନ୍ତି।

ସେହି ଅପରିଚ୍ଛନ୍ନ ସହରତଳି ବସ୍ତି ବା ସାହିମାନଙ୍କରେ ରହୁଥିବା ଖଟିଖିଆ ଲୋକମାନେ ସପରିବାର ଜୀବିକାର୍ଜନ ପାଇଁ ପରିଶ୍ରମ କରିଥାନ୍ତି; କିନ୍ତୁ ଦୁଇଓଳି ପେଟପୂରା ଖାଦ୍ୟ ଯୋଗାଡ଼ କରି ପାରନ୍ତି ନାହିଁ। ସେହି ଲୋକମାନେ ଅସମର୍ଥ, ଶାରୀରିକ ବିକଳାଙ୍ଗ ଲୋକଙ୍କ ସହ ମିଶି ସେହି ଅଞ୍ଚଳରେ ରହିଥାନ୍ତି; ଘୁଷୁରି, କୁକୁର ଆଦି ପଶୁମାନଙ୍କ ସହିତ ଏକାକାର ହୋଇ। ମଣିଷମାନଙ୍କଠାରୁ ଏହି ବସ୍ତି ଅଞ୍ଚଳଗୁଡ଼ିକରେ ପଶୁମାନଙ୍କର ପ୍ରାଧାନ୍ୟକୁ ସଭ୍ୟଜଗତର ଲୋକମାନେ ଅଧିକ ଗୁରୁତ୍ୱ ଦେଇଥାନ୍ତି ଓ ସେଇଥିପାଇଁ 'ଘୁଷୁରିଆ ସାହି' ଆଦି ନାମରେ ଏହାକୁ ଚିହ୍ନିତ କରନ୍ତି। ପଶୁସହ ଏକାକାର ହୋଇ ରହିଥିବା ହେକଲ ରୋଗିଣା ମଣିଷଗୁଡ଼ାକ, "ତାକୁଇ ଲାଗି ଦୁଇ ଦଳଟା କୁକୁର ପରି ମଣିଷ ଆଉ ଗୋଟିଏ ଦୁଇଟା ମଣିଷପରି କୁକୁର ବସିଥାନ୍ତି। ରୋଗ ଓ ବୁଭୁକ୍ଷାର ମୂର୍ତ୍ତି ଏଇ ଜୀବ-ଗୁଡ଼ାକ। ସମସ୍ତଙ୍କର ସର୍ବାଙ୍ଗ ଲୋମଶୂନ, ଘାଆ, ଛଉ ଆଚ୍ଛାଦିତ। ପାଖକୁ ଗଲେ ଘୃଣା ଲାଗୁଥାଏ। ଯିଏ କାମୁଡ଼ିବ ଜଳାତଙ୍କ ହେବ। ବାଟରେ ଯେଉଁ ସାହି ଦେଇ ଏଠାକୁ ଆସିଛୁ ସେଠିକା ଲୋକଗୁଡ଼ା ବି ଏମିତି ଘୁରୁଣ୍ଡ, ପ୍ରାୟଶଃ ଉଲଗ୍ନ; ଛେଳି, କୁକୁଡ଼ା ଘୁଷୁରି, ହାଣ୍ଡିଆ, ଗୁହ, ମୂତ ଗନ୍ଧ ଭିତରେ ରହିଛନ୍ତି। ନାକ ବନ୍ଦ କରି ଆସିଛୁ। ଏ କେତେଟା ସେଇ ସାଇରୁ ଗୁରୁଣ୍ଡି ଗୁରୁଣ୍ଡି ସଭ୍ୟତାର ଅଇଁଠା ଖାଇବାକୁ ଆସିଛନ୍ତି। (୧) ଅସ୍ୱାସ୍ଥ୍ୟକର ପରିବେଶରେ ବଢ଼ୁଥିବା ରୋଗିଣା ମାଗିଖିଆ ଲୋକମାନଙ୍କର ଏ ବାସ୍ତବ ବର୍ଣ୍ଣନା ପାଠକମନରେ ଗଭୀର ରେଖାପାତ କରେ ଓ ଗାଳ୍ପିକଙ୍କ ରଚନାର ସାର୍ଥକତା ପ୍ରତିପାଦନ କରିବାକୁ କ୍ଷମ ହୋଇଥାଏ। ସେମାନଙ୍କର ରୂପ ବର୍ଣ୍ଣନା ଓ ଖାଦ୍ୟ ସଂଗ୍ରହ ଦୃଶ୍ୟର ବର୍ଣ୍ଣନା 'ମୂଚୁକୁନ୍ଦ ହସ', 'ଜଗବନ୍ଧୁ ତୁମେ ବଡ଼' ଆଦି ଗଳ୍ପରେ ଏପରି ବାସ୍ତବ ହୋଇଛି ଯେ ପାଠକ ନିଜେ ଦେଖିଥିବା ଦୃଶ୍ୟକୁ ଏହା ମନେ ପକାଇଦେବା ସଙ୍ଗେ ସଙ୍ଗେ ହୃଦୟକୁ ଉଦ୍‌ବେଳିତ କରିଦିଏ। ଅନାୟାସରେ ସମବେଦନା ଉଦ୍ରେକ କରିବାକୁ ସମର୍ଥ ହୁଏ।

---

୧। ମୁଚୁକୁନ୍ଦହସ, ହାଇଦ୍ରାବାଦ ଅଙ୍ଗୁର, ବିଦ୍ୟାପୁରୀ, କଟକ ୧୯୮୨, ପୃ—୧୪

Digitized by srujanika@gmail.com

ଅଭାବ ଅନଟନ ସମୟରେ ସେହି ଅଭାବୀ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ବହୁଗୁଣ ବଢ଼ିଯାଏ । ସେମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଗୋରୁ, ଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ଏବଂ ଘରର ଆସବାବପତ୍ର ବିକ୍ରୟ କରିଦିଅନ୍ତି । ସ୍ତ୍ରୀ ଲୋକମାନେ ଦେହକାଙ୍ଗାଳମାନଙ୍କୁ ଦେହ ବିକନ୍ତି । ତଥାପି ସେମାନେ ଖାଦ୍ୟ ଗଣ୍ଡାଏ ଯୋଗାଡ଼ କରିବାକୁ କ୍ଷମ ହୁଅନ୍ତି ନାହିଁ । "ସେଇ ଛୁଆମାନଙ୍କ ପାଇଁ ତା' ନାଆ ମଲା— କମ୍ ଲାଞ୍ଛନା, କମ୍ କଦର୍ଥନା ସେ ସହିଛି ! ତା' ଛୁଆଙ୍କୁ ମୋ ଛୁଆଙ୍କୁ ବଞ୍ଚାଇବାକୁ ଯାଇ ଦେହ ବିକିଲି ; ଶେଷରେ ମଲି ବି ।" (୧) ଭୟଙ୍କର ବଙ୍ଗ ଦୁର୍ଭିକ୍ଷ ବେଳେ ଓଡ଼ିଶା ସୀମାନ୍ତବର୍ତ୍ତୀ ପଶ୍ଚିମବଙ୍ଗର ଏକ ଅଞ୍ଚଳରେ ରହୁଥିବା ଓଡ଼ିଶାର ବଂଶଧରମାନେ କଦର୍ଥନାମୟ ଜୀବନ ବିତାଇଛନ୍ତି । ସେମାନଙ୍କ ଆତ୍ମୀୟ ସ୍ୱଜନ ଓଡ଼ିଶାର ଅଧିବାସୀ ହୋଇଥିବା ବେଳେ କିଛି ବର୍ଷ ପୂର୍ବରୁ ବଙ୍ଗଦେଶକୁ ଉଠିଯାଇଥିବା ଏହି ପରିବାରର ଲୋକମାନେ କାହିଁକି ଓଡ଼ିଶାରୁ ଚାଉଳ ସଂଗ୍ରହ କରିବାକୁ କ୍ଷମ ହେବେ ନାହିଁ ତାହା ସେହି ସ୍ତ୍ରୀଲୋକଟି ବୁଝିପାରିନାହିଁ । ଓଡ଼ିଆ ଘରର ଚଳଣି ଅନୁଯାୟୀ ଲକ୍ଷ୍ମୀଙ୍କ ପାଟରେ ରହୁଥିବା ଟଙ୍କାକୁ ସେ ନିଜର ଶେଷପୁଞ୍ଜି କରିଛି । ସେହି ଶେଷପୁଞ୍ଜି ବିନିମୟରେ ସଂଗୃହୀତ ଚାଉଳ 'ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚାଉଳ ଯିବନାହିଁ' ନୀତିରେ ସେ ଧରାପଡ଼ି ହରାଇଛି । ଭୋକିଲାପୁଅ ତା'ର ମୃତ୍ୟୁବରଣ କରିଛି । କ୍ଷମତାସମ୍ପନ୍ନ ବ୍ୟକ୍ତିବିଶେଷ ବିନାନୁମତିରେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ନେଇ ଯାଉଥିବାବେଳେ ଦରିଦ୍ରଲୋକମାନଙ୍କର ଅଳ୍ପ ପରିମାଣର ଚାଉଳ, କିଲେ, ଦୁଇକିଲେ କେମିତି ଧରା ହୋଇ ସେମାନଙ୍କ ଜୀବନ ଯନ୍ତ୍ରଣାକୁ ବୃଦ୍ଧି କରୁଛି ତାହା ଗାଳ୍ପିକ ଦେଖାଇ ଦେଇଛନ୍ତି ।

କେବଳ ଦାରିଦ୍ର୍ୟର ସ୍ୱରୂପ ନୁହେଁ, ସେମାନଙ୍କ ଆନନ୍ଦ ଉତ୍ସବ ଓ ଉତ୍ସବ ପାଳନର ଧାରା ତାଙ୍କ ଗଳ୍ପରେ ସ୍ଥାନିତ ହୋଇଛି । ଏମାନଙ୍କ ଉପାର୍ଜନ, ପେଟପୂରା ଖାଇବା ଯୋଗାଡ଼ ନିମିତ୍ତ ନିଅଣ୍ଟ ହେଉଥିବାରୁ ସେମାନେ ବର୍ଷସାରା କଠିନ ପରିଶ୍ରମ କରନ୍ତି ଓ ବର୍ଷକରେ ଗୋଟାଏ ଦୁଇଟି ପର୍ବ ବେଶ୍ ଧୂମ୍‌ଧାମରେ ମନାନ୍ତି । ଯେମିତି—"ମକର ଆସିଗଲା । ବାଘ ହୁଅ ; ପାଗଳା ହୁଅ, ନାଚ, ଗାଅ, ମଦ ପିଅ । ମୁକୁଳାଇ ଆଣ କେଉଁଠି ବନ୍ଧା ପଡ଼ିଛି ଧୁମ୍‌ସା, ମାଦଳ । ଫିଟ ଦନଗଢ଼, ଦେଲ ବାହନ ବିକ, ନିକେଲ ରହୁଣାଗାଣ୍ଡି ବିକ । ରେଶମୀ କାଚ କିଣ, ମୁଣ୍ଡର ଝୁମ୍ପା କିଣ, ପାହାଡ଼ର ମାଟି ନିଆ ମୁହଁ ଧଳା କର । ମରଦ ଉଶ୍ରଳ କରମା ନାଚରେ ମାତ । ଦିନେ ଦୁଇଦିନ । ଦରକାର ହେଲେ ଦେହ ବିକ । ମକରେ ଗଲେ ଠକର । ମକର ପରେ ଆଉ ଜୀବନ କାହିଁ ?" (୩)

---

୧ । ଚାଉଳ, ଗଙ୍ଗା ଓ ରାଙ୍ଗୀ, ଓଡ଼ିଶା ବୁକ୍ ଷ୍ଟୋର, କଟକ ୧୯୮୧, ପୃ—୬୬

୩ । ମହେର, ଘୃଷୁରି ସାହାର, ଆକାଶ ଫୁଲ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୩, ପୃ—୧୦

Digitized by srujanika@gmail.com

ଏହି ଉତ୍ସବକୁ ଉପଲକ୍ଷ କରିବାର ପୂର୍ବ ପ୍ରସ୍ତୁତି କେତେ ଯନ୍ତ୍ରଣାଦାୟକ ତା'ର ବର୍ଣ୍ଣନା ରହିଛି 'ମକର ଘୂରୁଣି ଧାଡ଼ିର' ଗଳ୍ପରେ । କୁକୁଡ଼ା ଲଢ଼େଇରେ ଜିଣି ପାରୁଥିବା ଆଣିଥିଲେ ଦୁଇଟିଯାକ କୁକୁଡ଼ା ବିକି ଆଦୁତ ଅର୍ଥରେ ନୂଆ ପାଇଁ ଲୁଗାଟିଏ ଆଣିବ ବୋଲି ଶାମ ଭାବୁଛି । ଛିଣ୍ଡା ଲୁଗାରେ ଦେହ ଢାଙ୍କିଥିବା ଚଢ଼ିଲି ନୂଆ ଘର ଦେହ ଘୋଡ଼ାଇବା ଓ ମକର ମନାଇବା ଉଭୟ କାର୍ଯ୍ୟ ଏଥିଦ୍ୱାରା ସମାହିତ ହୋଇପାରିବ । ମାତ୍ର କୁକୁଡ଼ା ଲଢ଼େଇରେ ଶାମ ହାରି ଯାଇଛି । ଶାମର ସ୍ତ୍ରୀ ମଧ୍ୟ ବହୁ ଚେଷ୍ଟାକରି ଲୁଗାଖଣ୍ଡିଏ ଯୋଗାଡ଼ କରିବାକୁ କ୍ଷମ ହୋଇନାହିଁ । ବସ୍ତି ମୁଣ୍ଡରେ ଥିବା ଭିକା ଦୋକାନୀ ମାଧ୍ୟମରେ ଏହି ସମସ୍ୟାର ସମାଧାନ ହୋଇ ପାରିବ । କାରଣ ଭିକା ତା' ଦୋକାନରେ ନାନା ଦ୍ରବ୍ୟ ସାହିବାଳଙ୍କୁ ବିକିବା ସଙ୍ଗେ ସଙ୍ଗେ ସାହି ନୂଆ ବୋହୂଙ୍କ ଦେହକୁ ବାହାରର ଲୋକଙ୍କୁ ବିକି ସେମାନଙ୍କ ଆବଶ୍ୟକତା ପୂରଣ କରେ । ପରିବାରର ଆବଶ୍ୟକତା ପୂରଣ କରିବା ପାଇଁ ଶାମର ସ୍ତ୍ରୀ ସେହି ପନ୍ଥାର ଆଶ୍ରୟ ନେଇ ଦୁରାରୋଗ୍ୟ ରୋଗର ଶିକାର ହୋଇଥିବାରୁ ଏବେ ସେ ସେଥିପାଇଁ ଅସମର୍ଥ । ଅବଶେଷରେ ଅନନ୍ୟୋପାୟ ହୋଇ ସେ ତା' ଝିଅ ବେଙ୍ଗକୁ ସେଠାକୁ ଯିବା ପାଇଁ କହୁଛି । ମାତ୍ର ବେଙ୍ଗ ପ୍ରଥମେ ରାଜି ହୋଇନଥିଲେ ବି ପରିଶେଷରେ ପରିସ୍ଥିତିର ଚାପରେ ଆତ୍ମସାମ୍ୟ ହରାଇ ବସିଛି ଓ ସେଠାକୁ ଯାଇଛି । ଯେତେବେଳେ ତାର ସାଙ୍ଗ ଚେମି, ସୁମି ଆଦି ନୂଆ ଶାଢ଼ୀ ବିଷୟରେ କଥାବାର୍ତ୍ତା କରି 'ବେଙ୍ଗଲୋ କ'ଣ କରୁଛୁ' କହିଦେଇ ଚାଲିଗଲେ ସେତେବେଳେ ତା'ର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ବେଙ୍ଗ ଆଉ ସହି ପାରିଲା ନାହିଁ, ଗ୍ଲୁଠ କଳିଦେଲା । ଦେହରେ ଫାଶ ଦେବ, ଇନ୍‌ଜେକସନ ନେବ, ସତୀ ହେବ ଏବଂ ଦାଙ୍ଗପାଠଙ୍କ ଦେହ ବଢ଼ିଆ କରି ମକର ମନେଇବ ବୋଲି ନିଷ୍ପତ୍ତି ନେଲା । (୪) କେମିତି ପରିସ୍ଥିତିର ତାଡ଼ନାରେ ପେଟ ବିକଳରୁ ନ୍ୟୂନତମ ଆବଶ୍ୟକତା ପୂରଣ ନିମିତ୍ତ ସେମାନେ ଦେହଜୀବୀ ହେବାକୁ ବାଧ୍ୟ ହୁଅନ୍ତି ଓ ଦୁରାରୋଗ୍ୟ ରୋଗର ଶିକାର ହୁଅନ୍ତି ତାହା ଏଠାରେ ଯଥାର୍ଥ ରୂପ ନେଇଛି ।

ସେହି ବସ୍ତିରେ ରହୁଥିବା ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ପାଖରେ ଦୟା, ଅନୁକମ୍ପା, ସହାନୁଭୂତି, ପ୍ରେମ, ସୌମନସ୍ୟ ଆଦି ମଣିଷର ସ୍ୱତନ୍ତ୍ରତା ଅର୍ଥହୀନ ହୋଇଯାଏ । ଏହି ଦରିଦ୍ର ସଂପ୍ରଦାୟର ସ୍ତ୍ରୀ ଲୋକମାନେ ସ୍ୱାମୀମାନଙ୍କ ସହ ମିଶି ଦିନ ସାରା କଠିନ ପରିଶ୍ରମ କରି ମଧ୍ୟ ପରିବାରର ନ୍ୟୂନତମ ଆବଶ୍ୟକତା ପୂରଣ କରିବାକୁ କ୍ଷମ ହୁଅନ୍ତି ନାହିଁ । ତେଣୁ ସେହି ସ୍ତ୍ରୀଲୋକମାନେ ନିଜର ଏକମାତ୍ର ପୁଞ୍ଜି ଦେହକୁ ଏହି ସଭ୍ୟଲୋକମାନଙ୍କୁ ବିକିଦେଇ ସ୍ୱାମୀ ବା ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଅପେକ୍ଷା-

---

୪ । ତତ୍ରୈବ ପୃ—୧୫

Digitized by srujanika@gmail.com

କୃତ ଅଧିକ ଉପାର୍ଜନକ୍ଷମ ସ୍ୱରୂପରେ ଉନ୍ନୀତକରି ଆର୍ଥିକ ଉନ୍ନତ ଥାଇ ଥାଇ ବ୍ୟବସ୍ଥା କରିବାକୁ ସମର୍ଥ ହୁଅନ୍ତି । (*)

ଆମ ଦେଶରେ ମଣିଷ ମଣିଷ ଭିତରେ ଭେଦଭାବ, ଛୁଆଁ-ଅଛୁଆଁ, ଉଚ୍ଚଜାତି ନୀଚଜାତି ଆଇନରେ ଉଠିଯାଇଥିଲେ ବି ତାହା ପ୍ରକୃତରେ ସବର୍ଣ୍ଣ ମାନଙ୍କ ମନରୁ ଦୂରେଇ ଯାଇ ନାହିଁ । ଅସବର୍ଣ୍ଣମାନେ ଏବେ ମଧ୍ୟ ସବର୍ଣ୍ଣମାନଙ୍କ ଦ୍ୱାରା ଲାଞ୍ଛିତ, ଅପମାନିତ, ଶୋଷିତ ହେଉଛନ୍ତି । ସରକାରୀ ଯୋଜନା ମାଧ୍ୟମରେ ହରିଜନମାନଙ୍କ ଉନ୍ନତି ପାଇଁ ଆସୁଥିବା ଅନୁଦାନକୁ ସବର୍ଣ୍ଣମାନେ ନିଜର ସୁବିଧାନୁଯାୟୀ କାର୍ଯ୍ୟରେ ଲଗାଇ ଅସବର୍ଣ୍ଣମାନଙ୍କୁ କିପରି ଶୋଷଣ କରନ୍ତି ତାର ନିଚ୍ଛକ ଚିତ୍ର ରହିଛି 'ଉନ୍ନୟନ' ଗଳ୍ପରେ ।

ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପରେ ଆଦିବାସୀମାନଙ୍କ ଜୀବନଯାତ୍ରା, ହସ, କାନ୍ଦ, ଉତ୍ସବ ପାଳନ ସହିତ ଓ ପରିବର୍ତ୍ତିତ ସମାଜ ବ୍ୟବସ୍ଥାରେ ସେମାନଙ୍କ ଚଳଣି ସ୍ଥାନ ପାଇଛି । ସରକାରୀ ଯୋଜନାଦ୍ୱାରା ଭୂମିହୀନ ଆଦିବାସୀମାନଙ୍କୁ ଘର ଜମି ଆଦି ଯୋଗାଇ ଦିଆ ଯାଉ-ଥିଲେ ବି ତାହା ପ୍ରକୃତରେ ସେମାନଙ୍କ ପାଖରେ ପହଞ୍ଚି ପାରି ନାହିଁ । ସେମାନେ ସେମିତି ଭୂମିହୀନ ହୋଇ ରହିଛନ୍ତି ପ୍ରକୃତିର କୋଳରେ ସେମାନଙ୍କ ପିତା ପ୍ରପିତାମହମାନଙ୍କ ଭଳି । ବନ୍ୟଜନ୍ତୁଙ୍କ ଆକ୍ରମଣରେ ଗୃହପାଳିତ ପଶୁପକ୍ଷୀ, ଆତ୍ମୀୟସ୍ୱଜନ ମୃତ୍ୟୁବରଣ କରନ୍ତି । ଫସଲ ନଷ୍ଟ ହୁଏ । ସେମାନଙ୍କ ଜୀବନରେ ଦୁଃଖ ଘୋଟି ଆସେ । ପୁଣି ଦୁଃଖର ପରି-ସମାପ୍ତି ଘଟାଇ ସେମାନେ ନାଚଗୀତରେ ମଜ୍ଜି ଯାଆନ୍ତି । ଗାଁର ଲୋକଙ୍କୁ ଦେଖିଲେ ଜଣାଯାଏ, ସୃଷ୍ଟିର ପ୍ରାକ୍‌କାଳରୁ ସେମାନେ ଯେଉଁଠି ଅଛନ୍ତି; ସମୟ ଓ ସଭ୍ୟତା ତାଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣି ପାରି ନାହିଁ । ଚନ୍ଦ୍ର ସୂର୍ଯ୍ୟ, ଖରା-ବର୍ଷାରୁ ସେମାନେ ବେଳକାଳ ଜାଣନ୍ତି । ଆବଶ୍ୟକତା କମ୍, ତେଣୁ ଅଭାବ କମ୍ । ପ୍ରକୃତି ସହ ସଂଗ୍ରାମ କରି ମୁଠେ ଖାଇବାର ଆୟୋଜନ କରନ୍ତି । ଏମିତି ଜୀବନଯୁଦ୍ଧରେ ବେଳେ ବେଳେ ମୃତ୍ୟୁ ଆସି ଯାଏ । କୁକୁରଗୁଡ଼ାଙ୍କ ଆଖି ଆଗରେ ଲକ୍ତ୍ୱପତରିଆ ଉଠାଇ ନିଏ । ମକା, ଧାନ ହାତୀ ବନ ବରାହରେ ଦଳି ଦିଏ, ତଥାପି ଧୂମୁସା, ମାଦଳ, ହାଣ୍ଡିଆରେ ଦୁଃଖ ଶେଷ ହୋଇ ଯାଏ ।

ଗଳ୍ପପୁରୁଷର ପ୍ରଶ୍ନୋତ୍ତରରେ ସଚେତନ ତଥା ନିରୁପାୟ କାଠ କଟାଳିଟି କହୁଛି; 'ହେ, ନା ବାବୁ ଘର ଦୁଆର ଜମି ଜାଇଗା କରେଇ ଦେ । ଦେଖିଁ କେତେ ଅଣ୍ଡିଆ

---

* । ସ୍ୱେମାଣ୍ଡିତ୍ ବା ଅବଗୁଣ୍ଠନ ବତୀ, ନୀଡ଼ାଣ୍ଡସ୍ତୀ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୩, ପୃ—୮୧

Digitized by srujanika@gmail.com

ଦେଖେଇ ହେଉଛନ୍ତି । ଆମର ଯେତେ ନୂଆ ଘର ଜମି ନାହିଁ ସମସ୍ତଙ୍କୁ ଦେଲେ ତୁମର-ମାନେ କ'ଣ କରିବ, କାହିଁ ରହିବ ?'' (୬) ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଆଦିବାସୀ ଉନ୍ନୟନ ଯୋଜନାର ବିଫଳତା ସମ୍ବନ୍ଧରେ ସତେ ଯେମିତି ଏହି ଧାଡ଼ିଗୁଡ଼ିକ ପ୍ରାପ୍ତିମାନ ଇସ୍ତାହାର ସଦୃଶ ।

ଆଦିବାସୀମାନେ ରହୁଥିବା ବଣ ପାହାଡ଼ର ଦୃଶ୍ୟ ପାଠକ ମନରେ ପଶ୍ଚିମଘାଟର ଭ୍ରମ ଜାତ କରେ । ''ଏ ଦେଶ ବାଘସାମ୍ବ, ଭାଲୁ, ସମ୍ବର, ହରିଣ, କୁଟାର, ବାରହା, ହେଟା ବାଘ ଏବଂ ହାତୀପଲର ଦେଶ । ଏ ଦେଶ ମୟୂର, ଶୁଆ-ଶାରୀ, କପୋତ-କପୋତର ଦେଶ । ଏଠି ମିଳେ ଝରଣା, ଆମ୍ବ, କାଙ୍କଡ଼, ବଣ କୁନ୍ଦୁରି, ପଣସ, ଭାଲୁଡ଼ୁ, ସ୍ବର, କେନ୍ଦୁ ଆଦି ଫଳ, ପାଳୁଅ ଓ କେତେ ଚେର ମୂଳ । ଏଠି ମିଳେ କେତେକେତେ ଫୁଲ, ପତର, ଗୁଳର ମହକ ଓ ରଙ୍ଗ; ଅଶୋକ, ମାଲେଇ, ସୁନ୍ଦରୀ, ପଲାଶ, ଚମ୍ପା ଆଦିର କେତେ କଣ । ଗଛରୁ ପତରରୁ ତ ମହୁ ଝରୁଛି । ଭୂଇଁ ଫାଟାରୁ ଛତୁ ଉଠୁଛି ।'' (୭) ଏମିତି ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ରହି ପଣ୍ଡୁ ପାଣି ମେଳାରେ ପରସ୍ପରକୁ ଭଲ ପାଇ ବସିଥିବା ଓ ପରେ ତାଙ୍କ ଚଳଣି ଅନୁଯାୟୀ ସାମାଜିକ ସ୍ୱୀକୃତି ଲାଭ କରିଥିବା ସୁମି ଓ ସେଙ୍ଗେଲଙ୍କର ବୈବାହିକ ଜୀବନ ସୁଖରେ କଟିଛି ।

ସୁଟ୍‌ଭରି ସେମାନଙ୍କ ଜୀବନ ନାଟକରେ ପ୍ରବେଶ କରିଛି ତଥାକଥିତ ସଭ୍ୟ ସମାଜର ପ୍ରତିନିଧି ଜାଠ କଣ୍ଟ୍ରାକ୍ଟର ମଙ୍ଗୁ । ସେ ସେମାନଙ୍କୁ ଗୁ ସିଗାରେଟ ଦ୍ୱାରା ମନାଇ ସହର ଆଡ଼କୁ ମୁହାଁଇବାକୁ ଚେଷ୍ଟା କରିଛି । କାରଣ ସେମାନଙ୍କ ଶକ୍ତିର ଉପଯୋଗରେ ଗଢ଼ାହେବ ସଭ୍ୟତାର ସୌଧ । ଗଛ କାଟିବା, ମାଟି ଖୋଳିବା, ପଥର ଟେକିବା, ଗ୍ରେଲର ଚଳାଇବା ଆଦି ଯେତେ ଦୁଃସାଧ୍ୟ କଠିନ ଶ୍ରମସାପେକ୍ଷ କାର୍ଯ୍ୟ ଏମାନେ ଲୁଆଳେ ଆନନ୍ଦରେ ଗୀତ ଗାଇ ଗାଇ ଅଳ୍ପ ପଇସାରେ କରନ୍ତି । କିନ୍ତୁ ପ୍ରଥମେ ସେ ଏଥିରେ ସଫଳ ହୋଇ ପାରିନାହିଁ । ପରେ ସୁମିକୁ ସେଙ୍ଗେଲର ଅନୁପସ୍ଥିତିରେ ମଦ ପିଆଇ ସହରୀ ଜୀବନ ପାଇଁ ମଙ୍ଗୁ ପ୍ରଲୋଭିତ କରିଛି । ଫଳରେ ସୁମି ସେଙ୍ଗେଲକୁ ପ୍ରଭାବିତ କରି ସହରକୁ ମୁହାଁଇଛି । ଗାଳ୍ପିକ ସୁନ୍ଦର ଚିତ୍ରକଳ୍ପର ସହାୟତାରେ ଏହି ଘଟଣା ବର୍ଣ୍ଣନା କରିଛନ୍ତି । ସୁମି ଓ ସେଙ୍ଗଲ ପାଶ୍ଚାତ୍ୟ ସୃଷ୍ଟିତତ୍ତ୍ୱର ଆଦିପୁରୁଷ ଓ ସ୍ତ୍ରୀ; ଆଦାମ ଏବଂ

---

୬ । ଜାଠ, ହାଇଦ୍ରାବାଦ ଅଙ୍କୁର, ପୃ—୧୩୬

୭ । ତଦ୍ଭି°/ନୋହିରୀ, ମା°ଝଣୀମାନଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୬, ପୃ—୧୧୪

Digitized by srujanika@gmail.com

ଇଭ୍ । ମକୁ ସାପ ବେଶରେ ପ୍ରବେଶ କରିଥିବା ଖଳ; ସିଏ ନିଷିଦ୍ଧ ଫଳ ଖାଇବାକୁ ପ୍ରଲୋଭିତ କରିଛି । (୮)

ସହରରେ ଆସି ଦୁଇଜଣ କୁଲି କାମରେ ନିୟୋଜିତ ହୋଇଛନ୍ତି । ସେଠାରେ ସଭ୍ୟଲୋକମାନଙ୍କ ରାଜନୀତିର ଅସ୍ତ୍ର ହୋଇଛି ସେଙ୍ଗେଲ । କାମ ବନ୍ଦ ହୋଇଯିବାରୁ ଚାନ୍ଦା ଆଦାୟକାରୀ ନେତାମାନଙ୍କ ଆହ୍ୱାନରେ ଯେଉଁ ଆନ୍ଦୋଳନ ହେଲା ସେଥିରେ ଆଗକୁ ବାହାରି ସେଙ୍ଗେଲ ଟିଅରଗ୍ୟାସ୍ ସେଲର ଆଘାତ ପାଇଛି ଓ ଶେଷରେ ଜେଲ ଯାଇଛି । ସୁମି ଏକାକିନୀ ହୋଇଯାଇଛି । ମେଲମୁହାଁ ବେଲ ଓ ପିତା ଲହ ଡଙ୍କାରେ ବଢ଼ାଯାଉଥିବା ପଖାଳ, ସଜନା ଶାଗ, ଲୁଣ, ଲଙ୍କା, ଗେଣ୍ଡା, କଙ୍କଡ଼ା ବା ଶୁଖୁଆ ପୋଡ଼ା ଖାଇବା ଆଉ ଦିପହରେ ବିଶ୍ରାମ ବେଳେ ସେଙ୍ଗେଲର କେନ୍ଦେରା ବା ବଇଁଶୀରେ ସେଇ 'ବୃକ୍ଷ ନାଲରେ ଉରଂ' ଗୀତ ଶୁଣିବା ଭିତରେ କଟି ଯାଉଥିବା ସୁଖର ଦିନଗୁଡ଼ିକ ଶେଷ ହୋଇଯାଇଛି ।

ଜେଲ୍‌ରୁ ମୁକ୍ତିଲାଭ ସେଙ୍ଗେଲ ଯାଉଥିବା ବେଳେ ରାସ୍ତାରେ ସୁମି ସହ ଦେଖା ହୋଇଛି । ସୁମି ସାଙ୍ଗରେ ସେତେବେଳେ ଥିଲା ଅଟାଳିକା ମାଲିକ ଶିବଲାଲର ରକ୍ଷିତା ହୋଇଥିବା ବେଳେ ଜନ୍ମ ନେଇଥିବା ସନ୍ତାନଟି । ତାକୁ ଗ୍ରହଣ ନେଇ ଯିବ କି ବୋଲି ସୁମି ପଚାରିବାରୁ ସେଙ୍ଗେଲ କହୁଛି; "ନେଇ ଯିବା ନାହିଁ ତ ଆଉ କ'ଣ କରିବା ? ବଜାରକୁ ଆସିଥିଲୁ ଗୁଟେ ଚନ୍ଧି ନ ନେଇ ଗଲେ ଆମଗାଁ ସାଙ୍ଗନୁକ୍‌ଗା କମ୍‌ତି ଜାଣବେ ? ଏଟା ବଜାରିଆ ଫଲ୍‌ଟା ପରା "(୯) ଆଦିବାସୀମାନେ ସେମାନଙ୍କ ପ୍ରେମ ଦୈହିକ ସମ୍ପର୍କଠାରୁ ବହୁ ଊର୍ଦ୍ଧ୍ୱରେ ଏବଂ ସେମାନେ ମଧ୍ୟ ଉଦାରତା ଦେଖାଇ ଏହି ସଭ୍ୟସମାଜର ଅବୈଧ ସନ୍ତାନକୁ ଲାଳନପାଳନ କରିଥାନ୍ତି । ଶ୍ରୀଯୁକ୍ତ ଶତପଥୀ ଗଳ୍ପର ପରିଶେଷରେ ଦେଖାଇ ଦେଇଛନ୍ତି ଯେ ସଭ୍ୟତା ନାମରେ ତଥାକଥିତ ସଭ୍ୟ ସଂପ୍ରଦାୟ ଆଦିବାସୀମାନଙ୍କୁ କେବଳ ଶୋଷଣ କରନ୍ତି ଏବଂ ସେମାନଙ୍କୁ ଦୟା ଦେଖାଉଥିବାର ଗର୍ବ କରନ୍ତି । ମାତ୍ର ସେମାନେ ପ୍ରକୃତରେ ଦୟା ଉଦାରତା ଆଦି ମହାନ୍ ମାନବୀୟ ଗୁଣର ଅଧିକାରୀ ।

ପରିବର୍ତ୍ତିତ ସମାଜରେ ଆଦିବାସୀମାନଙ୍କ ସରଳତା ଓ ସଭ୍ୟସମାଜ ଦ୍ୱାରା ସେମାନଙ୍କୁ କରାଯାଉଥିବା ଶୋଷଣର ଚିତ୍ର 'କାଠ' ଏବଂ 'ଶ୍ୱେତପଦ୍ମ' ଗଳ୍ପରେ ମଧ୍ୟ ରୂପ ନେଇଛି । ଦୀର୍ଘଦିନ ଧରି ପଡ଼ି ରହିଥିବା ଗୋଟାଏ କାଠଗଡ଼କୁ ଗଳ୍ପପୁରୁଷ ସହରତଳି ଅଞ୍ଚଳରେ ରହୁଥିବା ଜଣେ ଆଦିବାସୀ କାଠକଟାଳି ଦ୍ୱାରା କଟାଇଛନ୍ତି । ତା'କୁ ନାନା କଥା କହିବା ଭିତରେ ନିଜକୁ ଦୟାର ଅବତାର ଏବଂ ଦୁଃଖୀରଙ୍କୀଙ୍କ ସେଟଚହ୍ନାଳ

୮ । ତତ୍ରୈବ ୧୧୪-୫

୯ । ତତ୍ରୈବ, ପୃ—୧୧୯

Digitized by srujanika@gmail.com

ବୋଲି ଦେଖାଇ ହୋଇ ଅଦରପା ଶୁଙ୍ଘିଥିବାରୁ କୁକୁର ଖାଇ ନଥିବା ବାସି ରୁଟି ଦୁଇ-ପଟ ଓ ପାଇଁଚନା ଲୋଟାରେ ପାଣି ଢାଳି ଦେଇଛନ୍ତି । ସେଇ ଲୋକଟିଠାରୁ ଅଧିକା କାମ କିଛି ମଧ୍ୟ ଆଦାୟ କରିଛନ୍ତି । ଶେଷରେ ଖୁଚୁରା ପଇସା ନଥିବାରୁ ଓ ସେଦିନ ରବିବାର ଯୋଗୁଁ ଦୋକାନ ସବୁ ବନ୍ଦ ଥିବାରୁ ଖୁଚୁରା କରିବା ସମ୍ଭବ ହୋଇନାହିଁ । ତା ଉପରେ ଚକୁଥିବା ସୁରଣା ପଇସା ସେ କେମିତି ଦେଇପାରିବ ବା ଆସନ୍ତା ମାସ ଜାଠଚସରେ ଶୁଝିଦେବ ବୋଲି କହୁଛି । ଗଳ୍ପ ପୁରୁଷ ତାକୁ ଅବିଶ୍ୱାସ କରିବାରୁ ସେ ଉତ୍କ୍ଷିପ୍ତ ହୋଇ ଉଠିଛି । ସେଇଠାରେ ହିଁ ତା ଚରିତ୍ରର ମହତ୍ତ୍ୱ, ସେମାନଙ୍କ ଜୀବନଦର୍ଶନର ଧାରା ପ୍ରତିପାଦିତ ହୋଇଛି । ହାଣ୍ଡିଆ ଖାଇଲେ ଆଖି ଯେମିତି ଲାଲ୍ ହୁଏ ସେମିତି ଆଖିରେ ସେ ତାଙ୍କ ଆଡ଼କୁ ଚାହିଁ ଯୁଗଯୁଗର ସଞ୍ଚିତ ଘୃଣାକ୍ରୋଧକୁ ବିସ୍ଫୋରଣ କରି କହିଲା, "କି କହିଲୁ ! କି ବିଶ୍ୱାସ ! ଏତେବେଳଯାଏଁ ମତେ ଟେକାଟେକି କରି ଭୁଲେଇ ଚୁକେଇ ତର ସବୁ କାମ ଆଦାୟ କରିନେଲୁ । ମର୍ ଜମି ଜାଇଗା ବି ସବୁ ତୁମେମାନେ ନେଲ । ମର୍ ନ କରିବା କାମ କରିଦେଲ । ଦୁଇଟା ଶୁଖିଲା ରୁଟି ଦେଲୁ ଯେ ସବୁକୁ ଜେର୍ ଦେଲୁ । କହୁଛ 'କି ବିଶ୍ୱାସ !' ଆମର କି ମଣିଷ ନାହିଁ, ବଡ଼େ ସାଲୁ ହେଉଛ ? ଦଇପାର ବଡ଼ନୁଳ ଦେଖେଇ ହେଉଛୁ । ମୁଁ ତର ସୁନାକ ସବୁ ବୁଝିଛି । ନେ ତର ପଇସା ।' (୧୦) ଟଙ୍କା ଫୋପାଡ଼ି ଦେଇ ସେ ଚାଲି ଯାଉଛି । ଗଳ୍ପପୁରୁଷ ଭିତରେ ଥିବା ସଭ୍ୟସମାଜର ପ୍ରତିନିଧିର ବ୍ୟକ୍ତିତ୍ୱଟି ଶଙ୍କିତ ହୋଇଯାଉଛି । ତାର ରୁଦ୍ର ମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ସେ ଉପଲବ୍ଧି କରିଛନ୍ତି—ଏ ଲୋକଟାକୁ ହଜାତ, ସଚେତନ କରି, ସ୍ୱଳ ଉସ୍‌କାଇ ସେ ବଡ଼ ଭୁଲ କରିଛନ୍ତି । ଯଦି ସେ ବୁଝିପାରିବ ଏ ଯାବତ୍ ତା' ପ୍ରତି ତାଙ୍କ ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନ ଥାଇ ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉଦ୍‌ଭ୍ରାନ୍ତ ଓ ଉତ୍କ୍ଷିପ୍ତ ହୋଇ ବୁଲି ପଡ଼ିବ । ଆଉ ଗୋଟିଏ ଧର କାଠଗଡ଼ ରହିଗଲା ସିନା ଦୁଇବେଳିଆ କୁରାଢ଼ିରେ ହୁଏତ ତାଙ୍କ ଶୁଭ୍ର ମୁଣ୍ଡକୁ ଦୁଇଫାଳ କରିଦେବ । (୧୧)

ଠିକ୍ ସେମିତି ସେମାନଙ୍କ ମଣିଷପଣିଆ, ବ୍ୟକ୍ତିତ୍ୱ ପ୍ରକଟିତ ହୋଇଛି 'ଶ୍ୱେତପଦ୍ମ' ଗଳ୍ପରେ । ଗଳ୍ପର ଆରମ୍ଭରେ ଏହି ଜାତିଭେଦ; ସବର୍ଣ୍ଣ-ଅସବର୍ଣ୍ଣ, ହରିଜନ ଗିରିଜନ, ଧନୀ-ଗରିବ ଆଦି ମନୁଷ୍ୟ ସୃଷ୍ଟ ବିଭେଦ ବିରୋଧରେ ଗାଳ୍ପିକ ନିଜ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ କରି ଦେଇଛନ୍ତି । ସେ ମଣିଷମାନଙ୍କ ଭିତରେ ସମାନତା ଚାହିଁଛନ୍ତି । ସେହି ସାମ୍ୟ-

---

୧୦ । କାଠ, ହାଇଦ୍ରାବାଦ ଅଙ୍ଗୁର, ପୃ—୧୩୪

୧୧ । ତତ୍ରୈବ

Digitized by srujanika@gmail.com

ବାଦ ଦୃଷ୍ଟିଭଙ୍ଗୀ ଜହ୍ନ-ଆଲୁଅ ବର୍ଣ୍ଣନାରେ ବ୍ୟକ୍ତ ହୋଇଛି । "ପୁନେଇ ଜହ୍ନର ଫିକା ତରାସ ଦିଶିଲାଣି; କିନ୍ତୁ କାନ୍ଦ୍ରୁ ଦେବଦାରୁ ଗଛର ଓ ତତ୍ସଲଗ୍ନ ବେଙ୍କ କୋଠାର ଗ୍ରାଉରେ ମାଛ ଅନ୍ଧାରଟା ଲଗି ଲଗି ରହୁଛି । ଚନ୍ଦ୍ରଙ୍କ ବି ଇଚ୍ଛା ଆଗ୍ରହ ନାହିଁ ଏ ବଜାର୍ ଦୁନିଆର ଉଚ୍ଛାଙ୍ଗଗୁଡ଼ିକୁ ଶୁଭ୍ରସୁନ୍ଦର କରିବାକୁ; କାରଣ ଲୋକଗୁଡ଼ାକ ସମାନତା ଚାହାନ୍ତି ନାହିଁ । ତାଙ୍କ ମୁହଁ ସେଇଥିପାଇଁ କାଳିମାଗ୍ରସ୍ତ, ଗତି ମଧ୍ୟ ଅତି ମନ୍ଥର ।" (୧୨)

ସେହି କୁମାର ପୂର୍ଣ୍ଣିମୀ ଦିନ ସକାଳ ବେଳା କାଠ ହାଣିବା କାମରୁ ଫେରି ସାନ୍ତାଳ ଲୋକଟିଏ ଘରେ ପହଞ୍ଚି ଦେଖିଛି ଯେ ତାର ପୁଅ ଦୁଇଜଣ ଜୋକ ଏବଂ ପଦ୍ମ କଣ୍ଟା ଦ୍ୱାରା କ୍ଷତ ବିକ୍ଷତ ହୋଇ କାଛୁ ଧଳା ପଦ୍ମ କଢ଼ ଓ ଫୁଲ ସଂଗ୍ରହ କରିଛନ୍ତି । ଜୀବନକୁ ବିପନ୍ନ କରି ସେମାନେ ଫୁଲ ତୋଳୁଥିବା ବେଳେ ଗୋଟିଏ ପୁଅ ପାଣି ପିଇ ଯାଇଛି । ଏହିପରି ଭାବରେ ସଂଗୃହୀତ ଫୁଲ ଓ କଢ଼ଗୁଡ଼ିକୁ ଧରି ସହରତଳି ଅଞ୍ଚଳରେ ରହୁଥିବା ସାନ୍ତାଳଟି ସେତେକ ବିକ୍ରି କରିବା ପାଇଁ ସହରକୁ ଆସିଛି । ସେଦିନ କୁମାର ପୂର୍ଣ୍ଣିମୀ ହୋଇଥିବାରୁ ଫୁଲଗୁଡ଼ିକ ବିକ୍ରି ହୋଇଯିବ ବୋଲି ମନରେ ଆଶା ବାନ୍ଧିଛି । ଗଳ୍ପପୁରୁଷଙ୍କ ସହ ଭେଟ ହେବା ବେଳେ ସେ ଆମ ସଭ୍ୟ ସମାଜର ଲୋକମାନେ ଯେଉଁମାନେ ତା ଭାଷାରେ 'ବଜାରିଆ ଲୋକ' ସେମାନଙ୍କ ଆଗ୍ୟର ବ୍ୟବହାର ସମ୍ପର୍କରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କାରଣ, ସେମାନଙ୍କ ଦ୍ୱାରା ଲକ୍ଷ୍ମୀ ପୂଜା ମଣ୍ଡପ ଗୁଡ଼ିକରେ ସେ ଲାଞ୍ଛିତ, ଅପମାନିତ ହୋଇଛି । ତଥାପି ଗଳ୍ପ-ପୁରୁଷଙ୍କ କଥାନୁଯାୟୀ ସେ ଫୁଲ ଗୁଡ଼ିକୁ ନିର୍ଦ୍ଦିଷ୍ଟ ଦାମ୍‌ରେ ବିକ୍ରି କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି । ମାତ୍ର ସେହି ଦାମ୍‌ରେ ସେଗୁଡ଼ିକ ବିକ୍ରି ନ ହେବାରୁ ଗୋଟିଏ ପୂଜାମଣ୍ଡପରେ ସେ ଫୁଲଗୁଡ଼ିକୁ ଫିଙ୍ଗି ଦେଉଥିବାର ଦେଖି ଗଳ୍ପପୁରୁଷ ତାକୁ ପାଞ୍ଚଟଙ୍କା ଯାଚିଛନ୍ତି । ଏତିକିବେଳେ ତାର ସ୍ୱାଭିମାନ ପ୍ରକଟିତ ହୋଇଛି । ଆତ୍ମପ୍ରକାଶ କରିଛି ସେମାନଙ୍କ ଦର୍ଶନ । ସେ କହିଛି; "ଆମ ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ ? ଆମେ କାମ କରୁ, ପଇସା ନେଉ । ଜିନିଷ ଦେଉ, ପଇସା ଆଣୁ । ମାଗଣାରେ ହାଉଟରି କରି ଆମ ଜାତିରେ ଯିଏ ବଞ୍ଚେ ତାକୁ ସହରକୁ ପଠାଇ ଦେଉ, ଏକ ଘରକିଆ କରୁ । ତୁ ପଇସା ଦେଇ ବଡ଼-ଲୋକୀ ଦେଖେଇ ହେବୁ ? ଅସଲ ସାନ୍ତାଳ ଗୁଲିଖାଇ ମରିବ ପଛେ, ଲୋକକୁ ହାଣି ଜଇଲୀ ଖଟିବ ପଛେ ଶ୍ୱେର ହାଉଟରି କରି ନେଲ ଯିବନି ।" (୧୩) ନିର୍ଭୀକତା, ସରଳତା, ସଧୁତା, ଆଦି ଯେଉଁ ମାନବୀୟ ଗୁଣଦ୍ୱାରା ମଣିଷ ଦେବତୁଲ୍ୟ ହୋଇଥାଏ ଆଦିବାସୀ-ମାନେ ସେହିସବୁ ଗୁଣର ଅଧିକାରୀ । ଆଦିବାସୀ ସମ୍ପ୍ରଦାୟଭୁକ୍ତ ସାନ୍ତାଳ ଜାତିର

୧୨ । ଶ୍ୱେତପଦ୍ମ, ଆକାଶୀଫୁଲ, ପୃ—୨୭

୧୩ । ତତ୍ରୈବ, ପୃ—୩୧

Digitized by srujanika@gmail.com

ଲୋକମାନଙ୍କ ସାମାଜିକ ସଂଘର୍ଷ, ଆର୍ଥନୀତିକ ସଙ୍କଟ, ପାରଂପରିକ ବିଶ୍ୱାସ, ଧାର୍ମିକ ରୂଢ଼ି ଓ ସମ୍ବୋଧନ ସେମାନଙ୍କର ସେକ୍ସ ସଂଳାପଧର୍ମୀ ଯଥୋପଯୋଗୀ ବାକ୍ୟଗୁଚ୍ଛକର ସହାୟତାରେ ବର୍ଣ୍ଣନା କରାଯାଇଛି । ସେମାନେ ଓଡ଼ିଆ-ଶବ୍ଦକୁ ଉଚ୍ଚାରଣ କରୁଥିବା ଢଙ୍ଗକୁ ଅପରିବର୍ତ୍ତିତ ରଖି ଆଦିବାସୀମାନଙ୍କ ସମସ୍ୟା, ସଂସ୍କୃତି ଆଦିର ବର୍ଣ୍ଣନା ସହ ସେମାନଙ୍କ ସ୍ୱତନ୍ତ୍ର ସତ୍ତା ଓ ସ୍ଥିତିକୁ ଗାଳ୍ପିକ ଉପଲବ୍ଧ କରାଇଛନ୍ତି । ସେମାନଙ୍କର ସ୍ୱାତନ୍ତ୍ର୍ୟକୁ ସେହି ଅପରୂପ ପ୍ରାକୃତିକ ପରିବେଶର ସଂରକ୍ଷଣ କରି, ସେମାନଙ୍କୁ ଉନ୍ନତ ଜୀବନ-ଯାତ୍ରାର କୌଶଳ ସେହିଠାରେହିଁ ଶିଖାଇ ଜୀବନଧାରାର ମାନକୁ ଉନ୍ନତ କରିବା ପାଇଁ ଗାଳ୍ପିକ ଆହ୍ୱାନ ଦେଇଛନ୍ତି । ସୁମି ଓ ସେଙ୍ଗେଲ ଡବ୍ଲିଂ/ନୋହରି’ ଗଳ୍ପରେ ଏହି ତଥା-କଥିତ ସଭ୍ୟତାର ଅଟ୍ଟୋପରୁ ମୁକ୍ତ ହୋଇ ପୁଣି ବାହୁଡ଼ିଛନ୍ତି ସେଇ ଜଙ୍ଗଲକୁ ।

ଗାଳ୍ପିକ ଶତପଥୀ ଅନୁନ୍ନତ ସଂପ୍ରଦାୟର ଜୀବନଯାତ୍ରା, ଚରିତ୍ରସଂଘର୍ଷକୁ ଗଳ୍ପରେ ରୂପ ଦେବାବେଳେ ସେମାନଙ୍କର ଯୌନାକାଂକ୍ଷା ଓ ସେକ୍ସ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ‘ଏଣ୍ଟି ରୋମାଣ୍ଟିକ୍’ ଗଳ୍ପର ନାୟକ ହେଉଛି ଜଣେ ମାଦଳ କୁଷ୍ଠରୋଗୀ ଓ ନାୟିକା ଜଣେ ଅନ୍ଧୁଣୀ । ସେମାନଙ୍କ ଭିତରେ ସ୍ଥାପିତ ହୋଇଥିବା ଦୈହିକ ସମ୍ପର୍କ ଗାଳ୍ପିକଙ୍କ ଦୃଷ୍ଟିରେ ମହିମାମଣ୍ଡିତ ହୋଇଛି । ଆଷାଢ଼ର ସେଇ ପ୍ରଥମଦିନ, ଯେଉଁ ଦିନ ବସୁଧାମାତା ଦେହରେ ମଞ୍ଜିଟିଏ ପଡ଼ିଲେ ଅଙ୍କୁରିତ ହୋଇଯାଏ, ସେଦିନ ଏସବୁ କିଛି ଦେଖିପାରୁ ନଥିବା ଅନ୍ଧ ପ୍ରାଣୀଟି କଳୁ କଦମ୍ବ ଫୁଲର ମହକ ଦେହରେ ଅନୁଭବ କରିଛି କେମିତି ଏକ ଅନାଗତ ଆଶାରେ । ପାଦେଶ୍ୱ କାହ୍ନୁ ପାଖ ବଜଳବସ୍ତିଟା ବୋଧହୁଏ ସେତେବେଳେ ଲିଭି ଯାଇଥାଏ । ଗଛ-ପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀଯାକର କଟିମିଟିଆ ଅନ୍ଧାର ଭିତରେ ତା’ର ଅନ୍ଧାରୁଆ ଦେହଟାକୁ ଆଉ ଗୋଟିଏ ବଡ଼ହଳିଆ ଅନ୍ଧାର ଖଣ୍ଡ ଧୁମ୍ର ଧୁମ୍ର ଆସି ଜାବୁଡ଼ି ଧରିଛି । ଅନ୍ଧାରଟା ବି ଏତେ ଉଷ୍ମ, ଏତେ ଆରାମ ଦାୟକ ! ଅନ୍ଧୁଣୀ ସେହି ଅନ୍ଧାର ପାଖରେ ନିଜକୁ ସମର୍ପଣ କରି ଦେଇଛି । ଅନ୍ଧାର ଭିତରେ ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଛି । (୧୪) ହେୟ ଘୃଣିତ ମଣିଷର ସେକ୍ସ ଆଲୋକ-ଦର୍ଶନରେ ପରିଣତ ହୋଇଛି । ସେଇଠାରେ ସେହି ଆଲୋକ ନିର୍ବାପିତ ହୋଇଯାଇ ନାହିଁ । ତାହା ଅନ୍ୟ ଢଙ୍ଗରେ ଅନ୍ୟ ଭାବରେ ସେମାନଙ୍କ ମିଳନ-ସମ୍ଭୂତ କନ୍ୟା ପଦୁଅଁ ମାଧ୍ୟମରେ ପ୍ରସ୍ଫୁଟିତ ହୋଇଛି । ଯୌନ ଜୀବନ ମଧ୍ୟ ଦେଇ ଜୀବନର ମହତ୍ତର ସତ୍ୟକୁ ଦେଖାଇ ଦେଇଛନ୍ତି ଗାଳ୍ପିକ । ଏହି ଶିଳ୍ପକୌଶଳ ଇଂରାଜୀ ସାହିତ୍ୟର ମାନବବାଦୀ କଥାକାର

୧୪ । ଏଣ୍ଟି ରୋମାଣ୍ଟିକ, ଗୋଟାଏ ଅଳ୍ପ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୨, ପୃ—୬୮

Digitized by srujanika@gmail.com

ଚାର୍ଲ୍‌ସ୍ ଡିକେନ୍‌ସଙ୍କ ସହ ତୁଳନୀୟ । (୧୫)। ଦୁଇଟି ଅବହେଳିତ ଅପାଙ୍‌କ୍ତେୟ ମଣିଷଙ୍କ ପ୍ରେମକୁ ମହିମାମଣ୍ଡିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରେମର ଶାଶ୍ବତ ଭାବ ଓ ମହନୀୟତାର ବିଜୟକେତନ ଉଡ଼ାଇବାକୁ ଯାଇ ଗାଲ୍‌ସିକ ଏହି ଚରିତ୍ରରେ ଦେବତ୍ବର ଆରୋପ କରିଛନ୍ତି । ସେ ମାଦଳ କ୍ରୁଷ୍ଟରୋଗାଟିକୁ ସେହି ସାମ୍ରାଜ୍ୟର ସର୍ବମୟ କର୍ତ୍ତ୍ରୀ; ସୃଷ୍ଟି, ସ୍ଥିତି, ଲୟର ନିୟନ୍ତ୍ରକ ଭାବରେ, ତାର ସମସ୍ତ କୃତ୍ୟକର୍ମକୁ ଦେବତାଙ୍କର ଛେଳି ପହିଁର, ପହଣ୍ଡି ବଳେ, ମଣୋହି ରୂପରେ ବର୍ଣ୍ଣନା କରାଯାଇଛି । ଅନ୍ଧୁଣୀଟି ଏହି କୃତ୍ୟକର୍ମ ସବୁ କରୁଥିବାରୁ ତାକୁ ଦେବଦାସୀ ରୂପେ ଚିତ୍ରଣ କରାଯାଇଛି । ତାଙ୍କର ଏହି ଚରିତ୍ରାଙ୍କନ ବିଷୟରେ କୁହାଯାଇଛି—''ଅରୂପରେ ରୂପ ସଞ୍ଚାର କରି, ସସୀମକୁ ଅସୀମରେ ପରିଣତ କରି, ଦେହରୁ ଦେହାତୀତ ଅତୀନ୍ଦ୍ରିୟ ସ୍ତରକୁ ନେଇ ଗାଲ୍‌ସିକ ଆଣ୍ଟି-ରୋମାଣ୍ଟିକ୍ ପରିବେଶରେ ରୋମାଣ୍ଟିକ ସତ୍ତାକୁ ଚହଲାଇ ଦେବାକୁ ସକ୍ଷମ ହୋଇଛନ୍ତି । (୧୬)

'ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ' ଗଳ୍ପରେ ସେକ୍‌ସ ଭିନ୍ନ ରୂପ ଗ୍ରହଣ କରିଛି । ରୁକ୍‌ମଣୀ ପଦୁଆଁ ପାଇଁ ସେକ୍‌ସର ମୂଲ୍ୟ ଅନ୍ୟ କିଛି । ବାବୁଙ୍କ ସହ ଦୈହିକ ସମ୍ପର୍କ ରଖି ସେ ପରିବାରର ଅଭାବ ପୂରଣ ପାଇଁ କିଛି ପାର୍ଥିବ ଦ୍ରବ୍ୟ ହାସଲ କରିବାକୁ କୁଣ୍ଠା ପ୍ରକାଶ କରି ନାହିଁ । ସେମାନଙ୍କର ଏପରି ମନୋବୃତ୍ତିର ପରିପ୍ରକାଶ 'ବାସନ୍ତୀ', 'ମକର ସୂର୍ଯ୍ୟର ସାହିର' ଆଦି ଗଳ୍ପରେ ପ୍ରତିଫଳିତ ହୋଇଛି । 'ଡକ୍ଟିଂ/ ଦୋହରି' ଗଳ୍ପରେ ଆଦିବାସୀମାନଙ୍କର ସେକ୍‌ସ-ଧାରଣା ମଧ୍ୟ ବର୍ଣ୍ଣିତ ହୋଇଛି । କିନ୍ତୁ ଗାଲ୍‌ସିକ ସେମାନଙ୍କ ଯୌନଜୀବନକୁ ଏବଂ ଯୌନ ଧାରଣାକୁ ମାର୍ଜିତ ଢଙ୍ଗରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ତାହାକୁ ବିଶ୍ବଜନୀନ କରିପାରିଛନ୍ତି ।

ଅନୁନ୍ନତ ସଂପ୍ରଦାୟର ଲୋକମାନଙ୍କ ସମସ୍ୟା ଓ ଚରିତ୍ର ଆଦିକୁ ଡ୍ରଇଂ ରୁମ୍‌ର ଶୋଭାବର୍ଦ୍ଧକ ନକାସି ସାଜ ଢଙ୍ଗରେ ସେ ରୂପାୟନ କରି ନାହାନ୍ତି । ସଭ୍ୟସମାଜର ନିକଟରେ

---

୧୫ । Arthur Compton Rickett, A History of English Literature, Nelson Vniversal Book Stall Delhi, 2nd Indian Riprint 1971, pp 499, 502 & 503

୧୬ । ବିରଜ ମୋହନ ଦାସ, 'ଏଣ୍ଟି ରୋମାଣ୍ଟିକ ଗାଲ୍‌ସିକଙ୍କର ରୋମାଣ୍ଟିକ ସ୍ବର' ଝଙ୍କାର ୪୦ଶ ବର୍ଷ ୮ମ ସଂଖ୍ୟା ପୃ—୬୫୭

Digitized by srujanika@gmail.com

ତଥା ଅଡ଼ୁଆଳରେ ରହୁଥିବା ଝିଙ୍କିଷିଆ, ମଜୁରିଆ ରୂପେ ପରିଚିତ ଆର୍ଥନୀତିକ ଦୁର୍ବଳ ଶ୍ରେଣୀ ତଥା ନୀଚଜାତି ରୂପେ ପରିଗଣିତ ହରିଜନ ଓ ଆଦିବାସୀ ସମାଜର ଯେ ଗୋଟିଏ ସ୍ୱତନ୍ତ୍ର ସ୍ଥିତି ଅଛି ଓ ସେମାନଙ୍କର ଯେ ସ୍ୱତନ୍ତ୍ର ଦମ୍ଭ ଅଛି ତାହା ସେ ପ୍ରତିପାଦନ କରିଛନ୍ତି । କାହାଣୀଭିତ୍ତିକ ଗଳ୍ପଗୁଡ଼ିକର ସହାୟତାରେ ସେ ସେମାନଙ୍କର ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରି ଏକ ନୂତନ ଇଲାକାର ସରହଦ ନିର୍ଦ୍ଦିଷ୍ଟ କରିପାରିବା ସଙ୍ଗେ ସଙ୍ଗେ ପାଠକମାନଙ୍କର ମାନବୀୟ ଚେତନାକୁ ଉଜ୍ଜୀବିତ କରିବାକୁ କ୍ଷମ ହୋଇଛନ୍ତି । ତାଙ୍କ ଗଳ୍ପରେ କାହାଣୀ ଅଛି, ଅଛି ବର୍ଣ୍ଣନା, ଅଛି ମଧ୍ୟ ମଣିଷ ଚରିତର ହୃଦୟ ଉନ୍ମୋଚନର ଏଷଣା ଓ ଦକ୍ଷତା । ନିମ୍ନ ଜାତି ଓ ଦୁର୍ବଳ ଶ୍ରେଣୀ ମଣିଷ ମୁହଁର କଥାଭାଷାକୁ ସେ ଗଳ୍ପରେ ସମ୍ମାନିତ ରୂପ ଦେଇଛନ୍ତି । ସେମାନଙ୍କ ସମସ୍ୟାକୁ ଏପରି ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ପାଠକମାନଙ୍କୁ ଏକ ଭିନ୍ନ ଜଗତକୁ ନେଇଯାଏ ଏବଂ ସେମାନଙ୍କ ଭିତରେ ଭାବାନ୍ତର ସୃଷ୍ଟି କରେ ।

—*—

Digitized by srujanika@gmail.com

# ବାଲୁକାଶଯ୍ୟାରେ ବେଗବତୀ ସ୍ରୋତସ୍ୱିନୀ--ଅସଂପୂର୍ଣ୍ଣ ଆତ୍ମଜୀବନୀ 'ମନେପଡ଼େ' : ଏକ ପର୍ଯ୍ୟବେକ୍ଷଣ

ଡକ୍ଟର ସଙ୍ଘମିତ୍ରା ମିଶ୍ର

ଆତ୍ମଜୀବନୀ ଅସାଧାରଣ ମଣିଷର ସାଧାରଣ ଜୀବନ କାହାଣୀ, ଯହିଁରେ ସେହି ବ୍ୟକ୍ତିର ସମକାଳୀନ ସମାଜ ସ୍ପଷ୍ଟ ହୋଇ ଦିଶିଯାଏ । ଏହି ଆତ୍ମଜୀବନୀରେ ଇତିହାସ, ଭୂଗୋଳ, ସମାଜବିଜ୍ଞାନ, ପ୍ରତ୍ନତତ୍ତ୍ୱ, ଲୋକବିଶ୍ୱାସ, ରାଜନୀତି ପାରିବାରିକ ଜୀବନ ଏପରିକି ଗଣ-ଚେତନାର ସାର୍ଥକ ପ୍ରକାଶ ସମ୍ଭବ ହୋଇଥାଏ । ସମୟ ଓ ସମାଜ ସହିତ ସ୍ରଷ୍ଟାର ସମ୍ପର୍କ ତଥା ସ୍ରଷ୍ଟାର ମନୋମୟ ଜୀବନ ଓ ଜଗତ ପ୍ରତି ଏକ ମଧୁର ଆକର୍ଷଣ ଏଥିରେ ଅନୁଭବ କରିହୁଏ । ଆତ୍ମଜୀବନୀ ସମ୍ପର୍କରେ—New Standard Encyclopaediaରେ କୁହାଯାଇଛି । "An autobiography, the self-Written story of a peson's life, usually is a more complete and better organised account than is a diary or journal × × Autobiographics often tell not only a great deal about the writers but also like good biographies—shed light on their times as well.

( New Std. Encyclopaedia Vol 3. P. B-234 )

ଆତ୍ମଜୀବନୀ ଲେଖିବାର ପ୍ରଚେଷ୍ଟା ଓଡ଼ିଆ ସାହିତ୍ୟରେ ନୂଆ ନୁହେଁ, ଫକୀର ମୋହନଙ୍କଠାରୁ ଆରମ୍ଭ କରି ଫତୁରାନନ୍ଦଙ୍କ ପର୍ଯ୍ୟନ୍ତ ଏହାର ଦିଗନ୍ତ ବିସ୍ତୃତ । ଗୋଦାବରୀଶ ମିଶ୍ରଙ୍କର 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ ।' ଡଃ ମହତାବଙ୍କର 'ସାଧନା ପଥେ' ଓ 'ଅତୀବ ସାଗରରୁ ଚଳିତା', ନୀଳମଣି ରାଉତରାୟଙ୍କର 'ସ୍ମୃତି ଓ ଅନୁଭୂତି', ଲକ୍ଷ୍ମୀନାରାୟଣ ସାହୁଙ୍କର 'ମୋ ବାବରୁଲି ଜୀବନ', ନନ୍ଦକିଶୋର ଦାସଙ୍କର

Digitized by srujanika@gmail.com

‘ମୋ ଜୀବନ ଜଞ୍ଜାଳ କାହାଣୀ’, କାଳୀଚରଣ ପଟ୍ଟନାୟକଙ୍କର ‘କୁମ୍ଭାରଚକ’ ସୁରେନ୍ଦ୍ର ମହାନ୍ତିଙ୍କର ‘ପଥ ଓ ପୃଥିବୀ’, ରମାଦେବୀଙ୍କର ‘ଜୀବନ ପଥେ’, ଫତୁରାନନ୍ଦଙ୍କର ‘ମୋ ଫୁଟାଭଙ୍ଗାର କାହାଣୀ’ ପ୍ରଭୃତି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟର ଗୋଟିଏ ଗୋଟିଏ ସ୍ପର୍ଦ୍ଧିତ ଉଦାହରଣ ।

ଏସବୁ ବ୍ୟତୀତ ଅସମ୍ପୂର୍ଣ୍ଣ ଆତ୍ମଜୀବନୀ ମଧ୍ୟରୁ ଶିଳ୍ପୀ ଅସୀମ ବସୁଙ୍କର ‘କଥାରେ କଥାରେ’ (ସମାବେଶ), ଅନ୍ନପୂର୍ଣ୍ଣା ମହାରଣାଙ୍କର ଆଲମାଲିକା (ସୁଚରିତା), ଗୋପୀନାଥ ମହାନ୍ତିଙ୍କର ସ୍ରୋତସ୍ୱତୀ (ନବଲିପି) ପ୍ରଭୃତିକୁ ଆଲୋଚନାର ପରିସରଭୁକ୍ତ କରାଯାଇପାରେ । ସେହିପରି ଅନ୍ୟ ଏକ ଅସମ୍ପୂର୍ଣ୍ଣ ଆତ୍ମଜୀବନୀ ହେଉଛି ବସନ୍ତକୁମାର ଶତପଥୀଙ୍କର ‘ମନେପଡ଼େ’ ? ପରବର୍ତ୍ତୀ ପର୍ଯ୍ୟାୟ (୭ଟି) ଗାଳ୍ପିକ ମହାଶୟ ନିଜ ଅନ୍ତନ୍ଦରେ ଶେଷ କରିଛନ୍ତି । ଏହି ବିଂଶତମ ଅଧ୍ୟାୟ (ଅପ୍ରକାଶିତ)ଟି ପାଠ କଲେ ଜଣାଯାଏ ଯେ ସ୍ରଷ୍ଟା କୌଣସିମତେ ଏହି ଆତ୍ମଜୀବନୀକୁ ୨୦ଟି ଅଧ୍ୟାୟରେ ସୀମିତ ରଖିବାକୁ ଇଚ୍ଛା କରିଛନ୍ତି । କାରଣ ଏତେ ବିରାଟ କ୍ୟାନ୍‌ଭାସ ଉପରେ ଗଢ଼ି ଉଠୁଥିବା ଏହି ଆତ୍ମଜୀବନୀ ଗ୍ରନ୍ଥଟି ହୁଏତ ଏତେ କ୍ଷୁଦ୍ର ଅବୟବ ବିଶିଷ୍ଟ ହେବାର ନଥିଲା । ସବୁଠାରୁ ଦୃଷ୍ଟି ଆକର୍ଷଣକାରୀ ବୈଶିଷ୍ଟ୍ୟ ହେଉଛି ‘ମନେପଡ଼େ’ର ଭାଷାବୈଚିତ୍ର୍ୟ । ସାଧାରଣ ସର୍ବଜନବୋଧ ଭାଷାରେ ଅସାଧାରଣ ବିଷୟର ବ୍ୟକ୍ତ କରିବାର କ୍ଷମତା କେବଳ ଶତପଥୀ ମହାଶୟଙ୍କ ଭଳି ବିଷୟର-ଶୀଳ ଗାଳ୍ପିକ ହିଁ କରିପାରନ୍ତି, ଯାହାର ବ୍ୟକ୍ତିଜୀବନର ତୀବ୍ର ବେଦନାବୋଧ ସାହିତ୍ୟ ସୃଷ୍ଟି ସମୟରେ ଆନନ୍ଦରେ ରୂପାନ୍ତରିତ ହୋଇଯାଏ । ଅନ୍ତର ଭିତରେ କାନ୍ଦ ଯେ ପାଠକକୁ ହସିବାର ଖୋରାକ ଯୋଗାଇ ପାରେ ସେ ହିଁ ‘ମନେପଡ଼େ’ ଭଳି ଆତ୍ମଜୀବନୀ ରଚନା ଭିତରେ ନିଜର ସାମାଜିକ ଦାୟିତ୍ୱ ଇଚ୍ଛାକରି ନିଜ କାନ୍ଧକୁ ଉଠାଇ ନେଇପାରେ ।

ବସନ୍ତ ଶତପଥୀଙ୍କର ଶିକ୍ଷିତ, ତେଜସ୍ୱୀ, ମିଷ୍ଟଭାଷୀ ତଥା ଅଜାତଶତ୍ରୁ ଲେଖକସତ୍ତା ସମାଜର ସମସ୍ୟା ପ୍ରତି ଉନ୍ମୁଖ । ତେଣୁ ସମାଜ ପ୍ରତି ନିଜର ଦୃଢ଼, ଗମ୍ଭୀର ତଥା ବ୍ୟାପକ ମତ ଦେବା ପାଇଁ ସେ ଯେଉଁ ବାଟ ଖୋଜିଛନ୍ତି ‘ମନେପଡ଼େ’ ତାର ଏକ ସାହିତ୍ୟିକ ପ୍ରକାଶ ମାତ୍ର । ତାଙ୍କର ବାଲ୍ୟଜୀବନ ଏକ ଅଭିଜାତ ପରଂପରାର ଶେଷ ସଙ୍କେତ ନେଇ ଅତିବାହିତ ହୋଇଥିଲା । ପାରିବାରିକ ସମ୍ପର୍କ ହେତୁ କହ୍ନାବତରେ ଏକାଠି କାଦୁଅ ଚକଟି ଭାଙ୍ଗ ଲଦିବା ମଧ୍ୟ ବାଧେ ନାହିଁ । ବସନ୍ତବାବୁଙ୍କର ଜେଜେ ଗୁହିଁଥିଲେ ତାଙ୍କ ପୁଅ ପୋଥି ଲେଖୁ । ତେଣୁ ସେ ନିଜସ୍ୱ ଭାବରେ ପୁଅଙ୍କର ଆଙ୍ଗୁଠି ତେଜ ସେଥିପାଇଁ ଉପଯୁକ୍ତ କରାଇଥିଲେ । ଉପଯୁକ୍ତ ସମୟର ତାଳପତ୍ର ସଂଗ୍ରହ କରି, ଶୁଖାଇ, ଘୁପା ଦେଇ କାଟି ସାଇଜ୍ କରନ୍ତି । କଣା କରି ଡୋର ବାନ୍ଧନ୍ତି, ନଡ଼ିଆ ଖୋଳ ପୋଡ଼ି ଅଙ୍ଗାର ପାଣିରେ ପକେଇ ପୋଛୁ ପାନ୍ଥ ସଫା କରନ୍ତି । ଲେଖା ଲେଖା ସରିଲେ କାଠପଟା ଧଟଣ୍ଡିରେ

Digitized by srujanika@gmail.com

ତୋର ବାନ୍ଧ ରଖନ୍ତି । ଏହା ସହିତ କର୍ମକାଣ୍ଡ ଓ ପୂଜା ପଦ୍ଧତି ମଧ୍ୟ ପୁଅଙ୍କୁ ଶିକ୍ଷା ଦିଅନ୍ତି । ପୋଥି ଲେଖାର ଏହି କଷ୍ଟସାଧ୍ୟ ପଦ୍ଧତି ସଂପର୍କୀୟ ଧାରଣାରୁ ବୋଧହୁଏ ସାହିତ୍ୟ ପ୍ରତି 'ମନେପଡ଼େ' । ଏହା ମାସିକ ସାହିତ୍ୟ ପତ୍ରିକା 'ନବଲିପି'ରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । କିନ୍ତୁ କୌଣସି କାରଣବଶତଃ ତାହା ପୂରଣ ହେବା ପୂର୍ବରୁ ପାଠକଙ୍କୁ 'ମନେପଡ଼େ'ର ସ୍ୱାଦ ଆସ୍ୱାଦନରୁ ବଞ୍ଚିତ ହେବାକୁ ପଡ଼ିଛି । ୧୩ଟି ଅଧ୍ୟାୟ ପର୍ଯ୍ୟନ୍ତ ପ୍ରକାଶିତ ଏହି 'ମନେପଡ଼େ'ରେ ଗାଳ୍ପିକ ବସନ୍ତକୁମାର ଶତପଥୀ ନିଜର ପରିଚୟ, ବଂଶଲତା, ଗ୍ରାମ୍ୟଜୀବନର ପାରସ୍ପରିକ ସଂପର୍କ, ବିଭିନ୍ନ ଯାତ୍ରା, ଉତ୍ସବ, ଖେଳ, ମାଛଧରା, ମାଲିମକଦମା, ଭୂତପ୍ରେତ, ଶ୍ରାଦ୍ଧ ତର୍ପଣ ବିବାହବ୍ରତ ପ୍ରଭୃତିକୁ ସ୍ୱଭାବସୁଲଭ ଢଙ୍ଗରେ ରୂପ ଦେଇଛନ୍ତି । ଏଥି ସହିତ ଜେଜେମା, ମା ପ୍ରଭୃତି ମାତୃସ୍ଥାନୀୟମାନଙ୍କ ପ୍ରତି ପରିବାରର ଧାରଣା ଯେଉଁଭଳି ପରିବର୍ତ୍ତିତ ହୋଇ ଯାଉଥିବା କଥା ସେମାନଙ୍କ ମୁହଁରୁ ଶୁଣି, କିଛି ଅନୁଭୂତି ମଧ୍ୟକୁ ଆଣି ଶତପଥୀ ମହାଶୟ ବର୍ଣ୍ଣନା କରିଛନ୍ତି । ତହିଁରୁ ସମାଜର ଦଶାପରିବର୍ତ୍ତନର ସଂକେତ ମିଳିଥାଏ ।

ଶ୍ରୀଯୁକ୍ତ ଶତପଥୀଙ୍କ ସମ୍ପର୍କରେ ଆଲୋଚନା କରିବା ବେଳେ ଏତିକ ମନେରଖିବାକୁ ହୁଏ ଯେ ସେ ପରିଣତ ବୟସରେ ଗଳ୍ପ ରଚନାରେ ହାତ ଦେଇଛନ୍ତି ତେଣୁ ଭାବପ୍ରବଣତା ଠାରୁ ଯୁକ୍ତିସଙ୍ଗତି, ଶ୍ରଦ୍ଧାଚ୍ଛନ୍ନତାଠାରୁ ଦୃଢ଼ତା ଓ ସ୍ପଷ୍ଟତା ଏଥିରେ ଅନୁଭବ୍ୟ । ଦ୍ୱିତୀୟ ତଥାଟି ହେଲା 'ହାସ୍ୟରସ' ହିଁ ତାଙ୍କର ମୁଖ୍ୟ ସ୍ୱର ଯାହା ମଧ୍ୟରେ କାରୁଣ୍ୟ ମଧ୍ୟ ଆନନ୍ଦ-ଦାନର ହେତୁ ପାଲଟିଯାଏ । ଜୀବନପ୍ରତି ସନ୍ନ୍ୟାଶୀଳତା ଓ ଜୀବନକୁ ସମସ୍ତ ଖାଲଖମା ସହିତ ଗ୍ରହଣ କରି ନେବାର ଔଦାର୍ଯ୍ୟ 'ମନେପଡ଼େ'ର ପ୍ରତ୍ୟେକ ପଙ୍‌କ୍ତିରେ ଅନୁଭବ କରିହୁଏ । ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ଏହି ଆତ୍ମଜୀବନୀ 'ମନେପଡ଼େ' ଏକ ଗୌରବ, ଏକ ସ୍ୱତନ୍ତ୍ରତାର ଅଧିକାରୀ ।

ଏଥିରେ ଘଟଣାର କ୍ରମିକତା ନାହିଁ ବା 'ଗଲି ଅଇଲି ଯାହା ଦେଖିଥିଲି ତାହା କହିଲି'ର ଅନାସକ୍ତ ଭାବନା ନାହିଁ ବରଂ ଯାହା ଦେଖିଥିଲି ତାକୁ ଆଉ ପ୍ରକାରେ କହିଲି କେତେ ଯାହା ଅନ୍ୟମାନେ ଦେଖନ୍ତି ତାହା ସେଭଳି ନ ଦେଖି ଆଉ ପ୍ରକାରେ ଦେଖିଲି ବୋଲି ବୁଝାଯାଇପାରେ । ବସନ୍ତ ବାବୁଙ୍କର ଆଗ୍ରହ ବୃଦ୍ଧି ପାଇଥିବା ସମ୍ଭବ । ବ୍ରାହ୍ମଣ ସମାଜର ପୁରାଣ ପାଠ, ଶ୍ରାଦ୍ଧ, ତର୍ପଣ, ଜାଜବଲି ପ୍ରଭୃତି ପ୍ରଥା (ଯାହା ବିସ୍ମୃତି ଗର୍ଭରେ ଲୀନ ହୋଇଗଲଣି)ର ସୁନ୍ଦର ଚିତ୍ର ତାଙ୍କ ଆତ୍ମଜୀବନୀରୁ ମିଳିଥାଏ । ପରିବାରର ପ୍ରଥମ ପୁତ୍ରସନ୍ତାନର ଜନ୍ମ ସମୟରେ ଶଙ୍ଖ, ମହୁରୀ, ଢୋଲ ଚଡ଼ଚଡ଼ି ପ୍ରଭୃତି ବାଦ୍ୟ ବାଜୁଥିଲା । ଲେଖକଙ୍କ ଜେଜେ 'ବାଘମୁଣ୍ଡି ବୁଢ଼ା' ନାମରେ ପରିଚିତ ଥିଲେ । ତେଣୁ ବାଘମୁଣ୍ଡି ବୁଢ଼ାର

Digitized by srujanika@gmail.com

ନାଠ ଭାବରେ ଲେଖକଙ୍କ ଜନ୍ମବେଳକୁ ଅନେକ ଆଡ଼ମ୍ବର ହୋଇଥିଲା । କିନ୍ତୁ ଜେଜେ ସ୍ୱପଣ କଣ୍ଟ୍ରୋଲ୍ ଥିବାରୁ ବାଜା ବଜେଇ ଅଳା କରୁଥିବା ଡମମାନଙ୍କୁ ଦରବାରି ନେଇ ଲେଖାଏଁ ସଜନା ଶାଗ ଏବଂ ତାଙ୍କର ଗାଁର ବାଣ୍ଟି ମିଶ୍ର (ତାଙ୍କ ସହିତ ଅପଭ୍ରଂ)ଙ୍କ ବାଡ଼ିରୁ ଆମ୍ବଡ଼ା କଞ୍ଚି ନେଇଯିବାକୁ ଆଦେଶ ଦେଇଥିଲେ । ପୂଆଣ ପାଇଁ ଅଁଳା, ବାହାଡ଼ା, କଷା ଫଳ, ଶୁଣ୍ଠି, ପିପ୍‌ପଳି, ଦାଲଚିଡ଼ଙ୍କ, ମୁଥା, କଟମଖୋଲ, ହରିଣଶିଙ୍ଗ ଓ ରକ୍ତଚନ୍ଦନ ଲୋଡ଼ା ହୁଏ ଯାହା ଅଳେଇ ପେଡ଼ିରେ ଥାଏ । ଏଥି ସହିତ ପୁରୁଣା ଗୁଆଘିଅ, ମହୁ ଓ ଅଳଗୋଡ଼ା ମଧ୍ୟ ମା' ପାଇଁ ଆବଶ୍ୟକ ହୁଏ ।

ଜେଜେଙ୍କ ବାହାଘର କଥା ଲେଖକ ଜେଜେଙ୍କ ମୁହଁରୁ ଶୁଣିଛନ୍ତି । ଜେଜେମା ଗୌରୀକନ୍ୟା ଭାବରେ ଆଠବର୍ଷରେ ବିବାହ କରିଥିଲେ । ତାହା ପୁତୁଲ ଖେଳ ଭଳି ଥିଲା । ଆଡ଼ମ୍ବରଶୂନ୍ୟ ଏହି ବିବାହରେ ଖେମା ବା ଔଷଧବାକ୍ସ ଓ ବାଉଁଶ ପାଢଆ ପେଡ଼ି ଥିଲା ଯୌତୁକ । କନ୍ୟା ଗୃହଯୋଗ୍ୟା ହୋଇ ଘରକୁ ଆସିବା ଓ ଜେଜେଙ୍କ ସହିତ ପାରିବାରିକ ଜୀବନ ଅତିବାହିତ କରିବା ସମୟର ଘଟଣା ସବୁ 'ମନେପଡ଼େ'ରେ ଲେଖକ ଖୁବ୍ ପରିହାସ ବ୍ୟଞ୍ଜକ ଶୈଳୀରେ ବର୍ଣ୍ଣନା କରିଛନ୍ତି ।

ଜେଜେମାଙ୍କ ସଂପର୍କରେ ଲେଖକଙ୍କ ମତ ହେଉଛି "ଜେଜେମାଆ କହିଲେ ମୋର ଯାହା ଧାରଣା ତାହା ହେଲା ଖୁବ୍ ଗୋଟିଏ ସ୍ତ୍ରୀ ଟିଏ, କାଠଫାଳିଆରେ ଜେଜେ ପାଖରୁ ପିଠିରେ ମାଡ଼ ସହିପାରେ, ସମୟ ଅସମୟରେ ନାନା ଅଡ଼ୁଆ କାମ କରି ପାରେ, ଲୁଆ ପାଳିପାରେ, ସ୍ୱାମୀ ପରମ ଦେବତା ସିଲେଇରେ ଲେଖି କାନ୍ଥରେ ଝୁଲାଇ ନପାରିଲେ ମଧ୍ୟ କାମରେ ସେଇଆ କରିପାରେ" । (ମନେପଡ଼େ ୪-ନବଲିପି ପୃ-୪୧) ମାଆଙ୍କ ପାଇଁ ଲେଖକଙ୍କର ସଂଭ୍ରମ ଅତୁଳନୀୟ । ସେହି ଗ୍ରାମ୍ୟ ମହିଳା, ଯାହାଙ୍କ ତ୍ୟାଗ ଓ ଆନ୍ତରିକତା ଫଳରେ ସମଗ୍ର ପରିବାରଟି ତିଷ୍ଠି ରହିଲା । ତାଙ୍କ ସଂପର୍କରେ ଲେଖକ କହନ୍ତି —"ମାଆର ଗୁଣ କେତେ ବଖାଣିବ ? ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ତା' ଲୋମ କୂପେ ବିରାଜଇ" । (ମନେପଡ଼େ-୯) ଅନୁରୂପ ଭାବରେ ପତ୍ନୀଙ୍କ ପ୍ରତି ମଧ୍ୟ ଲେଖକଙ୍କର ଯଥେଷ୍ଟ ସଂଭ୍ରମ ଦୃଷ୍ଟିଗୋଚର ହୁଏ । ପରଲୋକଗତା ପତ୍ନୀଙ୍କ ସ୍ମୃତି ତାଙ୍କୁ ବାରମ୍ବାର ଆଚ୍ଛନ୍ନ କରେ । ଅଧିକ ଦୁଃଖ ବା ସୁଖ ସମୟରେ ସେ ପତ୍ନୀଙ୍କ ଅଭାବ ଅନୁଭବ କରନ୍ତି । "ଯାହାର ସ୍ତ୍ରୀ ନାହିଁ ସେ ଏତେ ଲକ୍ଷ୍ମୀଛଡ଼ା ଯେ ତା ପାଖରେ ଗାଈ ବି ବଞ୍ଚିବେ ନାହିଁ ।" (ମନେପଡ଼େ ୭) କିନ୍ତୁ ଲେଖକ ଉମାକାନ୍ତର ପତ୍ନୀ ସଂପର୍କରେ ବର୍ଣ୍ଣନା କରିବା ସମୟରେ ନିଜର ଅସନ୍ତୋଷ ଖୁବ୍ ଖୋଲାଖୋଲି ଭାବରେ ପ୍ରକାଶ କରିଛନ୍ତି । "ହାଡ଼କଟା ଗଲାର ସ୍ତ୍ରୀଟିଏ ପରି ବହୁ ଆମର ଦିଶନ୍ତି" (ମନେପଡ଼େ-୮) ଏହି ବୋହୂ କେବଳ ଯେ ଗ୍ରାମର ଦୁଷ୍ଟପିଲାଙ୍କୁ ଉଚାଟ କରିଥିଲା, ତା ନୁହେଁ ତା ପାଇଁ ଘରେ ମାଲି ମକଦମା ହୋଇଥିଲା ଓ ସେ ବୋହୂ ସମଗ୍ର ପରିବାର ପାଇଁ କଳଙ୍କ ପାଲଟି ଯାଇଥିଲା ।

Digitized by srujanika@gmail.com

ଶଙ୍ଖାନ୍ଦୀ, ଘାସିନଦୀ ଓ ସୁଧାନ୍ଦୀ ଭଳି ନଦୀ ସଂପର୍କରେ ଲେଖିଥିଲାବେଳେ ଲେଖକ ସ୍ୱର୍ଣ୍ଣସ୍ମୃତି ଆତ୍ମଚରିତର ହୋଇ ଯାଉଛନ୍ତି, ମନେ ଯେପରି ଉଦ୍ବେଳିତ, ସେଖୋଳ ବଢ଼ାଉଥିବା ଘାସିନଦୀ ତାଙ୍କ ଆଗରେ ଶରୀର ଧରି ଉଭା ହୋଇଛନ୍ତି । "ଧର୍ମରେ ସତ କହୁଛୁ ଘାସିନଦୀ ! ତୋର ପୁରୁଣା ଲଗା ବଡ଼ ବଡ଼ ଆଖିର 'ଟା ମନେ ପଡ଼ି ଯାଉଛୁ । ଆଉ ତୋର ସେଇ ଡ଼ାଳିତଳେ ଆଉ ପକ୍ଷୀଆକଟା ! ଇସିବଡାରେ ତୋତୁ ବଳି ଗାଁରେ କଏ ଅଛୁ ?" (ମନେପଡ଼େ—୬)

ବର୍ଣ୍ଣନା ମଧ୍ୟରେ ଲେଖକ ମହାଶୟ ସ୍ଥାନେ ସ୍ଥାନେ କବିଜନସୁଲଭ ଉପମା ଉପମେୟ ଖଞ୍ଜିଛନ୍ତି । ବାଗମୁଣ୍ଡି ବୁଢ଼ୀର ବେଶ ବର୍ଣ୍ଣନା ସମୟରେ "ବୁଢ଼ୀଟି ଗେଡ଼ା । ମୁହଁଟି କଳା, ମୁଣ୍ଡଟି ଗୋଲ । ଯେବେ ଯେବେ ଟି. ଭି. ରେ ଗାନ୍ଧୀବୁଢ଼ାର ଚମ୍ପକ ରୂପଟି ଦିଶିଯାଏ, ସାପ ପରି ରେଖାଟିଏ ଟାଣି ଚଷମା ଲଗାଇ ରଖି ଯଥାପାଏ ସେମିତି ମୋଟା ମୋଟି ହରଆ ଅକାର ମୁଣ୍ଡଟି । × × ମୁଣ୍ଡରେ ଧଳାଚୂଳର ଜଟ । ଅଗରେ ଜାହାଙ୍କ ଗୁଆ ପରି ଗଣ୍ଠି । × × ଓସାରିଆ କପାଳରେ ଖଇପାହାଡ଼ରୁ ଅଣା ଚଇକମାଟିରେ ତ୍ରିପୁଣ୍ଡ୍ରକ ତଳକୁ ସତୀ ବୋଲାଉଥିବା ବଡ଼ସ୍ତ୍ରୀ ଯେମିତି ଅଧୁଲି ପ୍ରମାଣ ସିନ୍ଦୂର ଦାଏ ସିମିତି ଏକ ବଡ଼ ଚଇକ, ଗୁଡରେ ଧଳା ନମ୍ବର ପରି ବୋହାଏ ଚୂଳ ।" (ମନେପଡ଼େ-୩)

ଏତଦ୍‌ବ୍ୟତୀତ ତତ୍କାଳୀନ ପ୍ରସିଦ୍ଧ ବ୍ୟକ୍ତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପରମାନନ୍ଦ ଆଚାର୍ଯ୍ୟ, କ୍ଷେତ୍ରମୋହନ ହୋତା ପ୍ରଭୃତିଙ୍କ ସଂପର୍କୀୟ ବିବରଣୀ, ପରବର୍ତ୍ତୀ କାଳରେ ପ୍ରସିଦ୍ଧବ୍ୟକ୍ତି ସାତକଡ଼ି ହୋତା, ନନ୍ଦାରରଞ୍ଜନ ହୋତା, ମନୋରଞ୍ଜନ ହୋତା ପ୍ରଭୃତିଙ୍କର ଉଲ୍ଲେଖ ମଧ୍ୟ 'ମନେପଡ଼େ'ରେ ମିଳିଥାଏ ।

ଅପ୍ରକାଶିତ ପର୍ଯ୍ୟାୟର 'ମନେପଡ଼େ' ଆହୁରି ଘଟଣାବହୁଳ । ଏଥିରେ ଫ୍ଲାସ୍-ବ୍ୟାକ୍ ଶୈଳୀରେ ସ୍କୁଲ ସ୍ଥାପିତ ହେବାର ଇତିହାସ ବର୍ଣ୍ଣିତ ହୋଇଛି । ଏଥି ସହିତ ଲେଖକ ଶ୍ରୀଯୁକ୍ତ ଶତପଥୀ ଯେ ସେହି ପାଠଶାଳା ବିଦ୍ୟାଳୟର ପ୍ରଥମ ବୃତ୍ତି ପାଇଥିବା ବାଳକ ତାହା ମଧ୍ୟ ସ୍ପଷ୍ଟ ହୋଇଛି । ଲେଖକ ତାଙ୍କ ଜୀବନ ସଂପର୍କରେ ଜାତକ ସାଧିବା ସମୟର ବର୍ଣ୍ଣନା ମାଧ୍ୟମରେ କିଛି ଭବିଷ୍ୟତ ସୂଚନା ଦେଇଥିଲେ । କିନ୍ତୁ ଏହି ପର୍ଯ୍ୟାୟରେ ସେ ସ୍ପଷ୍ଟ ଭାବରେ ତାଙ୍କ ଜୀବନର ଶ୍ରେଷ୍ଠ ଭାବରେ ୟୁ. ପି ସ୍କୁଲର ହେଡ଼ ପଣ୍ଡିତ ଭଗବାନ୍ ମହାପାତ୍ର, ଏମ୍. ଇ. ସ୍କୁଲର ଶିକ୍ଷକ ବୈକୁଣ୍ଠନାଥ ମିଶ୍ର ଓ ହାଇସ୍କୁଲର ଶିକ୍ଷକ ରାମକୃଷ୍ଣ ନନ୍ଦ ଓ ପ୍ରଧାନ ଶିକ୍ଷକ ମଧୁସୂଦନ ବିଶ୍ୱାଳଙ୍କ ଅବଦାନ ଓ ଆନ୍ତରିକତାକୁ ସ୍ମରଣ କରିଛନ୍ତି । ଏହି କୃତୀ ଶିକ୍ଷକମାନେ ହୁଏତ ଏକାଧିକ କୃତୀ ଛାତ୍ର ସୃଷ୍ଟି କରିଥିବେ କିନ୍ତୁ ବସନ୍ତ ଶତପଥୀଙ୍କ ଲେଖନୀରେ ସେମାନଙ୍କର ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଦିଗଟି ଆହୁରି ଉଜ୍ଜ୍ୱଳତର

Digitized by srujanika@gmail.com

ହୋଇଉଠିଛି । ପ୍ରଧାନ ଶିକ୍ଷକମାନଙ୍କ ନାମକୁ ନେଇ ଲେଖକ ରଣାଯୁଗ, ସାରଦାଯୁଗ —ଏହିଭଳି ଯୁଗବିଭାଗ କରିଛନ୍ତି ଓ ପ୍ରତ୍ୟେକ ବିଭାଗର ସ୍ୱାତନ୍ତ୍ର୍ୟ କିଭଳି ତାଙ୍କ ଭିତରର ଲେଖକୀୟ ପ୍ରବୃତ୍ତିକୁ ପରୋକ୍ଷରେ ଲାଳନ କରିଥିଲା, ତାହାର ସୂଚନା ଦେଇଛନ୍ତି । ଭଗବାନ୍ ମହାପାତ୍ର କିଭଳି କୌଣସି ନାମୀ ମଣିଷଙ୍କ ଆଗରେ ପାଠ ପଚାରି ତାଙ୍କ ପରୀକ୍ଷା କରନ୍ତି ଓ ତାଙ୍କର ପ୍ରଶଂସା କରନ୍ତି ତାହା ବର୍ଣ୍ଣନା କରିବାବେଳେ ଲେଖକଙ୍କର ପ୍ରସନ୍ନତା ତାଙ୍କ ରଚନା ଶୈଳୀରୁ ସ୍ପଷ୍ଟ ବାରି ହୋଇପଡ଼େ । ସାହିତ୍ୟ ପରୀକ୍ଷା ପୂର୍ବରୁ ତାଙ୍କର ଦେହ ଖରାପ ହେବା କଥା ମଧ୍ୟ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି । ଇଂରାଜୀ ସହିତ ହିନ୍ଦୀ ଭାଷା ଶିକ୍ଷା ଓ ସେଥିପାଇଁ ହେଡ୍‌ପଣ୍ଡିତଙ୍କ ଆଗ୍ରହର ବର୍ଣ୍ଣନା ପଢ଼ିଲେ ମନେହୁଏ ଯେ ଉପଯୁକ୍ତ ଗୁରୁଙ୍କର ଉପଯୁକ୍ତ ଆଗ୍ରହ ନ ଥିଲେ ପ୍ରତିଭା ବିକଶିତ ହେବା ସମ୍ଭବ ନୁହେଁ । ନିଜର ଉପନୟନ ସଂସ୍କାର କଥା କହିବାବେଳେ ଧର୍ମଧ୍ୟାନ ସାହିତ୍ୟକ ସ୍ପଷ୍ଟ କହିଛନ୍ତି ଯେ ବ୍ରତଘର ପରେ ସେ କେବେ ପୂଜାଘରେ ପଶି ନାହାନ୍ତି । ଏ କଥା କହିବାରେ ତାଙ୍କର କପଟତା ନାହିଁ, ଅଛି ସତ୍ୟକୁ ସ୍ୱୀକାର କରିବାର ଆନ୍ତରିକତା । ଗାଁ ସ୍କୁଲରୁ ବୃତ୍ତି ପାଇ ଶତପଥୀ ମହାଶୟଙ୍କର ଶୀର୍ଷାରେ ମାଇନର ପଢ଼ିବାର ଠିକ୍ ହେଲା ।

ଏଠାରେ ଲେଖକ ସମୂହ ପ୍ରାର୍ଥନା ପ୍ରଥମେ କରିଥିଲେ । ଘରଛାଡ଼ି ହଷ୍ଟେଲରେ ରହିବାର ନୂଆ ଅନୁଭୂତି ହାସଲ କରିଥିଲେ । ହେଡ୍‌ମାଷ୍ଟ୍ର ଛୁଟିପରେ ଘରୁ ଫେରିବା ସମୟରେ ପିଲାମାନଙ୍କପାଇଁ ବୋଝରେ ଆମ୍ବ ଓ ପୁଟୁଳାରେ ବେତକୋଳି ଆଣିଥାଆନ୍ତି ତାହାର ସ୍ୱପ୍ନ ମଧ୍ୟ ଆଜି ଆମେ ଦେଖିପାରିବା ନାହିଁ । ପିତୃପକ୍ଷରେ ସାର୍ ଜଳତର୍ପଣ କରନ୍ତି ଓ ଲେଖକ ମହାଶୟ ତାଙ୍କର ପ୍ରିୟଶିଷ୍ୟ ଭାବରେ ତହିଁରେ ସାହାଯ୍ୟ କରିବା ଭିତରେ ଭବିଷ୍ୟତର ଲେଖକ ଜୀବନ ପାଇଁ ଅନୁଭୂତି ସଂଚୟ କରୁଥାଆନ୍ତି ।

ଶୀର୍ଷାରୁ ପାଞ୍ଚଡ଼ା ଆସିଲେ ଲେଖକ ଆଉ ଫେରିଯିବାକୁ ଚାହାନ୍ତି ନାହିଁ । ଛୁଟି ସରିବାର ତିନିଦିନ ପର୍ଯ୍ୟନ୍ତ ଏହି ଅଭିନୟ ଚାଲେ । ଶେଷରେ ପିଲାଟି ବେତକୁ ଡରି ସ୍କୁଲ ଆସୁନାହିଁ ବୋଲି ବାପାଙ୍କ ମୁହଁରୁ ଶୁଣି ହେଡ଼ ପଣ୍ଡିତ କୁହନ୍ତି—"ବେତ ତା ପାଇଁ ମୁଁ ଆଣିନି । ବନାନ ସଂଶୋଧନ ପାଇଁ ଏ ବେତ ବ୍ୟବହାର କରେ । ତାର ତ ବର୍ଣ୍ଣାଶୁଦ୍ଧି ନାହିଁ ।" (ମନେପଡ଼େ ୧୬) । ଏହି ଶିକ୍ଷକଙ୍କ ଆଗ୍ରହ ଓ ଚେଷ୍ଟା ଫଳରେ ବସନ୍ତ କୁମାର ସମଗ୍ର ମୟୂରଭଞ୍ଜ ଷ୍ଟେଟରେ ଫାଷ୍ଟ ହୋଇଥିଲେ । ରେଭେନ୍‌ସାରେ ପଢ଼ିବାବେଳେ ବସନ୍ତ କୁମାର ଏହି ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କଦ୍ୱାରା ପୁରସ୍କାର ବିତରଣ କରାଇଥିଲେ । ସ୍କୁଲରେ ଡ୍ରାମା କରିବାବେଳେ ସେ ନିଜର ସଂଳାପ ମୁଖସ୍ଥ କରିନପାରି ଲଜ୍ଜିତ ହୋଇଥିଲେ । ବୃତ୍ତି ପଇସାରୁ କିଛି ଖର୍ଚ୍ଚ କରି ଅଦରକାରୀ ଜିନିଷ କିଣିଛନ୍ତି ସିନା କାଳୁ ଚୋଖୁ ଭାଗ ନେବାକୁ କଥା ଦେଇଥିବା ବନ୍ଧୁମାନେ କିଛି ସାହାଯ୍ୟ କରୁନାହାନ୍ତି ।

Digitized by srujanika@gmail.com

ପୂର୍ବରୁ ସେ ସୁଭଦ୍ରାହରଣ ଯାତ୍ରା କଥା ଉଲ୍ଲେଖ କରିଥିଲେ । କିନ୍ତୁ ଶ୍ରେଣୀରେ ପଢ଼ୁଥିବାବେଳେ ସେ ପ୍ରଥମେ ନାଟକ ଦେଖିଲେ କୋଣାର୍କ ଓ ପର୍ଶୁରାମର ମାତୃହତ୍ୟା । ଏହି ନାଟକରେ ଶିକ୍ଷକମାନେ ଅଭିନୟ କରୁଥିଲେ । ଗାଁରେ ଶୁଆଙ୍ଗ ଓ ପାଲା ଦେଖିବାରେ ଅଭ୍ୟସ୍ତ ଲେଖକ ନାଟକ ଦେଖି ମୁଗ୍ଧ ହୋଇଥିଲେ । ଏହି ସମୟରେ ଲେଖକ ସାଇକେଲ ଚଢ଼ାଳିଙ୍କୁ ଦେଖିଥିଲେ ଓ କଳଗାଇଣା ମଧ୍ୟ ଶୁଣିଥିଲେ । ଦୁଦୁରାଫୁଲ ଭଳି ଆକୃତିର କଳଗାଇଣାରୁ "ଆହା ମୋ ନନ୍ଦ କୋଳେ ଗୋବିନ୍ଦ" ଗୀତ ଶୁଣି ଯନ୍ତ୍ରଟିକୁ ନମସ୍କାର କରିଥିଲେ ଓ ତାଳ ଦେଇ ନାଚିଥିଲେ ।

'ଜାଗରଣ' ନାମକ ହାତଲେଖା ପତ୍ରିକାରେ ଲେଖକଙ୍କର 'The Piper'ର ଅନୁବାଦ ପ୍ରକାଶିତ ହୋଇଥିଲା । ଏହି 'ଜାଗରଣ' ଜରିଆରେ ପରବର୍ତ୍ତୀ ଅନେକ ଲେଖକ ନିଜର ପ୍ରତିଭା ବିକଶିତ କରାଇବାର ସୁଯୋଗ ପାଇଥିଲେ । ଅପ୍ରକାଶିତ ଅଂଶ 'ମନେ-ପଡ଼େ'ରେ ଲେଖକଙ୍କର ବିଦ୍ୟାଳୟ ଜୀବନର ବିଚିତ୍ର ଅନୁଭୂତି ସ୍ଥାନିତ ହୋଇଛି । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଲେଖକଙ୍କର ପରିବାର, ତାଙ୍କର ଗାର୍ହସ୍ଥ୍ୟ ଜୀବନ, ଜୀବିକା, ବନ୍ଧୁବର୍ଗ, ସାମାଜିକ ପ୍ରତିଷ୍ଠା, ଅର୍ଥନୈତିକ ସଂଗତି ପ୍ରଭୃତି ବିଷୟରେ ଏହି ଅଂଶରେ କିଛି ଉଲ୍ଲେଖ ନାହିଁ ।

ନମ୍ରତାର ସହିତ ଏତିକି କହିବା ଯଥେଷ୍ଟ ଯେ ସମ୍ମାନନୀୟ ଶତପଥୀ ମହାଶୟ ଏହାର କଳେବରକୁ ସୀମିତ ନରଖି ଆହୁରି ପରିବର୍ଦ୍ଧିତ କରନ୍ତୁ । ଏହି 'ମନେପଡ଼େ'ରୁ ଅନେକ ବିସ୍ମୃତ ସମାଜଚିତ୍ରର ଦ୍ୱାର ଉନ୍ମୋଚିତ ହେଉ । ଅଧାଗଢ଼ା ଦର୍ପଣ ଯେଉଁ ଜାତିର ଆଗ୍ରହ, ଅଧାଗଢ଼ା ମନ୍ଦିର ଯାହାର କଳାକୁଶଳତାର ପ୍ରତୀକ, ଅଧାଲେଖା ଆତ୍ମଜୀବନୀ ସେଠାରେ ଲେଖକଙ୍କର ଆଗ୍ରହରେ ପୂର୍ଣ୍ଣାଙ୍ଗ ହେଉ । ଯଦିଓ ଅଧାଲେଖା ହୋଇ ମଧ୍ୟ ଏହାର ଗୌରବ ଅବିସମ୍ବାଦିତ । ବର୍ତ୍ତମାନ ଏହି ଲେଖକଙ୍କର ଜୀବନ ଯାହାର ବେଗବତୀ ସ୍ରୋତସ୍ୱିନୀ ବାଲୁକାଶଯ୍ୟାରେ ହଜି ନ ହରାଇ ସାଗରକୁ ଭେଟୁ । ତାର ତପସ୍ୟାର ଫଳରେ ଧନ ଉତ୍ତର ପୁରୁଷର ସାମଗ୍ରିକ ଅଧିକାର । ସେହି ଅଧିକାରରୁ ଅନ୍ତତଃ ତାଙ୍କର ପାଠକମାନେ ବଞ୍ଚିତ ନ ହୁଅନ୍ତୁ, ଏତିକି କାମନା ।

—*—

Digitized by srujanika@gmail.com

# ବସନ୍ତ ଶତପଥୀଙ୍କ ଗାଳ୍ପିକ ପ୍ରତିଭା : ଏକ ମୂଲ୍ୟାୟନ

ଡକ୍ଟର କବିତା ପରିଡ଼ା

ଓଡ଼ିଆ କଥା ସାହିତ୍ୟରେ ଶ୍ରୀଯୁକ୍ତ ଶତପଥୀ ଜଣେ ସମାଜବାଦୀ, ମାନବିକତାବାଦୀ ଏବଂ ବ୍ୟଙ୍ଗଶିଳ୍ପୀ ଭାବେ ପ୍ରତିଷ୍ଠିତ । ଏକାଧାରରେ ଗାଳ୍ପିକ, ସମାଲୋଚକ, ପ୍ରାବନ୍ଧିକ, ଅନୁବାଦକ ହୋଇଥିଲେ ହେଁ ତାଙ୍କର ଗାଳ୍ପିକ ପ୍ରତିଭା ହିଁ ତାଙ୍କୁ ଓଡ଼ିଆ ସାହିତ୍ୟରେ ବିଶେଷ ମର୍ଯ୍ୟାଦା ପ୍ରଦାନ କରିଛି । ଏହି ଦିଗରେ ଶ୍ରୀ ଶତପଥୀ ଅଧିକ ବଳିଷ୍ଠ ମନେ ହୁଅନ୍ତି । ଯଦିଓ ବହୁ ବିଳମ୍ବରେ ସେ ଲେଖା ଆରମ୍ଭ କରିଥିଲେ ତଥାପି ତାଙ୍କର ଦାନ କିଛି କମ୍ ନୁହେଁ ।

୧୯୪୨ ମସିହାରେ ତାଙ୍କର ପ୍ରଥମ ଗଳ୍ପ "ସ୍ତ୍ରୀ ଓ କାବ୍ୟ" ମୟୂରଭଞ୍ଜରୁ ପ୍ରକାଶ ପାଉଥିବା "ଭଞ୍ଜ ପ୍ରଦୀପ"ରେ ପ୍ରକାଶିତ ହୋଇଥିଲା । ସେ କହନ୍ତି ଏହି ଗପଟି ସେ ସ୍ତ୍ରୀଙ୍କୁ ଖୁସି କରିବାପାଇଁ ହିଁ ଲେଖିଥିଲେ । ତା'ପରେ ୧୯୪୨ରୁ ୧୯୬୨ ଗାଳ୍ପିକଙ୍କର ନୀରବ ସମୟ ! ୧୯୬୨ରେ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ନିଃସଙ୍ଗ, ବେଦନାସିକ୍ତ ସମୟ କାଟିବା ପାଇଁ ପୁଣି ଗପ ଲେଖା ଆରମ୍ଭ କଲେ । ତାଙ୍କ ମତରେ—"ମୋର ସ୍ତ୍ରୀ ମରି ନଥିଲେ ମୁଁ ବୋଧହୁଏ ଗାଳ୍ପିକ ହୋଇ ପାରି ନଥାନ୍ତି । ସ୍ତ୍ରୀଙ୍କ ବିଚ୍ଛେଦଜନିତ ଦୁଃଖକୁ ପାସୋରିବାର ଅପଚେଷ୍ଟା କରି ଗଳ୍ପ ଲେଖା ଚଳାଇଲି ।" (୧)

ବସନ୍ତ ଶତପଥୀ ଅତି ସାଧାରଣ ବିଷୟକୁ ନେଇ ଗଳ୍ପ ଲେଖିଛନ୍ତି । ଯେମିତି କି କୁଆ, ଶୃଗାଳ, ଗୋଟାଏ ଅଙ୍କୁ, କାଠ ପ୍ରଭୃତି । ଏମାନଙ୍କୁ ସେ ନିଜ ଲେଖନୀରେ ବଳିଷ୍ଠ ଓ ଜୀବନ୍ତ ଭାବରେ ରୂପାୟିତ କରିଛନ୍ତି । କାହାଣୀ ଖୋଜିବା ପାଇଁ ତାଙ୍କୁ ଦୂରକୁ ଯିବାକୁ ପଡ଼ିନାହିଁ । ଜୀବନର ଦୈନନ୍ଦିନ ଘଟଣା, ପାରିପାର୍ଶ୍ୱିକ ଅବସ୍ଥା ତାଙ୍କ ଗଳ୍ପର

---

୧ । ଆକାଶୀ ଫୁଲ ପୃ—୧୨୩

Digitized by srujanika@gmail.com

ବିଷୟ ସାଜିଛି । ଲଘୁହାସ୍ୟର ଛଟା ଦେଇ ପ୍ରଖର ସାମାଜିକ ଚେତନା ମାଧ୍ୟମରେ ସେ ସମକାଳୀନ ଜୀବନକୁ ତାଙ୍କର ବହୁ ଗଳ୍ପରେ ବିଶ୍ଳେଷଣ କରିଛନ୍ତି ।

ତାଙ୍କ ଗଳ୍ପ ଶୈଳୀପ୍ରଧାନ ନୁହେଁ, କଥାବସ୍ତୁ ବା କାହାଣୀପ୍ରଧାନ । ଟ୍ରାଜିକ୍ ହେଉ କି କମିକ୍ ହେଉ, ଏହି ଦୁଇଟି ମାଧ୍ୟମରେ କଥାବସ୍ତୁ ରୂପ ପାଇଥାଏ । ଏଥିରେ କୃତ୍ରିମତା ନଥାଏ । ତେଣୁ ସାଧାରଣ ପାଠକର ଏହା ବୋଧଗମ୍ୟ । 'କାଠ', 'କାଣିଚଆଁ', 'ଗୁହାଳ', 'ଓଇ ଛେଳେଟା', 'କୁଆ', 'ଶ୍ୱେତପଦ୍ମ', 'ରଜା 'ଘୁଷୁରି ସାହିର', 'ଆକାଶୀ ଫୁଲ', 'ଅର୍ଦ୍ଧାଳି', 'ଗୋଟାଏ ଆଳୁ', ସ୍ୱାଦବୁଦ କଟେଷ୍ଟ' ପ୍ରଭୃତି ଶ୍ରୀଯୁକ୍ତ ଶତପଥୀଙ୍କର ସ୍ମରଣୀୟ ଗଳ୍ପ । ଏସବୁ ଗଳ୍ପରେ ବ୍ୟାପକ ଜୀବନବୋଧ ଓ ଗଭୀର ମାନବିକତାବୋଧ ରହିଛି । ସେ ସତ୍ୟକୁ ଅତି ସ୍ପଷ୍ଟ ଭାବରେ ତାଙ୍କର ଗଳ୍ପରେ ଦେଖାଇ ଦିଅନ୍ତି । ପ୍ରକୃତରେ ତାଙ୍କ ଭଳି ମୁଷ୍ଟିମେୟ କଥାଶିଳ୍ପୀଙ୍କୁ ଛାଡ଼ିଦେଲେ ସତ୍ୟକୁ ଏଭଳି ମାର୍ମିକ ରୂପ ଦେବା ଆମ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ତାଙ୍କର 'ଆଈବୁଢ଼ୀ' ଏକ କାରୁଣ୍ୟପୂର୍ଣ୍ଣ ସୁନ୍ଦର ଗଳ୍ପ । ମଣିଷର ମାନବିକତା, ଭଲପାଇବାକୁ ସେ ଆଈବୁଢ଼ୀ ମାଧ୍ୟମରେ ପ୍ରତିଷ୍ଠିତ କରିଛନ୍ତି, ଯିଏ କି ପ୍ରମାଣ କରିଛି ରକ୍ତର ସମ୍ପର୍କ ପ୍ରକୃତ ସଂପର୍କ ନୁହେଁ । କାଳୁକୁ ଭଲପାଇବା ଓ ଆପଣାର କରିପାରିବାର ଗୁଣଯୋଗୁଁ ଆଈବୁଢ଼ୀ ଚରିତ୍ରଟି ଲେଖକଙ୍କ ପାଇଁ ସ୍ମରଣୀୟ ହୋଇଯାଇଛି । ଅଥଚ ଆଈର ଅବଦାନକୁ କେତେଜଣ ବୁଝିଛନ୍ତି ? ସାମାନ୍ୟ ଘୁଙ୍କଣୀ ଛଡ଼ା ତାର ପରିଚୟ କ'ଣ ? କେହି ଖାଇବାକୁ ଡାକି ନାହାନ୍ତି ଏତେ ବଡ଼ ବାହାଘରରେ । ଅଇଁଠାପତ୍ର ଉଠାଇଲା ବେଳେ, ପାଣି କାଢ଼ିଲାବେଳେ ଆଈବୁଢ଼ୀକୁ ସମସ୍ତଙ୍କର ଲୋଡ଼ା । ବୁଢ଼ୀ ଯେଉଁଦିନ କାମ ଛାଡ଼ି ଦେଇଯାଇଛି ପଡ଼ୋଶିନୀ ମିସେସ୍ ପଟ୍ଟନାୟକ କହିଛନ୍ତି—"କ୍ଷୋ ପାଇଲି, ଏ ଅଥର୍ବ କାହାଣୀ ବୁଢ଼ୀଟାକୁ ରଖି କ'ଣ ଲାଭ ?" ହିତରେ ମଣିଷ କ'ଣ ମଣିଷକୁ ବୁଝିପାରେ ? କାମ ଆଦାୟ କରିସାରିଲେ ମଣିଷ ପାଖରେ ମଣିଷ କେତେ ଅଲୋଡ଼ା ହୋଇଯାଏ ! ଗାଳ୍ପିକ ଏ ସତ୍ୟଟିକୁ ପ୍ରତିଷ୍ଠିତ କରିଛନ୍ତି ।

'ମୁଖାଗ୍ନି' ତାଙ୍କର ଅନ୍ୟତମ ସ୍ମରଣୀୟ ଗଳ୍ପ । ମୃତ୍ୟୁପରେ କେଉଁ କାଠରେ ତାଙ୍କର ଶବସତ୍କାର କରାଯିବ ତାହା ବାପା ନିଜେ ସ୍ଥିର କରିଛନ୍ତି । ଧ୍ୱଂସପ୍ରବଣ କାଳରେ ଜଙ୍ଗଲ ଧ୍ୱଂସ ପାଇଯାଉଥିବା ଓ ଶବ ପୋଡ଼ିବାକୁ କାଠ ନ ମିଳିବାର ଭବିଷ୍ୟତ ସମସ୍ୟାଟିକୁ ଅଧିକ ଭାବେ ଦେଖାଇବାକୁ ଲେଖକ ଚେଷ୍ଟା କରିଛନ୍ତି । ତେଣୁ ବାପ ମାଧ୍ୟମରେ କହିଛନ୍ତି—"ଜୀବନଯାକ ଶାଳ, ଅସନ, ମହୁଲ କାଠରେ ରନ୍ଧା ଭାତ, ତିଅଣ ଏ ପେଟ ଖାଇଛି, ଅଜି ସେଇ କାଠ ଛଡ଼ା ଆଉ କେଉଁ କାଠରେ ଯଦି ପୋଡ଼ିବୁ, ମୋର ଅନ୍ତବୁଜୁଳା ପୋଡ଼ିବ ନାହିଁଟି । ସାବଧାନ ! ଲୋକଗୁଡ଼ାକ ପାଗଳ ହେଲେନା କ'ଣ ? ଶାଳ ପିଆଶାଳ

Digitized by srujanika@gmail.com

ଜଙ୍ଗଲକୁ କଲିକତା ପଠେଇ ଗେଣ୍ଡୁ ମୁଣ୍ଡା ଡାକ୍ତରଦେଲେ । ସେ ଜାଗାରେ ଲଗାଉଛନ୍ତି ବିଦେଶୀ ଗଛ, ଯାହାର ଗ୍ରୁଇ ନାହିଁ କି ଫଳ ନାହିଁ । ଆବନାନ୍ସୁ, ଚଢ଼େଇ, ଚଟା କେହି ବସାବାନ୍ଧନ୍ତି ନାହିଁ । କାହିଁ ଯାଏ ବି ନ ଥିବରେ ବୁଜ, ତୋ ପୁଅଝିଅ ଅମଲକୁ ।"

"ଉନ୍ମସ୍ବନ' ଗଳ୍ପ ଜାତିପ୍ରଥା, ଛୁଆଁ ଅଛୁଆଁ, ହରିଜନ ଆଦିବାସୀଙ୍କୁ ନେଇ ଲିଖିତ । ହରିଜନ ଆଦିବାସୀଙ୍କ ଗ୍ରାମମଙ୍ଗଳପାଇଁ ଆସୁଥିବା ଅନୁଦାନକୁ କେମିତି କୁଟିଳନେତାମାନେ ଆତ୍ମସାତ୍ କରନ୍ତି ଓ ସରଳ ଆଦିବାସୀମାନେ ପ୍ରକୃତ ହକରୁ ବଞ୍ଚିତ ହୁଅନ୍ତି, ତାହା ଡୋମସାହି ଓ ବ୍ରାହ୍ମଣ ସାହି ପ୍ରସଙ୍ଗରେ ଦେଖାଇଛନ୍ତି । ପ୍ରକୃତରେ ଯୁଗେ ଯୁଗେ ଏମାନେ ଶୋଷିତ ହୋଇଛନ୍ତି । ଏବେ ବି କୌଣସି ଉନ୍ନତି ବାସ୍ତବରେ ହୋଇ ପାରିନାହିଁ ।

'ଶାନ୍ତି ପୁରସ୍କାର' ଗଳ୍ପରେ ସେ ଗାନ୍ଧିବାଦୀ ନୀତି ବା ଦର୍ଶନକୁ ଦର୍ଶାଇଛନ୍ତି । 'ତମେ ଅନ୍ୟକୁ ଭଲ ପାଇଲେ ସେମାନେ ବି ତମକୁ ଭଲ ପାଇବେ । ଭଲପାଇବା ଡୋରରେ ସମସ୍ତେ ବନ୍ଧା' । ଦେଖ୍ରି ନିରଞ୍ଜନ ଓ ବଙ୍ଗଳାରୁ ଆସିଥିବା ମୂର୍ତ୍ତିଗଢ଼ା କାରିଗର-ମାନେ ବଦଳି ଯାଇଛନ୍ତି । ଲେଖକ ସେମାନଙ୍କୁ ସ୍ତୁ ଚିତ୍ରବାକୁ ଡାକିଲାବେଳେ ଲେଖିଛନ୍ତି, "ରଙ୍ଗ, ଭାଷା, ଶିକ୍ଷା, ଜାତି, ପେଷାର ତାରତମ୍ୟ ଆମେ ଭୁଲିଗଲୁ ପ୍ରେମ ଆଦାନ-ପ୍ରଦାନରେ ।'

'ନେଉଳ ଓ ସାନ୍ତାଲ' ଗଳ୍ପରେ ଗ୍ରେଟ ନେଉଳ ମାଧ୍ୟମରେ ସାନପିଲା ଦୁଇଟିଙ୍କର ଗଭୀର ଭଲ ପାଇବା ଓ ଶେଷରେ ସେ ଭଲପାଇବାର କାରୁଣ ପରିଣତି ଦର୍ଶାଯାଇଛି । ଦେଖ୍ରି ଶେଷରେ ଟୁନା ଚକୋଲେଟ୍ ବାକ୍ସ ଫେରାଇ ଦେଇ କହୁଛି—"ଅଜା ! ତୁମେ ଆଉ ଯାହା ଆଣିବ ଆଉ କେବେ ଚକୋଲେଟ ଆଣିବ ନାହିଁ ଆମ ପାଇଁ ।" ଏହି ପରିବେଶ ଲେଖକଙ୍କର ଏକ ଉକ୍ତିକୁ ମନେ ପକାଇ ଦିଏ । ସେ କହୁଛନ୍ତି—"ଏତେଦିନ ବଞ୍ଚିବା ପରେ ମୋର କାହିଁକି କେମିତି ଧାରଣା ହେଉଛି ମଣିଷମାନଙ୍କ ଅପେକ୍ଷା ପଶୁମାନଙ୍କଠାରୁ ମୁଁ ବେଶି ଶ୍ରଦ୍ଧା ପାଇଛି ଏବଂ କମ୍ ଧୋକ୍କା ପାଇଛି ।"

( ଆକାଶୀ ଫୁଲ—ପୃ୧୩୦ )

ତାଙ୍କର କୁଆ, କାଠ ଗଳ୍ପରେ ଏହି ବିଷୟଟିକୁ ଅଧିକ ଭାବରେ ଅନୁଭବ କରାଯାଏ । ବେଳେବେଳେ ଆଲୁ, ଗୁହଳ ଭଳି ନିର୍ଜୀବ ଜିନିଷ ବି ତାଙ୍କ ଗଳ୍ପରେ ଜୀବନ୍ୟାସ ପାଏ । ଏ ସବୁରେ ଜୀବନର ମପାଚୁପା ହିସାବୀ ଜୀବନକୁ, ତା'ର ସ୍ୱାର୍ଥ, ଛଳନା, ମିଥ୍ୟା ନବୋଧତାକୁ ସେ ବ୍ୟଙ୍ଗ କରିବାକୁ ପଛାଇ ନାହାନ୍ତି । ତାଙ୍କ ଗଳ୍ପ ସମ୍ପର୍କରେ ଶ୍ରୀଯୁକ୍ତ ଚନ୍ଦ୍ରାମଣି ବେହେରା ଯଥାର୍ଥରେ କହୁଛନ୍ତି—"ମୋର ବିଶ୍ୱାସ, ତାଙ୍କ ଗଳ୍ପଗୁଡ଼ିକ ମଧ୍ୟରେ ବ୍ୟାପକ ଓ ଗଭୀର ଜୀବନବୋଧ ଏବଂ ସତ୍ୟ ଓ ବାସ୍ତବଚେତନା, ବାକ୍ଭଙ୍ଗୀର

Digitized by srujanika@gmail.com

ବୈଦଗ୍ଧ ଓ ବୌଦ୍ଧିକତା ମଧ୍ୟରେ ଏପରି ତୀକ୍ଷ୍ଣ ଓ ସରସ ଭାବରେ ଉତ୍ତୀର୍ଣ୍ଣ ହୋଇଛି ଯେ ମୁଷ୍ଟିମେୟ କେତେକ ପ୍ରବୀଣ କଥାଶିଳ୍ପୀ ଓ ପ୍ରତିଶ୍ରୁତିସମ୍ପନ୍ନ ଅଳ୍ପ କେତେକ ତରୁଣ ଗଳ୍ପ ପ୍ରତିଭାଙ୍କୁ ବାଦ୍‌ଦେଲେ ଜୀବନର ଏପରି ମାର୍ମିକ ରୂପାୟନ ଓ ସୂକ୍ଷ୍ମ ସ୍ଥୁଳଭ ରୂପରସର ରମ୍ୟତା ଓଡ଼ିଆ ସାହିତ୍ୟରେ ବିରଳ × × × ତାଙ୍କର କଳାସୃଷ୍ଟି ଜୀବନଧର୍ମୀ ଓ ଜୀବନବୋଧ କଳାଧର୍ମୀ । କଳା ଓ ଜୀବନ ତାଙ୍କ ସୃଷ୍ଟିରେ ଏକ ଓ ଅଭିନ୍ନ ।" (୬)

ପ୍ରକୃତରେ ହାସ୍ୟ, କାରୁଣ୍ୟ, ସୁଖଦୁଃଖର ସମ୍ମିଳିତ ରାଗ ତାଙ୍କ ଗଳ୍ପର ଅନ୍ୟତମ ବୈଶିଷ୍ଟ୍ୟ । ଜୀବନର ରୋମାଣ୍ଟିକ ଚେତନା କେତେବେଳେ ତାଙ୍କ ଗଳ୍ପକୁ ଛବିଳ, ଜୀବନ୍ତ କରିଛି ତ ବେବେକେବେ କାରୁଣ୍ୟ, ଦରଦ, ସହାନୁଭୂତିର ଉଦ୍ରେକ କରିଛି । ଏହି ଦୁଇ ବିପରୀତ ମିଶ୍ରରାଗ ହିଁ ତାଙ୍କ ଗଳ୍ପଗୁଡ଼ିକୁ ସରସ, ଆକର୍ଷଣୀୟ କରିବାରେ ସହାୟକ ହୋଇଛି । 'ଆକାଶୀ ଫୁଲ'ରେ ଦାମ୍ପତ୍ୟ ଜୀବନର ମିଳନକୁ ସେ ଯେମିତି ଅପୂର୍ବ ଭଙ୍ଗୀରେ ରୂପ ଦେଇଛନ୍ତି, ସେମିତି ଶ୍ୱେତପଦ୍ମ ଗଳ୍ପରେ ସାନ୍ତାଳ ଜାତିର ସ୍ୱାଭିମାନକୁ ଦେଖାଇଛନ୍ତି । ଲେଖକ ପାଞ୍ଚଟଙ୍କିଆ ନୋଟ୍‌ଟେ ଗୋଟିଏ ଫୁଲବିକାଳିକୁ ଯାଚିଲାବେଳେ ଘୋର ଦାରିଦ୍ର୍ୟର କଷାଘାତ ସତ୍ତ୍ୱେ ଫୁଲବିକାଳି କହିଛି, "ଆମ୍ଭର ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ । ମାଗଣାରେ, ଟାଉଟରରେ ଆମ୍ଭର ଜାତିରେ ଯିଏ ବଞ୍ଚେ ତାକୁ ସହର ବଜାରକୁ ପଠାଇ ଦେଉଁ, ଏକଘରିଆ କରୁଁ । × × × ସାନ୍ତାଳ କେବେ କବାଚ୍ ଭଙ୍ଗେ ନାହିଁ, ଭୁଖ୍‌ଉପାସରେ ମରିବ ପଛେ । × × × ନ୍ୟାୟରେ କେକ୍‌କେ ହାଣିକରି କଇଦୀ ଝଟିବ ପଛେ ଚୋରି ଟାଉଟରି କରି ଜେଲଖାନା ଯିବନାହିଁ ।"

ଏହା ଯେମିତି ପ୍ରତ୍ୟେକ ଆଦିବାସୀର ଗ୍ରୁଡର କଥା, ଚକ୍ରର ଶପଥ । କେତେ ସ୍ପଷ୍ଟ ଭାବରେ ଆଦିବାସୀ ମନତଳର କବାଚ୍‌କୁ ଗାଳ୍ପିକ ରୂପ ନ ଦେଇଛନ୍ତି ! ଜୀବନକୁ ସେ ଦରଦ ଦେଇ, ଆନ୍ତରିକ ସହାନୁଭୂତି ଦେଇ ଯେମିତି ଦେଖିଛନ୍ତି ଓ ସେମାନଙ୍କର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି ସାମ୍ପ୍ରତିକ କଥାସାହିତ୍ୟରେ ତାହା ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ତାଙ୍କର କଗତ ପ୍ରତି ପ୍ରେମ କେବଳ ମଣିଷ ଭିତରେ ସୀମିତ ନୁହେଁ ବରଂ ପଡଲା ଗ୍ୱଦରରେ ପାଣି ଟୋପାଏ ପଡ଼ିଲେ ଯେମିତି ତାହା ସମ୍ପ୍ରସାରିତ ହୋଇଯାଏ ସେମିତି

---

୬ । ଚନ୍ଦ୍ରମଣି ନେଉଳ—'ଗୋଟାଏ ଆଲୁ'ରେ ସଂଯୋଜିତ 'ଶୁଅ ନିକ ଭୂମିକାର କହିବ' ପୃ –୧୫୧-୧୫୬

Digitized by srujanika@gmail.com

ଜୀବ ଜଡ଼ଜଗତକୁ ପ୍ରସାରିତ ହୋଇଯାଇଛି । ପାରଷ ପଥର ଲୁହାକୁ ସୁନାରେ ପରିଣତ କଲାଭଳି ମାଟି, ଗୋଡ଼, କାଠ, ଗୁହାଳ ଭଳି ଜୀବସ୍ଥାନ ପଦାର୍ଥରୁ ତାଙ୍କ କଲମର କୁହୁକ ସ୍ପର୍ଶରେ ସୁନା ପାଲଟି ଯାଇଛନ୍ତି । ଏ ସମ୍ପର୍କରେ ମଧ୍ୟ ଲେଖକଙ୍କର ନିଜସ୍ୱ ମତ ପ୍ରଣିଧାନଯୋଗ୍ୟ । ସେ କହନ୍ତି, "ମାନୁଷୀ ପ୍ରେମକୁ ମୁଁ ସମ୍ପ୍ରସାରିତ କରିଛି ଜଡ଼ ଜଗତକୁ । ମୋର ଗଳ୍ପର ନାଆଁ ହେଲା ଗୁହାଳ, କାଠ, ମାଛ, ମାଂସ, ବର୍ଷା, ଗୁଲୁଗୁଲା, ଗୁ ଏମିତି କେତେକେତେ ନିତିଦିନିଆ ବ୍ୟବହାର୍ଯ୍ୟ ସୁଲଭ ପଦାର୍ଥ । କୁକୁଡ଼ା, ଘରଚଟିଆ, କୁଆ, ଘୁଷୁରି ଆମ ଗୃହପଟେ ଘେରି ରହିଥିବା ଜୀବଜନ୍ତୁଙ୍କୁ ମଣିଷଠାରୁ ବଡ଼ ବୋଲି ଭାବେ । × × × ଦୁନିଆକୁ ଯେମିତି ଚାହିଁଛି, ଜାଣିଛି, ତାହାହିଁ ପାଠକକୁ ଜଣାଇବାକୁ ଚାହେଁ । ସମାଜ ସଂସ୍କାର, ବାଦ ଓ ମତପ୍ରଚାର ମୋର ଗଳ୍ପର ଲକ୍ଷ୍ୟ ନୁହେଁ । × × ସାମାନ୍ୟରୁ ଅସାମାନ୍ୟ ମହାନକୁ, ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତକୁ, ମେଣ୍ଟାଲରୁ ସୁପ୍ରାମେଣ୍ଟାଲକୁ, ଅନ୍ଧାରରୁ ଆଲୋକକୁ, ଅଜ୍ଞାନରୁ ଜ୍ଞାନକୁ, ବର୍ତ୍ତମାନରୁ ଭବିଷ୍ୟତକୁ, ଏକ କଥାରେ "ମରାମରା"ରୁ "ରାମରାମକୁ" ମୁଁ ଗଳ୍ପ ଜରିଆରେ ନେବାକୁ ଚାହେଁ ।" (୩)

ଶ୍ରୀ ଶତପଥୀଙ୍କ ଗଳ୍ପର ବିଶେଷତ୍ୱ ହେଲା ତାଙ୍କର ବ୍ୟଙ୍ଗର ପ୍ରୟୋଗ । ସେ ବୁଝିଛନ୍ତି ଯେ ବ୍ୟଙ୍ଗ ବିଦ୍ରୂପ ହିଁ ସମାଜକୁ ନୈତିକତାର ଚାବୁକ ପ୍ରହାର କରିପାରେ । ଅଷ୍ଟାଦଶ ଶତାବ୍ଦୀରେ ବୋଧହୁଏ ଏଥିସକାଶେ ଇଂରାଜୀ ସାହିତ୍ୟରେ ରାଶି ରାଶି ବ୍ୟଙ୍ଗ ବିଦ୍ରୂପାତ୍ମକ ଲେଖା ସୃଷ୍ଟି ହୋଇଥିଲା । ନିଜେ ଜଣେ ଇଂରାଜୀ ଭାଷାର ଛାତ୍ର ହୋଇ-ଥିବାରୁ ଶ୍ରୀଯୁକ୍ତ ଶତପଥୀ ଆମ ସାହିତ୍ୟରେ ଏହାର ଅନେକଟା ଅଭାବ ଉପଲବ୍ଧି କରି-ଛନ୍ତି । ତେଣୁ ସେ ଏଇ ଧରଣର ଲେଖାଦ୍ୱାରା ଜନଜାଗରଣ ସୃଷ୍ଟି କରିବାକୁ ପ୍ରୟାସୀ ହୋଇଛନ୍ତି । ସମକାଳୀନ ସାମାଜିକ ଜୀବନକୁ ସେ ନିର୍ଭୀକ ଭାବରେ ହାସ୍ୟରସ, ବିଦ୍ରୂପ ମାଧ୍ୟମରେ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ନୈତିକତା ବା ବିବେକର ଆହ୍ୱାନ ଦେଇଛନ୍ତି । ଯଦ୍ଦ୍ୱାରା କି ତାଙ୍କ ଗଳ୍ପଗୁଡ଼ିକରେ ବ୍ୟଙ୍ଗ ଓ ହାସ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏସବୁ ଲେଖକଙ୍କୁ ତାଙ୍କର ଦୀର୍ଘ ଅନୁଭୂତିବହୁଳ ଜୀବନ ହିଁ ବିଶେଷ ସାହାଯ୍ୟ କଲାଭଳି ମନେହୁଏ । ଜୀବନପ୍ରତି ମମତା, ସଂସାର ପ୍ରତି ଗଭୀର ମମତ୍ୱବୋଧ ଓ ପ୍ରକାଶଭଙ୍ଗୀର ତୀକ୍ଷ୍ଣତା ହିଁ ତାଙ୍କ ଗଳ୍ପଗୁଡ଼ିକୁ ରୁଚିକର, ହୃଦୟଗ୍ରାହୀ କରିଛି । ଜୀବନକୁ ବିଭିନ୍ନ ଦୃଷ୍ଟିରୁ ଦେଖିବା, ଜାଣିବା ଓ ତାର ଅଶ୍ରୁ, ପୁଲକ, ବିରହ, ଲୁଠିତ୍ୱ, ବ୍ୟର୍ଥତାକୁ ଗ୍ରହଣ କରିନେବା, ବାସ୍ତବ ମୂଲ୍ୟାୟନ କରିବା ଯୋଗୁଁ ତାଙ୍କ ଗଳ୍ପଗୁଡ଼ିକ ଜୀବନର ଏତେ ପାଖାପାଖି ହୋଇପାରିଛି । ରୁଚିବୋଧ, ଶିଷ୍ଟ ପ୍ରକାଶଭଙ୍ଗୀ ସହ ବ୍ୟଞ୍ଜନା ମିଳି ସାବଜମୀନ କରି ପାରିଛି । ଏହି ସମାଜ ସଚେତନତା, ବିଷୟବସ୍ତୁର ବିବିଧତା "ଆଣ୍ଟି ରୋମାଣ୍ଟିକ"-ଠାରୁ ଆରମ୍ଭ କରି "ଜଡ଼ାନ୍ଧ୍ରଯୁଗୀ" ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇଥାଏ ।

୩) ବସନ୍ତ ଶତପଥୀ—ପଦେ (ତ)—"ଟୋପାଏ ଅଶ୍ରୁ" ଗଳ୍ପ ସଙ୍କଳନ ।

Digitized by srujanika@gmail.com

ସେ ତାଙ୍କ ଗଳ୍ପରେ ଏକ ଚମତ୍କାର ସ୍ୱୟଂସମ୍ପୂର୍ଣ୍ଣ କାହାଣୀ କହିଥାନ୍ତି । କାହାଣୀ ସରିଗଲା ପରେ ମଧ୍ୟ ତା'ର ଭାବ ପାଠକକୁ ବେଶ୍ କିଛି ସମୟ ଅଭିଭୂତ କରି ଦେଇଥାଏ । ଆଦିବାସୀ ଜୀବନଠାରୁ ଆରମ୍ଭକରି ଶ୍ରେଷ୍ଠ ହିଁଅଟେ ମଧ୍ୟ ତାଙ୍କ ଗଳ୍ପର ଏକ ବିଶେଷ ଚରିତ୍ର ପାଲଟିଯାଏ । ତା'ଛଡ଼ା ଗଳ୍ପର ନାମକରଣ କିମ୍ବା ବିଷୟବସ୍ତୁ ନିର୍ବାଚନରେ ସେ କୌଣସି କୌଳିନ୍ୟ ଦେଖାନ୍ତି ନାହିଁ । କୌଣସି ବାଦ-ବିବାଦ ପ୍ରତି ତାଙ୍କ ସୃଷ୍ଟିମାନଙ୍କରେ ସ୍ଥାନ ପରିଲକ୍ଷିତ ହୁଏ ନାହିଁ । ତଥାକଥିତ ପଲିଟିକ୍ସଠାରୁ ସେ ଓ ତାଙ୍କ ସୃଷ୍ଟି ବହୁଦୂରରେ । କହିବା ବାହୁଲ୍ୟ ଯେ ତାଙ୍କ ଗଳ୍ପରେ ଡିକେନ୍ସ, ଗୃଲ୍ସ, ମୋପାସାଁ ଏବଂ ଫକୀରମୋହନଙ୍କ ରଚନା ଶୈଳୀର କିଛିଟା ପ୍ରଭାବ ପରିଲକ୍ଷିତ ହୁଏ । ଫକୀରମୋହନ, ଲକ୍ଷ୍ମୀକାନ୍ତ ମହାପାତ୍ର, ପ୍ରହରାଜ, ଗୋଦାବରୀଶଙ୍କ ପରେ ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପ ହିଁ ସେ ସ୍ଥାନ ନେଇ ପାରେ । କେବଳ ସେତିକି ନୁହେଁ ତଥାକଥିତ ଧଡ଼ିଲୋକ ବୋଲାଉଥିବା ଅଭିଜାତ ସହରୀ ମଣିଷର ନୀଚତା ଓ ନଗ୍ନତା ପ୍ରତି ମଧ୍ୟ ତାଙ୍କ ଗଳ୍ପରେ ଶାଣିତ ବିଦ୍ରୂପ ରହିଛି । ଯେମିତି କି ତାଙ୍କର "କାଠ", "ଗୃହଳ", "ଆକାଶୀ ଫୁଲ' ପ୍ରଭୃତି ଗଳ୍ପ ।

ହାସ୍ୟରସ ପ୍ରୟୋଗ କଲାବେଳେ ସେ ବେଶ୍ ଖୋଲା ଗାଉଁଲି ଭାଷା ବ୍ୟବହାର କରିଥାନ୍ତି । ଏମିତିକି ନିଜକୁ ବି ବିଦ୍ରୂପ କରିବାକୁ ପଛାନ୍ତି ନାହିଁ । ଯେମିତି କି ତାଙ୍କର "ଏକ ବୃତ୍ତାନ୍ତ ସର୍ବସ୍ୱଶ୍ରୀ କୁଣ୍ଡୁର" ଗଳ୍ପ ଅଥବା "ଭଡ଼ାଟିଆ" ଗଳ୍ପ । ଏ ଗଳ୍ପରେ ସେ ନିଜର "ଶତପଥୀ" ସାଙ୍ଗିଆକୁ ବ୍ୟାଖ୍ୟାନ କରି କହିଛନ୍ତି, 'ଶଠପତି ଅର୍ଥ ଶଠମାନଙ୍କର ପତି ବା ସ୍ୱାମୀ ଅର୍ଥାତ୍ "ଠକଙ୍କର ଓସ୍ତାଦ" । ସେମିତି ଏ ଗଳ୍ପରେ ନିଜର ଧର୍ମପତ୍ନୀ, ପକ୍ୱକେଶୀ ସ୍ତ୍ରୀକୁ ବିଭିନ୍ନ ଉପମା ଦେଇ କହିଛନ୍ତି "ବୁଢ଼ୀଟା ମରୁନାହିଁ ଯେ କାହିଁକି ? ଡାହାଣୀ ବୁଢ଼ୀ ମୋ ଲହୁଲୁହ ଶୋଷିଶୋଷି ଖାଇଗଲା ।" ସେମିତି "ଭଡ଼ାଟିଆ" ଗଳ୍ପରେ ଦେଢ଼ଶୀଳ ମିତର ଚମତ୍କାରିତା ମଧ୍ୟ ପାଠକକୁ ହସାଇ ପକାଏ । ଏକଶୀଳ ଓ ଅଧାଶୀଳ ମିତକୁ ସୁନ୍ଦର ଭାବରେ ବ୍ୟାଖ୍ୟା କରି ତାକୁ ଦେଢ଼ଶୀଳ କରାଯାଇଛି । ସେ ଲେଖିଛନ୍ତି— "ପଡ଼ୋଶୀକୁ ଭଲପାଅ, ସର୍ବେ ସୁଖିନୋ ଭବନ୍ତୁ, ମିଛ କୁହ ନାହିଁ ପ୍ରଭୃତି ଏକ ଶୀଳ ମିତ । ଶ୍ରେଷ୍ଠ ପିଲାଙ୍କୁ ଆସିବାକୁ ଦିଅ, ଶ୍ରେଷ୍ଠ ପିଲାଙ୍କ ଅଧା ଟିକେଟ ଦେଢ଼ଶୀଳର, ବାକି ଅଧକ ଏଇଟି ।"

ଏହିଭଳି ଶ୍ରେଷ୍ଠ ଶ୍ରେଷ୍ଠ ଘଟଣା ଭିତରେ ହାସର ଖଣ୍ଡସବୁ ଭର୍ତ୍ତି ରହିଛି । ଜୀବନ ପ୍ରତି ଲେଖକଙ୍କର ଆନନ୍ଦମୟ ଦୃଷ୍ଟିଭଙ୍ଗୀର ଏ ସବୁ ଦ୍ୟୋତକ ନିଶ୍ଚେ । ଚଟୁଳ ହାସ୍ୟରସ, ଦାର୍ଶନିକ ଦୃଷ୍ଟିଭଙ୍ଗୀ, ସୂଚନା ଧର୍ମୀ ଶୈଳୀ ଏବଂ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଯୋଗୁଁ ସେ ସମସାମୟିକ ଅନ୍ୟାନ୍ୟ ଗାଳ୍ପିକମାନଙ୍କ ଠାରୁ ଭିନ୍ନ ହୋଇଯାନ୍ତି । ତାଙ୍କର ସୃଷ୍ଟ ଚରିତ୍ରଗୁଡ଼ିକ ଆମର ସାମାଜିକ, ପାରିପାର୍ଶ୍ୱିକ ଜୀବନ ପରିପାଖରୁ ସଂଗୃହୀତ ହୋଇ

Digitized by srujanika@gmail.com

ଥିବାରୁ ସେସବୁ ବାସ୍ତବ ଏବଂ ଜୀବନ୍ତ । ସେ ନିଜର ହାସ୍ୟରସାତ୍ମକ ଗଳ୍ପ ସଂପର୍କରେ କହନ୍ତି, "ମୋର ହାସ୍ୟ ରସାତ୍ମକ ଗଳ୍ପର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ପାଠକଙ୍କୁ ଚିହିଁଥିବ, ଅଥଚ କୁରୁକୁ କୁରୁକୁ କରୁଥିବ । ହସୁଥିବ, ଅଥଚ ଦୁଇ ଆଖିରୁ ଲୁହ ଗଡ଼ି ପଡ଼ୁଥିବ । ମୁଁ ମୋ ଜୀବନରେ ଯାହା ଲେଖିଛି, ମୁଁ ଏମିତି କିଛି ଲେଖି ନାହିଁ ଯେଉଁଥିରେ ଏହି ତିନୋଟି ଉପାଦାନ ନାହିଁ । ଏହି ତିନିଗୋଟି ଉପାଦାନ ହେଲା ହାସ୍ୟ, ବ୍ୟଙ୍ଗ ଓ କରୁଣ" । (୪)

ଶ୍ରୀଯୁକ୍ତ ଶତପଥୀଙ୍କ ଗଳ୍ପର ଆଉ ଏକ ବିଶେଷତ୍ୱ ହେଉଛି ନାରୀପ୍ରେମବର୍ଜିତ ଗଳ୍ପ । ଖୁବ୍ କମ୍ ଗଳ୍ପରେ ନାରୀଚରିତ୍ର ଆସିଛନ୍ତି । ଅନ୍ୟଥା ନାରୀକୁ ବାଦ୍ ଦେଇ ତାଙ୍କର ଅଧିକାଂଶ ଗଳ୍ପର କୋଣାର୍କ ଗଢ଼ି ଉଠିଛି । କୁଆ, ନେଉଳ, ଘୁଷୁରି ଅଥବା କାଠ, ଚାଉଳ, ଆଳୁକୁ ନେଇ ଗାଳ୍ପିକଙ୍କର ପ୍ରୀତିର ସଂସାର ଏତେ ସମୃଦ୍ଧ ଯେ ସେଠି ନାରୀର ପଦାଙ୍କ ସ୍ଥାନ ପାଉନାହିଁ । ଏହା ନିଶ୍ଚିତ ଭାବରେ ଗାଳ୍ପିକଙ୍କ ଗଳ୍ପର ଏକ ଆକର୍ଷଣୀୟ ତଥା ଆଶ୍ଚର୍ଯ୍ୟ ଦିଗ । ନାରୀକୁ ବାଦଦେଇ ତାଙ୍କର ଗଳ୍ପ ନୀରସ ହୋଇନାହିଁ ।

ତାଙ୍କର ଗଳ୍ପର ଭାଷା ଅନ୍ୟତମ ବିଶେଷତ୍ୱ । ମୟୂରଭଞ୍ଜର ଆଦିବାସୀ, ମହାନ୍ତ ମାନଙ୍କର ଭାଷାକୁ ସେ ଗଳ୍ପରେ ସ୍ଥାନ ଦେଇଛନ୍ତି । ମୟୂରଭଞ୍ଜ କଲିକତାର ପାଖ ହୋଇଥିବାରୁ ଓ ଅତୀତରେ ମୟୂରଭଞ୍ଜର ମହାରାଜାମାନଙ୍କର ଦରବାରରେ ଅନେକ ବଙ୍ଗାଳି କର୍ମଚାରୀ କାମ କରିଥିବାରୁ ବଙ୍ଗଳା ଓଡ଼ିଆ ମିଶ୍ରିତ ଭାଷା ମୟୂରଭଞ୍ଜରେ ବ୍ୟବହୃତ ହୋଇଥାଏ । ଶ୍ରୀ ଶତପଥୀ ମୟୂରଭଞ୍ଜର ବାସିନ୍ଦା ହୋଇଥିବାରୁ ସେହି ଭାଷାକୁ ଅତି ଆଦରର ସହିତ ନିଜ ଗଳ୍ପରେ ବ୍ୟବହାର କରିଛନ୍ତି, ଯାହାକି ସଂଧିକ ଜୀବନ୍ତ ଓ ବାସ୍ତବ ହୋଇପାରିଛି । ଉଦାହରଣ ଦେଲେ ଏ କଥାର ସତ୍ୟତା ଉପଲବ୍ଧି ହୋଇ ପାରିବ ।

"ନେନାବାବୁ, ଘର ଦୁଆର, ଜମିଜାଇଗା କରେଇଦେ । ଦେଖେଁ, କେତେ ଅଣ୍ଡିଆ ଦେଖେଇ ହେଉଛୁ । ଆମର ଯେତେ ଲୁକର ଘର ଜମି ନାଇଁ, ସମସ୍ତଙ୍କୁ ଦେଲେ ତମରମାନେ କି କରିବ, କାହିଁ ରହିବ" ? (ଗଳ୍ପ-"କାଠ")

"ଆମ୍ଭର ସାନ୍ତାଲ ଜାତରେ ମାରିକରି କଏ ବଞ୍ଚୁଛି ଜାଣ୍ଡ ? ଆମ୍ଭର କାମ କରୁଁ ଆର୍ ପଇସା ନଉଁ, କନଷ୍ ଦଉ ପଇସା ଆଣ୍ଡ ।" (ଗଳ୍ପ-"ଶ୍ୱେତପଦ୍ମ")

ଏ ସଂପର୍କରେ ଲେଖକ କହନ୍ତି, "ଗପ ଲେଖିଲାବେଳେ ମୁଁ ଭାବେ ଯେଉଁ ଭାଷାରେ ମୁଁ କଥା କହୁଛି, ସେଇ ଭାଷାରେ ନିଛକ ଗପ ଲେଖିହେବ । ଚାଷୀ ଭାଷାରେ

୪ । ଗଙ୍ଗା ଓ ଗାର୍ଗୀ—ସାକ୍ଷାତକାର-ପୃ [illegible]

Digitized by srujanika@gmail.com

ମୋର ବିଶେଷ ଦଖଲ ନଥିବାରୁ ମୁଁ ଖୁବ୍ ଅଳ୍ପ ଶବ୍ଦରେ ଗପ ଲେଖେ । ତେଣୁ ଫେଣେଇଲେ ବା ମୋଡ଼ି କି ଭଙ୍ଗୀ ଦେଇ ଗପ ଲେଖିଲେ କଥାବସ୍ତୁର ଗୁରୁତ୍ୱ କମିଯିବ । ସେଥିପାଇଁ ମୁଁ ପ୍ରାୟ ଅନାବଶ୍ୟକ ଶବ୍ଦ ବ୍ୟବହାର କରେ ନାହିଁ । ମୋର ବ୍ୟଙ୍ଗ ବିଦ୍ରୂପ ମୁଁ ନିଜ କଥିତ ଭାଷାରେ ଲେଖେ । ଆଧୁନିକ ଶୈଳୀ ନାମରେ ଯାହା ସେଥିରେ ମୋର ବିଶ୍ୱାସ ନାହିଁ" । (୫)

ଏତଦ୍‌ବ୍ୟତୀତ ଲେଖକଙ୍କର ଅନେକ ଗୁଡ଼ିଏ ଗଳ୍ପରେ ଗାନ୍ଧିଦର୍ଶନର ପ୍ରତିଫଳନ ଦେଖାଯାଏ । ନିଜେ ଗାନ୍ଧିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବାରୁ ଓ ଗାନ୍ଧିଙ୍କ ନୀତି ଉପରେ ବିଶ୍ୱାସ ରଖିଥିବାରୁ ବୋଧହୁଏ ତାଙ୍କ ଗଳ୍ପ ଗାନ୍ଧିଦର୍ଶନରୁ ମୁକ୍ତ ହୋଇ ପାରି ନାହିଁ । ନ୍ୟାୟ ଅନ୍ୟାୟ, ଭଲମନ୍ଦ, ପାପପୁଣ୍ୟର ଏକ ରୂପରେଖ ସେହି ସୂତ୍ରରୁ ଆଗତ । 'ଭଡ଼ାଟିଆ', 'ମୁକ୍ତାଗ୍ନି' 'ଶାନ୍ତିପୁରସ୍କାର', ପ୍ରଭୃତି ଗଳ୍ପ ଏହି ଦର୍ଶନକୁ ସମ୍ବଳ କରି ଲିଖିତ । 'ଉନ୍ମୂଳନ' ଗଳ୍ପରେ ବ୍ରାହ୍ମଣ ହରିଜନ ସଂଗ୍ରାମ ଓ ଯୁଗେ ଯୁଗେ ହରିଜନ, ଆଦିବାସୀ ଶୋଷିତ ହେବାର ପରମ୍ପରା, 'ଶାନ୍ତିପୁରସ୍କାର' ଗଳ୍ପରେ 'ତମେ ଅନ୍ୟକୁ ଭଲ ପାଇଲେ, ସେମାନେ ବି ତମକୁ ଭଲ ପାଇବେ,' ଏସବୁ ସେହି ନୀତିରୁ ହିଁ ଆଗତ । ତା ଛଡ଼ା ଲେଖକ ତାଙ୍କର ଗଳ୍ପ ସଂକଳନ, "ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ" ରେ ଗାନ୍ଧିଦର୍ଶନ ନାମରେ ଏକ ପରିଶିଷ୍ଟ ଯୋଡ଼ିଛନ୍ତି ଓ ନିଜେ ଗାନ୍ଧିଙ୍କର ଦର୍ଶନ, ସ୍ପର୍ଶଦ୍ୱାରା ସ୍କୁଲ ଜୀବନରେ କିଭଳି ପ୍ରେମାପ୍ଳୁତ ହୋଇଥିଲେ ସେ କଥା ବର୍ଣ୍ଣନା କରିଛନ୍ତି । ଟ୍ରେନ୍‌ରେ ଗାନ୍ଧି ବସିଥିଲାବେଳେ ଭିଡ଼ ଭିତରେ ତାଙ୍କୁ ସ୍ପର୍ଶ କରିବାର ଐଶ୍ୱରିକ ଆନନ୍ଦ ବର୍ଣ୍ଣିତ ହୋଇଛି । ଗାନ୍ଧିଦର୍ଶନଜନିତ ସାତ୍ତ୍ୱିକ ଆନନ୍ଦରେ ଲେଖକଙ୍କ ବୁଢ଼ା ଅଙ୍ଗୁଳି ଫାଟିଯାଇ ରକ୍ତ ବୋହିବାର ଯନ୍ତ୍ରଣା ଜାଣି ପାରିନାହାନ୍ତି ଓ ପରେ ଦେଖିଛନ୍ତି ଅଙ୍ଗୁଳି ଛେଚି ହୋଇ ପିଚ୍‌ପିଚ୍ ରକ୍ତ ବାହାରୁଛି । କଷ୍ଟ ଦେଉଛି । ଅଥଚ ଏତେ ସମୟ ଯନ୍ତ୍ରଣା କେମିତି ନଥିଲା ଭାବି ଆଶ୍ଚର୍ଯ୍ୟ ହୋଇଛନ୍ତି । ତାଙ୍କ ଭାଷାରେ, "ମୋତେ ଜଣାଗଲା ଦେହ ଏକାବେଳକେ ମନର ଅଧୀନ । ପ୍ରେମ ଐଶ୍ୱରିକ ବା ମାନୁଷୀ ଯାହା ହେଲେ ମଧ୍ୟ ପ୍ରେମାନ୍ୱିତ ମନ ଦେହର ଦାୟିତ୍ୱ ସ୍ୱୀକାର କରେ ନାହିଁ । ଆଦର୍ଶ ଅନୁପ୍ରାଣିତ ମଣିଷ ଶରୀର ଯନ୍ତ୍ରଣା ବିମୁକ୍ତ" ।

ମୋଟ ଉପରେ କହିଲେ ଶ୍ରୀଯୁକ୍ତ ଶତପଥୀ ଜଣେ ସମାଜସଚେତନ ଶିଳ୍ପୀ । ତାଙ୍କ ଗଳ୍ପରେ ସାମାଜିକ ଜୀବନଚିତ୍ର ଅଧିକ ଭାବେ ପ୍ରତିଫଳିତ ହୋଇଥାଏ । ସେ

---

୫ । ନାରୁମହାନ୍ତି—"କଥାକାରଙ୍କ ସହିତ ଏକ ସାକ୍ଷାତ୍‌କାର-"ଗୋଧୂଳିଲଗ୍ନ" ୧୯୮୧ ମସିହା ।

Digitized by srujanika@gmail.com

ତଥାକଥିତ ପରୀକ୍ଷାବାଦୀ ଗଳ୍ପ, ଆଧୁନିକ ଶୈଳୀର ପ୍ରୟୋଗ ତଥା ଗଳ୍ପହୀନ ଗଳ୍ପ ଠାରୁ ବହୁଦୂରରେ । ନିଜ ଅନ୍ତରର ସ୍ୱାଭାବିକ ସ୍ପୃହା ଅନୁଭୂତ ଓ ସୂକ୍ଷ୍ମ ପର୍ଯ୍ୟାଲୋଚନାକୁ ନେଇ ସେ ଗଳ୍ପ ଲେଖନ୍ତି । ତାଙ୍କ ମତରେ ସେ ସତ୍ୟଶୀଳ ଭାବେ ବଞ୍ଚନ୍ତି । ନିଜକୁ ଅବିକଳ ଭାବରେ ପ୍ରକାଶ କରନ୍ତି । ତାଙ୍କର କଥାରେ କହିଲେ "ସାହିତ୍ୟରେ ପାଗଳାମିରେ ଲେଖକ ବଞ୍ଚେ, ସେହି ଦୃଷ୍ଟିରୁ ମୁଁ ଜଣେ ପାଗଳ, କାରଣ ମୋର ବଞ୍ଚିବାର ଅନ୍ୟପନ୍ଥା ନାହିଁ" । (ଆକାଶୀଫୁଲ-୧୩)

ଶିଳ୍ପୀର ଏତେବଡ଼ ସତ୍ୟ ପ୍ରକାଶ ପରେ ତାଙ୍କ ଗଳ୍ପର ଆଉ କଣବା ଆଲୋଚନା, ସମାଲୋଚନା କରିଯାଇପାରେ ?

( ଏ ଉଦ୍ଧୃତାଂଶଗୁଡ଼ିକ ସଂଗୃହୀତ ହୋଇଛି ବସନ୍ତ ଶତପଥୀଙ୍କ "ଆକାଶୀଫୁଲ" ଗଳ୍ପପୁସ୍ତକରେ । )

—※—

Digitized by srujanika@gmail.com

# ବସନ୍ତ ନାଟ୍ୟମାନସ

ଡଃ ନାରାୟଣ ସାହୁ

"ଯାଆନ୍ତେ ! ତୁମେ ବୋଲି ଏତେ କଥା ସହୁଛ । ମୋତେ କେହି ଗାଳିଗୁଲଜ କରି ଗୁଷ୍ଟୁଣୀ ମାଡ଼ ଦେଇ ପଛକେ ମୋତେ ବାଧିବ ନାହିଁ । ହେଲେ ତୁମକୁ କେହି ପଦେ କହିଲେ ମୋ ହୃଦୟ ଫାଟି ହୋଇଯାଏ । ଯାଆନ୍ତାଣୀଙ୍କ କଥା ଶୁଣିଲ ତ ! ଆଉ କେହି ହୋଇଥିଲେ ଏମିତ ପ୍ରିସ୍ଥାର ମୁହଁ ଚାହାଁନ୍ତା ନାହିଁ । ଶାରିଆ କଥା ବେଳେ ତ ସବୁ ବୁଝି ନେଇଛ । ବର୍ଷକ କାଳ ହରକତ ହେଲ । ମୁଠା ମୁଠା ଟଙ୍କା ଘରୁ ବାହାରିଗଲା । କଟକରେ ମାମଲା ଲାଗିଲା । ବଗିଚାର ପଣସଗଛ କୋଉଁ ଏ ଶଗଡ଼ ପଥର ମଙ୍ଗଳାଙ୍କ ଥାନକୁ ବୁହାଇ ଦେଲ । ସେଥିକୁ ଯାଆନ୍ତାଣୀ କହନ୍ତି, ଘର ଭାଙ୍ଗି ଭିନ୍ନ କଲ । ତାଙ୍କ ଜମି, ତାଙ୍କ ଗାଈ ତାଙ୍କୁ ଫେରାଅ । ତୁମେ ବୋଲି ତାଙ୍କୁ ନେଇ ଘର କରୁଛ । କି ଦଇବ ଲୋ ମା"......ଏହା ଥିଲା ରାମଚନ୍ଦ୍ର ମଙ୍ଗରାଜଙ୍କ ଚମ୍ପାର ଏକପ୍ରକାର ସପ୍ରେମ ସମାଲୋଚନା । ଏହି ସଂଳାପରୁ ଏକ ଚର୍ମଶୁଣ୍ଡା, କୁଳ ପ୍ଲାବନୀ, ଦର୍ପକୁମ୍ଭୀର ସଙ୍କୁଳା ନାରୀ ଚରିତ୍ର ସମ୍ପର୍କରେ ବହୁତ କିଛି ଜାଣିହୁଏ ।

ଫକୀରମୋହନ ସେନାପତିଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଛମାଣ ଆଠଗୁଣ୍ଠ'କୁ ନାଟ୍ୟରୂପ ଦେଇଛନ୍ତି ଅଧ୍ୟାପକ ବସନ୍ତ ଶତପଥୀ । ଏହି ଯୁଗଜୟୀ ଉପନ୍ୟାସର ନାଟ୍ୟରୂପ ପ୍ରସ୍ତୁତ ବେଳେ ଶ୍ରୀ ଶତପଥୀଙ୍କ ସମ୍ମୁଖରେ ପ୍ରଧାନ ସମସ୍ୟା ଦେଖାଦେଇଛି ନାୟିକା ନିର୍ବାଚନ । ଅତୀତରେ ନାଟ୍ୟସମ୍ରାଟ ଅଶ୍ୱିନୀ କୁମାର ଘୋଷ ମୁକୁନ୍ଦଦେବ ଏବଂ କଳାପାହାଡ଼ ମଧ୍ୟରୁ କାହାକୁ ନାୟକ କରିବେ କିଛି ଚିନ୍ତା କରି ନପାରି ନାଟକର ନାମ କଳାପାହାଡ଼ ବା ମୁକୁନ୍ଦଦେବ ଦେଇଥିଲେ । ଅର୍ଥାତ୍ ଉଭୟଙ୍କୁ ନାୟକ ଭାବେ ଗ୍ରହଣ କରିଥିଲେ ମଧ୍ୟ ପ୍ରଥମେ ସେ ପୂର୍ଣ୍ଣ ଚରିତ୍ର କଳାପାହାଡ଼ର ବ୍ୟକ୍ତିସତ୍ତାକୁ ରୂପ ଦେଇଥିଲେ । ଏଠାରେ ଅଧ୍ୟାପକ ଶତପଥୀ ସେହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଉପନ୍ୟାସରେ ତିନୋଟି ନାରୀ ଚରିତ୍ର (ଯାଆନ୍ତାଣୀ, ଶାରିଆ ଏବଂ ଚମ୍ପା ) ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । କିନ୍ତୁ ଚମ୍ପା ଚରିତ୍ରର ଖଳଣ ଭୟାବହତା ନିକଟରେ ଅନ୍ୟ ଦୁଇଟି ଚରିତ୍ର ନିଷ୍ପ୍ରଭ ହୋଇ

Digitized by srujanika@gmail.com

ଯାଇଛନ୍ତି । ସମଗ୍ର ଉପନ୍ୟାସରେ ଚମ୍ପା ହେଉଛି ମୁଖ୍ୟଭୂମିକା । ସେଇଥିପାଇଁ ଏହି ଦୁଷ୍ଟା ଚରିତ୍ରକୁ ଶ୍ରୀ ଶତପଥୀ ତାଙ୍କ ନାଟକରେ ନାୟିକାଭାବେ ବରଣ କରିଛନ୍ତି ଏବଂ ନାଟକର ନାମକରଣ ମଧ୍ୟ ତଦନୁଯାୟୀ କରିଛନ୍ତି ।

ଚମ୍ପା ଚରିତ୍ର ନିର୍ବାଚନ ପାଇଁ ନାଟ୍ୟକାର ଶତପଥୀ କାହିଁକି ଲାଳାୟିତ ହେଲେ, ତା'ର ଏକ ଯାଥାର୍ଥ ଜବାନବନ୍ଦୀ ସେ ନାଟକ 'ଚମ୍ପା'ର ମୁଖବନ୍ଧରେ ପ୍ରଦାନ କରିଛନ୍ତି । ଇଂରାଜୀ ନାଟକର ବିଭିନ୍ନ ଚରିତ୍ର ସହ ସେ ଚମ୍ପାକୁ ତୁଳନା କରିଛନ୍ତି । ସେ ସବୁଠାରୁ ମଧ୍ୟ ଚମ୍ପା ସମସ୍ତଙ୍କୁ ଟପିଯାଇଛି ନିଜର ଖଳତା, କ୍ରୂରତା ଏବଂ ଦୁଷ୍ଟତା ପାଇଁ । ଫକୀର ମୋହନଙ୍କ ଚରିତ୍ର ଚିତ୍ରଣ ଭିତରେ ଶ୍ରୀ ଶତପଥୀ ଦେଖିବାକୁ ପାଇଛନ୍ତି ସମରସେଟ୍ ମମ୍‌ଙ୍କୁ, ସେକ୍‌ସପିୟରଙ୍କ କାରିଗରୀକୁ । ଓଡ଼ିଆ ସାହିତ୍ୟରେ ଚମ୍ପା ଏକ ଅସାମାନ୍ୟ ଚରିତ୍ର । ଉପନ୍ୟାସ ଛ'ମାଣ ଆଠଗୁଣ୍ଠରେ ପ୍ରଭୂତ ପ୍ରଶସ୍ତ ହସ୍ତାର କଳ୍ପିଥିବା ଏହି ନାୟିକା ଚମ୍ପାକୁ ମଧ୍ୟ ଅପନାୟିକା, ଅଣନାୟିକା ବା ଆଣ୍ଟିନାୟିକା କୁହାଯାଇପାରେ । ଅଧ୍ୟାପକ ଶତପଥୀଙ୍କ ମତରେ ଏହି ନାୟିକା ହେଉଛି—ସେ କୁରୂପା, କ୍ରୂର, ଗଣିକା । ଚମ୍ପାର ହୃଏତ ହୃଦୟ ନାହିଁ, ସେ ନିର୍ମମ । ତା'ର ବାହାର ଭିତର ସମାନ, କାର୍ଯ୍ୟ ଜଘନ୍ୟ । ତା' ସମାନ ଚରିତ୍ର ବିପରୀତ ଶିବିରରେ ଖୋଜିବାକୁ ପଡ଼ିବ । ପୂତନା, ହିଡ଼ିମ୍ବା, ତାଡ଼କା, ମନ୍ଥରା, କୈକେୟୀ ଆଦି ତା' ଦଳର । × × ସେ ଅଗ୍ନିଦ—ବାଘସିଂହ ବଂଶର ଘର ପୋଡ଼ିଛି ? ସେ ଧନାପହ—ମଙ୍ଗରାଜଙ୍କ ଧନ ଅପହରଣ କରିଛି ; ସେ ବୃତ୍ତ୍ୟପହାରୀ ଭଗିଆ ସାରିଆର ଜୀବିକା ନେଇଛି ; ସେ ଦାରାପହାରୀ ନ ହୋଇ ହୋଇଛି ସ୍ୱାମୀଅପହାରିଣୀ, ସାଆନ୍ତାଣୀଙ୍କ ସ୍ୱାମୀଙ୍କୁ ନେଇଛି ।''

'ଚମ୍ପା' ନାଟକର ନାୟିକା ଚମ୍ପାର ପରିଚୟ, ସେ କେବଳ ସ୍ୱୈରିଣୀ ନୁହେଁ, କପଟତା, ଶଠତା ଏବଂ ନୃଶଂସତାରେ ସେ ସେକ୍‌ସପିଅରଙ୍କ ଚରିତ୍ର ଇଆଗୋକୁ ମଧ୍ୟ ଟପିଯାଇଛି । ନାଟକରେ ଚମ୍ପା ସରଳପ୍ରାଣ ଭଗିଆ ସାରିଆଙ୍କୁ ଯେପରି ଭୁଲାଇ ଶୋଷଣ କରିଛି, ତାହା ମନେ ପକାଇଦିଏ ଆମକୁ ଅଥେଲୋ ନାଟକରେ ଅଥେଲୋକୁ ଇଆଗୋ ଯେମିତି ଭୁଲାଇଥିଲା, ସେହିକଥାକୁ । ନାଟକରେ ନାମକୁ ମାତ୍ର ନାୟକ ହେଉଛନ୍ତି ମଙ୍ଗରାଜ ; କିନ୍ତୁ ବାସ୍ତବ କ୍ଷେତ୍ରରେ ସର୍ବମୟକର୍ତ୍ତ୍ରୀ ଅର୍ଥାତ୍ ନାୟକ ଏବଂ ନାୟିକା ହେଉଛି ଚମ୍ପା । ତାରି ପାଇଁ ଏତେବଡ଼ ଉପନ୍ୟାସର ପରିକଳ୍ପନା । କେବଳ ଏଇ ଚରିତ୍ରଟି ପାଇଁ ଉପନ୍ୟାସଟି ସ୍ୱାଦ୍ୟ ହୋଇପାରିଛି ।

ଚମ୍ପା ଅଜ୍ଞାତକୁଳଶୀଳା । ତା'ର ଟେରେକଟୋକ୍ ଜବାବ୍—''ମୋ ନାମ ଚମ୍ପା । ବାପର ନାମ ଜଣାନାହିଁ । ଜାତି ଏଇ ଘର ମଣିଷ । ସେ ସାରିଆକୁ ଚହ୍ନେନା । ଆଉ କୁଆଡ଼େ ମରି ସେ ଆମ ଦୁଆରେ ପଡ଼ିଥିଲି । ତାକୁ ଜର ହୋଇଥିଲା, ସେ ମରିଗଲା । ସାଆନ୍ତେ ତାକୁ କିଛି କହୁନାହାନ୍ତି । ସାରିଆକୁ ଟଙ୍କା ଦେଇ ସେ ଗାଈ କିଣିଛି ।''

Digitized by srujanika@gmail.com

ଦାରୋଗାଙ୍କୁ ସବୁ ଡକ ମିଛ କହିସାରିବା ପରେ ସେ ନିଜ ସ୍ୱଭାବ ସମ୍ପର୍କରେ ଟିପ୍ପଣୀ ଦେଉଛି—"ମଲା, ମୁଁ ସାଧ କଲି ନକଲି ତୁମର କି ଯାଏ ଆସେ ? ମୁଁ କହୁଛି ।" ଅନ୍ୟକୁ ଡରାଇ ଶୋଷଣ କରିବାରେ ଚମ୍ପାର ଆନନ୍ଦ । ସେ ଆନନ୍ଦ ହେଉଛି ଦୁଷ୍ଟଗ୍ରହଜନିତ ଆନନ୍ଦ । କେବଳ ଡାକିନୀଜାତୀୟ ନାରୀ ହିଁ କହିପାରେ—"ମୋ ଛ'ମାଣ ଆଠଗୁଣ୍ଠ ଚକକୁ କାଲି ହଳ ଯିବ ତ ? ··ସେମାନଙ୍କ ଘର ଜାଳି ଦେଲ, ଭଲ କଲ । ···ତୁମେ ମୋତେ ଖଣ୍ଡେ ଡୋଲି, ସ୍ୱରଟା ଘର ପଳାଇ ଦିଅ ତ ।"

ଉପନ୍ୟାସ 'ଛମାଣ ଆଠଗୁଣ୍ଠ'ର ସନ୍ଦେଶ ନାଟକରେ କୌଣସିଠାରେ ବ୍ୟାହତ ହୋଇନାହିଁ । ନାଟ୍ୟକାର ଶ୍ରୀ ଶତପଥୀ ଯଥାର୍ଥ ଭାବେ ଚମ୍ପା ଚରିତ୍ରକୁ ଉପସ୍ଥାପିତ କରିଛନ୍ତି । ଚମ୍ପା ନାଟକ ପ୍ରଥମେ ଫକୀରମୋହନ କଲେଜ ରଙ୍ଗମଞ୍ଚରେ ୧୬-'-୧୯୬୯ରେ ଏବଂ ପରେ ଏହା କଳାଶ୍ରୀ ଥିଏଟର ଦ୍ୱାରା ୨୦-୮-୧୯୭୦ରେ ସୋରଠାରେ ଅଭିନୀତ ହୋଇଥିଲା । ନାଟକର ଭାଷା ଫକୀରମୋହନଙ୍କ ଶୈଳୀକୁ କୌଣସିଠାରେ ଉଲ୍ଲଙ୍ଘନ କରିନାହିଁ । ଅପରଠାଉରିଆ ଭାବେ ଏହି ନାଟକକୁ ନ ନେଇ ଏକ କ୍ଲାସିକ ଦୃଷ୍ଟିଭଙ୍ଗୀ ନେଇ ବିଚାର କଲେ ନାଟକ 'ଚମ୍ପା'ର ମାଧୁର୍ଯ୍ୟ ଉପଭୋଗ କରିହେବ । ନାଟ୍ୟକାରଙ୍କ ଜବାନବନ୍ଦୀ ଏଠାରେ ପ୍ରଣିଧାନଯୋଗ୍ୟ—"ଚମ୍ପା ନିଶ୍ଚିତ ଭାବରେ ଏକ ଅସତ୍-ଚରିତ୍ର । ତା'ର ଦୁର୍ଗୁଣାବଳୀକୁ ପ୍ରଶଂସା ଚକ୍ଷୁରେ ଦେଖିବା ବା ଗୌରବାନ୍ୱିତ ବୋଲି ପ୍ରତିପାଦନ କରିବା ଉଦ୍ଦେଶ୍ୟ ନୁହେଁ । ଚମ୍ପା ଯେ ଫକୀର ମୋହନଙ୍କ କଳାସୃଷ୍ଟିର ସର୍ବଶ୍ରେଷ୍ଠ ଚରିତ୍ରର ଅନ୍ୟତମ ନୁହେଁ—ଏକ ବାସ୍ତବ, ଏହାହିଁ ଅନୁଧ୍ୟାନ କରିବା ।"

ଅଧ୍ୟାପକ ଶତପଥୀ କୌଣସି ମୌଳିକ ନାଟକ ରଚନା କରିନାହାନ୍ତି । ତାଙ୍କର ଅଧିକାଂଶ ଶ୍ରେଷ୍ଠ ନାଟକ ବା ଏକାଙ୍କିକା ହେଉଛି ଅନୁବାଦିତ ବା ଅନୁସରଣରେ ଲିଖିତ । 'ଚମ୍ପା' (ନାଟ୍ୟରୂପ) ପ୍ରକାଶିତ ହୋଇଛି ୧୯୭୦ରେ । ନବନାଟିକା (୯ଟି ଶ୍ରେଷ୍ଠ ନାଟକର ସମାହାର) ପ୍ରକାଶିତ ହୋଇଛି ୧୯୬୦ରେ ଏବଂ ରବୀନ୍ଦ୍ରନାଥ ଠାକୁରଙ୍କ ପଞ୍ଚନାଟକ ମଧ୍ୟରୁ 'ରଜା' (ଅନୁବାଦ) ପ୍ରକାଶିତ ହୋଇଛି ୧୯୭୯ ମସିହାରେ । ଏତଦ୍‌ବ୍ୟତୀତ ସେ ଅନୁବାଦ କରିଛନ୍ତି ଶେକ୍‌ସପିଅରଙ୍କ ବହୁଚର୍ଚ୍ଚିତ କାହାଣୀମାଳାକୁ ଓଡ଼ିଆରେ ୧୯୭୭ରେ ।

୧୯୬୦ ମସିହାରେ ପ୍ରକାଶିତ 'ନବନାଟିକା'ରେ ରହିଛି ଭିନ୍ନସ୍ୱାଦର ନ'ଗୋଟି ଶ୍ରେଷ୍ଠ ନାଟକ । ସେଗୁଡ଼ିକ ହେଲା ଯଥା—ଆବିଷ୍କାର, ପିଲାହଜ, ଲକ୍ଷ୍ମୀ, ସର୍ବେ ସମାନ, ପରିଶୋଧ, କର୍ଣ୍ଣେଲ ମହାନ୍ତି, କୋଇଲାର ଦାମ୍‌, ସମୁଦ୍ର ପଥେ ଏବଂ ମୃତ୍ୟୁଫାଶ । ଏ ସମସ୍ତ ଏକାଙ୍କିକା ଇଂରାଜୀ କଥାବସ୍ତୁର ଅବଲମ୍ବନରେ ରଚିତ । ଅଧ୍ୟାପକ ଶତପଥୀ ଅଧିକ ଆକ୍ଷରିକ ଅନୁବାଦ ଉପରେ ଗୁରୁତ୍ୱ ଦେଇଥିବାରୁ କେତେକ ଏକାଙ୍କିକାର ଭାଷା କିଛିଟା ଶ୍ରୁତିକଟୁ ହୋଇଛି । ଆବିଷ୍କାର ଏବଂ ପରିଶୋଧ ଏହି ଦୁଇଟି ଏକାଙ୍କିକା କଥାବସ୍ତୁ ଓ

Digitized by srujanika@gmail.com

ଚରିତ୍ରକୁ ସିଧାସଳଖ ଅନୁସରଣ କରିଥିବା ବେଳେ ଅନ୍ୟ ସାତୋଟିଯାକ ଏକାଙ୍କିକା ରୂପାନ୍ତରିତ ହୋଇଛି । Hermon Ouldଙ୍କ ରଚିତ The Discoveryର ଓଡ଼ିଆ ରୂପାନ୍ତର, ହେଉଛି 'ଆବିଷ୍କାର', ନରମେନ ମେକ୍‌କିନ୍‌ଲେଙ୍କ ରଚିତ ଏକାଙ୍କିକା The Bishops Candlestickର ରୂପାନ୍ତର 'ପିଲସୁଜ', Bernard Gilbertଙ୍କ ରଚିତ The Old Bullର ଓଡ଼ିଆ ରୂପାନ୍ତର ହେଉଛି 'ଲକ୍ଷ୍ମୀ', J. D. Francisଙ୍କ Birds of a Feather କେଲେଙ୍କର ରୂପାନ୍ତର ହେଉଛି 'ସଙ୍ଗେ ସମାନ', Rbaald Hadlingtonଙ୍କ Abu Hassan Pays his debt ନାମକ ଫାର୍ସର ଓଡ଼ିଆ ରୂପାନ୍ତର ହେଉଛି 'ଋଣଶୋଧ', W. W. Goccobs ଏବଂ Horace Millsଙ୍କ ରଚିତ Admiral Petersର ଓଡ଼ିଆ ରୂପାନ୍ତର ହେଉଛି 'କର୍ଣ୍ଣେଲ ମହାନ୍ତି', Herold Brighouseଙ୍କ The Price of Coalର ଅନୁସରଣରେ ରଚିତ 'କୋଇଲାର ଦାମ୍', J. M. Syngeଙ୍କ ନାଟିକା Riders to the Seaର ଓଡ଼ିଆ ରୂପାନ୍ତର ହେଉଛି 'ସମୁଦ୍ର ପଥେ' ଏବଂ H. H. Munroଙ୍କ Death Trapର ଓଡ଼ିଆ ରୂପାନ୍ତର 'ମୃତ୍ୟୁଫାଶ' ।

ନବନାଟିକାର ପ୍ରଥମ ନାଟିକା ହେଉଛି 'ଆବିଷ୍କାର' । କଲମ୍ବସ୍‌ଙ୍କର ଦୁଃସାହସିକ କୌଶଳର ସଙ୍ଘର୍ଷପୂର୍ଣ୍ଣ କାହାଣୀ ହିଁ ଏହି ନାଟିକାର କଥାବସ୍ତୁ । କ୍ୟାପଟେନ୍ କଲମ୍ବସ୍ ଜଳପଥରେ ନୂତନ ଦେଶ ଆବିଷ୍କାର କରିବାକୁ ଯାଇ ନିଜ ନାବିକ ତଥା ବନ୍ଧୁମାନଙ୍କର ଘୋର ଅବିଶ୍ୱାସ ଏବଂ ଅସନ୍ତୋଷର ସମ୍ମୁଖୀନ ହୋଇଥିଲେ । ନିଜର ଅଦମ୍ୟ ଆତ୍ମବିଶ୍ୱାସ ଏବଂ ଦୃଢ଼ ମନୋବଳ ଯୋଗୁ ସେ ଜଳପଥରେ ସମସ୍ତ ସଙ୍କଟକୁ ମୁକାବିଲା କରି ନୂତନ ମହାଦେଶର ଆବିଷ୍କାର କରିଥିଲେ । ଏ ନାଟିକାରେ ଅଧ୍ୟାପକ ଶତପଥୀ ଐତିହାସିକ ଚରିତ୍ରଗୁଡ଼ିକୁ ନ ବଦଳାଇ ସେମିତି ରଖିଛନ୍ତି । The Discoveryର କଲମ୍ବସ୍, ପେଡ୍ରୋ, ଲୁଆନ, ଡିଏଗୋ, ଫ୍ରାନସିସକୋ, ଇବେଲ, ପେପେ ଆଦି ଚରିତ୍ରଗଣ ଅବିକଳ ଓଡ଼ିଆ ଏକାଙ୍କିକାକୁ ଓହ୍ଲାଇ ଆସିଛନ୍ତି । ନାଟ୍ୟକାର ଶତପଥୀ ଅନୁବାଦକୁ ଏଠାରେ ସିଧାସଳଖ ଗ୍ରହଣ କରିଛନ୍ତି ।

ସଙ୍କଳନର ଦ୍ୱିତୀୟ ଏକାଂକିକା ହେଉଛି ବହୁଚର୍ଚ୍ଚିତ 'ପିଲସୁଜ' । ଏ ନାଟିକାଟି ହେଉଛି ନରମେନଙ୍କର ବିଶ୍ୱପ୍ରସିଦ୍ଧ ଏକାଂକିକା The Bishops Candlestickର ଓଡ଼ିଆ ରୂପାନ୍ତର । ଏଥିରେ ଶ୍ରୀ ଶତପଥୀ ଇଂରାଜୀ ନାଟକର କଥାବସ୍ତୁ ଏବଂ ଚରିତ୍ରକୁ ଓଡ଼ିଆ ଛାଞ୍ଚରେ ପକାଇ ଅଭୂତପୂର୍ବ ସଫଳତା ଲାଭ କରିଛନ୍ତି । ତେଣୁ 'ପିଲସୁଜ'ର ଚରିତ୍ରଗଣ ହେଉଛନ୍ତି ନିଛକ ଓଡ଼ିଆ ସମାଜର ଯଥା—ଆମ୍ଭୁଣୀ, ସ୍ୱୈର, ସାବତୀ, କୁଣ୍ଡିଆ, ଦୋଳାଇ ସବ୍‌ଇନ୍‌ସପେକ୍ଟର, କନେଷ୍ଟବଲ । ସତ୍ୟ-ଅସତ୍ୟ, ପାପ-ପୁଣ୍ୟ, ମହାତ୍ମା-ଦୁରାତ୍ମା ମଧ୍ୟରେ ସଂଘର୍ଷ ସବୁ ଯୁଗରେ ଲାଗି ରହିଛି । ଯୁଗେ ଯୁଗେ ମିଥ୍ୟା ସତ୍ୟ, ସାଧୁତା ଏବଂ

Digitized by srujanika@gmail.com

ପୂର୍ଣ୍ଣର ବଳସ୍ତ ହୋଇଛ । ଏହ ହିଁ ହେଉଛ ଏକାଂକକାର ଜଥାବସ୍ତୁ । ଜାଢବାଯା ଆଦର୍ଶର ଗ୍ରଷ୍ଟରେ ନାଟିକାଟି ଉଗ୍ରଚଛ । ଘ୍ୱେରର ହୃଦସ୍ତ ପରବର୍ତ୍ତନ ହିଁ ଏକାଂକକାର ମୂଳ ଉଦ୍ଦେଶ୍ୟ । ପିଲପଜଟିକୁ ଯେପରି ଷ୍ଟେଡ ଆଶ୍ରୟି ଗ୍ୱେରକୁ ହସ୍ତାନ୍ତର କରଛନ୍ତି ଏବଂ ପୋଲିସ କବଳରୁ ତାକୁ ମୁକ୍ତ ଦେଇଛନ୍ତି, ସେଥିରେ ଗ୍ୱେରର ହୃଦସ୍ତ ପରବର୍ତ୍ତନ ହେବା ସ୍ୱାଭାବିକ । କନ୍ତୁ ଠିକ୍ ଏହାର ବିପରୀତ ଘଟଣାଟିଏ ଘଟିଛ ନାଟିକା 'ସବେ ସମାନ'ରେ । ଫ୍ରାନସିସ୍‌ଙ୍କ Birds of a Feather ଗଳ୍ପର ଅବଲମ୍ବନରେ ନାଟ୍ୟକାର ଶତପଥୀ ରଚନା କରଛନ୍ତି ଏହ ଏକାଂକିକା ।ଏଥିରେ ଗ୍ୱେରମାନଙ୍କ ପ୍ରଭାବରେ ସ୍ୱାମୀଙ୍କ କୁପଥକୁ ଓହ୍ଲାଇ ଆସିଛନ୍ତି । ଅଧ୍ୟାପକ ଶତପଥୀ ଏହ ଏକାଂଙ୍କିକାର ମୁଖବନ୍ଧରେ କହିଛନ୍ତି— 'ସଭ୍ୟତାର ଆବେଷ୍ଟନୀ ଓ ପରବେଶ ମଧ୍ୟରେ ମଣିଷର ଆଦମ ପ୍ରବୃତ୍ତି ଆତ୍ମଗୋପନ କରଥାଏ । ମାତ୍ର ଉପଯୁକ୍ତ ବାତାବରଣରେ ଏହ ଲୁକ୍କାୟିତ ପ୍ରବୃତ୍ତି ପୂର୍ଣ୍ଣ ସ୍ୱରୂପରେ ପ୍ରକଟିତ ହୁଏ' । ନାଟିକାରେ ଆଦର୍ଶର ବ୍ୟାଖ୍ୟା କର ଆସିଥିବା ସ୍ୱାମୀଙ୍କ ଜଗା ଓ ରଘୁ ଦୁଇଗ୍ୱେରଙ୍କ ଦ୍ୱାରା ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ସେମାନଙ୍କୁ ଗ୍ୱେରକାର୍ଯ୍ୟରେ ସାହାଯ୍ୟ କରଛନ୍ତି । ଗଦା ମଲକ ହାତରେ ମାଡ଼ ଖାଇ ମଧ୍ୟ ସ୍ୱାମୀଜୀଙ୍କ ସ୍ୱଭାବରେ କୌଣସି ପରବର୍ତ୍ତନ ଆସିନ । ପ୍ରବୃତ୍ତିର ବିଜୟ ହିଁ ଏ ନାଟିକାର ମର୍ମବାଣୀ ।

ଆରବ୍ୟ ଉପନ୍ୟାସର ଏକ ହାସ୍ୟକାହାଣୀକୁ ଆଧାର କର ହାଉ୍ ଲିଙ୍କଟନ ଏକ ଫାର୍ସ ରଚନା କରଥିଲେ । Abu Hassan pays his debtର ଓଡ଼ିଆ ରୂପାନ୍ତର ହେଉଛି 'ଋଣଶୋଧ' । ଏକାଂକକାଟି ଅବିକଳ ଅନୁବାଦ ହୋଇଛ । ମୂଳ ଫାର୍ସର ଚରତ୍ର ଅବୁହାସାନ, ନାଲ୍ଲକ, ଅଲ୍‌ଓ୍ୱାଲ, ରବର୍ତ୍ତଦାଳ, ମେସୁର, ସେହେରେକ୍, ହରୁନ, କୋବେଇଦା, ଛାସିମ୍ ଆଦ ଅବିକଳ ଓଡ଼ିଆ ଏକାଂକକାକୁ ଓହ୍ଲାଇ ଆସିଛନ୍ତି । ନବ-ବିବାହତ ଆବୁ ଏବଂ ନାଲ୍ଲକ୍ ମଦ୍ଦଳରେ ବସି ଖାଇ ଖାଇ ସର୍ବସ୍ୱାନ୍ତ ହୋଇଛନ୍ତି । ଋଣ-ଦାତାମାନେ ତାଙ୍କୁ ସେମାନଙ୍କ ଋଣ ଶୁଝିବା ପାଇଁ ଧମକ ଦେଇଛନ୍ତି, ତା' ନହେଲେ ଉଭୟଙ୍କ ମୃତ୍ୟୁ ସୁନିଶ୍ଚିତ ବୋଲି ଶୁଣାଇ ଦେଇଛନ୍ତି । ବୁଦ୍ଧି ଏବଂ କୌଶଳରେ ଏହ ଦମ୍ପତି ଯେଉଁଭଳି ଉପାୟରେ ଋଣମୁକ୍ତ ହୋଇଛନ୍ତି, ତାହା ଏକାଂକକାଟିକୁ ଏକ ହାସ୍ୟ-ରସାତ୍ମକ ସୃଷ୍ଟିରେ ପରଣତ କରଛ ।

ଗିଲବର୍ଟଙ୍କ The Old Bullର ଓଡ଼ିଆ ରୂପାନ୍ତର ହେଉଛି 'ଲକ୍ଷ୍ମୀ' । 'ଲକ୍ଷ୍ମୀ'ର ଚରତ୍ର ଯଥା ସୁରେନ୍ଦ୍ର, ସରୋଜ, ବ୍ରଜ ମୋହନ, ଶାମା, ଘର ଇତ୍ୟାଦ ଓଡ଼ିଆ ମାଟିର ଗ୍ରଷ୍ଟରେ ପରକଳ୍ପିତ । ଏହ ନାଟିକାରେ 'ଲକ୍ଷ୍ମୀ' ଗାଈ ଏକ ପ୍ରମୁଖ ଚରତ୍ର କହିଲେ ଆଦୌ ଭୁଲ ହେବ ନାହିଁ । ଜମିଦାର ରୁଦ୍ରନାରାୟଣଙ୍କ ମୃତ୍ୟୁପରେ ତାଙ୍କ ସମ୍ପତ୍ତିକୁ କେନ୍ଦ୍ର କର ଦୁଇ ପୁଅଙ୍କ ମଧ୍ୟରେ ଯେଉଁ ଝଗଡ଼ା ଆରମ୍ଭ ହୋଇଛ, ସେଥିରେ ମୁଖ୍ୟ ପ୍ରସଙ୍ଗ

Digitized by srujanika@gmail.com

ଗାଇ 'ଲକ୍ଷ୍ମୀ' । ମାମୁ ବ୍ରଜମୋହନଙ୍କ ହସ୍ତକ୍ଷେପ ଫଳରେ ସଂଘର୍ଷର ଅବସାନ ଘଟିଛି । 'ଲକ୍ଷ୍ମୀ' ମଞ୍ଚକୁ ଆସିନଥିଲେ ମଧ୍ୟ ତାର ପ୍ରଭାବ ସମଗ୍ର ନାଟିକାଟିକୁ ମୋହାବିଷ୍ଟ କରିରଖିଛି । 'ଆଡ଼ମିରାଲ ପିଟର୍ସ'ର ଓଡ଼ିଆ ରୂପାନ୍ତର ହେଉଛି 'କର୍ଣ୍ଣେଲ ମହାନ୍ତି' । ନାଟିକାଟିରେ ତିନୋଟି ଚରିତ୍ର ଦେଖାଯାଏ । ସେମାନେ ହେଲେ ବନମାଳୀ, ସୁରେଶ ଏବଂ ଶ୍ରୀମତୀ ଦାସ । ବୃଦ୍ଧର ଜୀବନ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ଏକାଂକିକାଟିରେ ବସ୍ତୁର ଦାରିଦ୍ର୍ୟ ପରିଲକ୍ଷିତ ହୁଏ । ହାରୋଲଡ୍ ବ୍ରିଜହାଉସଙ୍କ The Price of Coalର ଓଡ଼ିଆ ରୂପାନ୍ତର ହେଉଛି 'କୋଇଲାର ଦାମ୍' । ନାଟ୍ୟକାରଙ୍କ ରେଙ୍କା, ରୂପୀ, ଗୁରୁବାଷ୍ଡ ଏବଂ ସୋମବାସ୍ତ ଆଦି ଚରିତ୍ର ଶ୍ରମିକ ଜୀବନର ଚିତ୍ରସଂଘର୍ଷକୁ ନିଖୁଣ ଚିତ୍ର ପ୍ରଦାନ କରିବାରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଶିଳ୍ପଯୁଗର ଏହା ଏକ ବିଶିଷ୍ଟ ନାଟ୍ୟକୃତି ବୋଲି ଶ୍ରୀ ଶତପଥୀ ମନ୍ତବ୍ୟ ପ୍ରଦାନ କରିଛନ୍ତି । ରୂପୀ ଓ ରେଙ୍କା ଦୁଇ ଶ୍ରମିକଙ୍କ ଜୀବନ ଯୌବନର ସଂଘର୍ଷ ମଧ୍ୟରେ ନାଟ୍ୟକାର କନ୍ଧ ଆଦିବାସୀ ସମ୍ପ୍ରଦାୟର ଛବି ଦେବାକୁ ଯାଇ ହାରିଯାଇଛନ୍ତି । ଦୁହିଁଙ୍କ ହୃଦୟ ତଳର ଅନେକ ଅକୁହା କଥାକୁ ନାଟ୍ୟକାର ସୀମିତ ଭାଷାରେ ପ୍ରକାଶ କରିଛନ୍ତି ।

ସିଞ୍ଜଙ୍କର ନାଟିକା Riders to the Seaର ଓଡ଼ିଆ ନାଟ୍ୟରୂପ ହେଉଛି 'ସମୁଦ୍ରପଥେ' । ନାଟ୍ୟକାର ଶ୍ରୀ ଶତପଥୀ ଏହି ନାଟ୍ୟକୃତି ସମ୍ପର୍କରେ କହନ୍ତି— "ଗରିବ ନୋଳିଆ ଜାତିର ଅଧମ ଜୀବନ ଯାପନ ପ୍ରଣାଳୀ ଏବଂ ନିର୍ଦ୍ଦୟ କରାଳ ପ୍ରକୃତି ସହିତ ସେମାନଙ୍କ ପ୍ରାଣାନ୍ତକ ସଂଗ୍ରାମ ଉପରେ'ସମୁଦ୍ର ପଥେ' ନାଟିକାଟି ପ୍ରତିଷ୍ଠିତ । ରହସ୍ୟ ଓ ବାସ୍ତବତାର ବିଚିତ୍ର ସମନ୍ୱୟରେ ଆଧୁନିକ ଯୁଗରେ ନାଟିକାଟି ବିଶିଷ୍ଟ ସ୍ଥାନ ଅଧିକାର କରିଛି । ମରୁଆ ଜୀବନର ହା-ହୁତାଶ ନାଟିକାଟିକୁ ଏକ ବିୟୋଗାନ୍ତକ ସୃଷ୍ଟିରେ ପରିଣତ କରିଛି । ମୁନ୍‌ରୋଙ୍କ 'ଡେଥ୍‌ଟ୍ରାପ'ର ଅନୁସରଣରେ ନାଟ୍ୟକାର ଶତପଥୀ ସୃଷ୍ଟି କରିଛନ୍ତି 'ମୃତ୍ୟୁଫାଶ' । କଥାବସ୍ତୁ, ଭାଷା, ଶୈଳୀ, ସଂଳାପ ବିଶେଷ ଉନ୍ନତ ନୁହେଁ । ଇଂରାଜୀର ଅବିକଳ ଅନୁସରଣ ହିଁ ଏହାକୁ ନୀରସ ସୃଷ୍ଟିରେ ପରିଣତ କରିଛି । ଶ୍ରୀ ଶତପଥୀ ଧନଞ୍ଜୟ ଭଞ୍ଜ, ନିର୍ମଳ ରାୟ ଆଦି କେତୋଟି ଐତିହାସିକ ରାଜପୁରୁଷଙ୍କ ନାମ ବ୍ୟବହାର କରି ସୃଷ୍ଟିଟିକୁ ଅଧିକ ଦୁର୍ବଳ କରିଦେଇଛନ୍ତି । ଯୁବକର ନିର୍ଭୟ ଭାବକୁ ନାଟ୍ୟକାର ଆରାଧନା କରିଛନ୍ତି । ମୃତ୍ୟୁରେ ବି ଯୁବକର ଆନନ୍ଦ ନିହିତ ଥାଏ, ଏହା ହିଁ ଏ ଏକାଂକିକାର ମର୍ମବାଣୀ । ଯୁବରାଜ ଓ ସେନାପତିଙ୍କ ସହ ସେଉଁଭଳି ମୃତ୍ୟୁବରଣ କରି-ଛନ୍ତି ତାହା ନାଟିକାଟିକୁ ଏକ ବିୟୋଗାନ୍ତକ ସୃଷ୍ଟିରେ ପରିଣତ କରିଛି ।

ନ'ଟିଯାକ ଏକାଂକିକା ମଧ୍ୟରୁ 'ଆବିଷ୍କାର' ଏବଂ 'ପିଲ୍ଲସନ୍'କୁ ଛାଡ଼ିଦେଲେ ଅନ୍ୟ କୌଣସିଟି ବିଶେଷ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିପାରିନି । ଅନୁବାଦ ଆକ୍ଷରିକ ନ ହୋଇ ମର୍ମାନୁବାଦ ହୋଇଥିଲେ ଏକାଂକିକାଗୁଡ଼ିକ ଅଧିକ ରସୋତ୍ତୀର୍ଣ୍ଣ ହୋଇ ପାର-

Digitized by srujanika@gmail.com

ଥାନ୍ତା । ତଥାପି ଓଡ଼ିଆ ଏକାଂକିକା ଜଗତରେ ୧୯୫୦-୬୦ ଦଶକରେ ଯେଉଁ ଦାରିଦ୍ର୍ୟ ଦେଖାଦେଇଥିଲା, ତାକୁ ଦୂର କରିବା ଦିଗରେ ଶ୍ରୀ ଶତପଥୀଙ୍କ 'ନବନାଟିକା' ଯଥେଷ୍ଟ ସାହାଯ୍ୟ କରିଛି ।

ପିଧାସଲିଖ ନାଟ୍ୟାକୃତ ନହେଲେ ମଧ୍ୟ ଲେମ୍ବଙ୍କ 'ସେକ୍‌ସପିଅର କାହାଣୀମାଳା' ଅଧ୍ୟାପକ ଶତପଥୀଙ୍କର ଏକ ଅନବଦ୍ୟ କୃତି । ବିଶ୍ୱପ୍ରସିଦ୍ଧ ନାଟ୍ୟକାର ସେକ୍‌ସପିଅର ନାଟକ ଲେଖିଥିଲେ । ତାଙ୍କ ନାଟକଗୁଡ଼ିକୁ ଗଳ୍ପରେ ପରିଣତ କରି ସବୁ ଶ୍ରେଣୀର ପାଠକଙ୍କ ନିକଟରେ ପହଞ୍ଚାଇବାରେ ଚାର୍ଲସ ଏବଂ ମେରୀ ଲମ୍ବ ଭଉଣୀଙ୍କ ଭୂମିକା ଅଗ୍ରଗଣ୍ୟ । ଏହି ଦୁଇ ଭଉଣୀଙ୍କ ଜୀବନ ଦୁଃଖପୂର୍ଣ୍ଣ । ଦୁଃଖକୁ ଭୁଲିଯିବା ପାଇଁ ସେମାନେ ଲେଖା ଭିତରେ ନିଜକୁ ବୁଡ଼ାଇ ରଖିଥିଲେ । ବସନ୍ତବାବୁ ମଧ୍ୟ ଅନୁରୂପ ଦୁଃଖର ଶିକାର ହୋଇଛନ୍ତି । ପତ୍ନୀଙ୍କର ଅସୁସ୍ଥତା ଏବଂ ମାନସିକ ଅସ୍ଥିରତା ତାଙ୍କୁ ବ୍ୟଥିତ କରିଛି । ତେଣୁ ସେ ସ୍ମରଣ କରିଛନ୍ତି ଏହି ଦୁଇଭଉଣୀଙ୍କୁ ଏବଂ ସେମାନଙ୍କ ଅମର କୃତି Tales from Shakespeareକୁ । ଲମ୍ବ ତାଙ୍କ ବହିରେ ୨୦ଟି ଗଳ୍ପ ସ୍ଥାନ ଦେଇଥିବା ବେଳେ ଅଧ୍ୟାପକ ଶତପଥୀ ସେଥିରୁ ୧୬ଟିକୁ ଓଡ଼ିଆରେ ଅନୁବାଦ କରି ନିଜ ବହିରେ ସ୍ଥାନ ଦେଇଛନ୍ତି ।

ନାଟକର ସବୁ ଅଂଶ ଗଳ୍ପରେ ସ୍ଥାନ ଦେବା ସମ୍ଭବ ନୁହେଁ । ତଥାପି ଗଳ୍ପଗୁଡ଼ିକ ସେକ୍‌ସପିଅରପ୍ରେମୀମାନଙ୍କୁ ହତାଶ କରିନାହିଁ । ଅଧ୍ୟାପକ ଶତପଥୀଙ୍କ ସମସ୍ତ ଅନୁବାଦ ମଧ୍ୟରେ Tales From Shakespeare ଅନୁବାଦ ହୋଇଛି ସର୍ବୋତ୍କୃଷ୍ଟ ସୃଷ୍ଟି । ଏହା ଯେଉଁଳି ମାର୍ମିକ ସେହିଭଳି ବିଶ୍ୱସ୍ତ ଅନୁବାଦ ମଧ୍ୟ । ନାଟ୍ୟକାର ଶତପଥୀ 'ଟେଲସ ଫ୍ରମ୍ ସେକ୍‌ସପିଅର' ମଧ୍ୟରୁ ଯେଉଁ ୧୪ଟି ଗଳ୍ପର ଅନୁବାଦ କରିଛନ୍ତି ସେଗୁଡ଼ିକ ହେଲା— ରୋମିଓ ଜୁଲିଏଟ୍, ଏ ମିଡ଼ସମର ନାଇଟ୍‌ସ ଡ୍ରିମ୍, ଦ ମର୍ଚ୍ଚେଣ୍ଟ ଅଫ ଭେନିସ୍, ମଚ୍ ଆଡ଼ୋ ଅବାଉଟ ନଥିଙ୍ଗ୍, ଆଜ୍ ୟୁ ଲାଇକ୍ ଇଟ୍, ଟ୍ୱେଲଫ୍‌ଥ ନାଇଟ, ହେମଲେଟ୍, ଅଥେଲୋ, କିଙ୍ଗ ଲିଅର, ମାକବେଥ୍, ସିମ୍ବେଲାଇନ, ଉଇଣ୍ଟରସ୍ ଟେଲ, ଦ ଟେମ୍ପେଷ୍ଟ, ଜୁଲିଅସ୍ ସିଜାର ଇତ୍ୟାଦି । ଅନୁବାଦ ଏକ କଳା । ଏ ସଂପର୍କରେ କୁହାଯାଇଛି— "Translation requires a combination of learning and inspiration; the original must strike some vein in the translator so that he experiences some of the satisfaction of original creation."

ନିଜର ଅନୁବାଦ ସଂପର୍କରେ ଶ୍ରୀ ଶତପଥୀ 'କାହିଁକି'ରେ କହିଛନ୍ତି—ଏ ଗଳ୍ପୀକରଣରେ ଲେମ୍ବ ଯେଉଁ ପଦ୍ଧତି ଅବଲମ୍ବନ କରିଥିଲେ ତାକୁହିଁ ଅନୁସରଣ କରି ସ୍ୱାଭାବିକ ଓଡ଼ିଆ ଭାଷାରେ ଗଳ୍ପଗୁଡ଼ିକ ଅନୁବାଦ କରିଛି । ଅନୁବାଦ ମୁଖ୍ୟତଃ ଆକ୍ଷରିକ ହୋଇ-

Digitized by srujanika@gmail.com

ଥିବାରୁ କ୍ଲିଷ୍ଟତା ଦୋଷ ରହିବ ଏବଂ ରଚନା ପ୍ରବାହ ବ୍ୟାହତ ହେବାର ଆଶଙ୍କା ମଧ୍ୟ ରହିଛି'' । ଭାରତୀୟ ଭାଷା ମଧ୍ୟରେ 'ଟେଲ୍ସ ଫ୍ରମ୍ ସେକ୍ସପିଅର'ର ଅନୁବାଦ କାର୍ଯ୍ୟରେ ସର୍ବପ୍ରଥମ ହାତ ଦେଇଛନ୍ତି ଅଧ୍ୟାପକ ଶତପଥୀ ଏବଂ ତାହା ପୁଣି ଓଡ଼ିଆ ଭାଷାରେ । ସେକ୍ସପିଅରଙ୍କ କାହାଣୀମାଳା ନାଟକ ନ ହେଲେ ମଧ୍ୟ ବେଶ୍ ନାଟକୀୟତା ବହନ କରିଛି ।

ଅଧ୍ୟାପକ ବସନ୍ତ ଶତପଥୀ ଜଣେ ବିଖ୍ୟାତ ନାଟ୍ୟକାର ନୁହନ୍ତି, ତାଙ୍କର କୌଣସି ମୌଳିକ ନାଟ୍ୟସୃଷ୍ଟି ନାହିଁ । କିନ୍ତୁ ସେ ଯେଉଁ କେତୋଟି ନାଟ୍ୟସୃଷ୍ଟିରେ ହାତ ଦେଇଛନ୍ତି, ସେଗୁଡିକ ଗୋଟିଏ ଗୋଟିଏ ବଶିଷ୍ଟ କୃତିରେ ରୂପାନ୍ତରିତ ହୋଇଛି । 'ଛ'ମାଣ ଆଠଗୁଣ୍ଠ' ଭଳି କ୍ଲାସିକ ସୃଷ୍ଟିକୁ ନାଟକରେ ରୂପାନ୍ତରିତ କରି ଅଧ୍ୟାପକ ଶତପଥୀ ନିଜର ନାଟ୍ୟପ୍ରାଣତାର ପରିଚୟ ଦେଇଛନ୍ତି । ନାଟକ ପ୍ରତି ଆନ୍ତରିକତା ନଥିଲେ କେହି କେବେ ନାଟ୍ୟକାର ହୋଇ ପାରିବ ନାହିଁ । ଅନୁବାଦ ହେଉ, ଅନୁସରଣ ହେଉ ବା ନାଟ୍ୟରୂପ ହେଉ ପ୍ରତ୍ୟେକଟି ସୃଷ୍ଟିରେ ଶ୍ରୀ ଶତପଥୀଙ୍କ ଆନ୍ତରିକତା ଅନ୍ତର୍ନିହିତ । ତାଙ୍କର ନାଟ୍ୟମାନସ ବିବିଧ ରଙ୍ଗରେ ରଞ୍ଜିତ । କାରଣ ସେ ଗଳ୍ପକୁ ନାଟକରେ ଏବଂ ଉପନ୍ୟାସକୁ ନାଟକରେ ରୂପାନ୍ତରିତ କରିଛନ୍ତି । ଅନୁବାଦ କରିଛନ୍ତି ଇଂରାଜୀ ଫାର୍ସ, ଏକାଙ୍କିକାକୁ ଓଡ଼ିଆରେ । ନାଟକର ଅନୁସରଣ ବା ଅନୁବାଦ କେଉଁଠି ଆକ୍ଷରିକ ହୋଇଛି ତ କେଉଁଠି ମର୍ମାନୁବାଦ ହୋଇଛି । ଇଂରାଜୀ ଭାଷା ଏବଂ ଭାବକୁ ଶ୍ରୀ ଶତପଥୀ ଯଥାସମ୍ଭବ ଭାରତୀୟ କରିବାକୁ ଚେଷ୍ଟା କରିଛନ୍ତି । କ୍ଷେତ୍ର ବିଶେଷରେ ଭାଷାର କ୍ଲିଷ୍ଟତାକୁ ଛାଡ଼ିଦେଲେ ପ୍ରତ୍ୟେକଟି ନାଟ୍ୟସୃଷ୍ଟି ଅଧ୍ୟାପକ ଶତପଥୀଙ୍କ ହାତରେ ଜୀବନ୍ତ ହୋଇପାରିଛି, ଏଥିରେ ସନ୍ଦେହ ନାହିଁ ।

—✱—

Digitized by srujanika@gmail.com

# "ବସନ୍ତ କୁମାର ଶତପଥୀଙ୍କ କ୍ଷୁଦ୍ରଗଳ୍ପରେ ହାସ୍ୟ ଓ ବ୍ୟଙ୍ଗ : ଏକ ଭାବଦୃଷ୍ଟି ।"

ଅଧ୍ୟାପକ ନିରଞ୍ଜନ ସାହୁ

କ୍ଷୁଦ୍ରଗଳ୍ପ ସାହିତ୍ୟରେ ଏକ ମହିମାମୟ ବିଭାଗ । ଗଳ୍ପ ସମସ୍ତ ସୀମା ଓ କଳାତ୍ମକ ଭାବକୁ ନେଇ ଏହା ହୋଇଛି ବୈଚିତ୍ର୍ୟପୂର୍ଣ୍ଣ । ମଣିଷର ଜୀବନ ଅନନ୍ତ ମୁହୂର୍ତ୍ତର ସମଷ୍ଟି । ଯେଉଁ ମୁହୂର୍ତ୍ତଟି ହୃଦୟରେ ଆନ୍ଦୋଳନ ସୃଷ୍ଟି କରେ ତାହାର କଳାତ୍ମକ ପରିପ୍ରକାଶ ହିଁ କ୍ଷୁଦ୍ରଗଳ୍ପ । କ୍ଷୁଦ୍ରଗଳ୍ପ ଜୀବନର ଖଣ୍ଡାଂଶର ବାଣୀରୂପ । ଜୀବନ ଏକ ଅଖଣ୍ଡ ପ୍ରବାହ । କ୍ଷୁଦ୍ରଗଳ୍ପ ବିନ୍ଦୁର ବ୍ୟଞ୍ଜନା । ବ୍ୟାପ୍ତି ନୁହେଁ ବରଂ ଦୀପ୍ତିରେ କ୍ଷୁଦ୍ରଗଳ୍ପର ସିଦ୍ଧି ଓ ସାର୍ଥକତା । କ୍ଷୁଦ୍ରଗଳ୍ପ ସାହିତ୍ୟ ବିଭାଗର ଏକ ସ୍ୱୟଂସମ୍ପୂର୍ଣ୍ଣ କଳା । ସାଧାରଣ ଭାବରେ ଯାହା ଦେଖିହୁଏ ନାହିଁ, ଜାଣିହୁଏ ନାହିଁ, ଗାଳ୍ପିକ ତାକୁହିଁ ଗଳ୍ପରେ ବାଙ୍ମୟ ରୂପ ପ୍ରଦାନ କରିଥାଏ ।

ସାଂପ୍ରତିକ କାଳରେ ଘଟୁଥିବା ଘଟଣା, ଛଳନା ଓ ଆତ୍ମପ୍ରବଞ୍ଚନା ବିଶେଷ ଭାବରେ ଏହି ବିଭାଗରେ ଉତ୍କୀର୍ଣ୍ଣ । ହାସ୍ୟ ଜୀବନରେ ଗୌଣ ନୁହେଁ । ସାହିତ୍ୟରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନୁରୂପ ଭାବରେ ବ୍ୟଙ୍ଗର ମଧ୍ୟ ରହିଛି ମହତ୍ତ୍ୱପୂର୍ଣ୍ଣ ଭୂମିକା । କ୍ଷୁଦ୍ରଗଳ୍ପ ଯେତେବେଳେ ବିଭିନ୍ନ ଭାବସମ୍ପଦକୁ ନେଇ ହୋଇଥାଏ ବୈଚିତ୍ର୍ୟପୂର୍ଣ୍ଣ ସେହି ବୈଚିତ୍ର୍ୟ ମଧ୍ୟରେ ସେତେବେଳେ ହାସ୍ୟ ଓ ବ୍ୟଙ୍ଗ ହୋଇଥାଏ ଅତ୍ୟନ୍ତ ହୃଦୟଗ୍ରାହୀ ।

ଜୀବନରେ ଯେପରି ଦୁଃଖ ଓ କାରୁଣ୍ୟ ସତ୍ୟ ସେହିପରି ମଧ୍ୟ ସତ୍ୟ ହାସ୍ୟ ଓ ଆନନ୍ଦ । ହାସ୍ୟ ଜୀବନର ଚରମ ଦୁଃଖଦ ଅବସ୍ଥାରେ ଆତ୍ମପ୍ରକାଶ କରେ । ଯାହାର ଜୀବନ ଯେତିକି କରୁଣ ସେତିକି ସେ ଜୀବନର କାରୁଣ୍ୟକୁ ଭୁଲିଯିବା ପାଇଁ ତାହାରକୁ ହାସ୍ୟ ପ୍ରକାଶ କରେ । ଏହାର ଅର୍ଥ ନୁହେଁ ଯେ, ହାସ୍ୟ କେବଳ ଜୀବନର ବହିଃରଙ୍ଗ ବିଭବ ।

Digitized by srujanika@gmail.com

ଯେଉଁଠି ହାସ୍ୟ ମହୋଦଧିର ଉପରିସ୍ତରର ତରଙ୍ଗ ପରି ପରିଦୃଷ୍ଟ ହୁଏ; ସେଇଠି ହୁଏତ ହାସ୍ୟରସ ଜୀବନର ଗଭୀରତାକୁ ସ୍ପର୍ଶ କରେ ନାହିଁ । କିନ୍ତୁ ଯେଉଁଠି ଜଳ ଓ ତରଙ୍ଗ ଏକ ଓ ଅଭିନ୍ନ ହୋଇଯାଆନ୍ତି, ଅର୍ଥାତ୍ ହାସ୍ୟ ଜୀବନର ଗଭୀରତମ ପ୍ରଦେଶରୁ ନିର୍ଗତ ହୁଏ ସେଇଠି ହାସ୍ୟ ହୋଇଯାଏ ଜୀବନର ବେଦ । ଏହା ମଣିଷକୁ ଦୁଃଖରୁ ନିବୃତ୍ତି ପାଇଁ ପ୍ରେରଣା ଦିଏ । ଜୀବନ-ସଂଗ୍ରାମର ସମ୍ମୁଖୀନ ହେବାପାଇଁ ଉତ୍ସାହ ଦିଏ । ଘନବାଦଲ ଭିତରୁ ଚନ୍ଦ୍ରିକା ଉଙ୍କି ମାରିଲା ପରି ଜୀବନର ନିବିଡ଼ ଦୁଃଖ କାରୁଣ୍ୟ ଭିତରୁ ହାସ୍ୟ ଫୁଟି ଉଠିଥାଏ । ଠିକ୍ ସେହିପରି ବ୍ୟଙ୍ଗ ଜୀବନର ଭିନ୍ନ ଏକ ଦିଗର ସୂଚନା ଦିଏ । ବ୍ୟଙ୍ଗ କେବଳ ହାସ୍ୟ ନୁହେଁ । ନିଷ୍ଠୁର କିମ୍ବା ବାକ୍ ବୈଦଗ୍ଧ୍ୟ ନୁହେଁ । ବ୍ୟଙ୍ଗରେ ହାସ୍ୟ ଥାଏ । ଏହି ହାସ୍ୟ କିନ୍ତୁ ବ୍ୟଙ୍ଗକୁ ଆଚ୍ଛାଦନ କରେ ନାହିଁ । ହାସ୍ୟ ବ୍ୟଙ୍ଗର ଏକ ଆବରଣ । ଭସ୍ମ ଭିତରେ ଅଗ୍ନିକଣିକା ରହିଥିଲା ପରି ହାସ୍ୟ ଭିତରେ ବ୍ୟଙ୍ଗ ରହିଥାଏ । ବାହାରକୁ ଏହା ହସାଇ ଦିଏ । ଏହି ହସ କିନ୍ତୁ ହୃଦୟଖୋଲା ହସ ନୁହେଁ । ଏହା ଆଘାତ ଦିଏ । ହାସ୍ୟ ସ୍ୱତଃସ୍ଫୂର୍ତ୍ତି-ପ୍ରାଣୋଚ୍ଛଳ । ବ୍ୟଙ୍ଗ ସାମାଜିକ ଦାୟିତ୍ୱସଂପନ୍ନ ଏକ ସୁତୀକ୍ଷ୍ଣ ତରବାରି । ଯେଉଁଠି ବ୍ୟକ୍ତି-ଜୀବନରେ, ଛଳନା ଓ ପ୍ରବଞ୍ଚନା ଦେଖାଦିଏ, ବ୍ୟକ୍ତିର ଦ୍ୱୈତରୂପ ପ୍ରକାଶିତ ହୁଏ; ସେଠାରେ ବ୍ୟଙ୍ଗ ତାର ସକଳ ଅସ୍ତ୍ର ନେଇ ଶାଣିତ ଆଘାତ କରେ । ଏହାର ଉଦ୍ଦେଶ୍ୟ ବ୍ୟକ୍ତିଚରିତ୍ର ସଂଶୋଧନ । ଉତ୍କୃଷ୍ଟ ହାସ୍ୟରସରେ ସହୃଦୟ ମନୋଭାବ ସହିତ ଅଭିଯୋଗହୀନ ପ୍ରସନ୍ନତା ଥାଏ । ଏହା କ୍ଷମାସୁନ୍ଦର ଓ ହାସ୍ୟୋଜ୍ଜ୍ୱଳ । ବ୍ୟଙ୍ଗରେ ଥାଏ ହାସ୍ୟ ସହିତ ତୀବ୍ର ଆଘାତ ଦେବାର ସଂଶୋଧନୀ ଚିନ୍ତା ।

କଥାକାର ବସନ୍ତ କୁମାର ଶତପଥୀ ପ୍ରାକ୍ ସ୍ୱାଧୀନତା କାଳରେ ଗଳ୍ପ ରଚନାରେ ହାତ ଦେଇଥିଲେ ମଧ୍ୟ ମୁଖ୍ୟତଃ ୧୯୬୦ ମସିହା ପରଠାରୁ ଭିନ୍ନ ସ୍ୱାଦ ଓ ଶୈଳୀନେଇ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ନାନା ପରୀକ୍ଷା ନିରୀକ୍ଷା କରି ଅଛନ୍ତି । ତାଙ୍କର 'ଏଣ୍ଟି ରୋମାଣ୍ଟିକ୍' ଗଳ୍ପଗ୍ରନ୍ଥ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । 'ଗ୍ରୀଷ୍ମ ଓ କାସ୍ମା' ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ । ଗୋଟିଏ ଅଙ୍କ, ହାଇଦ୍ରାବାଦ ଅଙ୍ଗୁର, ଆକାଶୀ ଫୁଲ, ନିନ୍ଦାଶ୍ରୟୀ, ରଙ୍ଗା ଓ ରାଙ୍ଗୀ ଏବଂ ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ ପ୍ରଭୃତି ତାଙ୍କର ଗଳ୍ପଗ୍ରନ୍ଥ । ତାଙ୍କ ଗଳ୍ପମାନଙ୍କରେ ମୁଖ୍ୟତଃ ରହିଛି ଗଭୀର ଜୀବନବୋଧ, ବାସ୍ତବ ଚେତନାର ବାକ୍‌ଭଙ୍ଗୀ, ବିଦଗ୍ଧତା ଓ ବୌଦ୍ଧିକତା । ତାଙ୍କ ଗଳ୍ପମାନଙ୍କରେ ରହିଛି ଶ୍ଳେଷାଶ୍ରୟୀ ତଥା ବୁଦ୍ଧିଦୀପ୍ତ ବ୍ୟଙ୍ଗ ଓ ନିର୍ମଳ ହାସ୍ୟ । ଏହି ଶୈଳୀକୁ ସେ ଯେପରି ଫକୀର ମୋହନ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କଠାରୁ ଉତ୍ତରାଧିକାର ସୂତ୍ରେ ଗ୍ରହଣ କରିଥିବା ମନେହୁଏ । ତାଙ୍କ ଗଳ୍ପ ସମ୍ପର୍କରେ ଅଧ୍ୟାପକ ଚିନ୍ତାମଣି ବେହେରା କହନ୍ତି—"ବସନ୍ତ ବାବୁ ଦୁର୍ଗମ ହେଲେହେଁ ଜୀବନର ସତ୍ୟାନୁସନ୍ଧାନର ସରଣୀରେ ଗତି କରୁଛନ୍ତି ଏବଂ ସେହି ସତ୍ୟ ଚେତନା ଓ ସତ୍ୟ ସାଧନାର ସ୍ୱାକ୍ଷର ତାଙ୍କ ଗଳ୍ପଗୁଡ଼ିକରେ ସ୍ପଷ୍ଟ । ତାଙ୍କର କଳାସୃଷ୍ଟି

Digitized by srujanika@gmail.com

ଜୀବନଧର୍ମୀ ଓ ଜୀବନବୋଧ କଳାଧର୍ମୀ ।" (୧) ଶ୍ରୀ ଶତପଥୀ ଆଧୁନିକ ମଣିଷ ଜୀବନ ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ଗଳ୍ପ ରଚନା କରିଛନ୍ତି । ସେ କହନ୍ତି—"ସମାଜରୁ ମୁଁ ଯାହା ପାଇଛି ତାହାକୁ ମୁଁ ଜନତ୍ର କରି ପ୍ରକାଶ କରିଛି । ସମାଜର ଅନେକ ଚରିତ୍ର ଦେହରେ ମୋର ପ୍ରତିନିଷ୍ଠାକୁ ମିଶାଇ ମୁଁ ଗଳ୍ପ ଲେଖୁଛି । ମୋର ବିଶ୍ୱାସ ତଦ୍ୱାରା ବ୍ୟଷ୍ଟି ଓ ସମଷ୍ଟିର ମଧୁର ସମାବେଶ ହୋଇ ପାରିବ । ସମାଜକୁ ମୁଁ ପ୍ରତି ଅଙ୍ଗେ ଅଙ୍ଗେ, ପ୍ରତି ରକ୍ତକଣାରେ ଅନୁଭବ କରି ଲେଖୁଛି ।" (୨)

ସମାଜର ତଳିଆ ମଣିଷମାନଙ୍କ ପ୍ରତି ସେ ସମ୍ବେଦନଶୀଳ । ତେଣୁ ତାଙ୍କର ଗଳ୍ପମାନଙ୍କରେ ସେପରି ମଣିଷମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ ପାଇଛି । ମଣିଷର ଭ୍ରାନ୍ତ ଅହଂକାରକୁ ସେ ବ୍ୟଙ୍ଗ କରିଛନ୍ତି । ତାଙ୍କ ବ୍ୟଙ୍ଗର ଉପରିଭାଗରେ ଅଛି ହାସ୍ୟର ଆବରଣ । ଗଭୀର ବେଦନାବୋଧ ମଧ୍ୟ ଦେଇ ତାଙ୍କର ବ୍ୟଙ୍ଗ ପ୍ରକାଶିତ । ସେ କହନ୍ତି—"ମୁଁ ଇଂରାଜୀ ସାହିତ୍ୟର ଅଧ୍ୟାପକ । ସର୍ବଦା ବକ୍ର ଦୃଷ୍ଟିକୋଣ, ଶ୍ଳେଷ ବ୍ୟଙ୍ଗ ଓ ବିଦ୍ରୂପ ବକ୍ରୋକ୍ତି ଆଦି ଅପ୍ରଶସ୍ତ ହାସ୍ୟ କରୁଣ ରସରେ ରସାଣିତ କରି ପରଶିବା ମୋର ଅଭ୍ୟାସ—ପ୍ରକୃତ—ଧର୍ମ ।" (୩) କଥାକାର ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖ ଭୋଗ କରିଛନ୍ତି । ସେହି ଦୁଃଖକୁ ଭୁଲିବାପାଇଁ ଗଳ୍ପ ରଚନା କରିଛନ୍ତି । ତାଙ୍କର ମାନସୀ ପ୍ରେମକୁ ସେ ସଂପ୍ରସାରିତ କରିଦେଇଛନ୍ତି ଜଡ଼ ଜଗତକୁ । ସେ କହନ୍ତି—"ମୁଁ ମାଛଚା, ଫୁଟାଣି ଓ ଭଣ୍ଡାମୀକୁ ଘୃଣାକରେ ଏବଂ ପିନ୍ କଣ୍ଟା ମାରି ରବର ବେଲୁନ୍, ଫଟାଇବାକୁ ଭଲପାଏ ।" (୪) ଏହି ଭଳି ତାଙ୍କର ଗୋଟାଏ ଆଳୁ, ଉଡ଼ାଟିଆ, ଅଧଲି, ତେମ୍ପଦନ୍ତ, ସ୍ୱବ୍ରୁଦ କରେଣ୍ଟ, ହାଇଡ୍ରାବାଦ ଅଙ୍ଗୁର, ସାମାନ୍ୟ ଅଶ୍ଳୀଳ, ଧର୍ମରେ ସନ୍ତ କହିବ, କାଠ, ଭଦ୍ରାମି ଓ ଛେନାପୋଡ଼, ଏଣ୍ଡୁ କପୋତ ଗୁରୁ ମୋର, ଅଥ ମର୍କଟ ଉପାଖ୍ୟାନ, କଅ, କୁଠ, ସଂସ୍କୃତ ଉତ୍ସବ, କଙ୍ଗାଲୀ, ବାଉଁଶ ଗଳ, ଓନ୍‌ଲପ ଏଜେଣ୍ଟ, ଗରିବ ହଟାଅ, ଗୁହଳ, ନାସ୍ତିକ ଇତ୍ୟାଦି ଗଳ୍ପମାନଙ୍କରେ ପ୍ରକାଶ ପାଇଛି । ସେ କହିଛନ୍ତି—"ମଣିଷ ଯେତେବେଳେ ଛଳନା କରେ ସେତେବେଳେ ହୁଏତ ନିଜର ଅସଲ ପ୍ରକୃତି ପ୍ରକାଶ ପାଇପାରେ ନାହିଁ । ସେତେବେଳେ ତା'ର ଅଲକ୍ଷ୍ୟରେ ନିଜେ ସେ ପ୍ରକାଶ

---

(୧) ଗୋଟିଏ ଆଳୁ—ବସନ୍ତ କୁମାର ଶତପଥୀ—ଅଭିମତ ଚନ୍ଦ୍ରମଣି ବେହେରା
ପ୍ରକାଶକ—ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୮୨ ।

(୨) ଆକାଶୀ ଫୁଲ—ବସନ୍ତ କୁମାର ଶତପଥୀ—ଗଳ୍ପକାରଙ୍କ ସହିତ ଏକ ସାକ୍ଷାତକାର—ନାରୁ ମହାନ୍ତି । ଓଡ଼ିଶା ବୁକ୍ ଷ୍ଟୋର, ୧୯୮୩ ।

୩—ବସନ୍ତ କୁମାର ଶତପଥୀ—ଗୋଟିଏ ଆଳୁ—ମୁଖବନ୍ଧ ପୃ—ଖ

୪—ଅତ୍ରୈବ ପୃ—ଗ

Digitized by srujanika@gmail.com

ଦେଖାଯାଏ ତା'ର ଉଦ୍ଭଟାକୃତିଗୁଡ଼ିକରେ ।" (୫) ନିଜର ହାସ୍ୟ ସମ୍ବନ୍ଧରେ ସେ କହିଛନ୍ତି—"ତାଙ୍କର ଚରିତ୍ରଗୁଡ଼ିକର ଦାରିଦ୍ର୍ୟ ଦୁଃଖମୟ ଜୀବନ ହିଁ ତାଙ୍କୁ ହାସ୍ୟଧର୍ମୀ କରିଅଛି; ମାତ୍ର ତାଙ୍କର ହାସ୍ୟରସ ମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁପରି ହୋଇରହିଛି ଏକ କାରୁଣ୍ୟର ଧାର ।" (୬) କ୍ଷୁଦ୍ରଗଳ୍ପରେ ହାସ୍ୟ ଓ ବ୍ୟଙ୍ଗର ଉପଯୋଗିତା ସମ୍ପର୍କରେ ତାଙ୍କର ଅଭିମତ ହେଉଛି—"ନିଛକ କରୁଣରସର ପୃଷ୍ଠଭୂମିରେ ଯଦି ହାସ୍ୟ ବ୍ୟଙ୍ଗଧର୍ମୀ ରଚନା ରଚିତ ହୁଏ ତେବେ ତାହା ଗାଲ ଗୁଲଜରେ ପରିଣତ ହୋଇଯିବ । ବଙ୍କା ବଙ୍କା କଥା ଉର୍ଫିକ କହିଲେ ତାହାକୁ ଲୋକେ ଅଧିକ ଭାବରେ ଗ୍ରହଣ କରିଥାଆନ୍ତି ।" (୭) ସେ ପୁଣି କହନ୍ତି—"ମୋର ହାସ୍ୟରସାତ୍ମକ ଗଳ୍ପର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଲା, ପାଠକକୁ ଝେଞ୍ଚୁଥିବ ଅଥଚ କୁରୁକୁରୁ କରୁଥିବ । ହସୁଥିବ ଅଥଚ ଦୁଇ ଆଖିରୁ ଲୁହ ଗଡ଼ିପଡ଼ୁଥିବ । ମୁଁ ମୋ ଜୀବନରେ ଯାହା ଲେଖିଛି, ମୁଁ ଏମିତି କିଛି ଲେଖିନାହିଁ, ଯେଉଁଥିରେ ଏହି ଦୁଇଟି ଉପାଦାନ ନାହିଁ ।" (୮) ଗଳ୍ପରେ ଭଲଗାଉଣି ରହିଲେ ତାହା ହାସ୍ୟ ବ୍ୟଙ୍ଗଧର୍ମୀ ରଚନା ହୁଏନାହିଁ, ହାସ୍ୟ ଓ ବ୍ୟଙ୍ଗ ଗଳ୍ପରେ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଏ । ଏହା ନାଗରିକ ଜୀବନକୁ ଉଦ୍‌ବୁଦ୍ଧ କରେ । ପାଠକକୁ ଆନନ୍ଦ ଦିଏ । ଜୀବନର ସତ୍ୟପ୍ରତି ସଚେତନ କରାଏ । ଶ୍ରୀ ଶତପଥୀଙ୍କ ଗଳ୍ପରେ ତେଣୁ ହାସ୍ୟ ଓ ବ୍ୟଙ୍ଗର ମଧୁର ସମନ୍ୱୟ ହୋଇଛି । ବ୍ୟଙ୍ଗ କିନ୍ତୁ ତାଙ୍କ ଗଳ୍ପର ପ୍ରାଣ । ଗଭୀର ଜୀବନବୋଧ ଓ ସାମାଜିକ ଦର୍ଶନର କଳାତ୍ମକ ରୂପ ବିଶେଷକରି ସମାଜର ହିପୋକ୍ରାଟିକ୍ ମଣିଷ ଓ ଅସତ୍‌ପ୍ରବଞ୍ଚନାକୁ ଗାଳ୍ପିକ ବ୍ୟଙ୍ଗ କରିଛନ୍ତି ।

'ଗୋଟିଏ ଆଳୁ' ଗଳ୍ପ ପୁସ୍ତକରେ 'କାଣିଚଅଁ' ଗଳ୍ପରେ ଗାଳ୍ପିକ ସମବେଦନଶୀଳ ଦୃଷ୍ଟି ନିକ୍ଷେପ କରିଛନ୍ତି । ଗୋଟିଏ ଆଳୁ ଗଳ୍ପରେ କାପୁରୁଷତା ପ୍ରତି ରହିଛି ଶ୍ଳେଷାତ୍ମକ ବ୍ୟଙ୍ଗ । ଗୋଟିଏ ଆଳୁ ଖାଇଦେବାରୁ ଦୋକାନୀ କୃଷ୍ଣ ତାକୁ ମାଡ଼ିବସିଛି ଏବଂ ଚିତ୍କାର କରିଛି ବାନ୍ଧିବାକୁ । ଷଣ୍ଢ ଭୁଆ ନିଷ୍ପ୍ରଭ ଦୃଷ୍ଟିରେ ଚାହିଁଛି ତା'ର ମାଲିକକୁ । ମାଲିକ କିନ୍ତୁ ନିରୁପାୟ । ଏଠାରେ ବେପରୁଆ ଭାବରେ ବଜାରକୁ ଗାଈଗୋରୁ ଛାଡ଼ି ଦେଇ ନିଶ୍ଚିନ୍ତେ ଘରେ ବସିବା ମନୋବୃତ୍ତିକୁ ବ୍ୟଙ୍ଗ କରାଯାଇଛି । 'ଅଶ୍ୱତ୍ଥାମା ହତ' ଗଳ୍ପରେ ଅଧ୍ୟାପକ ଜୀବନାନନ୍ଦଙ୍କ ଗୁଣ୍ଡିଦୁଧ କିଣିବା ପ୍ରସଙ୍ଗରେ ବ୍ୟଙ୍ଗ ପ୍ରକାଶିତ । ଏଥିପାଇଁ ହୋଟେଲର ମିଛ ଦରଦକୁ ଲକ୍ଷ୍ୟ କରାଯାଇପାରେ—"କେତେବାର ହାମ୍ ତୁମକୁ କହିଲା—ଦୁକାନ ସାମ୍ନାରେ ଏ ସବୁ ଜମା ନ କରିବେ ? ଜବ୍ ଭିଡ଼ ହେଉଛି ତବ୍

୫—ବସନ୍ତ କୁମାର ଶତପଥୀ—ରଙ୍ଗା ଓ ଗାଂଗୀ—ଏକ ସାକ୍ଷାତକାର ।

୬—ତତ୍ରୈବ

୭—ତତ୍ରୈବ

୮—ତତ୍ରୈବ

Digitized by srujanika@gmail.com

ସାଫ୍ କରିବା ବେଳ ହେଉଛି ଆଦ୍‌ମି ଯେ କଳ୍ପନା ହଜିଯିବ ହେଉଛି ତୁମଲୋକଙ୍କୁ କ୍ୟା ମାଲୁମ୍ ପଡ଼ୁଛି ? କେତେଥର କେତେଲୋକ ମୋର ପାଖରେ କମ୍ପ୍ଲେନ୍ କରିଛି ଜାନତା ।" (୯) ସଇତାନ୍ ହରିକଲର ମିଥ୍ୟା ବକ୍ତବ୍ୟ, ଧୃଷ୍ଟ ଓ ଠକାମି ପ୍ରତି ଗାଳ୍ପିକ ବିଦ୍ରୂପ କରିଛନ୍ତି । ଏହା ବ୍ୟତୀତ ଏଣ୍ଟି ରୋମାଣ୍ଟିକ, ଭଡ଼ାଟିଆ, ବାଲଜିହ୍ୱା ବାଘ, ସ୍ପ୍ରେ ପେଇଣ୍ଟିଙ୍ଗ୍ ପ୍ରଭୃତି ଗଳ୍ପରେ ହାସ୍ୟ ଓ ବ୍ୟଙ୍ଗ ପ୍ରକାଶିତ । ହାଇଦ୍ରାବାଦ ଅଙ୍ଗୁର ଗଳ୍ପ ପୁସ୍ତକର କ୍ଲାସିକାଲ କମେଡ଼ି ଗଳ୍ପରେ ଡକ୍ଟର ପାଲଙ୍କ ଇଂରାଜୀଭାଷା ଉଚ୍ଚାରଣ ପ୍ରସଙ୍ଗକୁ ଲକ୍ଷ୍ୟ କରାଯାଇପାରେ,—"ହ୍ୟାଲୋ ପ୍ରଫେସର ଡାସ୍ ! କୁହନ୍ତୁ ତ କେଉଁଟା ଠିକ୍ ଅର୍ଚ୍ଚ ବିଶପ୍ ନାଁ ଅର୍କ ବିଶପ ? ଟମାସ ନା ଥୋମାସ (୧୦) ସେହିପରି ଜେଡ୍ଅଲସ୍ ନୁହେଁ ଜେଲସ, ନେଭେ ନୁହେଁ ନେ-ଭ୍ରେ, ଟେଲଜ୍ ନୁହେଁ ଟେଏଲସ୍, ଇଣ୍ଡିଆ ନୁହେଁ ଇଣ୍ଡ୍ୟା ଇତ୍ୟାଦି ଉଚ୍ଚାରଣଗତ ଦୋଷତ୍ରୁଟି ଧରିବାରେ ଜଣେ ରକ୍ଷଣଶୀଳ ଅଧ୍ୟାପକର ଚିତ୍ର ମଧ୍ୟଦେଇ ହାସ୍ୟ ଓ ବ୍ୟଙ୍ଗ ପ୍ରକାଶ ପାଇଛି । ଡଃ ପାଲଙ୍କ ପରିଣତ ବୟସରେ ଦ୍ୱିତୀୟ ପକ୍ଷ ବିବାହ ପ୍ରସଙ୍ଗ ହାସ୍ୟ ଓ ବ୍ୟଙ୍ଗ ସୃଷ୍ଟି କରିଛି । ଖବରକାଗଜର ବିଜ୍ଞାପନ wanted a retired gentleman not a retired gentleman ପ୍ରସଙ୍ଗ ବ୍ୟଙ୍ଗାତ୍ମକ ହୋଇଛି । ମୃଚ୍ଛକ ହସ ଗଳ୍ପରେ ରାଜନୈତିକ ବ୍ୟଙ୍ଗ ରହିଛି । ଅବାଞ୍ଛିତ ଗଳ୍ପରେ ମଣିଷର ଦୁର୍ଦ୍ଦଶା ରୂପାୟିତ । 'କାଠ' ଗଳ୍ପରେ ଥିଲାବାଲାଙ୍କ ପ୍ରତି ଗାଳ୍ପିକ ଯେପରି ଶାଣିତ, ନଥିଲାବାଲାଙ୍କ ପ୍ରତି ସେତିକି ସହାନୁଭୂତିଶୀଳ । ମୟୂରଭଞ୍ଜରୁ ଆସି ସହରରେ କାଠ ଚିରୁଥିବା କାଠ କଟାଳିକୁ କମ୍ ପଇସା ଦେଇ ଅଧିକ କାମ ଆଦାୟ କରୁଥିବା ସହରବାବୁଙ୍କ ପ୍ରତି ଏହି ଗଳ୍ପରେ ରହିଛି ଶାଣିତ ବ୍ୟଙ୍ଗ । ସମସ୍ତ କାଠ ଫାଳିସାରିବା ପରେ କାଠ କଟାଳି ଘର ଭିତରକୁ କାଠ ବୋହିନେଇଛି ; କିନ୍ତୁ ସୁରଣା ଅଧିକ ପଇସା ଆରମାସରେ କଟାଇ ଦେବାପାଇଁ କହିବାରୁ ବାବୁ ମନା କରିଛନ୍ତି ।—"ନାଁ ନାଁ, ସେ କଥା ହବ ନାହିଁ । ତୁ ଆସିବୁ ନ ଆସିବୁ କି ବିଶ୍ୱାସ ?" (୧୧) ବାବୁର ବକ୍ତବ୍ୟରେ କାଠ କଟାଳି ରାଗିଯାଇଛି—ସେ ଟଙ୍କା ଫିଙ୍ଗିଦେଇ ଚାଲିଯାଇଛି । ତା'ର ବକ୍ତବ୍ୟରେ ରହିଛି ସ୍ୱାଭିମାନ—"କି ବିଶ୍ୱାସ ! ଆମର କି ମଣିଷ ନାହିଁ, ବଟେରୁ ଖାଲୁ ହୋଇଛୁ ? ପଇସାରେ ବଡ଼ଲୋକ ଦେଖେଇ ହେଉଛୁ । ମୁଁ ତୋର ଚୁଲିକ ସବୁ ବୁଝିଛି । ନେ ତର ପଇସା !" (୧୨) ଏହା ବ୍ୟତୀତ ଧର୍ମରେ ସତ କହିବ,

---

୯—ବସନ୍ତ କୁମାର ଶତପଥୀ—ଗୋଟିଏ ଆକ୍ରୁ—(ଅଶ୍ୱତ୍ଥାମା)

୧୦—ବସନ୍ତ କୁମାର ଶତପଥୀ—ହାଇଦ୍ରାବାଦ ଅଙ୍ଗୁର କ୍ଲାସିକାଲ କମେଡ଼ି

୧୧—ବସନ୍ତ କୁମାର ଶତପଥୀ—ହାଇଦ୍ରାବାଦ ଅଂଗୁର—କାଠ

୧୨—ତତ୍ରୈବ

Digitized by srujanika@gmail.com

ଅଭିନବ ଅସଂପୂର୍ଣ୍ଣ କାବ୍ୟ, ବାପା, ପ୍ରଭୃତି ଗଳ୍ପରେ ପ୍ରକାଶ ପାଇଛି ହାସ୍ୟ ଓ ବ୍ୟଙ୍ଗର ଶାଣିତ ରୂପ । 'ଆକାଶୀଫୁଲ' ଗଳ୍ପ ପୁସ୍ତକରେ ପ୍ରକାଶିତ ଅଥ ମର୍କଟ ଉପାଖ୍ୟାନ, ଭି. ଆଇ. ପି. ମକର—ଯାତୁଷ୍ପ ସାହେବ ଏବଂ ଗଙ୍ଗା ଓ ଗଙ୍ଗୀ, ଅନ୍‌ପଢ଼, ସ୍ୱଭାବ, ମନି-ଅର୍ଡ଼ର, ମାଛ କାପ୍ତିକ, ଘୁ, ଭଡ଼ା, ବଗ୍ ଗୁଲ୍‌ଗୁଲ, ତଥା 'ନୀଡ଼ାଶ୍ରୟୀ' ଗଳ୍ପ ପୁସ୍ତକରେ ପ୍ରକାଶିତ ବାଦିଶଗଣ, ନଙ୍ଗୁଳି ସଂସ୍କୃତ ଓ ଉତ୍ସବ, କଦମ୍ବଶ୍ରୀ ଗୃହଦେବ, ଡନ୍‌ଲପ୍ ଏଜେଣ୍ଟ ପ୍ରଭୃତି ଗଳ୍ପରେ ବିଭିନ୍ନ ଦୋଷ ତ୍ରୁଟିକୁ ବ୍ୟଙ୍ଗ ବିଦ୍ରୂପ କରାଯାଇଛି ।

ଶ୍ରୀ ଶତପଥୀ ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ଦକ୍ଷ କଥାଶିଳ୍ପୀ ଭାବରେ ପ୍ରତିଷ୍ଠିତ । ତଥାକଥିତ ଅଭିଜାତ ମଣିଷମାନଙ୍କର ହିପୋକ୍ରାସି ପ୍ରତି ବ୍ୟଙ୍ଗ ପ୍ରକାଶ କରିବା ଓ ସେମାନଙ୍କର ପ୍ରକୃତ ସ୍ୱରୂପକୁ ଦେଖାଇଦେଇ ସାମାଜିକ ସଚେତନତା ସୃଷ୍ଟି କରିବା ତାଙ୍କ ଗଳ୍ପର ମର୍ମକଥା । ପ୍ରତ୍ୟେକ ଗଳ୍ପର ଉପର ଭାଗରେ ଥିବା ହାସ୍ୟ ମାଡ଼ ଭିତରେ ଅଛି ବ୍ୟଙ୍ଗ ଓ ବିଦ୍ରୂପ । ଗଭୀର କାରୁଣ୍ୟବୋଧ ଗଳ୍ପଗୁଡ଼ିକୁ କରିଛି ପ୍ରାଣବନ୍ତ, ତେଣୁ ହାସ୍ୟ, ବ୍ୟଙ୍ଗ ଓ କରୁଣ ଶ୍ରୀ ଶତପଥୀଙ୍କ ଗଳ୍ପରେ ତ୍ରିବେଣୀ ସଙ୍ଗମ । ଗୋଟିକରୁ ଅନ୍ୟଟିକୁ ସ୍ୱତନ୍ତ୍ର କରିହୁଏ ନାହିଁ । ସମାଜର ନିମ୍ନବର୍ଗ ଓ ନିମ୍ନଜାତ ମଣିଷମାନଙ୍କର ଦୁଃଖ ଓ ଅସହାୟତା ପ୍ରତି କଥାକାର ଅତ୍ୟନ୍ତ ସହାନୁଭୂତିଶୀଳ । ସେହି ମଣିଷମାନଙ୍କୁ ନାନା ଭାବରେ ଶୋଷଣ କରୁଥିବା ଅଭିଜାତ ମଣିଷମାନଙ୍କର ସ୍ୱରୂପ ଉନ୍ମୋଚନ କରିବାରେ କଥାକାର ବ୍ୟଙ୍ଗ ଓ ବିଦ୍ରୂପକୁ ବଳିଷ୍ଠ ଅସ୍ତ୍ର ଭାବରେ ଗ୍ରହଣ କରି ନେଇଛନ୍ତି । ରାଜନୀତି, ବ୍ୟବସାୟୀ, ଚାକିରି କରୁଥିବା ମଣିଷମାନେ ସ୍ୱାର୍ଥବୃତ୍ତିରେ ଥାଇ ସାଧାରଣ ମଣିଷମାନଙ୍କ ପ୍ରତି ଯେପରି ନିଷ୍ଠୁର ବ୍ୟବହାର କରନ୍ତି ତାହାକୁ କଥାକାର ଦେଖାଇ ଦେଇଛନ୍ତି । ଗଳ୍ପଗୁଡ଼ିକର ବକ୍ତବ୍ୟ ସ୍ପଷ୍ଟ ଓ ଶାଣିତ । ପ୍ରକାଶଭଙ୍ଗୀ ସ୍ୱାଭାବିକ । ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟରେ ବ୍ୟଙ୍ଗ, ବିଦ୍ରୂପ ଓ ହାସ୍ୟର ଚଟୁଳ ବର୍ଣ୍ଣନାରେ ଶ୍ରୀ ଶତପଥୀ ଯେ, ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ; ଏଥିରେ ସନ୍ଦେହ ନାହିଁ ।

—※—

Digitized by srujanika@gmail.com

# ସାକ୍ଷାତକାର

## କଥାକାର ବସନ୍ତ କୁମାର ଶତପଥୀଙ୍କୁ, ୨୨-୫-୯୨ ଦିନ ସାକ୍ଷାତ କରିଥିଲେ ଡଃ ଗଣେଶ ପ୍ରସାଦ ଦାସ ଓ ଡଃ ବିରଜ ମୋହନ ଦାସ

ପ୍ର- ଆପଣ ଲେଖାଲେଖି କେବେଠାରୁ ଆରମ୍ଭ କଲେ ?

ଉ- ୧୯୩୦ ମସିହା, ଯେତେବେଳେ ମୁଁ ଦଶମ ଶ୍ରେଣୀର ଛାତ୍ର ଥିଲି, ସେତେବେଳେ ଗୋଟାଏ ଅନୁବାଦ କରିଥିଲି । ସେଇ ଲେଖାଟି ଥିଲା, 'ସମୁଦ୍ରର ଜଳ କାହିଁକି ଲୁଣିଆ ହେଲା' ଓ ତାହା କଟକରୁ ପ୍ରକାଶିତ ହେଉଥିବା 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶ ପାଇଥିଲା ?

ପ୍ର- ଆପଣ ସାହିତ୍ୟ ସୃଷ୍ଟି ପାଇଁ କାହାଠାରୁ ପ୍ରେରଣା ଲାଭ କରିଥିଲେ ?

ଉ- ବାପା, ଜେଜେବାପା ଗଦା ଗଦା ତାଳପତ୍ର ପୋଥି ଲେଖୁଥିଲେ । ଭାଗବତ, ରାମାୟଣ ପଢ଼ୁଥିଲେ । ସେମାନଙ୍କ ଦ୍ୱାରା ବିଶେଷ କିଛି ହେଉନଥିଲା. ଲୋକମାନେ ବ୍ୟଙ୍ଗ କରି କହୁଥିଲେ ଆମ ବିଲରେ ପଦ୍ମଫୁଲ ଫୁଟିବ ବୋଲି । ତାଛଡ଼ା ଅନ୍ୟ ପିଲାମାନଙ୍କର ଲେଖାଲେଖି ମଧ୍ୟ ମୋତେ ଅନୁପ୍ରେରିତ କରିଥିଲା ।

ପ୍ର- ଆପଣ କି ପ୍ରକାର ଅନୁଭୂତି ଲାଭ କଲେ ଯେଉଁଥିପାଇଁ ଆପଣ ଲେଖାଲେଖି କରିବାକୁ ଏକଦମ୍ ବାଧ୍ୟ ହେଲେ ?

ଉ- ବୈଦେହୀଶ ବିଳାସ ପଢ଼ିଲି, ଉପେନ୍ଦ୍ର ଭଞ୍ଜ ପଢ଼ିଲି, 'ବାରୁଣୀ' ପତ୍ରିକା ପଢ଼ିଲି, କେଡ଼େ ସୁନ୍ଦର ଲେଖା ହୋଇଛି । ଦେଖି ଇଚ୍ଛା ହେଲା, ଧାନ ରୁଆ କରିଥିବା ଲୋକର ସବୁଜ ଧାନ କ୍ଷେତ ଦେଖି ଯେମିତି ଧାନ ରୁଆ କରିବାକୁ ମନ ବଳେ । କେଡ଼େ ସବୁଜ ସୁନ୍ଦର ହୋଇଛି ! ଫେଲ୍‌ମାନଙ୍କୁ ଧରି କାଳୁ ରୁଆ କରିବାକୁ ଆଗ୍ରହ ହୁଏ ।

Digitized by srujanika@gmail.com

ପ୍ର- ଅନୁଭୂତି ପ୍ରକାଶ କରିବା ପାଇଁ କବିତା ବୋଧହୁଏ ସ୍ୱତଃସ୍ଫୂର୍ତ୍ତ ମାଧ୍ୟମ; କିନ୍ତୁ ଆପଣ ଗଳ୍ପ ଲେଖିବାକୁ ମନ ବଳେଇଲେ କାହିଁକି ?

ଉ- ଚଢ଼େଇ ଦୁଇଟାଙ୍କ କଥା ଯେଉଁଥିରୁ ଶ୍ଳୋକ ଆରମ୍ଭ ହେଲା, 'ମା ନିଷାଦ ପ୍ରତିଷ୍ଠାଂ' ସେଠାରେ କ'ଣ ହେଲା ? ଗାଳି ଦେଲା, କ'ଣ କବିତାରେ ଗାଳି ଦେଲା ? ଶୋକ ହେଲା ଶ୍ଳୋକ ପାଇଁ ପ୍ରେରଣା । ନା'ହିଁ କବିତା ଲେଖିବାକୁ ଚେଷ୍ଟା ସେମିତି କରି-ନାହିଁ । ଅବଶ୍ୟ ପ୍ରଥମେ ଗୋଟାଏ ଦୁଇଟା ଇଂରାଜୀ କବିତା ଅନୁବାଦ କରିଥିଲି । ସେଗୁଡ଼ିକ ଭଲ ବି ହୋଇଥିଲା ଯେମିତି—

"ମନେ ପଡ଼େ ମୋର ବାଉଁଶ ଝାଡ଼ କେ
କେତେ ଛଳ ପୁଣି କେତେ ଅନ୍ଧାର;
ମଣ୍ଡିଥିଲି ତାର ସରୁଆ ଅଗଟି ଛୁଇଁଥିବ ପରା ସରଗ ପାର ।
ମାତ୍ର ହେଉସବୁ ଶିଶୁ କଳ୍ପନା
ଏବେ ଜାଣିଲି ମୁଁ ଦୁଃଖ ଅନ୍ତରେ
ପ୍ରଭୁଙ୍କଠୁଁ ମୁହିଁ ବାଳକାଳୁ ଏବେ ପଡ଼ି ରହିଲିଣି ବହୁଦୂରରେ ।"

ଏଇଟା Thomas Hudoଙ୍କ 'I remember I remember' କବିତାର ଅନୁବାଦ । ଫାର୍ ଗଛ ତ ଦେଖିନି, ସେଇ ଜାଗାରେ ବାଉଁଶଝାଡ଼ କରିଦେଲି, ମନ ଲାଗିଲାନି ।

ପ୍ର- ଗଳ୍ପ ଲେଖିବାଟା ସାହିତ୍ୟରେ ଅଧିକ ଶକ୍ତିଶାଳୀ ଅଭିବ୍ୟକ୍ତିର ମାଧ୍ୟମ ରୂପେ ବିଚାର କଲେ କି ?

ଉ- ନା, ସବୁ ଚେଷ୍ଟା ମୁଁ କଲି । ଅନୁବାଦ କରୁ କରୁ ସବୁଗୁଡ଼ାକ ଆପଣରୁ ଆସିଗଲା । ଇଂରାଜୀ ଏକାଙ୍କିକା ଅନୁବାଦ କଲି, ଫକୀର ମୋହନଙ୍କୁ ଅନୁକରଣ କଲି । ଜଣା ପଡ଼ିଗଲା । ମୁଁ ଜାଣି ପାରିଲି ମୋର dramatic intellect ଅଛି କିନ୍ତୁ epic intellect ନାହିଁ । Epic genius ହେଉଛି ରାମାୟଣ, ମହାଭାରତ ଲେଖିବା, ଏପରିକି ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ' ଭଳି ରଚନା ସୃଷ୍ଟି କରିବା । ମୋର ଧୈର୍ଯ୍ୟ ରହେ ନାହିଁ । ଗଳ୍ପଟିଏ ଲେଖିଦେଲି ଭଲ ହେଲା । କ୍ରମେ ସେଇଟା ହିଁ ପ୍ରତିଷ୍ଠା ଲାଭ କଲା ।

ପ୍ର- ଆପଣ ଉପନ୍ୟାସ ଲେଖିବାରେ ମନ ବଳାଇଛନ୍ତି କି ?

ଉ- ନା, ଉପନ୍ୟାସ ମୁଁ ଲେଖିନାହିଁ । ଶୁଣା ପ୍ରେମରେ ଉପନ୍ୟାସ ଲେଖିବା ସେତେ ସହଜ ନୁହେଁ, ଯଦି ଆପଣ ଅନ୍ୟଠାରୁ ଉଧାର କରି ନ ଆଣିବେ । ମୋର ଗୋଟାଏ

Digitized by srujanika@gmail.com

ହେଲେ ଗଳ୍ପରେ ସ୍ତ୍ରୀ ଲୋକଙ୍କୁ ଆଣିନାହିଁ । ମୋର ସବୁ ଗଳ୍ପଗୁଡ଼ିକ ପୁରୁଷ ଚରିତ୍ର ଆଧାରିତ । ମୁଁ ଜାଣେ ଯେ ସେଇମାନଙ୍କୁ କେବଳ ମୁଁ ଜାଣିଛି । ଯେତେ ଯାହା କଲେ ବି ସ୍ତ୍ରୀ ଲୋକମାନଙ୍କୁ କେହି ଜାଣି ପାରିବେନି, ବୁଝି ପାରିବେନି ।

ପ୍ର- ତଥାପି 'ଝରୋ ହଟାଓ', 'ଲୁଟିଧାଳି' ଆଦି ଗଳ୍ପରେ ନାରୀ ଚରିତ୍ର ସବୁ ତ ବେଶ ସୁନ୍ଦର ରୂପ ନେଇଛନ୍ତି ।

ଉ- ଏଗୁଡ଼ାକ ନାରୀ ଚରିତ୍ର ପଦବାଚ୍ୟ ନୁହନ୍ତି । ଅନ୍ତଃସତ୍ତ୍ୱା, ବୃଦ୍ଧା, ବିଧବା ଏମାନଙ୍କ କଥା ଲେଖିବାକୁ ମୋତେ ଆଗ୍ରହ ଲାଗେ । ଅଧା ବୟସରେ ମୋ ସ୍ତ୍ରୀ ଚାଲିଗଲେ । ମାତ୍ର କୋଡ଼ିଏ ବର୍ଷ ଜଣେ ସ୍ତ୍ରୀ ଲୋକ ପାଖରେ ରହିଲେ ସେମାନଙ୍କ ବିଷୟରେ କିଛି ଜାଣି ହବ ନା ଲେଖି ହବ ! ଯେଉଁମାନେ ଅଶୀବର୍ଷ ଯାଏ ସେମାନଙ୍କ ସହିତ ରହିଛନ୍ତି ସେମାନେ ପାରିବେ । ପ୍ରକୃତ ପ୍ରେମଟା ଆସେ ଅଶୀ ବର୍ଷ ପରେ । ଏଗୁଡ଼ାକ ସବୁ ଫେଟକାମି । ପୁରୁଷ ଓ ନାରୀ ଭିତରେ ଯେତେବେଳେ ବୁଝାମଣା ଆସିଯାଏ ସେଇଟା ହିଁ ହୁଏ ପ୍ରକୃତ ପ୍ରେମ । ସେତେବେଳେ ଦୈହିକଟା ଚାଲିଯାଏ, ଆତ୍ମାଟା ଆତ୍ମା ସାଙ୍ଗରେ ଚାଲିଥାଏ । Shakespeare କହିଲେ, 'Marriage of two minds.'

ପ୍ର- ଆପଣ ଯେ କହିଲେ ଉପନ୍ୟାସଟା ବିଶେଷ କରି ପ୍ରେମଭିତ୍ତିକ ହୁଏ । ପ୍ରେମକୁ ବାଦ୍ ଦେଇ କଣ ଉପନ୍ୟାସ ଲେଖା ହୋଇ ପାରିବ ନାହିଁ ?

ଉ- ଆପଣ କେତେଟା ପଢ଼ିଥିବେ ମୁଁ ଜାଣେନି, ମୁଁ ଯେତକ ଦେଖିଛି; ସେ କାଟ ଝୁଣ୍ଟୁ ଝୁଣ୍ଟୁ କରିବା ଠାରୁ ଆରମ୍ଭ କରିବ, ଆଉ ରଙ୍ଗୀନ କାଚ ହୋଇଥିବ, ଟୋସ ଚମ ହୋଇଥିବ ଏହିଭଳି ଆରମ୍ଭ । ହେଲେ ଯିଏ ଶୁଣୁଥିବ, ପାଖରେ ଯାଉଥିବ ତାର ଆଗ୍ରହ ବଢ଼ିଯିବ । ଏସବୁ ପାଇଁ ଲୋକେ ଆଗ୍ରହ ପ୍ରକାଶ କରନ୍ତି । ସତ୍ୟଜିତ୍ ରାୟଙ୍କ 'ପଥେର ପାଞ୍ଚାଲି'କୁ ଉଣେଇଶ ଜଣ ଅଧ୍ୟାପକ ଭଲନୁହେଁ ବୋଲି ମତ ଦେଇଥିଲେ । ମୁଁ କାହିଁକି ଭଲ କହୁଛି ଜାଣିବାକୁ ଚାହିଁଲେ । ଶେଷରେ ମୁଁ ସେମାନଙ୍କୁ ପାଖରେ ବସାଇ ବୁଝାଇ ଦେଇଥିଲି ।

ପ୍ର- ସ୍ତ୍ରୀ ଚରିତ୍ର କଥା ଏବଂ ସବୁ ପ୍ରେମ କଥା ଆଧାରିତ ଆପଣଙ୍କ 'ସାବ୍ଲୁଦ୍ କରେଣ୍ଟ', 'ଉତ୍ତର ଚରିତ ସରସ୍ୱତୀ କୁଣ୍ଡୁର' ଆଦି କେତୋଟି ଗଳ୍ପରେ ବେଶ୍ ଭଲ ରୂପ ନେଇଛି ତ ?

ଉ- ଶତ ସହସ୍ର ଧନ୍ୟବାଦ ଆପଣଙ୍କର ରସଗ୍ରାହିତା ପାଇଁ, ଯେତେ ଯାହା କଲେ ବି ଆଉ ଲେଖିବନି । ଏଗୁଡ଼ାକ ନିଜକୁ ବ୍ୟଙ୍ଗ କଲାଭଳି କଥା । କେବେ ସ୍ତ୍ରୀମାନଙ୍କ ବିଷୟରେ ସେତେ ଗଭୀର ଭାବରେ ନ ଜାଣି ଲେଖିଲେ ଯାହା ହେବ ସେଇଆ ହୋଇଛି ।

Digitized by srujanika@gmail.com

ନହେଲେ ସିନେମା ଘର ପାଖରେ ଠିଆ ହୋଇ, ସ୍କ୍ରୀ ତା କରିବାଟା ସ୍କୁଲ ପିଲାଙ୍କ କଥା । (ସ୍କ୍ରିକ୍ଲୁଦ କରେଣ୍ଟ୍) ଏଥିରେ ପାକଲହୁ ନାହିଁ ।

ପ୍ର- ଫକୀର ମୋହନଙ୍କ ବ୍ୟଙ୍ଗ ବୋଧହୁଏ ଆପଣଙ୍କ ଲେଖାରେ ଉପେନ୍ଦ୍ର ଭଞ୍ଜ ଓ କାଳିଦାସ ପ୍ରକୃତି ବର୍ଣ୍ଣନା ଅପେକ୍ଷା ବେଶ୍ ପ୍ରଭାବ ବିସ୍ତାର କରିଛନ୍ତି ।

ଉ- ଫକୀର ମୋହନଙ୍କ ସ୍ଥାନରେ ମୁଁ ବସ୍ତିରେ ଯୋଡ଼ିଥାଏ ଡିକେନ୍ସଙ୍କୁ, ଗ୍ଲେସ୍ ଷ୍ଟାମ୍ପଙ୍କୁ । ମୋତେ ପ୍ରେମ୍ ଚନ୍ଦ, ବଙ୍କିମ ଚନ୍ଦ୍ର ଆଦି ପ୍ରଭାବିତ କରି ନାହାନ୍ତି । ଫକୀର ମୋହନ ପଢ଼ିଲେ ମୋତେ ଏକଦମ୍ ମୌଳିକ ଲାଗେ, ଓଡ଼ିଶାର ଯଥାଯଥ ରୂପ ଦିଆଯାଇଛି ବୋଲି ଅନୁଭବ କରିହୁଏ ।

ପ୍ର- 'ସର୍ବଜ୍ଞ ବା ସର୍ବଦ୍ରଷ୍ଟା ହେବା ଗୋଟାଏ ଅଭିଶାପ'—ଏକଥା କାହିଁକି କହିଛନ୍ତି ?

ଉ- ଯେଉଁ ବିଷୟ ସମ୍ପର୍କରେ ଏହା କୁହାଯାଇଛି ସେଥିରେ ସମସ୍ତେ ଏକମତ ହେବେ । ସେତେବେଳେ ସମସ୍ତେ ସ୍ୱତନ୍ତ୍ର, ଏଇଟା ନ ଜାଣିଥିଲେ ଭଲ ହୋଇଥାନ୍ତା ! ଯେମିତି ନିଜ ସ୍ତ୍ରୀର ଅସଚ୍ଚରିତ୍ର । ସେଇଟା ଜାଣିଲାପରେ ନିଜକୁ ମରିଗଲା ଭଳି ଲାଗିବ । ସେତିକିବେଳେ ଏ ପ୍ରକାର ଉପଲବ୍ଧି ଆସିବା ସ୍ୱାଭାବିକ ।

ପ୍ର- ପ୍ରୀତିକର ହେଉ ବା ଅପ୍ରୀତିକର ହେଉ ପଛେ ସବୁ ଦ୍ୱନ୍ଦ୍ୱକୁ ଅତିକ୍ରମ କରି ସବୁ ଜାଣିବାରେ କିନା ମୁକ୍ତି ?

ଉ- ସର୍ବଜ୍ଞ ହେବାର ଅଧିକାର ମୋର ନାହିଁ । ଯେତିକି ଜାଣିଛେ ତା'ଠୁଁ ଅଧିକ ଜାଣନ୍ତୁ । କିନ୍ତୁ ଜାଣି ଯେତିକିରେ ରହିବା କଥା ସେତିକିରେ ରହନ୍ତୁ । କାନ୍ଦିବାଟା ଭଲ କହୁଛୁ କେଉଁଠି କାନ୍ଦିବା ନ ଜାଣି ଭେଁ ଭେଁ କାନ୍ଦିଲେ ଗୋଟାଏ humourous character ହୋଇଯିବା ।

ପ୍ର- 'ମେରା ନାମ ଜୋକର' ଭଳି ସିନେମା ଦେଖି ହସହସି ଗଡ଼ିଗଲେ ବୋଲି ଗୋଟାଏ ଗଳ୍ପରେ କୁହାଯାଇଛି, ଏହା ଠିକ୍ ନୁହେଁ ତ !

ଉ- ଯେଉଁ ଲୋକଟି ତାହା ଦେଖି ହସି ହସି ଗଡ଼ିଗଲା ବୋଲି କହୁଛୁ ସେ ସେଇଥି ହିଁ ବୁଝିବ । ତାଛଡ଼ା ହସ ଆଉ କାନ୍ଦଟା ଗୋଟାଏ ମୁଦ୍ରାର ଏପାଖ ସେପାଖ ଭଳି । ଆପଣ ପଦ ଖାଲି ହସ ପାଖଟିକୁ ନେବେ ତାହେଲେ ଜୋକର ଭଳି ଲାଗିବ । କିନ୍ତୁ ତା'ଭିତରେ ଯେତେବେଳେ କରୁଣ ରସକୁ ଅନୁଭବ କରି ପାରିବେ ସେତେବେଳେ ଯାଇ ଆପଣଙ୍କର ଉପଯୁକ୍ତ ଉପଲବ୍ଧି ହୋଇଛି ବୋଲି ବୁଝାଯିବ । ଇଂରାଜୀରେ ଏହାକୁ କୁହାଯାଏ, Sunshine and rain attones.' ଅନେକଟା ଦୃଷ୍ଟି ଭଙ୍ଗୀ ଉପରେ ଏହି ଉପଲବ୍ଧି ସବୁ ନିର୍ଭର କରିଥାଏ ।

Digitized by srujanika@gmail.com

ପ୍ର- ଆପଣଙ୍କ ଭଳି ହସ କାନ୍ଦର ସମନ୍ୱୟ ମହାପାତ୍ର ନୀଳମଣି ସାହୁ, ଫତୁରାନନ୍ଦ ଆଦିଙ୍କ ଲେଖାରେ ଦେଖିବାକୁ ମିଳେ । ସେମାନଙ୍କ ଲେଖାରେ ମଧ୍ୟ ବ୍ୟଙ୍ଗ ରହିଛି । ମାତ୍ର ପ୍ରଭେଦ କେଉଁଠି ?

ଉ- ଏଗୁଡ଼ାକ Sheds of difference, ଏଇଠି ବଡ଼ କଥା ହେଉଛି କ କଣସମର ହାସ୍ୟରସ ? ବ୍ୟଙ୍ଗ ବିଦ୍ରୂପ ଭିତରେ ପ୍ରଭେଦଟା ଖାଲି Sheds of difference, ଖାଲି ଟିକଏ ଟିକଏ । ଗୋଟାଏ ହେଉଛି Open whole hearted 'ହେ', 'ହୋ', ସେଇଟାକ ସେକ୍ସପିଅରଙ୍କ ଇଂରାଜୀ ସାହିତ୍ୟରେ ଠିକ୍ ହାସ୍ୟରସ ପଦବାଚ୍ୟ ନୁହେଁ । ରାମଚନ୍ଦ୍ର ଫେରି ଆସିବା ପରେ କୌଶଲ୍ୟାଙ୍କ ଆଖିରୁ ଯେଉଁ ଲୁହ ଝରିଲା; ତାହା ଗୋଟାଏ 'ଆନନ୍ଦର' ଆଉ ଗୋଟାଏ 'ଶୋକର' ।

ପ୍ର- ଶୈଳୀର ପରୀକ୍ଷା ନିରୀକ୍ଷା ଚାଲିଥିବା ବେଳେ ଆପଣ କାହାଣୀଧର୍ମୀ ଗଳ୍ପ କାହିଁକି ଲେଖୁଛନ୍ତି ?

ଉ- ଯେଉଁମାନେ ଇଂରାଜୀ ଗଳ୍ପ ପଢ଼ିବେ ସେମାନେ ଉପଲବ୍ଧି କରି ପାରିବେ ଏକଥା O, Henry, Sakiଙ୍କ ଗଳ୍ପ ପଢ଼ିଲେ । ଇଜିମ୍ଟା ଗୋଟିଏ ଫେଚକାମି । ଆପଣ ଗୋଟାଏ Basantaism କରନ୍ତୁ ନା ।

ପ୍ର- ଆପଣ କ'ଣ ପରି ଗୋଟାଏ ବାସନ୍ତୀ ରମ୍ୟରଚନାମାଳା କରୁଛନ୍ତି ?

ଉ- ମୋ ଲେଖାରେ ବାସନ୍ତୀ ଅଛି, ସେଇ ଚରିତ୍ରରୁ ଏହି ରମ୍ୟରଚନାମାଳାର ନାମକରଣ । ବାସନ୍ତୀ ମୋର ସ୍ତ୍ରୀ ନୁହେଁ କି ଆଉ କାହାର ସ୍ତ୍ରୀ ମଧ୍ୟ ନୁହେଁ ।

ପ୍ର- ମାନବେତର ଚରିତ୍ର କୁଆ, ନେଉଳ, କୁକୁର, ଛେଳି ପୁଣି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଘି, ଗୁଡ଼ଖିଆ ଆଦିକୁ ନେଇ ଆପଣ ଗଳ୍ପ ଲେଖନ୍ତି କାହିଁକି ?

ଉ- ମୁଁ ସେସବୁ ଭିତରେ ଦେଖିଛି, 'କାମରେ ଧାଉଁଛି ଯେ ଅନଙ୍ଗ ବାଣ, ଚେତନ ଅଚେତନ ତାର ସମାନ ।' ପ୍ରେମରେ ଯିଏ ମଜ୍ଜି ଯାଇଛି ସେ ଚେତନ ଅଚେତନର ତଫାତ୍ ଜାଣି ପାରିବନି । କାମରେ ମଜ୍ଜି ଯାଇଛି ମାନେ loveରେ ପଡ଼ି ଯାଇଛି ! ଅର୍ଥାତ୍ ଜଡ଼ଜଡ଼ ଭାବରେ ଭଲ ପାଇ ବସିଛି । ବ୍ଲାକ (କୁକୁର) ବିଷୟରେ ଯେଉଁ ଲେଖିଛି ତାର ସ୍ନେହରେ ଏତେ ମଜ୍ଜି ଯାଇଛି ଯେ, ତାରି ସମ୍ପର୍କରେ ଲେଖିଛି । ଗୋଟାଏ ଜାଗାକୁ ମୁଁ ଏତେ ନିଖୁଣ ଓ ସୁନ୍ଦର ଭାବରେ ଚର୍ଚ୍ଚିତ କରି ପାରିବି କାହିଁ, ସେମିତି ତାକୁ କରି ପାରିଛି । ଗଛଗୁଡ଼ିକର ଜୀବନ ଅଛି, ଲତାମାନଙ୍କର ଜୀବନ ଅଛି, ତାକୁ ଖଣ୍ଡି ଦେଲେ କି ଝୁଣ୍ଟି ଦେଲେ ରସ ବାହାରୁଛି ଅର୍ଥାତ୍ ସେମାନେ କାନ୍ଦ

Digitized by srujanika@gmail.com

ପକାଉଛନ୍ତି । ଏତକ ନହେଲେ ଯଥାର୍ଥ ଉପଲବ୍ଧି ହେବନାହିଁ । ଏଥିପାଇଁ ଜଗନ୍ନାଥ ଚନ୍ଦ୍ର ବୋଷଙ୍କ ପାଖକୁ ଯିବା ଦରକାର ନାହିଁ ।

ପ୍ର- ଆପଣ ତ ଅଣାଅଶୀଟି ବସନ୍ତ ଅନୁଭବ କରିସାରିଲେଣି, ଅନୁଭୂତି ବହୁତ ଗଭୀର ଆପଣଙ୍କର । ସେତକ ବସନ୍ତର କଥା କହି ବସିଲେ ପୁଣି ଅଣାଅଶୀଟି ବସନ୍ତ ହୁଏତ ଲାଗିଯିବ, ଅଳ୍ପ କେତୋଟି କଥାରେ ଆପଣଙ୍କ ଅନୁଭୂତି କୁହନ୍ତୁ ।

ଉ- ଯେଉଁଲୋକ କବି ବା ଲେଖକ ହେବ ତାର ଯୋଡ଼ାଏ କଥା ରହିବା ନିହାତି ଦରକାର; He must have eyes to see and ears to hear. ଅଖିଟା ମୋନାଲିସାର ହସରେ କ'ଣ ଅଛି, ସେଇଟା ସେହି ଆଖି ଦେଖିଛି, ଫଳରେ ସେ ପୃଥିବୀକୁ ଚମତ୍କୃତ କରି ଦେଇଛି । ଆଖିଟା trend ହୋଇଥିବା ଦରକାର । ସେଥିପାଇଁ ପ୍ରସ୍ତୁତି ଦରକାର ।

ମୁଁ ଲେଖିଲି, କେତେଗୁଡ଼ାଏ ଜିନିଷ ମୋତେ ଭଲ ଲାଗିଲା ନାହିଁ । ଲୋକମାନଙ୍କର ଆଗ୍ରହ ବ୍ୟବହାର ଖୁବ୍ ଖରାପକରି ବୋଧ ହେଲା । ଉଦାହରଣ ସ୍ୱରୂପ ମୁଁ Hypoc-racy ଭଲପାଏ ନାହିଁ, Vanity ଭଲପାଏ ନାହିଁ ବା ଦେଶ୍ରୀଲୋକ ବା ଫୁଟାଣି ଭଲପାଏ ନାହିଁ । ମୁଁ ଯେ ଖୁବ୍ ପବିତ୍ର ଲୋକ ସେ କଥା ନୁହେଁ । Moralist ନୁହେଁ, ତାହାକୁ କେବେ Moral Lesson ଦିଏ ନାହିଁ । Moral Lesson ଯେମିତି କିଏ ଦେବାପାଇଁ ବାହାରିଲା, ଗଳ୍ପ ହେଉ କି ଅନ୍ୟ କିଛି ଲେଖା ହେଉ ସେଇ ଲେଖାଟା ସାହିତ୍ୟ ପଦବାଚ୍ୟ ହେବାରେ ଅସୁବିଧା ରହିଗଲା ବୋଲି ମୁଁ ଭାବେ । ସୁତରାଂ ସେ ପ୍ରଶ୍ନ ନାହିଁ । କିନ୍ତୁ ମୋତେ ଉପରେ କହିଥିବା ତିନୋଟି କଥା ଭଲଲାଗେ ନାହିଁ । ମାନବ ଜାତିକୁ ମଣିଷ ହୋଇ ବଞ୍ଚି ରହିବାକୁ ହେଲେ ଏହି ତିନୋଟିକୁ ପରିହାର କରିବା ଉଚିତ । ଏଗୁଡ଼ିକ ଆମକୁ ଅମଣିଷ କରିଦିଏ । ମୋର ବୋଲି ନୁହେଁ, ଏହାହିଁ ପ୍ରତ୍ୟେକ ମଣିଷପଦବାଚ୍ୟ ବ୍ୟକ୍ତିର ଉପଲବ୍ଧି । ସାହିତ୍ୟିକମାନେ ଏଇ ତିନୋଟି ଉପରେ ହିଁ ଗୁରୁତ୍ୱ ଆରୋପ କରୁଛନ୍ତି । ମାନବିକତା ମୋର ଧର୍ମ । ମାନବ ଜାତିକୁ ମୁଁ ସେହିଭଳି ଦେଖିବି ଓ ଚାହିଁବି ଯେ ସେମାନେ ମଣିଷ ହୋଇ ରହନ୍ତୁ, ପଶୁ ଅଡ଼କୁ ନ ଯାଆନ୍ତୁ । ବରଞ୍ଚ କୁକୁରକୁ ଭଲପାଏ କାରଣ ସେମାନଙ୍କ ଠାରେ ମୁଁ ଦେବତ୍ୱ ଉପଲବ୍ଧି କରେ । ମୁଁ ଭାବେ ମଣିଷଠାରୁ ଏଇ ଜୀବଜନ୍ତୁମାନେ ଭଲ । ଯିଏ ଯାହା ଭାବୁ ପଛେ ଏହାହିଁ ଜଣେ ସାଧାରଣ ମଣିଷର ଉପଲବ୍ଧି ।

ପ୍ର- ଆପଣ ଯଦି ଏ ପ୍ରକାର ଆଦର୍ଶର ପୂଜକ ହେବେ ତା'ହେଲେ ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ କିଛି ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିବ ।

Digitized by srujanika@gmail.com

ଉ- ଆପଣଙ୍କର ଯେତେ ଧର୍ମାତ୍ମା ପୂର୍ବକାଳରେ ଥିଲେ, ଏବେ ବି ଯେଉଁ ସବୁ ବାହାରୁଛନ୍ତି ଧର୍ମ ବିଷୟରେ କହୁଛନ୍ତି, ମୁଁ ଯେତେ କହି ପାରିବିନି, କେବେ ଜଗନ୍ନାଥ, ଲିଙ୍ଗରାଜ ଆଦି ଘରରେ ଧର୍ମ ରହୁ, ତାଙ୍କୁ ନ ଛୁଉଁ । ତାଙ୍କୁ ଛାଡି ଯେଉଁମାନେ ଧର୍ମ ବୋଲି କହୁଛନ୍ତି ପ୍ରକୃତରେ ତାହା ଧର୍ମ ନୁହେଁ । ଲୋକଙ୍କୁ ଠେଲିଚାଲିଛନ୍ତି, ମାରୁଛନ୍ତି ଧର୍ମ ଲାଗି, ସେମାନଙ୍କୁ ଧର୍ମାତ୍ମା କହିବାଟା ଠିକ୍ ହେବ ନାହିଁ । କେତେ ପ୍ରକାରର ଲୋକ ଅଛନ୍ତି । ଦାନ ଦେଇଦେଲେ କ'ଣ ଦାମୀ ? ଦଶହଜାର ଟଙ୍କାର ପୁରସ୍କାର ପାଇଲେ ବୋଲି ଆପଣ ଜଣେ ସାହିତ୍ୟିକ ? ଭୁଲ ଧାରଣା ହେଉଛି । ସତ ଦଶହଜାର ଟଙ୍କା ପୁରସ୍କାର ଦିଆଗଲା ଜନ୍ମମାନଙ୍କ କାର୍ଯ୍ୟକ୍ରମ ପାଇଁ ? ଭିକାରୀମାନଙ୍କୁ ଯେଉଁମାନେ ମୁଠାଏ ମୁଠାଏ ଦିଅନ୍ତି, ଆପଣ ଦେଇପାରନ୍ତି ନାହିଁ । ସିଏ ଦିଅନ୍ତି କେତେ କେତେ ଗାଉଁଲି ଦିଅନ୍ତି ଦେଖିଥିବେ । ଏଠାରେ ଲୁଗା ବାଣ୍ଟି କରି କେତେ କେତେ ଟଙ୍କା ଲାଭ କରୁଥିବା ଲୋକ ଗୁଡ଼ିଏ ଏଡିକ ଲେଖାଏଁ ଦେବାଟା 'ଗୋରୁମାରି ଜୋତା ଦାନ' ସହ ସମାନ । ଏସବୁ ଭଣ୍ଡାମି ।

ପ୍ର- ବର୍ତ୍ତମାନ ଯିବା ଆପଣ ଭଣ୍ଡାମି, ମିଥ୍ୟାଚାର ଦେଖୁଛନ୍ତି , ଆଗରୁ କ'ଣ ଏସବୁ ନଥିଲା ?

ଉ- ହଁ ସମସ୍ତ ଥିଲା ଯେତେବେଳେ ଏସବୁ ନଥିଲା । ରେଭେନ୍ସା କଲେଜରେ ଯେଉଁ ଛ' ବର୍ଷ ମୁଁ ପଢ଼ିଥିଲି ତା ତା ପୂର୍ବରୁ ଯେତେବର୍ଷ ହାଇସ୍କୁଲରେ ପଢ଼ିଥିଲି, ସେତେବେଳେ ସେମିତିକା ସମସ୍ତ ଥିବାର ମୁଁ ଅନୁଭବ କରିନାହିଁ । ମୋ ଆତ୍ମଜୀବନୀ ଛାପୁଥିବା ପ୍ରକାଶକ ଜଣକ କହିଲେ ଆପଣଙ୍କ ସେବନଗୃହଙ୍କର ଜୀବନ କଥାରେ ରାଜନୀତି ପଶୁ ନାହିଁ କାହିଁକି ? ମୁଁ କହିଥିଲି—ମୁଁ ତ ଦେଖି ନଥିଲି । ତା'ର କାଇଦା ବା ଫାଇଦା ଜାଣି ନଥିଲି । ଏବେ ଜଳଜଳ ଦିଶୁଛି । ରାଜନୀତି କହିଲେ ବି ବୁଝୁଛି । ଇନ୍‌କିଲାବ କହିଲେ ବି ବୁଝୁଛି । ସ' ଯଦାଟା ଯୁଦ୍ଧ ବି ଦେଖିଲିଣି ।

ପ୍ର- ଭାରତୀୟ ସଂସ୍କୃତି ହେଲା ପ୍ରେମର ଭଲପାଇବାର ସଂସ୍କୃତି; ଏଠାରେ ଭୌତିକତା-ବାଦ ପଶିଲା କେମିତି ?

ଉ- ପ୍ରକୃତରେ ଆମ ସଂସ୍କୃତି ହେଲା ; 'Plain living and high thinking.' କିନ୍ତୁ ବାହାରର ସଭ୍ୟତା ଆମକୁ ଭୌତିକତାବାଦ ଆଡ଼କୁ ଟାଣିନେଲା, ବିଶେଷ କରି ବ୍ରିଟିଶ ସଭ୍ୟତା । ବ୍ରିଟିଶ ସଭ୍ୟତା ତ ଆମକୁ ଏକାଦିନକେ ଖାଇ ଦେଇଛି— ଟିକିଏ ଟିକିଏ, ଅମୁକ ସମୁକ କରି ସବାଶେଷରେ ସ୍ୱେପାଡି ପକାଇ ଦେଇ ଚାଲିଗଲା । ଏଇଟାକୁ ଆମେ ଉପଲବ୍ଧି କଲୁ ବହୁତ ଡେରିରେ । ମହାତ୍ମାଗାନ୍ଧୀଙ୍କ ଆବିର୍ଭାବ ପରେ । ସାଧାରଣ କଥା—ଲୁଣ । ତା' ଉପରେ ଟିକସ ବସାଇ ଦେଲେ

Digitized by srujanika@gmail.com

ଆମେ କିଛି କରି ପାରିଲୁନି । ବନ୍ଧୁକ ମୁନକୁ ଡରିଗଲୁ । ମହାତ୍ମାଗାନ୍ଧିଙ୍କ ଭଳି-ମହାତ୍ମାମାନଙ୍କ ଦ୍ୱାରାହିଁ ସେସବୁର ପ୍ରତିରୋଧ କରାଗଲା ।

ପ୍ର- ଆମେ କ'ଣ ଏମିତି ତଳକୁ ତଳକୁ ଖସିଯିବୁ ? ଯେମିତି ବୁଢ଼ାଗଲା ଲୋକର ଗୋଡ଼ ତଳକୁ ତଳକୁ କହନ୍ତି ?

ଉ- ହଁ, ସେଇଥିହିଁ ମୋର ଦୃଢ଼ମୂଳ ଧାରଣା । ଆପଣ ଯାହା କହନ୍ତୁ ନା କାହିଁକି ଏ ଦେଶ, ଏ ଜାତି ରସାତଳକୁ ଯାଉଛି । ଆପଣ ନିଜେ ଭାବନ୍ତୁ କ'ଣ ହେଉଛି ? କ୍ରମେ ଉନ୍ନତି କରିବା ଠା—ଅଧୋଗତି ହେଉଛି । ସାହିତ୍ୟର ଏତେ ଅବନତି ହେବାର କାରଣ କ'ଣ ? କାହିଁ, କେଉଁଠି ତ ଆମେ କହନ୍ତୁ ଲେଖାଟା ବଢ଼ିଆ ହୋଇଛି । ଏ ପ୍ରକାର କଥାବାର୍ତ୍ତା ତ ହୁଅନ୍ତୁ । ଆମେ ପିଲାବେଳେ କହୁଥିଲୁ ବଢ଼ିଆ କବିତାଟା ହୋଇଛି । ଯେତେବେଳେ ମାୟାଧର ମାନସିଂହଙ୍କର କବିତା ବାହାରେ ଯେମିତି—

'ନୂଆବହୂ ଯାଏ ପାଣିକି
ବାଟର ବାଟୋଇ ଚାହିଁ ରହୁଥାଏ
କଳସୀ ନ'ଆଣ ଠାଣିକି ।'

ଏସବୁ ପଢ଼ି ଆମେ ବାସ୍ତା ହୋଇ ଯାଉ । ମୁଖସ୍ଥ ତ ମୋର ଅଛି ଏମିତିକା କବିତା ଶହ ଶହ ଧାଡ଼ି, ହଜାର ହଜାର ଧାଡ଼ି ଯାହା ବର୍ତ୍ତମାନ ମୁଁ ଗାଇପିବ । କାହିଁ, କେତୋଟି ଆଧୁନିକ କବିତାର ଧାଡ଼ି ପାଠକମାନଙ୍କର ମୁଖସ୍ଥ ରହୁଛି କହନ୍ତୁ ତ ? ଆମେ ସେଗୁଡ଼ିକୁ ଭଲପାଉଥିଲୁ । ମନରେ ଭେଦୁଥିଲା । ସେସବୁ ଏବେ ନାହିଁ ।

ପ୍ର- ଯେତେ ପରିବର୍ତ୍ତନ ସବୁ ହୋଇଛି ସବୁ ପରିବର୍ତ୍ତନଗୁଡ଼ିକ କ'ଣ ଏସ୍ୱପ ?

ଉ- ଏଇଟା ଗୋଟାଏ କଠିନ ପ୍ରଶ୍ନ । ତେବେ ଯେଉଁ ପରିବର୍ତ୍ତନ ସବୁ ହେଉଛି ଏଥିରେ ବ୍ୟକ୍ତିବିଶେଷ ହିଁ ଏତ ଉପକୃତ ହେଉଛନ୍ତି । ଯେତେ ଯେତେ ଯୋଜନା ଗାମ୍ଭୀକ ଉନ୍ନତି ଲକ୍ଷ୍ୟରେ କରାଯାଉଛି ସେଥିରେ ଅସୁବିଧା ପଶିଯାଉଛି । ଆମେ ଦୁର୍ନୀତିକୁ ଯେତେ ହଟେଇବା ପାଇଁ ଚେଷ୍ଟା କରୁଛୁ ତାହା ସମ୍ଭବ ହେଉନାହିଁ । ପଢ଼ାବଢ଼ା ଦେଖନ୍ତୁ, ମ୍ୟାରେଜ ଦେଖନ୍ତୁ, ପାଣି ଦେଖନ୍ତୁ, ପବନ ଦେଖନ୍ତୁ ସବୁଠି ସେହି ଏକା କଥା । ସେଇଥି ପାଇଁ ଭବିଷ୍ୟତରେ ଯେ ଦୁନିଆ ... ଉଠିବ ଓ ପୁଣି

Digitized by srujanika@gmail.com

ସମଗ୍ରିକ୍ୟ ପ୍ରତିଷ୍ଠା ହେବ ଏଥିର ସମ୍ଭାବନା ମୁଁ ଦେଖୁନାହିଁ । Miltonଙ୍କ Paradise Lostର Miltonic fallରେ ଆମେ ପଡ଼ିଯାଇଛୁ ।

ପ୍ର- Paradise regained ହୋଇ ପାରିବନି ?

ଉ- ମୋର ଭରସା ନାହିଁ । ଏହା ବରଂ Doubly Lost ହେବ regainedର କୌଣସି ସୂଚନା ନାହିଁ । କୌଣସି ଠାରେ ଆଲୋକର ଧାରଟିଏ ବି ମୋତେ ଦେଖାଯାଉ ନାହିଁ । ମେଘଭରା ଆକାଶରେ ଯେ ବିଜୁଳିର ଆଲୋକ ଥାଏ ସେମିତି ବି କିଛି ମୁଁ ଦେଖିପାରୁ ନାହିଁ । ଯେଉଁମାନେ ସମାଜ ଚଳାଉଛନ୍ତି ସେମାନେ ଯଦି ସବୁବେଳେ ଖରାପ ଆଡ଼କୁ ଚାଲିବେ, ସତଟାକୁ ମିଛ କହିବେ, ମିଛଟାକୁ ସତ କହିବେ, ଏଇ ପ୍ରକାର ଯଦି ଚାଲିବ ତେବେ ଏ ଉନ୍ନତି କାହାର ହେବ ?

ପ୍ର- ଯଦି କେହି ଅବତାରୀ ପୁରୁଷଙ୍କର ଆବିର୍ଭାବ ଘଟେ ?

ଉ- କେଜାଣି ସେ ଯଦି ଗୀତ ଗାଇ, ନାଚ କ'ଣ କରିବେ । ସେହି ଧାରା ବା ଆଦର୍ଶ ଯଦି ଲୋକଙ୍କୁ ପ୍ରଭାବିତ କରିପାରିବ, ତା'ହେଲେ କ'ଣ ହେବ । ନ ହେଲେ ଏଇ ଯେ ନାଚ ଗୀତ ଚାଲିଛି ଏଥିରେ କିଛି ହେବାର ସମ୍ଭାବନା ନାହିଁ ।

ପ୍ର- ଆପଣଙ୍କ ସାହିତ୍ୟରେ ଏପରି ନିରାଶାବାଦର ସ୍ୱର ତ ସ୍ପଷ୍ଟ ନୁହେଁ ?

ଉ- ଅଛି, ସେସବୁ ଭିତରେ ରହିଛି ; ଯାହା ଫଳରେ କ୍ରନ୍ଦନଟାର ସ୍ୱର ହଠାତ୍ ବାରି ହେଉନାହିଁ । ନିଜେ ଆପଣ ଦେଖୁଥିବେ ମୁଁ ଆପଣମାନଙ୍କୁ ହସାଉଛି । ଆପଣ ଭାବୁଥିବେ ବସନ୍ତବାବୁ ତ ବେଶ୍ ଖୁସିବାସିଆ ଲୋକ, ଏକଦମ୍ ଖାଲି କୁମାର ହୋଇ ରହି ଯାଇଛନ୍ତି । କିନ୍ତୁ ତା' ଭିତରଟା ଯେ କି ଜଳଣରେ ଭରି ରହିଛି ସେଇଟା କିଏ ଜାଣିପାରିବ ? କେହି ଲୋକ କହିପାରିବ ଯେ, ବସନ୍ତ କୁମାର ଶତପଥୀ ଅଧା ବୟସରେ ତା ସ୍ତ୍ରୀକୁ ହରାଇଛି ; ତା'ର ଅତ୍ୟନ୍ତ ଆପଣାର ମଣିଷଟିକୁ ? କେହି ବିଶ୍ୱାସ କରିପାରିବ ଯେ ମୁଁ ଗୋଟାଏ ଅଠରବର୍ଷର ମା'ଛେଉଣ୍ଡ ଛୁଆକୁ ପାଳି ପାରିଲି ନାହିଁ, ସେ ପାଣିରେ ବୁଡ଼ି ମରିଯାଇଛି ? ଏଗୁଡ଼ାକ ନିହାତି ଅବିଶ୍ୱାସ୍ୟ ବୋଧ ହେଉଥିଲେ ବି ସତ୍ୟ ।

ପ୍ର- ଆପଣ ପୁରୁଷକାରରେ ବିଶ୍ୱାସ କରନ୍ତି ନା ବେଶୀ ଭାଗ୍ୟ ଭଗବାନରେ ?

ଉ- ପୂର୍ବପୁରୁଷମାନେ ତା'ର ଜବାବ ଦେଇଛନ୍ତି; 'ଭାଗ୍ୟଂ ଫଳତି ସର୍ବତ୍ର, ନ ଚ ବିଦ୍ୟା, ନ ଚ ପୌରୁଷ ।' ତେବେ ଭାଗ୍ୟ ଉପରେ ମୁଁ ସେତେ ଆସ୍ଥାବାନ୍ ନୁହେଁ ।

Digitized by srujanika@gmail.com

ପ୍ର- ଆମ ଭାରତୀୟମାନେ ସାଧାରଣତଃ ଭାଗ୍ୟ-ଭଗବାନ ଉପରେ ଅତ୍ୟଧିକ ଆସ୍ଥା ରଖି-ଥିବାରୁ ଯେମିତି ସମସ୍ୟାଗୁଡ଼ିକର ମୁକାବିଲା କରିପାରିବା କଥା କରିପାରୁ ନାହାନ୍ତି କି ?

ଉ- ସେ ବିଷୟରେ ଭ୍ରମଧାରଣା ରହିଛି । କିଛି ଲୋକଙ୍କର କିଛି ନାହିଁ । ସାନ୍ତାଳମାନେ ଶାଳଗଛକୁ ପୂଜା କରୁଛନ୍ତି । ଆମେ ସବୁ ଧର୍ମଧାରଣାକୁ ଏକ କରିପାରିଲୁ ନାହିଁ, କିଏ ହାଣ୍ଡିବାଡ଼ିକୁ ପୂଜା କରୁଛି ତ କିଏ ମଣିଷକୁ ପୂଜା କରୁଛି । କିନ୍ତୁ ମୁଁ ମଣିଷକୁ ଫୁଲଚନ୍ଦନ ଦେଇ ପୂଜା କରିବାକୁ ପସନ୍ଦ କରେ ନାହିଁ । କାରଣ ମଣିଷ ଅସମ୍ପୂର୍ଣ୍ଣ । ତାକୁ କାହିଁକି ଏମିତି କରିବ ? ଲୋକଗୁଡ଼ାକ ବାଇଆ ହୁଅନ୍ତି । ବାପମାଙ୍କୁ ଗ୍ରାମ ବାଟରେ ଜଟାକୁଟଧାରୀଙ୍କୁ ଦେଖି ପୂଜା କରିବେ ସେଇଟା ମୋତେ ଭଲ ଲାଗେ ନାହିଁ । ନାମଦାମ ଗ୍ରାମ ଧର୍ମଧ୍ୱଜା ଧରି ଶୋଭାଯାତ୍ରାରେ ବାହାରିବାକୁ ମୁଁ ପସନ୍ଦ କରେନାହିଁ । କିଛି ସମୟ ପାଇଁ ଖୋଳ କରତାଳ ଧରି 'ହରେକୃଷ୍ଣ ହରେରାମ' କରାଯାଇପାରେ ; କିନ୍ତୁ ମାତ୍ରାଧିକର ଅର୍ଥ କିଛି ନାହିଁ । ଏସବୁ ହୁଏତ ମନର ଶାନ୍ତି ପାଇଁ କିଛି ଲୋକ ନିଜର ସ୍ୱାର୍ଥସାଧନ ପାଇଁ ନିଜର ପ୍ରତିଷ୍ଠା ପାଇଁ ବେଶୀ କରାଯାଉଛି ।

ପ୍ର- ଆପଣଙ୍କର ବୋଧହୁଏ ଜଗନ୍ନାଥଙ୍କ ଠାରେ ଅଟଳ ବିଶ୍ୱାସ । ଲୋକେ ତ ଜଗନ୍ନାଥଙ୍କୁ କେତେ ଭାବରେ ବଡ଼ କହୁଛନ୍ତି ; କିନ୍ତୁ ଆପଣ ବୋଧହୁଏ ପ୍ରଥମେ ତାଙ୍କୁ ବଡ଼ଯୋଗୀ ବୋଲି କହୁଛନ୍ତି ?

ଉ- ଏଇଟା ଆଉ ଗୋଟିଏ ମଜା କଥା । ତିରିଶ ବର୍ଷକାଳ ମୁଁ ଏବଂ ମୋର ସ୍ତ୍ରୀ ଉଭୟ ମିଶି ମହାଦେବ-ପାର୍ବତୀଙ୍କୁ ପୂଜା କରୁଥିଲୁ । ଯେମିତି କାଳିଦାସ ଲେଖିଛନ୍ତି ପାର୍ବତୀ-ପରମେଶ୍ୱର ଠିକ୍ ସେହି ରୂପେ । କେତେଆଡ଼ୁ କେତେ ଫଟୋ ତାଙ୍କର ଆଣିଥିଲି । ଏବେ ବି ସେଥିରୁ ଗୋଟାଏ ଅଛି ଯୁଗଳ ମୂର୍ତ୍ତିର ଛବିଟାଏ, ଯାହାକୁ ବାପାମାଙ୍କ ମନା ନମାନି ମୁଁ ଘରେ ରଖିଥିଲି । କିନ୍ତୁ ଏମିତି ଦିନ ଆସିଲା ଯାହାଫଳରେ ମୋର ଉପଲବ୍ଧି ହେଲା ମହାଦେବ ହେଉଛନ୍ତି ଭାରି ବିପ-ଜ୍ଜନକ ଠାକୁର । ତାଙ୍କୁ ପାରିବା ସହଜ ନୁହେଁ । ଗଞ୍ଜେଇ, ଧୁତୁରା, ମଶାଣି ଅମୁକ ସମୁକ ଭିତରେ ଯିଏ ଘୂରି ବୁଲୁଛନ୍ତି ତାଙ୍କୁ ସନ୍ତୁଷ୍ଟ କରିହେବ ନାହିଁ । କି ଜିନିଷ ତାଙ୍କୁ ଦେବ ? ତାଙ୍କୁ ଲକ୍ଷ ଦେଇ ହେବନି । ମହାଦେବ ଲକ୍ଷରୁ ଊର୍ଦ୍ଧ୍ୱରେ । ଆମେ ବୋଧହୁଏ ତାଙ୍କୁ ଯେତିକି ଯାହା ଦବା କଥା ଦେଇ ପାରିଲୁନି । ଫଳରେ ମୋ ସ୍ତ୍ରୀକୁ ଗୋଟିଏ ଶିବ-ସନ୍ଧି ଦିନ ସେ ନେଇଗଲେ । ଝିଅଟାକୁ ବି କିଛି ବର୍ଷ ପରେ ସେଇ ଶିବସନ୍ଧି ଦିନ ନେଇଗଲେ । ତା'ପରେ ଏଗାର ବର୍ଷକାଳ ମୁଁ ଭଗବାନ

Digitized by srujanika@gmail.com

ମାନ ନାହିଁ, ଈଶ୍ୱର ବିଶ୍ୱାସ କଣନାହିଁ । ସେହି ସମସ୍ତରେ ବହୁତ ଗପରେ ସେମାନଙ୍କୁ ଶୋଧାଶୋଧି କରିଛି । କିନ୍ତୁ ପରେ ଉପଲବ୍ଧି କଲି ଯେ, ବିନା ଅନ୍ଧ୍ରର ଲତା ଦାଣ୍ଡି ନ ପାରିବା ଭଳି ଈଶ୍ୱର ବିଶ୍ୱାସ ବିନା, କୌଣସି ଅବଲମ୍ବନ ବିନା ମଣିଷର ଜୀବନ ଦୁର୍ବିସହ ହୋଇ ଯିବ । ଖୁବ୍ ଦୁଃଖ ଯେତେବେଳେ ଆସେ ସେତେବେଳେ କାହାକୁ ଡାକିବ—କାହାନ୍ତି ବାପା ? କାହାନ୍ତି ମା ? ମହାରାଜା ପ୍ରତାପ ଚନ୍ଦ୍ର ଦେବ ଯେତେବେଳେ ମୃତ୍ୟୁଶଯ୍ୟାରେ ପଡ଼ିଥିଲେ ସେତେବେଳେ ତାଙ୍କ ପାଖରେ ମୁଁ ଠିଆ ହୋଇଥିଲି । ସେ 'ମା' 'ବାପା' ଏମିତି ଡାକ ପକାଉଥିଲେ । ସେତିକିବେଳେ ମୋର ଉପଲବ୍ଧି ହୋଇଥିଲା 'ତ୍ୱମେବ ମାତାଚ, ପିତା ତ୍ୱମେବ' । ସେଇଠାରୁ ଈଶ୍ୱର ଜଣେ ଆରାଧନା ପାଇଁ ଦରକାର ବୋଲି ସ୍ଥିର କଲି । ଶେଷରେ ଠିକ୍ କଲି ଜଗନ୍ନାଥଙ୍କ ଠାରୁ ବଳି ଅଣାକାର କିଛି ନାହିଁ । କୌତୁକ ସଂସ୍ଥା । ନାଚେ ତ ନାଚ, ହସିବ ତ ହସ । ତାଙ୍କୁଇ ଧରି ବସିଲି—ଢେର ହୋଇଗଲା ଆଉ ନୁହେଁ, ଭଗବାନ ମିଳିଗଲେ । ତଥାପି ବାପାର ଛବିଟିଏ, ମାର ଛବିଟିଏ, ସ୍ତ୍ରୀର ଛବିଟିଏ ରଖିଛି । ମଣିଷ, ଠାକୁର ଉଭୟଙ୍କୁ ପୂଜାକରେ ।

ପ୍ର- ଆପଣଙ୍କ ଗଳ୍ପରେ ରହିଛି ଯେ ଦୈବୀସାନ୍ନିଧ୍ୟ ଅପାଠୁଆ ସରଳ ବିଶ୍ୱାସୀ ଲୋକମାନଙ୍କର ହେଉଛି ; କିନ୍ତୁ ଶିକ୍ଷିତ ଲୋକମାନଙ୍କର ହୋଇ ପାରୁ ନାହିଁ । ଏପରି ହେବାର କାରଣ କଣ ?

ଉ- ଏମିତିକା ହେବ । କାରଣ ଗୋଟାଏ ପ୍ରକୃତ ଉପଲବ୍ଧି ଆଉ ଗୋଟିଏ କୃତ୍ରିମ ବା ଦେଖାଣିଆ । ସାନ୍ୟାଲର ଉପଲବ୍ଧି ପ୍ରକୃତ । ଆମେ ଯେଉଁଟା ଦେଖାଉଛୁ ସେଇଟା ଦେଖାଣିଆ ।

ପ୍ର- ଏଇ ଯେଉଁ ଉପଲବ୍ଧି କଥା ଆପଣ କହୁଛନ୍ତି ପ୍ରକୃତରେ ଏହି ଉପଲବ୍ଧି କାହାର, ସେଇ ଚରିତ୍ରର ନା ଚରିତ୍ର ମାଧ୍ୟମରେ ଲେଖକର, ଯିଏକି ଏଇ ଶିକ୍ଷିତ ସଭ୍ୟଜଗତର ପ୍ରତିନିଧି ?

ଉ- ଏହା ବ୍ୟଙ୍ଗର ପ୍ରଥମ ସୋପାନ । ନିଜକୁ ହିଁ ଏଠି ବ୍ୟଙ୍ଗ କରାଯାଇଛି । ପାଠକ ବୁଝନ୍ତି । ମାନେ ବହୁବାଳି ମୋତେ ଗୋଟାଏ ଭକ୍ତର ବୁଝିଛନ୍ତି । ସେମାନେ ପାଠ୍ୟପୁସ୍ତକରେ ସ୍ଥାନ ପାଇଥିବା 'ତେଜ ମିଶନ' ଗଳ୍ପ ଉପରେ ଆଲୋଚନା କରିବାକୁ ଯାଇ ଲେଖିଛନ୍ତି ଯେ, ଅଧ୍ୟାପକ ବସନ୍ତ କୁମାର ଶତପଥୀ ଜଣେ କୃପଣ

Digitized by srujanika@gmail.com

ଦିଅନ୍ତି । ସେ ରିକ୍ସାବାଲାଙ୍କୁ ଯାହା ଭଡ଼ା ବୁଝାଇଥାନ୍ତି ଦିଅନ୍ତି ନାହିଁ । ରିକ୍ସାବାଲାର ପଇସା ନ ଦେଇ ଟ୍ରେନ୍‌ରେ ଚାଲିଯାନ୍ତି ।

ପ୍ର- ପାଠକମାନେ ଆପଣଙ୍କ ସାହିତ୍ୟ ଅଧ୍ୟୟନ କରି ଯେଉଁ ମତାମତ ସବୁ ଦେଉଛନ୍ତି ସେଥିରେ କ'ଣ ଆପଣ ଲକ୍ଷ୍ୟ କରିଛନ୍ତି, ଆପଣଙ୍କ ସାହିତ୍ୟ ସେମାନେ ଠିକ୍ ବୁଝିଛନ୍ତି ବୋଲି ?

ଉ- ଅନେକ ସମୟରେ ବୁଝିଛନ୍ତି । ମୁଁ ସେଥିପାଇଁ ଖୁସି । ଅନେକ ସମୟରେ ମୁଁ ଦେଖେ ଯେଉଁ କଥାଟାକୁ ମୁଁ ଠିକ୍‌କରି ଦେଇଥିଲି ସେଇଟା ସେମିତି ପ୍ରତିଫଳିତ ହେଉଛି । ତା'ର ସ୍ପନ୍ଦନ ଠିକ୍ ଭାବରେ ପାଠକ ଉପଲବ୍ଧି କରୁଛି । ଠିକ୍ ହୃଦୟକୁ ଛୁଇଁବ, ସ୍ପନ୍ଦନ ସୃଷ୍ଟି ହେବ ତାହେଲେ ଯାଇ ଲେଖକ ଓ ପାଠକର ଆତ୍ମା ମିଶିବ ।

ପ୍ର- ପାଠକ ସଂଖ୍ୟା ଓଡ଼ିଆ ସାହିତ୍ୟରେ କମ୍ ବୋଲି ଅଭିଯୋଗ ହୁଏ---ଏଇ କଥାରେ ଆପଣ କ'ଣ ଏକମତ ?

ଉ- ଶ୍ରୋତା ସଂଖ୍ୟା ସେମିତି କମ୍ । ମୁଁ ତ ଅନେକ ବାଜେ କଥା ଗପିଲିଣି ଆପଣ ତ ଶୁଣୁଛନ୍ତି । ତା'ହେଲେ ପାଠକ ସଂଖ୍ୟା କମ୍ ହେବ କାହିଁକି ?

ପ୍ର- ସମାଲୋଚକମାନେ ଆପଣଙ୍କ ଗଳ୍ପର ଯଥାଯଥ ମୂଲ୍ୟାୟନ କରିଛନ୍ତିକି ?

ଉ- ହଁ କରିଛନ୍ତି । ମୁଁ କୃତଜ୍ଞ ଓଡ଼ିଆ ପାଠକମାନଙ୍କ ପାଖରେ, ସମାଲୋଚକମାନଙ୍କ ପାଖରେ । କାହାକୁ ମୁଁ କିଛି କହି ନାହିଁ ଲେଖିବାକୁ; କିନ୍ତୁ ସେମାନେ ଲେଖିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ମୋର ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ବହି 'ଏଣ୍ଟି ରୋମାଣ୍ଟିକ୍' ଗଳ୍ପ ସଙ୍କଳନ କଥା । ବହି ଛପା ହେବା ପରେ ମୁଁ ନେଇ ବାଲେଶ୍ୱରର ହରବନ୍ଧୁ ଶତପଥୀଙ୍କ ଦୋକାନରେ ବିକ୍ରି କରିବା ପାଇଁ ଦେଇଥିଲି କେତୋଟି କପି । ଖବରକାଗଜରେ ବିଜ୍ଞାପନ ଦେଖି ତାଙ୍କ ଦୋକାନକୁ ଯାଇ ଦୁଇ ଖଣ୍ଡ ବହି ଚାହିଁଲି । କିନ୍ତୁ ସେ ସେମିତି ଦେବାକୁ ମନାକଲେ । ମୁଁ ପଇସା ଦେଇ କିଣିଲି ଓ ତାକୁ ବାଛି ସାହିତ୍ୟ ଏକାଡେମୀକୁ ପୋଷ୍ଟରେ ପଠାଇଲି । ପରେ ସେଥିପାଇଁ ପୁରସ୍କାର ପାଇଲି ।

ପ୍ର- ଆପଣଙ୍କର ଆଉ କିଛି ପୁରସ୍କାର ଆଶା ବା ଲୋଭ ଅଛି କି ?

Digitized by srujanika@gmail.com

ଉ- ଲୋଭ ନାହିଁ ; କାରଣ ମୋର ପଇସାତକ ପୁଅମାନେ ନେବେ ନାହିଁ, କହି ସାରିଲେଣି ।

ପ୍ର- ଆପଣ କେତେଘଣ୍ଟା ଶୁଅନ୍ତି ଆଉ କେତେଘଣ୍ଟା ଲେଖାଲେଖି ପାଇଁ ବିନିଯୋଗ କରନ୍ତି ?

ଉ- ମୋର ଇଚ୍ଛା ହେଲେ ଲେଖେ ନ ହେଲେ ଶୋଇପଡ଼େ । ଯେବେ ଯେବେ ଗୋଟାଏ ଗଳ୍ପ ଖୁବ୍ ବେଶୀ ଆକ୍ରାନ୍ତ କରେ ଯାହା ଫଳରେ ମୁଁ ରାତିରେ ଉଠି ଟିକିଏ ଲେଖି ପକାଏ । ନିଦ ହୁଏନି । ରାତି ଗୋଟାଏ ଦୁଇଟା ହେଲେ ନିଦ ଲାଗିଯାଏ । ଟିକିଏ ଉଠି ଲେଖା ଲେଖି କରିଦେଲେ ପୁଣି ନିଦ ଲାଗେ । ରାତି ଜାଗରଣ କରି ଯିଏ ଲେଖା ଲେଖି କରନ୍ତି ସେମାନେ ପର୍ଫେକ୍ସନ ଆଶାରେ ସେମିତି କରନ୍ତି । ବହି ଦୋକାନୀ ବା ପ୍ରକାଶକମାନଙ୍କ କଥା ମୁଁ କହୁନାହିଁ । ଯେତେବେଳେ ତାଙ୍କ ପାଖରେ ପହଞ୍ଚିବେ ସେତେବେଳେ ଗମ୍ଭୀର ହୋଇ କହିବେ `ଟାଟା ଆଣନ୍ତ— ତେୟାନବେ ଟଙ୍କା ଆଠଅଣା । ଲେଖକମାନେ ଘୋର ଅଶ୍ଳୀଳ ଲେଖି, ଗାୟକ ଗାୟିକାମାନେ ଘୋର ଅଶ୍ଳୀଳ ଗୀତ ଗାଇ ଯେତିକି କ୍ଷତି କରୁ ନାହାନ୍ତି ଏହି କଳାପଟାଦଳ ବୋଧହୁଏ ସବୁଠାରୁ ଅଧିକ କ୍ଷତି ସାଧନ କରୁଛନ୍ତି ସାହିତ୍ୟର । ବର୍ତ୍ତମାନ ସାହିତ୍ୟର ସବୁଠାରୁ ବଡ଼ ଶତ୍ରୁ ଏହି କଳାପଟା ଦଳ ଓ ପୁରସ୍କାର ବାଣ୍ଟୁଥିବା ଲୋକ ।

ପ୍ର- ଆପଣଙ୍କ ମତରେ ଆପଣଙ୍କ ଶ୍ରେଷ୍ଠ ଗଳ୍ପ କେଉଁଗୁଡ଼ିକ ଓ କାହିଁକି ?

ଉ- ସାତଟା ପୁଅ ଝିଅଙ୍କ ଭିତରେ ଭଲ ବାଛିବା କଷ୍ଟକର । ତେବେ ବଡ଼ ପୁଅକୁ ଭଲ ଲାଗିଲା ଭଳି ଦ୍ୱିତୀୟ ପର୍ଯ୍ୟାୟର ଲେଖା ଲେଖି ଆରମ୍ଭ କଲାବେଳର ପ୍ରଥମ ଗଳ୍ପ 'କାଣିଚଆଁ' ଶ୍ରେଷ୍ଠ ଗଳ୍ପ ଭିତରୁ ଗୋଟାଏ । ଏତଦ୍ ବ୍ୟତୀତ 'ଓଲ ଛେଲେଟା', 'ସ୍କୁଲ' ହାସ୍ୟରସର ଗଳ୍ପ ଭିତରୁ 'ଶଙ୍କର' ଆଦି ଭଲ ଲାଗେ । ଏଗୁଡ଼ିକ ଭିତରେ ବହୁତ ଅନ୍ତର୍ନିହିତ ସତ୍ୟ ରହିଛି ।

ପ୍ର- ଆପଣଙ୍କ ସାହିତ୍ୟରେ ବର୍ଣ୍ଣନା ବେଶୀ ବୋଲି ବେଳେ ବେଳେ ମତ ପ୍ରକାଶ ପାଇଥାଏ । ଏ ବିଷୟରେ ଆପଣଙ୍କ ମତ କଣ ?

ଉ- ସେଇଟା ଅନେକ ସମୟରେ ସତ । ଆଗରୁ ମୁଁ Full scape କାଗଜରେ ଦଶ ଏଗାର ପୃଷ୍ଠାରେ ଗପ ଶେଷ କରୁଥିଲି । ବର୍ତ୍ତମାନ ମୋର କେତେଗୁଡ଼ିଏ ଗପକୁ

Digitized by srujanika@gmail.com

କବିତାଟା କାଟି ଦେଇ ପାରନ୍ତି, କମାଇ ଦେଇ ପାରନ୍ତି । ଏଗୁଡ଼ାକ ଯେ ମୁଖପାଠ୍ୟ ହେଉନି ଏ କଥା ମୋର ହୃଦୟଙ୍ଗମ ହେଲାଣି ।

ପ୍ର- ଆପଣ କ'ଣ ଶୁଣିବାକୁ ଭଲ ପାଆନ୍ତି ? ଆପଣଙ୍କର ରୁଚି କ'ଣ ?

ଉ- ମୁଁ ଗୀତ ଶୁଣିବାକୁ ଭଲପାଏ । ୮ମ, ୯ମ, ୧୦ମ ଶ୍ରେଣୀରେ ପଢ଼ୁଥିବା ବେଳେ ରାତିରେ ମା'ଘରେ ଡାକରେ ପଣ୍ଡିତ ମୋହନ ଗୋସ୍ୱାମୀ ଗାଏ, ଉପେନ୍ଦ୍ର ଭଞ୍ଜଙ୍କ ଗୀତ ବୋଲେ । 'ଆହା ମୋ ନନ୍ଦ ବୋଲେ ଗୋବିନ୍ଦ', 'କୃଷ୍ଣ ବନା ଶ୍ରବଣେ···' ଏଇ ପଦଗୁଡ଼ିକୁ ମୁଁ ବୋଲୁଥିଲି । ସେଇ ସ୍ମୃତି ବର୍ଷ ଜୀବନଟା ମୋର ରଙ୍ଗୀନ ହୋଇ ଯାଇଥିଲା । ଗୀତନାଟ୍ୟ, ଓଡ଼ିଶୀ ଆଦି ପ୍ରତି ମୋର ଦୁର୍ବଳତା । ବିଳାସ-ବ୍ୟସନ ମୁଁ ବରାବର ଭଲପାଏ । ଆପଣ ଯଦି ଦଶଟଙ୍କିଆ ପାଉଡ଼ର କିଣୁଥିବେ ମୁଁ ପଚାଶଟଙ୍କିଆ କିଣେ । ମୁଁ ଶସ୍ତାର ପାଉଡର ବୋଳି ହେଲେ ବି ଲୋକେ ଭାବିବେ ଯେ ମୁଁ ପାଉଡ଼ର ବୋଳି ହୋଇଛି । ମୁଁ ମିଠା ଜିନିଷ ଭଲପାଏ । ମିଠା ଖାଇ ବରଂ ବହୁମୂତ୍ର ହେଉ ମୁଁ ସହିବ କିନ୍ତୁ ଖଟା ଖାଇ ମୁହଁ କୁଞ୍ଚେଇବାକୁ, ରାଗ ଝାଲ ଖାଇ ସୁ ସୁ ହୋଇ ଧାଁ ଧାଉଡ଼ କରିବାକୁ ମୁଁ ପସନ୍ଦ କରେ ନାହିଁ । ନବରସ ଭିତରେ ମିଠାଟା ମଧୁର ରସ ଓ ସବୁଠୁଁ ଭଲ ।

ପ୍ର- ପୁନର୍ଜନ୍ମ ହେଲେ ଆପଣ କ'ଣ ହୋଇ ଜନ୍ମ ହେବାକୁ ଚାହିଁବେ ?

ଉ- ମୁଁ ଲେଖକ ହୋଇ ଜନ୍ମ ହେବାକୁ ଚାହିଁବି । କାରଣ ମୋତେ ଯିଏ ଠକାନ୍ତୁ, ଯାହା କରନ୍ତୁ ଲେଖକ ନ ହେଲେ ମୋର ଅକୁହା କଥାଗୁଡ଼ାକ କହି ପାରିବିନି । କୀଟ୍‌ସଙ୍କ ଭାଷାରେ କହିଲେ, "ମରଣକୁ ମୁଁ ଡରେ ଏଇଥିପାଇଁ; କାରଣ ମରଣ ମୋତେ ଜୀବନର ଅଧାରୁ ନେଇ ଯିବ, ଫଳରେ ମୋର ଅନେକ କଥା ଅକୁହା ରହିଯିବ । ଆକାଶରେ ମୁଁ ଯେଉଁ ଏତେ ଗପ ସବୁ ଦେଖୁଛି ତାହା ଲେଖି ପାରିବିନି ।" 'On the terror of Death' ଓ ଆଉ ଗୋଟିଏ କବିତାରେ କୀଟ୍‌ସ ଏ କଥା କହିଛନ୍ତି । ଏଇ କବିତା ଦୁଇଟି ପଢ଼ିଲେ ମୁଁ କାନ୍ଦ ପକାଏ ।

ପ୍ର- ଆପଣଙ୍କୁ ଲେଖକ ଭାବରେ ପୁନର୍ଜନ୍ମ ମିଳିଲେ ଆପଣ ଓଡ଼ିଶାରେ ଜନ୍ମହୋଇ ଓଡ଼ିଆରେ ଲେଖିବାକୁ ଚାହିଁବେ କି ?

ଉ- ନିଶ୍ଚୟ ! ଓଡ଼ିଆରେ ଲେଖିଛି, ଓଡ଼ିଆରେ ଲେଖିବି । ମାତୃଭାଷାରେ ଲେଖିବି । ମା' ସାଙ୍ଗରେ କଥା ହେବାବେଳେ 'Mother, mother give me rice'

Digitized by srujanika@gmail.com

ନ କହୁ 'ମା' ମା' ଭାତ ଦେ' କହିଲେ ମା, ଭାତ ଦେବ । ତେଣୁ ଅନ୍ୟ କୌଣସି ଭାଷାଠାରୁ ମାତୃଭାଷାରେ ଲେଖିବାଟା ଅଧିକ ଠିକ୍ ହେବ ।

ପ୍ର- ଆପଣ ଏବେ କ'ଣ ଲେଖିବାକୁ ଯୋଜନା କରିଛନ୍ତି ?

ଉ- ଯାହା ଯୋଜନା କରିଥିଲେ ବି ଲେଖୁ ଅସୁବିଧା ହୋଇଗଲା । 'ମନେ ପଡ଼େ' ବୋଲି 'ନବଲିପି'ରେ ସିରିଏଲ ଲେଖୁଥିଲି । ବାହାରିବା ପରେ ଅନ୍ୟ ଲୋକମାନେ ଭାବିଲେ ଆମେ ତ ଏମିତି ଲେଖି ପାରିବା । ସେମାନେ ଲେଖିଲେ । ଯେହେତୁ ମୋଠାରୁ ସେମାନେ ପଦ ପଦବୀରେ, ପ୍ରତିଷ୍ଠାରେ ବହୁତ ବଡ଼ ତେଣୁ ସେମାନଙ୍କୁ ସ୍ଥାନ ଦିଆଗଲା । ମୁଁ ଅସ୍ଥାନିତ, ଅପଦସ୍ଥ ହେଲି । ଫଳରେ କିଛିଦିନ ମୁଁ ଲେଖି ପାରି ନଥିଲି । ଏବେ ପୁଣି ସେଇ 'ମନେପଡ଼େ' ଲେଖୁଛି ।

—*—

Digitized by srujanika@gmail.com




କାର୍ଟୁନ୍—ପ୍ରଜାତନ୍ତ୍ର ପ୍ରଚାରସମିତି ଆନୁକୂଲ୍ୟରେ ଅନୁଷ୍ଠିତ ୪୩ତମ ବିଷୁବମିଳନ ଅବସରରେ ଶିଳ୍ପୀ ଅଶୋକଙ୍କ ଦ୍ୱାରା ସାହିତ୍ୟିକମାନଙ୍କ ଉପରେ ଆୟୋଜିତ କାର୍ଟୁନ୍ ପ୍ରଦର୍ଶନୀରେ ସ୍ଥାପିତ କଥାକାରଙ୍କ କାର୍ଟୁନ୍ ।

Digitized by srujanika@gmail.com

# ୬ ସୁରେନ୍ଦ୍ର ମହାନ୍ତିଙ୍କ ଚିଠି

ସୁରେନ୍ଦ୍ର ମହାନ୍ତି

ସଭାପତି ଭୁବନେଶ୍ୱର

ଓଡ଼ିଶା ସାହିତ୍ୟ ଏକାଡ଼େମୀ ୧୨ । ୨ । ୮୨

ମୁଖ୍ୟ ସଂପାଦକ, ସମ୍ବାଦ

ଶ୍ରଦ୍ଧେୟ ବସନ୍ତବାବୁ,

'ସୃଜନଶୀଳତା' ଲେଖକ ବିଶେଷାଙ୍କରେ ଆପଣଙ୍କ...'ଭଣ୍ଟିଆ' ଗଳ୍ପ ମୋତେ ଖୁବ ଭଲ ଲାଗିଲା । କିଛିଦିନ ତଳେ ଆପଣଙ୍କର 'ଖଲୁ ଶିକାର' ଗଳ୍ପ ମୋତେ ମଧ୍ୟ ଖୁବ ଭଲ ଲାଗିଥିଲା । ସେତେବେଳେ ମଧ୍ୟ ମୁଁ ଆପଣଙ୍କୁ ଲେଖିବାପାଇଁ ଭାବିଥିଲି; ମାତ୍ର ଆଳସ୍ୟବଶତଃ ଲେଖିପାରିଲି ନାହିଁ । ଆପଣ ସାଂପ୍ରତିକ ଗଳ୍ପ ଲେଖକମାନଙ୍କ ମଧ୍ୟରେ ମୋତେ ଅପିଲ କରନ୍ତି ବେଶୀ ! ଆପଣଙ୍କ ଗଳ୍ପମାନଙ୍କରେ ମୁଁ ଦୁଇଟି ଜିନିଷ ଲକ୍ଷ୍ୟ କରିଥାଏ : ଶୁଦ୍ଧ ହାସ୍ୟରସ—ଯିଏ ପୁଣି ନିଜକୁ କେନ୍ଦ୍ର କରି ଓ ଅବଜେକ୍ଟିଭ୍‌ ଭେଦନର ଟେକ୍ନିକତା । ଏ ଦୁଇଟିଯାକ ବସ୍ତୁ ଆଜି ଓଡ଼ିଆ ସାହିତ୍ୟରେ ବିରଳ । ଥରେ ଫତୁରାନନ୍ଦଙ୍କୁ କହିଥିଲି, ଆପଣ କୁତୁକୁତୁ କରି ହସାଉଛନ୍ତି ଯିନା; ମାତ୍ର ତାହା ହାସ୍ୟରସ ଆଦୌ ନୁହେଁ । ହସିବା, ଆଉ ପରିସ୍ଥିତିରେ ପଡ଼ି ସ୍ୱତଃ-ସ୍ଫୁର୍ତ୍ତି ଭାବରେ ହସିବା ଭିତରେ ଅନେକ ତଫାତ୍‌ ରହିଛି । ବ୍ୟଙ୍ଗ ହାସ୍ୟରସ ନୁହେଁ । ଆପଣଙ୍କ ହାସ୍ୟରେ ମୁଁ ପାଇଥାଏ Jerome K-Jerome ଓ P. G. Woodhouse ଙ୍କ ହାସ୍ୟରସର ସ୍ପର୍ଶ । × × × ଆପଣ ଏଇ ପରିଣତ ବୟସରେ ଯେ ତଥାପି ଲେଖି ପାରୁଛନ୍ତି ଆଉ ଭଲ ଲେଖୁଛନ୍ତି ଏଇ ବଡ଼ କଥା ।

ଜଗନ୍ନାଥ ଆପଣଙ୍କୁ ନିରାମୟ ରଖନ୍ତୁ

ଶୁଭଚିନ୍ତକ

ଶ୍ରୀ ବସନ୍ତ କୁମାର ଶତପଥୀ ସ୍ୱା : ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

# ଲେଖକଙ୍କ ଗ୍ରନ୍ଥପଞ୍ଜି

| ପ୍ରକାଶନକାଳ | ପୁସ୍ତକ ନାମ | ମନ୍ତବ୍ୟ |
|---|---|---|
| ୧୯୬୦ | ନବନାଟିକା | କେତୋଟି ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ସ୍ୱାଧୀନ ଅନୁବାଦ |
| ୧୯୬୭ | ଏଣ୍ଟି ରୋମାଣ୍ଟିକ୍ | ୧୯୬୮ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ |
| ୧୯୭୦ | ଚମ୍ପା | ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ'ର ନାଟ୍ୟରୂପ |
| ୧୯୭୦ | ଦୁଇଟି ଭ୍ରମଣ କାହାଣୀ | ଇଭଲିନହେଡ୍‌ଙ୍କ ଭ୍ରମଣ କାହାଣୀ, ମାନ୍‌ଚୋହେନ୍‌ଙ୍କ ଭ୍ରମଣ କାହାଣୀ (ଶିଶୁ ସାହିତ୍ୟ)ର ଅନୁବାଦ |
| ୧୯୭୪ | ସଞ୍ଚୟନ | ପୁରାଣଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କବିତାର ସଙ୍କଳନ |
| ୧୯୭୭ | ଲେମ୍ବଙ୍କ ସେକ୍‌ସପିଅର କାହାଣୀମାଳା | ଭାରତୀୟ ଭାଷାରେ ପ୍ରଥମେ ପ୍ରକାଶିତ (ଅନୁବାଦ) |
| ୧୯୭୯ | ରାଜା (ରବୀନ୍ଦ୍ର ନାଥ ଠାକୁର) | ପଞ୍ଚନାଟକ, ରବୀନ୍ଦ୍ରନାଥ ଠାକୁର (ଅନୁବାଦ) |
| ୧୯୮୧ | ଗଙ୍ଗା ଓ ଗାର୍ଗୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ହାଇଡ୍ରାବାଦ ଅଙ୍ଗୁର | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୨ | ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ଗୋଟାଏ ଅଙ୍କୁ | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୩ | ନୀଡ଼ାନ୍ୱେଷୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୩ | ଆକାଶୀ ଫୁଲ | ଗଳ୍ପ ସଙ୍କଳନ ୧[illegible]ଟି ଗଳ୍ପର |
| ୧୯୮୩ | ଅଜାଗା ଘାଆ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୯୧ | ମେଜର ଅପାରେଶନ | ଗଳ୍ପ ସଙ୍କଳନ ୧୫ଟି ଗଳ୍ପର |

Digitized by srujanika@gmail.com

| ପ୍ରକାଶକାଳ | ବହିର ନାମ | ମନ୍ତବ୍ୟ |
|---|---|---|
| 1984 | Phakir Mohan : His life and literature | One Essay on Phakir Mohan and retrasnlation of six stories |
| 7-2-1960 | Sir Roger and Test Cricket (Illustrated) | Sir Roger De Coverly Papers ଅନୁସରଣରେ |

**Articles in Indian Literature :**

| | | |
|---|---|---|
| | 1. Nil Shaila | |
| 1969-1970 | 2. One or Two Outstanding Books | |
| | 3. Neither Boms nor Whimper | |
| | 4. Much Paper More Poverty. | |

**ଅପ୍ରକାଶିତ :**

| | |
|---|---|
| ପୃଥ ପାଇଁ ଟ୍ରିପ | ଗଳ୍ପ ସଙ୍କଳନ ୯ଟି ଗଳ୍ପର |
| ବାସନ୍ତୀ ରମ୍ୟରଚନାମାଳା-୧ ଝକାଳେ ସକାଳେ | ମୁକ୍ତ ଅନୁବାଦ (ଲଳିତନିବନ୍ଧ)' Statesmanର Now and Again ସ୍ତମ୍ଭରୁ |
| ବାସନ୍ତୀ ରମ୍ୟରଚନାମାଳା-୨ ବୁଢ଼ାବାବୁ ଓ ଅନ୍ୟାନ୍ୟ | ଅନାଧାରିତ ରମ୍ୟରଚନା |
| ବାସନ୍ତୀ ରମ୍ୟରଚନା ମାଳା-୩ ଆଙ୍କି ଚିଙ୍କଏ ଦସ୍ତାବର ଓ ଅନ୍ୟାନ୍ୟ | ଆଧାରିତ ରମ୍ୟରଚନା |

* ଏତଦ୍ ବ୍ୟତୀତ ଗାଳ୍ପିକଙ୍କର ଅନେକଗୁଡ଼ିଏ ଗଳ୍ପ ଇଂରାଜୀ, ହିନ୍ଦୀ ଓ ତେଲୁଗୁରେ ଅନୂଦିତ ହୋଇ ସେହି ଭାଷାର ପତ୍ରିକାରେ ସ୍ଥାନିତ ।

—*—

Digitized by srujanika@gmail.com